ଗର୍କି



ମୋର ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

My Universities

by

M. GORKY

Translated

by

GOPINATH MOHANTY

ଅନୁବାଦ :

ଗୋପିନାଥ ମହାନ୍ତି

ପ୍ରକାଶକ :

ନବଯୁଗ ଗ୍ରନ୍ଥାଳୟ

ଝଜୁକାବାଟି ରୋଡ୍

କଟକ-୧

୧୯୭୯

ମୁଦ୍ରଣ :

ନବଯୁଗ ପ୍ରେସ

ପାଲଟପଡ଼ା

କଟକ-୨

ମୂଲ୍ୟ-ପାଞ୍ଚଟଙ୍କା ମାତ୍ର

Digitized by srujanika@gmail.com

ଯେତେ ସାହିତ୍ୟର "ନୋବେଲ" ପୁରସ୍କାର ପାଇ ମଧ୍ୟ ଲୋକସ୍ମୃତିରୁ ଲୁପ୍ତ ହୋଇଲେଣି ବା ହେବା ପଥରେ ଗୋର୍କି-ହେଲେ କିନ୍ତୁ ବିଶ୍ୱ ପୁରସ୍କାର ନ ପାଇ କୋଟି କୋଟି ହୃଦୟରେ ଜାଗରୂକ ରହିଛନ୍ତି—ବୈପ୍ଳବିକ ସମାଜବାଦୀ ସାହିତ୍ୟର ଉଦଗାତା ଗର୍କୀ (ଆଲେକ୍ସି ମ୍ୟାକ୍ସିମୋଭିଚ ପେଶକଭ୍; ୧୮୬୮—୧୯୩୬)।

ଏହାର କାରଣ ଗର୍କୀ ଶିକ୍ଷା ଲାଭ କରିଥିଲେ, ଷୋଡ଼ଶ ବର୍ଷ ବୟସ ପାରହେଲା ଉତ୍ତାରେ,- କୌଣସି ଧରଣର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ନୁହେଁ,—ଜୀବନର ଖର ବାସ୍ତବ ବିଶ୍ୱବିଦ୍ୟାଳୟରେ—ଯେଉଁଠାରେ ଦେଖିଥିଲେ ସେ ବର୍ବରତା ଆଉ ମନୁଷ୍ୟତାର ସଂଗ୍ରାମ,—ଯେଉଁ ସଂଗ୍ରାମରେ ମସୀ ଚାଳନା କରି ଅଗ୍ରଣୀ ହୋଇଥିଲେ ନୂତନ ଏକ ଜୀବନର ସ୍ୱପ୍ନକୁ ବାସ୍ତବ କରିବା ପଥରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରାବସ୍ଥାର ଚିତ୍ର ଫୁଟି ଉଠିଛି, ତାଙ୍କ ଜୀବନ-ଚରିତର ତୃତୀୟ ଖଣ୍ଡ ଏହି—"ମୋର ବିଶ୍ୱ-ବିଦ୍ୟାଳୟରେ।"

Digitized by srujanika@gmail.com

ଆଉ ସେଇଥିପାଇଁ ମୁଁ ଧାଉଁଥିଲି ଜାଜାନ୍ ସହରକୁ, ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବି ବୋଲି—କମ୍ କଥା ନୁହେଁ !

ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ବୁଦ୍ଧି ମୋ ମୁଣ୍ଡରେ ପୂରେଇଥିଲା ଏନ୍. ସ୍ୱେଭ୍‌ରେଇନଭ୍—ଜଣେ ଜିମ୍ନାସିଅମ ଛାତ୍ର । ସାର ସେଣ୍ଟି ପିଲାଟିଏ ସେ । ଖୁବ୍ ସୁନ୍ଦର ଚେହେରା, ଆଖିଯୋଡ଼ିକ ଏତେ କଅଁଳ, ଯେମିତିକି ପୁରୁଷ ପିଲାର ଆଖି ନୁହେଁ, ସ୍ତ୍ରୀଲୋକର ଆଖି । ମୁଁ ଯେଉଁ ଘରେ ରହୁଥିଲି ସେ ବି ସେଇ ଘରେ ରହୁଥିଲା । ଅଟ୍ଟ ପର ଉପର ମହଲାରେ ବଖରାଏ ସାନ ଘର; ସେ ସେଇଠି ଥାଏ । ଅନେକ ସମୟରେ ସେ ଦେଖେ ଯେ ମୁଁ ମୋ କାଗଜରେ ଖଣ୍ଡେ ବହି ଘାଣ୍ଟୁଥାଏଁ । ଦେଖି ଦେଖି ତାର କୌତୂହଳ ଏତେ ବଢ଼ିଗଲା ଯେ ସେ ଉପରେ ପଡ଼ି ଆସି ମୋର ଚିହ୍ନାପରିଚ ହେଲା । ତା' ପରେ, ମୁଁ କୁଆଡ଼େ 'ପାଠକୁ ଗଛ' ଆଉ ମୋଠି 'ଅସାଧାରଣ ପ୍ରତିଭା' ଅଛି, ଏଇସବୁ କଥା ସେ ମତେ ବୁଝାଇବାକୁ ତାକୁ ଡେର ସହିଲା ନାହିଁ ।

ତାର ଲମ୍ବା ଲମ୍ବା ବାଳ ଗୋଛିକ ଅତି ସୁନ୍ଦର ଭଙ୍ଗୀରେ ପଛକୁ ଛୁଟିଦେଇ, ଅଳ୍ପ କଥାରେ ଜୋର୍ ଦେଇ ସେ କହିଲା, "ବିଜ୍ଞାନର ଅଦ୍ଭୁତ ଉନ୍ନତି କରିବାକୁ ତୁମକୁ ପ୍ରକୃତି ଜନ୍ମ ଦେଇଛି ।"

ମତେ ସେତେବେଳକୁ ଜଣା ନ ଥିଲା ଯେ ଗୋଟିଏ ଗିନିପିଗ୍ ମୂଷା ବିଜ୍ଞାନର ଯେଉଁ କାମରେ ଲାଗେ, ଜଣେ ଛାତ୍ର ସେତିକର ହୋଇ 'ବିଜ୍ଞାନର ଅଦ୍ଭୁତ ଉନ୍ନତି' କରିପାରେ । ଆଉ ସେତେବେଳେ ସ୍ୱେଭ୍‌ରେଇଭ୍ ଖାଲି ପରିଷ୍କାର କରି ମତେ ବୁଝେଇଦେଲା ଯେ ବିଶ୍ୱବିଦ୍ୟାଳୟମାନଙ୍କର ଅବିକଳ ମୋରି ପରି ଟୋକା ଅଭାବ । ବହୁ ବହୁ ସେ ଉଦାହରଣ ଦେଇ ଲୋମନସଭଙ୍କ କଥା କହିଲା; ବାସ୍, ଗୋଟାଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ସେ ମତେ କହିଲା, ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ

Digitized by srujanika@gmail.com

ମୁଁ ବାହାର୍ ଯିବି, ଗଲେ ତାଙ୍କ ସଙ୍ଗରେ ରହିବି, ସେଠା ଜିମ୍ନାସିଅମ୍ ର ପାଠ୍ୟକ୍ରମ ସାରିବାକୁ ଶରତ୍ ଋତୁ, ଶୀତ ଋତୁ ତମାମ୍ ପଠ ପଢ଼ିବି; ସେହିଠୁ ତ "ଅଲ୍ଟ କେଟେଟା" ପରୀକ୍ଷା—ଅବିକଳ ସେଇଆ ସେ କହିଲା, କଣ ନା ପରୀକ୍ଷା "ଅଲ୍ଟ କେଟେଟା"; ସେହିଠୁ ବିଶ୍ୱବିଦ୍ୟାଳୟରୁ ମତେ ଗୋଟାଏ ବୃତ୍ତି ମିଳିଯିବ; ଝୁହୁଁ ଝୁହୁଁ ପାଞ୍ଚ ବର୍ଷ ଖଣ୍ଡେ କୁଆଡ଼େ ପଳେଇବ; ଆଉ ମୁଁ ହେବି, ଯାହାକୁ କହନ୍ତି "ପଣ୍ଡିତ ଲୋକ ।" ଭାରି ସହଜ ଲାଗୁଥାଏ; ପ୍ରେଭ୍ରେଇନଭ୍କୁ ଉଣେଇଶ ବର୍ଷ ହୋଇଥାଏ, ଆଉ ତା' ହୃଦୟ ଥାଏ ଅତି ଦୟାର୍ଦ୍ର, ସେଇଥି-ପାଇଁ ।

ତା' ପରୀକ୍ଷାସବୁ ସେ ପାସ୍ କରି ଚାଲିଗଲା । ପ୍ରାୟ ଦୁଇ ସପ୍ତାହ ପରକୁ ମୁଁ ବି ତା' ପଛେ ପଛେ ଚାଲିଲି ।

ଗଲାବେଳେ ଅଇ ମତେ କହୁଥାଏ :

"ଲୋକଙ୍କ ଉପରେ ରାଗିବୁ ନାହିଁଟି ! ତୁ'ଟା ସବୁବେଳେ ଚିଡ଼୍ଚିଡ଼ା । ହଁ, ହୁସିଆର, କ୍ରମେ କ୍ରମେ ଭାରି କଠୋର ହୋଇଯାଉଛୁ ତୋ ପ୍ରକୃତି । ଆଉ ଜିଦ୍ ଧରି ଅଡ଼ି ବସୁଛୁ, ଏଇଟା ଦିଅ ସେଇଟା ଦିଅ । ଅଜା ଓଳି ଅଣିଲୁରେ ବାବୁ ! ଆଉ କି ଘର ନ ହେଲେ ସେ ! ଆହା, ବିଚରା ଏତେ କାଳ ତ ବଞ୍ଚିଲେଣି, ଶେଷ କାଳକୁ ତାଙ୍କର କିଛି ହେଲା ନାହିଁ । ମୋର ଗୋଟାଏ ସାନକହା ମନେ ରଖିଥିବୁ ବାପା, କିଏ ଭଲ କିଏ ମନ୍ଦ ଏ ଚିହ୍ନକଷି ଧଡ଼ିବସି ଭଗବାନ ବିଚାର କରନ୍ତି ନାହିଁ ରେ, ସେଇଟା କରେ ସଇତାନ୍; ବିଚାର କରିବା କାମଟା ପରା ତା'ର ମହଜ୍ ରେ ପୁଅ ! ହଉ, ଯା ।"

ତା'ର ଓହଳିପଡ଼ିଥିବା କାଳଚିଆ ଗାଲ ଉପରେ ଅଳ୍ପ ଲୁହ ବେଗ ବେଗ ଲଗିଯାଉଥିଲା; ତାକୁ ପୋଛୁ ଦେଇ ଦେଇ ସେ କହିଲା :

"ଆଉ ତୋର ମୋର ଦେଖା ହେବ ନାହିଁ । ତୁ ଯୋଉ ବାଇଟ୍ରୁଙ୍ଗ୍ ର ନା, ମାଡ଼ିଚାଲିଥିବୁ ଦୂରକୁ, ଅଦ୍ଭୁତ ଦୂରକୁ; ଆଉ ମୁଁ ତ ମରିଯିବି ରେ !"

ମୋର ପ୍ରାଣର ଅଇଠୁଁ ମୁଁ କିଛିଦିନ ହେଲା ଦୂରେଇ ଯାଇଥିଲି ସତ, ତା' ସଙ୍ଗରେ ଅଳ୍ପ ଦେଖା ହୁଏ; କିନ୍ତୁ ସେଇ ବିଦାବେଳେ ହଠାତ୍ ଝାଇଁ-କରି ଗୋଟାଏ ଯନ୍ତ୍ରଣା ଅନୁଭବ କଲି ଯେ ଏ ଜୀବନରେ ଆଉ କେବେ ମତେ ତା' ଭଳି କେହି ବନ୍ଧୁ ମିଳିବ ନାହିଁ ଯେ ମୋର ଏତେ ଅନ୍ତରଙ୍ଗ ହେବ, ଯେ ହେବ ମୋ'ର ଦେହର ଖଣ୍ଡେ ।

Digitized by srujanika@gmail.com

ବୋଇତର ଅଗ ପାଖରେ ଠିଆ ହୋଇ ମୁଁ ତା'ର ଅନ୍ତକୁ ଅନାଉଁ ରହିଲି । ବନ୍ଦରରେ ପାଣି ଉପରକୁ ଝୁଙ୍କି ପଡ଼ିଥିବା ପାହ୍ୟା ଧାଡ଼ିରେ ମୋ ଆଈ ଠିଆ ହୋଇଛି । ମୋର ମଙ୍ଗଳ କାମନା କରି ଭଗବାନଙ୍କୁ ଦଣ୍ଡବତ କରିବା ଭଙ୍ଗୀରେ ମୁଣ୍ଡ ଉପରେ ଦି'ହାତ ଛନ୍ଦି କରି; ତା'ର ଯୋଡ଼େଇହେଲା ଶାଢ଼ୀର କାନିରେ ମୁହଁକୁ ପୋଛୁଥାଏ, ଆଖି ପୋଛୁଥାଏ; ମଣିଷ ପ୍ରତି ଅନନ୍ତ ସ୍ନେହରେ ଜକ୍ ଜକ୍ ଦିଶୁଥାଏ ତା'ର କଳା କଳା ଆଖିଯୋଡ଼ିକ ।

ଜାହାଜ ପହଞ୍ଚିଗଲା ମୁଁ । ସହରଟାରେ ଅଧ ଅଧ ପଠାଣିଆ ଲୋକ,'ଛାଡ଼ାର୍' ଜାଗର । ରହିଲି । ଏକ ମାହାଲା ଘରେ ଗେଞ୍ଜାଗେଞ୍ଜି କଖାରୁଗୁଡ଼ାଏ । ସାନ ପାହାଡ଼ ଉପରେ ଗୋଟିକିଆ ସାନ ଘରଟାଏ । ପାଖରେ ଆଉ ଘର ନାହିଁ । ଗୋଟିଏ ଦୁଃଖୀଦରିଦ୍ର ଲୋକଙ୍କ ବସ୍ତି ସେ ମୁଣ୍ଡରେ ସେ ପାହାଡ଼ । ଘରର ଗୋଟାଏ ପାଖେ ଡଗେ ଗୋଟାଏ ବେଲପତ୍ର-ଗଛ, ଅଗଛୁଆ ଅରମାରେ ଭର୍ତ୍ତି । ଆମେ ରହିବା ଘରଟା ଠିକ୍ ସେ ଗଛର ସାମ୍ନା । ସେଠି ଘରଦୁଆର ଅରେ ନଅଁରେ ଜଳି ଭସ୍ମ ହୋଇଯାଇଥିଲା । ଜାଢ଼ଜାଢ଼କା ଅଗଛୁଆର ଜଙ୍ଗଲ ଉହାଡ଼ରୁ ଦିଶୁଥାଏ ଗୋଟାଏ ଇଟାଛିଆର ଘରର ଭଙ୍ଗାକୂଢ଼ । ତା' ତଳେ ଥାଏ ଗୁମ୍ଫା ପରି ଗୋଟିଏ ପାତାଳ ବଖରା,ଯେଉଁଠି ବଡ଼ଲୋକମାନେ ମଦ ସାଇତ ରଖନ୍ତି । ସେ ପାତାଳ ବଖରାରେ ବୁଅଜର ବୁଲା କୁକୁରଗୁଡ଼ାଏ ରହୁଥିଲେ; ସେଇଠି ଜୀବନ ବଞ୍ଚେଇ ମରୁଥିଲେ । ମୁଁ ଭୁଲିନାହିଁ ତାକୁ, ସେ ପାତାଳ ବଖରାକୁ; ଚିକିନିଖି ସବୁ ମନେ ଅଛି । ସେ ପର୍ବ ମୋର ବିଶ୍ୱବିଦ୍ୟାଳୟମାନଙ୍କ ଭିତରୁ ଗୋଟିଏ !

ହେଭ୍‌ରେଇନଭ୍ ପରିବାରରେ ମା'ଟିଏ ପୁଅ ଯୋଡ଼ିଏ । ଅଳ୍ପ ପେନ୍‌ସନ୍ ଟଙ୍କା ମିଳୁଥାଏ; ସେଇଥିରେ ଟାଣିଓଟାରି ହୋଇ କଷ୍ଟେମଷ୍ଟେ ଚଳୁଥାନ୍ତି । ଯେଉଁ ସମୟରୁ ସେ ଘରେ ଗୋଡ଼ ଦେଲି ମୁଁ; ସେହି ସମୟରୁ ଲକ୍ଷ୍ୟ କଲି, କେମିତି କରୁଣ ବିଷାଦରେ ସେଇ ବିଚରା ବିଧବାଟି—ଗ୍ରେଟିଆ ମଣିଷ ଦିନଟେ, ମୂର୍ତ୍ତିରେ କି ଦେହର ପୋଷାକରେ କି ହିଁ ଅଧିକ ରୁଚିଳିଭଳି କିଛି ନାହିଁ—ବିଚରା ବଜାରରୁ ସଉଦା କରି ଫେରିଆସି ଘରେ ଟେବୁଲ ଉପରେ ଜିନିଷପତ୍ର ଖେଳେଇଦିଏ, ଆଉ ତା'ର ସମସ୍ୟା କଥା ଖୁବ୍ ଖୁବ୍ ଚିନ୍ତାରେ ବୁଝିଯାଏ । ଯେବେ ଯେ,ଯେଉଁ ଅଳ୍ପ କେତେ ଖଣ୍ଡ ବଢ଼ି ମାଉଁସ ବଜାରରୁ କିଣିଆଣିଛି ତାକୁ ଟଣଟଣଟା ସୁସ୍ଥ ସବଳ ଟୋକା ଯେ ପେଟ ପୂରେଇ ଶାନ୍ତିରେ ଖାଇବେ, ତା' ନିଜ କଥା ଅବା ଛାଡ଼, କି ଉପାୟ କଲେ ସେତକ ହୋଇଯିବ ଭଲ ମାଉଁସ ଆଉ ତା' ପରିମାଣ ବି ଯଥେଷ୍ଟ ହେବ ।

Digitized by srujanika@gmail.com

ସେ ଖୁବ୍ ଅଳ୍ପ କଥା କହେ । ତା'ର କସରା କସରା ଆଖିଯୋଡ଼ିକୁ ଯେତେବେଳେ ଅନାଇଁଲେ ଦିଶେ ସେଠି ସେହି ଏକା ପ୍ରକାର ଭଙ୍ଗୀ, ଯେମିତି ଗୋଟିଏ କାମରେ ଯୋଚ୍ଚିହେଲା ଘୋଡ଼ା, ଯାହାର ସବୁ ବଳ କାମ କରୁକରୁ ସରିଯାଇଛି; ଶେଷ ବଳ ଚାଲିଗଲା ପରେ ନୈରାଶ୍ୟମୟ ବନମ୍ର ପ୍ରତୀକ୍ଷାରେ ସେ କାମ କରିଚାଲିଛି ; ରୁଣ୍ଡମୁଣ୍ଡ ନାହିଁ । ପାହାଡ଼ ଚଢ଼ାଣି ବାଟେ ଶଗଡ଼ ଓଟାଇ ଓଟାଇ ଚାଲିବେଳେ ଘୋଡ଼ାଟି ବିଚାରି ଜାଣିପାରୁଛି ଯେ ଉପରେ ସେ କଦାପି ପହଞ୍ଚିପାରିବ ନାହିଁ; ତଥାପି ସେ ବୋଝ ଓଟାଇ ଓଟାଇ ଚାଲିଛି, ଚାଲିଛି ।

ମୋ ଆସିବାର ଠିକ ଚାରି ଦିନ ହୋଇଥାଏ । ଦିନେ ସକାଳ ଓଳି ସେପ୍ଟେଭ ଘରେ ମୁଁ ତାକୁ ପରିବା କାଟିବାରେ ସାହାଯ୍ୟ କରୁଥାଏଁ । ତା' ପୁଅ ଦହିଙ୍କ ନିଦ ଭାଙ୍ଗି ନ ଥାଏ । ଜଗି ଜଗି ଧୀରେ ସେ ମତେ ପଚାରିଲା :

"ସହରକୁ କୁଆଡ଼େ ଆଇଚ ?"

"ପଢ଼ିବି ବୋଲି । ବିଶ୍ୱବିଦ୍ୟାଳୟରେ ।"

ତା' ଭ୍ରୂଲତାଯୋଡ଼ିକ ଆପେ ଟେକିହେଲା, ତା' ସରୁ କପାଳ କୁଞ୍ଚ କୁଞ୍ଚ ହୋଇଗଲା । ତା' ହାତରୁ ଛୁରୀଟା ଖସିପଡ଼ି ଆଙ୍ଗୁଠି ଖଣ୍ଡିଆ ହୋଇଗଲା । ଖଣ୍ଡିଆ ଥାନକୁ ପାଟିରେ ଚୁଚୁମ୍ବି ଚଚୁମ୍ବି ସେ ଗୋଟାଏ ଷ୍ଟୁଲରେ ବସି ଆଉଜି-ପଡ଼ିଲା । ସଙ୍ଗେ ସଙ୍ଗେ ଭୂମ୍ କରି ଉଠି ପଡ଼ି ପଡ଼ି କହିଲା, "ହ୍ୟାଃ ! ଅଚ୍ଛା ମଣିଷ !"

ରୁମାଲରେ ଆଙ୍ଗୁଠିଟି ବାନ୍ଧିଦେଇସାରି ସେ ମତେ ପ୍ରଶଂସା କରି କହିଲା :

"ତେମେ ତ ଆଳୁରୁ ବେଶ୍ ଚୋପା ଛଡ଼ଉଚ ।"

ଭଲକରି ଆଳୁ ଛଡ଼େଇ ଦେଇ ନ ଥିଲି ତ ଆଉ କଣ ! ଘାଟ ଡଗାରେ କେମିତି କାମ କରିଥିଲି ସେକଥା ତା' ଆଗରେ କହିଲି ।

ସେ ହଠାତ୍ ପଚାରିଲା, "ତେମେ କଣ ଭାବୁଚ ଯେ ସେଇଠି ଯାହା ଯାହା ଶିଖିକରି ଆସିଲ, ବିଶ୍ୱବିଦ୍ୟାଳୟରେ ଛାତ୍ର ହୋଇ ନାଁ ଲେଖାଇବାକୁ ସେଇଆ ଯଥେଷ୍ଟ ?"

Digitized by srujanika@gmail.com

ସେତେବେଳେ ମୋର ପିଲା ବୟସ । ଦୁଅଅଟାର କଥା ବିଷୟରେ ମୋର ଧାରଣା ନ ଥିଲା । ତା' ପ୍ରଶ୍ନକୁ ଅଟା ବୋଲି ଜାଣି ନ ପାରି ମୁଁ ଗୁରୁଗମ୍ଭୀର ସ୍ୱରରେ ତା' ଆଗରେ ଗୋଟିଏ ବ୍ୟାଖ୍ୟାନ ଦେଲି ଯେ କେଉଁ କେଉଁ ଉପାୟ ମୁଁ ଅବଲମ୍ବନ କରିପାରିଲିଣି, ଯଦ୍ଦ୍ୱାରା ବିଦ୍ୟାମନ୍ଦିରର କବାଟଗୁଡ଼ିକ ମୋ ସକାଶେ ଠଅମେଲା ହୋଇଯିବ ।

ସେ ଖାଲି ଦୀର୍ଘଶ୍ୱାସ ପକାଇଲା ।

କହିଲା "ଆଃ ! ନକୋଲାଇ ! ନକୋଲାଇ !"

ଠିକ୍ ସେତିକବେଳେ ମୁହଁ ଧୋଇବାକୁ ନକୋଲାଇ ରୋଷେଇଘର ଭିତରେ ଆସି ପହଞ୍ଚିଗଲା । ଆଖିରୁ ନିଦ ଗୁଡ଼ିକ ନ ଥାଏ, ମୁଣ୍ଡବାଳ ଅଲରାବାଲରା, ଆଉ ସବୁବେଳେ ଯେମିତି ତା'ର ସେତେବେଳେ ବି ସେମିତି — ମନ ଖୁସି ଫୁର୍ତ୍ତି ।

"ଥୋଡ଼ାଏ ମାଉଁସ ଚୋରି କରିଦଅନ୍ତୁ ପଛ, ଭଲ ହ'ନ୍ତା ମ ବୋଉ !" ନକୋଲାଇ କହିଲା ।

"ହଁ, ଭଲ ହବ ଯେ — ତା ବୋଉ କହିଲେ ।

ରୋଷେଇଦ୍ୱାରେ ମୋର ଗମ୍ଭୀର ଜ୍ଞାନର ପରିଚୟ ଦେବା ଉଦ୍ଦେଶ୍ୟରେ ମୁଁ ସେଇଠୁ କହିଦେଲି ଯେ ମାଉଁସ-ଚୋରି ହେବାକୁ ସେ ମାଉଁସ ସେପରି ଭଲ ନୁହେଁ, ତା' ଛଡ଼ା, ମାଉଁସ ବି ସେତେ ନାହିଁ ।

ମୋ କଥା ଶୁଣି ଶୁଣି ସାରକ୍ଷୀ ଇଭାନୋଭ୍ନା ଖୁବ ରାଗିଗଲା, ଆଉ ମତେ ଏମିତି କେଇପଦ ଟାଣ ଟାଣ କଥା ଶୁଣେଇଦେଲା ଯେ ମୋ ମୁହଁ ଜଳିଗଲା ପରି ଲାଗିଲା; ମୋ କାନମୁଣ୍ଡା ଗରମ ହୋଇଗଲା, ଆଉ ମୋ କାନକୁ କିଏ ଯେମିତି ଓଟାରି ବଡ଼ କରିଦେଉଛି, ସେମିତି ଲାଗିଲା । ଯେଉଁ ଗାଜର ମେଞ୍ଚାକ ସେ ଧୋଉଥିଲା ତାକୁ କଚଦେଇ ସେ ରୋଷେଇଘରୁ ପଳେଇଲା ।

ନକୋଲାଇ ମତେ ଆଖି ଠାରି ବୁଝେଇଦେଲା :

"ତା' ମିଜାଜ୍ ଆଜି ଭଲ ନାହିଁ ।"

ଗୋଟାଏ ବେଞ୍ଚ ଉପରେ ଆରାମରେ ବସିପଡ଼ି ସେ ମତେ କହିଲା ଯେ ମାଇକିନାଅଙ୍କ ସମ୍ବନ୍ଧ, ସେମାନେ ପୁରୁଷଙ୍କଠାରୁ ବେଶି ରାଗୁଆ ହୁଅନ୍ତି । ସାଧାରଣତଃ

Digitized by srujanika@gmail.com

ସେଇଆ ଦେଖାଯାଏ, କାରଣ ତାଙ୍କ ଗଢ଼ଣ ସେଇଆ । ମୋର ଯାହା ମନେ ପଡ଼ୁଛି, ସ୍ୱିଜର୍‌ଲଣ୍ଡ୍ ଦେଶର ଜଣେ ସ୍ୱର୍ ନା ଡାଭ ବୈଜ୍ଞାନିକ ଏକଥା ପ୍ରମାଣ କରିଯାଇଛନ୍ତି; କେହି ତାଙ୍କ ମତକୁ କାଟିନାହିଁ । ଜନ୍ ଷ୍ଟୁଆର୍ଟ ମିଲ୍ ବୋଲି ଜଣେ ଇଂରେଜ ପଣ୍ଡିତ ମଧ୍ୟ ସେ ବିଷୟରେ ଭଲ ଲେଖିଛନ୍ତି ।

ନିକୋଲାଇ ମହା ଆଗ୍ରହରେ ମତେ ପାଠ ପଢ଼ାଉଥାଏ । ଯେତେବେଳେ ସୁଯୋଗ ମିଳେ ଯେ ମୋ ମୁଣ୍ଡରେ ସେ ଏପରି କିଛି ଜ୍ଞାନ ପୂରାଇଦେଇପାରିବ, ଯାହା ନ ଜାଣିଲେ ଏ ସଂସାରରେ ଜୀବନ ଅସାର ହୋଇଯିବ, ସେତେବେଳେ ସେ ସେ ସୁଯୋଗକୁ କାମରେ ଲଗାଏ, ମତେ ଶିଖାଏ । ଆଉ ମୁଁ ଯେ ତା' କଥାକୁ ଆଗ୍ରହରେ ପିଇଯାଉଥାଏଁ ଓ ତା' ଫଳରେ ଅତି ଅଳ୍ପ ସମୟ ଭିତରେ ମୋ ମନ ଭିତରେ ଦାର୍ଶନିକ ଫୋ'ଟ, ଦ୍ୟୋ ଲିଗ୍ରେସ୍ ଫୋ'କ ଆଉ ଦ୍ୟୋ ଲିଗ୍ରେସ୍ ଜାକ୍‌ଲିଁ ଏ ତିନିଜଣଯାକ ଗୋଳମିଶା ହୋଇ ଏକ ହୋଇଯାଆନ୍ତି; ଆଉ ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ହୁଏ ମନେ ପକାଇବା ଯେ ଦୁମୂରିଏଙ୍କ ମୁଣ୍ଡକୁ ଯେ କାଟି ଦେଇଥିଲା ସେ ଲିଭ୍ରାସିଏ ନା ନାହିଁ ଲିଭ୍ରାସିଏଙ୍କ ମୁଣ୍ଡ ଦୁମୂରିଏ କାଟିଥିଲା । କିନ୍ତୁ ମତେ ଗୋଟାଏ "ମଣିଷ ଭଳିଆ ମଣିଷ" କରି ଗଢ଼ିବା ସକାଶେ ସେହି ଉଦାର, ସ୍ନେହୀ, ତତ୍ପର ଯୁବକଟିର ସତେ ଯେମିତି ଘୋର ପ୍ରତିଜ୍ଞା । ସେ ତ ଖୁବ୍ ଆତ୍ମବିଶ୍ୱାସ ଦେଖାଇ ସେକଥା ଡାକହାକ କରୁଥିଲା । କିନ୍ତୁ ତାକୁ ସମୟ ନ ଥିଲା । ତା' ଛଡ଼ା, ମତେ ବିଧି ପ୍ରକାରେ ଉପଯୁକ୍ତ ପ୍ରଣାଳୀରେ ଶିକ୍ଷା ଦେବାକୁ ଆଉ ଯେତେ ଯାହା ଥିବା ଦରକାର ତା' ସେ ପାଇପାରିଲା ନାହିଁ । ଟୋକାଲୋକ, ସବୁଥିରେ 'ମୁଁ'ପଣ, କଞ୍ଚା ବୟସ ବୋଲି ବିଚାରବୁଦ୍ଧିରେ ଊଣା । ତେଣୁ କଷ୍ଟେ-ମଷ୍ଟେ ଯଥେକଥେ ଘର ଚଳେଇବାକୁ ତା' ମା'କୁ କେତେ କଷ୍ଟ ସହି କାମ କରିବାକୁ ପଡ଼ୁଛି, ସତେ ଯେମିତିକି ଏକଥା ଦେଖିବାକୁ ତା'ର ଆଖି ନ ଥିଲା, ସେ ଅନ୍ଧ । ଏ ବିଷୟରେ ତା' ସାନ ଭାଇର ତ ଆହୁରି କମ୍ ନିଘା । ସେ ଇସ୍କୁଲ୍-ପଢ଼ୁଆ ଟୋକାଟିଏ, ବେଶି କଥାବର୍ତ୍ତା ବି କରେ ନାହିଁ ।

କିନ୍ତୁ ସେସେଇଘରର ରସାୟନ ବିଦ୍ୟା ଓ ଗଣିତ ବିଦ୍ୟାରେ ମୁଁ ବହୁଦିନୁଁ ଓସ୍ତାଦ୍ ହୋଇଯାଇଥାଏଁ । ସେ ଟିକି ମାଇପି ଲୋକଟି କେମିତି ମରସବ କାମରେ ଲାଗିଛି, କେମିତି ତୁଚ୍ଛା କଥାରେ ଭୁଲେଇ ସେ ତା' ଝିଅ ଦୋ'ଟିଙ୍କ ପେଟ ଭର୍ତ୍ତି କରିବାକୁ ବାଧ୍ୟ ହେଉଛି, ତା' ସଙ୍ଗରେ ଆଉ ଜଣେ ଅଚହ୍ନା ବାହାରିଆ ଟୋକାର, ଯାହା ଚେହେରା ଦେଖିଲେ ମୋଟେ ଶରଧା ଲାଗେ ନାହିଁ, ବ୍ୟବହାର ତ ଅତଣ୍ଟା, ଭଦ୍ରଲୋକ ଘର ଚଳଣିର କାଇଦା କଟକଣା ଯାହାକୁ ଜଣାନାହିଁ—ଏସବୁ କଥା ମୁଁ ପରିଷ୍କାର ଦେଖିପାରୁଥାଏଁ । ଫଳରେ, ମୁଁ ଏଠି ଯେଉଁ ରୁଟି ଖାଏଁ ତା'ର ପ୍ରତ୍ୟେକ କଣିକା ମୋ ପେଟକୁ ଗଲେ ମୋ ବିବେକ ଉପରେ

Digitized by srujanika@gmail.com

ଯେମିତକ ବୋଝ ଲଦାହେଲ ପରି ଲାଗେ । ମୁଁ ତାଙ୍କ ଖୋଜ ବୁଲିଲି । ସକାଳୁ ବାହାରିପଡ଼େ; ତାଙ୍କ ଘରେ ଦନର୍ଉଳର ଖିଅଦିଅ ସରବଣି ବୋଲି ନଶ୍ଚିନ୍ତ ହେଲେ ଯାଇଁ ମୁଁ ଘରକୁ ଫେରେଁ । ଯେତେବେଳେ ଝଡ଼ବର୍ଷା ହୋଇ ପାଗ ଦୁର୍ଗମ ଥାଏ ସେତେବେଳେ ମୁଁ ସେ ଦେବସର ଉପରେ ଥିବା ପାତାଳ ଦଶଘରେ ଯାଇ ରହୁଥାଏଁ ।

ସେଠି ମଲ କୁକୁର ବଲେଇଙ୍କ ଶବ ପଡ଼ିଥାଏ, ପୋଚକା ଗନ୍ଧରେ ପେଟରୁ ଅନ୍ତ ଉଠିଆସୁଥାଏ; ମୁଁ ସେଠି ବସିଥାଏଁ, ସେ ଦୁର୍ଗନ୍ଧ ପବନକୁ ନଶ୍ୱାସ ନେଉ-ଥାଏଁ, ଗଳ ଗଳ ହୋଇ ଅନାଡ଼ ହୋଇପଡୁଥିବା ବର୍ଷାର ଶବ୍ଦ ଆଉ ହୁଉ-ହୁଉ ହୋଇ କାନ୍ଦୁଥିବା ପବନର ସ୍ୱର ଶୁଣୁଥାଏଁ । ହଠାତ୍ ମୋର ମନେହେଲ ଯେ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ମୋ ପକ୍ଷରେ ଗୋଟାଏ ଫମ୍ପା ସ୍ୱପ୍ନ; ତା' ଅପେକ୍ଷା ମୁଁ ପାରସ୍ୟ ଦେଶକୁ ପଳାଇଥିଲେ ଅଦ୍ଭୁତ ବୁଦ୍ଧିଆ କାମ ହୋଇଥାନ୍ତା । ଏକଥା ଭାବିବା ଆଗରୁ ମୁଁ ମନେ ମନେ କଳ୍ପନା କରୁଥାଏଁ—ଯଦି ଯେମିତ ମୁଁ ଗୋଟାଏ ଯାଦୁକର, ଧଳା ଦାଢ଼ି; ଆଉ ମୋର ଏପରି ବିଦ୍ୟା ଯେ ମୁଁ ସେଇ ଉପାସ୍ୟ ତାହାର କଣ୍ଠରୁ ତଣ୍ଟିରେ ଗନ୍ଧମ ଆଉ ବାନ୍ଧି ଲଗେଇଦେଲେ ଦାନା-ଗୁଡ଼ାକ ଗୋଟାଏ ଗୋଟାଏ ଆତ ପରି ବଡ଼ ହେବ, ଆଳୁଗୁଡ଼ାକ ମଧ୍ୟ ବଡ଼ ବଡ଼ ହୋଇଯିବ, ଓଜନ ଯେ ତାହିରେ କଣ, ଆଉ ଏ ଯେଉଁ ପୃଥିବୀରେ ବଞ୍ଚିବା ଏତେ କଷ୍ଟ ହୋଇପଡ଼ୁଛି, ଏକା ମୋର ନୁହେଁ, ସମସ୍ତିଙ୍କର, ଏତେ କଷ୍ଟ ଯେ ଅକଲ ଗୁଡ଼ୁମ୍ ହୋଇଯାଉଛି, ମୋ ବିଦ୍ୟା ବଳରେ ମୁଁ ସେଠି ଅନେକ ଉପକାରୀ କଥା କରିଦେଇପାରୁଛି ।

ସେତେବେଳକୁ ମୁଁ ମହା ଦୁଃସାହସିକ କାର୍ଯ୍ୟ, କାହିଁ ନ ଥିବା କାର୍ଯ୍ୟ କରି-ପାରିଲା ଭଳି ସ୍ୱପ୍ନ ଦେଖିବାକୁ ଶିଖିଗଲିଣି । ମୋ ଜୀବନର ଦୁର୍ଦ୍ଦିନରେ ମୁଁ ଏଥିରୁ ବହୁତ ସାହାଯ୍ୟ ପାଇଛି । ସେଭଳି ସ୍ୱପ୍ନ ଦେଖିବା ବିଷୟରେ ମୁଁ ଅଦ୍ଭୁତ ଅଦ୍ଭୁତ ପାରଦର୍ଶୀ ହୋଇଗଲି । ଆଉ କିଏ ମୋ କାମକୁ ପଦାରୁ ଆଣି ସାହାଯ୍ୟ ଅଜାଡ଼ି ଦେବ ସେଭଳି ଆଶା ମୋ ମନରେ ନ ଥିଲା, କି ହଠାତ୍ ମୋ ସ୍ୱାସ୍ଥ୍ୟ ବଳରେ କି ଦୈବୀଯୋଗକୁ ମୁଁ କୁଆଡ଼ୁ କଣ ପାଇଯିବି, ତା'ଉପରେ ବି ଭରସା ରଖି ନ ଥାଏଁ । କିନ୍ତୁ କ୍ରମେ କ୍ରମେ ମୋର କଳ୍ପ ଅମାନିଆ ହୋଇ ବଢ଼ିଉଠୁଥାଏ । ମୋ ଜୀବନ ଯେତିକି ଯେତିକି କଷ୍ଟକର ହେଲା, ମନେ ଲାଗିଲା ମୁଁ ସେତିକି ସେତିକି ବେଶି ବେଶି କଳ୍ପିଆ ହେଲି, ଏପରିକି ସେତିକି ସେତିକି ବହୁ ବଳ ମୁଁ ବୁଦ୍ଧିଆ ହେଲି । ମୋର ଅଦ୍ୟ ଜୀବନରେ ହିଁ ମୋ ମନରେ ହେତୁ ପଶିଗଲା ଯେ ମଣିଷ ତା' ପରିବେଷ୍ଟନୀ ପାଖେ ନଇଁ ନ ପଡ଼ି ଯେତେ ଅଧିକ ତାକୁ ପ୍ରତିରୋଧ କରିପାରେ, ସେହି ପ୍ରତିରୋଧ ଦ୍ୱାରା ସେ ଗଢ଼ିହୁଏ ।

Digitized by srujanika@gmail.com

ଉପାସରେ ରହିବ ନାହିଁ, ସେଇଥିପାଇଁ ଭଲଗା ନଗର ବୋଇତ ଘାଟକୁ ମୁଁ ଚାଲିଯାଏଁ । ସେଠି କାମ କଲେ ମଣିଷ ସହଜରେ ପନ୍ଦର କୋଡ଼ିଏ କୋପେକ୍ ରୋଜଗାର କରିପାରିବ । ସେଠି ଦେଖୁଥାଏଁ ମଜୁରିଆ, ଅଯୋଗ୍ୟ ବାରବୁଲା ଆଉ ଚୋରମାନଙ୍କୁ । ଆଜି ମତେ ଲାଗେ ଯେ ମୁଁ ସତେ ଯେମିତି ଗୋଟାଏ ଲୁହା ଛଡ଼, ରଡ଼ ପଥରକୋଇଲା ନିଆଁ ଗଦା ଭିତରେ ଗୋଞ୍ଜା ହୋଇଛି । କାରଣ ପ୍ରତିଦିନ ମୁଁ ଏଭଳି ଅନୁଭୂତିମାନ ପାଏଁ ଯାହା ଅତି ତୀବ୍ର, ମୋ ଭିତରେ ଚଅଁ ମାରିଦିଏ । ନିତି ମୁଁ ସେମିତି ଅନୁଭୂତିରେ ପୂର୍ଣ୍ଣ ହୋଇ ଅସେଁ । ମୁଁ ସେଠି ଗୋଟାଏ ପ୍ରଚଣ୍ଡ ଭଉଁରି ଘୂରୁଥିବା ଦୁନିଆକୁ ଦେଖିଥିଲି । ସେଠି ମଣିଷଙ୍କ ପ୍ରବୃତ୍ତିମାନ ଥିଲା ଇତର, ଅସଭ୍ୟ; ସେମାନଙ୍କ ଲୋଭ ଥିଲା ନଗ୍ନ, ଅନାବୃତ । ସେଇ ଲୋକମାନେ ଜୀବନ ପ୍ରତି ଯେଉଁ ଉକ୍ରତା ପ୍ରକାଶ କରୁଥିଲେ ମୁଁ ତ ସେଇଥିରେ ଆକୃଷ୍ଟ ହୋଇଥିଲି । ଏ ପୃଥିବୀରେ ଯେତେ ଯାହା ଅଛି ତା ପ୍ରତି ସେ ଲୋକମାନେ ବିଦ୍ରୂପ କରି ଶଠତା ଦେଖାଇ ଯେମିତି ବ୍ୟଙ୍ଗରେ ବ୍ୟବହାର କରୁଥିଲେ ମୁଁ ତହିଁରେ ଆକୃଷ୍ଟ ହୋଇଥିଲି । ନିଜର ଯାହା ମନ ତା ହୋଇଯାଉ, ଖାତିର ନାହିଁ । ତାଙ୍କଠି ସେହି ଯେଉଁ ଢଙ୍ଗ ଦେଖିଥିଲି ସେଥିରେ ବି ମୁଁ ଆକୃଷ୍ଟ ହୋଇଥିଲି । ମୁଁ ଯେତେ ଯାହା ନିଜେ ଅଙ୍ଗେ ନିଭେଇପାରିଥିଲି, ତାହାରି ଯୋଗରୁ ମୁଁ ସେ ଲୋକମାନଙ୍କ କଢକ ବୋଲି ଓଟାରି ହୋଇଗଲି ଓ ସେମାନଙ୍କର ସେଇ ଉତ୍କଟ ଦୁନିଆ ଭିତରେ ଗୋଟାପୁରା ବୁଡ଼ିଗଲି । ବ୍ରେଟ୍‌ହାର୍ଟେ ଲେଖିଥିବା କାହାଣୀମାନ ମୁଁ ପଢ଼ିଥିଲି, ଆଉ କେତେ ଶସ୍ତା ଉପନ୍ୟାସ ପଢ଼ିଥିଲି । ତା' ଯୋଗୁଁ ସେ ଦୁନିଆ ପ୍ରତି ମୋର ମୋହ ଅଧିକ ବଢ଼ିଲା ।

ତାଙ୍କ ଭିତରେ ଥିଲା ବାସ୍କିନ୍ । ଚୋରି ତା' ବେଉସା । ସେ ଆଗେ ନର୍ମାଲ ସ୍କୁଲରେ ପଢ଼ୁଥିଲା । ତାକୁ ଯକ୍ଷ୍ମା ରୋଗ ଧରିଥିଲା ପରି ଜଣାପଡ଼ୁଥାଏ । ସେ ଅନେକ ଥର ମାଡ଼ ଖାଏ; ତା' ହାଡ଼ଗୋଡ଼ ବାଙ୍ଗିଆ ହୁଏ । ବାସ୍କିନ୍ ଗଦଗଦ ହୋଇ ମତେ ନୀତିଜ୍ଞାନ କଥା କହି ଗାଳିଦେଲା :

“ଆରେ, ତୁ'ଟା ଏତେ ଲାଜ ଲାଜ ହଉଚୁ କାହିଁକି ରେ ଓଲୁ ? କଣ ଗୋଟାଏ ଲାଜକୁଳୀ ଟୋକୀ ହେଉଚୁ କି ? ଖିଅ ତର ମାଡ଼ୁଚି, ଶ୍ଳାଃ ମହତ ପଳେଇବ ! ଆରେ ଟୋକୀପିଲା କଥା ଦୋସ୍ତ, ତାଠିଁ ତ ମହତ ଛଡ଼ା ଆଉ କିଛି ନାହିଁ, ସେତକ ଗଲେ ସବୁ ଗଲା । ତୋର କଣ ? ମହତଟା ତୋ ପକ୍ଷରେ ବେକରେ ଯୁଆଳିଟାଏ ପରି । ବଳଦଟା ଖାଲି ସାଧୁଟିଏ ଯେ, ତେବେ ବଳଦର ଶୁଖିଲା ଘାସ-କୁଟା ହେଲେ ପେଟ ପୁରିବ ।”

Digitized by srujanika@gmail.com

ଡାଫ୍‌ନ୍ ଗ୍ରେଡିଅଟିଂ; ମୁଣ୍ଡ ଗୋଲ। ସବୁବେଳେ ସେ ଚଞ୍ଚଳ ହୋଇ ସ୍ଥିର ହେଲେ ସୁଆଡ଼େ ବୁଲିବ। ଏଠାରେ ଗୋଟାଏ ରଙ୍ଗମଞ୍ଚର ଅଭିନେତା ପରି। ଗୁଲି ଡରକର, ହାତଗୋଡ଼ ହଲଇଲେ ବି ଫୁର୍ତ୍ତି, ସୁରୁଖ, ଅଥଚ ଭଙ୍ଗୀ ଟିକିଏ ନୂଆଁ କହିଁ ଲ। ଦେଖିଲେ ମନେପଡ଼ଯାଏ ବଲେଇଛୁଆ।

ମୋ ପ୍ରତି କାହିଁକି ତା ଧାରଣ ହେଲା ମତେ ତାଲିମ୍ କରିବ, ଅପଦରୁ ରକ୍ଷା କରିବ, ସେମିତିଆ। ମୁଁ ଦେଖିପାରିଲି, ତା'ର ଆନ୍ତରିକ କାମନା ଯେ ମୋର ଭଲ ହେଉ, ମୁଁ ସୁଖୀ ହୁଏଁ। ବହୁତ ବୁଦ୍ଧି ତାଠିଁ। ସେ ବହୁତ ଭଲ ବହି ପଢ଼ିଥିଲା। ତାକୁ ସବୁଠୁ ଭଲ ଲାଗେ ଅଲେକ୍‌ଜାଣ୍ଡର୍ ଡୁମାଙ୍କ ଲେଖା ପ୍ରସିଦ୍ଧ ଉପନ୍ୟାସ "ମଣ୍ଟି କ୍ରିଷ୍ଟୋର କାଉଣ୍ଟ୍।"

"ବହିଟାର ଗୋଟାଏ ହୃଦୟ ଅଛି," ସେ କହେ "ତା'ର ଗୋଟାଏ ଆଦର୍ଶ ବି ଅଛି।"

ସେ ସ୍ତ୍ରୀଲୋକମାନଙ୍କୁ ଭଲ ପାଏ। ସେ ଯେତେବେଳେ କେଉଁ କେଉଁ ସ୍ତ୍ରୀଲୋକଙ୍କ କଥା କହେ ସେତେବେଳେ ଉଚ୍ଛ୍ୱସିତ ହୋଇଯାଏ, ଖୁସି ଆନନ୍ଦରେ ଓଠ ଦୁଟି ଦୁଟି ଟାକରା ଫାଟାଏ, ଆଉ ସେତେବେଳେ ତାର କ୍ଷୟକ୍ଷୀଣ ଶରୀର ଗୋଟାଏ ଉତ୍ତେଜନାରେ ଥରିଯାଏ। ତା'ର ସେଇ ଦେହ ଅରିବାଟା କେମିତି ଗୋଟାଏ ଅପ୍ରୀତିକର ଜଣାପଡ଼େ; ଦେଖିଲେ ଘୃଣା ଲାଗେ। କିନ୍ତୁ ମୁଁ ପରମ ଆଗ୍ରହରେ ତା' କଥା ଶୁଣେଁ, ତା' କଥା ଭିତରର ବହୁତ ସୌନ୍ଦର୍ଯ୍ୟ ମୁଁ ବାରି-ପାରେଁ।

"ନାରୀ—ନାରୀ—ନାରୀ" ଗୀତ ଗାଇଲା ପରି ସେ ବାରମ୍ବାର କହେ, ସେତେବେଳେ ତା'ର ଶେଯା ପଡ଼ିଥିବା ଶୀର୍ଣ୍ଣ ଗାଲ ଉପରେ ସତେକି ଅଙ୍ଗାର ଲାଗିଯାଏ, ତା'ର କଳା କଳା ଆଖି ଉତ୍ତେଜନାରେ ଦାଉ ଦାଉ ଜଳେ। କହିଯାଏ :

"ଗୋଟିଏ ନାରୀ ପାଇଁ ମୁଁ ସବୁ କରିପାରେ। ଯେମିତି ସଇତାନ ସେମିତି ନାରୀ; ପାପ ଯାହାକୁ କହନ୍ତି, ସେମାନେ ତା' ବୁଝନ୍ତି ନାହିଁ। 'ପ୍ରେମ କରି ବଞ୍ଚ,' ଏଇ ଯେଉଁ ଧନପଦ ନା, ତାଠୁଁ ଭଲ କଥା କେବେ କେହି ଆବିଷ୍କାର କରିନାହିଁ।"

କଥା କହି ଜାଣିବା ବିଷୟରେ ତା'ର ଅସାଧାରଣ ପାରଦର୍ଶିତା। ଧନୀ କଷ୍ଟରେ ସେ ବେଶ୍ୟାମାନଙ୍କ ପାଇଁ ସାନ ସାନ ଗୀତଗୁଡ଼ାଏ ଲେଖିଦେଇପାରୁଥିଲା।

Digitized by srujanika@gmail.com

ଶୁଣିଲେ ହୃଦୟ ତରଳିବ । ଜଣକୁ ପ୍ରେମ କରୁଥିବ, ସେ ଜଣକ ପ୍ରତିଦାନରେ ପ୍ରେମ ଦେବ ନାହିଁ, ଅନ୍ୟ କାହାକୁ ପ୍ରେମ କଲାଣି, ଅଥବା କଏ ପ୍ରେମକୁ ପ୍ରତ୍ୟାଖ୍ୟାନ କଲା, ଏମିତି ବ୍ୟର୍ଥପ୍ରେମ ବିଷୟରେ ସେସବୁ କରୁଣ ଗୀତିକା ସେ ଉଚ୍ଚାରଣ କରୁଥିଲା । ଭଲ୍‌ଗା ନଈ କୂଳର ସବୁ ସହରରେ ସେସବୁ ଗୀତ ବୋଲାହୁଏ । ଗୋଟିଏ ଗୀତ ଥିଲା, ସେ ଗୀତକୁ ସମସ୍ତେ ଜାଣନ୍ତି, ସେ ଗୀତ ବି ତାହାର ରଚନା; ସେ ଗୀତରେ ଥିଲା :

ରୂପସ୍ୱୀନା ଧନସ୍ୱୀନା କନ୍ୟା
ଗୀତସ୍ୱୀନ ପଣଧେସ୍ତ ପାର
ତାକୁ ପୁଣି ବିଭା ହେବ କଏ ?
ନାହିଁ କେହି ପ୍ରାଣବନ୍ତ ପ୍ରାଣୀ,
ନାହିଁ ନାହିଁ ଏ ମର୍ତ୍ତ୍ୟମଣ୍ଡଳେ ।

କ୍ୟୁଖ୍ୟାତ ଯିଶଭ୍ ମୋର ହାତ ମନାସୁଥିଲା । ତା' ଚେହେରା ଖୁବ୍ ସୁନ୍ଦର, ପୋଷାକ ଅଡ଼ମ୍ବରପୂର୍ଣ୍ଣ, ଅଙ୍ଗୁଠିଗୁଡ଼ିକ ସରୁ ସରୁ, ସତେକି ବେହେଲା କି ଗୀତାର୍-ବଜାଳିର ଅଙ୍ଗୁଠି । କାଜାନ୍‌ର 'ନୌବବ୍ରଗ ପଡ଼ା' ରେ ସେ ଗୋଟାଏ ଷ୍ଟେଶନାରି ଦୋକାନ କରିଥାଏ । ବାହାରେ ଫଳକ ଉପରେ ଲେଖାହୋଇଥାଏ, "ଘଣ୍ଟା ମରାମତି" କିନ୍ତୁ ତା'ର ପ୍ରକୃତ ବ୍ୟବସାୟ ଚୋରା-ମାଲ୍ ବିକି କରିବା ।

ତାର କସରା ପଡ଼ିଥିବା ଦାଢ଼ିକୁ ଗମ୍ଭୀର ହୋଇ ଅଉଁସି ଆଉଁସି ସେ ମତେ ଉପଦେଶ ଦେଉଥିବ "ହୁସିଆର, ଚୋରଙ୍କ ଖପ୍ପରେ ପାଲରେ କେବେ ପଡ଼ିବ ନାହିଁଟି, ବୁଝିଲ ନା ମ୍ୟାକ୍‌ସିମିଚ୍ !" କଥା କହୁ କହୁ ତା'ର ଜଡ଼ବୁଆ ଚତୁର ଆଖିଯୋଡ଼ିକ ସେ ବାରମ୍ବାର ତେରେଇଦେଉଥିବ । ତା' ଠାଣି ଦେଖିଲେ ଅଗ ମାଡ଼ିପଡ଼ିବ । କହୁବ, "ସେ ବାଟ ତୁମ ପାଇଁ ନୁହେଁ; ତା' ମୁଁ ଦେଖିପାରୁଛି । ତୁମେ ସେ ଆରକାତିଆ ଲୋକ, ଯାହାଙ୍କଠି ହୃଦୟ ପୂରିଥାଏ ।"

"ହୃଦୟ ପୂରିଥାଏ ମାନେ କଣ, ମୁଁ ବୁଝିପାରିଲି ନାହିଁ ?"

"ଓହୋ, ସେମାନେ ସେମିତିଆ ଲୋକ ଯେ ପରର ଦେଖି ହିଂସା କରନ୍ତି ନାହିଁ । ଖାଲି କେଉଁଠି କଣ ଘଟୁଛି ତା' ଜାଣିବାକୁ ତାଙ୍କର କୁତୂହଳ ଥାଏ, ସେତିକି ।"

ମୋ ର ଠିକଣା ବର୍ଣ୍ଣନା ଯେ ହେଲା ନାହିଁ । ମୁଁ ଅନେକ ବିଷୟରେ ପରର ଦେଖି ହିଂସା କରୁଛି । ଯେମିତ, ବାପ୍ଟିନ୍ ଯେ ଏତେ ସୁନ୍ଦର କଥା କହିପାରୁଥିଲା,

Digitized by srujanika@gmail.com

ତା'ର ଭାଷା ମୁଁ ଅନ୍ୟ କେଉଁଠି ଶୁଣିନାହିଁ, ପଦ୍ୟର ଭାଷା ଗଦ୍ୟ ଭାଷା, ତା' ଭାଷାର ବଚନ ଶୈଳୀ, ସେଥିରେ ଅଦ୍ଭୁତ ଅଳଙ୍କାର; ବାସ୍କିନ୍‌ଙ୍କ କଥା ଶୁଣି ମୁଁ ହିଂସା କରୁଛି, ମୋର ସେମିତି ଭାଷା ହୁଅନ୍ତା କି !

ବାସ୍କିନ୍ ଯେଉଁ ଦୁଃସାହସିକ ପ୍ରେମ କାହାଣୀମାନ କହେ, ତହିଁରୁ ଗୋଟିଏ କାହାଣୀ ଆରମ୍ଭ କଲାବେଳେ ସେ ଯେଉଁ ଭାଷାରେ କଥା କହୁଥିଲା ମୋର ତା' ଏବେ ବି ମନେ ଅଛି :

"ମେଘ ଆଷିଆ ଜଣାପଡ଼େ । ଜହ୍ନ'ଟା ପାଚିଲା ସନ୍ତରାଟାଏ ସେ ସ୍ୱିଜ୍ୟାର୍ ସହର । ଗୋଟାଏ ପୋଲ ତଳ ଭିତରେ ପେନ୍ସଟାଏ ପରି ମୁଁ ସେଠି ଗୁଞ୍ଜି ଗାଞ୍ଜି ହୋଇ ରହୁଥାଏଁ ଗୋଟାଏ ହୋଟେଲ୍ ଭିତରେ । ଶୀତ ପଡ଼ୁ ପଡ଼ୁ ଆସୁଥାଏ, ଶରତ ଋତୁ, ଅକ୍‌ଟୋବର ମାସ । ମଠୁଆ ମଠୁଆ ହୋଇ ସାନ ମେଘ ଅସରାଟାଏ ପଡୁଥାଏ । ପବନ ହାଉଳି ହେଉଥାଏ କେମିତି ନା ଜଣେ ପଠାଣକୁ କେହୁ ଚଟା ଲାଗିଥିଲେ ସେ ବଚସା ଯେମିତି ପାଟିକରେ, ସେମିତି ସେ ଓ-ଓ-ଓ-ଓଓ-ଓଓ-ଓଓ……

"ସେତିକବେଳେ ମୋ ରାଣୀ ଆସି ପହଞ୍ଚିଲା । ଦିଶୁଥାଏ ଏଡ଼େ ହାଲୁକା ଆଉ ଗୋଲାପୀ, ଯେମିତିକି ସୂର୍ଯ୍ୟ ଉଇଁଲାବେଳେ ମେଘ ଖଣ୍ଡିଏ; ଆଉ ତା'ର ଆଖିରେ ଫୁଟିଉଠୁଥାଏ ତା ଅସ୍ପୃଷ୍ଟ ଶୁଦ୍ଧତାର ପ୍ରତାରଣା । 'ମୋ ପ୍ରିୟ !' ସେ ମତେ କହିଲା; ତା' ସ୍ୱରର ଶବ୍ଦରୁ ବାରିହେଉଥାଏ ସେ ସତ କହୁଛି । ସେ କହିଲା, 'ପ୍ରିୟ ମୋର ! ମୁଁ ତୁମଠି ଦ୍ରୋହ କରିନାହିଁ, ପାପ କରିନାହିଁ ।' ମୁଁ ଜାଣିଥିଲି ସେ ମିଛ କହୁଛି, ତଥାପି ମୁଁ—ମୁଁ ତା' କଥାରେ ବିଶ୍ୱାସ କଲି । ମୋ ମନ ନିଶ୍ଚିତ ଭାବରେ ଜାଣିଥିଲା, କିନ୍ତୁ ମୋ ହୃଦୟ ବିଶ୍ୱାସ କରିପାରିଲା ନାହିଁ ଯେ ସେ ଛଳନା କରୁଛି ।"

ବାସ୍କିନ୍ କଥା କହିଲାବେଳେ ତା' ଆଖି ଅଧାବୁଜା ଥାଏ, ତା' ଦେହ ଛନ୍ଦେ ଛନ୍ଦେ ଦୋହଲୁଥାଏ, ତା' ହାତ ଆସ୍ତେ ଟେକିହୁଏ ଗୋଟାଏ ମୁଦ୍ରାରେ, ସେ ମୁଦ୍ରା ସେ ବାରମ୍ବାର କରେ, ସେ ମୁଦ୍ରାରେ ସେ ତା' ଛାତିକୁ ହାତରେ ଛୁଏଁ, କଳିଜା ଉପରେ ।

ତା'ର ସ୍ୱର ଶୁଭେ ମଧୁରା, ସେଥିରେ ରଙ୍ଗ ନ ଥାଏ, କିନ୍ତୁ ତା'ର ପ୍ରତି ପଦେ ଲେଖାଁ କଥା କହନ୍ତା, ଠିକେ ଯେମିତି ଗୋଟିଏ ବୁଲ୍‌ବୁଲ୍ ଚଢ଼େଇର ସ୍ୱରର ସ୍ପନ୍ଦନ ତା'ର ଶବ୍ଦମାନଙ୍କ ଭିତରୁ ବାହାରିପଡ଼େ ।

Digitized by srujanika@gmail.com

ନ୍ତ୍ରଣଭିକୁ ଦେଖି ବି ମୁଁ ହିଂସା କରୁଥିଲି । ସାଇବେରିଆ, ଗ୍ରୀସ ଆଉ ଭୂମଧ୍ୟସାଗର ବିଷୟରେ ସେ ଚମତ୍କାର କାହାଣୀମାନ କହିପାରୁଥିଲା । ସେ ଅଟଳ ଅଟଳ କରି କଥା କହେ ଖ୍ରୀଷ୍ଟିଆନ ଧର୍ମ ସମ୍ପ୍ରଦାୟର ତଳୁ ଉପରଯାକେ ସବୁ ପ୍ରକାର ଗୁରୁ ପୁରୋହିତ ପ୍ରଚାରକମାନଙ୍କ କଥା; ଆଉ ସେ ଥଟ୍ଟା ଭିତରେ ଥାଏ ପ୍ରଚଣ୍ଡ ଶ୍ଳେଷପୂର୍ଣ୍ଣ ଗଭୀରତା ।

ଥରେ, ରୁଷ୍ ସମ୍ରାଟ୍ ତୃତୀୟ ଅଲେକ୍‌ଜାଣ୍ଡରଙ୍କ କଥା କହିଲାବେଳେ ସେ କେଉଁ ଗୁପ୍ତକଥା କହିଲାପରି ଭଙ୍ଗୀରେ କହିଲା, "ସେ ସମ୍ରାଟ ତାଙ୍କ କାମ ବିଷୟରେ ଖୁବ ଜାଣେ, ନୁହେଁ ?"

ମୁଁ ଭାବୁଥିଲି ଯେ ତ୍ରୁସଭ୍ ସେମିତିଆ ଜଣେ ଲୋକ, ଯେଉଁମାନେ ଉପ- ନ୍ୟାସରେ ବର୍ଣ୍ଣିତ ହୋଇଥାନ୍ତି 'ଖଳ' ଲୋକ ବୋଲି, ଆଉ ବହି ଶେଷରେ ପାଠକ ଦେଖି ଆଶ୍ଚର୍ଯ୍ୟ ହୁଏ ଯେ ସେ 'ଖଳ' ଲୋକ ପ୍ରକୃତରେ ଜଣେ ଉଦାର-ଆତ୍ମା 'ନାୟକ'; ସେ ବଦଳିଯାଇଛି, ଆଉ 'ଖଳ' ନୁହେଁ ।

ଥରେ ଥରେ ରାତିରେ ଯେତେବେଳେ ପବନ ରୁନ୍ଧିହୁଏ ସେତେବେଳେ ସେ ଲୋକେ ସବୁ କାଜାନ୍‌କା ନଈ ଉପରର ଘାସ ପଡ଼ାକୁ ଚାଲିଯାଆନ୍ତି । ସେଇଠି ଗଛଗହଳ ଭିତରେ ସେମାନେ ପିଆପିଇ କରନ୍ତି, ଖାଆନ୍ତି, ଆପଣା ଆପଣା ଭଲମନ୍ଦ କଥା ପକାନ୍ତି, ବିଶେଷତଃ ସେମାନେ କଥାଭାଷା ହୁଅନ୍ତି ତାଙ୍କ ଜୀବନର ନାନା ସମସ୍ୟା ଆଉ ଜଟିଳତା ବିଷୟରେ, ଆଉ ମଣିଷ ମଣିଷ ଭିତରେ ସମ୍ପର୍କ କେମିତି ଅଖାଡ଼୍ୟା ହୋଇ ଗୋଳିଆପୋଳିଆ ହୋଇଯାଏ ତାହାରି ବିଷୟରେ ।

ବେଶି କଥା ପଡ଼େ ସ୍ତ୍ରୀଲୋକମାନଙ୍କ ବିଷୟରେ । ତାଙ୍କ ବିଷୟରେ କଥା କହିଲେ ସେମାନେ ବିଦ୍ୱେଷରେ କଥା କହନ୍ତି, ନ ହେଲେ ଖୁବ୍ ଦୁଃଖରେ କଥା କହନ୍ତି । ସେସବୁ କଥା ସବୁବେଳେ ମର୍ମସ୍ପର୍ଶୀ । ଶୁଣିଲାବେଳେ ମତେ ଲାଗେ ଯେମିତି ସ୍ତ୍ରୀଲୋକ ବିଷୟରେ କହିଲାବେଳେ ସେମାନେ କେଉଁ ଅନ୍ଧାର ଭିତରକୁ ହାତ ଛନ୍ଦି କଥା କରୁଛନ୍ତି, କାଳେ ସେଠି ଅଜଣା ଅଚିହ୍ନା ହୋଇ କୌଣସି ଭୟାନକ ଜନ୍ତୁ କି ମଣିଷ ଲୁଚିରହିଛି ।

ସେଠି ତାଙ୍କ ସଙ୍ଗେ ଦୁ'ତିନି ରାତି ମୁଁ ଯାଇ ରହିଥିଲି, ଜ୍ୟୋତିହୀନ ତାରା- ଖଚିତ ଅନ୍ଧାରି ଆକାଶ ତଳେ, ମେଲା ଖୋଲାରେ । ଆମେ ଶୋଇଥାଉଁ ଗୋଟାଏ ଖାଲ ଖୋଲ ଭିତରେ । ସେଠି ଉଇଲୋ ଗଛର ବୁଦା ଜଙ୍ଗଲ ବହଳ ହୋଇ ବ୍ୟାପିଥାଏ । ନଦୀର ଆର୍ଦ୍ର ଉଷ୍ମତା ଲାଗୁଥାଏ । ଭଲ୍‌ଗା ନଈ ପାଣି ସେଠୁ ପାଖ,

Digitized by srujanika@gmail.com

ତେଣୁ ଅନ୍ଧାର ଲାଗୁଥାଏ ଓଦାଳିଆ । ସେହି ଅନ୍ଧାର ଭିତରେ ଦିଶୁଥାଏ ଡଙ୍ଗାର ଆଲୁଅ, ସବୁ ଦିଗକୁ ଘୂରି ଘୂରି ବୁଲୁଛି, ସତେ ଯେମିତି ସୁନେଲି ମାଙ୍କଡ଼ସା-ଗୁଡ଼ାଏ ବୁଲୁଛନ୍ତି । କଳା ଅତଡ଼ା କରେ କରେ ଏଠି ସେଠି ଦିଶୁଥାଏ ମେଞ୍ଚା ମେଞ୍ଚା ନିଆଁ, ପୁଣି ଧା'ର ଧା'ର ହୋଇ ନିଆଁ । ଧନୀ ଉତ୍ସନ୍‌ ଗାଁର ଘରମାନଙ୍କର ଆଉ ହୋଟେଲମାନଙ୍କର ଝରକା ସେସବୁ । ଫଟିକ ପାଣିର ବର୍ଣ୍ଣ, ଅର୍ଥାତ୍ ଷ୍ଟ୍ରୀମ୍‌ରେ ବୁଲୁଥିବା ଡଙ୍ଗାମାନଙ୍କ ଆହୁଲଗୁଡ଼ାକ ପାଣିରେ ଛପ୍ ଛପ୍ ହୋଇ ପିଟି ହୋଇ ଶବ୍ଦ କରୁଥାଏ । ବଜରା ଧାଡ଼ିଏ ତା'ପଛରୁ ତା'ଛେ ହୋଇ ଅହୁଳ ପକେଇ ଗଲି । ନାଉରିମାନେ ପାଟି କରୁଥାନ୍ତି । ତାଙ୍କ ଫମ୍ପା ଗଳା ଶୁଭୁଥାଏ ଗଧିଆ ବୋବେଇଲା ପରି । କେଉଁଠି ଗୋଟାଏ ଶବ୍ଦ ଆସୁଥାଏ, ହାତୁଡ଼ିରେ କିଏ ଲୁହା ଉପରେ ବାଡ଼େଉଛି । ପାଣି ଉପରେ ଗୋଟିଏ କରୁଣ ସଙ୍ଗୀତ ଭାସି ଭାସି ଗଲା; ସେ ସତେକି କାହାର ପ୍ରାଣ, ଅନ୍ତ୍ରେ ଅନ୍ତ୍ରେ ନିଆଁରେ କୁହୁଳୁଛି । ସେ ଗୀତ ଶୁଣି ହୃଦୟ ଉପରେ କୁଢ଼େଇ ହୋଇ ପଡ଼ିଲା ସଂକୋଚମୟ ବିଷଣ୍ଣତା, ଯେ ଲୋକେ ସମସ୍ତଙ୍କଠୁ ଆଡ଼େଇ ହୋଇ ଏକୁଟିଆରେ ରହିବାକୁ ।

ମୋ ସାଙ୍ଗରେ ଥିବା ଲୋକଙ୍କର ଧୀରେ ଧୀରେ ଉଚ୍ଛୁଳି ପଡ଼ୁଥିବା କଥା ଶୁଣି ଶୁଣି ଲାଗୁଥାଏ ଆହୁରି ବେଶି ବିଷଣ୍ଣ । ସେମାନେ ମଣିଷ ଜୀବନ ବିଷୟରେ ଚର୍ଚ୍ଚା କରୁଥିଲେ । ପ୍ରତ୍ୟେକେ ସେହି ବିଷୟରେ କହୁଥିଲେ, ଯା'ହା ତାଙ୍କ ହୃଦୟର ଅତି ନିକଟତମ । ଆଉ କିଏ କଣ କହୁଯାଉଛି ସେମାନେ ସିଆଡ଼େ କାନ ଦେଉ ନ ଥିଲେ । ଉଇଲୋ ବୁଦାମାନଙ୍କ ଛାଇତଳେ ସେମାନେ ବସିଥାନ୍ତି, ନ ହେଲେ ଲମ୍ବ ହୋଇ ଶୋଇରହିଥାନ୍ତି । ଧୂଆଁ ଖାଉଥାନ୍ତି । ମଝିରେ ମଝିରେ ମଦ ପିଉଥାନ୍ତି, ଭଡ଼୍‌କା ମଦ କି ବିଅର ମଦ । କିନ୍ତୁ ମଦକୁ ସେତେ ଆସକ୍ତି ନ ଥାଏ । ଆଉ ସେମାନେ ନିଜ ନିଜ ସ୍ମୃତିର ଠାସୁକୁମର ଝାପ୍‌ସା ବାଟରେ ପଛୁଆଣି ଭାସି ଭାସି ବୁଲୁଥାନ୍ତି, ଉଜାଣି ।

ସେହି ଯେଉଁ ଗଢ ତାକୁ ମାଟିରେ ମାଡ଼ିଦେଉଥାଏ, ସେହି ଗଢ ଭିତରେ କିଏ ଜଣେ ଯୁବକ କହିବାକୁ ଆରମ୍ଭ କଲା, "ମୋର ଯେଉଁ ଘଟଣା ଘଟିଥିଲା ଶୁଣ ସେଇକଥା କହୁଚି—"

ଆଉ ଯେମିତି ତା' କାହାଣୀ ସରୁଥାଏ ଅନ୍ୟମାନେ ଗୁଣୁ ଗୁଣୁ ହୋଇ ସେଥିରେ ସମର୍ଥନ ଜଣାନ୍ତି :

"ହଁ, ସେମିତି ବି ଘଟେ । ସବୁ ପ୍ରକାର କଥା ଘଟିପାରେ; କଣ ନ ଘଟେ ?"

Digitized by srujanika@gmail.com

"ଘଟିଥିଲା", "ଘଟିଥାଏ", "ଘଟେ", "ଘଟୁଥିଲା" ଏଇସବୁ ଶବ୍ଦ ମୋ କାନରେ ବାରମ୍ବାର ଝଙ୍କେଣୋହୁଥାଏ । ଶୁଣି ଶୁଣି ଲାଗୁଥାଏ ସତେ ଯେମିତ ଏଇ ଗତି ଏ ଲୋକମାନଙ୍କ ଜୀବନର ଶେଷ ଗତି । ସବୁ ଘଟିସାରିଛି. ଆଉ ନୂଆ କିଛି ଘଟିବାର ନାହିଁ ।

ମୋର ଏଇ ଧାରଣା ହେବାରୁ ବାଲ୍‌ଜାକ୍ ଓ ଫ୍ଲବେର୍ ମୋ ମନ ଭିତରେ ମୋର ପର ହୋଇଗଲେ । ତଥାପି ମୁଁ ତାଙ୍କ ପ୍ରତି ଆକୃଷ୍ଟ ହେଉଥିଲି । ମୁଁ ଯେତେ ଯାହା ଅଙ୍ଗେ ନଭେଇସାରିଥିଲି ତା'ର ଫଳର ସ୍ୱାଭାବିକ ଗାଣିତିକ ପରିଣତି ଏଇଆ ହେବାର କଥା ଯେ ମୁଁ ତାଙ୍କର ଚାଟୁଁକି ଧରିଥାନ୍ତି । ବଡ଼ ହେବି, ଉନ୍ନତି କରିବି, ଶିକ୍ଷିତ ହେବି—ମୋର ଏଡ଼େ ଏଡ଼େ ଆଶାସବୁ ଧକ୍କାରେ ପଡ଼ି ଅପମାନରେ ସଢ଼ୁଥିଲା । ସେ ବି ଗୋଟାଏ କାରଣ, ଯେଉଁଥିପାଇଁ ମୁଁ ତାଙ୍କ ପଛରେ ଧାଇଁବାକୁ ବାଧ୍ୟ ହେଲି । ଯେତେବେଳେ ଶୋକ ଘାରେ, ଯେତେବେଳେ ମନକୁ ଗ୍ରାସେ ଚିନ୍ତା ଓ ନୈରାଶ୍ୟ, ସେତେବେଳେ ମତେ ଲାଗୁଥିଲା ଯେ ଅପରାଧ କରିବାପାଇଁ ମୁଁ ଟ ଦ୍ର ପାରଙ୍ଗମ, ଆଉ ସେ ଅପରାଧ କେବଳ "ସମଲିଙ୍ଗିକ ପାପ ଅନୁଷ୍ଠାନ" ଭିତରେ ବୋଲି ନୁହେଁ ।

କିନ୍ତୁ ମୁଁ ଯେଉଁ ବାଟେ ଯିବି ବୋଲି ମୋ ଭାଗ୍ୟରେ ଥିଲା, ତାକୁ ଛାଡ଼ି ଅନ୍ୟ ବାଟ ଧରିବା ବିଷୟରେ ଯୌବନବେଳର ଆଦର୍ଶବାଦୀ ମନ ମତେ ନିରସ୍ତ କରି ଅଟକାଇ ଦେଉଥିଲା । ବ୍ରେଟ୍ ହାର୍ଟଙ୍କ ଉପନ୍ୟାସଗୁଡ଼ିକ ତ ମୁଁ ପଢ଼ିଥିଲି; ସେଥିରେ ଥାଏ ସେ ଔପନ୍ୟାସିକଙ୍କର ମନୁଷ୍ୟ ଜାତି ପ୍ରତି ପ୍ରେମ । ତାଙ୍କ ବହି ଓ ବହୁତ ଶସ୍ତା ଉପନ୍ୟାସ ପଢ଼ିବା ଛଡ଼ା ମୁଁ କେତେଗୁଡ଼ିଏ ପ୍ରକୃତରେ ଗମ୍ଭୀର ତତ୍ତ୍ୱପୂର୍ଣ୍ଣ ବହି ପଢ଼ିସାରିଥାଏଁ । ସେସବୁ ବହି ଅନ୍ୟାନ୍ୟ ଇଚ୍ଛା ଜଗାଇଦେଲା । ଯାହା ଯାହା କରିବି ବୋଲି ନୂଆ ନୂଆ ପ୍ରେରଣା ମିଳିଲା, ତା'ର ମୁଁ ଯେଉଁ ସ୍ୱପ୍ନ ଦେଖିଥାଏଁ ସେସବୁ ଅସ୍ପଷ୍ଟ । କିନ୍ତୁ ମୋ ଚାରିଆଡ଼େ ଯେତେ ଯାହା ମୁଁ ଦେଖି-ପାରୁଥିଲି ତା'ଠୁଁ ସେସବୁ ଜୀବନର ଓଜନ ବେଶି ।

ତା' ସଙ୍ଗେ ସଙ୍ଗେ ମୁଁ କେତେଗୁଡ଼ିଏ ନୂଆ ନୂଆ ପ୍ରକାରର ଲୋକଙ୍କ ସଙ୍ଗରେ ପରିଚିତ ହେଉଥାଏଁ, ଆଉ ମୋର ନୂଆ ନୂଆ ଅନୁଭୂତି ହେଉଥାଏ । ସ୍ୱେଭର୍ଜନଭ ପରିବାରର ଘର ପାଖରେ ଯେଉଁ ଖାଲି ଭଡ଼ାବାର ପଡ଼ିଥାଏ ସେଠି 'ଚେରଡ୍‌କା' ଖେଳ ଖେଳିବେ ବୋଲି ଜିମ୍‌ନାସିଅମର ଛାତ୍ରମାନେ ଆସି ଅନେକ ସମୟରେ ଜୁଣ୍ଡ ହୁଅନ୍ତି । ତାଙ୍କ ଭିତରୁ ଗୋଟିଏ ଛାତ୍ର ମତେ ଖୁବ ଭଲ ଲାଗେ । ତା ନାଁ ଗୁରି ପ୍ଲେଟ୍‌ନୟୁଭ । ସେ ଗୋଟିଏ ହୃଷ୍ଟପୁଷ୍ଟ ଯୁବକ । ଜାପାନ

Digitized by srujanika@gmail.com

ଦେଶର ଲୋକଙ୍କ ମୁଣ୍ଡବାଳ ପରି ତା' ମୁଣ୍ଡବାଳ କଳା-ନେଳି । ତା' ମୁହଁଯାକ ସାନ ସାନ ବଳା କଳା ଟୋପା, ସତେ ଯେମିତି ତା ଚମଡ଼ା ଉପରେ ବନ୍ଧୁକ-ବାରୁଦ ପଶା ହୋଇଥିଲା ବୋଲି ଏମିତି ଦଶୁଛି । ତା'ମନରୁ ଖୁସି ଉଚ୍ଛୁଳି-ପଡୁଥାଏ । ତା'ର ସେ ଆନନ୍ଦ ସ୍ୱଭାବ ଅଦମ୍ୟ । ସେ ଫୁଟ୍‌ବଲ ଖେଳେ, କଥା ବହୁତ ଅଳ୍ପ; ତା'ଠି ବହୁତ ଭଲ ଭଲ ଗୁଣ ଥିଲା ବୋଲି ଜଣାପଡୁଥାଏ । ରୁଷ ଦେଶର ଗୁଣୀ ଲୋକଙ୍କ ଭିତରୁ ବେଶି ଭାଗ ଯେମିତି, ପ୍ରକୃତି ତାଙ୍କୁ ଯେତିକି ଦେଇଥାଏ ସେତିକ ନେଇ ଚଳନ୍ତି, ସେସବୁ ଜିନିଷକୁ ଆହୁରି ବଢ଼ାଇବାକୁ ଅଦୌ ଚେଷ୍ଟା କରନ୍ତି ନାହିଁ, ସେ ବି ସେଇଆ । ସେ ସଙ୍ଗୀତପ୍ରେମୀ ମଣିଷ, ତା' କାନ ଖୁବ ମାର୍ଜିତ, ଆଉ ସୁର ଖିଆଲ ଖୁବ୍ ସୂକ୍ଷ୍ମ । ଯେତେବେଳେ କୌଣସି ବାଦ୍ୟଯନ୍ତ୍ର ବଜାଏ, ଯେମିତି ଗୁଡ଼ି, ବାଲାଲାଇକା କି ବେହେଲା, ସେ ଖୁବ ଭଲ ବଜାଏ । କିନ୍ତୁ ଆହୁରି ସୂକ୍ଷ୍ମ, ଆହୁରି କଷ୍ଟ ଯନ୍ତ୍ର ବଜାଇ ସେଥିରେ ଓସ୍ତାଦ୍ ହେବାକୁ ତା'ର ଆଦୌ ଚେଷ୍ଟାହିଁ ନ ଥାଏ । ସେ ଗରିବ ପିଲା; ତା' ପୋଷାକ ଆଦୌ ବାହାର ନୁହେଁ । କିନ୍ତୁ ତା'ର ସେଇ ବେପରୁଆ ଲଟାମଛଡ଼ା ମନ, ସେଇ ଅତି ଉଦାରଚେତା-ବ୍ୟଞ୍ଜକ ମୁଦ୍ରା, କ୍ଷିପ୍ର ଗତି ଆଉ କରଡ଼ା ମାଂସପେଶୀମୟ ଦେହ, ତାକୁ ତା'ର ଛିଣ୍ଡା ନେ ବ୍ଲୁକୋସ୍ କାମିଜ, ତାଳିପଡ଼ିଥିବା ପ୍ୟାଣ୍ଟ ଆଉ ତଳି ଘୋଷିହୋଇ-ଯାଇଥିବା ଜୋତାର ସାଜ ମାନେ ଭଲ ।

ଜଣେ ବହୁଦିନ ପର୍ଯ୍ୟନ୍ତ କଷ୍ଟପ୍ରଦ ରୋଗରେ ପଡ଼ି ପଡ଼ି ଅଳ୍ପଦିନ ହେଲା ଉଠିଥିଲେ ଅଖିକି ଯେମିତି ଦିଶନ୍ତା, ସେ ସେମିତି ଦିଶୁଥାଏ । ନରୁବା ଜାଲ୍ ଯେଉଁ କଇଦୀ ଜେଲରୁ ଖଲାସ ହୋଇଛି ସେ ଯେମିତି ଦିଶନ୍ତା, ସେ ଠିକ୍ ସେମିତି ଦିଶୁଥାଏ । ଜୀବନ ତାକୁ ଯାହା ଦେଉଥିଲା ତା ତାକୁ ନୂଆ ଜିନିଷ ପରି ଲାଗୁଥାଏ, ସୁଖକର ଲାଗୁଥାଏ । ଟିକିଏ କିଛି ହେଲେ ସେ ଚହଳ ପକାଇ ହସେ, ବୁଲୁଲେ । ନକ୍ଷତ୍ରର ମନ ଖୁସିରେ ଘୂମୁ ଘୂମୁ ହୋଇ ଗୁଣୁଗୁଣେଇ ଖାଲି ନାଚକୁଦ ଘରୁଥିବା ନଟବର ଯେ ସବୁଆଡ଼େ ଡେଇଁ ବୁଲୁଥାଏ ।

ସେ ଯେମିତି ଶୁଣିଲା ଯେ ଏଡ଼େ ବନ୍ଦରରେ ଏତେ ବିପଦ ଭିତରେ ଅନିଶ୍ଚିତ ଭାବେ ମୁଁ ଜୀବନ ବଞ୍ଚାଉଛି, ସେ ସଙ୍ଗେ ସଙ୍ଗେ ମୋ ଆଗରେ ପ୍ରସ୍ତାବ କଲା ଯେ ମୁଁ ଚାଲିଆସେଁ, ତା' ସଙ୍ଗରେ ଏକାଠି ରହେଁ ଓ ଗାଁ ଇସ୍କୁଲରେ ମାଷ୍ଟର ହେବା-ସକାଶେ ପାଠ ପଢ଼େ ।

ଫଳରେ ମୁଁ ଉଠିଆସିଲି 'ମାରୁସୋଭ୍କା' କୋଠାକୁ ।

'ମାରୁସୋଭ୍କା' ଗୋଟାଏ ଅଦ୍ଭୁତ ଘର, ମଜାଳିଆ ଜାଗା । ସେ ଘରେ ବହୁତ ଦରିଦ୍ରଙ୍କ ବାସ । ଘରର ନାଁଟା ବୋଧହୁଏ କାଜାନ୍ ସହରର ବହୁତ ପୁରୁଷର

Digitized by srujanika@gmail.com

ଛୁଅମାନେ ମନେ ରଖିବେ । ଝିନେରସ୍ଥାଦ୍‌ସ୍ଥାସ୍ଥାରେ ସେ କୋଠା, ଅକାରରେ ପ୍ରକାଣ୍ଡ, କିନ୍ତୁ ଚହିଁବୁ ଠାଏ ଠାଏ ଭାଙ୍ଗି ପଡ଼ୁଥାଏ । ଦେଖିଲେଇ ବାଣହୋଇପଡ଼ିବ ଯେ ଏତେବଡ଼ କୋଠାଟାକୁ କୋଠାର ମାଲିକମାନଙ୍କଠୁ ଛଡ଼ାଇନେଇ ଜବରଦସ୍ତି ଦଖଲ କରୁଛନ୍ତି ଅସଂଖ୍ୟ ଅଧା-ଉପାସିଆ ଚୁଜ ଅଉ ବେଶ୍ୟାମାନେ, ଆଉ ସେମାନଙ୍କ ଛଡ଼ା ପ୍ରକାର ପ୍ରକାରର ଭାଙ୍ଗି ପଡ଼ିଥିବା ମଣିଷ, ସତେ ଯେମିତି ସମୁଦ୍ରରେ ମାଡ଼ ଖାଇ ଭାଙ୍ଗି ଯାଇଥିବା ବୁଡ଼ାବୁଡ଼ା ଜାହାଜ ପରି ମଣିଷଗୁଡ଼ିଏ, ସେଇ ଯେଉଁ-ମାନଙ୍କୁ ଦେଖିଲେ ଲାଗେ ଯେ ଏମାନେ ମରିସାରି ବି ବଞ୍ଚିରହିଛନ୍ତି ।

ଉପରମାହାଲକୁ ଚଢ଼ିବାକୁ ଯେଉଁ ସିଡ଼ି, ତାହାର ତଳେ ଫରସ୍ଥ ହୋଇ ମଝି ଦାଣ୍ଡଘର ବଖରାଟିଏ । ସିଡ଼ି ପାହାଚ ତଳେ ତା'ର ଗୋଟିଏ ଖଟ ଥାଏ । ଘର ସମ୍ମୁଖରେ ଯେଉଁଠି ଝରକା ଅଛି ସେ ଝରକା କଡ଼ରେ ତା' ଟେବୁଲଚୌକି ପଡ଼ିଥାଏ । ତା'ର ସେଠି ଆଉ କିଛି ନ ଥାଏ ।

ଏଇ ମଝିଘର ଭିତରକୁ ଢନଟା ବଖରାର ଦୁଆରମୁହଁ ଫିଟିଛି । ଯୋଡ଼ାକରେ ଥାଆନ୍ତି ବେଶ୍ୟାମାନେ । ଅର ବଖରାରେ ଜଣେ ଅଙ୍କଶାସ୍ତ୍ରବିତ୍‌, କିନ୍ତୁ ସେ ଯକ୍ଷ୍ମା-ରୋଗୀ । ଆଗେ ସେ ପଢ଼ାଉଥିଲା ଗୋଟିଏ ଉଚ୍ଚ ଶିକ୍ଷାନୁଷ୍ଠାନରେ । ସେ ହାଡ଼ଗୋଡ଼ ହୋଇ ଝେଙ୍ଗେଡ଼ା ଡେଙ୍ଗା ମଣିଷଟାଏ, ବିକଟାଳ ମୂର୍ତ୍ତି, ଦେଖିଲେ ଡର ମାଡ଼ିବ, ଦେହସାର ମେଣ୍ଢାବାଳ ପରି କରଡ଼ା ନାଲିଆ ନାଲିଆ ବଡ଼ ବଡ଼ ଲୋମ ବହଳ ହୋଇ ବଢ଼ିଛି, ପୋଷାକ କୋତର ଅଉ ଏମିତି ଅସ୍ଥିଚର୍ମ ଯେ ତା' ଜାମାବାଟେ ଠାଏ ଠାଏ ତା' ଦେହ ଫୁଟି ଦିଶୁଛି । ତା' ଛିଣ୍ଡା ମଇଳା ପୋଷାକର କଣା ବାଟେ ତା'ର ବୁଝୁରିତ ନେଳିଆ ପଡ଼ିଥିବା ଚମ ଦିଶେ, ଆଉ ବାଦାକାଠି ପରି ତା' ପଞ୍ଜରହାଡ଼ ଗଣିହୁଏ ।

ସେ ସବୁବେଳେ ତା'ନଖ କାମୁଡ଼ୁଥାଏ, ସତେ ଯେମିତି ସେ ତା'ନଖଗୁଡ଼ାକୁ ଖାଇ ଖାଇ ବଞ୍ଚିଛି, ଆଉ କିଛି ଖାଇଲା ପରି ଜଣାପଡ଼େ ନାହିଁ । ଦିନ ଦିନ ସାଠ ସାଠ ବସି ବସି ସେ କଣ ଗୁଡ଼ାଏ ଅଙ୍କ କଷୁଥାଏ ଆଉ କଣ ଗୁଡ଼ାଏ ଲେଖୁଥାଏ; ଆଉ ଅନବରତ ସେ କାଶୁଥାଏ । ଗୁମ୍ ଗୁମ୍ ଘାଉଁ ଘାଉଁ ହୋଇ ବଡ଼ ଗମ୍ଭୀର ଶୁଭେ ତା କାଶ । ବେଶ୍ୟାମାନେ ଭାବୁଥିଲେ ଯେ ସେ ପାଗଳଟାଏ; ତାକୁ ଡରୁଥିଲେ, କିନ୍ତୁ ତାକୁ ଦୟା ପାଇ ସେମାନେ ତା ଘର ଦୁଆରମୁହଁ ଆରପଟେ ରୁଟି, ବୁହା, ଚିନି ଥୋଇ ଦେଇ ଯାଉଥିଲେ ! ସେ ପଦାକୁ ବାହାରିପଡ଼େ, ସେ ଜିନିଷପତ୍ରଗୁଡ଼ାକ ଗୋଟେଇନିଏ । ସେତକ ପରିଶ୍ରମରେ ସେ ଧଇଁ ସଇଁ ହୋଇଯାଏ, ସତେ ଯେମିତି କାମ ଭଣ୍ଡ କରି ଅକା ପଡ଼ିଥିବା ଘୋଡ଼ାଟିଏ ସଁ ସଁ ହୋଇଯାଉଛି । ସେମାନେ ଯଦି ତା ପାଇଁ ଖାଇବା ଜିନିଷ ଥୋଇଦେବାକୁ ଭୁଲିଯା'ନ୍ତି କି କୌଣସି କାରଣରୁ

Digitized by srujanika@gmail.com

ଆଣିଦେଇ ନପାରନ୍ତି, ତା'ହେଲେ ସେ ଦୁଆରମୁହଁରେ ଠିଆହୋଇ ସେ ମଝିଘର ଭିତରକୁ ଘାଗଡ଼ା ପାଟିରେ ଡ଼ାକେ :

"ଖାନା !"

ତା' ଆଖି ଦ'ଟା ଅନ୍ଧାର ଗାଡ଼ ଭିତରେ ପୋତହୋଇ ରହିଥାଏ; ଗୋଟାଏ ପାଗଳ କୁକୁର ଜନକୁ ଖୁବ ପ୍ରତାପୀ ବୋଲି ଭାବିଲେ ତା' ଆଖି ଯେମିତି ଗର୍ବରେ ଆଲୁଅ ଜକଜକ ହୁଏ, ତା' ଆଖି ବି ସେମିତି ଜଳିଉଠେ । ମଝିରେ ମଝିରେ ବହୁତ ବହୁତ ଦିନ ଛଡ଼ାରେ ତା' ପାଖକୁ ବୁଲିଆସେ ଗୋଟାଏ ଗ୍ରେଟିଆ ବୁଢ଼ା କମ୍ପ ବୁଷ । ଏଡ଼େ ବଡ଼ଟେ ମଣିଷ ଗଢ଼ଣଟା ଗୋଟାଏ ଅସୁର ପରି, ଗୋଟାଏ ଗୋଡ଼ ଅଷ୍ଟବକ୍ର । ତା' ମୁଣ୍ଡବାଳ ଖଇରିଆ, ନାକଟା ଫୁଲୁକା ଗେଣ୍ଡା ପରି, ତା' ଉପରେ ଯେଉଁ ଚଷମା ସେଥିରେ ବହୁତ ଶକ୍ତିବିଶିଷ୍ଟ ମୋଟା କାଚ; ଫାଳକିଆ ଶେଥା ମାଇଚିଆ ମୁହଁ; ସେଠି ଗୋଟାଏ ସିଆଣିଆ ହସର ଭଙ୍ଗୀ ଅନବରତ ଲାଖିରହିଥାଏ । ସେମାନେ ଟାଣ କରି କବାଟ କିଳିଦେଇ ଘଣ୍ଟା ଘଣ୍ଟାଯାକେ ଚୁପ୍‌ଚାପ୍ ବସିରହନ୍ତି । ଘରଟା ଭିତରୁ ଯେମିତିକି ଗୋଟାଏ ଅସ୍ୱାଭାବିକ ନୀରବତା ପଦାକୁ ଛିଟିକି ପଡ଼ୁଥାଏ । କେତେ ଦିନେ ରାତିରେ ଗଣିତ ପଣ୍ଡିତର ଘାଗଡ଼ା ପାଟିରେ ମୋ ନିଦ ଭାଙ୍ଗିଗଲା । ଶୁଭୁଥାଏ, ସେ ଗର୍ଜୁଛି :

"ଦେଖ୍, ମୁଁ କହୁଛି, ଜ୍ୟାମିତି ଗୋଟାଏ ଜେଲଖାନା; ଜେଲ ଛଡ଼ା ଆଉ କିଛି ନୁହେଁ । ହଁ, ଗୋଟାଏ ମୃତ୍ୟୁଯନ୍ତ୍ରା ! ଗୋଟାଏ ଜେଲଖାନା !"

ବୁଢ଼ା ଟିମା ଅସୁର କର୍କଶ ପାଟିରେ ଚଢ଼େଇ ବୋବେଇଲା ପରି ହସିଉଠିଲା । ବାରମ୍ବାର କଣ ଗୋଟାଏ ଅଖାଡ଼ୁଆ ଶବ୍ଦ ସେ କହୁଥାଏ, ମୁଁ ତାକୁ ବୁଝି-ପାରୁ ନ ଥାଏଁ । ତା'ପରେ ହଠାତ୍ ଗଣିତ ପଣ୍ଡିତ ଚିତ୍କାର କଲା :

"ଯା' ଶଳା, ଭାଗ୍ ! ପଳା ଏ ଘରୁ, ମୁଁ କହୁଛି !"

ଆଗନ୍ତୁକ ରାଗରେ ଘୁ ଘୁ ହେଉଥାଏ, ଘୁଙ୍ଗୁରା ପରି ବୋବାଉଥାଏ । ସେ ମଝି-ଘର ବାଟେ ବାହାରି ଚାଲିଗଲା । ତରତର କରି ଗୋଟାଏ ଓସାରିଆ ଲମ୍ବା କୋଟ୍ ଘାଲେଇ ପକାଇଲା । ଗଣିତ ପଣ୍ଡିତ ତା'ଘର ଦୁଆରମୁହଁରେ ଅଧ ଠିଆ ହୋଇଥାଏ । ଧେଡ଼େଙ୍ଗା ବାଙ୍କଟାଳ ମୂର୍ତ୍ତିଟାଏ, ଆପଣା ମୁଣ୍ଡର ଜଟ ପରି ବାଳଗୁଡ଼ାକ ମୁଠେଇ ଧରିଥାଏ, ଦାନ୍ତ ଚପିଚପି ହଁ ହଁ ହୋଇ ପାଟି କଲା :

Digitized by srujanika@gmail.com

"ମୁକ୍ତି ଗୋଟାଏ ଝିଲ୍ଲୁ ! ଗୋଟାଏ ଝିଲ୍ଲୁ ! ମୁଁ ପ୍ରମାଣ କରି ଦେଖେଇ-ଦେବି ଯେ ଉଦବୋଧକର ତା'ଠୁ ବହୁତ ବେଶି ବୁଝି, ସେଇ ଗ୍ରୀସ୍ ଦେଶର ଲୋକଟାଠୁଁ ।"

ସେଇଠୁ ସେ ତା' ଘର ଭିତରେ ପଶିଗଲା । ଘର କବାଟଟାକୁ ଏତେ ଜୋରରେ ଧା'ଡ଼୍‌କିନା ପିଟି ବନ୍ଦ କଲା ଯେ ତା' ଘର ଭିତରେ କଣଟାଏ ଖଡ଼୍‌ଖଡ଼୍ ଶବ୍ଦ କରି ତଳେ ପଡ଼ିଗଲା ।

ମୁଁ ଅତି ଶୀଘ୍ର ଜାଣିପାରିଲି ଯେ ସେ ଲୋକଟି ଲାଗିପଡ଼ିଥିଲା ଉଚ୍ଚତର ଗଣିତଶାସ୍ତ୍ର ପ୍ରୟୋଗ କରି କରି ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣ କରିବା ଉଦ୍ଦେଶ୍ୟରେ । କିନ୍ତୁ ସେ ଜୀବନ୍ତ ତା' ଉଦ୍ଦେଶ୍ୟରେ ସିଦ୍ଧି ନ ପାଇଣୁ ମରିଗଲା ।

ପ୍ଲେଟ୍‌ନିଅର୍ କାମ କରୁଥାଏ ଗୋଟାଏ ଛାପାଖାନାରେ । ତା'କାମ ଗୋଟିଏ ଖବରକାଗଜର ପ୍ରୁଫ୍ କାଗଜକୁ ରାତିରେ ପଢ଼ି ପଢ଼ି ସଂଶୋଧନ କରିବା । ରାତିକେ ତା' ରୋଜଗାର ଏଗାର କୋପେକ୍ । ଯଦି ମୋର କିଛି ରୋଜଗାର ନ ଥାଏ, ଆମେ ଦୁହେଁ ଦିନ ଗୋଟାଏ ଚଳେଇଦେଉଁ ଗୁରି ପାଉଣ୍ଡ ପାଉଁରୁଟି, ଦୁ' କୋପେକ୍‌ର ସୁହା ଓ ତିନି କୋପେକ୍‌ର ଚିନିରେ । ରୋଜଗାର କରିବାପାଇଁ ମତେ ସମୟ ବି କ୍ୱଚିତ୍ ମିଳେ, କାରଣ ମତେ ପାଠ ପଢ଼ିବାକୁ ପଡ଼ୁଥାଏ । ପାଠପଢ଼ାରେ ମତେ ହାଡ଼ଭଙ୍ଗା ଖଟଣି କରିବା ଦରକାର ପଡ଼ୁଥାଏ । ବେଶି ଜାକେଦମ୍ ହେଉଥିଲି ବ୍ୟାକରଣରେ ବିଜ୍ଞାନ ପଢ଼ିଲାବେଳେ । ତା'ର ପ୍ରତ୍ୟୟ, ବିଭକ୍ତି ଆଦିର ନିୟମର ପଞ୍ଜରା ଏତିକି ସଂକୀର୍ଣ୍ଣ, ତା' ଗଢ଼ଣର ହାଡ଼ ଏମିତି ପଥର ପାଲଟିଛି, ମୁଁ ଦେଖିଲି ଯେ ତା'ର ସେଇ ଅଣଓସାରିଆ ଚାଟରେ ରୁଷ ଭାଷାକୁ ଗେଞ୍ଜିଗାଞ୍ଜି ଭର୍ତ୍ତି କରିବା ମୋ ଶକ୍ତିର ବାହାରେ । କାରଣ ରୁଷ୍ ଭାଷା ବହୁତ ଜୀଅନ୍ତା, ବହୁତ କଷ୍ଟ, ମନଇଚ୍ଛା ନିଜ ଖିଆଲରେ ଯୁଆଡ଼େ ଇଚ୍ଛା ସିଆଡ଼େ ଯାଇପାରେ, ଯେମିତି ମନ ସେମିତି ରୂପ ଗଢ଼ିପାରେ, ଛନ୍ଦବନ୍ଧ ସା ହୋଇ ସେ ବହୁତୋମୁଖୀ ପ୍ରତିଭାଶାଳୀ ।

କିନ୍ତୁ ଅଳ୍ପଦିନ ପରେ ମୁଁ ଓ ମୋ ବନ୍ଧୁ ବୁଝିଲୁଁ ଯେ ମୁଁ ଯେଉଁ ପାଠ ଆରମ୍ଭ କରିଦେଇଛୁ ତାକୁ ପଢ଼ିବା ବେଳ ଆସିନାହିଁ । ମୁଁ 'ବହୁତ ଆଗରୁ' ଆରମ୍ଭ କରିଦେଇଛୁ ଓ ମୋର ବୟସ ଅଳ୍ପ । ତେଣୁ ଯଦିବା ମୁଁ ଗାଁ ମାଷ୍ଟରଙ୍କ ନିଯୁକ୍ତି ପରୀକ୍ଷାରେ ପାସ୍ କରିଯିବି, ମତେ ବର୍ତ୍ତମାନ ଚାକିରି ମିଳିବ ନାହିଁ । ଶୁଣି ଆଶ୍ୱସ୍ତ ହେଲି ।

Digitized by srujanika@gmail.com

ଫ୍ଲେଟ୍‌ନଅର୍‌ ଆଉ ମୁଁ ଏକା ଖଟରେ ଶୋଉଁ । ସେ ଶୁଏ ଦିନବେଳା, ମୁଁ ଶୁଏଁ ରାତିବେଳା । ସେ ଯେମିତି ସକାଳୁ ଘରେ ଆସି ପହଞ୍ଚୁଥାଏ, ରାତିଯାକ ଖଟି ଖଟି ବଚରା କ୍ଲାନ୍ତ, ତା' ମୁହଁ ଆହୁରି ଫୁଲା ଫୁଲା ମାଉଁସିଆ ଦିଶୁଥାଏ, ତା' ଆଖି କଟକଟ ହୋଇ ନାଲି ପଡ଼ିଯାଇଥାଏ,—ମୁଁ ଗରମ ପାଣି ଆଣିବାକୁ ହୋଟେଲକୁ ଧାଇଁଯାଏ । ଆମର ତ ଆଉ ପାଣି ଟିକିଏ ତତେଇବାକୁ ଚୂଲି ନ ଥିଲା । ତା' ପରେ, ଝରକା ପାଖରେ ପଡ଼ିଥିବା ଟେବୁଲ୍ କଡ଼ରେ ବସିପଡ଼ି ଆମେ ରୁଟି ଗୁହା ଜଳଖିଆ ଖାଇଦେଉଁ । ସକାଳ କାଗଜରେ ଯାହା ଖବର ବାହାରିଥାଏ ଗୁରୁ ତାକୁ ଘୋଷାକୁ ଘୋଷା ଗାଇଯାଏ । ଜଣେ ମାସିକ ସାମ୍ବାଦିକ ଖବରକାଗଜରେ ବ୍ୟଙ୍ଗ କବିତା ଛପାହୁଥାଏ; ନିଜ ନାଁ ଦିଏ, "ନାଲି ଗୋଲାମ"। ତା'ର ଯାହା ନୂଆ ଦୁଇ କବିତା ବାହାରିଥାଏ, ଗୁରୁ ତାକୁ ଧ୍ୱନି ଦେଇ ଗାଏ । ଜୀବନ ପ୍ରତି ତା'ର ଏଡ଼େ ବେପରୁଆ ହାଲୁକା ଭଙ୍ଗୀ ଦେଖି ମୁଁ ତ କାବା ହୋଇଯାଏଁ । ମୁହଁରେ ବି ମାଉଁସ ଥଲଥଲ ହେଉଥାଏ ସେ ଯେଉଁ ଗାଲ୍‌କନା ବୋଲି ମାଇକିନିଅଟାଏ ଥାଏ, କୁଟଣୀ ବେହେସା କରେ. ମାଇକିନିଅଙ୍କ ମଡ଼ାପୁରୁଣା ଲୁଗାପଟା ଓ ଗହଣାଗାଣ୍ଠି ସଂଗ୍ରହ କରି ବିକିବା ଯାହା ବୃତ୍ତି, ତା' ସଙ୍ଗରେ ଗୁରୁ ଯେମିତି ବ୍ୟବହାର କରେ, ଜୀବନ ସଙ୍ଗରେ ଅବିକଳ ସେମିତି ବ୍ୟବହାର କରେ ବୋଲି ମୋର ଧାରଣା ହେଲା ।

ଉପର ମହଲାକୁ ଚଢ଼ିବା ପାହାଚ ତଳେ ସେ ଯେଉଁ ଗ୍ରେଟିଆ ଖାଲଭଳିଆ ଜାଗାଟି ଦଖଲ କରି ରହୁଥାଏ, ସେ ଜାଗାକୁ ଗୁରୁ ଭଡ଼ାରେ ନେଇଥିଲା ସେହି ମାଇକିନାଠୁଁ । ଏସବୁ 'ବସା' ସକାଶେ ଭଡ଼ା ଗଣିବାକୁ ତା'ଠିଁ ତ ପଇସା ନ ଥାଏ; ତେଣୁ ସେ ଭଡ଼ା ବଦଳକୁ ତାକୁ ଶୁଣାଏ ରହସ୍ୟ କଥା, ବେହେଲାରୁ ରାଗିଣୀ ଓ ଭାବ-ଆବେଗମୟ ସଙ୍ଗୀତଗୁଡ଼ିଏ । ସେସବୁ ଦେଲାବେଳେ ଲାଗୁଥାଏ ଅନ୍ଧାତାମସା କଳାପରି, ତା' ଆଖିରେ ଫୁଟିଉଠିଥାଏ ଟିକିଏ ଡାଲୁଲାମୟ ଝଲକ । ସେ ସ୍ତ୍ରୀଲୋକ ଗାଲ୍‌କନା ତା' ବୟସବେଳେ ଯାତ୍ରା ଆଖଡ଼ାର ଗାଉଣୀ ଯୁବତୀମାନଙ୍କ ସଙ୍ଗରେ ମିଶି ଯାତ୍ରାରେ ଗୀତ ଗାଉଥିଲା । ତେଣୁ ଟୋଟାଏ ରାଗିଣୀର ମୂଲ୍ୟ କ'ଣ ତା' ସେ ବୁଝୁଥିଲା । ଅନେକ ସମୟରେ ସଙ୍ଗୀତ ଶୁଣି ଶୁଣି ସେ କାନ୍ଦିପକାଏ । ତା'ର ପିଉଳ ପଣ୍ଡ ସ୍ନିବସ୍ଥାନ ନଷ୍ଟ ଭ ଆଖିରୁ ସାନ ସାନ ଲୁହ ଟୋପାଗୁଡ଼ାଏ ଅଜାଡ଼ି ହୋଇପଡ଼େ, ତା'ର ଫୁଲୁକା ଫୁଲୁକା ନାଲିଆ ଗାଲ ଉପରେ ପଡ଼ି ଗଡ଼ିଯାଏ । ସେ ଗାଲ ଦେଖି ଜାଣିହୁଏ ଯେ ସେ ବହୁତ ମଦ ପିଏ ଆଉ ଖାଇବାପରରେ ସେ ପେଟଟାଏ । ମୋଟା ମୋଟା ଆଙ୍ଗୁଠିରେ ଗାଲରୁ ଲୁହ ଝାଡ଼ିପୋଛିଦେଇ ଆଙ୍ଗୁଠିଗୁଡ଼ାକୁ ବହୁତ ଯତ୍ନରେ ଘୋଷାଏ ମଇଳା ରୁମାଲରେ ସେ ପୋଛିପକାଏ ।

ଦୀର୍ଘଶ୍ୱାସ ପକାଇ ସେ କହେ, "ଆଃ ! ଗୁରୁ ! ଗୁରୁ ! କଣ ତୁମେ ସତେ ! ତୁମେ ଜଣେ ପ୍ରକୃତ କଳାକାର । ତେହେଲେ ଆଉ ଟିକିଏ ବାଗର

Digitized by srujanika@gmail.com

ହୋଇଥାନ୍ତା ନ, ମୁଁ ତା' ହେଲେ ତୁମ ପାଇଁ ସବୁ ଠିକ୍ଠାକ୍ କରିଦେଇଥାନ୍ତି । ଏକୁଟିଆ ଜୀବନ ବିତେଇ ବିତେଇ ଯେଉଁ ମାଇକିନିଆମାନଙ୍କ ହୃଦ ଭିତର ମରୁ-ଚଳକି ହୁଏ, ପଣ ପଣ ସୁନ୍ଦରିଆ ଯବାନ୍ ଟୋକାଙ୍କ ପାଇଁ ମୁଁ କେତେ ସେମିତ ଜୁଟେଇ ନ ଦେଇଚ !"

ସେମିତିଆ ଜଣେ 'ଯବାନ ଟୋକା' ଥାଏ ଠିକ୍ ଆମ ମୁଣ୍ଡ ଉପରେ ଅଟ୍ଟପର ଗୋଟାଏ ସାନ ବଖରାରେ । ସେ ଜଣେ ଗ୍ରୁଫ । ତା' ବାପ କାମ କରେ ଜଣେ ଭୂମଭୂମିଆ ଚମଡ଼ାର ପୋଷାକ ତିଆରି କରୁଥିବା କାରିଗର ପାଖରେ । ଟୋକାଟି ଢେଙ୍ଗା ନୁହେଁ କି ଡାଙ୍ଗର ନୁହେଁ, ମଝିଭଳିଆ । ଗ୍ରୁଢ ବହୁତ ଓସାର । ପିଠି ଦ'ଫାଳ ଅତି ସରୁ, ଅସ୍ୱାଭାବିକ ପ୍ରକାରେ । ସେ ଦିଶୁଥାଏ ଶୀର୍ଷବିନ୍ଦୁ ଉପରେ ଦଣ୍ଡାୟମାନ ଗୋଟିଏ ତ୍ରିଭୁଜ ପରି; ଶୀର୍ଷବିନ୍ଦୁର ଅଗ ପାଖଟା କିଏ କାଟି ଉଡ଼େଇଦେଲେ ଯେମିତି ଦିଶନ୍ତା, ସେମିତି । ମାଇକିନିଆ ପାଦ ପରି ତା' ପାଦ ଖୁବ ସାନ ସାନ । ଦ' କାନ୍ଧ ମଝିରେ ତା' ମୁଣ୍ଡ ତଳକୁ ଓହଳିଥାଏ । ମୁଣ୍ଡ ବି ଖୁବ ସାନ; ତା' ଉପରେ ଉଜ୍ଜ୍ୱଳ ନାଲି ମୁଣ୍ଡବାଳଗୁଡ଼ାକ କୁଣ୍ଡାଳିଆ ଟୋପି ପରି ଠିଆ ହୋଇ ରହିଥାଏ । ଶାଗୁଆ ଶାଗୁଆ ଆଖି, ଡୋଳାଯୋଡ଼ାକ ଡିମା ଡିମା ହୋଇ ପଦାକୁ ବାହାରିଛି, ଗମ୍ଭୀର ଶାନ୍ତ ଭାବରେ ଚକ୍ ଚକ୍ ଦିଶୁଛି । ମୁହଁଟା ଶେଥା, ନିରକ୍ତିଆ ।

ଘର ନ ଥିବା ବାରବୁଲା କୁକୁର ପରି ସୋଚରେ ତନ୍ତନ୍ ହୋଇ, ଅତଳନ ସାଧନା ଆଉ ପରିଶ୍ରମ କରି, ତା' ବାପ କଥାର ଅମାନିଆ ହୋଇ ସେ ଇସ୍କୁଲର କ୍ଲାସରୁ କ୍ଲାସ ଉଠି ଉଠି ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇ ସେଠି ମ୍ୟାଟ୍ରିକୁଲେସନ ପାସ୍ କରିସାରିଥାଏ । ତା' ପରେ ହଠାତ୍ ସେ ଆବିଷ୍କାର କଲା ସେ ଗୀତ ବୋଲିଲେ ତା' ସ୍ୱର ଶୁଭେ ଶଙ୍ଖ ପରି, ଶବ୍ଦ ଖୁବ୍ ଗମ୍ଭୀର ଓ ମଖମଲ ପରି ଚକ୍ଚକ । ସେଇଠୁ ତା' ମୁଣ୍ଡରେ ଧାରଣା ପଶିଲା, ସେ ଗୀତ ଶିଖିବ ।

ସେଇ କଥାକୁ ଥୋପ ପରି ବ୍ୟବହାର କରି ଗାଲ୍କନା ତାକୁ ଜାଲରେ ଧରିନେଲା ତା'ର ଜଣେ ଗରାଖି ସକାଶେ । ସେ ଜଣକ ବ୍ୟବସାୟୀ ଶ୍ରେଣୀର ଜଣେ ଭାରି ପଇସାବାଲା ମାଇକିନିଆ । ତା' ବୟସ ଚାଳିଶି ସରିକି ହେବ । ତା'ର ଭେଣ୍ଡା ପୁଅଟିଏ ଯେ ସେ ବିଶ୍ୱବିଦ୍ୟାଳୟରେ ପଢ଼ୁଥାଏ ତୃତୀୟ ବାର୍ଷିକ ଶ୍ରେଣୀରେ । ତା'ର ପୁଣି ଆଉ ଗୋଟିଏ ପିଲା, ଝିଅଟିଏ; ସେ ଇସ୍କୁଲର ସବାଶେଷ କ୍ଲାସ୍ରେ ପାଠ ପଢ଼େ । ମାଇକିନିଆଟା ଦେଖିବାକୁ ହଡ଼ାଟାଏ ପରି, ହାଡ଼ହାଡ଼ୁଆ । ତା' ଛାତିଟା ପଟା ପରି ସମାନ । ତା' ଠିଆଠାଣି ଟାଙ୍କି ହୋଇ ନାଠହୋଇ ଏକଦମ୍ ସିଧା, ସତେ ଯେମିତି ଜଣେ ସୈନିକ ଠିଆ ହୋଇଛି । ତା' ମୁହଁରେ କାମନାର

Digitized by srujanika@gmail.com

ଲେଶ ମାତ୍ର ଚିହ୍ନ ନାହିଁ, ସତେ ଯେମିତି ସେ ମୁହଁ କେଉଁ ବୃଦ୍ଧବ୍ରାହ୍ମଣୀ ମାତାଙ୍କ ମୁହଁ । ତା' ଅଖିଯୋଡ଼ିକ ବଡ଼ ବଡ଼, ଖଇଣଥ: ଅନ୍ଧାରୁଆ ଗାତ ଭିତରେ ସେ ଆଖିଯୋଡ଼ିକ ଲୁଚିଯାଇଥାଏ । ସେ ସବୁବେଳେ କଳା ବର୍ଣ୍ଣର ପୋଷାକ ପିନ୍ଧିଥାଏ । ତା' ମୁଣ୍ଡରେ ପୁରୁଣାକାଳିଆ କଳା ଫାଟକନାର ରୁମାଲଟାଏ ବନ୍ଧା ହୋଇଥାଏ । ସେ କାନରେ ପଥରବସା ମାଙ୍କଡ଼ି ନାଇଥାଏ ଯେ ବୃକ୍ଷ ଯେମିତି ଶାଗୁଆ ଦିଶେ ସେ ପଥରର ବର୍ଣ୍ଣ ସେମିତି ।

ମଝିରେ ମଝିରେ ଯେତେବେଳେ ସନ୍ଧ୍ୟା ଗଡ଼ିଯାଇଥାଏ, ନ ହେଲେ ଖୁବ୍ ପାହାନ୍ତି ପହରରେ ସେ ମାଇକେଲଅ ତା'ର ସେ ଗ୍ରୁପକୁ ଖୋଜିବାକୁ ବୁଲିଆସେ । ଦିଶେ ସେ ଏକମୁହାଁ ହୋଇ ଅଗଣା ଟପି ମାଡ଼ିଆସୁଛି, ଠାଣିରେ ଦୃଢ଼ ପ୍ରତିଜ୍ଞା, ମୁହଁକୁ ଅନାଇଲେ ଡରମାଡ଼େ; ଓଠରେ ଓଠ ଏମିତି ଚାପ ପଡ଼ିଯାଇଛି ଯେ ସେତେ ଯେମିତି ଓଠ କେଉଁଠି ଅଛି, ବାରିହେଉନାହିଁ; କେବଳ ନୈରାଶ୍ୟମୟ ଆଖିଦି'ଟି; ସିଧା ସାମ୍ନାକୁ ତା ଦୃଷ୍ଟି, ଆଖିରେ ପଲକ ପଡ଼ୁନାହିଁ; ତର ତର ହୋଇ ଖୋଲା ରହିଛି ସେ ଅଖି, ତଥାପି ଜାଗ୍ରତ ସେ ଅନ୍ଧ ଆଖି, ଦେଖିପାରୁନାହିଁ । ତାକୁ ଅସୁନ୍ଦର କହିହେବ ନାହିଁ । ସେ ଯେଉଁ ଉତ୍ତେଜନାରେ ଟାଙ୍ଗି ହୋଇ ରହିଛି ବୋଲି ସହଜରେ ଜଣା ପଡ଼ିଯାଉଛି ସେଇଥିରେ ତା' ଚେହେରା ବିରୂପ ଦିଶୁଛି, ଯେମିତିକି ତାର ଉତ୍ତେଜନା ତା' ହାଡଗୋଡ଼ଗୁଡ଼ାକୁ ଓଟାରି ଲମ୍ବେଇ-ଦେଉଛି, ଆଉ ଅତି ନିର୍ମମ ଭାବରେ ତା' ଚେହେରାକୁ ଚୂଣିଝାଣି ସେମେଟା କରି-ଦେଉଛି ।

"ନା, ନା," ପ୍ଲେଟ୍‌ନଅଭ୍ ମନେ କହେ, "କେମିତି ଗୋଟାଏ ପାଗଳୀ ପରି ସେ ମାଇକେଲଅଟା ।"

ଗ୍ରୁପ୍‌ଟା ତାକୁ ଘୃଣା କରୁଥାଏ, ତା'ଠୁ ଥକ୍କେଇ ଆଡ଼େଇ, ରହେ, ଆଉ ସେ ଯେ, ଯାହା କହନ୍ତୁ କମ୍ପାନୀ ନାହିଁ ଗ୍ରୁପ୍‌ଟା, ଗୋଟାଏ ଗୁଇନା ଭଳିଆ ତା' ପଛରେ ଲାଗିଥାଏ, ନହେଲେ ଗୋଟାଏ ନଗ୍ରେଡ଼ବନ୍ଧା ମହାଜନ ଭଳି ।

ମଦ ଟିକିଏ ପଡ଼ିଗଲେ ସେ ବିକଳ ହୋଇ ବାହୁନେ, "ମୋ ମହତ ଗଲା । ମୁଁ ଏଡ଼େ କଷ୍ଟରେ ଗଳା ସାଧି ସାଧି ଗୀତ ବୋଲିଲେ ସେଥିରୁ ମତେ କଣ ମିଳିବ ? ମୋର ଏ ଯେଉଁ ଚେହେରା, ଏ ଯେଉଁ ମୁହଁ, ଯାକୁ ଦେଖି କିଏ ମତେ ରଙ୍ଗମଞ୍ଚର ପାଖ ପଶିବାକୁ ଦେବ ଯେ ମୁଁ ରଙ୍ଗମଞ୍ଚରେ ଠିଆ ହୋଇ ଗୀତ ବୋଲିବ ! ନାଃ, ମତେ ରଙ୍ଗମଞ୍ଚ କଡ଼କ ବି ଯିବାକୁ ଛାଡ଼ିବେ ନାହିଁ !"

Digitized by srujanika@gmail.com

ପ୍ଲେଟନଅଭ୍ କୁହଁଏ, "ଆହ, ତେଣେ ଆଉ ମନ ବଳାନ୍ତା !"

"କାହିଁକି ରେ ଭାଇ ! ତା' ପାଇଁ ମନ ଖ'ରା ହଉଚି, ଆଉ କଣ କହିବି ? ଅହା ବିଚରା ! ହେଲେ, ମତେ ଘୃଣା ଲାଗେ, ତା' ହାତରେ ମୋର ଚଳିବ ନାହିଁ । ତଥାପି, ତା' ପାଇଁ ମୁଁ ଦୁଃଖିତ । ତେମେ ଯଦି ଜାଣିଥାନ୍ତ କେମିତି ସେ ହଏ, କଣ...."

ଆମେ ଜାଣିଥିଲୁଁ ! ରାତିରେ ତା' ପାଟି ଆମେ ଶୁଣିଚୁଁ । ଉପର ମାହାଳକୁ ଉଠିବା ପାହାଚ ଉପରେ ବିଚରା ଠିଆ ହୋଇଥିବ, ଏବଂ ରାହାକେ ତଣ୍ଡି ଅରେଇ ଅରେଇ ଥକା କରୁଥିବ :

"ହେଇ, ଶୁଣ ମ, ତମ୍ଭକୁ ଠାକୁରଙ୍କ ରାଣ...ମୋ ସୁନା, ମୋ ରଜା, ମୋ ପ୍ରାଣାଧିକ, ତମ୍ଭକୁ ଠାକୁରଙ୍କ ରାଣ !"

ସେ ଗୋଟାଏ ଚେଡ଼ ଚାଖାନ ର ମାଲିକାଣୀ । ତା'ର ବହୁତ ଜମିବାଡ଼ି । ତା' ନଜର ବହୁତ ଯୋଡ଼ା । ଝିଅପିଲାଏ ଧାଇକାମ ଶିଖିବେ ବୋଲି ଗୋଟିଏ ଇସ୍କୁଲ୍ ଚଳାଇବାକୁ ସେ ହଜାର ହଜାର ଟଙ୍କା ଦାନ ଦେଇଥାଏ । ନକେ ସେ ଭିକାରୁଣୀ ପରି ପ୍ରେମଭିକ୍ଷା ମାଗୁଥାଏ ଅନୁନୟ ବିନୟ କରି ।

ସକାଳ ଜଳଖିଆ ପରେ ପ୍ଲେଟନଅଭ୍ ଖଟରେ ଶୋଇବାକୁ ଚାଲିଯାଏ; ମୁଁ ଚାଲିଯାଏଁ କାମ ଖୋଜି । ବାହୁଡ଼ିଆସେଁ ସଞ୍ଜବୁଡ଼େ ବେଳରେ । ସେତେବେଳକୁ ତା'ର ବେଳ ହୋଇଥାଏ ଛାପାଖାନା ଅଫିସକୁ ବାହାରିବାକୁ । ମୁଁ ଯଦି କିଛି ଖାଇବା ଜିନିଷ କିଛି ଆଣିଥାଏଁ—ଏଇ ରୁଟି ହେଉଛି, ତେବେ ଆମେ ତାକୁ ଦୁ'ଭାଗ କରିଦେଉଁ । ସେ ତା' ଭାଗକ ନେଇ କାମ କରିବାକୁ ଚାଲିଯାଏ ।

ସେ ଜଳରୁ ମୁଁ ଆମ 'ମାରୁସଭ୍କା' କୋଠାରେ ବଡ଼ ବଡ଼ ଘରଯାକ ବାଟଯାକ ଏକଦମ ସେକଦମ ବୁଲି ବୁଲି ସେଠିକା ସେଇ ସେଉଁ ବାସିନ୍ଦାମାନେ, ଯେଉଁମାନେ ମୋ ଆଖିକୁ ନୂଆ, କେବେ ନ ଦେଖିଥିବା ଅଚିହ୍ନା ମଣିଷଗୁଡ଼ିଏ, କୁତୂହଳରେ ଦେଖୁଥାଏଁ ସେମାନେ କେମିତି ଚଳୁଛନ୍ତି । 'ମାରୁସଭ୍କା' କୋଠାରେ ଅସଂଖ୍ୟ ଲୋକଙ୍କ ବସତି । ସେଇଟା ଯେମିତି ସାକ୍ଷାତ୍ ଉଇହୁଙ୍କାଟାଏ; ମଣିଷ ଉଇପରି ସାଲୁସାଲୁ ଲୁବୁଲୁବୁ । ସେ କୋଠାଯାକ ନାନା ପ୍ରକାରର ଅମ୍ଳିଆ ଗନ୍ଧ; କେଉଁଠୁ କେଉଁ ଗନ୍ଧ ବାହାରେ, ଜାଣିହେବ ନାହିଁ । ନାକ ପୋଡ଼େ । ପ୍ରତି କୋଣରେ ଲୁଚି ଲୁଚି ରହିଥାଏ ମସ୍ତ ବଡ଼ ବଡ଼ ମୂଷା, ସେଗୁଡ଼ାକ ମଣିଷର ଶତ୍ରୁ ।

Digitized by srujanika@gmail.com

ସେବାକୁ ଉଣାଗଣ୍ଡଯାବେ ସେଠି ମଣିଷର ଜୀବନସଂହାର ହାହାକାର ଲାଗି-
ରହିଥାଏ । ଶୁଭୁଥାଏ, ମାଇକିନିଆ ଦରଜିମାନେ ଅନବରତ ସିଲେଇକଳ ଚଲେଇ
କାନ ଅତରା ପକେଇ ପକେଇ ଝଟର ଖଟର କରୁଥାନ୍ତି; ଯାହାର ଗାୟଣୀ ଝିଅପିଲା
ଅଶ୍ଳୀଳ ଅଶ୍ଳୀଳ ସବୁ ଗଳାରେ ଗୀତ ଚଲେଇଥାନ୍ତି ; ଉପର ମାହାଲର ସେ
ସ୍ଥୂଳ ଜଣକ ମେଘ-ଗମ୍ଭୀର ସ୍ୱରରେ ଗୀତ ଗାଉଥାଏ, ହଦାସ୍-ମୁଦାସ୍-ଭାସ୍
ହୋଇ ବିବିଧ ଭଙ୍ଗୀରେ ଗଡ଼ଗଡ଼ିକା ଲହରି ଖେଳୁଥାଏ ତା' ସ୍ୱର, ମଦ ପିଇ ପିଇ
ସତ୍ୟାନାଶ ହୋଇଥିବା ଗୋଟାଏ ଅଧା ପାଗଳ ଅର୍କେଷ୍ଟ୍ରାର ସଙ୍ଗୀତମସ୍ତ ସ୍ୱରରେ
ଝୁଲୁଥାଏ ମାତାଲର ବାସ୍ତୁଲତା; ଆଉ ଶୁଭୁଥାଏ ବେଶ୍ୟାଗୁଡ଼ାଙ୍କର ଚିର୍ଚ୍ଚିରେଇଲା
ପରି ପାଟି, ହାଉଳି, ଯେମିତି ଡାଆଣୀ ଲାଗିଛି, ଆଉ ତାଙ୍କର ମଦୁଆ ଚତ୍କାର ।

ଆଉ ମୋ ମନରେ ଉଠେ ଗୋଟିଏ ସ୍ୱାଭାବିକ ପ୍ରଶ୍ନ, ଯାହାକୁ ଉତ୍ତର ନାହିଁ — ସେ···

"ଏଗୁଡ଼ାକର ମାନେ କଣ ?"

ସେ ଘରେ ଗୋଟାଏ ଲୋକ ଥାଏ, ଉପାସରେ ପଡ଼ିଥିବା ଯୁବକମାନଙ୍କ କଥାଏ କଥାଏ ଉଦ୍ଦେଶ୍ୟହୀନ ସ୍ୱରରେ ଖାଲି ଏପଟ ସେପଟ ହେଉଥାଏ । ତା' ମୁଣ୍ଡରେ ମଝିରେ ଚନ୍ଦା ଅଛାଏ, ସେ ଚନ୍ଦା ବ୍ୟାପିଯାଇଛି, ତା' ଗ୍ରୀବପାଖେ ହଳଦିଆ ଗାଜର ବର୍ଣ୍ଣର କରଡ଼ା ମୁଣ୍ଡବାଳ, ଅଣ୍ଟିକା-ପେଟା, ଛେଳି-ଗୋଡ଼ିଆ ସେ ଲୋକ । ଟାକୁଆ ଗାଲରେ ହାଡ଼ ପରି ହାଡ଼ଗୁଡ଼ାକ ଠିଆ ହୋଇଛି । ପ୍ରକାଣ୍ଡ ହାଉଁଆ ପାଟି, ତା ଭିତରେ ହଳଦିଆ ହଳଦିଆ ହୋଇ ଘୋଡ଼ାଦାନ୍ତ ପରି ବଡ଼ ବଡ଼ ଦାନ୍ତ । ଏଇ ଦାନ୍ତ ପାଇଁ ଲୋକେ ତାକୁ ଗୋଟାଏ ନାଁ ଦେଇଥିଲେ "ଗାଜରିଆ ନାଗ୍" । ସମ୍ବଲପୁର ସହରରେ ତା'ର କେଉଁ ବନ୍ଧୁବାନ୍ଧବମାନେ ବ୍ୟବସାୟ କରନ୍ତି, ତାଙ୍କ ସଙ୍ଗରେ ତା'ର ଗୋଟାଏ ମକଦ୍ଦମା ଲାଗିଥାଏ ସେ ଢେର ବର୍ଷ ଧରିଥାଏ ।

ଯାହାର ଶୁଣିବାକୁ ବେଳ ଥାଏ, ତା' ଆଗରେ ସେ ବାହାପିଅମି କରେ :

"ମୁଁ ତ ମରିଯିବି । ହେଲେ, ତାଙ୍କର ସର୍ବନାଶ କରିଦେଇଯିବି । ତାଙ୍କର ଶେଷ କପର୍ଦ୍ଦକ ବି ଯିବ । ତାଙ୍କୁ ଭିକ ମଗେଇବି, ଖପରରେ ଖୁଆଇବି । ଢେର ବର୍ଷ ସେମାନେ ଭିକ ମାଗି ମାଗି ବଞ୍ଚିବେ ଉତ୍ତାରୁ ସେଇଠୁ କଣ କରିବି ନା, ମକଦ୍ଦମା ଜିଣି ଯେତେ ଯାହା ମୁଁ ପାଇଥିବି, ସବୁ ତାଙ୍କୁ ଲେଉଟାଇଦେବି । ସବୁ ଦେଇଦେବି ! ସେଇଠୁ ତାଙ୍କୁ କହିବି, 'ପାଇଲ ମଜା ! ଦେଖିଲ ! ଅଇଚ୍ଛା ଆଉ ମତେ କଣ କହିବ ? ଦେଖିବ ରହିଥା, ମେରଆ ନବନ ।"

Digitized by srujanika@gmail.com

କେବେ ପଚ୍ଚାରନ୍ତି, "ତା'ହେଲେ ବାପ୍, ସେଇଆ କ'ଣ ତମ ଜୀବନର ଲକ୍ଷ୍ୟ ?"

ଆଉ ସେ କହେ, "ଆଉ ପଚ୍ଚାରୁଚ ? ଆଉ ଅନ୍ୟ କଥା ନାହିଁ, ସେଇକଥା । କଣ ଖାଲି ଶୁଣିକଥା ? ପଥରରେ ଗାରଟି ! ଏ ହୃଦ ଭିତରେ ଖାଲି ସେଇକଥା ଜପୁଚି । ଆଉ କେଉଁ କଥା ମୋ ମୁଣ୍ଡରେ ପଶୁନାହିଁ ।"

ତା' ଦିନ କଟିଯାଉଥିଲା ଖାଲି ଏ କଚେରୀରୁ ସେ କଚେରୀ ଯାଇ ଯାଇ, ଜିଲ୍ଲା ଅଦାଲତ, ପୁଣି ତାଠୁ ବଡ଼ ଅଦାଲତମାନଙ୍କରେ, ନ ହେଲେ ତା' ଓକିଲର ଭିତର ଘରେ । ଥରେ ଥରେ ସଞ୍ଜରେ ସେ ଘୋଡ଼ାଗାଡ଼ି ଚଢ଼ି ବସାରେ ଆସି ପହଞ୍ଚୁଥାଏ । ଗାଡ଼ିରେ ବୋଝେଇ ହୋଇଥିବ ବହୁତ ମୁଣି, ବହୁତ ବୁଜୁଲି, ବହୁତ ବୋତଲ । ସେ ଯେଉଁ ବଖରାରେ ରହେ, ଯହିଁ ସ୍ତ୍ରୀ ଘାତ ଦେବଯାଇ ଓହ୍ଲାଇଲା ପରି ଦିଶୁଛି, ଚଟାଣ-ଯାକ ଛିପଗଲି, ସେଇ ବଖରାରେ ସେ ଦିଏ ଭୋଜି, ଯେ ' ଯା'କହେ । ସେ ଡାକେ ଆଣିଥାଏ ଗୁଣ୍ଡମାନଙ୍କୁ, ଦକେଇତାମ କରିବାର ମାଇକିନିଆମାନଙ୍କୁ, ଯାହାକୁ ମନ ତାକୁ, ଯାହାର ଦରକାର ମୁଠିଏ ପେଟପୁରା ଖାଇବ, ମଦ ଟୋପିଏ ପିଇବ, ତାକୁ ଡ଼ାକଆଣି ବସାଏ ।

'ଗାଡ଼ିଭଡ଼ା ନାଗ୍' ନିଜେ ପିଇଲାବେଳକୁ ଖାଲି ରମ୍ ମଦ ପିଏ । ଟେବୁଲ ଘୋଡ଼ଣି କନା ଉପରେ, ତା' ପିନ୍ଧାଲୁଗା ଉପରେ, ଏପରି କି ଚଟାଣ ଉପରେ ସେ ମଦର ଗାଢ଼ କାଳିଆ ଭାଲିଆ ଦାଗ ଲାଗିଯାଏ, ଆଉ ଛୁଟେ ନାହିଁ ।

କେତେ ଗିଲାସ ପିଇସାରିଲା ପରେ ସେ ବାହୁନା ଆରମ୍ଭ କରିଦିଏ । ବାହୁନେ:

"ଆରେ ମୋର ଚଢ଼େଇମାନେ ରେ ! ଆରେ ମୋ ଟିକି ଚଢ଼େଇ-ମାନେ ରେ ! ଆରେ ମୁଁ ତମକୁ ପ୍ରାଣରୁ ବଳି ଭଲ ପାଏଁ ରେ ! ଆରେ ତେମେ ସବୁ କେଡ଼େ ଭଲ ମଣିଷ ରେ ! ଆଉ ମୁଁ ଟା ବଜ୍ଜାତ୍, ସଇତାନ୍, ବଦ୍‌ମାସ୍ । ମୁଁ ଟା ମଣିଷ ଲୁହେଁ,ଗୋଟେ ଜନ୍ତୁ।ରଟାଏ । ଆପଣା ବନ୍ଧୁ ବାନ୍ଧବଙ୍କୁ ସତ୍ୟାନାଶ କରିବାକୁ ବସିଛୁ ! ଆଉ କଣଦେବ, ସତ୍ୟାନାଶ କରିଦେବ ତାଙ୍କୁ ଭଗବାନଙ୍କ ଆଗରେ, ସତ କହୁଛୁ, କରିବ । ସେଇଠୁ ମରିବ । ତେବେ...."

ତା'ର ଶୋକାକୁଳ ମିଞ୍ଜି ମିଞ୍ଜି ଅଖିରୁ ମଦନଶାର ଲୁହ ଟପଟପ ହୋଇ ଝଡ଼ିପଡ଼ୁଥାଏ ତାର ବିକୃତ ଅସୁନ୍ଦର ମୁହଁ ଉପରେ । ସେ ହାତଚଳାରେ ଲୁହ ପୋଛୁଦିଏ । ହାତକୁ ଅଣ୍ଟାରେ ଘଷିଦିଏ । ତା' ପ୍ୟାଣ୍ଟ ଉପରଯାକ ତର୍ବ-ପୋଛା ଦାଗଗୁଡ଼ାଏ ଲାଗିଥାଏ ।

Digitized by srujanika@gmail.com

ସେ ପାଟିକରେ, "କେତେ କଷ୍ଟରେ ତେମେ ସବୁ ଚଳୁଚ ରେ ! ଆହା, ଝୋଳରେ ତ ପେଟ ଜଳୁଚ ରେ, ଶୀତରେ ତମ ଦେହ ଫଟେ ହୋଇ-ଯାଉଚ, ପିଠିରେ ଚଟକନା । ନା, ଆଉ କଣ ଅଧିକା ? ଏଥିରେ କ ପାଠ ପଢ଼ିବ ? ଏ ଦେଶ ରଜା ଭଲ ଜାଣନ୍ତେ ତୁମେ କ ଦୁଃଖରେ ଚଳୁଚ ! ଆହା !"

ପକେଟରୁ ମୁଠାଏ ଚକଚକ କାଗଜ ଓଟାରିନେଇ ସେ ପାଟି କରିବ :

"କାହାର ଟଙ୍କା ଦରକାର ? ହେଇଟି ନଅ ରେ ! ଅରେ, ନଅ ରେ ସବୁ !"

ସେଇଠି ଯାତ୍ରାପାର୍ଟିର ଗାଆଣୀ ଝିଅମାନେ ଆଉ ଦର୍ଜିଆଣୀମାନେ ଖୁବ ଆଗ୍ରହରେ ତା' ଭୁମଭୁମିଆ ମୁଠା ଖୋଲି ସେତକ ନୋଟ ଛଡ଼େଇନେବାକୁ ଚେଷ୍ଟା କରନ୍ତି । ସେ ଦିଏ ନାହିଁ; ବଡ଼ ପାଟିରେ ହସି ହସି କହେ :

"ନାଇଁ, ନାଇଁ, ତମୁକୁ ଡାକୁନାଇଁ; ଏ ଟଙ୍କା ତମୁକୁ ଦେବନାଇଁ, ଛୁଅମାନଙ୍କୁ ଦେବ ।"

କିନ୍ତୁ ଛୁଅମାନେ କେବେହେଲେ ତା' ଟଙ୍କା ଛୁଅଁନ୍ତି ନାହିଁ ।

ବହୁତ ଭୁମ ଥିବା ଚମଡ଼ା ପୋଷାକ ତିଆରି କରୁଥିବା କାରିଗରର ପୁଅ ସ୍ୱରରେ ପାଟିକରେ :

"ହ୍ୟାପ, ଅଚ୍ଛା ନୋଟ୍ ଟଙ୍କା ଦେଖାଉଚ ବେ ! ମାରେ ଗୁଳି ।"

ଥରେ ସେ ଟୋକା ନକେ ମଦ ଖାଇ ଚୂର୍ ହୋଇ ପ୍ଲେଟ୍‌ଫର୍ମ୍ ପାଖକୁ ଆସିଲା । ଗୁଡ଼ାଏ ଦଶ-ରୁବଲ୍ ନୋଟକୁ ତା' ହାତରେ ଏକାଠି ବଳା ବଳା ଗୋଟାଏ ଟାଣ ଗୁଳି କରିଥାଏ । ସେଇଟାକୁ ଟେବୁଲ ଉପରେ ଗଡ଼େଇଦେଇ କହିଲା :

"ନବ ? ହେଇ, ନଅ । ମୋର ଦରକାର ନାଇଁ ।" ସେ ଆମ ଖଟ ଉପରେ ଲମ୍ବ ହୋଇ ଶୋଇପଡ଼ି କାନ୍ଦିଲା, ବୋବେଇଲା । ଏତେ ବାଉଳା ସୁଉଳା ହୋଇ ପଡ଼ିଲା ଯେ ଆମେ ବାଧ୍ୟ ହୋଇ ତା' ଉପରେ ପାଣି ଛିଞ୍ଚିଲୁ, ଆଉ ତାକୁ ବଳେଇ ବଳେଇ ପାଣି ପିଆଇଲୁଁ । ପ୍ଲେଟ୍‌ଫର୍ମ୍‌ରେ ସେ ନୋଟ ଗୁଳାକୁ ଖୋଲି ପୁଣି ସେ

Digitized by srujanika@gmail.com

ମେଷ୍ଟ୍ରୋ ନୋଟଗୁଡ଼ାକୁ ଖୋଲି ଖୋଲି ସଳଖେଇବାକୁ ଚେଷ୍ଟା କଲା । ଦେଖାଗଲା, ସେ କ ଠେକର ପାଠ, ହେବା କଥା ନୁହେଁ । ନୋଟଗୁଡ଼ାକୁ ଏଡ଼କ ଜୋରରେ ମେଘ ଚପି ଦେଇଥାଏ ଯେ ତାକୁ ଗୋଟି ଗୋଟି କରିବା ଆଗରୁ ଅଗ ପାଣିରେ ଭଲକରି ଭିଜାଇ ରଖିବା ଦରକାର ପଡ଼ିଲା ।

ବଖରା ଭିତରଟା ହତଶ୍ରୀ ଦିଶୁଛି । ଧୂଆଁ ଭର୍ତ୍ତି । ଝରକା ଖୋଲିଲେ ସେପଟେ ଘରର କାନ୍ଥ । ଖନ୍ଦାଖନ୍ଦି, ଠେଁସାଠେସି, ପବନ ନାହିଁ, ପାଣିରେ କାଦୁଅ ଭରି ପଡ଼ୁଛି । ସବୁଠୁ ବଡ଼ପାଟି ନାଳର । ସବୁ ମିଶି ଯେମିତି ଗୋଟାଏ ନର୍କ ଗାତର ବସ୍ତିପରା ।

ନାଗ୍‌କୁ ପଚାରିଲି, "ଏଠିଟାରେ କାହିଁକି ରହୁଚ ? ହୋଟେଲ୍ ନାହିଁ ?"

"ପ୍ରାଣର ସୋଦର ମୋର ! ଏ ଜାଗାରେ ମୋ ଆତ୍ମାକୁ ଉଷୁମ ମିଳେ । ତମମାନଙ୍କ ପାଖରେ ରହୁଥିଲେ···"

ରୁମ ପୋଷ୍ଟ ଜ୍ୟାକର ପୁଅ ତା'କଥାରେ ଏକମତ ହେଲା । କହିଲା, "ଠିକ୍ କହିଲ, ନାଗ୍ ! ମୁଁ ବି ସେଇଆ । ଆଉ କୋଉଠି ଯାଇ ବସା କଲେ ମୁଁ ଖତମ୍ ହେଇଯିବ ।"

"ହେଲେ ବି, ନାଗ୍, ହେ ନାଗ୍", ପ୍ରେଟ୍ଜଥର୍ ଫୁସୁଲେଇଲା, "ଶୁଣାଅ ଗୋଟିଏ । ଗୀତଟିଏ ଗାଅ ।" ଦ'ଅଣ୍ଟୁ ଉପରେ ତା' କେନ୍ଦେରାଟି ଥୋଇ ଗୁଣ ଝନେ ଗୀତ ଆରମ୍ଭ କରିଦିଏ :

"ଉଠ ଉଠ ଦୀପ୍ତ ସୂର୍ଯ୍ୟ
ସ୍ୱର୍ଗ-ରଞ୍ଜିତ କର ଆକାଶ····"

ତା'ର ସ୍ନିଗ୍ଧ ସ୍ୱର ମଣିଷର ହୃଦ ଭିତରକୁ ସିଧା ଚାଲିଯାଏ ।

ଘର ଚୁପ୍ ପଡ଼ିଯାଏ । ତନ୍ମୟ ହୋଇ ଧ୍ୟାନାବସ୍ଥ ହୋଇ ବସିରହିଥାନ୍ତି ସମସ୍ତେ, ଯେ ଯେଉଁଠି, ସେ ସେଇଠି; ଗୀତର କରୁଣ ଶବ୍ଦଗୁଡ଼ିକୁ, କେନ୍ଦେରାର ଧୀର ମଧୁର ଝଙ୍କାରକୁ ସତେ କି ପିଇଯାଉଥାନ୍ତି ।

"ଚମତ୍କାର ! ଚମତ୍କାର ! ଶ୍ଳାଃ, ଭେଟ୍ରେ ଚମତ୍କାର !" ଶିଳ୍ପ ବେଉସା କରୁଥିବା ସ୍ୱିଟ୍‌ଜରର ଅଧମ ସ୍ୱାସ୍ଥ୍ୟବାଦାତା ଗର୍ଜନ କରିଉଠେ ।

Digitized by srujanika@gmail.com

ସେ ପୁରୁଣା କୋଠାରେ ଯେଉଁ ଜାତଜାତକା ଅଦ୍ଭୁତ ମଣିଷ ଥିଲେ, ତାଙ୍କ ଭିତରୁ ଜଣେ—ଗୁଇ ପ୍ଲେଟ୍ନିଅଭ୍। ତା' ମନ ସବୁବେଳେ ଫୁର୍ତ୍ତି। ତ'ଠି ସେଇ ଯେଉଁ ଗୁଣଟି, ପ୍ରଫୁଲ୍ଲତା, ସେ ଗୋଟିଏ ପ୍ରକାରର ବଞ୍ଚତା। ଔଲନ୍ଦନର ଅଣ୍ଡମା କାହାଣୀମାନଙ୍କରେ ବିଚକ୍ଷଣ-ବୁଦ୍ଧିମାନ୍ ପର୍ଯ୍ୟବେକ୍ଷକାସ୍ମ ମଣିଷଙ୍କ କଥା ପଡ଼େ। ଗୁଇ ପ୍ଲେଟ୍ନିଅଭ୍ ବି ସେମିତି କାମ ସେଠି କରୁଥିଲା। ତା' ମନରେ ଯୌବନର ନାନା ରଙ୍ଗ ଲଗାହୋଇଥାଏ। ଆଉ ସେଇ ମନ ଭିତରୁ ବାଣ ଫୁଟିଲାପରି ଅନର୍ଗଳ ବାହାରୁଥାଏ, କେତେବେଳେ ହସି ହସି ପେଟ ଫାଟିବ, ଏମିତି ଚମତ୍କାର କଥାସବୁ, କେତେବେଳେ ଚମତ୍କାର ସଙ୍ଗୀତ, କେତେବେଳେ ନାନା ଲୋକଙ୍କ ଗାତମାତ ଅଭ୍ୟାସକୁ ହସରେ ଉଡ଼ାଇବାକୁ ଚମତ୍କାର ଶ୍ଳେଷପୂର୍ଣ୍ଣ ବିଦ୍ରୂପ, କେତେବେଳେ ଦୁନିଆର ଯାହାସବୁ ଘୋର ଅନ୍ୟାୟ ଅନୀତି, ତାକୁ ନଡରୁଆ ଟାଣ ସମାଲୋଚନା। ତାକୁ ତ ମୋଟେ କେତେ ବର୍ଷ ପୂରିଥାଏ, ତଥାପି ସେ କୋଠାରେ ଯେତେ ଲୋକ ଥିଲେ ସେମାନେ ସବୁଥିଲେ, ମଣିଷ ଏ ଜୀବନ ବାଟରେ ଯେତେବେଳେ ଚପିହୋଇଯାଉଥିବ ସେତେବେଳେ ଧୀରମତି ସ୍ଥିରବୁଦ୍ଧିରେ ଜଣେ କିଏ କଣ ଉପାୟ ବତେଇବ ବୋଲି ଦରକାର ପଡ଼ିଲେ ଯିବ ତା'ରି ପାଖକୁ, ଆଉ କେଉଁ ନାହିଁ। ଏକା ସେ ଏପାଖ କି ସେପାଖ କାହୁ ଗୋଟାଏ ବାଟ ଦେଖାଇବ। ଭଲ ଲୋକମାନେ ତାକୁ ଅତି ଶ୍ରଦ୍ଧା କରୁଥିଲେ। ଖରାପ ଲୋକେ ତାକୁ ଖୁବ ଡରୁଥିଲେ। ଏପରି କି ବୁଢ଼ା ପୁଲିସ କନଷ୍ଟବଲ ନିକିଫରଚ୍ ତାକୁ ଯେତେବେଳେ ଦେଖେ, ସେତେବେଳେ ଟିକିଏ ତା'ର ନକଲ କୋକମୁହାଁ ହସ ହସିଦିଏ।

'ମାରୁସୋଭ୍କା' କୋଠା ଆଗରେ ଯେଉଁ ଅଗଣା ସେ ଉଠାଣି ହୋଇ ଉଠି ଆଗକୁ ଯାଇଛି, ଆଗରେ ଦ'ଟା ବସ୍ତି, ଗୋଟାକ ନାଁ "ଶବ୍-କର୍-ସ୍ବାଡ୍-ସ୍କାୟା", ଆହୁରି ଉଠାଣି ଚଢ଼ିଗଲେ ଯେଉଁ ବସ୍ତି ତା' ନାଁ "ତ୍ସାରେ-ଗର୍-ଶେଚ୍-ନାୟା"। ସେଇ ତ୍ସାରେ-ଗର୍-ଶେଚ୍-ନାୟା ସଡ଼କ ଉପରେ ଆମ ହାତୀ ଫାଟକଠୁ ଅଳ୍ପ ଛଡ଼ାରେ ଢଳ କରି ଘର ଆଉ ଅଗ୍ରେ ଖାଲି ଜାଗା, ଗୋଟିଏ ଯାନ ଖୋଲା ପଡ଼ି। ସେଇଠି ପୁଲିସ୍ ପହରା ଠିଆହେବାକୁ ବାକ୍ସ ପରି ଉଠାଘର ଥିଆହୋଇଥାଏ। ବୁଢ଼ା ପୁଲିସ୍ ପହରାବାଲା ନିକିଫରଚ୍ର ଆସ୍ଥାନ ସେଇ ବାକ୍ସ।

ଆମ ସାହିରେ ଯେତେ ପୁଲିସବାଲା ଡିଉଟି କରନ୍ତି, ତାଙ୍କ ଭିତରେ ସାହିଆରେ ବଡ଼ ସେ ନିକିଫରଚ୍। ଢେଙ୍ଗା ଲୋକ, ସରୁଆ। ଗୁଡ଼ପାକ ମାଳେ ପଦକ ଝକଝକ କରୁଥାଏ। ତା' ମୁହଁ ବୁଧିଆ ମୁହଁ, ଓଠରେ ଖାଲି ମେଠା ହସ, ଜାଣିହେବ, ସତେ ଯେମିତି ତା' ହସରେ ମହୁ ଅଛି। ଚତୁର, କୁଟୀଳ ଆଖି।

Digitized by srujanika@gmail.com

ଆମ କୋଠାରେ ଏ ଯେଉଁ ବନ୍ଦି, ସବୁବେଳେ ଘୋ'ଘା ଲଗିଥାଏ। କେତେ ମଣିଷ ଥାଆନ୍ତି, ଯେଉଁମାନେ ଅତୀତର ମଣିଷ, ଆଉ କେତେ ଭବିଷ୍ୟତର ମଣିଷ। ଏ ବନ୍ଦି ବିଷୟରେ ଟିକିନିଖି ଖବର ରଖିବାକୁ ନିକଫରଚର୍ର ବହୁତ କୌତୂହଳ। ଦିନ ଭିତରେ ବହୁତ ଥର ଆମ ଫାଟକ ପାଖରେ ତାର ପୋଷାକ-ପିନ୍ଧା ମୂର୍ତ୍ତି ଆଖିରେ ପଡ଼େ। ସେ ମୂର୍ତ୍ତି ସତେ ଯେମିତି ପୂରୁଷ ହେଇ କଣ୍ଟା ହୋଇ ଠିଆ ହୋଇଛି। ଅଗଣାବାଟେ ସେ ଅଗକୁ ଅଗକୁ ମାଡ଼ି ମାଡ଼ି ଆସୁଥିବ; ତର-ତର ହୁରୁହୁରୁ ଟିକିଏ ବୋଲି ନାହିଁ। ପ୍ରତି ଝରକା ପାଖରେ ଠିଆ ହୋଇ ସେ ଭିତରକୁ ହୁଣ୍ଡି ହୁଣ୍ଡି ଦେଖୁଥିବ, ସତେ ଯେମିତି ସେ ଚିଡ଼ିଆଖାନାର ରଖୁଆଳ। ପ୍ରତି ପିଞ୍ଜରା ଭିତରେ ଜନ୍ତୁମାନେ କେମିତି ଅଛନ୍ତି, ସେଇଆ ଦେଖୁଛି ନିତିଦିନର ତନଖିରୁଳି ବୁଲି ବୁଲି। ଶୀତଦିନେ ଆମ କୋଠାର ଦି'ଜଣ ଗିରଫ ହୋଇଗଲେ। ସେଥିରୁ ଜଣକ ନାଁ ସ୍ପିରନଭ୍। ସେ ଆଗେ ସୈନିକ ବିଭାଗରେ କର୍ମଚାରୀଟିଏ ହୋଇଥିଲା। ତା'ର ଗୋଟିଏ ହାତ କଟିଯାଇଛି। ଆରଜଣକର ନାଁ ମୁରାଟଭ୍। ସେ ବି ଯୁଦ୍ଧ ବିଭାଗରେ ଥିଲା, ସେଠି ହୋଇଥିଲା ଜଣେ ସାନ କର୍ମଚାରୀ, ଯାହାକୁ କହନ୍ତି 'ପ୍ରାଇଭେଟ୍'। ଯୁଦ୍ଧବେଳେ ସେନାପତି ସ୍କୋବେଲେଭ୍ ଯେତେବେଳେ ଆଖାଲ୍-ଟେକେ ବୋଲି ଜାଗାକୁ ସୈନ୍ୟ ଚଲାଇଥିଲେ, ସେଥି ଯେଉଁ ପ୍ରସିଦ୍ଧ ଅଭିଯାନ ହୋଇଥିଲା, ଏ ଦୁହିଁଙ୍କ ଦୁହେଁ ତହିଁରେ ଯୁଦ୍ଧ କରି ସମ୍ମାନିତ ହୋଇଥିଲେ। ସମ୍ମାନର ଚିହ୍ନସ୍ୱରୂପ ସେମାନେ ପାଇଥିଲେ "ସେଣ୍ଟ୍ ଜର୍ଜ କ୍ରସ୍" ପଦକ। ଜବ୍ନନ୍, ଓଭ୍ସ୍ୟାନ୍କନ୍, ଗ୍ରିଗରିୟେଭ୍, ନ'ଇଲଭ୍ ଓ ଆଉ କେତେ-ଜଣଙ୍କ ସଙ୍ଗରେ ସେ ଦୁହିଁଙ୍କୁ ବି ମିଶାଇ ଅଭିଯୋଗ ଆଗତ କରାଗଲା ଯେ ସେମାନେ ଗୋଟାଏ ଗୁପ୍ତ ଛାପାଖାନା ବସାଇବାକୁ ଯୋଗାଡ଼ କରୁଥିଲେ, ଆଉ କୁଆଡ଼େ ସେଇଥିପାଇଁ ଦିନ ଦି'ପହରେ ସହରର ଗୋଟାଏ ବହୁତ ଗହଳି ସଡ଼କ ଉପରେ କ୍ଲୁହ୍-ଚ୍ନି-କର୍ଙ୍କ ଛାପାଖାନା ଭିତରୁ ସେମାନେ ଅକ୍ଷର ଚୋରି କରିନେଇ ପଳାଇବାକୁ ଚେଷ୍ଟା କରୁଥିଲେ ଆଉ ସେଇଠି ଧରାପଡ଼ିଗଲେ। ସେଇଠୁ ଦିନେ ରାତିରେ 'ମାରୁସୋଭ୍କା' କୋଠାରେ ପୁଲିସମାନେ ଯାଇ ଜଣେ ଢେଙ୍ଗା ଧେଡ଼େଙ୍ଗା ଗମ୍ଭୀର-ମୁହାଁ ଲୋକକୁ ଧରିଲେ। ସେ ଲୋକଟିକୁ ମୁଁ ନାଁ ଦେଇଥିଲି 'ବାରବୁଲା ଚଢ଼େଇ'। ତହିଁଆରଦିନ ସକାଳୁ ଏ ଖବର ପାଇ ଉତ୍ତେଜିତ ସ୍ୱରରେ ମୁଣ୍ଡବାଳକୁ ଅଲଗ୍ ବଲଗ୍ କରିଦେଇ ମଟେ ଗୁରୁ କହିଲା :

"ବୁଝିଲ୍ ମ୍ୟାକ୍ସିମିଚ୍, ସଁଇଣିଶି ଜଣ ହତଭାଗାଙ୍କୁ ଧରିନେଲେ ରେ! ଯା' ଯେତେ ଶୀଘ୍ର ପାରୁଚ, ଧାଁ !"

କେଉଁ ଜାଗାକୁ ଧାଇଁଯିବାକୁ ପଡ଼ିବ, ମଟେ ବରଗିଦେଇସାରି ଗୁରୁ କହିଲା :

Digitized by srujanika@gmail.com

"ଏହୁ ବୁଝି ଖବରଦାର୍, ସୁବିଅଙ୍କେ ଗୁଇନ୍ଦା ବୁଲୁଛନ୍ତି ।"

ଏଇ ଗୁପ୍ତ ଚୌର୍ଯ୍ୟ କାର୍ଯ୍ୟ ପାଇ ମୁଁ ଖୁବ ଖୁସି ହୋଇ ଚଢ଼େଇ ପରି ଉଡ଼ିଗଲି 'ନୌବିଜ୍ଞାନ ବସ୍ତି'କୁ । ସେଠି ଗୋଟାଏ ତମ୍ବା-କମାରର ଅନ୍ଧାରୁଆ ଦୋକାନଘରେ ଜଣେ ଯୁବକକୁ ଭେଟିଲି । ତା' ମୁଣ୍ଡବାଳ ବୁଫକୁଫିଆ, ଅଖି-ଡୋଳା ଅଦ୍ଭୁତ ପ୍ରକାରେ ନେଳିଆ । ସେ ଗୋଟାଏ ତମ୍ବା-ତାଓ୍ୱା ଗଢ଼ୁଥିଲା; କିନ୍ତୁ ତା'ମୁହଁକୁ ଦେଖିଲେ ଜଣାପଡ଼ୁ ନ ଥିଲା ଯେ ସେ ଗୋଟାଏ ତମ୍ବା-କାରିଗର । ସେମୁଣ୍ଡରେ କଣରେ ଗୋଟାଏ ଷ୍ଟୋଭ୍ ପାଖରେ ଜଣେ ବୁଢ଼ା ଠିଆ ହୋଇଥାଏ; ଗୋଟାଏ ପାଣିକଳ ମୁହଁକୁ ଜଣ କରୁଥାଏ । ତା'ଧଳାବାଳ ଉପରେ ଖଣ୍ଡେ ଚମଡ଼ାପଟି ଗୁଡ଼ା ହୋଇଥାଏ ।

ମୁଁ ପଚାରିଲି :

"ଏଠି କାମ ମିଳିବ ?"

ବୁଢ଼ା ତମ୍ବା-କମାର ରୁକ୍ଷ ସ୍ୱରରେ କହିଲା ।

"କାମ ତ ଯେତେ ଇଚ୍ଛା, କିନ୍ତୁ ତମ ପ ଠି ୪୦ ଦାମ ନାହିଁ ।"

ଯୁବକ ଜଣକ ଚଟ୍‌କରି ମତେ ଅନାଇଁଦେଲା, ତା'ପରେ ପୁଣି ତା' କାମରେ ମନ ଦେଲା । ଅସ୍ତେ ଅସ୍ତେ ମୁଁ ମୋ ପାଦରେ ତା ପାଦକୁ ଠେଲିଲି । ସେ କାବା ହୋଇ ରାଗରେ ମୋ ଅଡ଼କୁ ତା' ନେଳି ନେଳି ଅଖିରେ ଅନେଇଁଲା, ତା ତମ୍ବା ତାଓ୍ୱାଟାକୁ ମଝିରୁ ଧରି ପକାଇଲା, ସତେ ଯେମିତି ମୋ ଉପରକୁ ଫୋପାଡ଼ିବ ! କିନ୍ତୁ ମୁଁ ଯେମିତି ଅଖି ଠାରିଲି, ସେ ଶାନ୍ତ ହୋଇ ମତେ କହିଲା :

"ଯା, ଭାଗ୍ ! ଯା, ଭାଗ୍ !"

ମୁଁ ପୁଣି ଆଖିମିଟିକା ମାରିଲି, ଆଉ ଦୋକାନରୁ ପଦାକୁ ଆସିଲି । କବାଟ ସେପାଖେ ମୁଁ ଆସି ଠିଆ ହେଲି । ବୁଫକୁଫ ବାଳ ତମ୍ବା କମାର ଠିଆ ହୋଇପଡ଼ିଲା । ଅଉ ମୋ ପଛେ ପଛେ ବାହାରି ଆସିଲା । ଗୋଟାଏ ସିଗାରେଟ୍ ଲଗାଇ ପକାଇ ସେ ନୀରବ ପ୍ରତ୍ୟାଶାରେ ମୋ ଆଡ଼କୁ ବୁଲିପଡ଼ିଲା ।

ପଚାରିଲି, "ତୁମେ କଣ ଚିଖନ୍ ?"

Digitized by srujanika@gmail.com

"ହଁ, ମୁଁ ।"

"ପ୍ୟାଟର୍ ଡିଙ୍ଗ ହେଉଛି ।"

ତା' ଭ୍ରୂଲତା ରାଗରେ କୁଞ୍ଚ କୁଞ୍ଚ୍ ହେଲା । ତା' ଆଖି ତନଖି ତଳୁ ପରୀକ୍ଷକ ଭାବରେ ମୋ ଅଟିକୁ ଅନାଇ ରହିଲା ।

କହିଲା, "କ'ଣ ଗୁଡ଼ାଏ କହୁଚ ? ଜୋଭ୍ ପ୍ୟାଟର୍ ?"

"ଗୋଟାଏ ତେଙ୍ଗା ଲୋକ, ପାଦ୍ରି ପରି ଦିଶେ ।"

"ହୁଁ, ସେଇଠୁ ?"

"ଆଉ କିଛି ନାହିଁ ।"

ଡମ୍ଫା କାଗଜର ଝାଙ୍କି ହୋଇ ପଚାରିଲା :

"ନ ଜୋଭ୍ ପ୍ୟାଟର୍, ଜୋଭ୍ ପାଦ୍ରି, ଆଉ ଯେତେ ଏଣ୍ଟେଣ୍ଟ ତୁମେ ବକୁଚ, ସେଗୁଡ଼ାକ ମତେ ଚାହିଁକି କହୁଚ କି ? ସେଥିରେ ମୋର କଣ ଅଛି ?" ତା' ପଚାରିବାର ଭଙ୍ଗୀରୁ ମୋର ବିଶ୍ୱାସ ଦୃଢ଼ ହେଲା ଯେ ଏ ଲୋକ ସାଧାରଣ କାଗଜର ନୁହେଁ । ମୁଁ ନଜାଣି ଧାଇଁ ପଳାଇଆସିଲି । ଶେଷରେ ମୋ ହୃଦୟ ଛୁଟିମୋଟ ହୋଇଯାଉଥାଏ—ମୁଁ ଗୁରୁର ଗୌରବପୂର୍ଣ୍ଣ ସଫଳତା ସହକାରେ ସଂପନ୍ନ କରିଛୁ । "ଷଡ଼୍ଯନ୍ତ୍ର" ସଂପର୍କୀୟ କାରବାରରେ ଏମିତି ମୁଁ ମୋ ଜୀବନରେ ପ୍ରଥମ ଥର ହାତ ଦେଲି ।

ଯେସବୁ କାମରେ ଗୁରୁ ପ୍ଲେଟନିଅଭ୍ ସଂଶ୍ଳିଷ୍ଟ ଥିଲେ; କିନ୍ତୁ ମୁଁ ଯେତେ ତାଙ୍କୁ ଅନୁରୋଧ କଲି ମତେ ସେଥିରେ ମିଶେଇବାକୁ, ସେ ଖାଲି କହୁଥାଏ :

"ତୁ ଅଇଛା ପିଲା ହେଇଚୁ ରେ ଭାଇ, ତୋର ବୟସ ହେଇନାହିଁ । ଅଇଛା ତୋ ପଢ଼ାବଢ଼ାରେ ମନ ଦେ ।"

ଦିନାକେତେ ପରେ ପ୍ଲେଟନିଅଭ୍ ମତେ ଆଉ ଜଣେ ଲୋକ ସଙ୍ଗରେ ଚିହ୍ନା କରେଇଦେଲା । ସେ ଲୋକକୁ ରହସ୍ୟମୟ ବ୍ୟକ୍ତି ବୋଲି କୁହାଯାଇପାରେ । ଅନ୍ଧ'ପରିଚିତ ହେବା ମାତ୍ରକେ ସେ ଏତେ ପ୍ରକାର ସତର୍କତା ଗ୍ରହଣ କରି କରାଇଲା

Digitized by srujanika@gmail.com

ଯେ ମୋର ଅଣା ତେଜନ୍ତ, ଏ ଚନ୍ଦ୍ରାଚନ୍ଦ୍ରି ଫଳରେ କଣ ଗୋଟାଏ ତାତ୍ପର୍ଯ୍ୟପୂର୍ଣ୍ଣ କିଛି ଘଟିବ । ଚନ୍ଦ୍ରା କରେଇଦେବାକୁ ସ୍ୱେଭ୍ରନଭ୍ ମତେ ନେଇଗଲା ସହର ଶେଷରେ ଗୋଟାଏ ଖୁବ ବଡ଼ ପଡ଼ିଆକୁ । ସେ ପଡ଼ିଆ ନାଁ "ଆର୍ସ୍କୋସ୍କେ ପୋଲ୍ୟେ"। ବାଟସାରା ମତେ ତାନେ ତାନେ ସାବଧାନ କରି କରି ନେଉଥାଏ ଯେ ଯେଉଁ ଚନ୍ଦ୍ରାପରିଚ ମୁଁ ହେବାକୁ ଯାଉଛି ସେଥିପାଇଁ ଅସମ୍ଭବ ପ୍ରକାରେ ସତର୍କତା ଅବଲମ୍ବନ କରିବା ନିହାତି ଦରକାର ଓ ଏକଥାକୁ ଅତ୍ୟନ୍ତ ଗୋପନ ରଖିବାକୁ ପଡ଼ିବ । ଶେଷରେ, ଖଣ୍ଡେ ଦୂରରେ ଏକର ସେକର ହେଉଥିଲା, ଆକାରରେ ସାନ ହୋଇ ଖଇରିଆ ବର୍ଣ୍ଣର ମୂର୍ତ୍ତିଟିଏ । ସ୍ୱେଭ୍ରନଭ୍ ଅଗ କାନ୍ଧ ଉପରେ ପଛକୁ ମୁହଁ ବୁଲେଇ ଦେଖିନେଲା କିଏ ଅଛି କି ନାହିଁ । ସେଇଠୁ ସେଇ ମଣିଷ ଆଡ଼କୁ ହାତ ଦେଖାଇ ମୋ କାନରେ ଫୁସ୍ ଫୁସ୍ କରି କହିଲା, "ତା' ପଛେ ପଛେ ଯା' । ଯେମିତି ସେ ଠିଆ ହୋଇ ପଡ଼ିବ, ତା କଣ୍ଡକ ଯାଇ କହିବୁ,'ମୁଁ ସହର ଭିତରୁ ଆସିଚି' ।

ଯେ ରହସ୍ୟମୟ, ତା' ପ୍ରତି ସବୁବେଳେ ଗୋଟାଏ ଆକର୍ଷଣ ଥାଏ । କିନ୍ତୁ ଏ କ୍ଷେତ୍ରରେ ମତେ ଏସବୁ କେମିତି ଅଖାଡ଼ୁଆ ବେଖାପ ଲାଗିଲା । ଉଜ୍ଜ୍ୱଳ ଦିନ ବେଳ, ଉତଳା ଖରା ଯେ କାହିଁରେ କଣ, ଆଉ ପଡ଼ିଆ ଉପରେ ଗୋଟିକିଆ ଘାସ ଗଛଟାଏ ପରି ଗୋଟିକିଆ ମଣିଷଟିଏ ଦୋହଲିଲା ପରି ଏକର ସେକଚ ହେଉଛି । ଆଉ କିଛି ନାହିଁ । ମୂର୍ତ୍ତିରଖାନା ଦୁଆରମୁହଁ ପାଖରେ ମୁଁ ତା' କତରେ ପହଞ୍ଚିଗଲି । ମୁଁ ଦେଖିଲି, ମୋ ମୁହାଁମୁହିଁ ଗୋଟିଏ ଯୁବକ । ସେ ଆକାରରେ ସାନ । ତା' ଦେହରେ ମାଂସ ନାହିଁ । ଅଖିଦ'ଟା ଭଟୋର ଦିଶୁଛି, ଚଢ଼େଇ ଅଖି ପରି ଗୋଲ୍ । ଜିମ୍ନାସିଅମ୍ ବିଶ୍ୱବିଦ୍ୟାଳୟର ଯେଉଁ ଖଇରିଆ କୋଟ୍, ସେ ସେଇଥିରୁ ଗୋଟିଏ ପିନ୍ଧିଥିଲା; କିନ୍ତୁ କେ ଟ୍ର ଚକଚକ ବେ ତାମ ଉଠେଇନେଇ ତା' ପରିବର୍ତ୍ତେ ସେଥିରେ ଲଗିଥାଏ କଳା କଳା ବୋତାମ, ହାଡ଼ରେ ତିଆରି । ତା' ମୁଣ୍ଡରେ ଯେଉଁ ଟୋପି ପିନ୍ଧିଥାଏ, ସେ ଟୋପିରେ ଯେଉଁଠି ଜିମ୍ନାସିଅମ୍ ବିଶ୍ୱବିଦ୍ୟାଳୟର ସଙ୍କେତ ଚିହ୍ନ ଥାଏ ତା' ପରିବର୍ତ୍ତେ ସେଠି ଲଗିଥାଏ ଗୋଟାଏ କଳା ଦାଗ । ମୋଟାମୋଟିରେ ତା' ଚେହେରାରେ ଥାଏ ଅକାଳରେ ପାକଲ ହେଲା ଭଳି ଗୋଟାଏ ଠାଣି, ସତେ ଯେମିତି ସେ ତା' ନିଜକୁ ନିଜେ ଅନୁଭବ କରିବାକୁ ଅଧୀର ହେଉଛି ଯେ ସେ ବୟସରେ ସାନ ନୁହେଁ, ବଡ଼ ମଣିଷ ।

ଗହଳ ଗଛମାନଙ୍କ ଛାଇତଳେ ଆମେ ବସିଥାଉଁ । ଦୁରଅଙ୍କେ ମନ୍ଦ ମଣିଷଙ୍କ ଭଦର । ତା' କଥାବାର୍ତ୍ତା ବେଳକଟୋକ, ତା' କହିବା ଭଙ୍ଗୀରେ ଆତ୍ମୀୟତା ନ ଥିଲା । ମତେ ସେ ଭଲ ଲାଗିଲା ନାହିଁ କି ତା'ର କିଛି ଭଲ

Digitized by srujanika@gmail.com

ଲାଗେନି ନାହିଁ । ମୁଁ କଣ କଣ ପଢ଼ିଛି ବୋଲି ସେ ପଚାରିଲା । ତା' ପ୍ରଶ୍ନର ସବୁ କହିଲି । ସେଇଠୁ କହିଲା ଯେ ସେ ଗୋଟାଏ ବହିପଢ଼ାଳି ଦଳ ଗଢ଼ିଛି । ମତେ ତହିଁରେ ମିଶିବାକୁ କହିଲା । ମୁଁ ହଁ କଲି । ସେଇଠୁ ଆମେ ବନ୍ଧୁ ହେଲୁ । ସେ ଅଗ ଗଲା । ଉଠିବା ଆଗରୁ ସେ ତରକା ତରକା ସେ ନର୍ତ୍ତନ ପଣ୍ଡିଆ ଉପରେ ଅଖି ବୁଲେଇଅଣିଲା ।

ସେ ପାଠଚକ୍ରରେ ଥାଉଁ ମୋଟ ତ୍ରିଶ ପାଞ୍ଚ ଜଣ । ବୟସରେ ସବୁଠୁ ସାନ ମୁଁ ଓ ଜନ୍ ଷ୍ଟୁଅର୍ଟ ମିଲ୍‌ଙ୍କ ବହି ପଢ଼ି ବୁଝିଲା ଭଳି କ ସେ ଚେଷ୍ଟହେଉଛି ତାଙ୍କ ଦର୍ଶନର ଯେଉଁ ବ୍ୟାଖ୍ୟା ଦେଉଥାଏ ତାକୁ ବୁଝିଲାଭଳି ବିଦ୍ୟା ମୋଠି ବିଲକୁଲ ନ ଥାଏ । ମିଲଭ୍‌ସ୍କି ବୋଲି ଜଣକ ଘରେ ଆମେ ସବୁ ଏକାଠି ହେଉ । ସେ ଜଣେ ନର୍ମାଲ ସ୍କୁଲ୍ ଛାତ୍ର । ପଛେ ସେ ହେଲା ଛୋଟ-ଗଳ୍ପ ଲେଖକ । ସ୍ୱେଲେ-ଅନ୍‌ସ୍କି ନାଁ ଦେଇ ଲେଖିଲା । ପାଞ୍ଚଖଣ୍ଡ ସରଳ ବହି ଲେଖିସାରିଲା ପରେ ଆତ୍ମହତ୍ୟା କଲା । ମୋର କେତେ ଜଣାଶୁଣା ଲୋକ ନିଜ ହାତରେ ନିଜ ଜୀବନ ପରିହାର କରିଛନ୍ତି ।

ମିଲଭ୍‌ସ୍କି ଜଣେ ଚୁପ୍‌ଚାପ୍ ଲୋକ, ଶାନ୍ତ ସ୍ୱଭାବର । ସେ ଉଗ୍ର ଚିନ୍ତା କରିବାକୁ ଡରେ, ଚିନ୍ତାରେ ତରକୁଳା, କଥାବାର୍ତ୍ତାରେ ସାବଧାନ । ଗୋଟାଏ ଦରିଦ୍ର ହୃତଶ୍ରୀକ ଘରର ଭୂଇଁତଳ ବଖରାକେ ସେ ରହେ । କାମ କରେ ଦଉଡ଼ି କାରଖାନାରେ କହେ, "ଶରୀର ଓ ଆତ୍ମା ସମତାଳରେ ରହିବେ । ତେଣୁ ସେ ଖଟୁଛି । ତା'ସଙ୍ଗରେ ଥିବାଯାକେ ନୀରସ ଲାଗେ । ଜନ୍ ଷ୍ଟୁଅର୍ଟ ମିଲଙ୍କ ବହି ପଢ଼ି ମୋର ସେଥିରେ ଆଗ୍ରହ ବଳିଲା ନାହିଁ । ଅର୍ଥଶାସ୍ତ୍ରର ମୌଳିକ ସୂତ୍ରମାନ ଅତି ଶୀଘ୍ର ଅତିଶସ୍ତ ଜଣାଶୁଣା ଲାଗିଲା । ମୁଁ ତ ମୋ ପ୍ରତ୍ୟକ୍ଷ ଅଭିଜ୍ଞତାରୁ ଆଗରୁ ତାକୁ ଭଲକରି ଜାଣିସାରିଛି, ସତେ ଯେମିତି ସେସବୁ ସୂତ୍ରର ପାଠ ମୋ ଚମରେ ବୋଳିହୋଇ ରହିଛି । ଯେଉଁ ଲୋକ ଏହି ଉଦ୍ଦେଶ୍ୟରେ କାମ କରେ ଯେ, ତା' ଶ୍ରମ ଯୋଗୁ 'ଅନ୍ୟମାନେ' ସୁଖସ୍ୱଚ୍ଛନ୍ଦ୍ୟରେ ରହିବେ, ସେ ନିଜେ ନୁହଁ, ସେପରି ଲୋକକୁ ଅନେକ କଥା ତ ଆପେ ଜଳଜଳ ଦିଶିଯିବ, ଅତି ପରିଷ୍କାର ଭାବରେ ଜଣାପଡ଼ିଯିବ । ମତେ ଲାଗିଲା ଯେ ସେଇସବୁ କଥା ବିଷୟରେ କଠିନଶବ୍ଦମାନ ପୂରାଇ ମୋଟା ମୋଟା ବହି ଲେଖିବାର କୌଣସି ଆବଶ୍ୟକ ନ ଥିଲା । ଗାତ ପରି ଗୋଟାଏ ସାନ ବଖରା, ସେଠି କାଠଯୋଡ଼େଇ ରଙ୍ଗର ଗନ୍ଧ ନାକରେ ବାଜୁଥିବ, ଅସନା କାନ୍ଥ ଉପରେ କାଠ ଉକୁଣି ବୁଲୁଛନ୍ତି, ଖାଲି ଏଇ ଦୃଶ୍ୟ ଆଖିରେ ପଡ଼ୁଥିବ, ସେଇ ଜାଗାରେ ଏକାଠି ଦୁଇ ତିନି ଘଣ୍ଟା ବସିରହିବା ମତେ ଖୁବ କଷ୍ଟ ଲାଗୁଥାଏ ।

Digitized by srujanika@gmail.com

ତେବେ, ଆମ ମାଷ୍ଟ୍ରେ ଯେତେବେଳେ ଆସନ୍ତି, ସେତେବେଳେ ଆଉ ଅସି ପହଞ୍ଚିଲେ ନାହିଁ । ଆମେ ସବୁ ଭାବିଲୁଁ, ସେ ଆଉ ବେତନ ଆସିବେ ନାହିଁ । ଏଭାଠି ଟିକିଏ ମଉଜ କରିଯାଉ ବୋଲି ଭାବ ଥୋଡ଼ାଏ ପାଉଁଛୁଟି, ତାକୁଛୁ ଆଉ ବୋଉଲେ ହଠାତ୍ ମଦ ଅଣି ଖାଇ ଖାଇ ଅମେ ଗପ କରୁଥାଉଁ । କିନ୍ତୁ ହଠାତ୍ ହଗଳା ବାଟେ ଦଶିକ ଯେ, ତାଙ୍କ ପାଉଁଶିଆ ଜାମା ଘୋଷ୍ ହୋଇଥିବା ଗୋଡ଼ ତ'ଙ୍କ ଖବ୍ ଚଉଡ଼ର ହୋଇ ସେବାଟେ ହଲିଯିକ ପଶ ଗୁଲିଗଲ । ମଦ ବୋତଲଟି ଟେବୁଲ୍ ତଳେ ଲୁଚେଇ ଥୋଇଦେବାକୁ ଅମକୁ ବେଳ ମିଳେ କି ନ ମିଳେ, ଏହିପରି ଅବସ୍ଥା । ଏମିତି ସମୟରେ ସେ ଅସି ପହଞ୍ଚଗଲେ । ସେ ଯେତେବେଳେ ଚେଷ୍ଟିସେଭଷ୍ଟିଙ୍କ ପାଣ୍ଡିତ୍ୟପୂର୍ଣ୍ଣ ମତମାନ ବୁଝେଇକହିଥାନ୍ତି ଅମେ ସବୁ ବଡ଼ା ପଇ ବସି ରହୁଥାଉଁ । ଟିକିଏ ହୁଳଚଳ୍ ହେବା'କୁ ଡର, ତାଲେ ତାହା ପାଦ ବାଜି ବୋତଲଟା ଓଲଟିପଡ଼ିବ । ଶେଷରେ ଅମ ମାଷ୍ଟରଙ୍କ ପାଦ ବାଜି ସେଇଟା ଓଲଟିପଡ଼ିଲା । ଯେମିତି ଶବ୍ଦ ହେଲା, ସେମିତି ସେ ଟେବୁଲ୍ ତଳକୁ ଅନାଇଁ-ଦେଲେ ; ଆଉ ପଦେ ପାଟି ଫିଟାଇଲେ ନାହିଁ । ମନ ଇଚ୍ଛା ଅମକୁ ଶୋଧିଥାନ୍ତେ ଭଲ, ତା'ହେଲେ ଅମକୁ ଭଲ ଲଗିଥାନ୍ତା ।

ତାଙ୍କର ସେ ଚୁପ୍‌ଚାପ୍ ଢଙ୍ଗ, ଏଡା ଠାଣିରେ ଛାଠ ପାଲିଥିବା ମୁହଁ, ଆଉ ସଂଙ୍କୁଣ୍ଣ ହୋଇଯାଇଥିବା ଅଖିରେ ଗମ୍ଭୀରଭାବେ ଅଦ୍ଭୁତ ହୋଇଥିବା ଭଙ୍ଗୀ, ଏସବୁ ଦେଖି ମତେ ଭାରି ଅଡୁଆ ଅଡୁଆ ଲାଗୁଥାଏ । ମୋ ସାଙ୍ଗମାନଙ୍କ ମୁହଁକୁ ମୁଁ ଚେଷ୍ଟେଇ ଚେଷ୍ଟେଇ ଅନେଇଁଦେଲି ; ତାଙ୍କ ମୁହଁ ଉପରେ ନାଲି ପଡ଼ିଯାଇଛି । ମଦ ଜଣିବା ଯୁଗ ମୋର ନୁହେଁ । କିନ୍ତୁ ମତେ ଲାଗୁଥାଏ, ମୁଁ ଅମ ମାଷ୍ଟରଙ୍କ ପ୍ରତି ଗୁରୁତର ଅପରାଧ କରିପକାଇଛି । ତାଙ୍କ ପାଇଁ ମତେ ଭାରି ଦୁଃଖ ଲାଗୁଥାଏ ।

ଏସବୁ ଦେଖିଲା ମତେ ପିଡ଼ା ଲାଗୁଥାଏ । ମୋର ଇଚ୍ଛା ହେଉଥାଏ, ଏଠୁ ପଳାଇଯାଇ ତାରାମାନଙ୍କ ରାଜ୍ୟରେ ବୁଲିବାକୁ । ସେସବୁ ରାଜ୍ୟରେ ଯେଉଁ ଲୋକେ ରହୁଥାନ୍ତି ସେମାନେ ହସଖୁସିର ମଣିଷ ; ଲୋକ ଦେଖିଲେ ଖୁସି ପାଆନ୍ତି । ତାଙ୍କ ଚଳଣି ବିଚିତ୍ର ପ୍ରକାରର ; ସେ ଲୋକର ଭଳି । ସେ ଚଳଣିରେ ମଇଳାପଣ ନାହିଁ ; ସେ ସଫା । ସେ ତାରାର୍ ଲୋକେ ଭୂଷା ଭାଷାରେ କଥାବାର୍ତ୍ତା ହୁଅନ୍ତି । କିନ୍ତୁ ତାଙ୍କ ବୋଲି ଏମିତି ବଳିତ ଯେ ଶୁଣିଲେ ହସ ମାଡ଼େ । ହେମନ୍ତ ସନ୍ଧ୍ୟାରେ ଯେମିତି ଉଚ୍ଚ ଉଚ୍ଚ ଗମ୍ବୁଜମାନଙ୍କରୁ ତାଙ୍କ ମୁଏଜିନ୍‌ମାନେ ବିଚିତ୍ର ପ୍ରକାରେ ଡାକ ଛାଡ଼ିଦିଅନ୍ତି । ସେ ଡାକ ଶୁଣିଲେ ସେମାନେ ସମସ୍ତେ ପ୍ରାର୍ଥନା କରିବାକୁ ଚାଲିଯାଆନ୍ତି । ମତେ ଲାଗୁଥାଏ ଯେ ତାରାମାନଙ୍କର ସମସ୍ତ ଜୀବନର ଧାରା ଭିନ୍ନ ପ୍ରକାରେ ବନ୍ଧା ହୋଇଛି । ମୋର ସେ ଅବସ୍ଥା । ମୁଁ ଯେଉଁ ଜୀବନ ସଙ୍ଗେ ପରିଚିତ,

Digitized by srujanika@gmail.com

ସେଦିନର ଜୀବନ ମତେ ସୁଖୀ କରିପାରୁ ନ ଥିଲା, ତା’ ସଙ୍ଗରେ ତାଙ୍କ ଜୀବନଧାରାର ଅଦୌ ସାଦୃଶ୍ୟ ନ ଥିଲା ।

ଭଲ୍‌ଗା ନଈ କୂଳ ବି ମତେ ଓଟାରିନେଇଯାଉଥିଲା ; ଶ୍ରମର ସଙ୍ଗୀତ ମତେ ସେଠିକି ଆକର୍ଷଣ କରୁଥିଲା । ଏପର୍ଯ୍ୟନ୍ତ ସେହି ସଙ୍ଗୀତ ଶୁଣିଲେ ମୋ ହୃଦୟ ଆନନ୍ଦର ମାଦକତାରେ ପୁରିଉଠେ । ଶ୍ରମର ଗୌରବପୂର୍ଣ୍ଣ କବିତା ମୁଁ ସେହି ସମୟରେ ପ୍ରଥମ ଥର ଆସ୍ୱାଦନ କଲି ତା’ ମୋର ସ୍ପଷ୍ଟ ମନେ ଅଛି ।

ଗୋଟିଏ ବଡ଼ ବଜରା ବୋଇତ, ପାରସ୍ୟ ଦେଶରୁ ଅଣାହେଉଥିବା ମାଲ୍ ସେଥିରେ ବୋଝେଇ ହୋଇଥାଏ । କାଜାନ୍ ସହରର ଟିକିଏ ତଳକୁ ନଈରେ ଥିବୁ ଥିବୁ ଗୋଟାଏ ପଥର ଦେହରେ ବାଡ଼େଇହୋଇ ତା’ ତଳଟା ଭାଙ୍ଗିଗଲା । ସେ ଜିନିଷପତ୍ର ଖଲାସ କରିବାକୁ ଦଳେ ଖଲାସୀ ଭଡ଼ାରେ ଗଲେ । ଡଙ୍ଗା ଗଲା ; ସେଥିରେ ମତେ ନେଲେ । ସେପ୍ଟେମ୍ବର ମାସ ; ନଈ ଯେଉଁଆଡ଼କୁ ବୋହିଯାଉଛି ସେଇଆଡ଼କୁ ହୁ କରୁଥାଏ ଖର ଶୀତୁଆ ପବନ । ପବନ ଆଗେ ଆଗେ ଛେଚାଛୁଟି ବୁଲୁଥାଏ ଝରିଏ କୋଲିମର ମଞ୍ଜିଟେକି ବରଷା । ନଈ ଦିଶୁଥାଏ ପାଉଁଶିଆ । ରାଗରେ ଗର-ଗର ହେଲାପରି ଢେଉଗୁଡ଼ାକ ନଈପାଖ କୁଦା ମାରୁଥାନ୍ତି, ଅନ୍ତତଙ୍କ ମୁଣ୍ଡକୁ ଜୋରରେ ଓଟାରୁଥାଏ ପବନ । ଅମ ଖଲାସୀଦଳରେ ଅମେ ଥାଉଁ ପ୍ରାୟ ପଚିଶ ଜଣ ମଣିଷ । ଗୋଟାଏ ଫାଙ୍କା ବଜରାର ଉପର ଚଟାଣରେ ଅମେ ବସିପଡ଼ିଲୁଁ । ଗୁଡ଼ାଏ କେର୍ପଲ ଥାଇ ଏଣା ଗଦା ହୋଇଥାଏ ; ତାହାର ତଳେ ଅମେ ଛେଞ୍ଚି ହୋଇଥାଉଁ । ଅମ ବଜରାକୁ ଓଟାରୁଥାଏ ଛୋଟାଏ ସାନ ଷ୍ଟିମ୍ ଡଙ୍ଗା । ସେଥିରୁ ଧୂଆଁ ବାହାରୁଥାଏ । ସେଥିରୁ ଗୁଣ୍ଡା ଗୁଣ୍ଡା ନିଆଁ ଫୁଲ କେଣ୍ଡା କେଣ୍ଡା ହୋଇ ବାହାରି ଉପରଆଡ଼କୁ ବର୍ଷା ଭିତରକୁ ଛୁଟିହୋଇପଡ଼ୁଥାଏ ।

ରାତ୍ରି ଘୋଟିଆସିଲା । ସିଂଶାଳିଆ ମାନା ଆକାଶ ବେଶି ବେଶି ଅନ୍ଧାର ଘୋଟିବାରୁ ନଈ ଉପରେ ଲମ୍ବିଯାଇ ତଳକୁ ଓହ୍ଲାଇପଡ଼ିଲା । ଖଲାସୀମାନେ ବ୍ୟସ୍ତ ହେଉଥାନ୍ତି ; ବର୍ଷା, ପବନକୁ, ଅଉ ନିଜ ଜୀବନକୁ ଗାଳି ଦେଉଥାନ୍ତି । ମଝିରେ ମଝିରେ ସେମାନେ ସେ ବଜରାର ଚଟାଣ ଉପରେ ଘଷରି ଘଷରି ଏପଟ ସେପଟ ହେଉଥାନ୍ତି । ଶୀତ ବାହାରୁ, ଓଦା ପବନରୁ ବର୍ତ୍ତିବାପାଇଁ କେଉଁଠି ହେଲେ ଟିକିଏ ଆଶ୍ରା ଖୋଜୁଥାନ୍ତି । ମୁଁ ଭାବୁଥାଏ, ଏ ତ କନ୍ଦୁଆ କନ୍ଦୁଆ ଲୋକ, ସେ ଯେଉଁ କାମ କରିବାକୁ ଯାଉଛନ୍ତି ସେ କାମ ସେମାନଙ୍କ ଦେଇ କେବେ ହୋଇପାରିବ ନାହିଁ । ଭଙ୍ଗା ଜାହାଜରେ ଯେଉଁ ବୋଝେଇ ମାଲଗୁଡ଼ାକ ପାଣିରେ ବୁଡ଼ିଯିବାକୁ ବସିଛି, ସେ ତାକୁ କେବେହେଲେ ଉଦ୍ଧାର କରିପାରିବେ ନାହିଁ ।

Digitized by srujanika@gmail.com

ରାତ ଅଧ ବେଳକୁ ଆମେ ସେ ଦ୍ୱୀପ ଜାଗାରେ ଯାଇ ପହଞ୍ଚିଲୁ । ଆମ ବଜରା ସେ ଭଙ୍ଗା ବଜରା ଦେହରେ ବାନ୍ଧି ହୋଇଗଲା । ଖଲାସୀଦଳର ମୁଖିଆ ଥିଲା ଗୋଟାଏ ଖିଟ୍‌ଖିଟିଆ ବୁଢ଼ା ; ମୁହଁସାରା ବସନ୍ତ ଚିହ୍ନ, ଭ୍ରୂଣ୍ଡ ଅତି ଖରାପ, ତା' ଆଖି ଆଉ ନାକ ଗୋଟାଏ ଚିଲର ଆଖି ନାକ ପରି । ତା'ର ମୁଣ୍ଡରୁ ଓଦା ସଡ଼ସଡ଼ ତପା-ଟୋପିଟାକୁ ଓଟାରି ଦେଇ ସେ ମାଇକିନିଆ ପାଟିପରି ଚର୍ଚ୍ଚରେଇଲା ପାଟିରେ ଡାକିଲା

"ନମାଜ୍ କରିବାରେ, ପିଲାଏ !"

ଖଲାସୀମାନେ ଏକାଠି ମେଞ୍ଚାମେଞ୍ଚି ହୋଇଗଲେ ଜାହାଜର ଉପର ଚଟାଣ ଉପରେ । ପଶ୍ଚିମଆ ରାତିରେ ଏକାଠି ମିଶି ବସୁଥିବା କଳା ହୋଇ ଗୋଟାଏ କଣ୍ଟାଏ ପରି । ଖଲ୍ଲୁ ଘୁଞ୍ଚିଲା ପରି ଗୋଟାଏ କଣ ବୋବାଳି ଆରମ୍ଭ କରିଦେଲେ । ସମସ୍ତଙ୍କ ଆଗରୁ ପ୍ରାର୍ଥନା ଶେଷ କରିଦେଇ, ତାଙ୍କ ମୁଖିଆ । ରଡ଼ି ଛାଡ଼ିଲା :

—"ଶୁଣ ! ଏଥର ଦେଖେଇଦିଅ ପିଲେ, କ'ଣ ଚମ ଦେଇ ହେଇ-ପାରିବ ! ଆରେ ହଁ ରେ ବଛାମାନେ, ଅସଲ କାମ ଦେଖାଅ ! ଖୋଦା ସାହା ହବ କରିବେ ରେ ପିଲାଏ, ଚାଲିଅ କାମ ।"

ଆଉ ସେହି ମଠିଆ, ଅଳପୁଆ, ବର୍ଷା-ଜନ୍ତୁଭୁଜ୍ଞ ଲୋକେ ଦେଖାଇଦେବାକୁ ଆରମ୍ଭ କରିଦେଲେ 'କଣ ତାଙ୍କ ଦେଇ ହୋଇପାରିବ ।' ସତେ ଅବା ଲଢ଼େଇରେ ପଶିଲାଭଳି—କ୍ରୁଦ୍ଧ ମାରି, କାନଫଟା ରଡ଼ି ଦେଇ, ଅଟ୍ଟା ନକଲ କରି ସେମାନେ ସେ ବୁଡ଼ନ୍ତ ଜହାଜ ଆଉ ଜାହାଜର ଉପର ଚଟାଣ ଉପରେ, ପୁଣି ତା' ଭିତରକୁ କୁଦିପଡ଼ିଲେ । ମୁଁ ଦେଖୁଥାଏଁ, ମୋ ଆଖିଆଗରେ ଶହେ ଶହେ ସାଉଁସାଉଁ ହୋଇ ହଡ଼ିଗୁଡ଼ିକ ବସ୍ତା ବସ୍ତା ଚାଉଳ, ଗାଣ୍ଠି ଗାଣ୍ଠି କାଚମିଆ ଚମଡ଼ା, କରକଚ, ଚଣମ ସେତିକି ସେ ଭୁଲା ଚଢ଼େଇ ସରସର ହାଲୁକା । ଏପଟ ସେପଟ ଦଉଡ଼ଧାପଡ଼ ଲାଗିଥାନ୍ତି ମୋଟାସୋଟା ମଣିଷମାନେ, ଗର୍ଜନ ଘୂର୍ଣ୍ଣି ଝଡ଼ଝଞ୍ଜା ମାରି ଅସଭ୍ୟ ଶୋଧା ଯାଉ ଜଣେ ଆଉ ଜଣକୁ କଣ କଣ କାମ କରିବାକୁ ଡାକୁଡାକୁ କରୁଥାଏ । ଏତେ କାର୍ଯ୍ୟଦକ୍ଷତା, ଏତେ ସୁବ୍ୟବସ୍ଥାରେ ଅକ୍ଳାନ୍ତଭାବେ କାମ ଉଠେଇବା ଶକ୍ତି ଯେ ସେଇ ମଠିଆ ମଠିଆ ରାଗ ଖରଖର ମୁହଁ କରିଥିବା ମଣିଷମାନଙ୍କଠି ଥିଲା, ସେହି ଲୋକମାନେ ଟିକିଏ ଆଗରୁ ନିଜ ଜୀବନ, ଏ ବର୍ଷା, ଏ ଶୀତକୁ ହତାଶ ହୋଇ ଖାଲି ଖାଲି ଦେଉଥିଲେ—ଏକଥା ତ ଆଦୌ ବିଶ୍ୱାସ କରି ହେଉ ନ ଥାଏ । ବର୍ଷା ଅଧିକ ବଢ଼ିଗଲା, ଅଧିକ ବେଶି ଶୀତ କଲା, ପବନର ବେଗ ବଢ଼ିଲା, ଆମ ଜାମିନ୍-

Digitized by srujanika@gmail.com

ସବୁ ପବନରେ ଉଡ଼ିଉଠାଣ ହେଉଥାଏ, ଆମ ମୁଣ୍ଡ ଉପରକୁ ଓଟାଣ ହୋଇ ଉଠି-ଯାଉଥାଏ ଯେ ଯେମିତି ଖୋଲା ପଡ଼ିଯାଉଥାଏ । ସେଇ ଓଦା ପଚପଚ ଭିତରେ, ଛଅଟା ମିଞ୍ଜି ମିଞ୍ଜି କଣ୍ଠ ଅନ୍ଧାରର କଳା କଳା ମୂର୍ତ୍ତିସବୁ ଖାଲି ଧାଉଁଥାନ୍ତି । ବ'ଟା ଜାହାଜର ଉପର ତଟାଣ ଉପରେ ତାଙ୍କ ପାଦ ଦୁଲ୍ଦୁଲ୍ କରାଉ ହେବାର ଶୁଭୁଥାଏ । ସେମାନେ ଏମିତି କାମ କରୁଥାନ୍ତି ଯେ ଦେଖିଲେ କଣେ, ସତେ ଯେମିତି ଦେବ ମେଟେନର୍ ଜଣକା ସବାଣେ ତାଙ୍କୁ ଭେଣ୍ଡି ଦାଳର ଖେଳ ଘାରୁଛି, ସତେ ଯେମିତି ମହଣିକଆ ବସ୍ତାଗୁଡ଼ାକ ହାତକୁ ହାତ ଫୋପାଡ଼ିବାପାଇଁ, ପିଠିରେ ବୋହି ବୋହି ମାଲ ଗାଣି ବୋଝ କରକର ନେଇ ନାଚବୁଦଆ ହୋଇ ଉହଣ୍ଡବା-ପାଇଁ ସେମାନେ ତନ୍ଦ୍ରକ ... ସଜେନଥିବେ । ସେମାନେ ଖେଳ ଖେଳକ ପରି କାମ କରୁଥାନ୍ତି । ତ କାଠି ଦୁଆଙ୍କ ଘର ହୁସ୍ରାହୁ । ଦେବ ମେଟେନର୍ ଜଣବାର ସେମିତିଅ ମନମତ ଶିଆ ଅସ୍ତ୍ର ବାଙ୍କଟି ନହୁଥାଏ, ଯାହା ଅପେକ୍ଷା ଏ ସଂସାରରେ କେବଳ ନାଗର ଅଣଜନ ଛଡ଼ା ଅନ୍ୟ ବେଶି ମୂଲ୍ୟବାନ କିଛି ମିଳିବ ନାହିଁ ।

ଜଣେ ପ୍ରକାଣ୍ଡ ଅନ୍ଧାର ଦାଢ଼ିଆ ଲଣ୍ଡିଚ, ଓଦା ସଡସଡ ହୋଇଯାଇଥାଏ, ପିନ୍ଧିଥାଏ ଗୋଡ଼ଠୁ ବେକଯାଏ ଦୁଇ ଢୋଳ ଖେଳେହୁ ମାଲିର—ମ ଲମ, ଜ ମାଲିକ ତରଫରୁ କେହି,—ହଠାତ୍ ବଡ଼ ବଡ଼ ପାଟିରେ ଗର୍ଜ୍ଜିଉଠିଲା :

"ଅରେ ହେ ଭାଇ, ହେ, ତମ ପାଇଁ ହିଁଏ ମାଲ୍ ! ଚଳାଅ ଭେଣ୍ଡିଅ ! ଅରେ ଢ' ଟହେରେ ଭାଇ, ତ'ହିଁ ଦଅସିବ । ଅଗ କାମ ହୁଟି-ଯାଉ ରେ !"

ଅନ୍ଧାର ଭିତରେ ଦୁରଅନ୍ତୁ ତା'ଅଡ଼କୁ ଉତ୍ତର ଶବ୍ଦ ମାଡ଼ିଆସିଲା, "ହେ ହିଁ ! ହେ ହିଁ !"

"ହଉ, ହେ ହିଁ ଦଅସିବ, ଚଳାଅ ଭାଇ, ସାରନ୍ତୁ କାମଟା !"

ସେ ହେଉଛି ଉନ୍ନ ଉନ୍ନ ଦେବ-ମେଟେନର ବୋଲି ଯେଉଁ ଟଣ୍ଡି ଅଭୁତ ହେ ଅଦ୍ଭୁତ ନୂଆ ଚହପ ଦେଖାଇ ମାଡ଼ିଦେଲା ସୃଷ୍ଟିକ ।

ମୁଁ ବ ବସ୍ତାମାନ ଧରାପଡ଼ାଇଲି, ଘୋଡ଼ାଇଲି, ଜଗୁଥିଲି, ଧୋଇଲି, ପୁଣି ଧଇଲି । ମତେ ଜଣାଯାଉଥାଏ, ସତେ ଅବା ମୁଁ ଆଜ ମେ ଲୁହପଟେଥିବା ସବୁ ପଦାର୍ଥ ଜଏ ଗୋଟାଏ ଅରଣା ମୁଣ୍ଡପୁଞ୍ଜ ନାଚରେ ଅଣାସ୍ୱାଦ ଭାବେ ସାମିଲ ହୋଇ ନାଚି-ଲାଗିଛି । ଆଜ ଏ ଯେଉଁ ଖଲାସୀମାନେ, ସେମାନେ ଅକ୍ଲାନ୍ତ ଭାବରେ ଅକ୍ରାନ୍ତ

Digitized by srujanika@gmail.com

ଗହ୍ୱରରେ ମାସ ମାସ କି ବର୍ଷ ବର୍ଷ ପର୍ଯ୍ୟନ୍ତ ତାଙ୍କର ଏତେ ଉଟେନ. ଏତେ ବଡ଼ ଜାମକୁ ବୁହିନେଇ ହୁଟେଇପାରୁଥିବେ, ସେଥିପାଇଁ ତାଙ୍କଠି ସାମର୍ଥ୍ୟ ଅଛି ଓ ସେମାନେ ଯଦି ହଠ ଗିର୍ଜାଘରମାନ ଓ ମସଜିଦମାନଙ୍କ ଗମ୍ବୁଜମାନଙ୍କ ଉପରେ ହାତ ମାରନ୍ତେ ତେବେ ସମସ୍ତ ଜାହାଜ୍ ସହର ଗୋଟାକଯାକ ଘୋଷାର ଘୋଷାର ହେଉଁଠେଇ ମନ ହେଟେଇ ବୋଲି ଓଟ ଶଟେଇ ଖୁଲୁଯାଇ-ପାରିବେ ।

ସେ ରାତିରେ ମୁଁ ଏଭଳି ଏକ ପ୍ରକାର ଆନନ୍ଦର ସ୍ୱାଦ ପାଇଲି, ଯେପରି ଆଉ କେବେହେଲେ ମୁଁ ଅନୁଭବ କରି ନ ଥିଲି । ମୋ ହୃଦୟ ଭିତର ଗୋଟାଏ କାମନାର ତେଜରେ ଝଟକିଉଠିଲି ଯେ ଏମିତି ଜୀବନଯାକ ମୁଁ ଝେଞ୍ଜ ମେଘହେନଙ୍କ ଜଳ୍‌ବେଳର ଅଧା-ଉନ୍ମାଦ ଆନନ୍ଦ ଟିକେ ପାଇ ପାରି କଟାଇଦିଅନ୍ତି କି ! ତଳେ ନଈରେ ଢେଉମାନେ ନାଚୁଥାନ୍ତି । ପବନ ସେମିତି ଜୋରରେ ଭୁଲୁଥାଏ ; ଜଳସ୍ରୋତ ବୋଇତର ଉପର ଚଟାଣକୁ ସତେ ଯେମିତି ଓଲେଇ ପକାଉଥାଏ । ଜହସ୍ର ପାଉଁଶିଆ ହୋଇ ପାହାନ୍ତି ପହର ଚହଟିଲି । ଦିଶୁଥାଏ ମହଲଣ ବେଳକୁ ଡ଼ ପରି । ସେତେବେଳେ ବି ସେ ଓଡ଼ା ଜଡ଼ୁବୁଢ଼ା ଅଧାଲଙ୍ଗଳା ଲୋକେ ଧାଡ଼ିପଡ଼ି ଲଗେଇଥାନ୍ତି, ତରତର ହୋଇ । ଏତେ ଟିକିଏ କ୍ଲାନ୍ତ ନାହିଁ । ପାଟି କରୁଥାନ୍ତି, ହୋ ହୋ ହସୁଥାନ୍ତି; ତାଙ୍କ ଦେହବଳ ଓ ଦେହ ମେହେନତ ଯୋଗୁଁ ଗର୍ବ ଅନୁଭବ କରୁଥାନ୍ତି । ସେଠୁ—ସେଠୁ ଅକାଶଯାକ ଲଦାଲଦି ଶିଶାଳିଆ ମେଘକୁଢ଼କୁ ପବନ ଦେଲା ଫଟେଇ ଦ'ଫଡ଼ା କରି, ଆଉ ତା' ମଝିରେ ଅଗ୍ନି ଉଜ୍ଜ୍ୱଳ ନେଳି ଅକାଶ ଉପରେ ଝିକ୍‌ମିକ୍ ଝଲଝଲେଇ ଉଠିଲି ଗୋଲାପୀ ଦ୍ୟୁତିରଶ୍ମି ଟିଏ ।

ହସଖୁସିଆ ପଶୁମାନେ ଆନନ୍ଦରେ ରଡ଼ିଟାଏ ଛାଡ଼ିଦେଇ ତାକୁ ସମ୍ବର୍ଦ୍ଧନା ଜଣାଇଲେ । ଫରକଟା ହସରେ ଡାଲଦେଫଡ଼ା ମୁହଁଗୁଡ଼ାକ ଉପରକୁ ଟେକି-ଦେଇଥାନ୍ତି । ଓଡ଼ା ଜଡ଼ୁବୁଢ଼ା ମୁଣ୍ଡବାଳ ଆଉ ଦାଢ଼ିର ବାଡ଼ା ଦଅହୋଇ ଝଣ୍ଟା ହୋଇ ରହିଲପରି ସେ ମୁହଁଗୁଡ଼ାକ । ମୋର ଇଚ୍ଛା ହେଉଥାଏ, ମୁଁ ସେ ଦ'ଗୋଡ଼ିଆ ପଶୁଗୁଡ଼ାକୁ କୁଣ୍ଢେଇପକାନ୍ତି । ନିଜ କାମରେ ସେମାନେ ଏତେ ଦକ୍ଷ, ଏତେ ବୁଦ୍ଧିଆ ; ଏମିତି ମଜ୍ଜି ଯାଇପାରନ୍ତି ତାଙ୍କ କାମ ଭିତରେ !

ମତେ ଲାଗୁଥାଏ, ଏଇ ଆନନ୍ଦରେ ଉଚ୍ଛଳ ଦିଶୁଥିବା ମୁହଁଗୁଡ଼ିକର ଧାଡ଼ିଧାପ ଆଗରେ କୌଣସି କଥା ବାଧା ଦେଇ ମୁଣ୍ଡ ଟେକି ହୋଇପାରିବ ନାହିଁ । ଏ ମୁହଁ ଏ ପୃଥିବୀରେ ସବୁ ଅସମ୍ଭବକୁ ସମ୍ଭବ କରିପାରିବ ; ସ୍ୱର୍ଗରୁ ବଡ଼ ଚମତ୍କାର ଦେଶଯାକ ଗଢ଼ିଦେଇ ଠିଆ କରିଦେଇପାରିବ ଜଗତ୍‌ପୁରର ପ୍ରାସାଦମାନ, ସହରମାନ, ଯେମିତି କାହିଁଶବାଟି ଓ କମିଆଁ କାହାଣୀମାନଙ୍କରେ ଅଗଣ୍ଡୁବସ୍ଥା କଥା ଲହରି ଘର

Digitized by srujanika@gmail.com

ସବୁ ଏତିକି । କୋଟିଏ ଯୋଡ଼ାଏ ମୁଷ୍ଟିଭିଯାକେ ସୂର୍ଯ୍ୟରଶ୍ମି କି ମଣିଷର ଶ୍ରମକୁ ଅସ୍ଥି-ସ୍ୱରେଇ ଦେଖିଲ, ତା' ପରେ ବନ୍ଧୁଦମାନଙ୍କର ଅଖରନ୍ତି ଅଟ୍ଟହାସ୍ୟ ବସନ୍ତ ଆକାର ସଙ୍ଗେ ଯୁକ୍ତରେ ନ ପାଇ ସମୁଦ୍ରରେ ପିଲିକିଏ ବୁଡ଼ିଗଲା ପରି ସେ ତାଙ୍କର ଭିତରେ ବୁଡ଼ିଗଲି ।

"ଅରେ, ଥାଉ ହୋ !" କିଏ ଜଣେ ପାଟିକଲା । ସଙ୍ଗେ ସଙ୍ଗେ ଆଉ ଜଣେ ରାଗରେ ଗର୍ଜିଉଠିଲା :

"ଅବେ କିଏ ସେ କହୁଚ, 'ଥାଉ ହୋ' ବେ ! କିଏ ସେ ?"

ଆଉ, ଉପରଓଳି ଦୁଇ ବାଜବାଯ'କେ, ସେଇ ଯେତେବେଳେ ଶେଷ-ଶେଷ ମାଲ୍ ବି ଖଲାସ ହୋଇ ସୁଲୁଆସିଲା, ସେତେବେଳଯାକେ ସେ ଲୋକେ ସେମିତି କାମରେ ଲାଗିଥାନ୍ତି । ଟିକିଏ ବି ବିଶ୍ରାମ ନାହିଁ । ଦେହ ଅଧା ଲଙ୍ଗଳା । ଗଳଗଳ ଝରେଷା ଅଜାଡ଼ୁଛି । ଶୀତୁଆ ପବନ ଉଟଉଟ କରି ଚାମୁଡ଼ିପକାଉଛି । ଅମର ମନୁଷ୍ୟ ଜଗତ୍ର ଏ ଅପୂର୍ବ ଶକ୍ତିରେ ଶକ୍ତିମନ୍ତ, ମୁଁ ମୋ ହୃଦୟ ଭିତରେ ସେଇଆ ଅନୁଭବ କରି ସେଇ ଶକ୍ତି ପ୍ରତି ଭକ୍ତିଗଦ୍ଗଦ ହୋଇଥିଲି ।

କାମ ସରିଲା ତ ଆମେ ଷ୍ଟିମ୍ ବୋଟରେ ଚଢ଼ିଗଲୁଁ, ଆଉ ମଦନଶାର ଛାଦରେ ଶୋଇପଡ଼ିଲା ପରି ସଙ୍ଗେ ସଙ୍ଗେ ଶୋଇପଡ଼ିଲୁଁ । ଯେମିତି ଜାହାଜ୍ ହେଲା, ସେମିତି ଗୋଟାଏ ଖଇରଆ ବାଦୁଅ ପାଣିର ସୁଅପରି ଆମେସବୁ ସେଥିରୁ ବାହାରି ନଇବାଲି ଉପରେ ଖେଳେଇହୋଇପଡ଼ିଲୁଁ, ଆଉ ସିଧା ଗ୍ଲେଲ୍କୁ ହୋଟେଲ୍କୁ ଉଠ ଟିଣ ଛଦ୍କା ମଦ ଚଣ୍ଢିବାଟେ ଢାଳିଦେବାକୁ ।

ଷ୍ଟେଇର ଦାସ୍ତିନ୍ ସଙ୍ଗରେ ସେଇଠେ ମୋର ଦେଖାହେଲା । ମତେ ତାଲୁଠି ଚଲପାଯାକେ ଅନେଇଁଦେଇ ସେ ପଚାରିଲା :

"ସେମାନେ କଣ ଭ୍ରମର କରୁଥିଲେ ହୋ ?"

ଖୁବ ଖୁସି ହୋଇ ମୁଁ ତାଙ୍କୁ ସେ କାମକଥା କହିଲି । ଶୁଣିଲା, ଦୀର୍ଘନିଃଶ୍ୱାସ ପକାଇଲା, ତାଚ୍ଛିଲ୍ୟ କରି କହିଲା :

"ମୂର୍ଖ ବାହାବା, ମୂର୍ଖଙ୍କୁ ବଳି, ତାସ୍ୟା !"

ଭ'ଣ ଗୋଟାଏ ଗୁଟିଣୀରେ ସିଡି ନାର ମାଛ ଖଲାସୀମାନେ ଯେଉଁସବୁ ଟେରୁଇକେ ପାଟି କରି କରି ଖାଉଥିଲେ, ସେହୁ ଲଗାଇଚି ଧାଡ଼ିକି ଧାଡ଼ି ଟେରୁଇ-

Digitized by srujanika@gmail.com

ମାନଙ୍କ ମଝିରେ ସେ ଭରଭର ହୋଇ ଦୂରକୁ ଚାଲିଗଲେ । ଦୂରରୁ ଘରକଣରୁ ଶୁଭୁଛି ଭାଁ ସ୍ୱର । ସବୁ ଗଳାରେ ଗଡିଣୀ ଛୁଆଦେଇ ଗୋଟାଏ ଅଶ୍ଳୀଳ ଗୀତ ସେ ଗାଉଥାଏ :

"ଅରେ ହୋ…
ଘଟିଗଲା ମହାଭାରତରେ
ହୋ, ଦଶା ଭାରତରେ…
ନବ ଛଇଲା ସେ ନବ ଛଇଲା
ବାଗନା ଭିତରେ ବୁଲି ବୁଲିଲ
ବାଗନା ଭିତରେ ନବ ଛଇଲା,
ଅରେ ହୋ …"

ଟେବୁଲ ଉପରେ ହାତ ବାଡ଼େଇ ଏଣେ ପାଟିରୁ ତାନ ଅଲଗା ଫଟାଇ ବଡ଼ ଶୁଭିଲା :

"ଘଠ ଘଠ ଲରେ ପନ୍ଦରବାଳ
ଅନ୍ଧାର ଭିତରେ କସ ଦେଖିଲ
ଅରେ ହୋ
ଶୋଭାକାର ଦୃଶ୍ୟ ଦଳଟେ
ଅଖିଅଭ ସେଠ୍ ନ ଫିଟେ
ଅରେ ହୋ"

ହୋ ହୋ ହସ ଉଠିଲା, ପୁରୁପୁରୁ ଶୁଭିଲା । ଲଗାମ୍ଛଡ଼ା କ୍ଷେତ୍ରପଣରେ ସେ ଶବଗୁଡ଼ାକ ହାଙ୍କୁ ଏ ଦୁନିଆଁରେ ଅଛି କୌଣସି ଜାଗା ନାହିଁ ଥିବ ପରି ! ସେ ଶବମାନଙ୍କ ଆଘାତରେ କାନ୍ଥଗୁଡ଼ାକ ଥରିଗଲା ।

କଏ ଜଣେ ମତେ ଆନ୍ଦ୍ରେଇ ଦେବେରେନ୍ଭର୍ ସାଙ୍ଗରେ ଚିହ୍ନା କରେଇଦେଲା । ସେ ଗୋଟିଏ ପାନ ତେଲମସଲା ଦୋକାନର ମାଲିକ । ଅଧ ଦରବୃ ପଶ୍ଚି ଭିତରେ ଗୋଟିଏ ଖ୍ରାଁ ଯାଇଛି ଗଲି । ଗଲି ସେମୁଣ୍ଡରେ ଲୁଥରଦ୍ୱନ୍ଦ ପର ଆନ୍ଦ୍ରେଇ ଦେବେରେନ୍ଭର୍ର ଦୋକାନ । ପାଖରେ ଗୋଟାଏ ଆବର୍ଜନାପୂର୍ଣ୍ଣ ଗନ୍ଧଳ ଗୋହିରି ।

ଅନ୍ଧାରରେ ସାନ ହୋଇ ମଣିଷଟିଏ ଦେବେରେନ୍ଭଭ୍ର ଗୋଟିଏ ହାତ ଥାଇ ନ ଥିଲା ପରି, ସେମେଟା, ଅଭାମୀ । ମୁହଁଟି ଦସ୍ତାବନ୍ତ, ସୁନ୍ଦର ଦାଢି, ବୃଦ୍ଧା

Digitized by srujanika@gmail.com

ଅଶିଯୋଡ଼ିଏ । ଯେଉଁସବୁ ବହି ପଢ଼ିବା ବା ରଖିବା ଆଇନ୍‌ରେ ମନା, ଯାହା କ୍ୱଚିତ୍ ମିଳେ, ସେଭଳି ଏତେ ବହି ତା' ପାଖରେ ଥିଲା ଯେ କାଜାନ୍ ସହରରେ ଆଉ କେଉଁଠି ନ ଥିଲା । ସହରରେ ଯେଉଁ ଅସଂଖ୍ୟ ଶିକ୍ଷାନୁଷ୍ଠାନ, ସେଠିକା ଛାତ୍ରମାନେ ସେସବୁ ବହି ପଢ଼ାପଢ଼ି କରନ୍ତି । ବିପ୍ଳବୀ ମନୋବୃତ୍ତି ଥିବା ଆଉ ବହୁତ ବହୁତ ଲୋକ ସେ ବହି ପଢ଼ନ୍ତି ।

ଗୋଟାଏ ଧର୍ମସମ୍ପ୍ରଦାୟ ଥାଏ, ତା' ନାଁ ସ୍କପ୍‌ଟସି । ତାଙ୍କ ଧର୍ମରେ ଅଛି, ପୁରୁଷ ଖାସୀ ହେବ । ସେଇ ଧର୍ମର ଗୋଟାଏ ମହାଜନର ଘରର ପିଣ୍ଡାଟା ପଦାକୁ ବାହାରିପଡ଼ିଛି । ତା'ଉପରେ ଜାଗା ଛାତ ଦେଇ ଗୋଟାଏ ବଖରା ହୋଇଥାଏ । ସେ ଦୋକାନଟା ସେଇ ଘରେ । ଦୋକାନଘରର ଗୋଟାଏ ଦୁଆରମୁହଁ ଥାଏ ଗୋଟାଏ ବଡ଼ ବଖରା ଭିତର ଆଡ଼କୁ । ସେ ଘରେ ଯେଉଁ ଝରକା, ତାକୁ ମେଲାକଲେ ଘରର ଅଗଣା ପଡ଼େ । ଝରକାବାଟେ ଅଳ୍ପ ଆଲୁଅ ପଶେ । ଏଘରୁ ବାଟ ପଡ଼ିଛି ବଖରାଏ ଗେଞ୍ଜ ଷ୍ଟୋରଘରର ଭିତରକୁ । ଷ୍ଟୋରଘରୁ ଗଲେ ପଡ଼ିବ ଗୋଟାଏ ଅନ୍ଧାରୁଆ ମଝି ବଖରା । ବାହାର ପିଣ୍ଡା ଆଉ ଘର ଦୁଇ ମଝିରେ, ସେଇ ମଝି ବଖରା କଣ-ପଟେ ଥାଏ ଗୋଟାଏ ସାନ ଭଣ୍ଡାରଘର । ସେଇ ଭଣ୍ଡାରଘରେ ଏସବୁ ଗୁପ୍ତ ବହିର ଗୁପ୍ତାଗାର । କେତେଗୁଡ଼ାଏ ବହି ତ ମୋଟା ମୋଟା ଖାତାରେ ଉତାରି ହୋଇଥିବା ହାତଲେଖା ନକଲ । ଲାଭ୍‌ରଭ୍‌ଙ୍କ ଲେଖା "ଐତିହାସିକ ଚିଠିପତ୍ର," ଚେର୍ନିସେଭ୍‌ସ୍କିଙ୍କ ଲେଖା "କଣ କରିବା ଉଚିତ" । ପିସାରେଭ୍‌ଙ୍କ ପ୍ରବନ୍ଧମାନଙ୍କ ଭିତରୁ କେତେଗୁଡ଼ିଏ, ଯଥା:"ମହାରାଜା କ୍ଷୁଧା", "ଜଟିଳ ପ୍ରହେଳିକାବଳୀ"—ଏସବୁ ସେମିତି ଉତାରି ହୋଇ ଖାତାରେ ଥାଏ । ସବୁ ହାତଲେଖା ପୃଷ୍ଠାଗୁଡ଼ାକ ଲୋସ୍ବୋସ୍ ହୋଇଯାଇଥାଏ, ଯୋଡ଼ି ହୋଇଯାଇଥାଏ, ପ୍ରାୟ ନଷ୍ଟ ହୋଇଯିବା ଭଳି ଅବସ୍ଥାକୁ ଆସିଯିବାଯାକେ ପଢ଼ା ହୋଇଥାଏ ।

ମୁଁ ଯେଉଁଦିନ ପହିଲେ ଥର ସେ ଦୋକାନକୁ ଆସିଲି, ଦୋକାନରେ ଗରାଖି ଥାଆନ୍ତି । ଦୋକାନ୍‌ଦାର ଭିତରପଟ କବାଟଆଡ଼େ ଥାଇ ମତେ ମୁଣ୍ଡ ହଲେଇ ଦେଲା । ଅଧା ଅନ୍ଧାରୁଆ ହୋଇଥିବା ବଖରାଟା ଭିତରକୁ ପଶିଗଲି । ଦେଖିଲି ଯେଉଁ, କଣରେ ଠାକୁର ଅଛନ୍ତି ସେଠି ଅଣ୍ଟୁମାଡ଼ି ତଳେ ବସିଛନ୍ତି ଜଣେ ବୁଢ଼ା ; ଅତି ଆନ୍ତରିକ ଭାବରେ ପ୍ରାର୍ଥନା କରୁଛନ୍ତି । ତଳକର ସେରାଫିମ୍ ଅଙ୍କା ଥିବା ଛବିଟିଏ ମୋର ମନେପଡ଼ିଲା । ଛବିର, ନାଁ ସରୋଭ ର ଋଷି । ମୁଁ ତ ଠିଆହୋଇ ତାଙ୍କୁ ଦେଖୁଥିଲି । ତାଙ୍କୁ ମତେ ଲାଗୁଥାଏ ଯେମିତି କଣ ଅନ୍ୟାୟ କାମ ଘଟୁଛି, ଯେମିତି ଅପଣାର ବିଶ୍ୱାସବିରୋଧୀ କାମଟାଏ ।

Digitized by srujanika@gmail.com

ଦେବେନ୍ଦ୍ରଙ୍କର ବିଷୟରେ ମତେ ବର୍ଣ୍ଣନା ଦିଆଯାଇଥାଏ ଯେ ସେ ଜଣେ "ନରେନ୍ଦ୍ରନାଥ୍" । ମୁଁ ଶୁଣିଥିଲି ଯେ ନରେନ୍ଦ୍ରନାଥ୍ ବୋଲନ୍ତେ ବାସ୍ତବ ; ଆଉ ସ୍ୱପ୍ନ ହେଲେ ମଣିଷ ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରିବାର ନୁହେଁ । ଏ ଯେଉଁ ପରମଧାର୍ମିକ ବୁଢ଼ାଟି, ସେ ଏ ଘରେ ସମ୍ପୂର୍ଣ୍ଣ ବେମାପ୍ ବୋଲି ମତେ ଲାଗୁଥାନ୍ତି ।

ତାଙ୍କ ପ୍ରାର୍ଥନା ସରିଲାକ୍ଷଣି ସେ ତାଙ୍କ ଧଳା ଦାଢ଼ି ଆଉ ମୁଣ୍ଡବାଳ ସାଉଁଳେଇ ପକାଇଲେ, ମତେ କଟମଟ କରି ଅନାଇଲେ, କହିଲେ :

"ମୁଁ ଅନ୍ଦ୍ରେଇର ବାପା । ତେମେ କିଏ ?.........ଓହୋ, ସେଇ କଥା......ମନ, ମୁଁ ଭାବୁଥିଲି ତୁମେ କେହି ଛଦ୍ମବେଶୀ ଗୁପ୍ତ ।"

"ଗୁପ୍ତ ହେଲେ କାହିଁକି ଛଦ୍ମବେଶରେ ବୁଲିବାକୁ ପଡ଼ିବ, କହିଲେ ?"

ଶାନ୍ତ ସ୍ୱରରେ ସେ କହିଲେ, "ସେମିତିଆ ହୁଏ । ହଉ ହେଉ, ତୁମେ ଯେଉଁ ଇଚ୍ଛା ସେଇ ଛଦ୍ମବେଶ ଧରିପାର ; ଭଗବାନ ଚିହ୍ନିବେ ଯେ !"

ସେ ସେପଟେଇଘର ଭିତରକୁ ଯାଇ ଅଦୃଶ୍ୟ ହୋଇଗଲେ । ମୁଁ ଝରକା ପାଖେ ବସିପଡ଼ିଲି । ଶୀଘ୍ର ତନ୍ଦ୍ରାମଗ୍ନ ହେଲି । ତା'ପରେ ହଠାତ୍ କାହାର ପାଟି ଶୁଭିଲା :

"ଅଚ୍ଛା, ଏମିତିଆ ତା' ଚେହେରା, ନା ?"

ଝିଅଟିଏ, ଧଳା ପୋଷାକ ପିନ୍ଧିଥାଏ, ସେପଟେଇଘର ଦୁଆରବନ୍ଧକୁ ଆଉଜି ଠିଆ ହୋଇଥାଏ । ତା'ବାଳ ସୁନ୍ଦର ସନ ସାନ ହୋଇ କଟା ହୋଇଥାଏ । ତା' ପିଲାଳିଆ ମୁହଁଟି ଶେତା ଦିଶୁଥାଏ । ତା' ଆଖି ଗାଢ଼ ନୀଳ ବର୍ଣ୍ଣର । ସେ ଦିଶୁଥାଏ ପକ୍ଷୀଟିଏ ପରି, ଯେମିତି ଶସ୍ତା ଛପା ଛବିରେ ପକ୍ଷୀମାନେ ଦିଶନ୍ତି, ସେମିତି ।

"କି ହେଲା ତୁମେ ଡରୁଚ ? ମୁଁ କ'ଣ ଦେଖିବାକୁ ଏଡ଼େ ଭୟଙ୍କର ?" ସେ ପଚାରିଲା । ତା'ସ୍ୱର କ୍ଷୀଣ, ଥରଥର । ଧୀରେ ଧୀରେ ଡରକି ଡରକି ସେ ମୋ ଆଡ଼କୁ ଆଗେଇଲା । କାନ୍ଥକୁ ଧରି ଧରି ଆସୁଥାଏ, ଠିକେ ଯେମିତି ତା' ପାଦତଳେ ଦମ୍ଭ ଚଟାଣ ପରିବର୍ତ୍ତେ ଅଛି ଶୂନ୍ୟେ ଶୂନ୍ୟେ ଟଙ୍ଗା ହୋଇଥିବା ହଲହଲ ଦଉଡ଼ିଟାଏ । ସ୍ୱଚ୍ଛତାକୁ ତା'ର ଅସାବଗତା ଦେଖିଲେ ସେଇ ଧାରଣା ଅଧିକ ବଢ଼ିଯାଉଥାଏ ଯେ ସେ ଏ ଦୁନିଆର ନୁହେଁ, ଆଉ କେଉଁ ଦୁନିଆର । ତା' ଦେହ ଗୋଟାକଯାକ ଥରୁଥାଏ, ଠିକେ ଯେମିତି ତା' ପାଦତଳେ ଭୂଇଁ ଫୋଡ଼ିହେଉଛି କି ତା'ର ଠିକ

Digitized by srujanika@gmail.com

ଝିଅ ପିଲଟିଏ ହାତରେ ସେ ଘରର କାନ୍ଥକୁ ଛୁଇଁଦେଲେ ଯଦି ତା' ହାତକୁ କ'ଣ କଂଣ ଦେଉଛୁ । ତା' ଅଙ୍ଗ ଠିକ୍ ଗୁଣ୍ଡିଭ ବରଫ ପ୍ରକାରେ ଜଅର ହୋଇ ରହୁଥାଏ ; ଝିଅଟିଏ ବି ସେଥିରେ ହଲଚଲ ନାହିଁ ।

ମୁଁ ଭାବା ହୋଇ ତା' ଆଗରେ ଠିଆ ହୋଇଥାଏଁ । ମତେ ଖାଲି କେମିତି କେମିତି ଲାଗୁଥାଏ । ତା' ପାଇଁ ମୋ ମନରେ ଘୋର ଦୁଃଖ ହେଉଥାଏ । ଆଉ ଲାଗୁଥାଏ, ଏ ଅନ୍ଧାରୁଆ ବଖରାଟିରେ କ'ଣ ଏମିତିଆ ଯାହା ଘଟୁଛି, ସବୁ ଅସ୍ୱାଭାବିକ !

ଝିଅଟି ଗୋଟିଏ ଚୌକିରେ ବସିପଡ଼ିଲ । ଏତେ ସାବଧାନ ହୋଇ ବସିଲ ଯେ, ଲାଗେ, କାଳେ ଅବା ସେ ଡରୁଥିବ ଯେ ତା' ଚାପରେ ଚୌକିଟା ଭୁଷୁଡ଼ି ପଡ଼ିଯିବ ! ଅତି ସରଳ ସ୍ୱରରେ ସେ ମତେ କହିଲ ଯେ ତା' ହାତଗୋଡ଼ ଚାଲୁ ନ ଥିଲ, ସେ ବିଛଣାରେ ଛଅମାସ କାଳ ପଡ଼ିରହିଲ । ସେହେତୁ ତଥା ନୂଆ ହୋଇଛି ଏଇ ଗୁରୁପାଠ ଦଳ ହେବ ! ଏମିତି କଏ ଆଉ ତାହାକୁ କହନ୍ତା ନାହିଁ ।

ହସିଦେଇ କହିଲ, "ଏଇଟା ଗୋଟାଏ ପ୍ରକାର ସ୍ନାୟବିକ ରୋଗ ।"

ଯାହା ମନେପଡ଼ୁଛି, ମୁଁ ସେତେବେଳେ ଭାବୁଥାଏଁ ଯେ ତା'ର ସେପରି ଅବସ୍ଥାର କାରଣ ଆଉ କିଛି ବୋଲି ଶୁଣିଥିଲେ ଭଲ ହୋଇଥାନ୍ତା । ଖାଲି ଗୋଟାଏ ସ୍ନାୟବିକ ରୋଗ ! ତା' ଭଳିଆ ଝିଅ ବୟସରେ ସେଇଟା ଗୋଟାଏ ରହସ୍ୟମୟ ଘଟଣା, ପୁଣି ସେଇ ଅସ୍ୱାଭାବିକ ବଖରା ଭିତରେ, ଯେଉଁ ବଖରା ସବୁ ଖାଲି ଉପରେ ବିହ୍ୱଳ ହୋଇ କାନ୍ଥରେ ଲୁଚିହୋଇ ରହିବାକୁ ଖୋଜୁଁଛି, ଆଉ ଘରକଣରେ ଠାକୁର କାଠରେ ଦୀପ ଶିଖ ତେଜ ହୋଇ ଜଳିଲ, ସେଥିରେ ବନ୍ଦୀ ହୋଇଥିବା ତମ୍ବା କଣ୍ଢେଇର ଚୁଲଗୁଡ଼ାକ ଖାଇବା ଟେବୁଲର ଧଳା କନା ଉପରେ ପଡ଼ି ଚକା ଭଉଣରେ ଥରୁଥାଏ, ହଲୁଥାଏ ।

ପିଲାଟିଅ ସବୁ ପାଟି କହୁଥିଲ :

"ମୁଁ ତୁମ ବିଷୟରେ ଏତେ କଥା ଶୁଣିଚ ଯେ ତୁମ ଚେହେରା କେମିତି ଦେଖନ୍ତି ଟିକଏ ବୋଲି ମୋ ମନ ଡାକଲ ।"

ସେ ହଠାତ୍ ମୋ ଉପରକୁ ଯେଉଁ ଚାହାଣୀ ପକାଇ ମତେ ଅନାଇଁ-ରହିଲ, ସେଥିରେ ମତେ ଅଡ଼ୁଆ ଲାଗିଲ—କେମିତିଆ ଗୋଟାଏ ଅଡ଼ୁଆ ଲାଗିଲ

Digitized by srujanika@gmail.com

ଯେ ସେ ଅସ୍ତ୍ରି ହତ ହେଉନ ଥାଏ । ସେହି କଳା-ନେଳି ଆଖିଡୋଳା ଉହ୍ନ'ଡ଼ରେ କ'ଣ କୋଟାଏ ଥାଏ, ଯାହା ମୋ ଭିତରକୁ ସୁଦ୍ଧା ପଶିପଡ଼ୁଥାଏ । ଏପରି ଗୋଟିଏ ଝିଅ ସଙ୍ଗରେ ମୁଁ କଥାବାର୍ତ୍ତା ହୋଇପାରିଲି ନାହିଁ । କେମିତି କଥାବାର୍ତ୍ତା ହୁଅନ୍ତି, ମତେ ଜଣା ନ ଥିଲା । ମୁଁ ଚୁପ ହୋଇ ଠିଆ ହୋଇଥାଏ । କାନ୍ଥରେ ଯେଉଁ ଛବିସବୁ ମରା ହୋଇଥାଏ, ସେଇ ଛବିକୁ ଦେଖୁଥାଏ : ସେ ସବୁ ହେଉଛନ୍ତି, ଡାରଉଇନ, ରାଶବାଲ୍ଟଙ୍କର ।

ମୋ'ଶ ବସ୍ତୁସର ଗୋଟାଏ ଟୋକା ଦୋକାନଘରୁ ଧାଇଁ ଧାଇଁ ଆସିଲା, ପୁଣି ହେଡ଼ଇଘରକୁ ଧାଇଁ ପଳେଇଲା । ତା' ମୁଣ୍ଡବାଳ ରଙ୍ଗ ଟୋପର, ଆଖି ଛୁଞ୍ଚ । ସେ ଗଲାବେଳେ ଡାକ ମାରଦେଇଗଲା । ହରି ସିନ୍ଦ୍ଦ ସ୍ୱର ପରି ତା' ସ୍ୱର ବି ବଦଳୁଥାଏ । ଡାକ ଶୁଣିଦେଇଗଲା :

"ଏଠିଟାରେ କଣ କରୁଛ, ମାଉଅ ?"

ଝିଅଟି ମତେ ବୁଝେଇଲା, "ସେ ମୋ ସବା ସାନ ଭାଇ, ତା' ନାଁ ଆଲେକ୍ସି । ମୁଁ ପାଠ ପଢ଼ୁଛ, ବୁଝିଲ ନା ? ମୁଁ ଧାତ୍ରୀ କାମ କରିବି ବୋଲି ପାଠ ପଢ଼ୁଛି । ଖାଲି ଯାହା ଟିକିଏ ବେମାର ପଡ଼ିଗଲି ବୋଲି ସିନା ! ଆରେ, ତୁ କଣ୍ଟ କହୁନା କାହିଁକି ? ତୁମେ କଣ ଲାଜକୁଳା ?"

ଏତିକିବେଳେ ଅନ୍ଦ୍ରେଇ ଦେଗ୍ରେନ୍‌କୋଭ ପହଞ୍ଚିଗଲା । ତା'ର ମୁଣ୍ଡିଆ ହାତଟିକୁ ସେ ତା' ଜାକେଟିର ଛାତି ପାଖରେ ପୂରେଇ ଦେଇଥାଏ । ସେ ତା' ଭଉଣୀର ପାଟ ପରି ବାଳକୁ ଆଉଁସିଲା, ଅନ୍ତ୍ରେ ସାଭିଲା ଝଟକାଡ଼ିଦେଲା । ତା'ପରେ ସେ ମତେ ପଚାରିଲା, ମୋର କେଉଁଠିଲଠା କାମ ଦରକାର ।

ସେହିପରି ସେ ବଗିଚାରେ ପଶିକି ପାଗଳ ହୋଇ ଝିଅଟିଏ । ତା'ମୁଣ୍ଡରେ ନିଆଁ ପରି ନାଲି କୁଞ୍ଚ କୁଞ୍ଚିଆ ବାଳ । ଆଖିଯୋଡ଼ିକ ଶାଗୁଆ ଶାଗୁଆ । ସେ ମୋ ଆଡ଼କୁ ରୁକ୍ଷ ଦୃଷ୍ଟିରେ ଅନେଇଦେଲା । ଧଳା ପୋଷାକ ପିନ୍ଧିଥିବା ଝିଅଟିର ହାତ ଧରିନେଇ ଯାଉ ଯାଉ କହିଗଲା : "କହୁନ ହେଉଛି, ମାଉଅ !"

ମାଉଅ ନାଁ'ଟା ମାନନ୍ତ ନାହିଁ ।

ହେଲେ ଝିଅକୁ ସେ ନାଁ'ଟା ଖୁବ ଫିଟୁଛି ବୋଲି ମତେ ଲାଗୁଥାଏ ।

ମୁଁ ବି ଚଳି ବାହାରେ ।

Digitized by srujanika@gmail.com

ମୁଁ ଗୋଟାଏ ଅଦ୍ଭୁତ ଉତ୍ତେଜନା ଅନୁଭବ କରୁଥାଏ ।

ଦୁ'ଦିନ ପରେ ସନ୍ଧ୍ୟାବେଳେ ପୁଣି ମୁଁ ସେଠିକି ଆସିଲି । ମୋର ଆଗ୍ରହ ହେଉଥାଏ ଯେ ମୁଁ ବୁଝିବି, ହେଟିକୋ କେକ ଓ ଡକୋଟ ଜାକେଜ ବଷ୍ଟନ୍ସ, ସେ ଶବ୍ଦର ଅର୍ଥ କ'ଣ ହୋଇପାରେ । ଏ ଜିନିଷଗୁଡ଼ାକ ସବୁ ଅଦ୍ଭୁତ ।

ଶାନ୍ତ, ସ୍ନେହୀ ବୁଢ଼ାଟି, ଷ୍ଟେସନ୍ ଇନ୍‌ସ୍ପେକ୍ଟର୍, ମୁଣ୍ଡ ଧଳା, ଦେହ ଏତେ ଶୁଖା ଯେ ସତେ ଯେମିତି ଚମଡ଼ାଲେ କ'ଣ ଅଛି ଦେଖାଯିବ । ସେ ଘରର କଣଟିରେ ବସିରହିଥାଏ, ଶାନ୍ତ ହୋଇ ଧୀରେ ଧୀରେ ହସୁଥାଏ, ତା'ର ଗାଲକୁ ପଡ଼ିଥିବା ଓଠ ଥରୁଥାଏ ।

ସତେ ଅବା ସେ ଅଳି କରୁଛି : "ମୋ ସଙ୍ଗରେ କେହି କଥା ନ ହଁ ରେ ବାବା !"

ସବୁବେଳେ ଗୋଟାଏ ଭୟ ତାକୁ ଘାରୁଥାଏ । କ'ଣ ଗୋଟାଏ ଭୟଙ୍କର ଦୁର୍ଘଟଣା ଘଟିବ, ଏଇ ଭୟ । ଏଇଥିପାଇଁ ସେ ଚିନ୍ତିତ ଥାଏ । ସତେ ପଙ୍କସ୍ୱାର ଏକଥା ଜଣାପଡ଼ୁଥାଏ ।

ଆନ୍ଦ୍ରେଇ, ଗୋଟାଏ ହାତ ମୁଣ୍ଡିଆ, ପିନ୍ଧିଥାଏ ପାଉଁଶିଆ ରଙ୍ଗ ଜାମା ଯେ ତା' ଛାତିରେ ମଇଦା ଆଉ ତେଲ୍ ଲାଗି ଲାଗି ସେଠି ପଟା ପଣ ଟାଣ ହୋଇଯାଇଛି । ଘରଯାକ କରପଟିଆ ହୋଇ ଯେ ଏପଟ ସେପଟ ବୁଲୁଥାଏ ; ତା'ଠି ଆତ୍ମବିଶ୍ୱାସ ନ ଥାଏ । ମୁରୁକି ମୁରୁକି ହସୁଥାଏ; କିନ୍ତୁ ତା'ହସ ପର ପାଖରେ କ୍ଷମା ମାଗିଲା ପରି । ଗୋଟିଏ ଶ୍ରେଷ୍ଠ ପିଲାର କୌଣସି ଗୋଟିଏ ଦୁଷ୍ଟାମିକୁ, ଧରିଯାଇ, ଏଇ ମୁହୂର୍ତ୍ତରେ କ୍ଷମା କରିଯାଇଛି—ସେ ଦୁଷ୍ଟାମି ଦ୍ୱାରା କାହାର କିଛି ଅନିଷ୍ଟ ହୋଇନାହିଁ, ତା' ହେଲେ ସେ ପିଲାଟି ଯେମିତି ହସିଦିଅନ୍ତା, ଏ ହସ ସେହିପରି । ଦୋକାନ କାମରେ ତାକୁ ସାହାଯ୍ୟ କରେ ତା' ସାନ ଭାଇ ଆଲେକ୍‌ସି । କିନ୍ତୁ ଟୋକାଟା ଅତ୍ୟନ୍ତ ବେଢଙ୍ଗ ଆଉ ଅଳସୁଆ । ତୃତୀୟ ଭାଇଟି ଇଭାନ୍—ସେ ଗୋଟିଏ ନର୍ମାଲ ସ୍କୁଲରେ ପଢ଼େ, ସେଇ ସ୍କୁଲ୍ ବୋର୍ଡିଂରେ ରହେ, ଖାଲି ଛୁଟି ହେଲେ ଯାଇ ଘରକୁ ଆସେ । ଇଭାନର ଆକାର ସାନ । ସେ ଚିକ୍‌କଣ କରି ମୁଣ୍ଡ କୁଣ୍ଡାଇଥାଏ, ତା' ପୋଷାକପତ୍ର ସଫାସୁତୁରା ଥାଏ । ତାକୁ ଦେଖିଲେ ମନେ-ପଡ଼ିଯାଏ କେଉଁ ସରକାରୀ ଅଫିସର କିରାନିଟିଏ, ଯେ ବୟସରେ ବୁଢ଼ା ହୋଇ ଆସୁଛି । ସେମାନଙ୍କ ବେମାରିଆ ଭଉଣୀଟି, ମାଶଆ, ଉପର ମହାଲରେ କେଉଁଠି ଥାଏ ତା' ବଖରା । ସେଇଠି ଥାଏ, କଦାଚିତ୍ ସେ ବାହାରି ପାହାଚ ଓହ୍ଲାଇ

Digitized by srujanika@gmail.com

ତଳକୁ ଆସିବାକୁ ଡରସେ । ଆଉ ଯେତେବେଳେ ସେ ଆସେ, ସେତେବେଳେ କେମିତି, ଟୋକାଏ ଛଟପଟ ଲାଗେ, ଯେମିତି ଅଦେଖା ଦଉଡ଼ିରେ ମୁଁ ବନ୍ଧା ହୋଇ ପଡ଼ିଛି ।

ଦେବେନ୍‌ଦତ୍ତ ପରିବାରର ଘର ଚଳାଏ ସତୁଆ ଚେଙ୍ଗା ହୋଇ ଚୋଟିଏ ପାଇକନ୍ଥା । କାଠ କଣ୍ଢେଇ ପରି ତା' ମୁହଁ, ଟୋକାଏ ଓଅସ୍ତ ଅମ୍ବିଲୀମୁହଁ 'ମାତା'ର ଅକ୍ଷିପଟ ତା'ର ବପ-ପିତା କଠୋର ଅଖି । ସେ ସେ ଘରର ମାଲିକ ମହାଜନ ପରିବାର ସଙ୍ଗରେ ରହୁଥାଏ । ଘରକାମରେ ତାକୁ ସାହାଯ୍ୟ କରେ ତା' ସ୍ତ୍ରୀ ନାସ୍ତିଆ । ତା'ମୁଣ୍ଡବାଳ ନାଲିଆ, ତା'ନାକ ଚୋକିଆ, ଅଖି ଶାଗୁଆ ଶାଗୁଆ । ଅଚିହ୍ନା ଲୋକ ଦେଖିଲେ ସେ ସେଇ ଶାଗୁଆ ଆଖିରେ ତା' ଅଡ଼କୁ ଅନାଏଁ, ତା' ନାକପୁଡ଼ା ଫୁଲି ଥରି ଉଠେ ।

କିନ୍ତୁ ଦେବେନ୍‌ଦତ୍ତ ଘରେ ପ୍ରକୃତ ମାଲିକ ହୋଇଥିଲେ ଛାତ୍ରମାନେ— ବିଶ୍ୱବିଦ୍ୟାଳୟର ଛାତ୍ରମାନେ, ଧର୍ମଶାସ୍ତ୍ର ଅଧ ପଢ଼ା ବିଦ୍ୟାଳୟର ଛାତ୍ରମାନେ, ପଶୁଚିକିତ୍ସା ବିଦ୍ୟାଳୟର ଛାତ୍ରମାନେ । ବହୁତ ପାଟିତୁଣ୍ଡ କରୁଥିବା ଯୁବକ ସେମାନେ । ସେମାନଙ୍କ ମନଧ୍ୟାନ ରହୁଥିଲା ସ୍ୱଦେଶର ଜନତାଙ୍କ ମଙ୍ଗଳ-ବିଧାନରେ ପରିପୂର୍ଣ୍ଣ ହୋଇ । ସ୍ୱଦେଶର ଭବିଷ୍ୟତ୍ ପାଇଁ ସେମାନେ ବ୍ୟାକୁଳ ଥିଲେ । ସେମାନେ ଟେଲେଗ୍ରାମ୍ ଦୈନିକ ଖବର କାଗଜରେ ବାହାରିଥିବା ଲେଖାମାନ ପଢ଼ି, ନୂଆ ନୂଆ ବାହାରିଥିବା ବହି ପଢ଼ି, ସେଥିରୁ ସମ୍ଭାବ୍ୟ ପରିଣତି ବିଷୟରେ ଧାରଣା ଆହରଣ କରି, ସହର ଓ ବିଶ୍ୱବିଦ୍ୟାଳୟରେ ଯେଉଁ ଘଟଣାମାନ ଘଟୁଥାଏ ତାକୁ ଶୁଣି, ଆଉ କେବେ କେବେ ସନ୍ଧ୍ୟା ହେଲେ ହେମନ୍ତ କାଳର ଅନ୍ଧାରର ସ୍ୱଳ୍ପ ଆଲୁଅ ଧାଇଁ ଆସନ୍ତି ଦେବେନ୍‌ଦତ୍ତର ଦୋକାନକୁ, ପ୍ରଚଣ୍ଡ ତର୍କ-ବିତର୍କରେ ଲାଗିଯିବାକୁ କିମ୍ବା ଘରଭିତରେ ଚୁପଚାପ୍ ଫୁସୁରୁଫାସୁରୁ ହେବା ପାଇଁ । ସେମାନେ ବଡ଼ ବଡ଼ ବିଷୟରୁ ଧରି ଆସନ୍ତି ଅତି ଉତ୍ତେଜିତ ହୋଇ ବାହାର ପୃଥିବୀର ଅଙ୍ଗ ଓ ମାଂସ ମଜ୍ଜା ପର୍ଯ୍ୟନ୍ତ ଉପରକୁ ପାଟି କରୁଥାନ୍ତି । ଜଣେ ଯେଉଁ ଯେଉଁ କଥା ସତ ବୋଲି କହେ, ସେଇ ସେଇ କଥାକୁ ଦୃଢ଼ସ୍ୱରରେ ସମର୍ଥନ କରୁଥାଏ ।

ସେଠିକି ଯୁବକରୁ ମୁଁ ଖୁବ୍ କମ ବୁଝିଥିଲି । ମତେ ଲାଗୁଥାଏ ଯେ ଯେଉଁସବୁ ବିଷୟରେ ଏତେ ତର୍କବିତର୍କ ହେଉଥାଏ, ଶବ୍ଦବାହୁଲ୍ୟ ଭିତରେ ସେସବୁ ସତ୍ୟ କୁଆଡ଼େ ହଜିଯାଉଥାଏ । ଅବିକଳ ଯେମିତି ଯେମିତି, ଗରିବ ଲୋକଙ୍କ ପାଣିଚିଆ ଝୋଲ ଭିତରେ ବୁନ୍ଦାଏ ବୁନ୍ଦାଏ ଚର୍ବି କୁଆଡ଼େ ହଜିଯାଏ । କେତେ ଛାତ୍ରଙ୍କୁ ଦେଖି ମୋର ମନେ ପଡ଼ିଗଲେ ସେଇ ଧଳା ଧଳା ଦାଢ଼ିବାଲା ଗୋଟିଏ ବଶିଷ୍ଠ

Digitized by srujanika@gmail.com

ଧର୍ମ ସମ୍ପ୍ରଦାୟର ନେତାମାନେ, ଭଲ୍‌ଗା ନଦୀ କୂଳରେ ମୁଁ ଯାହାଙ୍କୁ ଦେଖିଛି, ସେମାନେ ଭାବନ୍ତି, ତାଙ୍କର ମତହିଁ ଠିକ୍ ଆଉ ଯେ ଯାହା କହୁଛ ସବୁ ଭୁଲ୍ ।

କିନ୍ତୁ ମୁଁ ଏଠି ଯେଉଁ ଲୋକଙ୍କୁ ଦେଖିଲି, ତାଙ୍କ ଉଦ୍ଦେଶ୍ୟ ଥିଲା, ଆମ ଜୀବନଧାରାକୁ ସେ ବଦଳେଇବେ, ତାକୁ ବଦଳେଇଦେଇ ତା'ର ଉନ୍ନତି କରି-ଦେବେ । ଶତମାନଙ୍କ ବିପୁଳ ବର୍ଷରେ ସେମାନଙ୍କ ଅନ୍ତ୍ରଷକତା ଅଣନିଃଶ୍ୱାସୀ ହୋଇ ଧକେଇହେଉଛି, ହେବେଇ ଝୁଲେଇ ହେଉଛି ସିନା, ସେ ବର୍ଷରେ ସେ ଅନ୍ତ୍ରଷକତା, ଯେ ନିଷ୍ଠା ଦୃଢ ମରିନାହିଁ, ବଞ୍ଚିଛି । ସେମାନେ କି କି ସମସ୍ୟା ସମାଧାନ କରିବାକୁ ନେଉଥିଲେ ତା'ମତେ ପରିଷ୍କାର ଜଣାପଡ଼ିଗଲା ; ଯେଉଁସବୁ ସମସ୍ୟାର ସଫଳ ସମାଧାନ କରିହେବ ବୋଲି ମୋ ନିଜର ପ୍ରବଳ ଆକାଂକ୍ଷା ଓ ଆବେଗ ଥିଲା । ଅନେକ ସମୟରେ ମତେ ଲାଗୁଥାଏ ଯେ ଶ୍ରମିକମାନେ ଯାହାକୁ ସ୍ପଷ୍ଟରେ ପ୍ରକାଶ କରି କଥା କହୁଛନ୍ତି, ମୁଁ ଯେତେ ଯାହା ମନ ଭିତରେ ଭାବୁଛି, ଅଥଚ ମୁହଁରେ ଭାଷା ଦ୍ୱାରା କହୁନାହିଁ, ସେସବୁ ସେଇଆ । ମୋର ଏମାନଙ୍କ ପ୍ରତି ମନେଭାବ ହେଲା, ଭକ୍ତର ତା' ଆରାଧ୍ୟ ଦେବତା ପ୍ରତି ଯେଉଁପରି ମନୋଭାବ ହୁଏ ସେଇପରି, ଅଥବା ଜଣେ ବନ୍ଦୀକୁ ଯେଉଁମାନେ ମୁକ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦିଅନ୍ତି ତାଙ୍କ ପ୍ରତି ତା'ର ଯେପରି ମନୋଭାବ ହୁଏ, ସେହିପରି ।

ସେମାନେ ମତେ ସେହି ଦୃଷ୍ଟିରେ ଦେଖିଲେ, ଯେପରି ଦେଖେ ଜଣେ ବଢ଼େଇ ଗୋଟିଏ କାଠକୁ, ଯେତେବେଳେ ସେ ଭାବେ ଯେ ସେ କାଠକୁ ଯେଉଁ ଭଙ୍ଗିରେ କାମ କଲେ ଏଭଳି ଜିନିଷଟିଏ ଗଢ଼ାହେବ, ଯାହା ଖାଲି ସାଧାରଣ ଜିନିଷଟିଏ ନୁହେଁ ।

ଜଣେ ଶ୍ରମିକ ଆଉ ଜଣେ ଶ୍ରମିକକୁ ମୋ ପରିଚୟ ଦେଲାବେଳେ କହେ, "ସେ ଏ ଦେଶର ଜଣେ ଗାନ୍ଧିଲ ଲୋକ, ଯାହାଠି ଗୁଣ ଅଛି ।" ଅସଲ ପଣିର ଜଳ ଭିତରୁ ପଇସାଟିଏ ପାଇଲେ ତାକୁ ଯେମିତି ଗର୍ବରେ ସାଙ୍ଗର ବାରମ୍ବାର ଟୋକା ଆଉ ଟୋକାଏ ଟୋକାକୁ ଦେଖାଇଦିଏ, ସେମାନେ ମତେ ତାଙ୍କ, ଅନ୍ୟ ଶ୍ରମିକଙ୍କ ସଙ୍ଗେ ପରିଚିତ କରାଇଲାବେଳେ ସେମିତି ଢଙ୍ଗ ଦେଖାଉଥିଲେ ।

"ଗାନ୍ଧିଲ ଲୋକ, ଯାହାଠି ଗୁଣ ଅଛି ।" "ଦେଶବାସୀଙ୍କର ପ୍ରିୟଟିଏ"—ଏସବୁ ଉପାଧି ମତେ ଭଲ ଲାଗୁ ନ ଥାଏ । ମୁଁ ଅନୁଭବ କରୁଥାଏ ଯେ ମୁଁ ଜୀବନର ଗୋଟିଏ ସହଚାରୀ ପୁଅ । ଏସବୁ ନୂଆ ନୂଆ ଶବ୍ଦ ଯେଉଁ ପ୍ରଣାଳୀରେ ମୋର ମାନସିକ ବିକାଶକୁ ସଞ୍ଚାଳିତ କରୁଥାଏ,

Digitized by srujanika@gmail.com

ସେଗୁଡ଼ାକ ଏମିତି ଏକଜାତିଆ ଯେ ତଦ୍ୱାରା ମୋ ଉପରେ ବହୁତ ଅତ୍ୟାଚାର ହେଉଛି ବୋଲି ମୁଁ ବେଦନା ଅନୁଭବ କରୁଥାଏଁ । ଥରେ ଗୋଟିଏ ବହି ଦୋକାନର ଥାକରେ ଦେଖିଲି ଅଆ-ହ ଉଚ୍ଚ ଖଣ୍ଡେ ବହି, ତା' ନାଁ "ମନ୍ତ୍ର ଓ ଯାଦୁ ସମୂହସ୍ତ ।" ସେସବୁ ଶବ୍ଦମାନଙ୍କ ଅର୍ଥ କ'ଣ ତା' ମୁଁ ଜାଣି ନ ଥିଲି । କିନ୍ତୁ ହଠାତ୍ ମୋର ପ୍ରବଳ ଆଗ୍ରହ ହେଲା, ମୁଁ ସେ ବହିଟିକୁ ପଢ଼ନ୍ତି କି ! ମୁଁ ଜଣେ ଧର୍ମଶାସ୍ତ୍ର ଅଧ୍ୟାପନା ବିଦ୍ୟାଳୟର ଛାତ୍ରଙ୍କୁ ସେ ବହିଟି ମତେ ପଢ଼ିବାକୁ ଆଣିଦେବାକୁ ଅନୁରୋଧ କଲି । ଯା'ଏଁ କୁଆଡ଼େ ? ଭବିଷ୍ୟତର ଧର୍ମମହାଣ ଯୁବକ ତ ସଙ୍ଗେ ସଙ୍ଗେ ଶ୍ଳେଷ ଭରା ବ୍ୟଙ୍ଗରେ ପଚାରିଲା; "ଅରେ ବାଃ ! ତା'ପରେ ଗଣ୍ଠି କୁଆଡ଼େ ?" ଯୁବକଟିଏ, ମୁଣ୍ଡ ଚାରିପଟେ ନଟୋବ୍ରାଙ୍କେଟର ମୁଣ୍ଡ ପରି, ବାଳ ସାନ ସାନ, କୁଞ୍ଚକୁଞ୍ଚିଆ, ମୋଟା ଓଠ, ଦାନ୍ତ ଝକଝକ ।

କହିଲା, "ସେସବୁ ବାଜେ କଥା ଶୁଣ ଭାଇ ! ତମୁକୁ ଯାହା ପଢ଼ିବାକୁ ଦିଆଯାଉଛି, କେବଳ ପଢ଼ । ସେଇଠି ତମର କାମ ନାହିଁ ସେସବୁ ବିଷୟରେ ନଜର ନଜର ହେବା ବୃଥା ଶୁଣ ।"

ଶେଷରେ ସେ ଶିକ୍ଷକର ରୁଢ଼ କଥାରେ ମୋ ଦେହରେ ଛଳ ପଶିଗଲା । ବହିଟା ନିଜେ କିଣିନେଲି ଯେ, ଦାମର କିଛି ଅଂଶ ମୁଁ ନଇପାଟରେ ମୂଲ ଲାଗି ରୋଜଗାର କରିପାରିଲି ; ଅବଧ ଯଦି ନ ଗଲା, ତାକୁ ଆଡ଼େଇ ଦେଇରନ୍-ଜଇତ ହୁଅନ୍ତ ନେଲି । ବହିଖଣ୍ଡି ଏବେ ବି ରଖିଛି । ମୁଁ ଯେତେ ଯେତେ ଚିତ୍ତଭୂମି ବହିମାନ କିଣିଲି, ତା' ଭିତରେ ପ୍ରଥମ କିଣା ଯେଉଁ ବହି ।

ମୋଟ ଉପରେ, ମୁଁ ସେଠି ଯେଉଁ ବ୍ୟବହାର ପାଇଲି, ତା' ଅତି କଠୋର । ମୁଁ ଯେତେବେଳେ ପଢ଼ିଲି "ସାମାଜିକ ବିଜ୍ଞାନମାନଙ୍କ ଅ ଆ", ମୁଁ ଦେଖିଲି ଯେ ଯେ ବହିର ଲେଖକ ସଭ୍ୟତାର କ୍ରମବିକାଶ କାର୍ଯ୍ୟରେ କୃଷ୍ଣକାୟ ଆଫ୍ରିକୀୟ ଜାତି ଗୁଡ଼ିକୁ ବହୁତ ଅତିରଞ୍ଜିତ କରି ଲେଖିଛନ୍ତି, ଅଥଚ ଯେଉଁମାନେ ଶିକାରୀ ହୋଇ ନୂଆ ନୂଆ ଧନ ଖୋଜି ଖୋଜି ବର୍ବର ଜୀବନ ବିତାଉଥିଲେ ତାଙ୍କୁ ଆଦ୍ୟ ଗୁରୁତ୍ୱ ଦେଇନାହାନ୍ତି, ସେଇଟି ଆଦୌ ଯଥାର୍ଥ ହୋଇନାହିଁ । ମୋର ଜଣେ ଶିକ୍ଷକ ଆଗରେ ମୁଁ ମୋର ଏ ମତ ବ୍ୟକ୍ତ କଲି । ସେ ଜଣେ ଖିଟିଖିଟିଆ ଗ୍ରୀକ୍ । ମେଦବହୁଳ ୫୦ ଅର୍ଦ୍ଧର ଚେହେରା ପରି । ମୁଁ ତାକୁ ମୋ ମତ କହୁଁ କହୁଁ-ମାଡ଼େ ଏଣ୍ଡାଏ ଖାଲି ସେ ମୋ ଆଗରେ ବକ୍ତୃତା କରୁଥାଏ "ଯନ୍ତ୍ରଚାଳନା ଜଗତର ଅଧିକାର" ବିଷୟରେ, ଆଉ ତା'ର ମୁହଁଆଖିର ନାଟକୀୟ ଭଙ୍ଗୀକୁ କଠୋର ବିରକ୍ତିକର ଭଙ୍ଗୀରେ ପରିଣତ କରି ରଖିବାକୁ ବହୁତ ପରିଶ୍ରମ କରୁଥାଏ ।

Digitized by srujanika@gmail.com

“ସମାଲୋଚନା କରିବାର ଅଧିକାର ପାଇବାକୁ ହେଲେ କେବଳ ଏକ କୌଣସି ବିଶିଷ୍ଟ ସତ୍ୟରେ ବିଶ୍ୱାସ ହୋଇଥିବା ଆବଶ୍ୟକ । ତୁମେ କେଉଁ ସତ୍ୟରେ ବିଶ୍ୱାସ କର ଭଲା ?” ସେ ଟାଣ କରି ପଚାରିଲା ।

ଏ ପ୍ରଶ୍ନଟି ସବୁବେଳେ ବହୁ ପଡୁଥାଏ, ସ୍ୱପ୍ନରେ ଗଳାବେଳେ ବାନ୍ଧୁଛି ! ଘର-ଭିତରେ ସେଇ ବାଟ ପଡ଼ିଛି ସେବାଟେ ସେ ଫେରୁଥିବ, ବହିରେ ମୁହଁକୁ ପୋତିଥିବ, ବାଟରେ ଯେ ହାତୁଡ଼ିଲା ତା'ସଙ୍ଗରେ ତା'ର ଧକ୍କା ଲାଗୁଥିବ, ଏପରି ମୁଁ ଅନେକ ଥର ଦେଖିଛି । ଭେଦଜନର ଝାଇପସ ଶେଷରେ ସେ ଉପର ମାହାଳରେ ପଡ଼ି ରହୁଥାଏ, ଅଥବା ବାହୁଳାଗ୍ରସ୍ତ ହୋଇ ପାଟି କରୁଥାଏ ।

“ସୁନିଶ୍ଚିତ ହେଉଛି ଛନ୍ଦୋବଦ୍ଧ ଭାବରେ ସ୍ୱାଧୀନତା ଓ ବାଧ୍ୟତାର ସମାବେଶ ! ଛନ୍ଦୋବଦ୍ଧ ଭାବରେ ! ଛ - ଛ...ଛନ୍ଦ”

ତା' ହୃଦୟ କୋମଳ, କିନ୍ତୁ କ୍ରମାଗତ ଖାଦ୍ୟାଭାବରୁ ତା' ଶରୀର ଦୁର୍ବଳ ହୋଇଯାଇଥାଏ । ଅବିଚଳିତ ସତ୍ୟକୁ ଲଗାତାର ଖୋଜି ଲାଗି ଲାଗି ସେ କ୍ଷୀଣ ହୋଇଯାଇଥାଏ । ବହି ଛଡ଼ା ସଂସାରରେ ସେ ଅନ୍ୟ କୌଣସି ସୁଖ ଜାଣି ନ ଥିଲା । ଯେତେବେଳେ ତାକୁ ଲାଗୁଥାଏ ଯେ ଦୁଇଜଣ ଶକ୍ତିଶାଳୀ ଲେଖକଙ୍କ ପରସ୍ପରବିରୋଧୀ ମତକୁ ସେ ଏକ ମତ ବୋଲି ବୁଝିପାରିଲା, ସେତେବେଳେ ତା' ଆଖି ଦୋ'ଟି ପିଲାଙ୍କ ଖୁସିରେ ଜକଜକ ହୋଇଉଠୁଥାଏ । କାଳାନ୍ତରରେ ତା'ର ମୋର ଦେଖା ହେବାର ଦଶ ବର୍ଷ ଗଲେ ପରେ ମୁଁ ତାଙ୍କୁ ପୁଣି ଖାରକଭରେ ଭେଟିଥିଲି । ସେତେବେଳକୁ ପାଞ୍ଚ ବର୍ଷ ନିର୍ବାସନ ଦଣ୍ଡ ଭୋଗ କରି ଶେଷ ସହରରେ ରହୁଥିଲା ପରେ ପୁଣି ସେ ତା' ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଚଳାଇଥାଏ । ମତେ ଲାଗିଲା, ସେ ସେମିତି ଗୋଟିଏ ମଣିଷ ଯେ ଗୋଟାଏ ଉଇହୁଙ୍କା ଭିତରେ ରହୁଛି, ଆଉ ସେ ଉଇହୁଙ୍କାଟାକ ଖାଲି ଅସଂଖ୍ୟ ପରସ୍ପରବିରୋଧୀ ମତଗୁଡ଼ାଏ ସାଲୁସାଲୁ ହେଉଛନ୍ତି । ତାକୁ ଧରିଥାଏ ଯକ୍ଷ୍ମା ; ସେ ଏଭଳି ଦେମାର ଥାଏ ଯେ ମଝିରେ, ଏଥିପରି । ତା' ଛେପରେ ରକ୍ତ ପଡ଼ୁଥାଏ । ଏହି ଅବସ୍ଥାରେ ସେ ଦାର୍ଶନିକ ନୀଟ୍ସେ ଓ ଦାର୍ଶନିକ ମାର୍କସଙ୍କ ଭିତରେ ଭାବ ସମନ୍ୱୟ ଖୋଜିଥାଏ । ମୋ ହାତକୁ ଧରିପକାଇ ସେ ବିଚାରା ଫସ୍‌ଫସ୍ କରି ପାଟିକଲା :

“ସମନ୍ୱୟ ନ ଥାଇ ବଞ୍ଚିବା ଏକଦମ ଅସମ୍ଭବ !”

ସେ ବିଶ୍ୱବିଦ୍ୟାଳୟକୁ ଯିବା ବାଟରେ ଦିନେ ରାସ୍ତା ଭିତରେ ମରିଗଲା ।

Digitized by srujanika@gmail.com

ତା' ପରି ଯେଉଁ ମାନେ ବସ୍ତୁବାଦର ପ୍ରଚାର କରିବାକୁ ଯାଇ ଅଶ୍ରାନ୍ତ ଚେଷ୍ଟା କରୁଛନ୍ତି, ସେପରି ମୁଁ ଆଉ କେତେ ଲୋକଙ୍କୁ ବି ଦେଖିଛି । ତାଙ୍କର ସ୍ମୃତିକୁ ମୁଁ ପବିତ୍ର ବୋଲି ମଣେ ।

ଏମିତିଆ ଜୋଡ଼ାଏ ଜଣ ଖଣ୍ଡେ ଆସି ବେରେନ୍ଜର୍ ଘରେ ଏକାଠି ହୁଅନ୍ତି । ତାଙ୍କ ଭିତରେ ଜଣେ ଜାପାନୀ ବି ଥାଏ, ତା' ନା ପାଣ୍ଟେଲେଇ ମନ୍ସାକୋ; ସେ ଯେଉଁ ଧର୍ମ ମହାବିଦ୍ୟାଳୟର ଛାତ୍ର । ବେଳେ ବେଳେ ସେଇସବୁ ବୈଠକରେ ମୁଁ ଦେଖୁଥିଲି ଜଣେ ବଡ଼ ମଣିଷ, ଓସାରିଆ ଛାତି, ତାହାରମାନଙ୍କ ଭଳି ଲମ୍ବା ମୁଣ୍ଡ—ଲମ୍ବା ଦାଢ଼ି ଓହଳିପଡ଼ିଥାଏ । ଗୋଟାଏ ଲମ୍ବା ପାଉଁଶିଆ କୋଟ୍ ପିନ୍ଧିଥାଏ । ସେଇଟା ଖୁବ କଷ୍ଟ ହୋଇଥାଏ ତା' ଦେହକୁ । ତାକୁ ସେ ଯୋଡ଼ିପାରେ ଟେକିଦେଇ ବୋତାମ ଦେଇଥାଏ । ସାଧାରଣତଃ ସେ ତା'ର ଏକୁଟିଆ କୋଣଟିଏ ଭଣରେ ବସିଥାଏ । ତା'ର ଗୋଟାଏ ସାନ ନାଲି ପାଇପ୍ ଥାଏ ସେ ସେଇଥିକୁ ଟାଣୁଥାଏ । ସେ ଘରେ ଯେଉଁ ଲୋକ ଥାଆନ୍ତି ତାଙ୍କ ଆଡ଼କୁ ସେ ତା' ଧୂଆଁଳିଆ ଆଖିରେ ଅନେଇ ଅନେଇ ଚାହୁଁଥାଏ । ବେଳେ ବେଳେ ତା'ର ଗମ୍ଭୀର ନିଃଶବ୍ଦ ଦୃଷ୍ଟି ଆସି ମୋ ମୁହଁ ଉପରେ ମାଡ଼ିଯାଇ ରହେ । ମନେ ଲାଗୁଥାଏ, ଏଇ ଲୋକର ଗମ୍ଭୀର ସ୍ୱରରେ ମୁଁ ଡହଳ ହେଉଛି । ମନେ ତାକୁ ଡରମାଡ଼େ । ସେ ଜାଣିକି ଏତେ ଚୁପ୍‌ଚାପ୍ ବୋଲି ସବୁ ସବୁ ମୁଁ ଧରୁଥିଲି । ତାକୁ ଛାଡ଼ିଦେଲେ ବାକି ଆଉ ଯେତେ ଲୋକ, ସେମାନେ ସମସ୍ତେ ଘଣ୍ଟିଏ ଜୋରକଥା କହନ୍ତି, ବହୁତ ଗୁଡ଼ାଏ ଲେଖା କହନ୍ତି, ଯାହା ଧରିଥାନ୍ତି ସେଇଆ, ସେଇଥି ଠିକ୍, ଆଉ ଅନ୍ୟ କଥା ଶୁଣିବେ ନାହିଁ । କଥା ଯେତିକି ଭରି ଆଉ କଣ୍ଟ ହୁଏ ମନେ ସେତିକି ଭଲ ଲାଗେ । କଣ୍ଟ କଥାଗୁଡ଼ାକ ଯେ ଅନେକ ସମୟରେ ଖାଲି ଶ୍ଳେଷବୋଲ ଓ ଛଳନାପୂର୍ଣ୍ଣ ଚତୁରାର ବାହାରିଆ ଭେକ, ଏକଥା ମୁଁ ବୁଝୁଥିଲି ଥାଆନ୍ତର ଜାଣିବା ଭଳି । ସେତେବେଳେ ଭାବୁଥିଲି, ସେ ଅପୂର୍ବ ପରି ପ୍ରକାଣ୍ଡ ଆକାର ଦାଢ଼ିଆ ଲୋକଟା ଚୁପ୍‌ଚାପ୍ ହୋଇ ଚାହିଁଥାଏ କଣ ଭାବୁଛି ?

ଲୋକେ ତାକୁ ଡାକନ୍ତି "ଖୋଖୋଲ୍" । ମନେ ଲାଗୁଛି, ଅନ୍ୟ କେହି ଆଉ ଯେଉଁ ଦୋଷରୁ ତା'ର ପ୍ରକୃତ ନାଁ ଜାଣି ନ ଥିଲେ । ଅଳ୍ପ ଦିନ ପରେ ମୁଁ ଜାଣିପାରିଲି ଯେ ସେ ଲୋକଟି ନିର୍ବାସନ ଦଣ୍ଡ ଭୋଗିଥିଲା । ଦୂର ୟାକୁତ୍ସ୍କ ଅଞ୍ଚଳରେ ନବ ବର୍ଷରେ ଦଶବର୍ଷ ରହି ସେ ଏବେ ଫେରିଛି । ଏକଥା ଶୁଣିଲା ପରେ ତା'ଠି ମୋ କୌତୂହଳ ବଢ଼ିଗଲା । କିନ୍ତୁ ତା' ସଙ୍ଗରେ ଘନିଷ୍ଠ ପରିଚୟ ହେବାକୁ ସେ ସାହସ ଆସିଲା, ତା' ନୁହେଁ । କିନ୍ତୁ ମନେ ଲାଜ ମାଡ଼ୁଥାଏ କି ଡର ମାଡ଼ୁଥାଏ ତା' ବି ନୁହେଁ । ବରଂ ମୋର ଗୋଟାଏ ଅତି ବ୍ୟସ୍ତ ଅଶାନ୍ତ କୌତୂହଳ ଜନ୍ମିଲା ଯେ ମୁଁ

Digitized by srujanika@gmail.com

ସ୍ୱା ବିଷୟରେ ସବୁ କଥା ଅତି ଚଞ୍ଚଳ ଶୋଲଡାଙ୍କ ବୁଝନ୍ତୁ ନା ! ମୋର ଏଇ ଗୁଣଟା ମତେ ଜୀବନଯାକ ଏଇ ଅସୁବିଧାରେ ପକାଏ ଯେ ଥରେକେ କେବଳ ଗୋଟିଏ ଲେଖା ବିଷୟକୁ ମନଧ୍ୟାନ ଦେଇ ବୁଝିବା ମୋ ଦେଇ ହୁଏ ନାହିଁ ।

ସେଠି ବାରଲୋକଙ୍କ କଥା ପଡ଼େ । ସେତେବେଳେ ମୁଁ ଖାଲି କାନ ହୋଇ ଶୁଣୁଥାଏଁ, ଲୋକେ ଗପୁଥାନ୍ତି । ଯାହା ଶୁଣେ, ସେ ବିଷୟରେ ମୁଁ ନିଜେ ଯେଉଁ ମତ କରିନିଏଁ ତା' ଉପରେ ମୋର ବେଶି ନିର୍ଭର ନ ଥାଏ । ତଥାପି ମୁଁ ଅନୁଭବ କରୁଥାଏ ଯେ ସେମାନଙ୍କର ଯାହା ଯାହା ମତ ମୋର ସେପରି ମତ ହୋଇପାରୁ-ନାହିଁ । ସେମାନଙ୍କ ଆଖିରେ ଦେଶର ଜନସାଧାରଣ ଜ୍ଞାନୀପଣ, ଦୟାର୍ଦ୍ରତା, ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି । ଭଗବାନଙ୍କୁ ଯେମିତି ପରିକଳ୍ପନା କରିଯାଇପାରେ ଜନ-ସାଧାରଣ ପ୍ରାୟ ସେମିତି । ଯେତେ ଯାହା ଉନ୍ନତ, ନ୍ୟାୟପରାୟଣ, ମହାପ୍ରାଣ, ସେମାନଙ୍କ ଆଖିରେ ଦେଶର ଜନତା ହିଁ ତା'ର ଉତ୍ସ । କିନ୍ତୁ ଲୋକେ ତ ମୋ ଆଖିକୁ ସେପରି ଦିଶୁ ନ ଥିଲେ । ମୁଁ ମୋ ଘର ଆଗରେ ଦେଖୁଥିଲି ବଢ଼େଇମାନଙ୍କୁ, କୁଲିମାନଙ୍କୁ, ଇଟାପକାଳିମାନଙ୍କୁ । ସ୍ଲୁକଭ୍, ଓସିପ୍, ଗ୍ରିଗୋରି—ଏ ଲୋକମାନଙ୍କୁ ମୁଁ ଚିହ୍ନିଥିଲି । କିନ୍ତୁ ଏଠି ଲୋକେ ଯେତେବେଳେ ଜନସାଧାରଣଙ୍କ ବିଷୟରେ କଥା କହୁଥିଲେ, ସେତେବେଳେ ସେମାନେ ଧରିନେଉଥିଲେ ସତେ ଅବା ସମସ୍ତେ ମିଶିଯାଇ ଗୋଟିଏ ରୂପ, ଗୋଟିଏ ବ୍ୟକ୍ତିତ୍ୱ, ତା'ର ନାଁ 'ଜନତା' ।

ବକ୍ତାମାନେ ନିଜ ନିଜ ଆପଣକୁ ସେ 'ଜନତା'ର ତଳିଆ ବୋଲି ଭାବୁଥିଲେ ଓ ସେ ଜନତା ଉପରେ ନିର୍ଭରଶୀଳ ବୋଲି ଭାବୁଥିଲେ । କିନ୍ତୁ ମୁଁ ଭାବୁଥିଲି ଭିନେ । ମତେ ଲାଗୁଥିଲା ଯେ ସେ ବକ୍ତାମାନେ ଯେତିକି ଯେଉଁ ସୌନ୍ଦର୍ଯ୍ୟ, ବୁଦ୍ଧିବଳ ଆଦି ଜନତାଠିଁ ଅଛି ବୋଲି ଭାଷଣ ଦେଉଥିଲେ ସେସବୁ ପ୍ରକୃତରେ ଥିଲା ସେଇ ବକ୍ତାମାନଙ୍କଠିଁ ଓ ସେହି ବକ୍ତାମାନେ ହିଁ ଆପଣା ଆପଣା ହୃଦୟ ଭିତରେ ପୁଞ୍ଜୀଭୂତ କରି ଚିରଜାଗ୍ରତ କରି ରଖିଥିଲେ—ଉତ୍କୃଷ୍ଟ ଓ ମଙ୍ଗଳକର ହୋଇ ବଞ୍ଚିରହିବା ସକାଶେ ଓ ମନୁଷ୍ୟ ଜାତି ପ୍ରତି ପ୍ରେମ ବୋଲି ଯେଉଁ ନୂଆ ନୀତି ଆଦର୍ଶ, ତଦନୁଯାୟୀ ସ୍ୱାଧୀନ ଭାବରେ ଜୀବନକୁ ଗଢ଼ିବା ସକାଶେ ଅଟଳ ପ୍ରତିଜ୍ଞା ।

ଏପର୍ଯ୍ୟନ୍ତ ମୁଁ ଯେଉଁ କୁଟ୍‌କୁରିଆ ମଣିଷଙ୍କ ସଙ୍ଗେ ମିଶିଥିଲି ତାଙ୍କଠି ଏ ପ୍ରେମ ମୁଁ କେବେ ଦେଖି ନ ଥିଲି । ଅଥଚ ଏ ଲୋକମାନଙ୍କଠିଁ ସେ ପ୍ରେମ ସେମାନଙ୍କର ପ୍ରତ୍ୟେକ ଶବ୍ଦରେ ଧ୍ୱନିତ ହେଉଥିଲା, ପ୍ରତି ଥର ବଖାଣିରେ ଝଟକି-ଉଠୁଥିଲା ।

Digitized by srujanika@gmail.com

ଏହି ଜନତା-ଅଗ୍ରଣୀ ଲେଖକମାନଙ୍କ କଥା ମୋ ହୃଦୟ ଉପରେ ଅଗ୍ନିମୟ ବର୍ଷାଧାର ପରି ବର୍ଷିଗଲା, ଆଉ ମଫସଲର ପ୍ରଶାନ୍ତ ଗମ୍ଭୀରଗୌରବପ୍ରଦ ଜୀବନ ବିଷୟରେ, କୃଷକମାନଙ୍କ ଅମୂଲ୍ୟ ଶ୍ରେୟରେ ମୁଁ ଯେଉଁ ସ୍ତବପ୍ରବଣ ବହିଗୁଡ଼ିକ ପଢ଼ିଲି ସେ ମତେ ବହୁତ ପରିମାଣରେ ସାହାଯ୍ୟ କଲା। ମୁଁ ଅନୁଭବ କଲି ଯେ ଜୀବନର ପ୍ରକୃତ ତାତ୍ପର୍ଯ୍ୟ ଆବିଷ୍କାର କରିବାର ଓ ବୁଝିବାର ଏକମାତ୍ର ଉପାୟ—ମନୁଷ୍ୟ ଜାତି ପ୍ରତି ବଳିଷ୍ଠ ଓ ପ୍ରଗାଢ଼ ପ୍ରେମ; ଅନ୍ୟ ଉପାୟ ନାହିଁ। ମୁଁ ଯାହା ନିଜ ବିଷୟରେ ଭାବୁଥିଲି ସେଥିରୁ ନିରସ୍ତ ହେଲି, ଏଣିକି ଅନ୍ୟମାନଙ୍କୁ ଅହୁରି ଅଧିକ ଧ୍ୟାନ ଦେଲି।

ମତେ ବିଶ୍ୱାସ କରି ମୋ ଆଗରେ ଆନ୍ଦ୍ରେଇ ଦେରେନ୍କଭ ବୁଝେଇ କହିଲା ଯେ ତା' ଦୋକାନରୁ ଯେଉଁ ସାମାନ୍ୟ ଆୟ ମିଳୁଥିଲା ତାକୁ ସେ ଲଗାଉଥିଲା ସେହି ଲୋକଙ୍କ ପିଠିରେ, ଯେଉଁମାନେ "ସର୍ବାଦୌ ଜନଗଣଙ୍କ ସୁଖହିଁ ଶ୍ରେୟ," ଏଇ ନୀତିରେ ବିଶ୍ୱାସ କରନ୍ତି। ଜନଗଣଙ୍କ ମେଳରେ ତା' ବ୍ୟବହାର ଅବିକଳ ଜଣେ ଉଚ୍ଚପଦସ୍ଥ ଧର୍ମଯାଜକଙ୍କ ପ୍ରାର୍ଥନା ସଭାରେ ଜଣେ ନିଷ୍ଠାପର ଷଡ଼-ପଦସ୍ଥ ପୁରୋହିତର ବ୍ୟବହାର ପରି। ବହିପଢ଼ା ଲୋକଙ୍କ ତୁଣ୍ଡରୁ ଜ୍ଞାନକଥା ସବୁବେଳେ ବାହାରେ, ଏଇଥି କହି ସେମାନଙ୍କୁ ସେ ପ୍ରକାଶ୍ୟରେ ପ୍ରଶଂସା କରେ। ତାଙ୍କ ପ୍ରତି ତା' ଭକ୍ତି ଲୁଚାଇ ରଖେ ନାହିଁ। ତା' ଜାମାତଳେ ଛାତି ସନ୍ଧିରେ ବାଟରୁ ତା' ମୂର୍ଖ ଟିଆ ହାଣ୍ଡିକୁ ଲୁଚାଇ ରଖିଥିବ, ମୁହଁରେ ଅନାବିଳ ହସ ଉଚ୍ଛୁଳୁଥିବ, ସେମାନଙ୍କ କଥା ଶୁଣି ସେ ହଠାତ୍ ତା'ର ପାଟପରି ଦାଢ଼ିକୁ ଝାଙ୍କି-ଦେଇ ମତେ ପଚାରିବ :

"କହ, ଖାସ ବଢ଼ିଆ କଥା ନୁହେଁ ?"

ପଶୁଚିକିତ୍ସା ଗ୍ରନ୍ଥ ଲାଭ୍‌ରଭ୍ ତା'ର ବିଚିତ୍ର ସ୍ୱରରୁ ବାହାରହୋଇପଡ଼େ। ତା' ସ୍ୱର ହଂସ ବେବଇଲା ପରି। ସେ ଅରେ ଅରେ ନାରୋଦ୍‌ନିକମାନଙ୍କ ବିରୁଦ୍ଧରେ ତାତ୍ତ୍ୱିକ ଯୁକ୍ତି ଆରମ୍ଭ କରିଦିଏ। ସେତେବେଳେ ଦେରେନ୍କଭ୍ ଆଖି ମିଟିକାଏ, ଭୂଲ ଭୂଲ ହୋଇ କହେ

"ଦେଖ ତ ସ୍ୱାବୁ, ଗଣ୍ଡଗୋଳିଆ ମଣିଷ ସେ ସ୍ୱାବୁଇ କହୁଚ !"

ନାରୋଦ୍‌ନିକମାନଙ୍କ ପ୍ରତି ଦେରେନକଭ୍‌ର ମତ ମୋର ମତ ପରି। କିନ୍ତୁ ମତେ ଲାଗୁଥାଏ ଯେ ସେଥିଲାଗି ଛାତ୍ରମାନେ ତା' ପ୍ରତି ଯେଉଁ ବ୍ୟବହାର ଦେଖାନ୍ତି, ସେ ବ୍ୟବହାର ବଡ଼ ଅବିବେକୀ ଓ ଅଭଦ୍ର। ବଡ଼ ବଡ଼ ଲୋକେ ମଣ୍ଡ

Digitized by srujanika@gmail.com

ସୁରବାଳାଙ୍କ ପ୍ରତି ଯେ ହୋଟେଲର ଚାକର ପ୍ରତି ଯେପରି ବ୍ୟବହାର ଦେଖାନ୍ତି, ସେ ବ୍ୟବହାର ସେମିତିଆ । ଦେବେନ୍ଦ୍ରଙ୍କ ଜଣେ କେବେ ଏକଥା ଜଣା ପଡ଼େନାହିଁ ।

ଅନେକ ଥର ଏପରି ହୁଏ ଯେ ଯେଉଁମାନେ ତା' ପାଖକୁ ଭୁଲି ଯାଇଥାନ୍ତି, ସେମାନେ ଭୁଲିଯିବା ପରେ ସେ ମନେ ତା' ଭିତରେ ଗଢ଼ିବ ରହିଯିବାକୁ ଜମାଇଥାଏ ପରେ । ମୁଁ ରହେ । ସେ ମୁଁ ମିଶି ଘରଟାକୁ ସଜାଡ଼ିଦେଉ । ସେଉଠୁ ଓଟାଣ ଉପରେ ଫେଲଟ ସତରଞ୍ଜି ଉପରେ ଲମ୍ବା ହୋଇ ଶୋଇରହି ବହୁତ ସମୟ ଗପସପ କଥାବାର୍ତ୍ତା ହେଉ, ଘର କଣରେ ଠାକୁର ପ୍ରତିମା ପାଖେ ଯେଉଁ ଦୀପଟି ଜଳୁଥାଏ ସେଥିରେ ଘର ଅଳ୍ପ ଆଲୁଅ ହେଲାପରି ଜଣା ବି ପଡ଼େନାହିଁ; ଅନ୍ଧାର ଝଲ୍‌ମଲ୍ । ଯେଉଁ ଲୋକର ବଣ୍ଟା ପ୍ରକୃତିରେ ଅନ୍ତରଙ୍ଗ, ସେ ଯେପରି ଶାନ୍ତିପ୍ରଦ ଆନନ୍ଦ ପାଏ, ତଥାରେ ସେମିତି ଆନନ୍ଦ ପାଇ ସେ ମୋ ଆଗରେ କହେ :

"ଦେଖ ଅମିତ ଯେତେବେଳେ ଶହ ଶହ ଲୋକ ମଣିଷ ବାହାରିବେ, ହଜାର ହଜାର । ସବୁ ବଡ଼ ବଡ଼ ଅଧିକାର ଦାବିରେ ସେମାନେ ରହିବେ, ଦେଶସାରା; ଆଉ ସେଉଠୁ ସେମାନେ ଚଞ୍ଚଳ ଚଞ୍ଚଳ ଅମ ଜୟ ବଢ଼ାଇ-ଦେବେ ।"

ଦେବେନ୍ଦ୍ରଙ୍କ ମୋ'ଠୁ ଦଶବର୍ଷ ବଡ଼ ହେବ । ନାସ୍ତିଆ ବୋଲି ଯେଉଁ ଲୋକଟକେଣା ଝିଅଟି, ମତେ ଲାଗୁଥିଲା, ତା'ପ୍ରତି ଦେବେନ୍ଦ୍ରଙ୍କ ଆକୃଷ୍ଟ । ନାସ୍ତିଆର ସୁହାଣି ପରକୁ ଅଠାକର ଚଢ଼େଇଲା ପରି । ଦେବେନ୍ଦ୍ରଙ୍କ ଚେଷ୍ଟା କରୁଥାଏ ଯେମିତି ସେ ଆଖି ସଙ୍ଗେ ତା'ର ଚକ୍ଷୁଦୃଷ୍ଟି ନ ହେଉ । ଅନ୍ୟମାନେ ଥିଲାବେଳେ ନାସ୍ତିଆ ସଙ୍ଗେ ତା' କଥାବାର୍ତ୍ତାର ଭଙ୍ଗୀ ହୁଏ ଚାକର ପ୍ରତି ମାଲିକର କଥାବାର୍ତ୍ତା ପରି । ସେଥିରେ ରସ ନ ଥାଏ, ହୁକୁମ ଥାଏ । କିନ୍ତୁ କେହି ନ ଥିଲାବେଳେ ଦେବେନ୍ଦ୍ରଙ୍କ ନାସ୍ତିଆ ଅଡ଼କୁ ଅନାଇଁରହେ କାମନାପୂର୍ଣ୍ଣ ଦୃଷ୍ଟିରେ । ତା' ମୁହଁ ହସ ଦଣେ ଡରକୁଳା, କ୍ଷମା ମାଗିଲା ପରି । ସେତେବେଳେ ସେ ତର ତର ହୋଇ ବାଡ଼ିକି ଉଠାଉଥାଏ ।

ସେ ଦୁହିଁଙ୍କ ଭିତରେ କଥାବାର୍ତ୍ତାରେ ଲାଗିଯାଏ ବଳ ଭଙ୍ଗି ଲଢ଼ାଇ । ଦେବେନ୍ଦ୍ରଙ୍କର ସାନ ଭଉଣୀ ଘରର କେଉଁ କଣରେ ଥାଇ ଅନାଇଁ ଦେଖୁଥାଏ ତା' ଆଖିଦି'ଟା ବଡ଼ ବଡ଼ ହୋଇଯାଏ । ଖୁବ୍ ମଜା ଦେଇ ଦେଖିବାକୁ ଚେଷ୍ଟା କରୁ କରୁ ଓଠ ଗୋଲିଆ ହୋଇ ରହେ । ତା' ମୁହଁକୁ ଦେଖିଲେ ହସ ମାଡ଼େ । ଯେତେବେଳେ ସେମାନଙ୍କ କଥାବାର୍ତ୍ତାରେ ଏତଲି ଦାଢ଼ିଆ ଶବ୍ଦ, ମନକୁ ଚେଷ୍ଟ

Digitized by srujanika@gmail.com

ବେଲଜିଅନ ଶରଣାର୍ଥୀ ମୁଁ ଶୁଣେ, ଯେମିତ ସାଧାରଣତଃ ସେମାନେ କୃଷ୍ଣାଦୋହ ତୃଷ୍ଣାର୍ତ୍ତ ନାହିଁ, ଯେତେବେଳେ ମୁଁ ବଡ଼ବଡ଼ ଓ ଲମ୍ବା ନିଃଶ୍ୱାସଟାଏ ପକାଏ, ସତେ ଯେମିତି ହଠାତ୍ ତା' ଉପରେ କିଏ ବରଫ ପଡ଼ ଢାଳର ପାଣି ଛିଟି-ଦେଲା ! ସେ ତା'ର ଏକୁଟିଆ ଯେଉଁ କଣରେ ବସିଥାଏ, ତା'ର ନିକଟରେ ଏପାଖରୁ ସେପାଖ ଟହଲିବାକୁ ଭଲ ଲାଗୁଥାଏ ଜଣେ ଗୋଟିଏଆ ଗମ୍ଭୀରମୂର୍ତ୍ତି ଯୁବକକୁ । ତା' ମୁଣ୍ଡବାଳ ଫିକା ଧଳଧଳିଆ, ଟାଣବର୍ଣ୍ଣ । ସେ ଜଣେ ଡାକ୍ତର ଗ୍ରେନ । ସେ ଯେତେବେଳେ ମୋ ଝିଅଟି ସଙ୍ଗରେ କଥାବାର୍ତ୍ତା ହୁଏ, ଏଡ଼େ ସାନ ପାଟିରେ କଥା କହେ ଯେ, ଲାଗେ ଯେମିତି ସେ ଫସଫସ କରି କାନ ପାଖେ କଣ କହୁଦେଉଛି । ତା' ଢଙ୍ଗ କହିବା ଭଙ୍ଗୀ ରହସ୍ୟାବୃତ ଜଣାପଡ଼େ ଓ ତା' କଥାରୁ ଓଜନ ଦେଖ-ଇଲା ସେ ଭ୍ରୂଲତାଯୋଡ଼ାକ ଟେକିଦଏ । ଏସବୁ ଦେଖିବାକୁ ଶୁଣିବାକୁ ବହୁତ କୌତୂହଳପୂର୍ଣ୍ଣ ।

କିନ୍ତୁ ରୁଷଦେଶର ଶରତ ଋତୁ ଆସିଗଲା । ନିର୍ଦ୍ଦିଷ୍ଟ ରୋଜଗାରର ପନ୍ଥା ବିନା ଜୀବନଧାରଣ କ୍ରମେ ଅସମ୍ଭବ ହୋଇପଡ଼ିଲା । ଯେଉଁ ନୂଆ ନୂଆ ବିଷୟ ପ୍ରତି ମୋର କୌତୂହଳ ଉପୁଜୁଥାଏ ସେଥିରେ ମାତିଯିବା ଦ୍ୱାରା ମୋ ରୋଜଗାର କମି କମି ଆସିଥାଏ । ମୁଁ ମୋର ଭୋଜନ ଗଣ୍ଡାକ ପାଇଁ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରୁଥାଏ । ଏଣେ ପଢ଼େ ମଣିଷ ଖାଇବା ତ ସବୁବେଳେ ଅରୁଚିକର । ଦେଖିଲି, ଶୀତଦିନଟା ନିଜ ରୋଜଗାରରେ ବଞ୍ଚିବାକୁ ହେଲେ ମୋର ଗୋଟାଏ ନିଯୁକ୍ତ ଜରୁର ଦରକାର । ସ୍ୱିସ୍‌ ଯେନେ୍ୟ.ନଭର ପାଉଁରୁଟି କାରଖାନାରେ ମତେ ସେମିତ ଗୋଟିଏ ନିଯୁକ୍ତ ମିଳିଗଲା ।

ପାଉଁରୁଟି କାରଖାନାରେ କାମ କଲାବେଳେ ମୋ ଜୀବନରେ ଯେଉଁ ସମସ୍ତ ଘଟିଲା, ସେ ବିଷୟ ମୁଁ ଠିକେ ଠିକେ ଲେଖିଛି ମୋର ଛୋଟ ଗପରେ : "ମାଲିକ", "କୋନୋଭାଲୋଭ", "ଛବିଶ ଜଣ ଓ ଜଣେ ।" ବଡ଼ ଦହଗଞ୍ଜ ହନ୍ତସନ୍ତ ହେଲ ମୋର ସେ; କିନ୍ତୁ ବହୁତ ଶିକ୍ଷାପ୍ରଦ ।

ଦେହକୁ ତ ବହୁତ ଦହଗଞ୍ଜ, ବହୁତ କଷ୍ଟପ୍ରଦ । ମୋ ଶୀରକୁ, ବୁଦ୍ଧିକୁ, ମନକୁ ଅଧିକ ବେଶି ।

ଭୂଇଁ ତଳ ମହଲରେ ସେ ପାଉଁରୁଟି କାରଖାନା । ମୁଁ ଯେତେବେଳେ ପାହାଚ ବାଟେ ସେଠିକି ଓହ୍ଲାଇଗଲି ସେତେବେଳେ କଣ ହେବ ନା' ଯେଉଁ ଲୋକଙ୍କ ସାଙ୍ଗରୁଖ ପାଇବା, କଥା ମାନ ଚଳିବା ସେତେବେଳ ହଠାତ୍ ମୋ ପକ୍ଷରେ ଅପରିହାର୍ଯ୍ୟ ହୋଇଗଲା, ସେମାନଙ୍କ ଭିତରେ ଓ ମୋ ଭିତରେ ବ୍ୟବଧାନ

Digitized by srujanika@gmail.com

ଉପୁଜାଇ ଠିଆ ହେଲା ଗୋଟାଏ 'ବିସ୍ମରଣର ପାଚେରି' । ମୁଁ ସେଠି ଥିବାବେଳେ ତାଙ୍କ ଭିତରୁ କେହି କେବେ ମୋତେ ଦେଖିବାକୁ ଆସିନାହାନ୍ତି । ଦିନକୁ ମୋର ଚଉଦ ଘଣ୍ଟା ଖଟଣି । ତେଣୁ ସପ୍ତାହରେ ଥରେ ହେଲେ ଦେବେନ୍‌ଦାଦାଙ୍କ ଘରକୁ ମୁଁ ବୁଲିଯିବା ସମ୍ଭବ ହେଲା ନାହିଁ । ମୁଁ ଅବସରବେଳେ ଶୋଇପଡ଼େଁ, ନ ହେଲେ ରୁଟି କାରଖାନାରେ ଯାହାଙ୍କ ସଙ୍ଗେ ମୁଁ କାମ କରେଁ ତାଙ୍କର ସଙ୍ଗରେ ବେଳ କଟାଇଦିଏ । ତାଙ୍କ ଭିତରୁ ଅଧିକାଂଶ କେହି କେହି ଭାବିନେଲେ ଯେ ମୁଁ ଗୋଟାଏ ନିପଟ ମୂର୍ଖ, ଯାହାର କଥାବାର୍ତ୍ତା, ହାବଭାବ ଆମୋଦ ଦିଏ । ଅନ୍ୟମାନେ ମତେ ଟିକିଏ ଅଧିକ ସ୍ନେହ ଦେଲେ; କିନ୍ତୁ ସେ ସ୍ନେହ ସେମିତିଆ, ଯେମିତି ଛୋଟ ପିଲାଏ ଅନ୍ୟ କାହାରିକି ଦେଖାନ୍ତି ଯେ ତାଙ୍କୁ ଚମତ୍କାର କାହାଣୀଗୁଡ଼ିଏ ଶୁଣାଏ । କ'ଣ ଯେ ମୋ'ଠି ସେମାନଙ୍କ ଆଗରେ କହିବାଭଳି ଉପାଦାନ ଥିଲା, ତା' ବୁଝିବା ତାଙ୍କୁ ଜଣା । ତେବେ ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥାଏଁ ସେମାନଙ୍କୁ ଆଶାରେ ଅନୁପ୍ରାଣିତ କରିବି ଯେ ସେମାନେ ଯେଉଁଭଳି ଜୀବନ ବିତାଉଥିଲେ ତାଠୁଁ ଅଧିକ ଭଲ ଜୀବନ ବଞ୍ଚିପାରିବା ବି ସମ୍ଭବ—ଯେଉଁପରି ଜୀବନ ଏତେ ଦୁର୍ବହ ଲାଗନ୍ତା ନାହିଁ, ଯେଉଁ ଜୀବନରେ ଗୋଟାଏ ଉଦ୍ଦେଶ୍ୟ ଆସନ୍ତା ଓ ଗୋଟାଏ ଅର୍ଥ ଆସନ୍ତା । କେବେକେବେ ମୁଁ ସଫଳ ହେଉଥିଲି । ମୁଁ ଯେତେବେଳେ ଦେଖେଁ ଯେ ସେମାନଙ୍କ ମାଟିମେଞ୍ଚ ପରି ନିର୍ଜୀବ ମୁହଁ ଉପରେ ମଣିଷର ଦୁଃଖଚେତନା ଝଲସିଉଠେ, ତାଙ୍କ ଆଖିରେ ଜ୍ୱଳିଉଠେ କ୍ରୋଧ ଓ ଅସ୍ଥିରତା, ସେତେବେଳେ ମୋ ମନରେ ଆନନ୍ଦ ହୁଏ, ଗର୍ବିତ ହୋଇ ମୁଁ ଭାବେଁ ଯେ ମୁଁ 'ଜନତାଙ୍କ ଭିତରେ କାମ କରୁଛି', ସେମାନଙ୍କ 'ଚେତନା ଦେଉଛି ।'

କିନ୍ତୁ ଅଧିକାଂଶ ସମୟରେ ମୁଁ ଦେଖୁଥିଲି, ମୁଁ ସେଥିରେ ସଂପୂର୍ଣ୍ଣ ଅପାରଗ । ଏପରି ସ୍ୱାଭାବିକ ବି କଥା । ମୁଁ ଦେଖୁଥିଲି, ମୋ'ଠି ନାନାଦି ବିଷୟରେ ଜ୍ଞାନ ତ ନ ଥିଲା, ମଣିଷ ଜୀବନରେ ଆମ ପାରିପାର୍ଶ୍ୱିକ ଅବସ୍ଥାରେ ଯେଉଁ କେତେକ ସାଧାରଣ ପ୍ରଶ୍ନସବୁ ଆସେ ତାର କି ଉତ୍ତର ଦେବି ତା' ମତେ ଜଣା ନ ଥିଲା । ସେଥିଠୁ ମତେ ଲାଗୁଥିଲା, ଯେମିତି ମୁଁ ଗୋଟାଏ ଅନ୍ଧାରୁଆ ଗାତ ଭିତରେ ପଡ଼ିଯାଇଛି । ସେଠି ଅନ୍ଧ ଜୁଆପୋକ ପରି ମଣିଷମାନେ ଟାଲି ଅଣ୍ଡାଳି ହୋଇ ଏପଟ ସେପଟ ହେଉଛନ୍ତି । ସେମାନଙ୍କର ଏକମାତ୍ର ଉଦ୍ୟମ, କ'ଣ କଲେ ସେମାନେ ବାସ୍ତବତାକୁ ପାସୋରି ରହିପାରିବେ । ସେହି ପାସୋରିବାଟା ସେମାନେ ପାଆନ୍ତି ଯୋଡ଼ାଏ ଉପାୟରେ : ମଦ ପିଇ ନିଶା ଖେଳରେ, ନ ହେଲେ ବେଶ୍ୟାମାନଙ୍କ ସ୍ନେହହୀନ ହିମ ଆଲିଙ୍ଗନରେ ।

Digitized by srujanika@gmail.com

ପ୍ରତି ମାସରେ ଦରମା ପାଇଲା ଦିନ ବେଶ୍ୟାଳୟକୁ ଯିବା ସତେ ଯେମିତି ଗୋଟାଏ ଅଲଙ୍ଘ୍ୟ ନିୟମ । ସେହି ସୁଖର ଦିନ ଆସିବାର ସାତ ଦିନ ଆଗରୁ ସେମାନେ ବଡ଼ ପାଟିରେ ତାକୁ ସ୍ୱପ୍ନ ଦେଖୁଥାନ୍ତି । ପୁଣି ସେଦିନ ଯେମିତି ବିତିଯିବ, ସେହିଠାରୁ ପରସ୍ପର ଆଗରେ ଲମ୍ବେଇ ଲମ୍ବେଇ କହୁଥିବେ କିଭଳି ସୁଖ, ଆନନ୍ଦ ସେମାନେ ପାଇଲେ । ସେପରି ଗପ କଲାବେଳେ ଅଶ୍ଳୀଳ ଭାବରେ ସେମାନେ ନିଜ ମର୍ଦ୍ଦପଣିଆର ଡିମ କହନ୍ତି । ସ୍ତ୍ରୀଲୋକମାନଙ୍କ ସଂପର୍କରେ ଏଭଳି ଅଶ୍ଳୀଳ କରନ୍ତି, ଯାହା ପଶୁ ନ ହେଲେ କେହି ତୁଣ୍ଡରେ ଧରିବ ନାହିଁ । ଆଉ କଥା କଥାକେ ବିରକ୍ତିରେ ଛେପ ପକାଉଥାନ୍ତି ।

ଅଥଚ ଆଶ୍ଚର୍ଯ୍ୟର କଥା ଏଥିକି ଯେ ସେହି ପ୍ରକାର କଥାଭାଷା ହାବଭାବରେ ଦୁଃଖ ଆଉ ଲଜ୍ଜାର ଅଭିବ୍ୟକ୍ତି ବି ଥାଏ, କମ୍ପା ଥାଏ ବୋଲି ମୁଁ ଭାବୁଥିଲି । 'ଆଶ୍ରମ ଘର' ଭିତରେ, ଯେଉଁଠି ଗୋଟାଏ ଦୁର୍ବଳ ମୂଲ୍ୟ ଦେଲେ ଜଣେ ରାତିକ ପାଇଁ ଗୋଟିଏ ସ୍ତ୍ରୀଲୋକକୁ କିଣି ପାରୁଥିଲା, ମତେ ଲାଗୁଥାଏ ସେଠି ମୋ ସାଙ୍ଗମାନଙ୍କୁ କୁଣ୍ଠା ତ ଲାଗୁଥାଏ, ଅପରାଧୀ କ୍ଷମା ମାଗିଲା ପରି ଲାଜ ଲାଜ ଲାଗୁଥାଏ । ମତେ ଲାଗୁଥାଏ, ସେପରି ତ ତାଙ୍କର ହେବାର ହିଁ କଥା । କେତେ ଜଣ ଭାରି ଫନ୍ଦି, ଭାରି ତେଜ ଦେଖାଉଥାନ୍ତି । ବାରହୋଇପଡ଼େ ତାଙ୍କର ପଦ୍ଧତି ଖାଲି ଲୋକ-ଦେଖାଣିଆ । ସ୍ତ୍ରୀ ପୁରୁଷ ଭିତରେ ସଂପର୍କ କିଭଳି, ତାକୁ ଅନୁଧ୍ୟାନ କରିବାକୁ ମୋର ତୀବ୍ର କୁତୂହଳ ଥାଏ । ତେଣୁ ଏ ସବୁକୁ ମୁଁ ଦେଖଥାଏଁ ଅନ୍ତର ବେଶି ଅନ୍ତର୍ଦୃଷ୍ଟି ଦେଇ । ସେତେବେଳଯାଏ ସ୍ତ୍ରୀଲୋକର ଦେହ କି ସୁଅଙ୍ଗ ମୁଁ ଉପଭୋଗ କରି ନ ଥାଏ । ମୋର ଅତୁଟ ବ୍ରହ୍ମଚର୍ଯ୍ୟ ମତେ ଟିକିଏ ଅସୁବିଧାରେ ପକାଏ । ମୋର ସାଙ୍ଗମାନେ ଓ ସ୍ତ୍ରୀଲୋକମାନେ ମୋ ସଙ୍ଗରେ ଦୁଷ୍ଟାମି ଲଗାଇ ମତେ ଥଟ୍ଟାରେ ଉଡ଼ାଉଥାନ୍ତି । ଅଳ୍ପଦିନ ପରେ ମୋ ସାଙ୍ଗମାନେ 'ଆଶ୍ରମଘର'କୁ ଯିବା ସମୟରେ ମତେ ନିମନ୍ତ୍ରଣ କରିବା ବନ୍ଦ କରିଦେଲେ । ମତେ ସଫା କହିଦେଲେ :

"ଭାଇ, ଆମ ସାଙ୍ଗରେ ଆଉ ତୁମେ ସେଠିକି ଆସିବ ନାହିଁ ।"

"କାହିଁକି ?"

"ତୁମେ ସାଙ୍ଗରେ ଥିଲେ ଅଡୁଆ ।"

ମୁଁ ବହୁତ ଆଗ୍ରହରେ ସେ କଥାକୁ ଧରିବସିଲି । ମତେ ଲାଗିଲା ଯେ ସେ କଥାରେ ମୋ ପାଇଁ ପ୍ରକୃତରେ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ କିଛି ଅଛି । କିନ୍ତୁ ଯେତେ ପଚାରିଲେ, ସେମାନେ ଆଉ କିଛି ପରିଷ୍କାର କରି କହିଲେ ନାହିଁ । ଖାଲି କହନ୍ତି,

Digitized by srujanika@gmail.com

“ମଲ, ଅଚ୍ଛା ଲୋକ ! ଥରେ ତ କହିଲୁ, ଅବ ନାହିଁ । ତୁମେ ସାଙ୍ଗରେ ଥିଲେ ସବୁ କହିହୋଇଯାଏ ।’’

ଖାଲି ଶ୍ରେଷ ହସ ହସ ଅନ୍ତ୍ରେମ କହିଲା

“କେମିତି ଲାଗେ,ଜାଣ ? ସତେ ଯେମିତି ସାଙ୍ଗରେ ଆସିଛୁ ଜଣେ ପୁରୋହିତ କ ଅମ ବାପେ ।’’

ଅତ ଆର ମାଇକଜନଅମାନେ ମୋର ସଂଯମକୁ ହସରେ ଉଡ଼ାଉଥିଲେ । ପଛକୁ ପଛକୁ ସେମାନେ ସ୍ୱରରେ ପସ୍ତୁଥିଲେ :

“କଣ ସ୍ୱଭାବ, କହିଲ ? ଅମେସବୁ ଅତି ସ୍ନାନ, ତୁମ ନାଥି ନୋହୁଁ, ଏଭଅ ତା ?’’

ତେରେସା ବୋଲି ପୋଲଣ୍ଡ ଦେଶର ମୋଟୀ ସ୍ତ୍ରୀଲୋକଟିଏ ଥିଲା, ବୟସ ଚାଳିଶି ହେବ, ତେବେହେଁ ଭଲ । ସେ ସେପଘରର ‘ଗୃହକର୍ତ୍ତ୍ରୀ’ ଭଳିଅ ଥାଏ । ତା’ର ତରୁର ଆଖି, ସତେ ଅବା ଭଲ ଜାତ ବୁଦ୍ଧିର । ମତେ ଉକୁଟି ଅନାଇ କହିଲା :

“ଛାଡ଼, ତା’ ସାଙ୍ଗରେ ଲାଗ ନାହିଁ ଲୋ ଝିଅମାନେ ! ତା’ର ନିଶ୍ଚୟ କେଉଁଠି ଗୋଟିଏ ‘ପ୍ରେମିକା’ ଅଛି । ନୁହେଁ ? ଏଡ଼େ ସୁନ୍ଦର ଭେଣ୍ଡିଆ, ଦେହରେ ଏତେ ବଳ, ସେ ଏମିତି ଅଡ଼େଇ ହୋଇ ରହନ୍ତା ? ଗୋଟିଏ ପ୍ରେମିକା ଥିବ ବୋଲି ନା, ଅଉ କାହିଁକି ?’’

ସେ ଖୁବ ମଦ ଖାଏ । ମଝିରେ ମଝିରେ ମଦ ପିଇ ନିଶାରେ ଚୂର ହୁଏ । ମାତାଲ ହେଲେ ତା’ ଅବସ୍ଥା ଏଡ଼େ ଘୃଣ୍ୟ ହୁଏ, ଦେଖିଲେ ଦେହ ଗୁଲେଇବ ! ଅଥଚ ମତେ କାହା ଲାଗେ ଯେ ସେ ଯେତେବେଳେ ମଦ ପିଇ ନ ଥାଏ ସେତେବେଳେ ଅନ୍ୟମାନଙ୍କ ପ୍ରତି ତା’ ଦୃଷ୍ଟିଭଙ୍ଗୀ କେତେ ଚିନ୍ତାଶୀଳ ହୁଏ, କେମିତି ସେ ଶାନ୍ତ ହୋଇ ଧୀରମତି ସ୍ଥିରବୁଦ୍ଧିରେ ଅନ୍ୟ ଲୋକଙ୍କ କାର୍ଯ୍ୟ ବିଷୟରେ ଚିନ୍ତା କରି ତା’ ଭିତରେ ଯୌକ୍ତିକତା ଖୋଜେ !

ସେ ମୋ ସାଙ୍ଗମାନଙ୍କୁ କହିଲା, “ଯେତେ ଲୋକ ଅଛନ୍ତି ତାଙ୍କ ଭିତରେ ଅକାଡେମିର ଛାତ୍ରମାନଙ୍କୁ ବୁଝିବା ସବୁଠୁ କଷ୍ଟ । ସତେରେ ! ଗୋଟାଏ ଝିଅପିଲା ପ୍ରତି ସେ କ’ଣ ଯେ ନ କରିପାରନ୍ତି ! କଣ କରିବେ ନା, ଘର ଚଟାଣରେ ସାବୁନ-

Digitized by srujanika@gmail.com

ଫେଣ ବୋଲ୍‌ଦେବେ, ଗୋଟିଏ ହିପିଙ୍କୁ ଲଙ୍ଗଳା କରାଇ ସ୍ୱର୍ଗୋଦ୍ୟାନ କରେଇଦେବ, ତା' ହାତଗୋଡ଼ ଚିନା ବାସନର ପ୍ଲେଟମାନଙ୍କ ଉପରେ ଥିବ, ସେହିଠୁ ପଛରୁ ଦେବେ ଠେଲିଏ, ଦେଖିବେ, କେତେଦୂର ଯାଇ ସେ ଖସିଯାଇ-ପାରିଲା। ସେହିଠୁ ସେମିତି କରିବେ ଆଉ ଗୋଟିଏ ହିପିକୁ, ସେହିଠୁ ଆଉ ଗୋଟିଏ ହିପିକୁ। କାହିଁକି ସେମିତି କରନ୍ତି ?"

"ସ୍ୱେ ତେମେ ମିଛ କହୁଚ !" ମୁଁ କହିଲି।

"ନା ନା, ଆଦୌ ମିଛ ନୁହେଁ", ତେରେସା ଶାନ୍ତ ହୋଇ କହିଲା, ଆଦୌ ବିରକ୍ତ ହୋଇ ନ ଥାଏ। କିନ୍ତୁ ତା'ର ଶାନ୍ତପଣରେ ଏହିପରି କ'ଣ ଗୋଟାଏ ଥିଲା, ଯାହା ଦେଖିଲେ ମଣିଷ ଅତ୍ୟନ୍ତ ନିରୁତ୍ସାହିତ ଓ ନିରାଶ ହୋଇଯିବ !

ମୁଁ କହିଲି, "ତୁମେ ଏ କାହାଣୀ ମନରୁ ଗଢ଼ୁଚ !"

ସେ ବଡ଼ ବଡ଼ ଆଖିକରି ମୋ ଆଡ଼କୁ ଅନାଇଁ କହିଲା," ମାଇକାନନ୍ଦ ପିଲା ଏମିତିଆ କାହାଣୀଟାଏ କେମିତି ମନରୁ ଗଢ଼ିପାରିବ, କହିଲ ? ନା, ତେମେ ଭାବୁଚ ମୋ ମୁଣ୍ଡ ଖରାପ ?"

ଲୋକେ ବହୁତ କୁତୂହଳରେ ଆମ ଦୁ'ଜଣଙ୍କ ଯୁକ୍ତିତର୍କ ଶୁଣୁଥାନ୍ତି। ତେରେସା କହୁଯାଉଥାଏ। ଯେଉଁ ଅଜାଡେମିଁ ଗ୍ରୁପମାନେ ସେଠିକି ବୁଲିଆସନ୍ତି ତାଙ୍କ ଖେଳକୌତୁକଯାକ ସେ ବର୍ଣ୍ଣନା କରିଯାଉଥାଏ। ତା' ସ୍ୱରରେ ଉତ୍ତେଜନା ନ ଥାଏ, କାମନା ବି ନ ଥାଏ। ସତେ ଯେମିତି ତା'ର ଏକମାତ୍ର ଉଦ୍ଦେଶ୍ୟ, ଖାଲି ବୁଝିବା ଯେ କାହିଁକି ସେମାନେ ଏମିତି ହୁଅନ୍ତି ?

ଶୁଣିବା ଲୋକେ ଗ୍ରୁପମାନଙ୍କୁ ନିନ୍ଦା କରି ଘୃଣାରେ ଛେପ ପକାଉଥାନ୍ତି, ଅଶ୍ଳୀଳ ଗାଳି ଦେଉଥାନ୍ତି। କିନ୍ତୁ ମୁଁ...ମୁଁ ଦେଖିପାରିଲି ଯେ ଯେଉଁମାନଙ୍କୁ ମୁଁ ମୋର ସମସ୍ତ ହୃଦୟ ଦେଇ ଭଲ ପାଉଥିଲି, ତେରେସା ସେହିମାନଙ୍କ ବିରୁଦ୍ଧରେ ଶତ୍ରୁତାର ମଞ୍ଜି ବୁଣିଦେଉଛି। ତା' କଥାର ଉତ୍ତର ଦେଇ ମୁଁ କହିଲି ଯେ ଗ୍ରୁପମାନେ ସାଧାରଣ ଲୋକଙ୍କୁ ଭଲ ପାଆନ୍ତି ଓ ସାହାଯ୍ୟ କରିବାକୁ ଚାହାନ୍ତି।

କିନ୍ତୁ ତେରେସା କହୁଥାଏ, "ତୁମେ ଯାହାଙ୍କ କଥା କହୁଚ, ସେ ଗ୍ରୁପମାନେ ଖେସ୍‌ଫେଶେନ୍‌ସ୍ୱାମ୍ପ ସହରରେ ରହନ୍ତି। ସେମାନେ ନୂଆବର୍ଷିକର ଗ୍ରୁପ। ସେମାନେ ଖ୍ରୀଷ୍ଟିଆନ୍ ଧର୍ମ ଅନୁଷ୍ଠାନରୁ ଆସିଥାନ୍ତି। ମୁଁ ଯାହାଙ୍କ କଥା କହୁଚି,

Digitized by srujanika@gmail.com

ସେମାନେ ମିଶିଛନ୍ତି ଗିର୍ଜା ଅନୁଷ୍ଠାନରେ । ସେମାନେ ରହନ୍ତି ଅର୍‌ସ୍‌ବୋସ୍ଥେ ଯୋଗେ ସଡ଼କରେ । ସେମାନେ ସବୁ ବାପମା ଛେଉଣ୍ଡ ପିଲା । ଯାହାର ମା'ବାପ ନାହିଁ, ସେ ବଡ଼ ହେଲେ ନିଶ୍ଚୟ ହୁଏ ଗୋଟାଏ ଚୋର କି ଦୁଷ୍ଟ ଲୋକ । ସେ ଆଉ ଭଲ ଲୋକ କାହିଁ ହେବ ? ସେ ବାପମା ଛେଉଣ୍ଡ ବୋଲି ସ୍ୱଭାବଚରିତ୍ରହୀନତା ହୁଏ ।"

'ଗୃହଲକ୍ଷ୍ମୀ'ର ଶାନ୍ତ ସଂଯତ ବାହ୍ମଣୀମାନ ଗ୍ରୁଫମ'ନଙ୍କ ବିରୁଦ୍ଧରେ, ସରକାରୀ ଅମଲଙ୍କ ବିରୁଦ୍ଧରେ, ସାଧାରଣତଃ ସବୁ 'ଧୋବ ଧାଉଳିଆ'ଙ୍କ ବିରୁଦ୍ଧରେ ସେ ସ୍ତ୍ରୀଲୋକମାନଙ୍କର ଦ୍ୱେଷପୂର୍ଣ୍ଣ ଅଭିଯୋଗମାନ । ଏସବୁ ଶୁଣି ଶୁଣି ମୋ ସାଙ୍ଗମାନଙ୍କ ମନରେ ବିଦ୍ୱେଷ ଓ ଘୃଣା ତ ବଢ଼ୁଥାଏ । ତା' ସହିତ ବାର ହେଉଥାଏ ଆଉ ଗୋଟିଏ ମନୋଭାବ—ପ୍ରାପ୍ତ ଆନନ୍ଦସ୍ୱାଦ ଭଳି, ପ୍ରକାଶ ପାଉଥାଏ ଏଇ କେତୋଟି ପଦରେ :

"ତା' ହେଲେ ପାଠୁଆ ଲୋକେ ତ ଆମଠୁ ଅଧିକ ଖରାପ !"

ଏସବୁ କଥା ଶୁଣିବାକୁ ମତେ କଷ୍ଟ ଲାଗୁଥାଏ, ମୋ ମନରେ ତିକ୍ତତା ଜନ୍ମୁଥାଏ । ମୁଁ ଦେଖିପାରିଲି ଯେ ସେହିସବୁ ଅନ୍ଧାରୁଆ ବସ୍ତିଗୃହଗୁଡ଼ିକ ସତେ ଯେମିତି ମଇଳା ପାଣି ପଶିବା କୂଅ, ସତେ ଯେମିତି ସହରଯାକର ସବୁ ମଇଳା ସେଠିକି ନିଗିଡ଼ି ଆସି ପଶିଛି । ତା' ଭିତରେ ଜନ୍ମୁଛି ଧୂଆଁ ସାଲୁସାଲୁ ଅସନା ନଅଁ, ସେହି ନଅଁରେ ସେ ଅସନା ପାଣିପାଚ ତାରୁଛି, ଫୁଟୁଛି ଓ ସେଥିରେ ଦ୍ୱେଷ ଓ ଶତ୍ରୁତା ଭର୍ତ୍ତି ହୋଇ ଶୁଦ୍ଧ ହୋଇସାରିଲା ପରେ ପୁଣି ସେ ଅସନା ପାଣି ସହରକୁ ବୋହି ଚାଲିଯାଉଛି । ସେହି ଗେଣ୍ଡାଗେଣ୍ଡି ଗାତ ଭିତରେ, ଯେଉଁଠି ମନ ଆଉ ଦେହ ସଂକୀର୍ଣ୍ଣତା ଭିତରେ ନାଠି ହୋଇଯାଏ, ଜାନ୍ତବ କ୍ଷୁଧା ଓ ଜୀବନର କ୍ଲାନ୍ତିର ତାଡନାରେ ଯେଉଁଠିକି ଲୋକେ ତଡ଼ି ହୋଇ ଆସନ୍ତି, ସେଠି ମୁଁ ଦେଖିଲି ଯେ ଅଶିକ୍ଷିତ ଅଫଲଗ୍ନ ସ୍ୱପ୍ନ ବେଳେବେଳେ ହଠାତ୍ ବଦଳିଯାଇ ହେଉଥିଲା ପ୍ରେମର ପୀଡ଼ା ଓ ପରୀକ୍ଷା ସମ୍ବଳିତ ମର୍ମସ୍ପର୍ଶୀ କବିତା । ସେଠି ଦେଖିଲି, "ଶିକ୍ଷିତ ଲୋକ"ଙ୍କ ଜୀବନକୁ ବିପର୍ଯ୍ୟସ୍ତ କରି ସୃଷ୍ଟିତ ଉପନ୍ୟାସମାନଙ୍କ ଅସ୍ୱମାରମ୍ଭ; ଦେଖିଲି ଯେ ମଣିଷ ଯାହାକୁ ବୁଝିପାରେ ନାହିଁ, କେମିତି ତା' ବିରୁଦ୍ଧରେ ବିଦ୍ୱେଷ ଓ ଶତ୍ରୁତା ପୋଷଣ କରେ । ମତେ ଲାଗିଲା ଯେ 'ଆଶ୍ରମ ଘର'ଟି ଏକପ୍ରକାର ବିଶ୍ୱବିଦ୍ୟାଳୟ, ଯେଉଁଠି ମୋର ସାଙ୍ଗମାନେ ଏକପ୍ରକାର ଅତି ବିଶାକ୍ତ ଜ୍ଞାନ ଅର୍ଜନ କରୁଥିଲେ ।

Digitized by srujanika@gmail.com

ମୁଁ ଲକ୍ଷ୍ୟ କରୁଥିଲି : ସେଠି ଅସନା ଚଟାଣ ଉପରେ ଅଳସ ଭଙ୍ଗୀରେ ଜଗତପସର ମେଲିଥାନ୍ତି ସେ ମାଇକିନିଆମାନେ, ଯାହାଙ୍କୁ ବୁଢ଼ା ଯଏ "ମଉଜ୍‌ବାଲି ଝିଅପିଲା।" ବାଜା ବାଜୁଥାଏ; କେତେବେଳେ ଅନବରତ ଇଁ ଇଁ ଚଳେଇଥାଏ ଗୋଟାଏ ଭାଙ୍ଗଫଟା ସାରଙ୍ଗୀ। କେତେବେଳେ ବାଜୁଥାଏ ଗୋଟାଏ ପୁରୁଣା ଭଙ୍ଗା ପିଆନୋ; ତା'ର କର୍କଶ ଟଂଟଂ ଖଟର ଖଟର ଶୁଣିଲେ ମଣିଷର ସ୍ନାୟୁ ଗଣ୍ଡଗୋଳ ହୋଇଯିବ। ସେଇ ବିକାର ଶବ୍ଦ ସଙ୍ଗେ ସଙ୍ଗେ ସେ ସ୍ତ୍ରୀଲୋକମାନଙ୍କ ଦେହର ଶିଥିଳ ମାଂସଗୁଡ଼ାକ ଅତି ବୀଭତ୍ସ ଭାବରେ ଥରୁଥାଏ। ସେଇଆ ଦେଖି ଦେଖି ମୋ ମନରେ ଉଠିଲା ନୂଆ ଚିନ୍ତାଗୁଡ଼ାଏ, ଅସ୍ପଷ୍ଟ କିନ୍ତୁ ବିକ୍ଷୋଭକାରୀ ଚିନ୍ତା। ମୋ ସ୍ୱରପଟେ ଯେତେ ଯାହା ଥିଲା, ସବୁଥିରୁ ସତେକି କ୍ଳାନ୍ତିଟେ ବାହାରୁଥାଏ, ବିଷ ପରି ମୋ ଆତ୍ମାରେ ଲାଗିଯାଉଥାଏ। ମନ ହେଉଥାଏ, ମୁଁ ସେଠୁ ପଳାଏଁ; ଅଥଚ ସେ ଇଚ୍ଛା ନିଷ୍କ୍ରିୟ, ଶକ୍ତିହୀନ।

ପାଉଁରୁଟି କାରଖାନାରେ ମୁଁ ଯେତେବେଳେ ସେହିମାନଙ୍କ କଥା କହିବାକୁ ଆରମ୍ଭ କଲେ, ଯେଉଁମାନେ ଜନସାଧାରଣଙ୍କ ମୁକ୍ତି ଓ ସୁଖ ଲାଗି ନୂଆ ବାଟ ଆବିଷ୍କାର କରିବାକୁ ନିଷ୍ଠାପର ଭାବେ ଲାଗିପଡ଼ିଥାନ୍ତି, ମତେ ମୋ ସାଙ୍ଗମାନଙ୍କଠୁ ଶୁଣିବାକୁ ପଡ଼େ :

"କିନ୍ତୁ ସେ ମାଇକିନିଆମାନେ ତ ଓଲଟା କଥା କହନ୍ତି !"

ସେମାନେ ମତେ ଥଟ୍ଟାରେ ଉଡ଼ାନ୍ତି; ରାଗରେ ଗରଗର ହୋଇ ଶ୍ଳେଷୋକ୍ତି ହାଣନ୍ତି। କିନ୍ତୁ ମୁଁ ହଟେ ନାହିଁ, ଦବେ ନାହିଁ; ପ୍ରତିବାଦ କରେ। ମୁଁ ଅନୁଭବ କରୁଥାଏଁ ଯେ, ମୋଠୁ ବୟସରେ ବଡ଼ ସେହି ପଶୁମାନଙ୍କଠୁ ମୋ ଜ୍ଞାନ କମ୍ ନୁହେଁ, ମୋ ସାହସ ବେଶି। ମୁଁ ବି ରାଗିଯାଏ। ମୁଁ ଉପଲବ୍ଧି କରିଥାଏଁ ଯେ, ଜୀବନ ବିଷୟରେ ଚିନ୍ତା କରିବା ଜୀବନଠୁଁ ସହଜ ନୁହେଁ। ବେଳେବେଳେ, ସେହି ଯେଉଁ ଅଖିଆଳ ବୁଢ଼ା ଧୈର୍ଯ୍ୟଶାଳୀ ଲୋକଙ୍କ ସଙ୍ଗରେ ମୁଁ କାମ କରୁଥାଏଁ, ସେମାନଙ୍କ ପ୍ରତି ମୋର ଅତି କଷ୍ଟ ବିଦ୍ୱେଷ ବାହାରେ। ମୁଁ ତାଙ୍କର ସେ ସହିବା ଶକ୍ତିକୁ ଦେଖି ନିଜେ ଅଥୟ ହୋଇପଡ଼େ। ତାଙ୍କର ମଦୁଆ ଖାଉନ୍ଦ ଅଧା ମାତାଲମିରେ ସେମାନଙ୍କୁ ଯେଉଁପ୍ରକାର ଅମର୍ଯ୍ୟାଦା କରେ, ତାକୁ ସେମାନେ ଯେମିତି ସହିଯାଆନ୍ତି, ତ' ମୋର ଅସହ୍ୟ ହୁଏ।

ମୋ ଜୀବନର ସେହି ଅତ୍ୟନ୍ତ ସଂଘର୍ଷମୟ ଭୟଙ୍କର ସମୟରେ ବଡ଼ ଅଦ୍ଭୁତ ଭାବରେ ଗୋଟାଏ ନୂଆ କଥା ଘଟିଲା। ମୁଁ ଗୋଟିଏ ନୂଆ ସ୍ୱବଧ ଗ୍ରବ ସମ୍ପର୍କରେ

Digitized by srujanika@gmail.com

ଥିଲା । ଯେ ସ୍ୱପ୍ନଧାରା ମୋତେ ଅତି ନୂଆ, ତେବେ ମୋ ସ୍ୱପ୍ନର ସଂପୂର୍ଣ୍ଣ ବିରୋଧୀ । ତଥାପି ମୁଁ ତନ୍ଦ୍ରାରେ ବହୁତ ବିଚଳିତ ହୋଇଯାଉଥିଲି ।

ଯେମିତିକି ଗୋଟାଏ ତୋଫାନ ରାତି, ଯେତେବେଳେ ମୋତେ ଲାଗୁଥାଏ, ସତେ ଅବା ସେହି ଭୟଙ୍କର ସ୍ୱରେ ଗର୍ଜୁଥିବା ପବନରେ ଯେଉଁ ପାଉଁଶିଆ ଆକାଶଟା ଟିକିଟିକି ଭଳି ଛିଣ୍ଡିଛଣା ହୋଇଯାଉଛି, ସେଇ ଆକାଶଟା ତଳକୁ ଖସିପଡ଼ୁଛି, ଆଉ ସେ ଅତି ଉଚ୍ଚ ଗୁଣ୍ଡା ବରଫର ଗଦା ତଳେ ଏ ପୃଥିବୀଟାକୁ ପୋତିପକାଇବ, ସତେ ଯେମିତି ଏ ପୃଥିବୀର ଅନ୍ତିମ ଶେଷ, ସୂର୍ଯ୍ୟ ନିଭିଗଲାଣି ଆଉ କେବେ ଉଇଁବ ନାହିଁ । ସ୍ନୋଭ୍‌ଟାଇଡ୍‌ ପଡ଼ୁଥାଏ । ସେଇ ରାତିରେ ଦେବେନ୍ଦ୍ରଙ୍କ ଘରୁ ମୁଁ ଲେଉଟୁଥାଏ ଭୂଟି ଦାରଖାନାକୁ । ମୋ ମୁହଁରେ ପବନ ପିଟୁଥାଏ । ମୁଁ ଆଖି ବୁଜି ଧୂମାଳିଆ ଗୋଳିଆ ପ୍ରଳୟ ଭିତରେ ନିଜକୁ ଠେଲି ଠେଲି ଆଗକୁ ଚଳୁଥାଏଁ । ହଠାତ୍ ଝୁଣ୍ଟି ତଳେ ପଡ଼ିଗଲି । ଗୋଟାଏ କୋମଳ ବରଫରେ ପଡ଼ିଥାଏ, ଠିକ୍ କରସ୍ତ୍ରା ଉପରେ । ତା'ର ଦେହରେ ମୋ ଗୋଡ଼ ବାଜି ମୁଁ ଝୁଣ୍ଟିଥାଏଁ । ଆମେ ଦୁହେଁ ପଦେ ଅଧେ ଟାଣ ଗାଳି ଝାଡ଼ିଲୁଁ, ମୁଁ ରୁଷ୍‌ଭାଷାରେ ଆଉ ସେ ଫରାସୀ ଭାଷାରେ ।

ମୋତେ ରାଗ ଲାଗିଲା । ମୁଁ ସେ ଲୋକଟାକୁ ଟେକି ଠିଆ କରିଦେଲି । ଅନ୍ଧାରରେ ସାନ ଲୋକଟିଏ, ବାଙ୍ଗରା ଦେହର ଓଜନ ଅଳ୍ପ । ମୋ ହାତକୁ ଝାଙ୍କିଦେଇ ସେ ରାଗରେ ପାଟିକଲା :

"ଅଚ୍ଛା ମଣିଷ ! ଅରେ, ମୋ ଟୋପିଟା ଦେଇଦିଅ, ମୋ ଦେହ କାଠ ହୋଇଯାଉଛି ଯେ !"

ତା' ଟୋପି ସେଇଠି ବରଫରେ ପଡ଼ିଥିଲା । ଉଠେଇ ଝାଡ଼ିଦେଇ ତା' ମୁଣ୍ଡରେ ଘାଲେଇଦେଲି । ତା' ମୁଣ୍ଡବାଳ ବଡ଼ା, ଠିଆ ଠିଆ । କିନ୍ତୁ ସେ ଟୋପିଟାକୁ ଓଟାରି ହଲେଇଲା ଆଉ ଉଭୟ ଭାଷାରେ ମୋତେ ଗାଳିଦେଲା; ପାଟିକଲା— "ପଳା ଏଠୁ !"

ହଠାତ୍ ସେ ଆଗକୁ ଦୌଡ଼ିଲା ଓ ସେହି ପ୍ରଳୟ ତାକୁ ଲୁଅନ୍ଧେ ଗିଳି-ପକାଇଲା । କିନ୍ତୁ ଅଳ୍ପ ସମୟ ପରେ ମୁଁ ପୁଣି ତାକୁ ଭେଟିଲି । ଗୋଟାଏ ନିଭି-ଯାଇଥିବା ସଡ଼କ ଆଲୁଅ ତଳେ ସେ ଆଲୁଅଖୁଣ୍ଟକୁ ଜାକୁଡ଼ି ଧରିଥାଏ, ଆଉ ଅନ୍ତୁବନ୍ତା ସ୍ୱରକାରେ ପାଟିକରୁଥାଏ :

Digitized by srujanika@gmail.com

"ଲେନା, ମୁଁ ମରୁଛ···ଉଃ, ଲେନା!" ପରସ୍ତାର ଜଣାପଡ଼ୁଥାଏ, ସେ ମଦ ନିଶାରେ ଚୁର। ମୁଁ ତାକୁ ସେଠି ସଡ଼କରେ ଛାଡ଼ିଦେଇଆସିଥିଲେ ସେ ସମ୍ଭବତଃ ବରଫରେ କାଠ ହୋଇ ମରିଯାଇଥାନ୍ତା। ସେ ଯୋଉଠି ରହେ ମୁଁ ପଚାରିଲି।

ସେ ଚାହିଁ ଚାହିଁ କହିଲା, "ସେଇ କେଉଁ ରାସ୍ତା? କୁଆଡ଼େ ଯିବ ମୁଁ ଜାଣି-ପାରୁନାହିଁ ଯେ!"

ମୁଁ ତାକୁ ଗୋଟାଏ ହାତରେ ବେଢ଼େଇ ଧରିକରି ଚାଲିଲି; ପୁଣି ଥରେ ପଚାରିଲି, କେଉଁଠି ସେ ରହେ।

"ଲୁଇଜ୍ ନଈ ଉପରେ····ସେଠି ଗୋଟାଏ ସାଧସ ଘର ଅଛି····ଗୋଟାଏ ଘର···"

ସେ ଅଟକି ଅଟକି ଚାଲୁଥାଏ ଆଉ ଠକଠକ ଥରୁଥାଏ।

ତା' ପାଦ ଏଠିସେଠି ପଡ଼ୁଥାଏ, ସେ ବାରମ୍ବାର ଝୁଣ୍ଟୁଥାଏ, ଏପାଖ ସେପାଖ ଝୁଙ୍କି ହେଉଥାଏ। ମୋତେ ଚାଲିବାରେ କଷ୍ଟ ହେଉଥାଏ। ତା' ଦାନ୍ତ ଠକଠକ ହେଉଥାଏ—ମତେ ଶୁଭୁଥାଏ।

ସେ ମୋ ଦେହରେ ଡେଙ୍ଗି ହୋଇ ଜର୍ମାନୀ ଭାଷାରେ କଣ କହିଲା।

ମୁଁ କହିଲି, "ମୁଁ ବୁଝିପାରୁନାହିଁ।"

ସେ ଠିଆ ହୋଇପଡ଼ିଲା, ହାତକୁ ଉପରକୁ ଟେକିଲା, ଜର୍ମାନୀ ଭାଷାରେ ଶବ୍ଦଗୁଡ଼ାଏ ପରସ୍ତାର ଜଣା ଉଚ୍ଚାରଣ କଲା, ତା' ପରେ ତା' ଆଣ୍ଠିକୁ ପାଣିରେ ପୁରାଇଲା, କାନ୍ଦିଲା, ତାପରେ ଅଚଳ ହେଲା। ମୁଁ ଗୋଡ଼ଠିରେ ଭରଦେଇ ବସିପଡ଼ିଲି, ତାକୁ ମୋ ପିଠିରେ ଲଦାଇଦେଲି, ଚାଲିଲି। ତାକୁ ନେଇ ଚାଲିଲାବେଳେ ସେ ପୁଣି ଥରେ କହିଲା, ମୋ ମୁଣ୍ଡ ଖପୁରି ଉପରେ ତା' ଥୋଡ଼ିକୁ ମାଡ଼ିଦେଲା। ସେ ଜର୍ମାନୀ ଭାଷାରେ କହୁଥାଏ। ପୁଣି କହିଲା, "ମୋ ଦେହ କାଠ ହୋଇଯାଉଛି, ହେ ଭଗବାନ!"

ଆମେ ଯେମିତ ଚାଲାଳ ପହଞ୍ଚିଲୁ, ମତେ ପୁଣି ତାକୁ ଗୁରେଇଗୁରେଇ ପଚାରିବାକୁ ପଡ଼ିଲା ଯେ ସେ ରହେ କେଉଁଠି, ସେ ଘର ସେ ଦେଖାଇଦେବ।

Digitized by srujanika@gmail.com

ଶେଷରେ ଗୋଟାଏ ଅଗଣା ପଛପଟେ ଗୋଟାଏ ସାନ କୋଠରି ବାଟ ମୁହଁ ଭିତରକୁ ଆମେ ଢୁକି ପଡ଼ିଲୁଁ । ଉଡ଼ିଁ ଝରୁଥିବା ଗୁଣ୍ଡା ବରଫ ଭିତରେ ସେ ବାଟମୁହଁଟା ଦିଶୁ ନ ଥାଏ । ସେ ଝଣ୍ଡ୍ରାଳ ଅଣ୍ଡ୍ରାଳ ଭିତର କବାଟ ଭଟକ ଗଲା । ଗୋଟାଏ କବାଟରେ ଠକ ଠକ କଲି । ମତେ ଚୁପ ଚୁପ କରି କହିଲା, "ଚୁପ ଥା' ।"

କବାଟ ଖୋଲିଲା ଗୋଟିଏ ସ୍ତ୍ରୀଲୋକ । ସେ ଗୋଟାଏ ନାଲିଆ ଡ୍ରେସିଂ ଗାଉନ୍ ପିନ୍ଧିଥାଏ, ହାତରେ ଥାଏ ଜଳନ୍ତା ମହମବତି । ସେ ଶବ୍ଦ ନ କରି ଆମକୁ ବାଟ ଛାଡ଼ିଦେବାକୁ ପଛକୁ ଘୁଞ୍ଚିଗଲା । ତା' ଗାଉନ୍‌ର କେଉଁ ପକେଟରୁ କି କେଉଁଠୁ ସେ ଗୋଟାଏ ଲମ୍ବା ନାଡ଼ ଥିବା ଯବକାଚ ବାହାର କରି ସେଇଥିରେ ମତେ ତନଖି କରି ଦେଖିଲା ।

ମୁଁ ତାକୁ କହିଲି ଯେ ସେ ଲୋକର ଦୁଇ ହାତ ପାପୁଲି ବୋଧହୁଏ ବରଫରେ ହିମ ହୋଇଯାଇଛି । ତେଣୁ ତା' ପୋଷାକ ବଦଳାଇ ତାକୁ ବିଛଣାରେ ଶୁଆଇଦେବା ଉଚିତ ।

"ସତେ ?" ସେ କହିଲା ।

ତା' ସ୍ୱର ପ୍ରାଣବନ୍ତ, ପରିଷ୍କାର ସ୍ୱର, ଯେପରି ଯୁବତୀମାନଙ୍କର କଣ୍ଠ ହୁଏ ।

"ତା ହାତଯୋଡ଼ିକ ଥଣ୍ଡା ପାଣିରେ ଧୋଇଦେବାକୁ ପଡ଼ିବ", ମୁଁ କହିଲି ।

ସେ କଥା ନ କହି ଘରର ଗୋଟିଏ କଣ ଆଡ଼କୁ ହାତ ଦେଖାଇଲା । ସେ କଣରେ ଛବି ଆଙ୍କିବା କାଠଘୋଡ଼ିଆ ଛଡ଼ା ଆଉ କିଛି ନ ଥାଏ; ତା' ଉପରେ ଥୁଆ-ହୋଇଥାଏ ଗୋଟିଏ ଛବି । ଛବିରେ ଗୋଟିଏ ନଈ, ଗୁଡ଼ିଏ ଗଛ । ମୁଁ ଆଶ୍ଚର୍ଯ୍ୟ ହୋଇ ସେ ସ୍ତ୍ରୀଲୋକର ମୁହଁକୁ ଅହୁଣ ନିରେଖି ଅନାଇଁଲି । ବଡ଼ ଆଶ୍ଚର୍ଯ୍ୟ ପ୍ରକାରେ ସେ ମୋ ପାଖରୁ ଘୁଞ୍ଚିଯାଇ ଘରର ଅନ୍ୟ ଗୋଟାଏ କଣକୁ ଚାଲିଗଲା । ସେଠି ଟେବୁଲ୍ ଉପରେ ଗୋଟାଏ ଆଲୁଅ ଜଳୁଥାଏ, ତା' ଉପରେ ନାଲିଆ ଘୋଡ଼ଣି । ଟେବୁଲ୍ ଉପରୁ ଗୋଟାଏ ତାସର ଠକିଖ ଗୋଲାମ ଉଠାଇନେଇ ସେ ତାକୁ ତୀକ୍ଷ୍ଣ ଦୃଷ୍ଟିରେ ପରୀକ୍ଷା କରିବାକୁ ଲାଗିଲା ।

Digitized by srujanika@gmail.com

ବଡ଼ପାଟିରେ ପଚାରିଲି, "ତୁମ ଘରେ ଉଦ୍‌କା ମଦ ଅଛି ?" ସେ ଉତ୍ତର ଦେଲା ନାହିଁ । ସେ ତାସଗୁଡ଼ିକ ଟେବୁଲ ଉପରେ ସଜେଇ ଲାଗିଥାଏ । ପ୍ରତ୍ୟେକଟି ଡହଳରେ ବସିଥାଏ; ତା' ମୁଣ୍ଡ ତା' ଗ୍ଲାସ ଉପରେ ଓହଳିପଡ଼ିଥାଏ । ତା' ହାତ ନାଲି ପଡ଼ିଯାଇଥାଏ, ନିର୍ଜୀବ ହୋଇ ଓହଳିଥାଏ । ମୁଁ ତାକୁ ଖଟ ଉପରେ ଶୁଆଇ-ଦେଲି ଓ ତା' ପୋଷାକ ଉତାରି ପକାଇଲି । ଯା'ଣ ସେ ଘଟିଯାଉଛି, ମୁଁ ବୁଝି ପାରୁ ନ ଥାଏଁ । ସ୍ୱପ୍ନ ଦେଖିଲା ପରି ମତେ ଲାଗୁଥାଏ । ଖଟପାଖ କାନ୍ଥଟା ମାଳ ମାଳ ଫଟୋ ମଗହୋଇ ବିଲ୍‌କୁଲ୍ ଲୁଚିଯାଇଥାଏ । ଆଲୁଅ ପଡ଼ି ଦିଶୁଥାଏ, ଫଟୋମାନଙ୍କ ଭିତରେ ଟଙ୍ଗାହୋଇଥାଏ ଗୋଟାଏ ନଷ୍ଟ ଭ ସୁନାହାର । ସେଥିରେ ଧଳା ଫିତା ବନ୍ଧା ହୋଇଥାଏ । ଫିତା ଯେଉଁଠି ସରିଥାଏ, ସେଠି ସୁନେଲି ଅକ୍ଷରରେ ଲେଖା-ହୋଇଥାଏ:

"ଅତୁଳନୀୟା ଗିଲ୍‌ଡା ପାଇଁ ।"

ଲେକଟାର ହାତକୁ ମୁଁ 'ଯେମିତ' ଉଠାଇଲି, ସେ କଷ୍ଟରେ ପାଟିକଲା, "ହେଇ, ହୁସିଅର !"

ସ୍ତ୍ରୀଲୋକଟି ତା'ର ତାସଗୁଡ଼ାକ ବଦଳେଇଦେଲା । ସେଇଥିରେ ସେ ମଜ୍ଜି-ଯାଇଥାଏ, ଏକଦମ ତନ୍ମୟ ପଡ଼ିଥାଏ । ତା'ର ଗୋଲଗାଲ ଦାନ୍ତ ଯୋଗୁଁ ତା' ମୁହଁ ଗୋଟିଏ ଚନ୍ଦ୍ରର ମୁହଁ ପରି ଦିଶୁଥାଏ । ଯୋଡ଼ିଏ ବଡ଼ ବଡ଼ ସ୍ଥିର ଆଖି ସେ ମୁହଁକୁ ଉଜ୍ଜ୍ୱଳ କରୁଥାଏ । ସେ ଆଖିର ଦୃଷ୍ଟିରେ ହଲ୍ ନାହିଁ, ଚଲ୍ ନାହିଁ । ସେ ତା'ର ମୁଣ୍ଡବାଳ ସଭିଳାବାକୁ ହାତଯୋଡ଼ିକ ଟେକିଲା । ହାତଯୋଡ଼ିକ ଗୋଟିଏ କନେଶାଗର । ମୁଣ୍ଡବାଳ ଅଯତ୍ନରେ ସଜା ହୋଇ ଗୋଟାଏ ଟୋପି ପିନ୍ଧିଲା ପରି ଦିଶୁଥାଏ । ନମ୍ର ସ୍ୱରରେ କିନ୍ତୁ ପରିଷ୍କାର ସ୍ୱରରେ ସେ ପଚାରିଲା :

"ମିଶାକୁ ଦେଖିଲ କି, ଜର୍ଜି ?"

ଜର୍ଜି ମତେ ନରକୁ ମେଲ୍ଲଦେଇ ଚଟ୍‌ପଟ୍ ସିଧା ହୋଇ ବସିପଡ଼ିଲା; ଅସ୍ଥିର ହୋଇପଡ଼ି ତରତର ହୋଇ ପଚାରିଲା :

"କାହିଁକି ପଚାରୁଛ ? ତୁମେ ତ ଜାଣିଚ, ସେ କଏଭିକୁ ଯାଇଚି ।"

ସ୍ତ୍ରୀଲୋକଟି କହିଲା, "ହଁ, କଏଭିକୁ ଯାଇଚି ।" ତା' ଆଖି ତାସଗୁଡ଼ାକ ଉପରେ ଥାଏ । ମୁଁ ଲକ୍ଷ୍ୟ କଲି ଯେ ତା' ସ୍ୱରରେ ଅଦୌ କୌଣସି ଉଦବେଗ ଲାଗିଣି ନ ଥାଏ ।

Digitized by srujanika@gmail.com

"ସେ ଚଞ୍ଚଳ ଲେଉଟିବ ଯେ……"

"ଏଁ ?"

"ହଁ, ଖୁବ୍ ଚଞ୍ଚଳ ।"

"କଣ କହୁଛ ?" ସ୍ତ୍ରୀଲୋକଟି ପଚାରିଲା । ଜର୍ଜି ଲୁଗାପଟା ପୂରା ପିନ୍ଧି ନ ଥାଏ । ସେ ଖଟ ଉପରୁ ଡେଇଁପଡ଼ି ତା'ଦେହକୁ ଗଲା । ତା'ପାଦତଳେ ଅଣ୍ଟା ମାଡ଼ି ବସି ସେ ଜର୍ମାନୀ ଭାଷାରେ କଣ କହିଲା ।

ସ୍ତ୍ରୀଲୋକ ରୁଷ ଭାଷାରେ କହିଲା, "ମୁଁ ଠିକ୍ ଅଛି ।"

"ଜାଣିଚ ? ମୁଁ ପଥ ବାଟ ଭୁଲିଗଲି । ବାଟରେ ଏମିତି ବରଫ ଝଡ଼ ହେଲା କହିଲେ ନ ସରେ । ମତେ ଲାଗୁଥାଏ, ମୁଁ ବରଫରେ କାଠ ହୋଇ ମରିଯିବି ।" ଜର୍ଜି ତାକୁ ଜବରରେ ଜଡ଼ କରୁଥାଏ । ତା' ହାତ ସେ ସ୍ତ୍ରୀଲୋକର ଅଣ୍ଟା ଉପରେ ଶିଥିଳ ହୋଇ ପଡ଼ିରହିଥାଏ, ସେଇଥିରେ ସେ ତା' ହାତପାପୁଲିକୁ ଆଉଁଷୁ-ଥାଏ ।

ଜର୍ଜିର ହୃଦୟ ସ୍ପନ୍ଦିତ ହେବ । ତା' ମୁହଁ ନାଲିଷ୍ଟ ଦିଶୁଥାଏ, ତାକୁ ଗୋଟାଏ ଚମତ୍କାର ବୃଦ୍ଧାଣୀ ତା ମୁହଁରୁ ଓ ଜଳା ଜଣ ତଳେ ତା' ମୋଟା ଓଠ ଉପରେ ଦିଶୁଥାଏ । ତା' ଗୋଲ ମୁଣ୍ଡରେ ଯେଉଁ କଅଁଳା ଖୁଣ୍ଟାଳିଆ ସାନ ସାନ ବାଳ ଠିଆ ହୋଇଥାଏ, ସେ ସେଇ ବାଳ ଉପରେ ହାତରେ ଚଟକି ଲାଗିଥାଏ; ଅଥଚ ଚଞ୍ଚଳ ତା ଜଣା ପଡ଼ିଯାଉଥାଏ ।

ସେ ସ୍ତ୍ରୀଲୋକ କହିଲା, "କାଲି ଆମେ ଜଏନ୍ ଯିବା ।" ତା'ର ସ୍ୱରରୁ ବାରି ହେଉ ନ ଥାଏ ଯେ ସେକଥା ସେ ପଚାରୁଛି ନା କହୁଛି ।

"ଭଲ କଥା । କାଲି ଯିବା । ଅଚ୍ଛା ତୁମେ ଯାଇ ବିଶ୍ରାମ କର । ଶୋଇବାକୁ ଯାଉନା କାହିଁକି ? ବହୁତ ଡେରି ହେଲାଣି ଯେ !"

"ତା'ହେଲେ ମିଶା ଅଜ ଫେରୁନାହିଁ ?"

"ନା, ନା ! ଆଜ ଏମିତି ଝଡ଼ …ଚାଲ, ତୁମେ ଟିକିଏ ଶୋଇପଡ଼ ।"

Digitized by srujanika@gmail.com

ସେ ଟେବୁଲ ଉପରୁ ଲ୍ୟାମ୍ପ ଉଠେଇନେଲ ଓ ତାକୁ ସଙ୍ଗରେ ନେଇ ବୁଲିଗଲା । ଯେଉଁ ସ୍ଥାନ ଦୁଅରମୁହଁଟି ବନ୍ଦ ଅଲମାରି ଉତ୍ତାଡ଼ରେ ଥାଏ, ସେଇଠାକୁ ସେମାନେ ଗଲେ । । ବହୁତ ସମୟଯାକେ ମୁଁ ଏକୁଟିଆ ଥାଏଁ । ମୋ ମୁଣ୍ଡରେ କିଛି ପଶୁ ନ ଥାଏ । ଅରଘରୁ ବସିଲ ବସିଲ ପାଟିରେ ଥିବ ସବୁ ହୋଇ ତା’ ସ୍ୱର ଶୁଭୁଥାଏ । ମୁଁ ସେଇଆଡ଼କୁ ଚାହେଁଇଥାଏ । କନ୍ତୁର ହାତ ପଞ୍ଝାପଟ ଝେଡ଼ର ରୁମ-ରୁମିଆ ପଞ୍ଝା ଝରକାରେ ଧକା ମାରୁଥାଏ । ଚଟାଣ ଉପରେ ବରଫ ତରଳି ଅସ୍ତ୍ରବ ପାଣି ଜମିଥାଏ । ସେଇ ପାଣି ଉପରେ ମହମବତୀର ଅଲୁଅ ପଡ଼ି ଝଲ ଝଲ ଅଗି ମିଟିକା ମାରୁଥାଏ । ଘରଯାକ ଅସବାବପତ୍ର ଭର୍ତ୍ତି; ଗୋଟାଏ ବିଚିତ୍ର ଉଷ୍ମମୂଳିଆ ବାସ୍ନା । ସେଇ ବାସ୍ନାରେ ମଣିଷର ମନ ଭିତରେ ନିଦ ଘାରୁଥାଏ ।

ଶେଷରେ ଜର୍ଜି ଅସିଲ । ହାତରେ ଲ୍ୟାମ୍ପ ଧରିଥାଏ । ଟଳୁଥାଏ । ଲ୍ୟାମ୍ପର ଘୋଡ଼ଣି ଲ୍ୟାମ୍ପର କାଚରେ ବାଜି ଖଡ଼ଖଡ଼ ହେଉଥାଏ ।

କହିଲ, “ସେ ବିଛଣାରେ ଶୋଇଲେଣି ।”

ଜର୍ଜି ଟେବୁଲ ଉପରେ ଲ୍ୟାମ୍ପକୁ ଥୋଇଦେଲ । ସେ ଚଲ୍ଲାମନ୍ଥ ଥକିପଡ଼ି ଜଣାପଡ଼ୁଥାଏ । ଘର ମଝିରେ ଅଟକି ରହି ସେ କଥା କହିବାକୁ ଲଗିଲ । କିନ୍ତୁ ସେ ମୋ ଆଡ଼କୁ ଅନେଇଲ ନାହିଁ ।

“ଆଉ କହିବାର କଣ ଅଛି ?” ସେ କହିଲ, “ତମେ ନ ଥିଲେ ମୁଁ ବୋଧହୁଏ ମରଯାଇଥାଆନ୍ତି । ମୁଁ ବହୁତ କୃତଜ୍ଞ । ଅଚ୍ଛା, ତୁମେ କଏ ?”

ସେ ଗୋଟିଏ ଭରକୁ ମୁଣ୍ଡକୁ ଟାଳଦେଇ ଅରଘରୁ ଅସୁଥିବା ସାମାନ୍ୟ ଖସ୍‌ଖସ୍ ଶବ୍ଦକୁ ଚାହେଁଇ ଠିଆ ହେଲ । ଅସ୍ଥିର ହୋଇ ମଝିରେ ମଝିରେ ଚମକୁଥାଏ ।

ମୁଁ ଖୁବ୍ କଷ୍ଟେଇ ପଚାରିଲି, “ସେ କ’ଣ ତୁମ ସ୍ତ୍ରୀ ?

“ହ. ସ୍ତ୍ରୀ । ମୋର ସର୍ବସ୍ୱ । ଏ ଜୀବନରେ ସେଇଠିକ ଛଡ଼ା ମୋର ଆଉ କିଛି ନାହିଁ ।” ସେ ଅସ୍ତ୍ରେ ଅସ୍ତ୍ରେ କଣ ଜହୁଥାଏ; ଚଟାଣକୁ ଏକ ଦୃଷ୍ଟିରେ ଚାହିଁଥାଏ । ପୁଣି ସେ ତା’ ମୁଣ୍ଡକୁ ଉଠେଇଲ

“ଅଚ୍ଛା, ଅମ ଟିକଏ ସ୍ବ’ ପିଇନେଲ ପାରନ୍ତ ; ନୁହେଁ ?” ସେ ଅନ୍ୟମନସ୍କ ହୋଇ କବାଟ ଆଡ଼କୁ ଗଲ; ତା’ପରେ ... ଟେକିଗଲ । ତା’ର ମନେପଡ଼ିଗଲ ଯେ ବୁଢ଼ୀ ... ହୋଇ ... ନକୁ ପଠାହୋଇଛି ।

Digitized by srujanika@gmail.com

ମୁଁ ବୃଦ୍ଧାପାଖ ଉଠେଇବ ବୋଲି କହିଲି । ସେ ମୁଣ୍ଡ ହଲେଇ ସମ୍ମତି ଜଣାଇଲା । ସେ କଷ୍ଟସୁ ଭୁଲିଯାଇଥିଲା ଯେ ସେ ପୁରୁ ଲୁଗାପଟା ପିନ୍ଧିନାହିଁ । ସେହିପରି ଅବସ୍ଥାରେ ଖାଲିପାଦରେ ସେ ଓଦା ଚଟାଣ ଉପରେ ଏକର ସେବକ ହୋଇ ମତେ ତା'ର ସ୍ଥାନ ଶ୍ରେଷ୍ଠେଇଘରଟି ଦେଖାଇଦେଲା । ସେ ଘରେ ଚୁଲି ଉପରେ ଅଣ୍ଡାଳପତ୍ର ସେ ପୁଣି କହିଲା :

"ତୁମେ ନ ଥିଲେ ମୁଁ ବରଫରେ ମରିଯାଇଥାନ୍ତି । ତୁମକୁ ବହୁତ ଧନ୍ୟବାଦ !"

ତା'ପରେ ଚମକିପଡ଼ି ସେ ମତେ ବଡ଼ ବଡ଼ ଆଖିରେ ଅନାଇଁଲା । ସେ ଆଖିରେ ଭୟ ପୂରିଥାଏ ।

କହିଲା, "ତା'ହେଲେ ତା'ର କ ଅବସ୍ଥା ହୋଇଥାନ୍ତା ? ହା ଭଗବାନ୍ !" ସେ ଭରଭର ହୋଇ ଫୁସ୍ ଫାସ୍ କରି କଥା କହୁଥାଏ । କଳା ଗାଉନ୍ ମୁହଁ ପଛ ବଣୁଥାଏ ଦୁଅରମୁହଁଟା । ସେଇ ଅଡ଼କୁ ତା' ଅଖି ଥାଏ । ବଢ଼ିଲା :

"ତା' ଦେହ ଭଲ ନାହିଁ । ତୁମେ ତ ଦେଖିଲ । ତା'ର ଗୋଟିଏ ପୁଅ ଥିଲା, ସେ ସଙ୍ଗୀତ-ଓସ୍ତାଦ୍, ମସ୍କୋରେ ଥିଲା । ସେ ଆତ୍ମହତ୍ୟା କଲା । କିନ୍ତୁ ସେ ତଥାପି ଭାବୁଚ ଯେ ସେ ପୁଅ ଘରକୁ ଫେରିବ । ଆଜକି ଦୁଇବର୍ଷ ହୋଇଗଲାଣି ।"

ପରେ, ଆମେ ଯେତେବେଳେ ବୃଦ୍ଧା ଖାଉଥାଉଁ ସେ କଥା କହୁଯାଉଥାଏ । ତା' କଥାର ଧାର ଅସଂଲଗ୍ନ । ସେ ଯେଉଁ ଶବ୍ଦ ବ୍ୟବହାର କରୁଥାଏ, ଲୋକଙ୍କ ସାଧାରଣ କଥାଭାଷାରେ ତା' ଶୁଣିବାକୁ ମିଳେ ନାହିଁ । କହୁଥାଏ, ମଫସଲର କପିତାର ଘର ବେ ହୁ ଥିଲା ସେ ' ସେ କଲେ ଇତିହାସ ମାଷ୍ଟର । ସେ ତା' ପୁଅକୁ ପଢ଼େଇବାକୁ ନିଯୁକ୍ତ ହୋଇଥିଲା । ତା'ପରେ ତା' ସଙ୍ଗରେ ତା'ର ପ୍ରେମ ହେଲା । ତା'ର ପାଇଁ ସେ ତା'ର ସ୍ୱାମୀକୁ ଛାଡ଼ିଦେଲା । ସ୍ୱାମୀ ଜଣେ ଜର୍ମନ୍ ବ୍ୟାରନ୍ । ସେ ଷ୍ଟେଟ୍ ସେ ଅପେରା ପାର୍ଟିରେ ଗୀତ ଗାଇ ଗାଇ ଚାଲିଲା ଓ ସେ ଉଚ୍ଚେ ଅତି ଆନନ୍ଦରେ ରହିଲେ । ଅଥଚ ତା' ଜୀବନକୁ ବିଷମୟ କରିବାପାଇଁ ବ୍ୟାରନ୍ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଥାଏ ।

ସେ ମତେ ଏସବୁ କହୁଥାଏ । ଏଣେ ଆଖି ମିଞ୍ଜି ମିଞ୍ଜି କରି ତୀକ୍ଷ୍ଣ ଦୃଷ୍ଟିରେ ଓଦାନ ... ଅଟ ... ଭିତରକୁ ଲୁଅଡ଼େ ଅନାଏ ଦେଖଥାଏ । ତା' ... ... ଇ ଶୁଣିଯାଉଥାଏ ଦୂରକୁ, ଯେଉଁଠି ଚଟାଣଟା ଖଡ଼ସ

Digitized by srujanika@gmail.com

ହୋଇ ଗଲା ହୋଇଯାଉଥାଏ, ସେଇବାଟେ । ସେ ଏତେ ଉତଳ ଉତଳ ସ୍ୱ ଫିଲ ଯେ ତା' ପ୍ରତି ଟୋକିଗଲେ; ସନ୍ଧ୍ୟାରେ ତା' ମୁହଁ ବିବର୍ଣ୍ଣ ହୋଇଗଲା । ପୁଣି ତା'ର ଗୋଲ ଗୋଲ ଆଖି ଦୁଶ୍ଚିନ୍ତାରେ ମିଟି ମିଟି ହେଲା । ସେ ପୁଣି ମତେ ପଚାରିଲା : “ତୁମେ କିଏ ? ହଁ, ମନେପଡ଼ିଲା । ତୁମେ ଗୋଟେ ରୁଟି କାରଖାନାରେ କାମ କର । ବଡ଼ ଖଟଣି ତ । ତୁମେ ସେ କାମରେ ତ ଖାପୁନାହଁ !”

ତା' ସ୍ୱରରେ ଦୁଶ୍ଚିନ୍ତା ଓ ଉଦ୍‌ବେଗ ବାରିହୋଇପଡୁଥାଏ । ସେ ମୋ ଆଡ଼କୁ ସନ୍ଦେହୀ ଆଖିରେ ଅନାଇଲା । ତା' କାହାଣୀ ଚାଲିଥାଏ ସେମିତି କେଉଁ କାହାଣୀ ପରି, ଯାହାକୁ ଭୁଲେଇଦେଇ ଯତ୍ନରେ ଲୁଚାଇଦିଆହୋଇଛି ।

ମୁଁ ସଂକ୍ଷେପରେ ମୋ ଇତିହାସ ତା' ଆଗରେ କହିଦେଲି ।

ସେ ଥରି ଥରି କରି କହିଲା, “ଓଃ, ତା'ହେଲେ ଏମିତିଆ ! ଏମିତିଆ !”

ତା'ପରେ ହଠାତ୍ ଆଗ୍ରହରେ ତେଜିଉଠି ସେ କହିଲା, “ସେ ଦେଶ ଗୋଟାଏ କାହାଣୀ ଅଛି, ଅସୁନ୍ଦର ହଂସଛୁଆ ବିଷୟରେ, ତୁମେ ଶୁଣିଛ ତ ?”

ତା' ମୁହଁ ବିବର୍ଣ୍ଣ ସବେ ମୋଟ ହୋଇଗଲା । ତା' କଥାରେ ପୁରିଗଲା ରାଗ । ତା'ର ବସିଲା ବସିଲା ସ୍ୱର ଚଢ଼ିଚଢ଼ି ଉଠୁଥାଏ, ଚିତ୍କାର କଲାପରି । କହୁଥାଏ :

“ମଣିଷଟାକୁ ଭୁଲେଇଦିଏ—ସେମିତିଆ ଗୋଟାଏ କାହାଣୀ । ମତେ ବି ଅବିକଳ ସେମିତି ଲାଗୁଥିଲା, ଯେତେବେଳେ ମୁଁ ତୁମ ବୟସର ହୋଇଥିଲି । ଲାଗୁଥାଏ, ହୁଏତ ମୁଁ ବି ବଡ଼ ହେଲେ ହଂସଟିଏ ହୋଇଯିବି । ଆଉ......ମୋର ଥିଲା ଏକାଡେମିରେ ପଢ଼ିବା କଥା । ତା' ପରିବର୍ତ୍ତେ ମୁଁ ଗଲି ୟୁନିଭର୍ସିଟି । ମୋ ବାପା, —ସେ ଥିଲେ ଗିର୍ଜାରେ ପୁରୋହିତ । ସେ ମତେ ଭାଗ୍ୟପୂର୍ଣ୍ଣ କଲେ । ତା'ପରେ ପ୍ୟାରିସରେ ମୁଁ ପଢ଼ିଲି ମଣିଷର ପୂର୍ବାଂଶର ଇତିହାସ, ଅର୍ଥାତ୍ ମଣିଷର ବିବର୍ତ୍ତନର ଇତିହାସ । ମତେ ବି କିଛି ଲେଖିଲି । ହଁ, ସେଗୁଡ଼ା ସବୁ ଏମିତି......”

ଚମକିପଡ଼ିଲା । ଟିକିଏ ଚାହିଁଲା; ପୁଣି କହିଲା :

Digitized by srujanika@gmail.com

"ବିଜ୍ଞାନ—ମନଗଢ଼ା କଥା—ନିଜକୁ ଭଣ୍ଡିବାକୁ ଲୋକେ ଖାଲି ମନରୁ ତା'କୁ ଗଢ଼ିଛନ୍ତି । ମଣିଷ ଜୀବନର କୌଣସି ତାତ୍ପର୍ଯ୍ୟ ନାହିଁ, କୌଣସି ଧ୍ୟେୟ ନାହିଁ । ଦାସତ୍ୱ ବିନା ତୁମେ ବିକାଶ କରିପାରିବ ନାହିଁ । ବହୁସଂଖ୍ୟକ ଲୋକଙ୍କ ଉପରେ ଅଳ୍ପସଂଖ୍ୟକ ଲୋକେ ରାଜୁତି ଚଳେଇଛନ୍ତି । ସେଇଟା ଯେମିତି ବନ୍ଦ ହେବ, ସେମିତି ମଣିଷଜାତି ଅଟକିଯିବ । ଆମେ ଯେତେବେଳେ ଆମ ଜୀବନକୁ ସରଳ କରିବାକୁ, ଆମ ଶ୍ରମକୁ ଲାଘବ କରିବାକୁ ଚେଷ୍ଟା କରୁ, ସେତେବେଳେ ଆମେ ଆମ ଜୀବନକୁ ଖାଲି ବେଶି ବେଶି ଜଟିଳ କରିପକାଉ ଓ ନିଜେ ଆହୁରି ଅଧିକ ଶ୍ରମ ଉଠାଉ । କଲ୍ କଳ-କାରଖାନା ଆଉ ଯନ୍ତ୍ରପାତି — ଆହୁରି ଯନ୍ତ୍ରପାତି ଗଢ଼ିବୁ ବୋଲି । କେଡ଼େ ମୂର୍ଖ କଥା ! ଦୁନିଆରେ ହୋଇଯାଆନ୍ତୁ ଆହୁରି ଆହୁରି କାରଖାନା ଶ୍ରମିକ, ଅଥଚ ଦୁନିଆ ପ୍ରକୃତରେ ଲୋଡ଼ୁଛି ଚାଷୀ, ଯେ ଗହମ ମଞ୍ଜି ଲଗେଇବ । ଖାଦ୍ୟ—ମଣିଷ ନିଜ ହାତରେ କାମ କରି ପ୍ରକୃତିଠୁଁ ସେଇ ଗୋଟିଏ ଜିନିଷ ଛଡ଼େଇନେବା ପ୍ରୟୋଜନ । ମଣିଷ ଯେତେ ଅଳ୍ପ ଲୋଡ଼ିବ, ସେତିକି ଅଧିକ ସୁଖରେ ରହିବ; ଯେତେ ଅଧିକ ଲୋଡ଼ିବ, ସେତେ ଊଣା ହୋଇଯିବ ତା'ର ସ୍ୱାଧୀନତା ।"

ସେ ଅବଶ୍ୟ ଏହିସବୁ ଶବ୍ଦ କହି ନ ଥିଲେ । କିନ୍ତୁ ସେ ଯେଉଁ ବିଷୟବସ୍ତୁର ଧାରଣା ସବୁ ପ୍ରକାଶ କଲେ, ତା' ଏୟା । ସେସବୁ ଧାରଣା ସହିତ ସେଇ ପ୍ରଥମ ଥର ମୁହାଁମୁହିଁ ହେଲି, ଆଉ ସେ ଧାରଣା ମୋ ଆଗରେ ବିଲକୁଲ ଖୋଲଖୋଲା ଭାବରେ ଆଗତ କରାଗଲା । ସେଥିରେ କିଛି ଛଦ୍ମବେଶ ନ ଥିଲା । କିଛିକିଛି ଉତ୍ତେଜିତ ହୋଇ ସେ ଲେକ ଚିତ୍କାର କରୁଥିଲେ । ତା'ପରେ ଆଉ ବଗିଚାମାନଙ୍କୁ ଯିବାକୁ ଯେଉଁ ଦୁଆରମୁହଁ ଥିଲା, ସେ ଉଦ୍‌ବିଗ୍ନ ହୋଇ ସେ ଦୁଆରମୁହଁ ଆଡ଼କୁ ଅନେଇଲେ । ସବୁ ଚୁପ୍‌ଚାପ ଥାଏ, କିନ୍ତୁ ସେ ଭାବି ଡେରିଲେ । ତା'ପରେ ଫୁସ୍‌ଫୁସ୍ କରି କହିଗଲେ । ତା' ସ୍ୱରରେ ଆଦେଶ ଝଲକୁଥାଏ । ସେ କହିଲେ, "ଏଇ କଥାଟା ମନେ ରଖିଥିବ—ମଣିଷର ବେଶି କିଛି ଦରକାର ନାହିଁ; ଖାଲି ଦରକାର, ଖଣ୍ଡେ ରୁଟି ଆଉ ଗୋଟାଏ ସ୍ତ୍ରୀଲୋକ ।"

ସ୍ତ୍ରୀଲୋକ ବିଷୟରେ କଥା କହିବାବେଳେ ତା' ସ୍ୱର ରହସ୍ୟମୟ ଶୁଭୁଥାଏ । ସେ ଯେଉଁ ଶବ୍ଦ ବ୍ୟବହାର କରୁଥାଏ, ମୁଁ ତାହା ଜାଣି ନ ଥିଲି । ସେ ଯେଉଁ ପଦ୍ୟ ଆବୃତ୍ତି କରୁଥାଏ, ମୁଁ ତାହା ପଢ଼ି ନ ଥିଲି । ଆଉ ହଠାତ୍ ମତେ ଲାଗିଲା, ହ୍ୱେର ବାସ୍କିନ୍ ସହିତ ତା'ର ବହୁତ ସାଦୃଶ୍ୟ ।

ସେ ଫୁସ୍‌ଫୁସ୍ କରି କହିଲା, "ବିଏଟ୍ରିସ୍, ଫିଆମେଟା, ଲରା, ନିନନ"। ଏସବୁ ନାଁ କାହାର, ମୁଁ ଜାଣି ନ ଥିଲି । ପ୍ରତ୍ୟେକରେ ଅଦ୍ଭୁତ କେତେ ଶୁଣା

Digitized by srujanika@gmail.com

ଓ କେତେ କବିଙ୍କ କଥା ସେ କହିଲା । ସେ ଫରାସୀ କବିତା ଆବୃତ୍ତି କଲା । ତାଳ ରଖିବାକୁ ହାତ ହଲଉଥାଏ, ଗୋଟାଏ ସରୁ ହାତ, କହୁଣୀଯାକେ ଖୋଲା ।

ଫୁସ୍‌ଫୁସ୍ ହୋଇ ପ୍ରଳାପ କଲାପରି କହୁଥାଏ, "ପୃଥିବୀରେ ରାଜତ୍ୱ କରନ୍ତି ପ୍ରେମ ଆଉ କ୍ଷୁଧା" । ଏ ଶବ୍ଦଯୋଡ଼ିକ ମୁଁ ଜାଣିଥିଲି । "ସମ୍ରାଟ କ୍ଷୁଧା" ବୋଲି ଯେଉଁ ସାନ ବଟ୍ଲୀ ବହିଟିଏ ବାହାରିଥିଲା, ତା'ର ମଲାଟ ତଳେ ଏ ଶବ୍ଦଯୋଡ଼ିକ ଛପା ହୋଇଥିଲା । ଏକଥା ମନେ ପଡ଼ିଯାଇ ମୋ ମନରେ ସେ ଶବ୍ଦଯୋଡ଼ିକର ବିଶେଷ ଓଜନ ଓ ତାତ୍ପର୍ଯ୍ୟ ଥିବାପରି ଜଣାପଡ଼ିଲା ।

"ଲୋକେ ଖୋଜନ୍ତି ବିସ୍ମରଣ ଆଉ ଆଶ୍ୱାସନା—କ୍ଷମା ଖୋଜନ୍ତି ନାହିଁ ।"

ସେ ଶେଷରେ ଏଇ ଯେଉଁ ଧାରଣାଟା କହିଲା, ତାକୁ ଭାବି ମୋ ମୁଣ୍ଡ ଘୂରିଗଲା ।

ମୁଁ ହୋଷ୍ଟେଲଘରୁ ବାହାରିଲା ବେଳକୁ ସକାଳ ହୋଇଯାଇଥାଏ; ସେ ଘର କାନ୍ଥରେ ଥିବା ଗ୍ରେଟିଆ ଘଣ୍ଟାଟିରେ ଛଅଟା ବାଜି କେତେ ମିନିଟ୍ ହୋଇଥାଏ । ବୁଲ୍‌ଭାର୍ଡ଼ ଶିଣାଳିଆ ଲାଗୁଥାଏ । ବରଫ ଗଦା ହୋଇଥାଏ । ମୁଁ ତାହାରି ଭିତରେ ଠେଲିପେଲି ଚାଲିଥାଏଁ । ମୋ ଗ୍ଲବଡ୍ରେ ଚୋଙ୍ଗାନ ବାହୁନୁଥାଏ । ସେଇ ସଙ୍ଗି ପଡ଼ିଥିବା ଲୋକଟା ହଠାତ୍ ଗାଢ଼ହଠ ଯେଉଁ ଚିତ୍କାର କରିଥିଲା, ସେ ଚିତ୍କାରର ଶବ୍ଦ ସେତେବେଳେ ବି ମୋ କାନରେ ଶୁଭୁଥାଏ । ମତେ ଲାଗିଲା ଯେ ସେ ଯେତେ କଥା କହିଲା, ସେଗୁଡ଼ାକ ଏତେ ଫିକା ଯେ ମୁଁ ତାକୁ ଗିଳିପାରିବି ନ । ସେଗୁଡ଼ାକ ମୋ ତଣ୍ଟିରେ କେଉଁଠି ଲାଗିଯାଇଥାଏ ଆଉ ମୋ ନିଃଶ୍ୱାସ ରୁନ୍ଧିହେଲାପରି ଲାଗୁଥାଏ । ମୋର ଆଦୌ ମନ ହେଉ ନ ଥାଏ ଯେ ମୁଁ ଲୁଟିଭାରଖାନାରେ ଥିବା ମୋ ବସାକୁ ଲେଉଟିବି କି ଲେଖକଙ୍କ ପାଖକୁ ଯିବି । ମୋ ଚାରିପଟରେ ପରସ୍ତ ପରସ୍ତ ବରଫ ବସିଯାଇ ବରଫର ବୋଝ ବଢୁଥାଏ । ସେଇ ବୋଝକୁ ବୋହି ବୋହି ମୁଁ ତାତାର ଜାଗର ଲେଖକଙ୍କ ବସ୍ତିର ସଡ଼କଯାକ ଦିନ ହେବାଯାକେ ବୁଲୁଥାଏଁ । ତା' ପରେ ଦିନ ହେଲା, ଆଉ ଉଡ଼ି ଉଡ଼ି ପଡ଼ୁଥିବା ବରଫ ଭିତରେ ସହରର ଲୋକେ ଏପଟ ସେପଟ ହେଲେ ।

ମୁଁ ଆଉ କେବେ ସେ ଉଦାସ ମାଷ୍ଟ୍ରକୁ ଦେଖିନାହିଁ କି ତାକୁ ଦେଖିବାକୁ ଚାହିଁନାହିଁ । କିନ୍ତୁ ସେ ଯେଉଁଭଳି କଥା କହୁଥିଲା ଯେ "ଜୀବନଟା ଖାଲି ମୂର୍ଖତା, ପରିଶ୍ରମ ଖାଲି ବୃଥା", ଭବିଷ୍ୟତରେ ସେପରି କଥା ମତେ ବାରମ୍ବାର ଶୁଣିବାକୁ ପଡ଼ିଛି—ବିଭିନ୍ନର ବାରବୁଲାଙ୍କଠୁ ଶୁଣିଛି, ଘରଦୁଆର ନ ଥିବା ବୁଲା ବୁଲା ଜୀବନ

Digitized by srujanika@gmail.com

ବାଉଳିଥିବା ଲୋକଙ୍କ ତୁଣ୍ଡରୁ ଶୁଣିଛି, 'ଟଲଷ୍ଟଏପନ୍ଥୀ'ମାନଙ୍କଠୁ ଶୁଣିଛି—ଯେଉଁମାନେ ଅତି ଶିକ୍ଷିତ ସ୍ତ୍ରୀ, ପୁରୁଷ । ଖ୍ରୀଷ୍ଟଧର୍ମ ଅନୁସାରେ ସବୁଠାରୁ ଉଚ୍ଚ ଡିଗ୍ରୀପ୍ରାପ୍ତ ଜଣେ ପଣ୍ଡିତ ସେଭଳି କହିବାର ମୁଁ ଶୁଣିଛି, ଆଉ ଶୁଣିଛି ବିସ୍ଫୋରକ ଦ୍ରବ୍ୟ ତିଆରି କରୁଥିବା ଜଣେ କେମିଷ୍ଟ ତୁଣ୍ଡରୁ, ଶରୀର ବିଜ୍ଞାନରେ ପଣ୍ଡିତ ଓ ବୈଜ୍ଞାନିକଙ୍କ ମୁହଁରୁ, ଆହୁରି ଅନେକଙ୍କଠୁ । କିନ୍ତୁ ସେହି ପ୍ରଥମ ଥର ଶୁଣିବାବେଳେ ଯେମିତି ମୋ ମୁଣ୍ଡ ଘୂରେଇଥିଲା, ବାରମ୍ବାର ସେସବୁ ଧାରଣା ଶୁଣିବାବେଳେ ମୋ ମୁଣ୍ଡ ସେପରି ଅନ୍ଧୁଆ ଲାଗିନାହିଁ ।

ଆଜକୁ ବର୍ଷେ କି ଦି'ବର୍ଷ ତଳେ, ଅର୍ଥାତ୍ ସେହି ଲେଉହାସ ମାଷ୍ଟ୍ର ସାଙ୍ଗେ କଥାବାର୍ତ୍ତା ହେବାର ତିରିଶ ବର୍ଷ ପରେ, ସେ ଯେମିତି କହିଥିଲା, ଅବିକଳ ସେମିତି ଭାଷାରେ ଆଉ ଜଣେ ସେମିତି କଥା କହିବାର ମୁଁ ଅପ୍ରତ୍ୟାଶିତଭାବେ ଶୁଣିଲି । ସେ ଜଣକ ମୋର ଜଣେ ପୁରୁଣା ସାଙ୍ଗ, ସେ ଜଣେ କର୍ମୀ ।

ଆମେ ଦୁହେଁ ମନଖୋଲି କଥାବାର୍ତ୍ତା ହେଉଥାଉଁ । ସେହି ଜଣକ, ଯେ ନିଜକୁ 'ରାଜନୈତିକ କ୍ଷେତ୍ରରେ ଗୋଟାଏ ବଡ଼ ଘୁରପୋକ' ବୋଲି କହୁଥିଲା, ସେ ଗୋଟାଏ ପ୍ରକାର କଠୋର ହସ ହସି କେବଳ ରୁଷ୍ ଦେଶର ଲୋକେ ହିଁ ଯେମିତି ସ୍ପଷ୍ଟ କଥା କହିପାରନ୍ତି, ଆଗକୁ ପଛକୁ ନ ଅନେଇ ଠୋଠା କରି କହି-ଦିଅନ୍ତି, ସେମିତି କହିଲା :

"ଅରେ ଦୋସ୍ତ, ଅଲେକ୍ସି ମ୍ୟାକ୍ସିମିଚ୍, ତୁମେ ଶୁଣ, ମୁଁ କହୁଛି । ଏସବୁ ଏକେ ବେପାର—ବିଜ୍ଞାନ, ଏ କଲେଜମାନ, ଉଡ଼ାଜାହାଜମାନ—ଏଗୁଡ଼ାକ ମୋର କଣ ଦରକାର ହେବ ? ଖାଲି ଅହୁରି ବୋଝ । ମୋର ଦରକାର ଶାନ୍ତିରେ କେଉଁଠି ଗୋଟାଏ ଘରକଣ, ଗୋଟାଏ ମାଇକିନିଆ, ଯାହାକୁ ମୋ ମନହେଲେ ମୁଁ ଚୁମାଦେବି—ଯେ ତା'ଶରୀର ଆଉ ଆତ୍ମା ଦେଇ ମୋ ଚୁମ୍ବନଗୁଡ଼ିକ ଗ୍ରହଣ କରି-ପାରିବ । ଶୁଣିଲ ? ଆଉ ତୁମେ—ତୁମେ ଯୁକ୍ତି କରୁଛ ଯେମିତି ବାଇବଲ ଜ୍ଞାନୀମାନେ ତତ୍ତ୍ୱ ବଖାଣନ୍ତି, ସେମିତି । ତେମେ ଆଉ ଆମ ସାଙ୍ଗର ଲୋକ ହୋଇ ରହିଲ ନାହିଁ । ତୁମକୁ କିଏ କଷ୍ଟ ଦେଇ ତୁମ ଚିନ୍ତାଧାରାକୁ ବିଷାକ୍ତ କରିଦେଇଛି । ଅଲଗା ତୁମ ଅଧିକ ବସ୍ତୁର ତତ୍ତ୍ୱଗୁଡ଼ିକ ବଡ଼ ଦିଶୁଛି ସିନା; ସାନ ଜିନିଷଟିଏ, ଯଥା : ମଣିଷ, ତା'ର କମ ଅଧିକର କିଛି ତାତ୍ପର୍ଯ୍ୟ ନାହିଁ । ଇହୁଦୀ ଶିକା ଦାର୍ଶନିକଙ୍କ ପରି ତୁମେ ଭାବିବାକୁ ଆରମ୍ଭ କଲଣି, କଣ ନା, ମଣିଷକୁ ଏଇଥିପାଇଁ ସୃଷ୍ଟି କରା-ହୋଇଥିଲା ଯେ ସେ ରବିବାର ଦିନ ପୂଜା କରିବ । କହ, ଏଇଆ ନା ନୁହେଁ ?"

Digitized by srujanika@gmail.com

"ନା, ନା, ଇହୁଦୀମାନେ ଏମିତି ସ୍ୱତନ୍ତ୍ର ନାହିଁ ।"

"କଣ ଯେ ସ୍ୱତନ୍ତ୍ର, ମୁଁ ତାଙ୍କୁଇ ଜଣା । ତାଙ୍କୁ ବୁଝିବା ମୁସ୍କିଲ", ସେ କହିଲେ । ସିଗାରେଟ୍‌ଟାକୁ ନଇପଡ଼କୁ ଫୋପାଡ଼ିଦେଲେ ଓ ସିଗାରେଟ୍ ପଡ଼ିଲା-ବେଳେ ଚୁପ ହୋଇ ଦେଖୁଥିଲେ ।

ଶରତ ଋତୁର ଜନ୍ମଗଣ୍ଠିଟିଏ ହୋଇଥାଏ । ଆମେ ଦୁହେଁ ଏଠାଠି ଗୋଟିଏ ପଥର ବେଞ୍ଚ ଉପରେ ନେଭା ନଇବନ୍ଧ ଉପରେ ବସିଥାଉଁ । ଉଭୟେ କ୍ଳାନ୍ତ ହୋଇପଡ଼ିଥାଉଁ । ଦିନ ଗୋଟାକଯାକ ହୁଦସନ୍‌ର ଘାଟ ଉପରେ ଖାଲି ବୁଲାରେ ଯାଇଥାଏ ଗୁଡ଼ାଏ ଝାଙ୍କ ଆଉ ଶ୍ରମ, ଏକାଳ କଣ୍ଟ ଗୋଟାଏ ଲକ୍ଷ୍ୟ ଠିକଣା କରିବୁଁ ବୋଲି ବାରମ୍ବାର ଇଚ୍ଛା କରି କରି, ସେହି ଇଚ୍ଛା ପୂରଣ କରିହେଲାନାହିଁ, ଅଥଚ ସେହି ଲକ୍ଷ୍ୟ ହୋଇଥାନ୍ତା ମଙ୍ଗଳକର ଓ ପ୍ରୟୋଜନୀୟ । ସେ ବହୁତ ସ୍ୱବ ସ୍ୱବ ଶାନ୍ତ ସ୍ୱରରେ କହୁଥାଏ :

"ବସ୍ତୁବାଦୀ ଲୋକ ଯେବେ—ଧନୀହେବାକୁ ସେମାନଙ୍କୁ ଭଲ ଲାଗେ । ଅତୀତରେ ଯେତେ ଶତାବ୍ଦୀ ଯାଇଛି, ସବୁବେଳେ ସେମାନେ ବିପ୍ଳବରେ ନିଜକୁ ଜଡ଼ିତ କରିଛନ୍ତି । ଯେମିତି ଯୀଶୁଖ୍ରୀଷ୍ଟ । ସେ ଥିଲେ ଜଣେ ଆଦର୍ଶବାଦୀ, ଆଉ ସେ ବିପ୍ଳବ କଲେ ଏ ଦୁନିଆ ପାଇଁ ନୁହେଁ, ଅନ୍ୟ ଦୁନିଆ ପାଇଁ । ଅବିକଳ ସେମିତି, ଯେତେ ଯେତେ ବସ୍ତୁବାଦୀ ଲୋକଥିଲେ, ସେମାନେ ସମସ୍ତେ ବିପ୍ଳବ କରନ୍ତି ଗୋଟାଏ ସ୍ୱପ୍ନର ଦୁନିଆ ସକାଶେ । ଗୋଟାଏ ଆଦର୍ଶବାଦୀ ତ ବିପ୍ଳବ ଆରମ୍ଭ କରେ; ଆଉ ଯେତେ ନିକମା, ଯେତେ ବଦ୍‌ମାସ୍ ଲୋକ, ଯେତେ ବାଜେ ଲୋକ—ସମସ୍ତେ ତା' ପଛରେ ଗୋଡ଼ାନ୍ତି । ସେମାନେ ତା' ସାଙ୍ଗରେ ଧାଆଁନ୍ତି ଏ ଦୁନିଆକୁ ଧ୍ୱଂସ କରି, କାରଣ ସେମାନଙ୍କ ପାଇଁ ଏଠି ସ୍ଥାନ ନାହିଁ । କିନ୍ତୁ ଶ୍ରମିକମାନେ, ସେମାନେ ଯେ ବିପ୍ଳବ କରନ୍ତି, ତାଙ୍କ ବିପ୍ଳବର ଉଦ୍ଦେଶ୍ୟ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବା । ଶ୍ରମ କରିବାର ଉପକରଣମାନ ଓ ଶ୍ରମରୁ ଉତ୍ପନ୍ନ ହେଉଥିବା ପଦାର୍ଥମାନ କେମିତି ଉଚିତ ଉପାୟରେ ବଣ୍ଟା ହୋଇପାରିବ ସେଇଥି ହାସଲ କରିବାକୁ ସେମାନେ ଲୋଡ଼ନ୍ତି । ଯେତେବେଳେ ସବୁ ବିଷୟରେ ସେମାନଙ୍କୁ ଅଟଳ କ୍ଷମତା ମିଳିଯିବ, ତୁମେ କଣ ଭାବୁଛ ସେତେବେଳେ ସେମାନେ ଗୋଟାଏ ସ୍ୱପ୍ନର ମାଲିକ ହୋଇ ରହିବେ ? କେବେ ନୁହେଁ । ସେ ସ୍ୱପ୍ନ ଛତରଛାଇଲ୍ ହୋଇ ବୁଝିଯିବେ । ପ୍ରତ୍ୟେକେ ଖୋଜିବେ ଶାନ୍ତିରେ ରହିବାକୁ ନିଜର ହୋଇ ଟିକିଏ କେଉଁଠି ଘରକୋଣ……

Digitized by srujanika@gmail.com

"କଳକବ୍‌ଜା, ଯନ୍ତ୍ରପାତି କଥା କହୁଛ ? ବିଜ୍ଞାନ ପ୍ରୟୋଗ ଦ୍ୱାରା ଯନ୍ତ୍ର ଶକ୍ତି ଉତ୍ପାଦନ କରିବା କଥା କହୁଛ ? ସେଥିରେ ଖାଲି ଆମ ଦେହରେ ଫାଶ ଟାଣ ହେବ । ଆମେ ଯେଉଁଥିରେ ବନ୍ଧା ହୋଇ ପଡ଼ିଛୁଁ ସେ ମଜ୍‌ଭୁତ୍ ହେବ । ନା, ତା' ହୋଇ ପାରିବ ନାହିଁ । ଅଯଥା ପରିଶ୍ରମ ଦାଉରୁ ଆମକୁ ମୁକ୍ତ ହେବାକୁ ପଡ଼ିବ । ମଣିଷର ଦରକାର ଖାଲି ଶାନ୍ତି । କଳକାରଖାନାମାନ, ଯେତେ ଯେତେ ବିଜ୍ଞାନ, ସେ ଆମକୁ ଶାନ୍ତି ଦେବ ନାହିଁ । ମଣିଷର କଣ ଦରକାର ବୋଲି ମଣିଷ ନିଜେ ଭାବିଲେ, ବୁଝେ ତା'ର ବେଶି କିଛି ଦରକାର ନାହିଁ । ମୋର ତ ସାନ ହୋଇ ଗଣ୍ଡେ ଘର ଦରକାର; ମୁଁ କାହିଁକି ଗୋଟାକ ପରେ ଗୋଟାଏ ବଡ଼ ସହର ତିଆରି କରିବାରେ ଲାଗିବି ? ଲୋକେ ଯେତେବେଳେ ମେଞ୍ଚା ମେଞ୍ଚା, ପଞ୍ଝା ପଞ୍ଝା ହୋଇ ରହନ୍ତି ସେତେବେଳେ ତୁମେ ଦେଖିବ ତାଙ୍କର ପାଣି ପାଇପ୍ ପାଣିକଳ ଦରକାର, ଇଲେକ୍‌ଟ୍ରିକ୍ ଦରକାର । ସେଗୁଡ଼ାକ ବ୍ୟବହାର ନ କରି ଚଳିବାକୁ ଚେଷ୍ଟା କର, ଦେଖିବ. ଜୀବନ କେଡ଼େ ସହଜ ଲାଗିବ । ତୁମେ ଯାହା ବୁଝ ପଛେ, ଗଦା ଗଦା ଅଦରକାରୀ ଜିନିଷ ଆମେ ରଖିଥାଉଁ, ଆଉ ସେଗୁଡ଼ାକ ସବୁ ଆସେ ବସ୍ତୁବାଦୀ ଜ୍ଞାନୀଲୋକଙ୍କଠାରୁ । ସେଇଥି-ପାଇଁ ତ ମୁଁ କହୁଛି, ବସ୍ତୁବାଦୀ ଜ୍ଞାନୀଲୋକଗୁଡ଼ାକ ଗୋଟାଏ ଅତି ଷଡ଼କାରକ ଶ୍ରେଣୀ ।"

ମୁଁ କହିଲି ଯେ, ମଣିଷଜୀବନରୁ ଜୀବନର ଅର୍ଥ ଓ ତାତ୍ପର୍ଯ୍ୟକୁ ଆମେ ରୁଷ୍-ଦେଶର ଲୋକେ ଯେମିତି ବନାଡ୍ର ଧାରେ ସମ୍ପୂର୍ଣ୍ଣଭାବେ କାଟିଦେଇଜାଣୁ, ଏ ପୃଥିବୀରେ ଆଉ କୌଣସି ଦେଶର ଲୋକଙ୍କୁ ତା' ଜଣା ନାହିଁ ।

ସେ କହିଲା, "ପୃଥିବୀର ସବୁ ଲୋକଙ୍କ ଭିତରେ ସେମାନଙ୍କ ଆତ୍ମା ସବୁଠୁ ବେଶି ମୁକ୍ତ ।" ଟିକିଏ ହସିଦେଇ କହିଲା, "ଖାଲି ଏତିକି ଯେ, ତୁମେ ସ୍ୱୀକାର ନାହିଁ । କିନ୍ତୁ ମୁଁ ଯାହା ଯୁକ୍ତି କଲି, ସେଇଆ ଠିକ୍ । କୋଟି କୋଟି ଲୋକ ଅନୁଭବ କଲେ ସେଇଆ ଭାବନ୍ତି; ଏତିକି ଯେ, ତାକୁ ଶବ୍ଦରେ ପ୍ରକାଶ କରିବା ତାଙ୍କୁ ଆସେ ନାହିଁ । ଜୀବନକୁ ଆହୁରି ସରଳ କରିପକାଇବାକୁ ହେବ । ତେବେ ଯାଇ ଜୀବନ ଆମ ପ୍ରତି ଆହୁରି ଅନୁକୂଳ ବ୍ୟବହାର କରିବ ।"

ସେ ଲୋକ କେବେ 'ଟଲ୍‌ଷ୍ଟୟପନ୍ଥୀ' ହୋଇ ନ ଥିଲା । ବୈନାଶିକ ବିପ୍ଳବୀ ହେଲଭଳି କୌଣସି ପ୍ରବଣତା କେବେ ତା'ଠିଁ ଜଣା ନ ଥିଲା । ତା'ର ବୌଦ୍ଧିକ ବିକାଶ କେମିତି କେଉଁବାଟେ ଘଟିଆସିଛି, ମୁଁ ତା' ଭଲ କରି ଜାଣିଥିଲି ।

ତା' ସଙ୍ଗରେ ମୋର ଏଭଳି କଥାବାର୍ତ୍ତା ହେଲା ପରେ ମୋ ମନରେ ଗୋଟାଏ ଭାବନା ଆସିଲା,—ଏକଥା କଣ ସତ ହୋଇପାରେ ଯେ ରୁଷଦେଶର

Digitized by srujanika@gmail.com

ଲକ୍ଷ ଲକ୍ଷ ନରନାରୀ ଯେ ଅଶେଷ କ୍ଳେଶ ଯନ୍ତ୍ରଣା ଓ ସଂଘର୍ଷ ସହି ବିପ୍ଳବରେ ମାତିଛନ୍ତି, ତା'ର କାରଣ ସେମାନେ ନିଜ ନିଜ ଅନ୍ତରର ଗଭୀରତମ ପ୍ରଦେଶରେ ଗୋଟିଏ ଆଶା ପୋଷିଛନ୍ତି ଯେ ବିପ୍ଳବ ଦ୍ୱାରା ଯୁଗ ବଦଳାଇପାରିଲେ ସେମାନେ ଦୈହିକ ପରିଶ୍ରମ କରିବାରୁ ତାହାରୁ ଅବ୍ୟାହତି ପାଇବେ ? ସବୁଠୁ ଅଳ୍ପ ଦୈହିକ ପରିଶ୍ରମ ସହିତ ସବୁଠୁ ଅଧିକ ସୁଖଭୋଗ, ଏ ଧାରଣାରେ ଖୁବ୍ ଚଟକ ଅଛି । ଏ ଧାରଣା ଲୋକଙ୍କୁ ମତାଇଦେଇପାରେ । ଯେତେ ଯାହା ଅସମ୍ଭବ, ଯାହା ଆକାଶକୁସୁମ, ସେଥିରେ ଯେମିତି ଲୋକଙ୍କ ବାଇ ଲାଗେ, ଏ ଧାରଣାରେ ବି ସେମିତି ।

ନାଟ୍ୟକାର ହେନରିକ୍ ଇବ୍‌ସେନଙ୍କ ଲେଖାରୁ କିଛି ମୋର ମନେ ପଡ଼ିଗଲା :

"ତୁମେ କହୁଛ, ମୁଁ ହୋଇଗଲି 'ରକ୍ଷଣଶୀଳ' ।
ମୁଁ ଜୀବନଯାକ ସବୁଦିନେ ଯାହା ଥିଲି, ଆଜି ବି ସେଇଆ ।
ଖେଳରେ ଗୁଟି ବଦଳାଇ ସାରୁ ଏପଟ ସେପଟ କରିବା ଲୋକ ମୁଁ କେବେ
ନ ଥିଲି ।
ସମୁଦାୟ ଖେଳ ଶେଷକର, ତା'ପରେ ମୁଁ ଗୋଟାପୁଞ୍ଜା ତୁମର ।
ସେ ଯେଉଁ ଏକମାତ୍ର ବିପ୍ଳବ ଅଛି ମୋ ସ୍ମରଣରେ,
ସେ ବିପ୍ଳବ ନୁହେଁ, ଜାଲ୍ କି ଧପ୍‌ପାବାଜି ।
ତା' ପଛରେ ଯେତେ ଯେତେ ବିପ୍ଳବ ଘଟିଥିଲା, ସବୁଠୁ ସେ ମହାପ୍ଲାନ୍—
ସେ ବିପ୍ଳବ ପୁରାଣବର୍ଣ୍ଣିତ ମହାପ୍ରଳୟ ।
କିନ୍ତୁ ସେ ସେ ବିପ୍ଳବରେ ବି ଲୁସିଫର୍ ଠକାମିରେ ପଡ଼ିଗଲେ,
ନାହାରେ ଚଢ଼ି ନୋଆ ବର୍ତ୍ତିଗଲା, ସେ ହେଲା ଏକଛତ୍ର ଶାସକ ।
ତେଣୁ ଆସ ବନ୍ଧୁମାନେ, ଆମେ ଯେତେ ସମ୍ପ୍ଳବବାଦୀ ଲୋକ,
ପୁଣି ଆମେ ଲାଗିପଡ଼ିବା
ସେଥିପାଇଁ ଆମର ଦରକାର ସୈନିକମାନେ, ବକ୍ତାମାନେ ।
ହଁ, ପୁଣି ଆଉ ଥରେ କରିବା
ଗୋଟାଏ ପୃଥିବୀବ୍ୟାପୀ ମହାବିପ୍ଳବ ।
ଆଉ ମୁଁ,—ମୁଁ ମହାଆନନ୍ଦରେ ନୋଆର ନାହାକୁ
ତଳୁ ଭୂଷା ମାରି ଖଣ୍ଡ ଖଣ୍ଡ କରିଦେବି ।"

ଦେବେନ୍‌ଭାଇର ଦୋକାନରୁ ଯାହା ଆୟ ହେଉଥିଲା ତା' ଅତି ସାମାନ୍ୟ । ଅଥଚ ଯେତେ ମଣିଷ ଓ ଯେତେ କର୍ମୀ ସେ ଦୋକାନର ଅନ୍ନରୁ ସାହାଯ୍ୟ ଲୋଡ଼ୁଥିଲେ ଦିନୁଁଦିନ ତାଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥାଏ ।

Digitized by srujanika@gmail.com

"ଗୋଟାଏ କିଛି ଉପାୟ ଚିନ୍ତା କରିବା," ଅନେ କହେ, ଆଉ ଅନ୍ୟମନସ୍କ ହୋଇ ବାଢ଼ି ଅଢ଼ିସେ । ଆଉ ଅଣ ଚନସ୍ତୀ ହସଟିଏ ହସିଦଏ । ନ ହେଲେ ସେ ଅତି ଆବେଗ ସହକାରେ ଦୀର୍ଘଶ୍ୱାସ ପକାଏ ।

ମତେ ଲାଗୁଥାଏ, ଯେ ଲୋକଟି ଧରିନେଇଛି ଯେ ସେ ତା' ଜୀବନସାରା ସମସ୍ତ ମନୁଷ୍ୟ ଜାତି ପାଇଁ କଠିନ ପରିଶ୍ରମ କରୁଥିବ ବୋଲି ତାକୁ ଦୈବୀ ଦଣ୍ଡାଦେଶ ହୋଇଛି ଓ ସେ ସେହି ଦଣ୍ଡାଦେଶକୁ ସହି ଚାଲିବାକୁ ଅଭ୍ୟସ୍ତ ହେଲେ ସୁଦ୍ଧା ବେଳେ ବେଳେ ତାକୁ ସେ ଅସହ୍ୟ ଲାଗେ ।

ଅନେକ ଥର ନାନା ପ୍ରକାରେ ମୁଁ ତାକୁ ପଚାରିଛି :

"କାହିଁକି ତୁମେ ଏ କାମ କରୁଛ ?"

ମୋ ପ୍ରଶ୍ନର ଅର୍ଥ ଅବଶ୍ୟ ସେ ଠିକଣା କରି ବୁଝିପାରୁ ନ ଥିଲା । କାରଣ ସେ ଯେଉଁ ପ୍ରଶ୍ନର ଉତ୍ତର ଦେଉଥିଲା ତା' ଅର୍ଥ "କି ଉଦ୍ଦେଶ୍ୟରେ ଏ କାମ କରୁଛ ?" ସେ ତା'ର ଉତ୍ତର ଦେଉଥାଏ ବହିରୁ ପଢ଼ି ଉତ୍ତର ଦେଲାଭଳି । ଲୋକ କେତେ ଦୁର୍ଦ୍ଦଶାଗ୍ରସ୍ତ, ଶିକ୍ଷା ଓ ଜ୍ଞାନ ତାଙ୍କର କେତେ ପ୍ରୟୋଜନ, ସେ ଏହିସବୁ ଉତ୍ତର ଦିଏ ।

"କିନ୍ତୁ ଲୋକେ କ'ଣ ଜ୍ଞାନ ଲୋଡ଼ନ୍ତି ? ସେମାନେ ଯାହା ଖୋଜୁଛନ୍ତି ତା' କଣ ଜ୍ଞାନ ?"

"ଅବଶ୍ୟ । ନ ହେଲେ ଆଉ କ'ଣ ? ତୁମେ ବି ତ ଜ୍ଞାନ ଖୋଜୁଛ; ନୁହେଁ ?"

ହଁ, ଜ୍ଞାନ ହିଁ ମୋର ପ୍ରୟୋଜନ । କିନ୍ତୁ ଇତିହାସ ଶିକ୍ଷକ ମତେ ଯାହା କହିଥିଲେ ତା' ମୋର ମନେ ପଡ଼ିଗଲା । ସେ କହିଥିଲେ, "ଲୋକେ ଖୋଜନ୍ତି ବସ୍ତୁଟ ଓ ଆଶ୍ୱାସନା; ସେମାନେ ଜ୍ଞାନ ଖୋଜନ୍ତି ନାହିଁ ।"

ଏଭଳି ବାଢ଼ୁଆ ଧାରଣାଗୁଡ଼ାକ ଯଦି ସତର ବର୍ଷ ବୟସର ଯୁବକଯୁବତୀଙ୍କ ସଙ୍ଗେ ଭେଟାଭେଟି ହୋଇଯାଆନ୍ତି ତେବେ ସେ ଧାରଣାଗୁଡ଼ାକର ଅନ୍ତ ଘଟେ । ଏଭଳି ଭେଟାଭେଟି ଫଳରେ ସେ ଧାରଣାଗୁଡ଼ାକର ବାଢ଼ ପଡ଼ିଯାଏ, ସେଗୁଡ଼ାକ ମୁଣ୍ଡା ହୋଇଯାଏ । ଯୁବକଯୁବତୀଙ୍କର ବି ତହିଁରୁ କିଛି ଉପକାର ହୁଏ ନାହିଁ । ମୁଁ

Digitized by srujanika@gmail.com

କଳ୍ପନା କଲି ଯେ, ମୁଁ ନିଘା କରିପାରୁଥାଏଁ — ଆଗରୁ ନିଘା କରିଛୁ ଯେ ସବୁଠି ସେଇ ଏକା କଥ,— କାହାଣୀଗୁଡ଼ାକ ଯେତେ ଚିତ୍ତାକର୍ଷକ ହୋଇଥାଉ, ଲେଖକ ସେଗୁଡ଼ାକୁ ଏଇଥିପାଇଁ ଖୁସି ପାଆନ୍ତି ଯେ ସେ କାହାଣୀ ପଢ଼ିଲେ କି ଶୁଣିଲେ ଲୋକେ ସେମାନଙ୍କର ଅଭଂସ୍ତ ଦୁର୍ଦ୍ଦଶାଗ୍ରସ୍ତ ଜୀବନକୁ ପାସୋରି ରହିପାରନ୍ତୁ । କାହାଣୀରେ ଯେତେ ମନଗଢ଼ା ଗାଲଗପ୍ପା କଥା ଥାଏ ଲୋକଙ୍କୁ ସେ ସେତିକି ରୁଚେ । ସେମିତି ଯେତେ ବହିକୁ ଲୋକେ ତନ୍ମୟ ହୋଇ ପଢ଼ନ୍ତି ସେଥିରେ ସେତିକି ପରିମାଣରେ ଥାଏ ବାସ୍ତବଠୁ ଉଡ଼ନ୍ତେ କଳ୍ପନାର ବିନ୍ୟାସ, ଯଦ୍ଦ୍ୱାରା ଲୋକଙ୍କୁ ଭୁଲାଇ ରଖିହେବ । ସଂକ୍ଷେପରେ ଏତିକି କୁହାଯିବ ଯେ ମୁଁ ସେତେବେଳେ ଏପରି ଯାହାସବୁ ଭାବୁଥିଲି ସେସବୁ ଖାଲି ବହଳ କୁହୁଡ଼ି ଭିତରେ ଅନ୍ଧ ହୋଇ ବଗଣ୍ଡି ହେଲାଭଳି ।

ଦେରେନ୍‌କଭ୍ ନିଷ୍ପତ୍ତି କଲା ଯେ ସେ ଗୋଟିଏ ପାଉଁରୁଟି ତିଆରି କାରଖାନା ବସାଇବ । ମୋର ମନେ ପଡ଼ୁଛି, ଖୁବ୍ ନିକୁଟି ନିକୁଟି ହିସାବ କରିଗଲା, ଖୁବ୍ ଠିକଣା କରି ଯେ, ସେ କାରଖାନାରୁ ଅରକେ ଯାହା ଉତ୍ପାଦନ ହେବ ତହିଁରୁ ଶତକଡ଼ା ୩୫ ଅଂଶ ଲାଭ ହେବ । ମୁଁ ସେଥିରେ ପାଉଁରୁଟି କାରଖାନାର ହାତ-ବାରିସ 'ବସ୍' କାମ କରିଥାନ୍ତି ଓ କାରିଗର ଯେମିତି ମଇଦ, ଡ଼ିମ୍ବ, ଲହୁଣୀ କି ରୁଟି, କେକ୍ ଆଦି ଚୋରି ନ କରେ, ତାକୁ ତଦାରଖ କରିବାକୁ ଯେଉଁମାନେ ମୁତଏନ୍ ହୋଇଥାନ୍ତେ ମୁଁ ବି ତା'ଭିତରୁ ଜଣେ ହୋଇଥାନ୍ତି ।

ସେହି ଅନୁସାରେ ମତେ ବସା ବଦଳାଇବାକୁ ପଡ଼ିଲା । ଆଗେ ଥିଲି ଗୋଟାଏ ତଳଘରେ, ସେଇଟା ପ୍ରକାଣ୍ଡ ଆଉ ଅତି ଅଓଦା । ଏବେ ଗଲି ଆଉ ଗୋଟାଏ ତଳଘରକୁ, ସେଇଟା ଆଗ ଘରଠୁ ସାନ, କିନ୍ତୁ ବେଶି ସଫା । ତାକୁ ପରିଷ୍କାର ରଖିବା ବି ମୋର ଗୋଟାଏ କାମ । ଆଗ ଜାଗାରେ ଚାଳିଶ ଜଣ ଶ୍ରମିକଙ୍କ ସଙ୍ଗେ ମୋର କାମ ଥିଲା, ଏ ଜାଗାରେ ମୋର କାମ ଖାଲି ଜଣେ ଶ୍ରମିକ ସଙ୍ଗେ । ସେହି ସେ ରୁଟି କାରିଗର । ତା' କାନପାଖେ ମୁଣ୍ଡବାଳ ପାଚିଆସିଥାଏ, ଗୋଟିଏ ସାନ ଗେଡ଼ିଆ ଦାଢ଼ି, ମୁହଁଟି ସରୁଆ, ଧୂଆଁ ଲାଗି ଲାଗି ଚମ ବିବର୍ଣ୍ଣ ପଡ଼ିଯାଇଥାଏ, ପଟିଟା ଦେଖିବାକୁ କେମିତି ପ୍ରକାରେ, ଖୁବ୍ ଚେପ୍ଟିଆ ପାଟିଟିଏ, ଓଠଯୋଡ଼ିକ ଏମିତି ମେଞ୍ଚ ମୋଡ଼ି ହୋଇ ଚପି ହୋଇଥାଏ, ସତେ ଯେମିତି ସେ ମନେ ମନେ କାହାକୁ ଗେଲ କରୁଛି । ତା' ଆଖିକି ଅନେଇଲେ ଦିଶେ, ତା' ଚାହାଣୀରେ ଖୁବ୍ ଉଦାସରେ ବଡ଼୍ରପର ଝଲକ ଦକ୍ ଦକ୍ କରୁଥାଏ ।

Digitized by srujanika@gmail.com

ସ୍ୱେଣ ତ ସେ କଲ'ନାହିଁ । ଆମ ରୁଟି କାରଖାନା କାମ ଆରମ୍ଭ ହେବାର ପ୍ରଥମ ସପ୍ତାହରେ ସେ ଦଶଟି ଡିମ୍ବ, ତେଡ଼ ସେଥିରୁ ବେଶି ମଇଦା ଓ ବେଶ୍ ବଡ଼ ମେଞ୍ଚାଏ ଲହୁଣୀ କାଢ଼ି ଅଲଗା ରଖିଦେଲା ।

ମୁଁ ପଚାରିଲି, "ସେ କଣ ହେବ ?"

ସେ ଖୁସି ମନରେ କହିଲା, "ସେତକ ରହିଲା ମୋ ଚନ୍ଦ୍ରାର ଗୋଟିଏ ସାନ ଝିଅ ପାଇଁ", କପାଳକୁ କୁଞ୍ଚ୍ କୁଞ୍ଚ୍ କରି କହିଲା, "ଝିଅଟି ଖୁବ ଭଲ !"

ମୁଁ ତାକୁ ବୁଝେଇବାକୁ ଚେଷ୍ଟା କଲି ଯେ ଦୁନିଆ ଆଖିରେ ସ୍ୱେଣଟା ଗୋଟାଏ ଅପରାଧ । କିନ୍ତୁ ବୋଧହୁଏ ମୋର ବୁଝାଇବାର ଶକ୍ତି ଯଥେଷ୍ଟ ହୋଇ ନ ଥିଲା । ନତୁବା ନିଜେ ବୋଧହୁଏ ଯେଉଁ ସତ୍ୟକୁ ପ୍ରଚାର କରୁଥିଲି ସେଥିରେ ଦୃଢ଼ଭାବରେ ବିଶ୍ୱାସ କରୁ ନ ଥିଲି । ସେ ଯାହା ହେଉ, ମୋ କଥାର କିଛି ଫଳ ହେଲ ନାହିଁ ।

ତଳା ମଇଦା ରଖିବା ବାକ୍ସର ତାଳ ଉପରେ ଶୋଇରହି ଟୋକିଏ ବାଟେ ତାସ୍ମାନଙ୍କ ଆଡ଼କୁ ଅନାଇଁ ଅନାଇଁ ମୋ କଥାକୁ ଅପସନ୍ଦରେ ଉଡ଼େଇ ଉଡ଼େଇ ସେ ବଡ଼ ବଡ଼ ହେଲା :

"ଦେଖ, ମୋ ଆଗରେ ସ୍ୱେ ବକ୍ତୃତା ଝାଡ଼ୁଚ ! ମତେ ଆଜି ପୁଣି ସ୍ୱେ ପଢ଼ାଇ ଦେଖଉଚ ! ମୋ ବୟସ ସ୍ୱା ବୟସର ପୁଣି ତିନିଗୁଣ ! କେଡ଼େ ଆଶ୍ଚର୍ଯ୍ୟ କଥା ହୋ !"

ତାସ୍ମାନଙ୍କୁ ଅନେଇଁସାରି ସେ ମତେ ପଚାରିଲା, "ସ୍ୱା ଆଗରୁ ତୁମେ କୋଉଠି କାମ କରୁଥିଲ ହୋ ? ମତେ ଲାଗୁଚ, ତୁମକୁ ମୁଁ କୋଉଠି ଦେଖିଚ ପରା ! କ'ଣ କହିଲ ? ସେମ୍ୟୋନଭ କାରଖାନାରେ ? ଯେଉଁଠି କଳିଗୋଳ ଲାଗିଲା ? ଓ, ତେବେ ତମକୁ ମୁଁ ସ୍ୱପ୍ନରେ ଦେଖିଚ ।"

ଅଳ୍ପଦିନରେ ମୁଁ ଆବିଷ୍କାର କଲି ଯେ, ନିଦରେ ଶୋଇରହିବା ପାଇଁ ସ୍ୱେ ଲୋକର ବିଚକ୍ଷଣ ଶକ୍ତି ଅଛି । ତାକୁ ଯେକୌଣସି ଜାଗାରେ ନିଦ ହୋଇଯିବ, ସେ ଯେମିତି ପଛେ ଥାଉ—ସେ ଠିଆ ହୋଇଥିବ, ଚୁଲିକି ରୁଟି ପଶାଇବାପାଇଁ ଯେଉଁ ବଡ଼ କୋଡ଼ି ଥାଏ, ତା ଉପରେ ତା'ଦେହ ଭରା ଦେଇଥିବ, ସେ ଅବସ୍ଥାରେ ବି ତାକୁ ନିଦ ହୋଇଯିବ । ଶୋଇପଡ଼ିଲେ ତା'ଆଖିପତା ଟେକି ହୋଇଯାଏ ଓ ତା' ମୁହଁରେ କିଛି ସ୍ପଷ୍ଟ ପରିବର୍ତ୍ତନ ଘଟିଯାଏ । ମୁହଁର ଭାବ ଏମିତି, ଯେମିତି ସେ

Digitized by srujanika@gmail.com

ଅବିଶ୍ୱାସ ଓ ବିଦ୍ରୂପ ଦେଖାଇ ଅଶ୍ରୁଳ ହୋଇଯାଉଛି । ସେ ଗପିବାକୁ ଭଲପାଏ—ପୋତା ଧନ ବିଷୟରେ ଓ ସ୍ୱପ୍ନ ବିଷୟରେ ।

ସେ ଦୃଢ଼ସ୍ୱରରେ ଘୋଷଣା କଲା :

"ଏ ପୃଥିବୀର କନ୍ଦିକନ୍ଦି ବି ମତେ ଦିଶିଯାଉଛି । ଯେମିତି ପିଠାରେ ପୁର ଥାଏ, ସେମିତି ପୃଥିବୀର ଖୋଲ ଧନରତ୍ନ ଭର୍ତ୍ତି ହୋଇଛି । ଖାଲି ହାଣ୍ଡି ହାଣ୍ଡି, ମଠିଆ ମଠିଆ, ବାକ୍ସ ବାକ୍ସ ଧନ ରତ୍ନ; ସେଗୁଡ଼ାକ ସବୁ ପୋତା ହୋଇ ରହିଛି । ଅନେକ ଥର ସ୍ୱପ୍ନରେ ମତେ ଦିଶେ, ମୋର କେଉଁ ଗୋଟାଏ କଣ ଶୁଣା ଜାଗା, ସେଠି ଆଉ ଗୋଟାଏ ଖାଧୁଆ ଘର ଥିଲା । ସ୍ୱପ୍ନରେ ଦେଖିଲି, ରୁପା ଥାଳଗୁଡ଼ାଏ ଭର୍ତ୍ତି ହୋଇ ଗୋଟାଏ ସିନ୍ଦୁକ ସେଠି ସେ ଖାଧୁଆ ଘରେ ଗୋଟାଏ କଣରେ ପୋତା ହୋଇଛି । ସେଇଠୁ, ରାତି ବେଳ, ମୋ ନିଦ ଭାଙ୍ଗିଗଲା, ମୁଁ ସିଧା ସେଠିକି ଦୌଡ଼ିଗଲି ଆଉ ଖୋଳିଲି । ଅନେକ ହାତ ଯାଏ ଖୋଳିଲି । କଣ ପାଇଲି ଜାଣିଚ ? ଖାଲି ଗୁଡ଼ାଏ ଅଙ୍ଗାର, ଆଉ ଗୋଟାଏ କୁକୁର ମୁଣ୍ଡ ଖପୁରି । ଦେଖିଲ ! ଜାଗା ତ ଠିକ ପାଇଯାଇଥିଲି ! ସେଇଠୁ ଭୂତ୍କଳା ହଇକାଟା ଦେଖାଗଲା, ଆଉ ଗୋଟାଏ ଅଲ୍ଲା ବୁଢ଼ୀ ମାଇକିନାଟାଏ ଡକାପାରିଲା, "ଚୋର ! ଚୋର ! ଧାଁଇପଡ଼ ହୋ !" ସେଇଠୁ ତ ମୁଁ ପ୍ରାଣବେଗରେ ଧାଇଁ ପଳେଇଆସିଲି; ନ ହେଲେ ଧରାପଡ଼ି ଯାଇଥାନ୍ତି । ଭାରି ମଜା କଥା ।"

ଅନେକ ଥର ତା'ଠୁ ଶୁଣିଛି, "ଭାରି ମଜା କଥା" । କିନ୍ତୁ ଉଇଲସନ୍ କୋଲ୍ମିନ୍ ଲୁଙ୍ଗଷ୍ଟୋନ୍ କେବେହେଲେ ହସେ ନାହିଁ । ସେ ଖାଲି କପାଳକୁ କୁଞ୍ଚେଇଦିଏ, ନାକପୁଡ଼ା ଫୁଲେଇଦିଏ, ଆଖିକୁ ମୋଡ଼ିଲା ପରି କରେ; ତା'ର ନାଁ ତା' ହସ ।

ତା' ସ୍ୱପ୍ନ କାହାଣୀରେ କାଳ୍ପନିକ ବର୍ଣ୍ଣନା ନ ଥିଲା । ବାସ୍ତବ ଘଟଣାକୁ ଯେମିତି ବର୍ଣ୍ଣନା କରେ, ସେସବୁ ସେମିତି । ଆପଣା ସ୍ୱଭାବରେ ନିଜ ଜୀବନର [illegible] ଯେତେ ଘଟିଛି ସେକଥା ପର ଭଳି, ପୁଣି ଜୀବନ କଥା [illegible] ଗପିବାକୁ ଭାରି ଭାବିଲେ ଏବେ ସୁଖ ଲାଗେ ମୁଁ [illegible]

[illegible] ଧର୍ମ [illegible] ବ୍ୟବସାୟୀର ହିସାବ ତା' ଉପରେ [illegible] [illegible] ସବୁ [illegible] ମାରହୋଇ [illegible] [illegible] ପଡ଼ିଲା । କିନ୍ତୁ [illegible]— [illegible] ତା' ଶବ ସଙ୍ଗେ [illegible] । ତା'

Digitized by srujanika@gmail.com

ଭିତର ଘାଗରେ ଗ୍ରାହକମାନେ ବକ୍ତୃତା ଦେଲେ । ଶେଷରେ ପୁଲିସ ସେମାନଙ୍କୁ ଘଉଡ଼େଇଲା । ଆମ ସାନ ଦୋକାନ ଘରେ ସମସ୍ତେ ଏ ଦୁର୍ଘଟଣା ବିଷୟରେ ଖୁସା-ଖୁସି ହେଉଥାନ୍ତି । ଆମ ଦୋକାନ ପଛଆଡ଼େ ଯେଉଁ ବଗିଚାଟି ଅଛି, ସେଥିରେ ଲିଥ୍ୟାନ୍ ଗ୍ରାହକମାନେ ଖଡ଼ା ହୋଇଥାନ୍ତି । ଲୋକେ ସବୁ ଖରାରେ ପାଟି କରୁଥାନ୍ତି, ବହୁତ କଟୁକଥା କହୁଥାନ୍ତି । ଆମ ବଗିଚାକୁ ସେ କଥା ଶୁଭୁଥାଏ ।

ଲୁଚୋମିର୍ କହିଲା, "ସେ ଝିଅଟା ଯେତେବେଳେ ପିଲା ହୋଇଥିଲା ସେତିକିବେଳେ ତା' ବାପମା ତାକୁ ଉଷ୍ଟିକର ବାଜେଇଥିଲେ ସେ ସାଧ୍ୱୀ ହୋଇଥାନ୍ତା ।" ସେଇଠୁ ସଙ୍ଗେ ସଙ୍ଗେ ମତେ କହିଲା :

"ମୁଁ ସ୍ୱପ୍ନ ଦେଖିଲି, ମୁଁ ଗୋଟିଏ ପୋଖରୀରେ ବନ୍ସୀ ପକେଇ ମାଛ ମାରୁଛି । ଖେଳମାଛ ଧରୁଥାଏଁ । ହଠାତ୍ ଗୋଟାଏ ପୁଲିସ ଆସି ପହଞ୍ଚିଲା । ପାଟିକଲା : "ହେଇ, ରହ, ତୋର କି ଅଧିକାର ଅଛି, ଏଠି ମାଛ ମାରୁଚୁ ଯେ ?" ବୁଝେଇ ତାକୁ ପଚେଇବାକୁ ବି ସମୟ ନ ଥାଏ । ସେଇଠୁ ମୁଁ କଣ କଲି ନା, ପାଣିକି ଡେଇଁ ପଡ଼ିଲି । ସଙ୍ଗେ ସଙ୍ଗେ ମୋ ନିଦ ଭାଙ୍ଗିଗଲା ।"

ବାସ୍ତବତା'ର ଧାରଣା କେମିତି କେମିତି ହୋଇ ତା'ର ନଜରର ବାହାରେ ଖସି ପଳାଉଥାଏ ସତ, କିନ୍ତୁ ଏତେ ଅଳ୍ପଦିନେ ସେ ବାରିପାରିଲା ଯେ ଆମ ଛୁଟି କାରଖାନାଟା ଯେମିତି ଚାଲିବା କଥା ସେମିତି ଚାଲୁନାହିଁ । ଖରିଦଦାରମାନଙ୍କୁ ଝିଅପିଲାମାନେ ଜିନିଷ ବିକୁଥାନ୍ତି, କିନ୍ତୁ ବିକାଳି ଝିଅମାନେ ସେ କାମକୁ ପାରଙ୍ଗମ ନ ଥିଲେ । ସେମାନେ ବହି ପଢ଼ୁଥାନ୍ତି । ଜଣେ ତ ମାଲିକର ଭଉଣୀ, ଆଉଟି ତା'ର ଗୋଟିଏ ସାଙ୍ଗ—ଡେଙ୍ଗା, ଗାଲଯୋଡ଼ିକ ନାଲି, ଆଖିଯୋଡ଼ିକ ଖର ଶାନ୍ତ । ଗ୍ରାହକମାନେ ପ୍ରତିଦିନ ଆସନ୍ତି, ଦୋକାନ ପଛଆଡ଼ ବଗିଚାରେ ଘଣ୍ଟା ଘଣ୍ଟାଯାକେ ବସି ରହନ୍ତି, ବଡ଼ ପାଟିରେ କଥାବାର୍ତ୍ତା ହୁଅନ୍ତି, ନ ହେଲେ ନିଜ ଭିତରେ ଫସ୍ ଫସ୍ ହୁଅନ୍ତି । ମାଲିକର ଦେଖା ମିଳେ ନାହିଁ । ଆଉ ମୁଁ ଯେ 'ବସ୍', ମୁଁ ତ ସତେକି ଦୋକାନର ମ୍ୟାନେଜର ।

ଲୁଚୋମିର୍ ମତେ ପଚାରିଲା, "ଅଚ୍ଛା, ତୁମେ କଣ ମାଲିକର କିଛି ହୁଅ ନା କ'ଣ ? ନା ମନେ ମନେ ସେ ସବୁଟା ତମକୁ ଭଣେଇ କରିବ, ନାହିଁ ? ଖୁବ ମଜା କଥା ତ ! ଆଉ ଏ ଝୋଲାଗୁଡ଼ାକ ? ଏଗୁଡ଼ାକ ଏଠି କାହିଁକି ନାକେଇଛନ୍ତି ? ଏଇ କହିଲା ଝିଅମାନଙ୍କ ପାଇଁ ତ, ଆଉ କଣ ? ହୁଁ....ହୋଇପାରେ । ତେବେ ଏ ଝିଅମାନେ ତ କାହିଁ ଦେଖିବାକୁ ସେତେ ପସନ୍ଦ ନୁହନ୍ତି । ମତେ ଲାଗୁଛି, ଏ ଯେଉଁ

Digitized by srujanika@gmail.com

ଛୁଟବୁଡ଼ାକ ଆସୁଛନ୍ତି, ସେଗୁଡ଼ାକ ନୂଆ ଅମାନଙ୍କୁ ଖୁସି କରିବାକୁ ଆସୁନାହାନ୍ତି ଯେ, ଯେତେ ଯେତେ ପାରିବୁଟି ଠେସିବାକୁ ଆସୁଛନ୍ତି ।"

ପ୍ରାୟ ପ୍ରତିଦିନ ସକାଳ ୫ଟା କି ୬ଟା ବେଳେ ବୁଢ଼ି ଦୋକାନ ଝରକା ପାଖରେ ଟୋକାଟିଏ ହାଜର ହୁଏ । ତା’ ଗୋଡ଼ଦି’ଟା ସାନ ସାନ, ନାନା ଆକାରର ଗୁଡ଼ାଏ ଗୋଲାଈ ଏକାଠି ହୋଇ ତା’ଗଢ଼ଣ, ସେ ଦିଶେ ବସ୍ତାଏ ତରଭୁଜ ପରି । ସେ ଆସି ଝରକା କାନ୍ଥ ଦାଢ଼ ଉପରେ ବସିପଡ଼େ । ତା’ଗୋଡ଼ ଦି’ଟା ଝୁଲୁଥାଏ । ହାଇ ମାରି ମାରି ଡାକେ :

"ସ୍ୱନଥ !"

ମୁଣ୍ଡରେ ଗୁଡ଼େଇଥିବା ରଙ୍ଗ ରୁମାଲ ତଳୁ ଫିଟିପଡ଼ି ଗୁଡ଼ାଏ ମୋଡ଼ି-ମୋଡ଼ିକା ମୁଣ୍ଡବାଳ ତା’ର ଅଣଓସାର କପାଳ ଉପରେ ଆଉ ଖେଳଣା ବେଲୁନ ଭଳି ଫୁଲିଥିବା ତା’ର ଗାଲଯୋଡ଼ିକ ଉପରେ ବିଞ୍ଚି ହୋଇ ପଡ଼ିଥାଏ । ବାଳଗୁଡ଼ାକ ତା’ର ନଡ଼ୁଆ ନଡ଼ୁଆ ଆଖି ଭିତରେ ପଶିଯାଏ । ସାନ ସାନ ହାତ ପାପୁଲିରେ ସେଗୁଡ଼ାକ ସେ ଆଡ଼େଇଦିଏ । ଉତାଣି ପିଲାପଣ ତା’ ଅଙ୍ଗୁଠିଗୁଡ଼ିକ ଗୋଛେଇ ଭଳି ମେଲିଥାଏ । ମନେ ଭାବିଲେ କାହା ଲାଗେ ଯେ ଏଭଳିଆ ଗୋଟାଏ ଝିଅ ସାଙ୍ଗରେ ମଣିଷ କେଉଁ କଥା ଗପିପାରିବ ? ମୁଁ ଯେମିତି ବୁଢ଼ି କାଉଣ୍ଟରରୁ ନଜରୁ ଉଠେଇଦିଏଁ, ସେ ତାଙ୍କୁ ପଚାରେ :

"ଓ ! ତୁ ଅଛୁ ନା ?"

"ହଁ, ମୁଁ ଅଛି ।"

"ଭଲ ନିଦ ହୋଇଥିଲା ?"

"ରାତିକ ଡରଲା ନାହିଁ ?"

"କ’ଣ ସ୍ୱପ୍ନ ଦେଖିଲୁ ?"

"ମୋର ମନେ ନାହିଁ ।"

ସହର ସେତେବେଳେ ଭୁନଭାନ । ଠିକ୍ ଭୁନଭାନ ନୁହେଁ, ଲେଉଟ ଗୋଟାଏ ଝାଡ଼ୁଦାର ଖସର ଖସର କରି ଓଳେଇଛି । ଘରମାଲିକମାନଙ୍କ ଦଦ

Digitized by srujanika@gmail.com

ସଙ୍କୋଳିଣି, ସେମାନେ କେତେ ମିଠେଇ ହେଲେଣି । ଉଦୟନ୍ ସୂର୍ଯ୍ୟର ଉଷ୍ମ ହୋଇ-ଆସୁଥିବା ଶାନ୍ତ କିରଣଗୁଡ଼ିକ ଝରକା କାଚରେ ଏକ ଛବିର ମୂର୍ତ୍ତାମୂର୍ତ୍ତି ହେବା ସକାଶେ କେତେ ହୋଇ ଲମ୍ବି ଆସୁଛନ୍ତି ।

ଦିନ ଆରମ୍ଭ ସମୟର ସେହି ସ୍ୱପ୍ନପୂର୍ଣ୍ଣ ଗମ୍ଭୀର ମୁହୂର୍ତ୍ତଗୁଡ଼ିକ ମତେ ଖୁବ ଭଲ ଲାଗେ । ଖୋଲା ଝରକାବାଟେ ଗୋଟାଏ ବାଲବାକ୍ସ ହାତ ଲମ୍ବେଇ-ଦେଇ ରୁଚି ଡାକଘର ସତେ ଯେମିତି ଗୋଟାଏ ଜରୁର ଆକାରେ ଝିଅଟାର ଗୋଡ଼ ଦି'ଟାକୁ ଚପେ । ଏ ପରଶକୁ ସେ ଝିଅଟା ଚୁପ୍‌ଚାପ୍ ସହିଯାଏ, କିଛି ନ ହେଲାପରି ଉଠିଯାଏ, ମୁରୁକେଇ କି ହସେ ନାହିଁ ଟିକିଏ, ତା'ମେଣ୍ଢାଳିଆ ଆଖି ମିଟି ମିଟି ହୁଏ ।

ରୁଚି ଡାକଘର ମତେ କହେ :

“ପେଣ୍ଡଲ୍ ! ସେ ମିଠା ପିଠାଗୁଡ଼ାକ ଚୂଲିରୁ କାଢ଼ି ନେ । ବେଳ ହେଲା !”

ଚୂଲି ଭିତରୁ ଲୁହା ସ୍ଲେଟଗୁଡ଼ାକ ମୁଁ ଓଟାରି ପକାଏଁ । ରୁଚି ଡାକଘର ସେଥିରୁ ଦଶଟା ଖଣ୍ଡେ ପିଠା, ରୁଚି ଉଠେଇନେଇ ସେ ଟୋକିର କୋଳକୁ ସେଗୁଡ଼ାକ ଫୋପାଡ଼ିଦିଏ । ଗୋଟାଏ ତତ୍ତ ତତ୍ତ ତାତିଲା ପିଠା ଉଠେଇନେଇ ଟୋକିଟା ତାକୁ ଏ ହାତରୁ ସେ ହାତ, ସେ ହାତରୁ ଏ ହାତ କରେ, ତା' ପରେ ମେସ୍ତ୍ରାଦାନ୍ତ ପରି ତାର ଧଳାଧଳା ଦାନ୍ତଗୁଡ଼ାକ ସେଥିରେ ଅଳ୍ପାକରେ ମାରିଦିଏ । ତା' ପାଟି ପୋଡ଼ିଯାଏ । ସେଇଠୁ ସେ ଅଧୀର ହୋଇ ପାଟିକରେ, ଘୁସୁର ପରି ବୋବାଳି ଛୁଟେ ।

ପ୍ରେମିକର ଆଖିରେ ତା' ଆଡ଼କୁ ଅନାଇଁ ଅନାଇଁ ରୁଚି ଡାକଘର କହେ:

“ଏବେ ଟୋକି, ହେ, ତୋ ଲୁଗା ଟେକିହେଇଯାଇଚି, ତଳକୁ କର୍ !”

ସେ ଝିଅଟି ଚାଲିଗଲା ପରେ ମୋ ଆଗରେ ସେ ବଢ଼େଇ କରି କହେ :

“ବସନ୍ତ ଋତୁରେ ମେଣ୍ଢାକୁଆ ଯେମିତି ଦିଶନ୍ତି, ସେମିତି ସେ, ଖାଲି ମୋଡ଼ମୋଡ଼ିଆ ବାଳ, କୁଞ୍ଚୁକୁଞ୍ଚିଆ ବାଳ ଭର୍ତ୍ତି । ଦେଖିଲଟି ? ବୁଝିଲ ବାବୁ, ଏମିତିଆ ଝିଅଙ୍କୁ ମତେ ସୁଖ ଲାଗେ । ବଡ଼ ମାଲିକଣିଅଙ୍କ ସଙ୍ଗରେ ମୋର ସମ୍ପର୍କ ନାହିଁ, ଖାଲି ଏମିତିକା ଟୋକିମାନଙ୍କ ସଙ୍ଗରେ । ସ୍ତ୍ରୀ ମଲେଣି କେତେ ହେଲେ । ସେଇଟି କିଏ, ଜାଣ ? ନକଳଙ୍କଚର୍‌ର ଧର୍ମ ଝିଅ ପରି !”

Digitized by srujanika@gmail.com

ଏସବୁ ଝଡ୍‌ଗାର ଚୁପ୍‌ଚୁପ୍‌ ହୋଇ ଶୁଣୁ ଶୁଣୁ ମୁଁ ଜଣକୁ ପଚାରେଁ :

"ଆଉ ମୁଁ ? ମୁଁ ବି କଣ ଏମିତିଆ ଜୀବନ ବଞ୍ଚିବି ନା କଣ ?"

ଓଜନଦାରିଆ ଅଧସେର ଲେଖାଁ ବହି ହେଲା ଭଳି ଯେଉଁ ବଡ଼ବଡ଼ ପାଉଁରୁଟି ସବୁ ହୁଏ, ସେସବୁ ତିଆରି ହୋଇସିବାମାତ୍ରେ ମୁଁ ସେଥିରୁ ଦଶବାରଟାକୁ ଗୋଟାଏ ଲମ୍ବା ପଟାରେ ଥୋଇ ଦେବେନ୍‌କଭ୍‌ର ପୁରୁଣା ଦୋକାନକୁ ଚାଲି ଯାଏଁ। ଏ କାମ ସରିଲେ ଗୋଟାଏ ବଡ଼ ଟୋକେଇରେ ରୁଟି ଓ ପିଠା ଭର୍ତ୍ତିକରି ସେଇଟକ ଧରି ମୁଁ ଦଉଡ଼ି ଦଉଡ଼ିକା 'ଥିଓଲଜିକାଲ ଏକାଡେମି' ଆଡ଼େ ଯାଏଁ ପିଲାମାନଙ୍କ ଜଳଖିଆ ବେଳକୁ ବୁଝି। ସେଠି ପ୍ରକାଣ୍ଡ ଖାଇବା ଘରେ ଯେଉଁ ଦୁଆରମୁହଁ, ମୁଁ ଘର ଭିତରେ ସେଇ ଦୁଆରମୁହଁ ପାଖେ ଠିଆ ହୋଇଥାଏଁ, ଛାତ୍ରମାନଙ୍କୁ ପାଉଁରୁଟି ଦେଉଥାଏଁ। କେତେ ନଗଦ ପଇସାରେ କିଣେ, କେତେ ଧାରରେ ଦିଏଁ। ଆଉ ସେମାନେ ଔପନ୍ୟାସିକ ଲିଓ ଟଲଷ୍ଟୟଙ୍କ ବିଷୟରେ ଯେଉଁ ଯୁକ୍ତି ଆଲୋଚନା କରୁଥାନ୍ତି, ମୁଁ ସେସବୁ ସତେଜ ପିଇଯାଉଥାଏଁ। ଏକାଡେମିର ଜଣେ ଅଧ୍ୟାପକ, ନାଁ ଗୁସେଭ, ସେ ଟଲଷ୍ଟୟ ଓ ତାଙ୍କ ମତର ଘୋର ସମାଲୋଚକ ଥିଲେ। ଅନେକ ସମୟରେ ମୋ ଟୋକେଇ ଭିତରେ ନାନା ବହି ଥାଏ; ରୁଟି ତଳେ ଲୁଚି ହୋଇ ରଖାହୋଇଥାଏ। କୌଣସି କୌଣସି ଛାତ୍ର ହାତରେ ଲୁଚେଇ ଲୁଚେଇ ଦେଇଦେବାପାଇଁ ସେଥିରେ ସେ ବହିସବୁ ପଠାହୋଇଥାଏ। କେବେ କେବେ ଛାତ୍ରମାନେ ମୋ ଟୋକେଇ ଭିତରେ ବହି କି ଚିଠିପତ୍ର ଗୋଞ୍ଜିଦିଅନ୍ତି।

ସପ୍ତାହକେ ଥରେ ମତେ ରୁଟି ନେଇ ଯିବାକୁ ପଡ଼େ 'ପାଗଳାଗାରଦ'କୁ। ସେ ସେଠୁ ଅଳ୍ପଟ ଦୂରରେ। ସେଠି ମନୋରୋଗ ଚିକିତ୍ସକ ବେଖ୍‌ଟେରେଭ୍‌ ଛାତ୍ରମାନଙ୍କୁ ପାଠ ବୁଝାନ୍ତି ଓ ବକ୍ତୃତା ଦିଅନ୍ତି। ଥରେ ସେଠି ସେ ଛାତ୍ରମାନଙ୍କୁ ଗୋଟାଏ ବିଶିଷ୍ଟ ପ୍ରକାର ଉନ୍ମାଦ ରୋଗରେ ପାଗଳ ରୋଗୀକୁ ଦେଖାଇ ସେ ରୋଗ ବିଷୟରେ ବୁଝାଇଲେ। ସେ ରୋଗର ନାଁ 'ଉଚ୍ଚାଭିଳାଷ ଉନ୍ମତ୍ତତା'। ବକ୍ତୃତା ଘରର ଦୁଆରମୁହଁରେ ଲୋକଟି ଆସି ଠିଆହେଲା। ଧଡ଼ିଆ ଡେଙ୍ଗା ଲୋକଟିଏ, ଡାକ୍ତରଖାନାର ଧଳା ପୋଷାକ ପିନ୍ଧିଥାଏ, ମୁଣ୍ଡରେ ଗୋଟିଏ ରାତିପିନ୍ଧା ଟୋପି। ତାକୁ ଦେଖି ମୋତେ ହସ ମାଡ଼ିଲା। ମୋ କଡ଼ପଟ ଦେଇ ଘରଭିତରକୁ ପଶି ଯାଉ ଯାଉ ସେ ଟିକିଏ ଅଟକିଗଲା, ମୋ ମୁହଁକୁ ଅନେଇଲା। ମୁଁ ତା' ଚାହାଣି ଦେଖି ତାଟକା ହୋଇ ପଛକୁ ଘୁଞ୍ଚିଗଲି। ସତେ ଯେମିତି ତା'ର ଅଙ୍ଗାର୍‌ ପରି କଳା, ଅଥଚ ଦାଉ ଦାଉ ଜଳୁ ମୁନିଆ ଚାହାଣି ମୋ କଲିଜା ଭିତରକୁ ଫୁଟି ଗଲାଗଲା। ବକ୍ତୃତା ଚାଲିଥାଏ। ବେଖଟେରେଭ୍‌ ବକ୍ତୃତା ଦେଉ ଦେଉ ଆପଣା

Digitized by srujanika@gmail.com

ବାଡ଼ି ଓଟାରୁଥାଆନ୍ତି ଓ ପାଗଳ ଲୋକଟି ସଙ୍ଗରେ କଥାବାର୍ତ୍ତା ହେଲାବେଳେ ତାଙ୍କୁ ଶବ୍ଦ ସମ୍ମାନ ଦେଖାଉଥାଆନ୍ତି । ଏଣେ ମୁଁ ଲୁଚେଇ ଲୁଚେଇ ମୋ ମୁହଁ ଆଉଁଷୁଥାଏ । ମନେ ଲାଗୁଥାଏ, ସତେ ଯେମିତି ଜଳନ୍ତା ଧୂଳିର ଢେଉଟାଏ ମୋ ମୁହଁରେ ବାଜିଯାଇଛି ।

ପାଗଳ ଲୋକଟି ବେଖ୍‌ତେରେଭଙ୍କୁ କ'ଣ କରିବାକୁ ଆଦେଶ ଦେଉଥାଏ । ତା'ର ସ୍ୱର ଘାଗଡ଼ା, ମୋଟା । ସେ ହୁକୁମ୍ ଦେଲା ଭଙ୍ଗୀରେ ଗୋଟାଏ ସରୁଆ ହାତ ବଢ଼େଇଦେଲା ଓ ତା'ର ସରୁ ସରୁ ଆଙ୍ଗୁଠି ପାଖରୁ ପୋଷାକ ଓଟାରି ହୋଇଗଲା । ମନେ ଲାଗୁଥାଏ, ତା'ର ସମଗ୍ର ଦେହଟା ଅସ୍ୱାଭାବିକଭାବେ ଓଟାରିହୋଇ ଲମ୍ବି-ଯାଉଥାଏ, ବଢ଼ିଯାଉଥାଏ, ସତେ ଯେମିତି ସେ ମନକଲେ ତା'ର କାଠିଆ ହାତଟା ଘରର ଏମୁଣ୍ଡ ସେମୁଣ୍ଡ ଲମ୍ବିଯିବ, ଆଉ ମୋ ଟଣ୍ଟିକି ଧରି ଚିପିଦେବ । ହାଡ଼ୁଆ ମୁହଁରେ ଦି'ଟା କଳା କଳା ଗାତରେ ଆଖିଦି'ଟା ତା'ର ପୋତହୋଇ ରହିଥାଏ । ସେ ଆଖିର ଦୃଷ୍ଟି ଅତି ତୀକ୍ଷ୍ଣ, ତା'ର ଚାହାଣି ଭୟଙ୍କର; ସେଥିରେ ଝଲସୁଥାଏ ପରକୁ ଭଡ଼ା ହୁକୁମ୍ । ଡାକ୍ତରଏ ଜଣ ଖଣ୍ଡେ ଚୁଙ୍ଗ ଟପି ବସି ସେ ଲୋକଟାକୁ ଅନେଇଥାଆନ୍ତି । ତା' ମୁଣ୍ଡର ଟୋପି ଅତି ହାସ୍ୟାସ୍ପଦ ଦିଶୁଥାଏ । ଅନ୍ୟ ଲୋକେ ହସୁଥାନ୍ତି; କିନ୍ତୁ ବେଶିଭାଗ ଚୁପ ଗମ୍ଭୀର ହୋଇ ନିବିଷ୍ଟ ମନରେ ଅନାଉଁଥାଆନ୍ତି । ତା'ର ଜଳନ୍ତା ଆଖି ତୁଳନାରେ ସେମାନଙ୍କ ଆଖି ଅତି ସାଧାରଣ ଦିଶୁଥାଏ । ତାକୁ ଦେଖିଲେ ଡର ମାଡ଼ୁଥାଏ । ପ୍ରକୃତରେ, ତା' ଚେହେରାରେ କ'ଣ ଗୋଟାଏ ପ୍ରଭୁତ୍ୱର ତେଜ ଥାଏ ।

ପିଲାମାନେ ଗୁମ୍‌ସୁମ୍ ହୋଇ ବସି ରହିଥିଲାବେଳେ ଅଧ୍ୟାପକ ବେଖ୍‌ତେରେଭଙ୍କ ସ୍ୱର ଶୁଭୁଥାଏ ପରିଷ୍କାର । ସେ ପାଗଳ ଲୋକକୁ ଯାହା ପଚାରୁଥାଆନ୍ତି, ତା'ର ଉତ୍ତରରେ ପାଗଳ ଲୋକଟା ରୁକ୍ଷ କଠୋର ସ୍ୱରରେ ପାଟି କରୁଥାଏ । ଲାଗୁଥାଏ, ସତେକି ତା' ପାଟି ଘରର ଚଟାଣତଳୁ ବାହାରୁଛି କି ସେ ନର୍କ'ର ଭୂତମାନଙ୍କ ପଞ୍ଜରାଡ଼ୁ ବାହାରୁଛି । ଖ୍ରୀଷ୍ଟିଆନ୍ ଧର୍ମସମ୍ପ୍ରଦାୟର ଜଣେ ବଡ଼ ମହନ୍ତଙ୍କ ଚାଲି, ହାତହଲା ଓ ଅଙ୍ଗଭଙ୍ଗୀ ଯେମିତି ମଠୁଆ ମଠୁଆ ଓ ମର୍ଯ୍ୟାଦାପୂର୍ଣ୍ଣ ଦିଶେ, ସେ ପାଗଳର ଅଙ୍ଗଭଙ୍ଗୀ ବି ସେମିତି ଦିଶୁଥାଏ ।

ସେଇ ରାତିରେ ମୁଁ ତା' ବିଷୟରେ ଗୁଡ଼ାଏ କବିତା ଲେଖିପକାଇଲି । ସେଥିରେ ତାକୁ ବର୍ଣ୍ଣନା କଲି 'ରାଜାଧିରାଜ' ବୋଲି, ପୁଣି 'ସ୍ୱୟଂ ପରମେଶ୍ୱରଙ୍କ ସୁହୃଦ୍ ଓ ମନ୍ତ୍ରଣାଦାତା' ବୋଲି । ବହୁଦିନ ପର୍ଯ୍ୟନ୍ତ ମୋ ଚିନ୍ତା ଭିତରେ ତା' [illegible] ହେଉଥାଏ; ତହିଁରେ ମୋ ଜୀବନ ଦୁର୍ବହ ଲାଗୁଥାଏ ।

Digitized by srujanika@gmail.com

ସଞ୍ଜ ଛ'ଟା ବେଳଠୁ ପ୍ରାୟ ଦ' ପହରଯାଏ ମୁଁ କାମରେ ଲାଗିଥାଏଁ । ଉପରଓଳି ଶୋଇପଡ଼େ । ବହି ପଢ଼ିବାକୁ ବେଳ ପାଏ ନାହିଁ । ଖାଲି ଟିକିଏ ଫୁରସତ ହୁଏ ସେତିକିବେଳେ ଯେତେବେଳେ ଥରେ ଭାଟିରେ ପୁରେଇବା ପାଇଁ ଯେଉଁ ରୁଟି ଓ ପିଠା, ତା' ମଇଦା ଦଳା ସରିଯାଏ ଆଉ ଆରଥରକ ଲାଗି ଦଳା ଆରମ୍ଭ ହୋଇ ନ ଥାଏ, ଆଉ ରୁଟିଗୁଡ଼ାକ ଭାଟି ଭିତରେ ରନ୍ଧାଥାଏ । ମୁଁ ଯହୁଁ ଯହୁଁ ରୁଟି ତିଆରି କାମର ଗୁମର ବେଶି ବେଶି ଶିଖିଲି, ତହୁଁ ତହୁଁ ସେ ରୁଟି କାରିଗର ଆହୁରି ଅଳ୍ପ ଅଳ୍ପ କାମ କରିବାକୁ ଲାଗିଲା । ସେ ସବୁ କାମ ମୋ ଉପରେ ଲଦିଦିଏ; କହେ, ମତେ 'ତାଲିମ୍ କରୁଛି ।' ଅପଟୋର ହିତାକାଙ୍କ୍ଷୀ ମଣିଷ ଭଳି ଆଶ୍ଚର୍ଯ୍ୟ ହେବା ପରି ଭାବ ଦେଖାଇ ସେ କହେ :

"ତୁମଠି ମସଲା ଅଛି ହୋ ! ବର୍ଷେ ଦ'ବର୍ଷରେ ତୁମେ ପକ୍କା ରୁଟି କାରିଗର ହୋଇଯିବ । ବଡ଼ କାବା କଥା ! ଏତେ ପିଲା ବୟସ ! ରୁଟି କାରିଗର ତ ହେବ । ତମକୁ ପିଲା ଦେଖି କିଏ ତମକୁ ମାନିବ, ଖାତିର କରିବ କେଜାଣି !"

ବହି ପଢ଼ିବାପାଇଁ ମୋର ଝୁଙ୍କ ତାକୁ ନାପସନ୍ଦ ଲାଗେ ।

କହେ, "ପଢ଼ା ବନ୍ଦକର ହୋ, ଯାଇ ଶୋଇପଡ଼ !" ଏମିତିଆ ସେ ମୋର ଶୁଭ ମନାସି ମତେ ଉପଦେଶ ଦିଏ । କିନ୍ତୁ ମୁଁ କି ବହି ଯେ ପଢ଼ୁଛି ସେ ବିଷୟରେ ସେ କେବେ କିଛି ପଚାରେ ନାହିଁ ।

ସେ ଲୋକେ ତା' ସ୍ୱପ୍ନରେ ହିଁ ଅଚ୍ଛନ୍ନ ହୋଇ ରହିଥିଲା । ସେ ସ୍ୱପ୍ନରେ ଥିଲା ପୋତା ଧନ ଆଉ ସେଇ ଝିଅଟା, ସାନ ସାନ ଗୋଡ଼, ମତେ ଅବା କେଉଁ ବୁଢ଼ୀମା କାହାଣୀର ଝିଅ । ଝିଅଟା ରାତିରେ ଆସେ, କେବେ କେବେ ନୁହେଁ, ଅନେକ ସମୟରେ । ସେ ଆସିଲେ ରୁଟି କାରିଗର ତାକୁ ବାଟଘର ପାଖକୁ ନେଇଯାଏ, ସେଇ ଯେଉଁଠି ମଇଦା ବସ୍ତାଗୁଡ଼ାକ ଜମା ହୋଇଥାଏ । ଯଦି ବେଶି ଶୀତ ପଡ଼ିଥାଏ ତେବେ କପାଳ କୁଞ୍ଚକୁଞ୍ଚ କରି ସେ ମତେ କହିବ :

"ଚାଲ ବାହାରି, ଅଧଘଣ୍ଟାଏ ପରେ ଆସିବ ।" ତା' କଥା ମାନି ମୁଁ ତ ପଦାକୁ ଚାଲିଯାଏଁ; ଆଉ ମନେ ମନେ ଭାବୁଥାଏଁ, ବହିରେ ଯେଉଁ ପ୍ରେମକଥା ପଢ଼ିଛି ସେ ପ୍ରେମ ଆଉ ଏ ଲୋକର ପ୍ରେମ—ଏ କେତେ ତଫାତ୍ !

ଦୋକାନ ଘର ପଛଆଡ଼େ ଯେଉଁ ସାନ ବଖରାଟି, ସେଇଠି ଆମ ଦୋକାନ ମାଲିକର ଭଉଣୀ ରହୁଥାଏ । ମୁଁ ପ୍ରତିଦିନ ନିୟମିତ ଭାବରେ ତା' ଚୁଲି ଲଗେଇ-ଦେଇ ଆସେଁ । କିନ୍ତୁ ପ୍ରାଣପଣେ ଚେଷ୍ଟା କରେ, ଯେମିତି ତା'ର ମୋର ଦେଖା ନ

Digitized by srujanika@gmail.com

ହେଉ । ତାକୁ ଦେଖିପକାଇଲେ ମତେ ଅଡୁଆ ଅଡୁଆ ଲାଗେ । ତାକୁ ମୁଁ ପାଖରୁ ଥରେ ଦେଖିଲାବେଳେ ତା' ପିଲଳିଆ ଆଖିଯୋଡ଼ିକ ଯେମିତି ସ୍ଥିର ଦୃଷ୍ଟିରେ ମୋ'ଉପରେ ମାଣ୍ଡେଇ ରହିଥିଲା, ତା'ର ମୋର ଦେଖାହେଲେ ସେ ମତେ ସେମିତି ଅନାଇଁ ରହେ । ମତେ ଲାଗୁଥାଏ, ସେ ଆଖି ଗହ୍ୱରରେ ଗୋଟାଏ ହସ ଛପିରହିଛି, ସେ ହସ ମତେ ଅନ୍ଧାରେ ଉଡ଼ଉଛି ।

ମୋ ଦେହରେ ଅସମ୍ଭବ ପ୍ରକାରେ ବଳ ଥାଏ । ସେ ବଳ ଲାଗି ମୋ ଅଙ୍ଗଭଙ୍ଗୀ ଅରଣା ଦଣେ । ଦେଢମହଣିଆ ମଇଦା ବସ୍ତାଗୁଡ଼ାକ ମୁଁ ଯେତେବେଳେ ଟେକି କାରବାର କରେଁ ସେତେବେଳେ ପାଉଁରୁଟି କାରିଗର ମତେ କହେ :

"ଅରେ ବାପ୍‌ରେ ! ତୁମଠି ଦଶଟା ମଣିଷଙ୍କ ବଳ ! ହେଲେ କ'ଣ ହେଲ, ଅଙ୍ଗଭଙ୍ଗୀରେ ସଣୁଣା ନାହିଁ । ଏମିତି ଖେଟେଡଙ୍ଗା ଦିଶୁଛ ସିନା, ଗୋଟାଏ ଷଣ୍ଢ ଭଳି ।"

ସେତେବେଳକୁ ମୁଁ ଅଚ୍ଛା ଥୋଡ଼ାଏ ପଢ଼ାପଢ଼ି କରିସାରିଥାଏଁ । ନିଜେ ଟିକିତାଗୁଡ଼ାଏ ବି ଲେଖିବା ଆରମ୍ଭ କରିଦେଇଥାଏଁ । କିନ୍ତୁ କଥା କହିଲାବେଳେ ମୁଁ ବହିରୁ ପଢ଼ିଥିବା ଶବ୍ଦ ବ୍ୟବହାର କରେ ନାହିଁ, 'ମୋ ନିଜ ଭାଷା' ବ୍ୟବହାର କରେଁ । ମୁଁ ଜାଣିଥିଲି ମୋ ନିଜ ବୋଲି ଓଜନିଆ, ରୁକ୍ଷ; କିନ୍ତୁ ଖାଲି ସେହି ଭାଷାର ମାଧ୍ୟମରେ ହିଁ ମୁଁ ମୋ ଭିତରର ଗୋଳମାଳିଆ ଅବସ୍ଥାକୁ ପ୍ରକାଶ କରିବାକୁ ସମର୍ଥ । ଯେତେବେଳେ କୌଣସି ବିଷୟ ମତେ ଲାଗୁଥିଲା ଅବାନ୍ତର ଓ ଉତ୍ତ୍ରସ୍ତକର, ସେତେବେଳେ ମୁଁ ତା'ର ପ୍ରତିବାଦ କରୁଥିଲି ଓ ମୋ ଭାଷା ଜାଣିଶୁଣି ଅଭଦ୍ର ହେଉଥିଲା ।

ମୁଁ ଯେଉଁମାନଙ୍କ ପାଖରୁ ବିଦ୍ୟା ଶିଖୁଥିଲି, ତାଙ୍କ ଭିତରେ ଜଣେ ଅଙ୍କଶାସ୍ତ୍ରର ଗୁରୁ ଥିଲେ । ଥରେ ସେ ମତେ ଏଇଆ କହି ଗାଳିଦେଲେ :

"ତୁମେ ଯେଉଁ ଭାଷାରେ କଥା କହୁଛ ନା, ଏତେ ଅଖାଡ଼ୁଆ କଥା ଯେ କହିଲେ କ ସରେ ! ସେଗୁଡ଼ାକ ତ ଶବ୍ଦ ନୁହେଁ; ଲୁହା ବଟକସ୍ ଗୁଡ଼ାଏ !"

ସବୁ କିଶୋରମାନଙ୍କ ପରି ମତେ ବି ନିଜର ସବୁ ବିଷୟରେ ଅଶାନ୍ତିକର ଲାଗୁଥିଲା । ମୁଁ ନିଜକୁ ଭାବୁଥିଲି ଲୋକହସା, ଅଡୁଆ । ମୋ ମୁହଁର ଚେହେରାଟା ବି ଯେମିତିଆ—ଗାଲର ହାଡ଼ ଉଞ୍ଚ ଉଞ୍ଚ, କାଲ୍‌ମିକ୍‌ଜାତିର ଆଦିବାସୀଙ୍କ ମୁହଁ ପରି । ମୋ ସ୍ୱର ବି ଭଥୈବଚ; ତାକୁ ସଂଯତ କରିହୁଏ ନାହିଁ ।

Digitized by srujanika@gmail.com

ଆମ ବୁଟି କାରଖାନା ମାଲିକର ଭଉଣୀ ମୋର ଠିକ୍ ଓଲଟା । ଉଚ୍ଚତା ଭରତଅ ଚଢ଼େଇ ପରି ତା'ର ଗଠ ଓ ଭଙ୍ଗୀ—କ୍ଷିପ୍ର, ସୁଠାମ । କିନ୍ତୁ ତା'ର ମୋଟା-ମୋଟା ଗୋଲଗାଲ ସାନ ଗଢ଼ଣ ସଙ୍ଗେ ତା'ର ହାଲୁକା ତରତର ଭଙ୍ଗୀ ମନେ ବେଖାପ ଦିଶେ । ତା' ସ୍ୱରରେ, ଅଙ୍ଗଭଙ୍ଗୀରେ ଏମିତି କିଛି ଥିଲା ଯାହା ମୋ ଆଖିକି ଦିଶୁଥିଲା ତା'ର ସ୍ୱାଭାବିକ ଭଙ୍ଗୀ ନୁହେଁ, ଜାଣି ଜାଣି ଦେଖାଉଥିଲା ପରି । ତା' ସ୍ୱର ସବୁବେଳେ ଖସି ଖସି ଶୁଭେ । ଅନେକ ସମୟରେ ସେ ହସେ; କିନ୍ତୁ ତା'ର ନିର୍ଘୋଳା ହସ ଶୁଣିଲେ ମନେ ହୁଏ ସେ ପ୍ରଥମ ଥର ତାକୁ ଦେଖିଲବେଳେ ତା'ର ଯେଉଁ ଅବସ୍ଥା ମୁଁ ଦେଖିଥିଲି, ମୁଁ ଯେମିତି ତା' ଭୁଲିଯିବି, ସେଇଥିପାଇଁ ଜାଣିଶୁଣି ସେ ଏପରି ହସୁଛି । କିନ୍ତୁ ମୁଁ ତା' ଭୁଲି ନ ଥିଲି । ଯେତେ ଯାହା ଅସାଧାରଣ କଥା ମୋ ଆଖିରେ ପଡ଼ୁଥିଲା, ମୁଁ ତାକୁ ମନେ ମନେ ସାଇତି ରଖୁଥିଲି । ମୋ ପକ୍ଷରେ ଜାଣିବା ଜରୁରି ଲାଗୁଥିଲା ସେ ଯାହା ଅସାଧାରଣ, ତା' ସମ୍ଭବ ଓ ପ୍ରକୃତରେ ତା'ର ମୂଲ୍ୟ ଅଛି ।

ବେଳେ ବେଳେ ସେ ମତେ ପଚାରେ :

"କ'ଣ ପଢ଼ୁଚ ?"

ମୁଁ ସଂକ୍ଷେପରେ ତା'ର ଉତ୍ତର ଦେଇଦିଏ । ମନହୁଏ, ତାକୁ ପଚାରନ୍ତି, "ମୁଁ କଣ ପଢ଼ୁଚି, ସେଥିରେ ତୁମର କଣ ଯାଏ ?"

ଥରେ ଗପରେ ବୁଟି କାଣଧର ତା' ପ୍ରେମିକାକୁ ଫେଲ୍ କରୁ କରୁ ମଦୁଆ ପାଟିରେ ମତେ କହିଲା :

"ଏଠି ସୁକଣ୍ଠା, ପରେ ଅସିବ । ଯାଇ ମାଲିକର ଭଉଣୀ ସାଙ୍ଗରେ ଖେଳୁ ନା କାହିଁକି ? ଏମିତିଆ ବାଗ କଲେ ଗୁଡ଼େ ? ଗୁଣମାନେ......"

ମୁଁ ତାକୁ କହିଲି, ଫେର ଆଉ ଥରେ ସେମିତିଆ କଥା ମତେ କହିବ ତ ମୁଁ ଲୁହା ବଟକରରେ ଛେଚି ତା' ମୁଣ୍ଡ ଫଟେଇଦେବି । ଦୁଆରମୁହଁ ପାଖେ ମଇଳା ବସ୍ତା ଉପରେ ସେ ବସିଥାଏ । ଦରଭଙ୍ଗା କବାଟଟା ଅଚାନିଆ ହୋଇ ଝୁଲୁଥାଏ । ସେ କହୁଥାଏ, ମତେ ଶୁଭୁଥାଏ—

"ସେ କଥାରେ ଛଳ କର ମୁଁ ରାଗିବି କାହିଁକି ହୋ ? ଚନ୍ଦ୍ରଯାକ ବନ୍ଧ-ସୁଭାଏ ସୁଟିଲେ ଫଳ ଏଇଆ ହୁଏ । ଲୋକଟା ପରତେ ଯେମିତି ବାସ୍ନାଟାଏ ଭଲଆ ଏପଟ ସେପଟ ହଉଚ ।"

Digitized by srujanika@gmail.com

ବାଟଘରେ ମୂଷାମାନେ ଏପଟ ସେପଟ ହୋଇ ଖଡ଼ ଖାଡ଼, ଚେଁ ଚଁ ହେଉଥାନ୍ତି ! ରୁଟିସେକା ଘରେ ହିଁ ଅଟା ଘୃଷୁର ପରି ଘୃଷୁରୁଥାଏ, ଆଉ ସାନ ପାଟିରେ ହାହଲ ହେଉଥାଏ । ମୁଁ ଅଗଣାକୁ ବାହାରିଗଲି । ଖୁବ୍ ପାତଳ ହୋଇ ଅସରାଏ ମେଘ ମଠେଇ ମଠେଇ ହୁଡ଼ିପଡ଼ୁଥାଏ; ଶବ୍ଦ ବି କରୁ ନ ଥାଏ । କିନ୍ତୁ ପବନ ନାକକୁ ଲଗୁଥାଏ ବୁଢ଼ୀଲ ପରି । ଚପୋ ହେଲେ ବି ପବନ ସଜ ଲାଗୁ ନ ଥାଏ, ଟେପାଡା ଗନ୍ଧରେ ଓଜନ ଓଜନ ଲାଗୁଥାଏ । କେଉଁଠି ବଣରେ କଅଁ ଳଗିଥାଏ ପରା । ମହାସ୍ରତ ଟପିଯାଇ ବହୁତ ବେଳ ହୋଇଥାଏ । ରୁଟି କାରଖାନା ଆରପଟ ଘରର ଝରକା ମେଲ ଥାଏ । ସେଇ ଘରର ବର୍ଣ୍ଣଗୁଡ଼ାକରେ ଆଲୁଅ ଦଣୁଥାଏ କ୍ଷୀଣ । ସେ ଘରୁ ସଙ୍ଗୀତ ଭସିଆସିଲା । ସେ ଗୀତର ଅର୍ଥ :

"ପ୍ରାଚୀନ ସନ୍ଥ ସ୍ୱାମୀ
ମୃଣ୍ଡ ସ୍ୱବକରେ ସ୍ମିନେଲ୍ ଜ୍ୟୋତ
ସେ ବୃଦ୍ଧି ରହିଛନ୍ତି ତାଙ୍କ ଭକ୍ତମାନଙ୍କ
ସେମାନଙ୍କ ପ୍ରତି ଅପାର ସ୍ନେହ"

ମୁଁ ମନେ ମନେ କଳ୍ପନା କଲି ଯେ ରୁଟି କାରଗରର ପ୍ରେମିକା ଯେମିତି ତା' କୋଡ଼ରେ ଲମ୍ବି ରହିଛି, ସେମିତି ମୋ କୋଡ଼ରେ ଲମ୍ବିଛି ମାଲ୍ଦର ଭଉଣୀ ମେଣଥା । କିନ୍ତୁ ମୋ ଦେହର ପ୍ରତ୍ୟେକ ସ୍ନାୟୁରେ ଅନୁଭବ କଲି, ତା' ଅସମ୍ଭବ । ଏଭଳି ଭାବବାରେ ହିଁ ମତେ ଗ୍ରୁନଅ ଲଗୁଥିଲା ।

ଗୀତ ଶୁଭୁଥାଏ :

"ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟଯାକେ
ସନ୍ଥ ସ୍ୱାମୀ ଭୋଗ କରୁଥାନ୍ତି ସଙ୍ଗୀତ ଓ ମଦ ଗେଲାସ
ଆଉ....ହୁଁ....ଅନ୍ୟ ପ୍ରକାରେ
ମଉଜ କରୁଥାନ୍ତି ।"

ସମବେତ ସଙ୍ଗୀତ । ସେଥିରେ କେତେ କଣ୍ଠ ଶୁଭୁଥାଏ ଗମ୍ଭୀର, ରସୁଆଳ । 'ହୁଁ' ବୋଲି ଯେଉଁ ଅଶ୍ଳୀଳ ଇଙ୍ଗିତ, ତାହାରି ଉପରେ ତାଙ୍କ ସ୍ୱର ଜୋର ଦେଉଥଏ ।

ଆଣ୍ଠୁ ଉପରେ ବ ହା ଛନ୍ଦେଇ ସେ ଘରର ଝରକା ଆଡ଼କୁ ଅନେଇବି ବୋଲି ମୁଁ ଆଗକୁ ନଇଁପଡ଼ିଲି । ଝାଲରିଆ ପରଦା ଝୁଲୁଥାଏ । ତା' ସେପଟେ

Digitized by srujanika@gmail.com

'ଦେଖୁଥାଏ ଗୋଟାଏ ଚଉକୋଣିଆ ଘରର ଧୂସରିଆ କାନ୍ଥଗୁଡ଼ାକ । ଗୋଟାଏ ଷାଠ ଲ୍ୟାମ୍ପ, ତା'ଉପରେ ନେଳି ଢାଙ୍କୁଣି । ସେହି ଆଲୁଅରେ ଦେଖୁଥାଏ, ଲ୍ୟାମ୍ପ ଆଗରେ ଝରକାଆଡ଼କୁ ମୁହଁକରି ଝିଅଟିଏ ବସିଥାଏ, କ'ଣ ଲେଖୁଥାଏ । ଏଥର ସେ ମୁଣ୍ଡ ଟେକିଲା । ତା' କପାଳ ଉପରେ କେଣ୍ଡାଏ ମୁଣ୍ଡବାଳ ଆସି ପଡ଼ିଥିଲା, ତାକୁ ତା' ନାଲିଆ କଲମ ଅଗରେ ଠେଲିଦେଲା । ତା' ଆଖିଯୋଡ଼ିକ ଅଧାବୁଜା ଦେଖୁଥାଏ । ଗୋଟିଏ ସ୍ମିତ ହସରେ ତା' ମୁହଁ ଉଜ୍ଜ୍ୱଳ ଦେଖୁଥାଏ । ତରତର ନ ହୋଇ ସେ ଚିଠିଟି ଭାଙ୍ଗିଲା, ଲଫାପାରେ ଭର୍ତ୍ତିକଲା, ଲଫାପାର ଦାଢ଼କୁ ଜିଭରେ ଲଗାଇ ଲଫାପା ବନ୍ଦ କଲା । ତା' ପରେ ଟେବୁଲ୍ ଉପରେ ଚିଠିଟା ଫୋପାଡ଼ିଦେଇ ଧମକେଇଲା ପରି ଭଙ୍ଗୀ କରି ତା' ଆଡ଼କୁ ବୁଢ଼ିଆଙ୍ଗୁଠି ଦେଖାଇଲା । ଆଙ୍ଗୁଠିଟି ଖୁବ୍ ସରୁ । ପୁଣି ସେ ଚିଠିଟାକୁ ଟେକିନେଲା । ତା' ମୁହଁରେ ବିରକ୍ତିର ଭଙ୍ଗୀ । ଲଫାପକୁ ଚିରିପକାଇଲା । ଚିଠିକୁ ଓଟାରିନେଇ ଆଉଥରେ ମୂଳରୁ ଶେଷଯାଏ ପଢ଼ିଲା । ପୁଣି ଆଉ ଗୋଟାଏ ଲଫାପାରେ ପୂରାଇ ବନ୍ଦ କଲା । ଟେବୁଲ ଉପରେ ନଇଁପଡ଼ି ଚିଠି ଉପରେ ଠିକଣା ଲେଖିଲା । ତା' ପରେ ଶୁଖେଇବାକୁ ଚିଠିକୁ ପବନରେ ହଲେଇଲା । ଦେଖୁଥାଏ, ଯେଉଁ ଯେମିତି ଯୁଦ୍ଧ ବନ୍ଦ କରିବାପାଇଁ ଧଳା ସନ୍ଧି-ପତାକା ହଲାଉଛି । ଆଙ୍ଗୁଠି ଅଗରେ ଠିଆହୋଇ ଦେହ ମୋଡ଼ି-ଦେଇ ତାଳ ମାରିଦେଇ ନାଚ ନାଚି ସେ ସେଘରର ଆର କୋଣରେ ଥିବା ଖଟ ଆଡ଼କୁ ମୋ ଦୃଷ୍ଟି ବାହାରକୁ ଚାଲିଗଲା । ପୁଣି ଯେତେବେଳେ ଦିଶିଲା, ସେତେ-ବେଳେ ତା' ଦେହରେ ବ୍ଲାଉଜ୍ ନ ଥାଏ । ତା'କାନ୍ଧଯୋଡ଼ିକ ଖୁବ୍ ମୋଟାସୋଟା ଓ ଗୋଲ୍‌ଗାଲ । ଟେବୁଲ ଉପରୁ ଲ୍ୟାମ୍ପ ଉଠେଇନେଇ ସେ ପୁଣି ଆରପାଖ କୋଣକୁ ଚାଲିଗଲା, ଆଉ ଦିଶିଲା ନାହିଁ । ଜଣେ କେହି ଏକୁଟିଆ ଅଛୁ ବୋଲି ଯେତେ ଯାହା ଯାହା କରେ, ତା' ଆଉ କାହା ନଜରରେ ପଡ଼ିଗଲେ ଅନେକ ସମୟରେ ପାଗଳାମି ପରି ଲାଗିପାରେ । ଅଜଣାରେ ଏମୁଣ୍ଡ ସେମୁଣ୍ଡ, ଏକର ସେକର ହେଉଁ ହେଉଁ ମୁଁ ଭାବୁଥାଏଁ, ସେ ଝିଅଟି ତା'ବଖର ଭିତରେ ଏକୁଟିଆ ଥିଲାବେଳେ କେତେ ଅସ୍ତୂର୍ଣ୍ଣ ଜୀବନ ଅତିବାହିତ ନ କରୁଚି !

କିନ୍ତୁ ଯେତେବେଳେ ସେ ଯୁବକଟି ତା' ପାଖକୁ ଆସୁଥିଲା, ସେଇ ଯାହାର ମୁଣ୍ଡବାଳ ନାଲି, ଆଉ ବସିପଡ଼ି କଣ କହୁଥିଲା, ଅତି ଗୁନ ଗୁନ କରି, ଯେଉଁ ଯେମିତି ଫୁସ୍‌ଫୁସ୍ କରି, ସେତେବେଳେ ଝିଅଟି ସଚେତକ ସଙ୍କୁଚିତ ହୋଇ ଆପଣା ଭିତରେ ପଶିଯାଏ । ସେ ଡର ଡର ତା' ଆଡ଼କୁ ଅନାଏଁ ଆଉ ତା' ହାତଯୋଡ଼ିକୁ ପିଠି ପଛଆଡ଼େ, ନ ହେଲେ ଟେବୁଲ୍ ତଳେ ଲୁଚେଇଦିଏ । ନାଲି ମୁଣ୍ଡବାଳବାଲା ସେଇ ଯୁବକ ପ୍ରତି ମୋ ମନରେ ବୈରଭାବ ଆସୁଥାଏ, ବହୁତ ବୈରଭାବ ।

Digitized by srujanika@gmail.com

ବୁଟି କାରଗରର ପ୍ରେମିକା ଗୋଟାଏ ଶାଳ ଘୋଡ଼ାପୃଷ୍ଠ ହୋଇ ଝୁଣ୍ଟି ଲପଙ୍କ ମୋ ଅଡ଼କୁ ମାଡ଼ିଆସି ଘମ୍ଭରକ :

"ଭିତରକୁ ଯା !"

ପଟା ଉପରେ ତଳା ହୋଇଥିବା ମଇଦାକୁ ବଛେଇଦେଇ ବୁଟି କାରଗର ବାହାପିଆ ଢଙ୍ଗରେ ତା'ପ୍ରେମିକା କଥା ମୋ ଆଗରେ ଗପି ବସିଲା; ଲୋକର ମନକୁ ଶାନ୍ତ କରିବାରେ ତା'ର ଶକ୍ତି କେତେ ଅକ୍ଳାନ୍ତ, ସେଇକଥା ବଖାଣିଲା । କିନ୍ତୁ ମୁଁ ଠିଆ ହୋଇ ଭାବୁଥାଏଁ :

"ମୁଁ ମୋହିଛି କୁଆଡ଼େ ?"

ମତେ ଲାଗୁଥାଏ ଯେ ମୋର ଅତି ପାଖରେ କେଉଁଠି, ବୋଧହୁଏ ହାତ-ପାଆନ୍ତରେ, ମତେ କଣ ଦୁର୍ଭାଗ୍ୟ ଘୋଟିବ ବୋଲି ଅପେକ୍ଷା କରିଛି ।

ବୁଟି କାରଖାନା ଏତେ ଭଲ ଚାଲୁଥାଏ ଯେ ବେରେନକଭ୍ ଅନୁର ବଡ଼ ଘର ଖୋଜୁଥାଏ । ସେ ଠିକଣା କରିଥାଏ ଯେ ସେ ଅନୁର ଜଣେ ଲୋକ ରଖିବ । ମତେ ଭଲ । ମୋ ମୁଣ୍ଡରେ ବହୁତ କାମବୋଝ ଲଦା ହୋଇଥାଏ । କାମ କରି କରି ମୁଁ ଏମିତ ଘୋଳହୋଇପଡ଼େ ଯେ ମୁଁ ଆଉ କିଛି ଭାବିପାରେ ନାହିଁ ।

ବୁଟି କାରଗର ମତେ କହିଲା, "ନୂଆ ଜାଗାରେ କାରଖାନା ହେଲେ ତୁମେ ସେଠି ହେବ ଉପର ପାହ୍ୟାର ଲୋକ । ମୁଁ ମାଲିକକୁ କହିବ, ତୁମ ଦରମା ମାସକୁ ଦଶ ରୁବଲ ବଢ଼ାଇଦେବ । ବୁଝିଲ ?"

ମତେ ଉପର ପାହ୍ୟାର ଲୋକ କରାଇବାକୁ ଚାହିଁବା ତା'ର ଇଚ୍ଛା, ସେକଥା ମୁଁ ଭଲକରି ଜାଣିଥାଏଁ । କାମ ତାକୁ ଗଞ୍ଜାଏ । ମୁଁ ଯେ ଅଗ୍ରହ ଦେଖାଇ କାମ କରେଁ । କାମ କରି କ୍ଳାନ୍ତ ହେଲେ ମୋର ଭଲ । ତହିଁରେ ମୋ ମନର ଅସ୍ବସ୍ତି କମେ । ସବୁବେଳେ କାମରପୁର ତାଡ଼ନା ଯେ ମନେ ଅସ୍ଥିର କରିପକାଉଥା, ସେଥିରୁ ମତେ ଯାହ ମିଳେ । କିନ୍ତୁ ପଢ଼ାପଢ଼ି କରିବା ଅସମ୍ଭବ ହୁଏ ।

ବୁଟି କାରଗର ମତେ କହିଲା, "ତୁମର ସେ ବହିପତ୍ର ବନ୍ଦ କରି ଫିଙ୍ଗି ଦିଅ, ଖୁବ ଭଲ କଲ । ସେ ବହିଗୁଡ଼ାକ ମୂଷାମାନଙ୍କ ଖାଦ୍ୟ । ସେଇଥିପାଇଁ ସେଗୁଡ଼ାକ ହୋଇଛି । ଅଚ୍ଛା, ତୁମେ କେବେ ସ୍ଵପ୍ନ ଦେଖ ନାହିଁ ? ଦେଖୁନ ଥିବ-

Digitized by srujanika@gmail.com

ନା ! ଓଠଚପା; କିଛି କହୁ ନାହିଁ । ଖାଲି ମନା ମଥା । ଅରେ ବାବୁ, ସ୍ୱପ୍ନକଥା ପର ଆଗରେ କହିଲେ କ୍ଷତି କଣ ? ସେଥିରେ ତ ତାହାର ଅନିଷ୍ଟ ହୁଏ ନାହିଁ !”

ସବୁବେଳେ ମୋ ପ୍ରତି ତା’ର ବହୁତ ସନ୍ଦେହ । ଲାଗୁଥାଏ, ଯେମିତି ମୋ ପ୍ରତି ତା’ର ଶ୍ରଦ୍ଧା ସମ୍ମାନ ବି ଅଛି । ଅଥବା ସେ ମତେ ଡରେ: କାରଣ ମାଲିକ ମତେ ସାହା । ତା’ ବୋଲି ସେ ସ୍ନେହ କରିବା ଛାଡ଼େ ନାହିଁ; ନିସ୍ପୃହିତ ଭାବେ ଜଣାଏ ସ୍ନେହଏ ।

ମୋ ଆଈ ମରିଗଲା । ତା’ର ଶବ କବର ହେବାର ସାତ ସପ୍ତାହ ବିତିଲା ପରେ ମୁଁ ସେ ଖବର ପାଇଲି । ମୋର ଗୋଟିଏ ମାଉସୀପୁଅ ଭାଇ ମତେ ଚିଠି ଲେଖିଥିଲା । କମା-ପୂର୍ଣ୍ଣଚ୍ଛେଦବର୍ଜିତ ସାନ ଚିଠିଟାଏ । ସେଥିରେ ଥିଲା ଯେ, ଗୀର୍ଜାଘର ଉଞ୍ଚ ପିଣ୍ଡାରେ ଭିକ ମାଗୁ ମାଗୁ ମୋ ଆଈମା ପଡ଼ିଯାଇ ତା’ ଗୋଡ଼ ଭାଙ୍ଗିଗଲା ଓ ତା’ ଆଠଦିନ ପରେ ସେଣ୍ଟ ଆଣ୍ଟା ‘ଚପିପି ଗଲା’ । ପଛେ ଶୁଣିଲି ସେ ମୋର ଉନୋଟିଯାକ ମାଉସୀପୁଅ ଭାଇ, ସେମାନେ ଯୁଆନ୍ ଆଉ ହୃଷ୍ଟପୁଷ୍ଟ, ଆଉ ତାଙ୍କ ଭିତରୁ କଣକର ପିଲାମାନେ ସମସ୍ତେ ମୋ ଆଈର ଭିକମଗା ରୋଜଗାର ଖାଇ ଖାଇ ଚଳୁଥିଲେ । ସେ ଏତେ ସର ହେଲା; ଗୋଟାଏ ଡାକ୍ତର ଡାକି ଦେଖାଇବାକୁ ବି ତାଙ୍କ ବୁଦ୍ଧି ଦଶିଲା ନାହିଁ ।

ମୋ ମାଉସୀ ପୁଅ ଭାଇ ଚିଠି ଲେଖିଥିଏ :

“ସେଣ୍ଟୋପାଭ୍ଲୋଭ୍ସ୍କ କବରଖାନାରେ ଆମେ ତା’ ଶବକୁ କବର ଦେଲୁଁ । ସେଠି ଆମର ସବୁ ବନ୍ଧୁବାନ୍ଧବ ମୁର୍ଦ୍ଦାର ପୋତାହୋଇଛନ୍ତି । ଭିକାରୀମାନେ ସମସ୍ତେ ବି ସେଠି ଜୁଟିଥିଲେ । ସେମାନେ ତାକୁ ଖୁବ ଭଲ ପାଉଥିଲେ । ଖୁବ କାନ୍ଦିଲେ ସେମାନେ । ଅଜା ବି ବହୁତ କାନ୍ଦିଲେ । ସେ ଆମକୁ ତଡ଼ିଦେଲେ, ନିଜେ ଏକୁଟିଆ କବର ପାଖେ ରହିଲେ । ବୁଦା ଉହାଡ଼ରୁ ଆମେସବୁ ତାଙ୍କୁ ଅନାଇଁ ଦେଖୁଥାଉଁ । ସେ ଖୁବ କାନ୍ଦୁଥାନ୍ତି । ସେ ବି ଅଳ୍ପଦିନେ ମରିଯିବେ ।”

ମୁଁ କାନ୍ଦିଲି ନାହିଁ । କିନ୍ତୁ ମୋର ମନେ ପଡ଼ୁଛି, ମତେ ସେତେବେଳେ ଲାଗିଲା, ସତେ ଯେମିତି ମୋ ଉପରେ ବରଫମିଶା ପବନ ଝଲକାଏ ବହିଗଲା ! ଅଗଣାରେ କାଠଗୁଡ଼ାଏ ଗଦା ହୋଇଥାଏ । ମୁଁ ରାତିରେ ତା’ଉପରେ ବସିଥାଏଁ, ଆଉ ମୋର ମନ ହେଉଥାଏ, କେହି ଆସନ୍ତା, କାହାକୁ ମୁଁ ମୋ ଆଈ କଥା ଶୁଣାନ୍ତି କି ! କହନ୍ତି, ତା’ଠି କେତେ ବୁଦ୍ଧି, କେତେ ଦୟାଦାକ୍ଷିଣ୍ୟ ଥିଲା; କେମିତି ସେ ଆମ ସମସ୍ତିଙ୍କର ମା’ ହୋଇ ଆମକୁ ପାଳିଥିଲା । କିନ୍ତୁ ସେସବୁ କଥା ଶୁଣିବା

Digitized by srujanika@gmail.com

ଭଳି ଦେହ ନ ଥିଲେ ଓ ମୋର ସେ କାମନା ମନରୁ ମନ ଜଳି ଜଳି ଅତୃପ୍ତ ରହି ଶେଷରେ ନିଭିଗଲା ।

ବହୁବର୍ଷ ପରେ ମୁଁ ଯେତେବେଳେ ଶେକଭ୍‌ଙ୍କ ଲେଖା ଚମତ୍କାର ସତ କାହାଣିଟିଏ ପଢ଼ିଲି, ଯେଉଁଠି ଗୋଟିଏ କଚ୍‌ଆନ୍ ତା' ପୁଅର ମୃତ୍ୟୁ ବିଷୟରେ ତା' ଘୋଡ଼ାକୁ କହି ବୁଝାଉଥିଲା, ସେତେବେଳେ ମୋର ସେହି ଅନୁଭୂତି ମନେ-ପଡ଼ିଲା । ମୋ ମନରେ ଅବଶୋଷ ହେଲା ଯେ ମୋର ଚୂଡ଼ାନ୍ତ ଦୁଃଖ ସମୟରେ ମୋ ଦୁଃଖର କାହାଣୀ ଶୁଣାଇବି ବୋଲି ମୋ ଜଗତରେ ଘୋଡ଼ାଟିଏ କି କୁକୁରଟିଏ ବି ନ ଥିଲା । ମୋର ଅବଶୋଷ ହେଲା ଯେ ମୋର ମନର ସେ ବେଦନା ଅନ୍ତତଃ ମୂଷାମାନଙ୍କ ଆଗରେ ମୁଁ ନ ବଖାଣିଲି ବା କାହିଁକି ? ଜୁଟି କାରଖାନାରେ ବହୁତ ମୂଷା ଥିଲେ ଓ ସେମାନଙ୍କ ସଙ୍ଗରେ ମୋର ଖୁବ୍ ସଦ୍‌ଭାବ ବି ଥିଲା ।

ପୁଲିସବାଲା ନିକିଫରଚ୍ ଠିକ୍ ଗୋଟାଏ ସ୍ନେକିଲି ଶାଗୁଣା କି ଚିଲ ପରି ମୋ ସ୍ମୃତିପଟେ ଚକ୍କର ଦେଉଥାଏ । ବୁଢ଼ାଲୋକ, କିନ୍ତୁ ଖୁବ୍ ବଳୁଆ ଟାଗଡ଼ା ବୁଢ଼ା । ମୁଣ୍ଡବାଳ ରୁପାପରି ଧଳା, ଖୁବ୍ ଛିଳ ଛିଳ କରି କଟା ହୋଇଥାଏ, ଦାଢ଼ି ଓସାରିଆ, ସୁରୁସୁ ହୋଇ କଟା ହୋଇଥାଏ, କୁଣ୍ଡା ହୋଇଥାଏ । ଖ୍ରୀଷ୍ଟମାସ୍ ଭୋଜିରେ ତରକାରି ହେବ ବୋଲି ଗୋଟାଏ ହଂସକୁ ପୋଷି ମୋଟାଇକରି ରଖିଥିଲେ ଲୋକ ସେ ହଂସଟାକୁ ଯେଉଁ ଆଖିରେ ଦେଖୁଥାନ୍ତି ସେ ମତେ ସେମିତି ଅନାଏଁ ।

ମୋ ସଙ୍ଗରେ କଥା ଆରମ୍ଭ କରିବ, "ତୁମେ ଭାରି ପାଠସହକ ପିଲା, ନୁହେଁ ? ମୁଁ ଶୁଣିଛି ତ ! ଅଚ୍ଛା, ଏତେ ବହି ତ ପଢ଼ୁଛ । ସେଗୁଡ଼ାକ କି ଜାତିଆ ବହି ? କଣ ଆମ ଧର୍ମ ପୁରାଣ, ବାଇବଲ୍ କି ସନ୍ଥମାନଙ୍କ ଜୀବନୀ, ଏଇସବୁ ?"

ହଁ, ମୁଁ ବାଇବଲ୍ ବି ପଢ଼ିଥିଲି ଓ ନିତ୍ୟପାଠ୍ୟ ଧର୍ମପୁସ୍ତକ ବି । ସେକଥା ଶୁଣି ନିକିଫରର୍ ଆଶ୍ଚର୍ଯ୍ୟ ହୋଇଯାଏ । ତା' ଅନ୍ଦାଜ ଭୁଲ୍ ହେବାରୁ ସେ ଟିକିଏ ଲଜ୍ଜିତ ବି ହୁଏ ।

"ହୁଁ ! ଭଲ ଉପକାରୀ ବହି ପଢ଼ିବା ତ ଆଇନ ଅନୁସାରେ ନିର୍ଦ୍ଦୋଷ । କେବେ ହେଁ, କାଉଣ୍ଟ୍ ଟଲ୍‌ଷ୍ଟୟ୍‌ଙ୍କ ଲେଖା ବହିସବୁ ପଢ଼ କି ନାହିଁ ? କେବେ ପଢ଼ିଥିଲ ?"

ମୁଁ ଟଲ୍‌ଷ୍ଟୟଙ୍କ ଲେଖା ବି ପଢ଼ିଥିଲି । କିନ୍ତୁ ତାଙ୍କର ଯେଉଁସବୁ ବହି ମୁଁ କହେଁ, ସେସବୁ ବହି ସେ ପୁଲିସବାଲାର ନଜରରେ ନ ଥିଲା । କହେ :

Digitized by srujanika@gmail.com

"ସେସବୁ ବହି ତ, ମାନେ, ସାଧାରଣ ବହି, ସେମିତିଆ ବହି ଅନ୍ୟମାନେ ବି ଲେଖନ୍ତି । କିନ୍ତୁ ତାଙ୍କର ଅନ୍ୟାନ୍ୟ ବହି ବି ଅଛି ଯେ, ସେଇ ଯେଉଁ ବହି-ମାନଙ୍କ ବିଷୟରେ ଲୋକେ ହୁହାକୋହି ହେଉଛନ୍ତି, ସେଇ ଯେଉଁଥିରେ ସେ ଧର୍ମ-ପୁରୋହିତମାନଙ୍କୁ ସମାଲୋଚନା କରିଛନ୍ତି । ସେସବୁ ଜିନିଷ ପଢ଼ିଲେ କିନା ମଜା !"

ମୁଁ "ସେସବୁ ଜିନିଷ" ବି ପଢ଼ିଥିଲି । ଛପା ବହିରୁ ଖାତାରେ ଉତାରିନେଇ ସେସବୁ ବହି ରଖାହୋଇଥାଏ । ମୋ ହାତକୁ ବି ଆସିଥିଲା । କିନ୍ତୁ ତାକୁ ପଢ଼ି ମତେ ଲାଗିଲା, ସେଗୁଡ଼ିକ କେମିତି କେମିତି ମାନେ ଅଛି ନିରସ । ତେବେ ମୋ ନିଜର ସେ ମତାମତ ତ ପୁଲିସ ସଙ୍ଗରେ ଆଲୋଚନା କରିବା କଥା ନ ଥିଲା ।

ସଡ଼କରେ ହାବୁଡ଼ିଲେ ଲୋକେ ଥର ଏମିତି ଅଳ୍ପ ଅଳ୍ପ କଥାଭାଷା ହେଉଁ । ସେଉଠୁ ବୁଢ଼ା ମତେ ବାରମ୍ବାର ନିମନ୍ତ୍ରଣ କଲା ତା' ପାଖକୁ ଯିବାକୁ ।

କହିଲା, "ମୋ ଗୁମୁଟିକୁ ଆସିବ ଯେ ଏକାଠି ଚା ଖାଇବା ।"

ସେ କେଉଁ କଥାର ପିଛା ଧରିଛି ମୁଁ ତା' ବୁଝିପାରିଲି ଯେ, ତଥାପି ମୋର ମନ ହେଲା, ମୁଁ ତା'ପାଖକୁ ଯାଏଁ । ମୁଁ ମୋ ଗୁରୁମାନଙ୍କ ପରାମର୍ଶ ନେଲି । ସ୍ଥିର ହେଲା ଯେ ପୁଲିସବାଲାର ଆତିଥ୍ୟ ଅସ୍ୱୀକାର କଲେ ବୃତ୍ତିକାରଖାନା ପ୍ରତି ତା' ସନ୍ଦେହଟା ଅଧିକ ବଢ଼ିଯିବ ।

ସେଉଠୁ, ନିକିଫରିଚ୍‌ର ଗୁମୁଟିକୁ ଗଲି । ସାନ ବଖରାଟିଏ, ନୁଆଁଣିଆ ଘର ।

ଘରର ତିନିଭାଗରୁ ଭାଗେ ମାଡ଼ିବସିଛି ଗୋଟାଏ ରୁଷଦେଶର ଚୁଲି । ତିନିଭାଗରୁ ଆଉ ଭାଗକରେ ଗୋଟାଏ ଯୋଡ଼ିପଲଙ୍କ । ପଲଙ୍କଟା ଥାଏ ଗୁଡ଼ାହୋଇ ଓହଳିଥିବା ପରଦା ପଛଆଡ଼େ । ତା'ଉପରେ ଗୁଡ଼ାଏ ତକିଆ ଗଦା ହୋଇଥାଏ, ତା' ଖୋଳଗୁଡ଼ାକ ନାଲି ଟହଟହ । ଆଉ ଯେଉଁ ଜାଗାତକ ବଳିଲା ସେଠି ଗୋଟାଏ ଆଲମାରି, ଗୋଟାଏ ଟେବୁଲ୍, ଦି'ଟା ଚଉକି ଓ ଗୋଟାଏ ସାନ ଝରକା ପାଖେ ଗୋଟାଏ କାଠ ବେଞ୍ଚ । ନିକିଫରିଚ୍‌ର ପୋଷାକର ଜ୍ୟାକେଟ ବୋତାମ ଖୋଲା-ଥାଏ । ସେ ସେଇ ବେଞ୍ଚରେ ବସିଥାଏ, ଝରକାଟା ତା' ପିଠିଆଡ଼େ ଉଠୁଆଳ ହୋଇ ରହିଥାଏ । ଟେବୁଲ ଆରପାଖେ ମୁଁ ତା'ମୁହାଁମୁହିଁ ହୋଇ ବସିଥାଏଁ । ମୋ କଡ଼ରେ ତା' ସ୍ତ୍ରୀ ବସେ । ତା ସ୍ତ୍ରୀ ଯୁବତୀଟିଏ, ବୟସ କୋଡ଼ିଏ ହେବ । ତା'ର

Digitized by srujanika@gmail.com

ହ୍ରସ୍ୱ ଗ୍ରୀବ, ନାଲି ନାଲି, ଆଖିରେ ଦୁଷ୍ଟାମି ଓ ହିଂସ୍ରଭାବ । ଆଖିର ବର୍ଣ୍ଣ ସିଲଟ ପର ଶଇବଳିଆ ହୋଇ ବଚନ ପ୍ରକାରର । ପ୍ରବଳ ପ୍ରବଳ ନାଲି ଓଠ'ଟାକୁ ସେ ଖିଅଳ-ପଣରେ ଗୋଳିଆ କରୁଥାଏ । ତା' ସ୍ୱରରେ ବାରି ହେଉଥାଏ ଭୃଷ ହିଂସ୍ରପଣର ଆଭାସ ।

ପ୍ରିନ୍ସବାବୁ କହିଲେ, "ମୁଁ ଖବର ପାଇଛି ଯେ ମୋ ଧରମ ପୁଅ ସେକ୍ଲେଟେସ୍ୱା ତମ ବୁଟିଜାରଖାନାକୁ ଯା'ଆସ କରେ । ସେ ଟୋକାଟା ଦୁଷ୍ଟବୁଦ୍ଧା, ବଦ । ସବୁ ମାଇକିନିଆ ବଦ୍ ।"

"ସବୁ ମାଇକିନିଆ ?" ତା' ସ୍ତ୍ରୀ ପଚାରିଲା ।

"ଯେ କିଛି ଗୋଟି ସମସ୍ତେ", ଜିଙ୍ଗଫରଚ୍ ଟାଣଭର ଜବାବ ଦେଲା । ଗୋଟାଏ ଅଶାନ୍ତ ଘୋଡ଼ା ତା'ଲଗାମକୁ ଯେମିତି ଝଣଝଣ କରନ୍ତା, ସେମିତି ସେ ତା' ଗ୍ରୀବରେ ପିନ୍ଧିଥିବା ସରଭାଙ୍ଗି ପଦକଗୁଡ଼ାକ ଝଣଝଣ କଲା । ଗ୍ଲାସ ପ୍ଲେଟରୁ ଗ୍ଲାସ ଥୋଡ଼ାଏ ଢକଢକ କରି ପିଇଦେଇ ସେ ପୁଣି କହିଲା :

"ବେଶ୍ୟାଠୁ ଲଗାଏତ୍ ରାଣୀ ପର୍ଯ୍ୟନ୍ତ ସବୁ ମାଇକିନିଆ ଗୋଟିକା ଗୋଟି ବଦ୍ଧ ତ । ଶେବା ଦେଶର ରାଣୀ ଖାଲି ଚରିତ୍ରହୀନତା କରିବା ସକାଶେ ତ' ହଜାର ମାଇଲ ମରୁଭୂମି ଅତିକ୍ରମ କରି ରାଜା ସଲମନ୍‌ଙ୍କ ପାଖକୁ ଯାଇଥିଲେ । ଆଉ ଆମ ଜାର୍‌ଙ୍କ ରାଣୀ ଏକାତେରିନା ବି ସେଇଆ, ଲୋକେ ପଛେ ତାଙ୍କୁ କହୁଥାନ୍ତୁ 'ମହାପ୍ରଭୀ' ।"

ତା'ପରେ ସେ ନଠେଇ ନଠେଇ ବର୍ଣ୍ଣନା କରି କହିଲା, କେମିତି ରାଜା ନଅରର ଜଣେ ଭୃତ୍ୟର ଗୋଟାଏ ରାତି ଜାର୍‌ଙ୍କ ରାଣୀଙ୍କ ସଙ୍ଗେ କଟାଇ ତା'ପରେ ସୈନ୍ୟବାହିନୀରେ ସଚ୍ଚୁ ପାହ୍ୟା ଟପି ଉପରକୁ ଉପରକୁ ଉଠି ଉଠି ସର୍ଜେଣ୍ଟ୍ ଭୃତ୍ୟରୁ ବଢ଼ି ବଢ଼ି ସେନାପତି ହୋଇଗଲା । ଜିଙ୍ଗଫରଚ୍‌ର ସ୍ତ୍ରୀଯା ତା' କଥାକୁ ମନକଷ୍ଟି ଦେଇ ଶୁଣୁ ଶୁଣୁ ବାରମ୍ବାର ଓଠ ଚାଟି ଚାଟି ଟେବୁଲ ତଳେ ମୋ ଗୋଡ଼ଭିତରେ ତା' ଗୋଡ଼କୁ ଗେଞ୍ଜି ଦେଉଥାଏ । ଜିଙ୍ଗଫରଚ୍ ଖୁବ୍ ତଡ଼କଣି କରି ସୁଅଡିଆ କରି କଥା କହୁଯାଉଥାଏ । ହଠାତ୍ କେତେବେଳେ ସେ ଅନ୍ୟ ଗୋଟିଏ କଥା ପକାଇଦେଲା, କେତେବେଳେ କଥା ବଦଳେଇଲା, ବାରି ହେଲା ନାହିଁ । କହିଲା :

"ଶୁଣ, ଉଦାହରଣ ଦେଉଛି । ଆମର ଏ ଗଳିରେ ଜଣେ ଛାତ୍ର ରହେ: ୟୁନିଭର୍ସିଟିରେ ପ୍ରଥମ ବର୍ଷରେ ପଢ଼େ । ତା' ନା ପ୍ଲେତନିଅଭ୍......"

Digitized by srujanika@gmail.com

ତା’ ସ୍ତ୍ରୀ ଆବେଗରେ ଦୀର୍ଘଶ୍ୱାସ ପକାଇ କହିଲା :

‘‘ରୂପଟା ସୁନ୍ଦର ନୁହେଁ ସିନା, ମଣିଷଟି ଭଲ ।’’

‘‘କିଏ ଭଲ ମଣିଷ ?’’

‘‘ସେଇ ମିଷ୍ଟର ପ୍ଲେଭ୍‌ନଅଭ୍ ।’’

‘‘ଆଉ ସେ ‘ମିଷ୍ଟର’ ପଦଟି ଭୁଲିଯା ! ସେ ପାଠପଢ଼ା ସାରିଲେ ଯାଇ ‘ମିଷ୍ଟର’ ହେବ । ସେପର୍ଯ୍ୟନ୍ତ ତାକୁ ଖାଲି କୁହ ସିଦ୍ ଗ୍ରୁଦ । ଯେମିତି ଆଉ ଦଶଟା ଗ୍ରୁଦ, ସେମିତି ସେ ବି ଗୋଟାଏ । ସେମିତି ହଜାର ହଜାର ଅଛନ୍ତି । ତା’ପରେ ଭଲ ମଣିଷ ବୋଲି କାହିଁକି କହୁଚ ?’’

‘‘ଓଃ ! ସବୁବେଳେ ହସଖୁସି । ପିଲାଳିଆ ।’’

‘‘ଥରେ, ଫାର୍ମରେ ଯୋଉ ଜୋକର ବାହାରେ ସେ ବି ହସଖୁସି ।’’

‘‘ହସଖୁସି ହେବାକୁ ଜୋକରମାନେ ଦରମା ପାଆନ୍ତି ଯେ ।’’

‘‘ଚୁପ୍ । ପାଟି ବନ୍ଦ କର । ଆଉ ପିଲାଳିଆ କଣ ? କୁକୁରର ଜୀବନ ତ ଆନନ୍ଦ ହୁଏ କୁକୁରଛୁଆ ହୋଇ ।’’

‘‘ଜୋକରଗୁଡ଼ାକ—ସେଗୁଡ଼ାକ ମାଙ୍କଡ଼ ।’’

‘‘ଚୁପ୍ । ପାଟି ବନ୍ଦ କର । ଭୁଲ୍ ନା । ଶୁଣୁଛ ?’’

‘‘ହଁ, ଶୁଣୁଛି ।’’

‘‘ହଉ, ରହ ।’’ ସ୍ୱରଯାକୁ ଜବତ କରିସାରି ନିକଫରର୍ ମୋ ଆଡ଼କୁ ନଘା ଦେଲା ।

‘‘ହଁ, କହୁଥିଲି, ଏ ଯେଉଁ ପ୍ଲେଭ୍‌ନଅଭ୍ ନା, ସେ ଅଚ୍ଛା ଜଣେ । ତୁମେ ତା’ ସଙ୍ଗରେ ଚିହ୍ନାଜଣା ହେବା ଦରକାର ।’’

ନିକଫରର୍ ତ ମତେ ତାକୁ ବୋଧହୁଏ ଅନେକ ଥର ଏକାଠି ଦେଖିଥିବ । ତେଣୁ ମୁଁ ଜବାବ ଦେଲି :

Digitized by srujanika@gmail.com

"ମୁଁ ତାକୁ ଚିହ୍ନେ ।"

"ଚିହ୍ନ ତ ? ଅଚ୍ଛା !"

ତା' ସ୍ୱରରେ ନୈରାଶ୍ୟ । ହଠାତ ସେ ବେଞ୍ଚ ଉପରେ ଏପଟ ସେପଟ ଝିଙ୍କିହେଲା ସେ ତା' ପଦକଗୁଡ଼ାକ ଝଣଝଣେଇଲା । ମୁଁ ଖୁବ ଖୁସିଅର ଥାଏଁ । ମୁଁ ଜାଣିଥାଏଁ ସେ ସ୍ଟେସନଅର୍ ଲିଥୋ ନକଲ ତିଆରି କରି କେତେଗୁଡ଼ିଏ ପ୍ରସ୍ତରପଟ ବାହାର କରେ ।

ମାଇକନଆଟା ମୋ ଗୋଡ଼ରେ ତା' ଗୋଡ଼କୁ ଘେଞ୍ଚୁଥାଏ, ଏଣେ ବୁଢ଼ାଟାକୁ ଚଢ଼େଇହୁଥାଏ । ଆଉ ବୁଢ଼ାଟା, ଯେମିତି ମୟୂରଟାଏ ତା'ର ଚନ୍ଦବଚନ୍ଦ ଲାଞ୍ଜକୁ ମେଲେଇଦିଏ, ଯେମିତି ମୋ ଆଗରେ ତା'ର ଶଉଠମ୍ଭାରକୁ ମେଲେଇ-ଦେଇଥାଏ । କିନ୍ତୁ ଟେବୁଲ ତଳେ ତା ଖରଯା ଯେଉଁ ଲାଳ ଲଗାଇଦେଇଥାଏ ସେଥିପାଇଁ ବୁଢ଼ାର କଥାକୁ ମୁଁ ଭଲ କରି କାନ ଦେଇପାରୁ ନ ଥାଏ । ପୁଣି କେତେବେଳେ ସେ କଥା ବଦଳେଇଲାଣି ମୁଁ ଧରିପାରିଲି ନାହିଁ । ତା' ସ୍ୱର ଅଦ୍ଭୁତ ଧୀର ଓ ଗମ୍ଭୀର ହୋଇଗଲା । ହଠାତ୍ ଗ୍ଲାନିଆ ହେଲାପରି ତା' ଗୋଲ ଗୋଲ ଆଖି ଶାନ୍ତ ହୋଇଗଲା । ସେ ମୋ ମୁହଁକୁ ଅନାଇଁ କହିଲା, "ଗୋଟାଏ ଅଦୃଶ୍ୟ ସୂତା, ବୁଝିପାରିଲ ?"

ପୁଣି କହିଲା, "ଯେତ ମହାମାର୍ଣ୍ଣିବ ସମ୍ରାଟଙ୍କୁ ତୁମେ ଖବଦ ଗୋଟାଏ ବୁଢ଼ିଆଣୀ ବୋଲି……"

"ଆରେ ଏଗୁଡ଼ାକ କଣ ବକୁଚ ?" ତା ଖରଯା ପାଟି କରି ଉଠିଲା ।

"ଆରେ, ତୁ ଚୁପ୍ ହ, ପାଟି ବନ୍ଦକର, ଓଲୁ କାହାଁକା, କଥାଟା ପରିଷ୍କାର କରି ବୁଝାଇବାକୁ ମୁଁ ଗୋଟାଏ ଉପମା ଦେଲି ନା, ମୁଁ କଣ ଖରାପ ଉଦ୍ଦେଶ୍ୟରେ କହିଲି ନା କଣ ? ବଜ୍ଜାତ୍ କାହାଁକା ! ଉଠା ଏ ଚୂଲି ଏଠୁ !"

କହିଲା, "କହୁଥିଲି, ବୁଢ଼ିଆଣୀ ଜାଲ ପରି ଗୋଟାଏ ଅଦୃଶ୍ୟ ସୂତା । ସେଇଟା ବାହାରିଛି କେଉଁଠୁ ? ନା, ସମ୍ରାଟଙ୍କ ହୃଦୟ ଭିତରୁ । ସେ ସମ୍ରାଟ ମହାମାର୍ଣ୍ଣିବ ତୃତୀୟ ଆଲେକ୍‌ଜାଣ୍ଡର, ଜାର, ରୁଷ ରାଜ୍ୟାଧିପତି, ଇତ୍ୟାଦି ଇତ୍ୟାଦି । ସେ ସୂତା ଲମ୍ବିଆସିଛି ସମ୍ରାଟଙ୍କ ମନ୍ତ୍ରୀମାନଙ୍କ ବାଟେ, ସେଠୁ ମହାମାନ୍ୟ ଲାଟସାହେବଙ୍କ ବାଟେ । ସବୁ ପଦପଦବୀ ବାଟଦେଇ ଲମ୍ବି ଲମ୍ବି ଖୁଲିଆସିଛି ମୋ ପର୍ଯ୍ୟନ୍ତ; ଏପରିକି ସେନାବାହିନୀର ସାମାନ୍ୟତମ ସୈନିକ ପର୍ଯ୍ୟନ୍ତ । ଆଉ

Digitized by srujanika@gmail.com

ସେ ସୂତା ସବୁ ଜନପଦକୁ ଛୁଇଁଛି । ସବୁ ଜନପଦ ଗୁଡ଼ିକରେ ମୋଡ଼ିମାଡ଼ି ହୋଇ ଗୁରେଇ ହୋଇଛି । ତାହାର ଅଦେଖା ଶକ୍ତି ବଳରେ ଏ ଶହ ଶହ ବର୍ଷ ହେଲା ରୁଷ ସମ୍ରାଟଙ୍କ ରାଜ୍ୟ ସୁରକ୍ଷିତ ହୋଇଆସିଛି । ଖାଲି, ବ୍ରିଟିଶ୍ ରାଷ୍ଟ୍ରର ସେଇ ତରକା ରାଣୀଟା ଯେ, ସେ ଲାଞ୍ଚ ଦେଇ ପୋଲାଣ୍ଡର ଲୋକଙ୍କୁ, ଫିନମାନଙ୍କୁ ଆଉ କେତେଜଣ ରୁଷଦେଶର ଲୋକଙ୍କୁ ଅନ୍ତୁଆର କରିଛି ଯେ ସେମାନେ ଆମର ଲୋକ ବୋଲି ଦେଖାଇହେଲେ ସୁଦ୍ଧା ପ୍ରାଣପଣେ ଚେଷ୍ଟା କରୁଛନ୍ତି କେମିତି ସେ ସୂତାକୁ ଛିଣ୍ଡେଇବେ !”

ସେ ଟେବୁଲ ଉପରେ ମୋ ଆଡ଼କୁ ଉହୁଙ୍କି ପଡ଼ି କଠୋର ହୋଇ ଫୁସ୍ ଫୁସ୍ କରି କହିଲା :

“ବୁଝିଲ ତ ? ଶୁଣ । ତୁମ ଆଗରେ ମୁଁ ଏସବୁ କାହିଁକି କହୁଚି, ଜାଣିଚ ? ତୁମ ରୁଟି କାରିଗର ତୁମର ପ୍ରଶଂସା ଗାଏ; କହେ—ପିଲାଟା ସଚ୍ଚୋଟ, ନିଜ ବାଟରେ ଚଲେ । ଏଣେ ଦେଖୁଚ, ତୁମ ରୁଟି କାରଖାନା ସୁରପଟେ ଏତେ ଏତେ ପିଲା ମେଞ୍ଚା ମେଞ୍ଚା ହେଉଛନ୍ତି । ସବୁଯାକ ସେମାନେ ସେ ରୁଟି କାରଖାନା ମାଲିକର ଭଉଣୀ ଯେଉଁ ଘରେ ଅଛି, ସେଇଠି । ଭଲ ଜଣେ ଅଧେ ଆସୁଥାନ୍ତେ, ବୁଝିହୁ'ନ୍ତା । ଏତେ ଲୋକ ସେଠି ଏକାଠି ହେଉଛନ୍ତି ଯେ ! ତା' ଅର୍ଥ କଣ ? ନା, ପିଲଙ୍କ ବିରୁଦ୍ଧରେ ମୁଁ କିଛି କହୁନାହିଁ । ଆଜି ଯେ ଛାତ୍ର କାଲି ସେ ହେବ ପୁଲିସ ପଟର ସହକାରୀ ମୁଦେଇ ଓକିଲ । ସେମାନେ ଠିକ୍ ଅଛନ୍ତି । ଖାଲି ଏତିକି ଯେ, ଜୀବନରେ ଅଂଶ ଗ୍ରହଣ କରିବାକୁ ସେମାନେ ତ ଖୁବ ତରତର ହେଉଛନ୍ତି । ସମ୍ରାଟଙ୍କ ଶତ୍ରୁମାନେ ତା'ର ସୁବିଧା ନେଇ ତାଙ୍କୁ ମଟାଉଛନ୍ତି । ବୁଝିଲ ନା ? ଆଉ ଗୋଟିଏ କଥା କହୁଚି ଶୁଣ···”

କିନ୍ତୁ ସେ ଆଉ କିଛି ନ କହୁଣୁ କବାଟଟା ଭୁସ୍‌କିନା ଖୋଲିଗଲା । ଜଣେ ବୁଢ଼ା ପଶିଆସିଲା : ଲୋଚିଆ ମଣିଷଟିଏ, ନାକ ନାଲିଆ, ମୁଣ୍ଡରେ ବୁଞ୍ଚୁବୁଞ୍ଚୁଆ ବାଳ ଯେ, କପାଳରେ ଚମଡ଼ା ପଟି ବନ୍ଧା ହୋଇଥିବାରୁ ଓହଳି ପଡ଼ୁ ନାହିଁ । ହାତରେ ବୋତଲେ ଭଦ୍‌କା ମଦ; ବୋଧହୁଏ ପେଟ ଭିତରେ ବି ଓଡ଼ାଏ ।

“କେଳ ବାଜିଏ ହବଟି ?” ଲୋକଟା ଖୁବ୍ ଫୁର୍ତ୍ତିରେ କହିଲା, ତା'ପରେ ଆଉ କେତେ କଣ ମଜା ମଜା କଥା କହିଗଲା ।

ଜଣାପଡ଼ିଥାଏ ନକଫରତ ବିରକ୍ତ ହେଲା । ଗମ୍ଭୀର ହୋଇ କହିଲା, “ଏଇ ମୋ ଶଶୁର ।”

Digitized by srujanika@gmail.com

ମୁଁ ହସିଦେଲି । ମୁଁ ବୁଝିପାରୁଛି ଦେଖି ସେ ରହସ୍ୟମୟୀ ସ୍ତ୍ରୀଲୋକଟି ମତେ ଚିମୁଟିଦେଇ କହିଲା, "ଅନା, ବଗୁଲମାନଙ୍କୁ ଦେଖ ! ନିଆଁ ପରି ନାଲି !"

ଆକାଶ ସଫା ଥିଲା, ଖାଲି ଖଣ୍ଡେ ଧଳା ବାଦଲ ଥିଲା, ସେ ବି ନାଲି ନୁହେଁ, ସୁନେଲି ।

ମୋ ଗୁରୁମାନଙ୍କୁ ମୁଁ ହେୟ ଜ୍ଞାନ କରୁନାହିଁ, ତଥାପି ଏକଥା କହିବି ଯେ ଖ୍ରୀଷ୍ଟୀୟ ଧର୍ମ ବିଷୟରେ ସେମାନେ ମତେ ଯେଉଁ ବ୍ୟାଖ୍ୟା ଦେଇଥିଲେ ସୁଲୁଫବାଲା ତା'ଠୁଁ ଅଧିକ ସ୍ପଷ୍ଟ, ଅଧିକ ପରିଷ୍କାର ବ୍ୟାଖ୍ୟା ଦେଲା । ବୁଝିପାରିଲି, କେଉଁଠି ଥାଏ ଛପିଛପି ଗୋଟାଏ ବୁଢ଼ିଆଣୀ, ଆଉ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜାଲରେ ଗୁଡ଼େଇ ବାନ୍ଧି ରଖେ ସେଇ ବୁଢ଼ିଆଣୀଟି, ଲମ୍ବି ଯାଇଛି 'ଅଦେଖା ସୂତା' । ତା'ପରେ ଯେତେ ଜଟିଳ ଯେଉଁଆଡ଼କୁ ମୁଁ ଅନାଇଲି, ସେଆଡ଼େ ମୁଁ ସେ ସୂତାର ଟାଣୁଆ ଫାଶ ଓ ଗଣ୍ଠିମାନ ଦେଖି ଚିହ୍ନି ପାରିଲି ।

ସେଦିନ ସଞ୍ଜରେ, ବେଳ ଡେରି ହୋଇଯାଇଥାଏ, ଦୋକାନ ବନ୍ଦ ହୋଇଯାଇଥାଏ, ମେରିଆ ଦେରେନକୋଭ୍ନା ଯଦି ମତେ ତା' ରହିବା ବଖରାକୁ ଡାକିନେଲା । ଡରଡର ଭଳି କହିଲା, ତାକୁ ଆଦେଶ ଅଛି ଯେ, ପୋଲିସବାଲା ସାଙ୍ଗରେ ମୋର ଯାହା ଯାହା କଥାବାର୍ତ୍ତା ହେଲା, ସେସବୁ ମୋ'ଠୁ ପଚାରି ବୁଝିବ ।

ପୂର୍ଣ୍ଣ ବିବରଣୀ ଶୁଣାଇଲି । ଶୁଣିସାରି ସେ କହିଲା, "ହେ ଭଗବାନ !" ଯନ୍ତାରେ ପଡ଼ିଥିବା ମୂଷା ପରି ସେ ଅତି ଦୁଃଖରେ ମୁଣ୍ଡକୁ ଝାଙ୍କି ଝାଙ୍କି ଘରର ଏମୁଣ୍ଡ ସେମୁଣ୍ଡ ଧାଁଧପଡ଼ କରୁଥାଏ । ପଚାରିଲା, "କାଲି ରୁଟି କାରଖାନାର ଲୋକେ ତମଠୁ କଥା ନେବାକୁ ଚେଷ୍ଟା କରିବେ ? ତା'ର ସେ ଯେଉଁ ପ୍ରେମିକା—ସେ ତ ଜନଜଗତର କଣ ସମ୍ପର୍କୀୟ ପରା ? ଅଚ୍ଛା ହଉ, ତାକୁ ନିକାଲିବାକୁ ପଡ଼ିବ ।"

ଦୁଆରମୁହଁରେ ଠିଆହୋଇ ଗୁମହୋଇ ରହି ମୁଁ ତା' ଆଡ଼କୁ ଅନାଉଁ-ଥାଏଁ । 'ପ୍ରେମିକା' ଶବ୍ଦଟା ସେମିତି ଗାଳିମାଡ଼ ପରି ସେ ଢଙ୍ଗରେ ବ୍ୟବହାର କଲା, ଶୁଣି ମତେ ଭଲ ଲାଗିଲା ନାହିଁ । ରୁଟି ଭାଟିଘରକୁ ବାହାର କରିଦେବାର ନିଷ୍ପତ୍ତିଟା ମଧ୍ୟ ମୋ ମନକୁ ପାଇଲା ନାହିଁ ।

"ଦେଖ, ଖୁବ ହୁସିଆର ଥିବ" ସେ କହିଲା । ସବୁଥର ପରି ସେଥର ବି ତା'ର ଲଗାତର ଚାହାଣି ମତେ ଅସ୍ୱସ୍ତିକର ଲାଗିଲା । ଲାଗୁଥାଏ, ସେ ଚାହାଣି

Digitized by srujanika@gmail.com

ମୋଠୁଁ କଣ ଉତ୍ତର ଖୋଜୁଛୁ, କିନ୍ତୁ କଣ ଯେ ସେ, ମୁଁ ବୁଝିପାରିଲି ନାହିଁ । ତା' ପରେ ପିଠିଅଡ଼େ ହାତ ଛନ୍ଦେଇ ସେ ମୋ ସାମ୍ନାରେ ଠିଆ ହେଲା । ପଚାରିଲା :

"ତୁମେ ସବୁବେଳେ କାହିଁକି ମୁହଁ ଲଦିଥାଅ ?"

"ଅଳ୍ପଦିନ ହେଲା ମୋ ଆଈ ମରିଯାଇଚି ।"

ଉତ୍ତର ଶୁଣି ତାକୁ କୌତୁକ ଲାଗିଲା । ମୁରୁକି ହସି ପଚାରିଲା :

"ତାଙ୍କୁ ଖୁବ ଭଲ ପାଉଥିଲ ?"

"ହଁ । ଆଉ କିଛି ପଚାରିବ ?"

"ନାହିଁ ।"

ମୁଁ ଚାଲିଆସିଲି । ମନେ ପଡ଼ୁଛି, ସେ ରାତିରେ ମୁଁ ଯେଉଁ କବିତା ଲେଖିଲି, ସେଥିରେ ଗୋଟାଏ ଅଖାଡୁଆ ଧାଡ଼ି ଥିଲା—

"ତୁମେ ଯାହା ବୋଲି ନିଜେ ଦେଖାଇହେବାକୁ ଚାହଁ, ତୁମେ ତା ନୁହଁ ।"

ନିଷ୍ପତ୍ତି ହେଲା ଯେ ଛାତ୍ରମାନେ ଯଥାସମ୍ଭବ ଛୁଟି କାରଖାନାଠୁଁ କରିଛନ୍ତି ଦେଇ ରହିବେ । ତା'ପରେ ସେମାନଙ୍କର ତ ଆଉ ଦେଖା ମିଳେ ନିଚନ୍ତୁ; ତେଣୁ ମୁଁ ଯେଉଁ ବହିସବୁ ପଢ଼େ ସେଥିରୁ ଯାହା ଭଲକରି ବୁଝି ନ ପାରେଁ, ସେମାନଙ୍କଠୁଁ ସେସବୁ ବିଷୟ ପ୍ରଶ୍ନ ପଚାରି ବୁଝିବାକୁ ଆଉ ଯୋଗ ପଡ଼େ ନାହିଁ । ଗୋଟିଏ ଟିଣା ଖାତା କରି ମୁଁ ମୋର ପ୍ରଶ୍ନଗୁଡ଼ାକ ସେଥିରେ ଲେଖିରଖିଲି । କିନ୍ତୁ ଦିନେ ହାଲିଆ ହୋଇ ମୁଁ ଶୋଇପଡ଼ିଲି । ଲେଖୁଥିଲି ଯେ, ଖାତା ଖୋଲା ଥାଏ । ବୁଝି ବାଟେଗର ତାକୁ ପଢ଼ିଲା । ମତେ ନିଦରୁ ଉଠାଇ ପଚାରିଲା :

"ସବୁବେଳେ ଏଗୁଡ଼ାକ କଣ ଭାବୁଥିବ ହୋ ? ହୁଁ, ଗାରବଲଣ୍ଡ ରାଜାଙ୍କୁ କାହିଁକି ତଡ଼ିଦେଲେ ନାହିଁ ? ଅଚ୍ଛା, ସେ ଗାରବଲଣ୍ଡ କିଏ ହୋ ? ଅଉ ରାଜାଙ୍କୁ କଣ ତଡ଼ନ୍ତେ ? କାହିଁ ରାଜାଙ୍କୁ ତଡ଼ିବା କଥା ତ କେବେ ଶୁଣା ନାହିଁ !"

ରାଗରେ ଗରଗର ହୋଇ ସେ ମୋ ଖାତାଟାକୁ ମଇଦା ପିଠୋଉ ବାକ୍ସ ଉପରେ କଚାଡେଇ ଚାଲିଗଲା । ଚୁଲି ପାଖରୁ ମତେ ଲକ୍ଷ୍ୟ କରି ପାଟି କରୁଥାଏ :

Digitized by srujanika@gmail.com

"ଶୁଣ ହୋ ! ରାଜାମାନଙ୍କୁ ସ୍ୱପ୍ନ ବୁଝେଇ ନ ଦେଲେ ନ ଚଳେ ! କ'ଣ ଶୁଣିବ କଥା ! ସେଥିରୁ ମଙ୍କଡ଼ାମି ବନ୍ଦ କର । ବହିଗୁଡ଼ାକ ମୁଣ୍ଡରୁ ହଟେଇ ପକା ! ଶହପାଞ୍ଚ ବର୍ଷ ତଳେ ସାରଟେଭ୍ ସହରରେ ପୁଲିସମାନେ ତୁମ ଭଳିଆ ବହିପୋକ-ମାନଙ୍କୁ ଧରି ଧରି ଗାରଦରେ ଭର୍ତ୍ତି କରୁଥିଲେ । ନଜରଟେର ତ ତୁମ ଉପରେ କଡ଼ା ନଜର ରଖିଚ । ବୁଝିଲ, ତୁମର ସେ ଗଳାଫଟା କଥାଗୁଡ଼ାକ ଭୁଲିଯାଅ । ସେମାନେ ପାରୁ ନୁହନ୍ତି ଯେ ତୁମେ ତାଙ୍କୁ ହୁରୁଡ଼େଇଦବ !"

ସେ ତ ମୋ ଭଲ ପାଇଁ କହୁଥାଏ । ତା'ମନରେ ଶଠତା ନ ଥିଲା । କିନ୍ତୁ ମୁଁ ତା' ଉତ୍ତରରେ ତାକୁ ଯାହା କହୁଥାନ୍ତି ତା'କହିପାରିଲି ନାହିଁ । ମତେ ନିଷେଧ କରାହୋଇଥାଏ ବୁଝି ଜାଣଗର ସଙ୍ଗେ 'ବିପଜ୍ଜନକ ବିଷୟ' ମାନଙ୍କ ସମ୍ବନ୍ଧରେ କୌଣସି ପ୍ରକାର ଆଲୋଚନା କରିବାକୁ ।

କ'ଣ ସେ ଟାଏ ଉତ୍ତେଜକ ବହି ଥାଏ ଯେ ସହରସାକ ହାତକୁ ହାତ ହୋଇ ସେ ବହି ବୁଲୁଥାଏ । ସବୁଠି ଲୋକେ ସେ ବହି ପଢ଼ୁଥାନ୍ତି ଓ ତା' ବିଷୟରେ ବିତର୍କ କରୁଥାନ୍ତି । ପଣ୍ଟଚକସ୍ତ୍ରୀ ଗ୍ରୁପ ଲେଭଟେଭଙ୍କୁ ମୁଁ କହିଲି ମତେ ସେଥିରୁ ଖଣ୍ଡେ ଆଣିଦେବାକୁ । ସେ ମନା କଲା । ତା' ସ୍ୱରରେ ନିରାଶା । କହିଲା, "ନାହିଁ ବନ୍ଧୁ, ସେ ବହି ପାଇବା ଅସମ୍ଭବ । ତେବେ ମୋର ବେସ୍ପ ଯେ ମୋର ଗୋଟାଏ କୋଣ୍ଡୁଣା ଜାଗା ଅଛି । ହେଲେ ନା ହେଲେ ସେଠି ସେ ବହି ପଢ଼ା ହେବ । ମୁଁ ବୋଧହୁଏ ତୁମକୁ ସେଠିକି ନେଇଯାଇପାରିବି ।"

ଅହେଁ ହଳ ପଙ୍କ ହଜର ଅଧରାତ ହେଲ । ଅନ୍ଧାର ବିଲିଚିଲି । ମୋ ଆଗେ ଆଗେ ପଣ୍ଡିତ କଦମ ଦୃଢ଼ରେ ଲଭରଭର ଅଷ୍ଟବ୍ୟସ୍ତ ମୂର୍ତ୍ତି ପଛେ ପଛେ ମୁଁ । ଆସ'ଳେଇ ପୋଲିସ୍ ବେଲି ଯେଉଁ ଅଞ୍ଚଳ, ତା'ର ଭିତରେ ଆମେ ଗୁଡ଼େଥାଉଁ । ସେ ଗୋଟାଏ ବଡ଼ ପଡ଼ିଆ । ଜନଶୂନ୍ୟ । ଖାଁ ଖାଁ କରୁଥାଏ । ଲଭରଭି କହିବା ପ୍ରକାରେ ମୁଁ କେତେଗୁଡ଼ାଏ 'ସତର୍କତା' ପଲୁଥାଏଁ, ଷ୍ଟ ମାରୁଥାଏଁ, ଗୀତ ବୋଲୁଥାଏଁ, ଟଳିଟଳି ଚାଲୁଥାଏଁ, ସତେ ଯେମିତି ମୁଁ ଜଣେ ମତାଲ ମୂଳିଆ । ମୁଣ୍ଡ ଉପରେ ଛିଣ୍ଡା ଛିଣ୍ଡା କଳା ମେଘ ମଠେଇ ମଠେଇ ଦୌଡ଼ୁଥାଏ । କହୁ ଥଣ୍ଡାଥାଏ ଲୋ ଟାଏ ପୁନେଇ ଜେଣ୍ଡ ପରି; ସେଇ ମେଘ ଉପରେ ଚଢ଼ିଥାଏ । କେଉଁ ଓଳନ ଗ୍ରୁଇଗୁଡ଼ାଏ ଆକାଶରୁ ଖସି ହୋଇ ପଡ଼ିଆ ଉପରେ ପଡ଼ୁଥାଏ । ଯେଉଁଠି ପାଣି ଜମ୍ବୁଳକୁ ହେଉଥାଏ ସେଠି ଝକଝକ କରୁଥାଏ ଧୂପେଲି ଜ୍ୟୋତି ଓ ଇସ୍ପାତ ବର୍ତ୍ତି । ମୋ ପଛଆଡ଼େ ମହାନଗରୀର କୋଳାହଳ ଦୂରରେ ଗର୍ଜନ-ପରି ଶୁଭୁଥାଏ ।

Digitized by srujanika@gmail.com

ଥିଓଲଜିକାଲ୍ ଏକାଡେମି ଷ୍ଟେପସ୍ ନେଇ ଗୋଟାଏ ଫଳ ବଗିଚାର ବାଡ଼ ପାଖେ ଲ୍ୟାଣ୍ଡେଡ୍ ଅଟକିଲା । ମୁଁ ତରତର ହୋଇ ତା' ପାଖକୁ ଗଲି । ଆମେ ଦହେଁ ରୁଦ୍ଧଶ୍ୱାସ ହୋଇ ବାଡ଼ ଡେଇଁ ଅରଚାର୍ଡକୁ ଗଲୁଁ, ଚୋରାରେ ପଶିଲୁଁ । ଚରମା ବଢ଼ିଥାଏ । ଜୋଛନା ଫଗୁଣରେ ପଡ଼ୁଥାଏ । ଆମେ ଚରମା ପେଲ ଡଳକୁ ଓଡ଼ଲ ରହୁଥିବା ଜ କର ଟୋପା ସାଲ୍‌ସାଲ୍ ଗଛ ଡାଳରେ ଘଷିହୋଇ ଆଗକୁ ଚାଲିଲୁଁ । ଗୋଟାଏ ଘର ପଡ଼ିଲା । ଅଟକିଲୁଁ । ଘରର ଝରକା ଟାଣେକଣ ଖୋଲା ହୋଇଥାଏ । ଆମେ ସେ ଝରକା ଉପରେ ଅସ୍ତେ ଠକ୍ ଠକ୍ କଲୁ । ଝରକା ଖୋଲିଗଲା । ତା' ପଛଆଡ଼ୁ ଗୋଟାଏ ଦାଢ଼ିଆ ମୁହଁ ଆମକୁ ଅନାଇଁଥାଏ । ମୁହଁ ସେପଟେ ଖାଲି ଅନ୍ଧାର, ନିଃଶବ୍ଦ ।

"କିଏ ?"

"ଆମେ ସ୍କାଉଟ୍‌ର ବନ୍ଧୁ ।"

"ଚଢ଼ିଆସ ।"

ଦୁର୍ଭେଦ୍ୟ ଅନ୍ଧାର ଭିତରେ ମୁଁ ବାରିପାରୁଥାଏଁ ଯେ ସେ ଘରେ ଅନେକ ଲୋକ ବି ଅଛନ୍ତି । ଲୁଗାପଟାର ଖସ୍‌ଖସ୍, ପାଦ ଘୋଷରାର ଘସର ଘସର ଶୁଭୁଥାଏ । ଅସ୍ତେ କିଏ ଜଣେ କାଶିଲା । ତା' ପରେ ଫୁସ୍ ଫୁସ୍ କଥାବାର୍ତ୍ତା ଶୁଭିଲା । ଗୋଟାଏ ଦିଆସିଲି କାଠି ଜଳିଉଠିଲେ, ମୋ ମୁହଁରେ ଆଲୁଅ ପଡ଼ିଲା । ତାହା ସ୍ୱଳ୍ପରେ ଅନ୍ଧାରୁଆ ମଣିଷ ମୂର୍ତ୍ତିମାନ ମୋ ଆଖିକି ଦିଶିଲେ ।

ଶୁଭିଲା :

"ସମସ୍ତେ ଅଛନ୍ତି ?"

"ହଁ ।"

"ଝରକାରେ କଣଟାଏ ବ୍ଲେଙ୍କେଟ୍, ତା ହେଲେ ଝରକା ବାଟେ ଘରେ ଆଲୁଅ ପଡ଼ାକୁ ଦରବ ନାହିଁ ।"

ଗୋଟାଏ ସ୍ୱର ବଡ଼ ପାଟିରେ ପଚାରିଲା :

"ଗୋଟାଏ ଦଉଡ଼ିଆ ଘର ଭିତରେ ସମସ୍ତେ ଏକାଠି ହେବା ବୋଲି ଏଡ଼େ ବୁଦ୍ଧି କାହା ମୁଣ୍ଡରୁ ବାହାରିଲା ?"

Digitized by srujanika@gmail.com

"ଆଃ, ଏତେ ପାଟି କୁହେ, ଅଟ୍ରେ !"

ଦୂରରେ ଗୋଟାଏ କଣରେ କିଏ ଜଣେ ଗୋଟାଏ ସାନ ଲ୍ୟାମ୍ପ ଲଗାଇ-ଦେଲା । ଖାଲି ଘର, ଟେବୁଲ୍ ଚୌକି ବି ନାହିଁ । ଦ'ଟା ବାକ୍ସ ମଝିରେ ପଟାଟାଏ ପଡ଼ିଛି ତା' ଉପରେ ଏକା ଧାଡ଼ିରେ ଜାକି ବସିଲା ପରି ପାଞ୍ଚଜଣ ଲୋକ ବସିଚନ୍ତି । ଆଉ ଗୋଟାଏ ବାକ୍ସକୁ ମୁଣ୍ଡବାଡ଼ିଆ ଠିଆକରି ଥୁଆହୋଇଛି; ତା' ଉପରେ ହେଉଛି ଲ୍ୟାମ୍ପଟା । ତାଙ୍କପାଖେ ଚଟାଣ ଉପରେ ଆହୁରି ତିନିଜଣ ବସିଛନ୍ତି । ଝରକା ପାଖରେ ବସିଛି ଜଣେ ଯୁବକ । ତା' ମୁଣ୍ଡରେ ବଡ଼ ବଡ଼ ବାଳ । ସେ ଲୋକଟି ଖୁବ୍ ସରୁ ଆଉ ରୋଗା ଦିଶୁଥାଏ । ସେ ଯୁବକ ଓ ସେ ଦାଢ଼ିଆ ଲୋକଟିକୁ ଛାଡ଼ିଦେଲେ ମୁଁ ଅନ୍ୟ ସମସ୍ତଙ୍କୁ ଚିହ୍ନିଥାଏ । ଗମ୍ଭୀର ସ୍ୱରରେ ଦାଢ଼ିଆ ଲୋକ ଜଣକ କହିଲା ଯେ 'ନାରୋଦନାୟା ଭଲ୍ୟା' ବୋଲି ଯେଉଁ ବିପ୍ଳବୀ ସାମ୍ପ୍ରଦାୟ ଥିଲା, ତା'ର ଜଣେ ପୁରାତନ ସମର୍ଥକ ଜର୍ଜ ପ୍ଲେଖାନଭ୍ 'ଆମର ମତାନ୍ତର' ବୋଲି ଯେଉଁ ପୁସ୍ତିକାଟି ଲେଖିଛନ୍ତି, ସେ ଆମ ଆଗରେ ତାକୁ ପଢ଼ି ଶୁଣାଇବେ ।

ତାଙ୍କ ପାଖ ଗ୍ରୁପଟିରୁ ଏଇ ଜଣେ ତାଚ୍ଛଲ୍ୟ ଦେଖାଇ ମନ୍ତବ୍ୟ ଦେଲା :

"ହଃ, ଆମେ ସେସବୁ କଥା ଜାଣିସାରିଚୁଁ ।"

ରହସ୍ୟାବୃତ ବାତାବରଣ ଯୋଗୁଁ ମୁଁ ଗୋଟାଏ ଅଦ୍ଭୁତ ଉତ୍ତେଜନା ଅନୁଭବ କରୁଥାଏଁ । ସବୁ କଥା ଭିତରେ ରହସ୍ୟାବୃତ ବାତାବରଣ ହିଁ ଖୁବ୍ ବେଶି ହୃଦୟଗ୍ରାହୀ ହୋଇଥାଏ । ଜଣେ ନିଷ୍ଠାପର ଧର୍ମବିଶ୍ୱାସୀ ଲୋକକୁ ତା' ଧର୍ମ-ମନ୍ଦିରରେ ତାର ପ୍ରଥମ ପ୍ରାର୍ଥନା ବେଳେ ଯେମିତି ଲାଗୁଥାଏ, ମତେ ସେମିତି ଲାଗୁଥାଏ । ମୋର ମନେ ପଡ଼ୁଥାଏ, ଖ୍ରୀଷ୍ଟିଆନ୍ ଧର୍ମ ଆରମ୍ଭ ବେଳର ପାହାଡ଼ କନ୍ଦରମାନଙ୍କ ଭିତରେ ପ୍ରାର୍ଥନା ସଭା ଆଉ ସେ କାଳର ଖ୍ରୀଷ୍ଟିଆନ୍ ଧର୍ମୀମାନେ । ଦାଢ଼ିଆ ଲୋକର ଗମ୍ଭୀର ସ୍ୱର ଲହରୀ ଖେଳୁଥାଏ । ପ୍ରତି ଶବ୍ଦକୁ ସେ ପରିଷ୍କାର କରି ଉଚ୍ଚାରଣ କରୁଥାଏ; ସମୁଦାୟ ଘରଟିକୁ ପୂର୍ଣ୍ଣ କରି ରଖିଥାଏ ।

ଘରକଣରୁ ପୁଣି ଜଣେ କିଏ ତାଚ୍ଛଲ୍ୟର ଟିପ୍ପଣୀ ଛାଡ଼ିଲା—"ହଃ, ଛେନାଗୁଡ଼ !"

ସେ କୋଠରେ ଥିବା ମଣିଷମୂର୍ତ୍ତିମାନଙ୍କ ମୁଣ୍ଡଉପରେ ଅନ୍ଧାର ଭିତରେ ଚମ୍ପା ପଣ ଝକ୍‌ଝକ୍ କରୁ । ମନେହେଉଥାଏ ଗୋଟାଏ ରୋମାନ୍ ଯୋଦ୍ଧାର ଶିରସ୍ତାଣ ଭଳି । ଟିକଏ ପରେ ମୁଁ ବୁଝିପାରିଲି ଯେ ସେଇଟା ନିଷ୍ଟୁ ଗୋଟାଏ ଉଠାଚୂଲିର ଘୋଡ଼ଣି ।

Digitized by srujanika@gmail.com

ଘର ଭିତରେ ସ୍ଥାନ ପାଇବାରେ ବହୁତ ସ୍ୱର ଶୁଣିଲି : ଗରମ ଗରମ ପାଣି, ଏକାଠି ଗୋଲମାଲ ହୋଇ ଧସ୍ତାଧସ୍ତି ଛନ୍ଦାଛନ୍ଦି ହେଉଥାଏ । ଜଣେ କଣ କହୁଛି, ଆଉ ଜଣେ କଣ କହୁଛି, ତା' ଆଉ ବାରିହେଲା ନାହିଁ ।

ତା'ପରେ ହଠାତ୍ କାନ ପାଖରୁ ଠିକ୍ ମୋ ମୁଣ୍ଡ ଉପରୁ ଜଣେ କିଏ କହିଲା ଭଲ ବଡ଼ପାଟିରେ ପଚାରିଲା :

"ସେ ପ୍ରତିଜ୍ଞା ପଢ଼ାହେବ ନା ନାହିଁ ?"

ସେ ଜଣକ ହେଉ ଗୋରା ବର୍ଣ୍ଣର ଯୁବକ, ଯେଉଁ ଜଣକ, ଯାହାର ଲମ୍ବା ଲମ୍ବା ବାଳ । ସବୁ ସ୍ୱର ଚୂପ ପଡ଼ିଲା । ଖାଲି ଦାଢ଼ିଆ ଜଣକ ପଢ଼ୁଥାଏ; ତା'ର ଗମ୍ଭୀର ସ୍ୱର ଶୁଭୁଥାଏ । ଜଳନ୍ତା ସିଗାରେଟ୍‌ର ଅଗ ନାଲି ହୋଇ ଦିଶୁଥାଏ । କେବେ କେବେ ଦିଆସିଲି କାଠିଟିଏ ଜଳଉଠେ, ତା' ଆଲୁଅରେ କ୍ଷଣେ ଚିନ୍ତାଶୀଳ ମୁହଁଗୁଡ଼ିଏ । ସେଥିରେ ଧ୍ୟାନବଦ୍ଧ ଆଖି ଅଥବା ଆଖି ମେଲ ମେଲ, ଅପଲକ ।

ଏତେବେଳଯାଏ ପଢ଼ା ହେଲା ସେ ଶୁଣି ଶୁଣି ମନେ ଭାବୁ ନଥିବ, ଅଥଚ ବହୁର ଶବ୍ଦଗୁଡ଼ାକ ମନେ ଭଲ ଲାଗୁଥାଏ । ଶବ୍ଦଗୁଡ଼ାକ ସ୍ୱତନ୍ତ୍ର, ... । ବଡ଼ ସରଳଭାବେ ସହଜରେ ତାଙ୍କୁ ଏକାଠି ଗୁନ୍ଥି ଝଙ୍କାର ... ହୋଇଥାଏ ।

ତା ପରେ ହଠାତ୍ ଅପ୍ରତ୍ୟାଶିତ ଭାବରେ ପଢ଼ାଶେଷ ହୋଇ ବନ୍ଦ ହେଲା । ସେହିଠାରୁ ଘରଯାକ ସ୍ୱର ଗରଜର ପାଟିରୁ ଶୁଭିଲା :

"ଦେଶଦ୍ରୋହୀ !"

"ଜମା ଅବାକ୍ !"

"ଆମର ବୀର ଯୋଦ୍ଧାମାନେ ଆପଣାର ସେହି ରକ୍ତ ଢାଳିଦେଲେ, ... ପବିତ୍ର ରକ୍ତକୁ ଅପବିତ୍ର କର ।"

"ପୁଣି ଲେଖା ହୋଇଛି କଣ ତା ... ପାଣ୍ଡେ ଯାଇ ... ପରେ—ଲେନେବାଲଭ୍, ଭଲ୍ଲାନଭ୍..."

ପୁଣି ହଠାତ୍ ବାଡ଼ ଉପରୁ ଯୁବକ ଜଣକ ପାଟିକଲା :

Digitized by srujanika@gmail.com

"ଭଦ୍ର ମହୋଦୟଗଣ, ଆମେ ଗାଈ ଦୁହିଁବା ପରିବର୍ତ୍ତେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କଲେ କେମିତି ହୁଅନ୍ତା ?"

ବିତର୍କ ମତେ ଭଲ ଲାଗୁ ନ ଥିଲା କି ବିତର୍କ ମୁଁ ବୁଝିପାରୁ ନ ଥିଲି । ଅତ୍ୟନ୍ତ ଚତୁର ଉନ୍ନତ ଲୋକଗୁଡ଼ାକ ସଙ୍ଗେ ତାଳ ରଖିବା ମୋ ପକ୍ଷରେ କଷ୍ଟକର ହେଉଥାଏ । ଆଲୋଚକମାନଙ୍କର ନିଃସ୍ୱାର୍ଥ ଅଭିମତ ଶୁଣିଲେ ମତେ ସବୁବେଳେ ଡରମାଡ଼େ ।

ନଈପଠା ଘରଟା ଉପରର ଯୁବକ ମତେ କହିଲା, "ତୁମେ ପେଶ୍କଭ୍ଟି ? ନୁହେଁ ? ତୁମେ କାରଖାନାରୁ ଆସିଛ ନା ? ମୁଁ ଫେଡୋସେଏଭ । ଆମେ ଦୁହେଁ ଚିହ୍ନାପରିଚ ହେବା ଦରକାର । ଦେଖ, ଆମ ପାଇଁ ଏଠି କିଛି ନାହିଁ । ଏ ଯେଉଁ ଗୋଳମାଳ ଶୁଣୁଛ, ସେ ଘଣ୍ଟା ଘଣ୍ଟା'ଯାକେ ଲାଗିଥିବ । ଆଉ ଏଗୁଡ଼ାକ ବୃଥା, ଏଥିରେ କାହାରିକର ଉପକାର ନାହିଁ । ଆମେ ଯିବା ବାହାରି ?"

ଫେଡୋସେଏଭ୍ ବିଷୟରେ ଓ ସେ ଯେଉଁ ଦଳ ଗଢ଼ିଥିଲା ତା'ବିଷୟରେ ମୁଁ ଆଗରୁ ଶୁଣିଥିଲି । ସେ ଦଳ ଗୋଟିଏ ଯୁବସମ୍ପ୍ରଦାୟ । ସେମାନେ ଖୁବ୍ ଚିନ୍ତାଶୀଳ ଓ ନିଷ୍ଠାପର । ସେ ଯାହା କହିବାକୁ ମନ କରନ୍ତି ସେଥିପ୍ରତି ବହୁତ ଗୁରୁତ୍ୱ ଦିଅନ୍ତି । ତା'ର ଚହଟିଆ ଆଖିଯୋଡ଼ାକ ଓ ତା'ର ଟେରକା ଟେରକା ଶେଥା ମୁହଁ ବି ମତେ ଆକୃଷ୍ଟ କରିଥିଲା ।

ଆମେ ଦୁହେଁ ସାଙ୍ଗ ହୋଇ ପଡ଼ିଆ ବାଟେ ଗଲାବେଳେ ସେ ମତେ ମୋ ଜୀବନ ବିଷୟରେ ପଚାରୁଥାଏ । ପଚାରୁଥାଏ ଯେ ଶ୍ରମିକମାନଙ୍କ ଭିତରେ ମୋର କାହା କାହା ସଙ୍ଗେ ଚିହ୍ନାଜଣା ଅଛି କି ନାହିଁ, ମୁଁ କି କି ବହି ପଢ଼ିଛି, ମତେ କେତେ ଫୁରସତ୍ ମିଳେ ଇତ୍ୟାଦି । ଅନ୍ୟାନ୍ୟ କଥା କହୁ କହୁ ସେ ମତେ କହିଲା :

"ତୁମର ସେ ବୁଟି କାରଖାନା କଥା ମୁଁ ଶୁଣିଛି । ମତେ ଜାଣା ଲାଗୁଛି ଯେ ତୁମେ ବାଜେ ମୂର୍ଖତାରେ ସମୟ ନଷ୍ଟ କରୁଛ । ଭଲ ସେଥିରୁ ପାଉଛ କଣ ?"

ଦିନାକେତେ ହେଲା ମତେ ବି ଲାଗୁଥାଏ ଯେ ସେମିତିଆ ଜୀବନ ବଞ୍ଚିବା ମୋ ପକ୍ଷରେ ନିରର୍ଥକ । ମୁଁ ତାକୁ ସେକଥା କହିଲି । ମତେ ଲାଗିଲା, ସେ ଶୁଣି ଖୁସି ହେଲା । ଆମେ ପରସ୍ପରଠୁ ଅଲଗା ହେଲାବେଳେ ସେ ଖୁବ୍ ସ୍ନେହ ଦେଖାଇଲା,

Digitized by srujanika@gmail.com

ଆବେଗରେ ମୋ ହାତ ଚିପିଲା ଓ ଏତେ ଖୁସିରେ ହସିଦେଲା, ଯେତେ ଯେମିତି ହସ ନୁହେଁ, ଖରା ଝଟକିଲା । କହିଲା, ଏବେ ତ' ଦିନରେ ସେ ପ୍ରାୟ ତିନି ଘଣ୍ଟା ଲାଗି ସହର ବାହାରକୁ ଚାଲିଯାଉଛି । ଆସିଲେ ମତେ କହିବ, କେମିତି ଓ କେଉଁଠି ତା' ସଙ୍ଗରେ ମୋର ଦେଖାହେବ ।

ରୁଟି କାରଖାନା ଖୁବ୍ ଭଲ ଚାଲିଥାଏ ତ, କିନ୍ତୁ ଦିନୁଦିନ ମୋ ଖରଚ ଦୁର୍ବହ ହେଉଥାଏ । ଆମେ ନୂଆ ଘରକୁ ଉଠିଗଲୁଁ । ପ୍ରତିଦିନ ତୁଳ ତୁଳ ଭାଇଟି କରିବା ମୋର ଅଭ୍ୟାସ ବଢ଼ିଗଲା । ଏବେ ତ କାରଖାନାରେ ମୁଁ କାମ କରେଁ, ତହିଁରେ ପୁଣି ରୁଟି ଆଉ ପିଠା ନେଇ ସ୍ୱା ଘରେ ତା'ଘରେ ଦେଇଆସିବାକୁ ପଡ଼େ । ବିଶ୍ୱବିଦ୍ୟାଳୟରେ ବିକିବାକୁ ଯାଏଁ, ଆଉ ବିକିବାକୁ ଯାଏଁ ଗୋଟାଏ ବାଳିକା ସ୍କୁଲକୁ । ସେ ସ୍କୁଲ 'ସମ୍ଭ୍ରାନ୍ତକୁଳର ଝିଅମାନଙ୍କ ପାଇଁ ।' ମୋ ଟୋକେଇରୁ ଝିଅମାନେ ପିଠା ଉଠେଇ ନେଇଗଲାବେଳେ ବେଳେ ବେଳେ ସେଥିରେ ଚିଠି ଥୋଇଦିଅନ୍ତି । ଆଉ ଅନେକ ସମୟରେ ମୁଁ ଆଶ୍ଚର୍ଯ୍ୟ ହୋଇ ଦେଖେଁ ଯେ ସାନ ସାନ ଚିଠି କାଗଜରେ ପିଲାଳିଆ ହସ୍ତାକ୍ଷରରେ ଲଜ୍ଜାସରମ ନ ଥିବା କଥାମାନ ଲେଖା-ହୋଇଛି । ପରିଷ୍କାର ଅଥଚ ପଟ୍ଟେ'ର ପୋଷାକ ପିନ୍ଧା ଦଳେ ଝିଅ ଯେତେବେଳେ ମୋ ଟୋକେଇ ଚାରିକରେ ବେଢ଼ିଯାଆନ୍ତି, ଖୁସି ହୋଇ ଗଡ଼ର ଗଡ଼ର ହେଉଥାନ୍ତି, ନାନା ମୁଖଭଙ୍ଗୀ କରୁଥାନ୍ତି, ତାଙ୍କର ନାଲି ନାଲି ପାପୁଲିରେ ପିଠାଗୁଡ଼ାକ ନେଉଛି ପାଉଟି କରୁଥାନ୍ତି, ସେମାନଙ୍କୁ ଅନାଇଁଲେ ମତେ ଖୁବ ଅଦ୍ଭୁତ ଅଦ୍ଭୁତ ଲାଗୁଥାଏ । ମୁଁ ଭାବୁଥାଏଁ, ତାଙ୍କ ଭିତରୁ କିଏ କିଏ ମୋ ପାଖକୁ ଏତେ ଅଶ୍ଳୀଳ ଚିଠି ଲେଖି ଥୋଇଦେଇଛନ୍ତି । ଏତେ ଅଶ୍ଳୀଳ ଏ ଶବ୍ଦଗୁଡ଼ାକ ଯେ ତା'ର ପ୍ରକୃତ ଅର୍ଥ ବୋଧହୁଏ ସେମାନେ ବୁଝନ୍ତି ନାହିଁ । କୁପ୍ରିନ୍‌ଙ୍କ 'ଅଗ୍ନ ଘର' ଗଳ୍ପ ମୁଁ ମନେ ପକାଏଁ, ଆଉ ଭାବେଁ :

''ଯା ଭଣ ସମ୍ଭବ ଯେ ସେସବୁ ସାଇଷ୍ଟ ଗୃହୀରୁ ଏଭଳି ନାଗାସାକେ ର 'ଅଦେଖା ପୃଷ୍ଠା' ଲମ୍ବି ଆସିଛି ?''

ପରେ ସେଥିରୁ ଗୋଟାଏ ଝିଅ ମତେ ହଲ୍‌ଘରେ ଅଟକେଇଲା । ସେତ ଟଂଅଟାଏ, ମୁଣ୍ଡରେ କଳା କଳା ବାଳ, ବେଣୀ ପଡ଼ି ପିଠିକି ଲମ୍ବିଛି । ହସ ଗ୍ରଣ । ତରତର କରି ଫୁସ୍ ଫୁସ୍ କରି କହିଲା, ''ତୁମେ ସ୍ୱେ ଚିଠିଟା ଦେଇଦିଅନ୍ତ ଓ ମୁଁ ତମକୁ ଦଶ କୋପେକ୍ ଦିଅନ୍ତି ।'' ତା'ର କଅଁଳ ସ୍ୱଚ୍ଛ ପରବଶ ଆଖିରେ ଲୁହ ଭରିଁ ହୋଇଗଲା । ସେ ଓଠ କାମୁଡ଼ି ପକାଇଲା । ତା' ମୁହଁ ଓ କାନ ଲଜ୍ଜାରେ ନାଲି ପଡ଼ିଗଲା । ମୁଁ ସୌଜନ୍ୟ ଦେଖାଇ ତା'ଠୁଁ ଦଶ କୋପେକ୍ ନେବାକୁ ମନା କରିଦେଲି; କିନ୍ତୁ ତା' ଚିଠିଟି ନେଇ ଯେଉଁ ଠିକଣା ଲେଖା ହୋଇଥିଲା ସେଠି

Digitized by srujanika@gmail.com

ଦେଇଦେଲି । ଯାହାକୁ ଦେଲି ସେ ଲୋକଟିଏ ଗୁଣ୍ଡା, ଧେଡ଼େଙ୍ଗା ଚେହେରା, ଗୋଟାଏ ଗାଲରେ କାଳି ଦାଗ, ଯକ୍ଷ୍ମା ରୋଗରେ ଯେମିତି ଦାଗ ପଡ଼େ । ବଡ଼ ଅଫିସରର ଲୋକମାନଙ୍କ ଭିତରୁ ଜଣକର ସେ ପୁଅ । ସେ ମତେ ପଚାଶ କୋପେକ୍ ମାଗିଲା, ଖୁଚୁରା ପଇସା ଗୁଡ଼ାଏ ଅନ୍ୟମନସ୍କ ଥିଲାପରି ଖୁବ ଦେଖାଇ ତାକୁ ଗଣିଲି । ମୁଁ ଯେମିତି କହିଲି ଯେ ମୋର ସେ ପଇସା ଦରକାର ନାହିଁ, ସେ ତାକୁ ପକେଟରେ ପୂରାଇବାକୁ ଚେଷ୍ଟା କଲା କିନ୍ତୁ ତା' ହାତ ଏମିତି ଥରୁଥାଏ ଯେ ପଇସାଗୁଡ଼ାକ ଝଣଝଣ ହୋଇ ତଳେ ପଡ଼ିଗଲା ।

ସେ କାନ୍ଦିଥାଏ, ପଇସାଗୁଡ଼ାକ ଗଡ଼ି ଗଡ଼ି ଚଟାଣର ଅରଗାଣ୍ଡକୁ ଖସିଗଲା । ତା'ଅଙ୍ଗୁଠିର ଗଣ୍ଠିଗୁଡ଼ାକ ଫୁଟିବାଯାକେ ସେ ଦ'ପାପୁଲିକୁ ରଗଡ଼ିଲା । ସେହିଠୁ ଗୋଟାଏ ଓଜନ ଦୀର୍ଘଶ୍ୱାସ ପକାଇ କହିଲା :

"କ'ଣ ଅରଗ୍ଲ କରାଯିବ ତା'ହେଲେ ? ଧନ୍ୟ, ବନ୍ଧୁ । ମୁଁ ଭାବୁଛି...."

ସେ କେତେବେଳେ କେଉଁଠି ମଲା ତା' ମତେ ଜଣା ନାହିଁ । କିନ୍ତୁ ସେଥିପାଇଁ ମୋ ମନରେ ଦୁଃଖ ହେଲା । ଅଳ୍ପଦିନ ହେଲାରୁ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ପନ୍ଦର ବର୍ଷ ପରେ ପୁଣି ଯେତେବେଳେ ତାକୁ ଦେଖେଁ, ସେତେବେଳେ ନିମିଅ ସହରରେ ସେ ଲୋକଟିଏ ସ୍କୁଲରେ ପଢ଼ାଉଥାଏ । ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥାଏ । ଜୀବନ ସମ୍ବନ୍ଧ ଭାବରେ ଯାହାର ଛଡ଼ା କରେ, ସେ ଯେମିତି କଥା କହନ୍ତା, ସେମିତି ନିର୍ମମ ଢଙ୍ଗରେ ସେ ଦୁନିଆର ସବୁ କଥାକୁ କଟାକ୍ଷ କରୁଥାଏ ।

ବୁଲି ବୁଲି ରୁଟିବିକା କାମ ସାରିଲା ହେଉରୁ ମୁଁ ଟିକିଏ ଶୋଇପଡ଼େଁ । ସେହିଠୁ ସଞ୍ଜରେ ମୁଁ ରୁଟି କାରଖାନାରେ କାମ କରେଁ । ଦୋକାନରେ ରାତି ଅଧରେ ବନ୍ଦକଲାକୁ ମିଠା ପିଠା ପ୍ରସ୍ତୁତ କରି ରଖିବାକୁ ପଡ଼େ, କାରଣ ଆମ ନୂଆ ଦୋକାନଟା ସହରର ଥିଏଟର ପାଖରେ ଓ ଥିଏଟର ଭାଙ୍ଗିଲେ ଗରମ ପିଠା ଖାଇବାପାଇଁ ଲୋକେ ଗଳାପଡ଼ନ୍ତି । ସେ କାମ ସରିଲେ ସକାଳ ବିକାପାଇଁ ପାଉଁରୁଟି ତିଆରି କରିବାକୁ ମୁଁ ମଇଦା ଦଳାରେ ଲାଗିଯାଏଁ । ପାଞ୍ଚ ଛ' ମହଣ ମଇଦାକୁ ପାଣି ପକାଇ ହାତରେ ଦଳିବା କିଛି ପିଲାଖେଳ ନୁହେଁ । ସେଇଠୁ ମୁଁ ପୁଣି ଦ'ତିନି ଘଣ୍ଟା ଶୋଇପଡ଼େଁ । ଉଠିଲେ ବାହାରିଯାଏ ବଜାରର ବୁଲା-ବିକା କାମରେ ।

Digitized by srujanika@gmail.com

ଏମିତ ଦିନ ପରେ ଦିନ ଗଡ଼ିଯାଉଥାଏ ।

ଆଉ ସବୁବେଳେ ମୋ ମନରେ ଖେଳୁଥାଏ ଗୋଟାଏ ଅଦମ୍ୟ ଆକାଂକ୍ଷା ଯେ ମୁଁ ଯାହା 'ବୁଦ୍ଧିମନ୍ତ, ନାସ୍ତିକ ଓ ଶକ୍ତ' ବୋଲି ଭାବୁଛି, ତା'ର ମନ୍ତ୍ରି ମୁଁ ଜାଣିବି । ସ୍ୱପ୍ନରେ ମୁଁ ମେଲାମ୍ପୀ: ଭଳି ଗପିପାରେଁ । ଏଣେ ବହି ପଢ଼ି ଓ ନାନା ଅଭିଜ୍ଞତା ଅର୍ଜନ କରି ମୋ କଳ୍ପନା ଶକ୍ତି ବି ପରିପୁଷ୍ଟ ହୋଇଥାଏ । ଅତି ନଗଣ୍ୟ ସାଧାରଣ ଘଟନାକୁ ଧରି ମୁଁ ଗୋଟାଏ ଗୋଟାଏ ରୋମାଞ୍ଚକର କାହାଣୀ ତିଆରି କରିପାରୁଥାଏଁ । 'ଅଦେଖା ସୂତା'ର ଲେଖକ ବାଙ୍କ ଓ ମୋର ସ୍ୱଭାବରେ ସେ କାହାଣୀ ମୁଁ ଲେଖିପାରେଁ । ଫେଷ୍ଟ୍ରୋଭନ୍‌କୋଭ୍ କାରଖାନା ଓ ଆଲ୍‌ଫୁଜଭ ମିଲର ଶ୍ରମିକମାନଙ୍କ ଭିତରେ କେତେଜଣଙ୍କ ସଙ୍ଗରେ ମୋର ଚିହ୍ନାଜଣା ଥାଏ । ସେଥିରୁ ବୁଢ଼ା ଲୁହାକାର ନିକିତା ଲୁଦ୍ୱିଗ୍ ପ୍ରତି ମୁଁ ବେଶି ଆକୃଷ୍ଟ ହୋଇଥାଏଁ । ନିକିତା ଲୁଦ୍ୱିଗ୍ ଖୁବ ବୁଢ଼ିଆ ଲୋକ । ସେ ଗୋଟିଏ ପତରଚଳ: ରୁଷ ଦେଶର ପ୍ରାୟ ପ୍ରତ୍ୟେକ ଲୁହା କାରଖାନାରେ କାମ କରି ଆସିଛି ।

ମତେ କହେ, "ବାପ ଆଲେକ୍‌ସି ମାକ୍‌ସିମିଚ୍, ଶୁଣ୍ ରେ ଟୋକା ! ମୋ ସୁନା, ମୋ ଧନ, ତୁ ସତେକି ମୋ ନୂଆ କଣ୍ଢେଇ । ବୁଝିଲୁ ବାପା, ଏ ଦୁନିଆ ଉପରେ ସତାବନ ବର୍ଷ ହେଲା ମୁଁ ଖେଳିଆସୁଛି ।"

ତା' ଚେହେରା ଚ୍ୟାପିଟେଲ୍ ଭଳି । ତା' ଆଖିରେ ହସ । ପାଉଁଶିଆ ଆଖି, ସବୁବେଳେ ଖରାପ, ଗାଢ଼ ଅନ୍ଧାରୁଆ ଚଷମାରେ ଢଙ୍କା ହୋଇଥାଏ । ସେ ଚଷମା ଏଣ୍ଡୁ ହୋଇ ତମ୍ବା ତାରରେ ବାନ୍ଧି ରଖା ହୋଇଥାଏ । ତେଣୁ ତା ନାକଦଣ୍ଡା ଉପରେ ଓ କାନ ପଛଆଡ଼େ ଅଳ୍ପ ଶାଗୁଆ ଶାଗୁଆ ରଙ୍ଗ ଲାଗିରହିଥାଏ । ସେ ତା'ଦାଢ଼ି ଖିଅର ହୋଇ ତଳ ଓଠ ତଳେ ମେଞ୍ଚାଏ ପାଚିଲା ବାଳ ଗୁଡ଼ଉଥାଏ, ଆଉ କରଡ଼ା କରଡ଼ା କଣ ରଖିଥାଏ ବୋଲି । ତା' ସାଙ୍ଗ ଲୁହାକାରମାନେ ତାକୁ ଡାକନ୍ତି ଜର୍ମାନ୍ ତା'ର ଓସାର ଗୁଡ଼, ଦେହର ଉଚ୍ଚତା ମଝିଲା ଧରଣର । ତାକୁ ଦେଖିଲେ ହିଁ ମନ ଖୁସି ହୋଇଯାଏ ।

ତା' ମୁଣ୍ଡ ଲମ୍ବା, ଆବୁଅବୁଆ । ମୁଣ୍ଡକୁ ସେ ଗୋଟାଏ କପଡ଼ାରେ ଢାଙ୍କିଥାଏ । ମୁଣ୍ଡରହେ ବାଁ କାନ୍ଧ ଉପରେ । କହେ, "ସର୍କସ୍ ଦେଖିବାକୁ ମତେ ଭଲ ଲାଗେ । ସେଠି ଘୋଡ଼ାମାନଙ୍କୁ କେଡ଼େ ଚମତ୍କାର ପ୍ରକାରେ ତାଲିମ୍ ଦିଅନ୍ତି ରେ ! ଦେଖିଲେ ସେଗୁଡ଼ାକ ପଶୁଗୁଡ଼ାକ ତ ! ଭାରି ଚମତ୍କାର ଲାଗେ । ପଶୁଗୁଡ଼ାଏ, ଅଥଚ ତାଙ୍କ ପ୍ରତି ମୋର ସମ୍ମାନ ହୁଏ । ଆଉ ମୁଁ ମନେ ମନେ ଭାବେଁ, ତା' ହେଲେ ମଣିଷଙ୍କୁ ତାଲିମ୍ କରିବାକୁ ନିଶ୍ଚୟ ବାଗ ଥିବ । ଭଲ ବାଗରେ ତାଲିମ୍ ଦେଲେ ମଣିଷ ବି ଭାଙ୍ଗ ବୁଝି

Digitized by srujanika@gmail.com

ବ୍ୟବହାର କରି ଶିଖନ୍ତେ । ପଣ୍ୟଗୁଡ଼ାକ ସର୍ବସ୍ୱ ଲୋକେ ଦୋକାନକୁ ନେଇ ଚଳ ଖୁଆଇ ବାଗ ମନାନ୍ତି । ଆମ ମଣିଷଙ୍କର ଭିନ୍ନ ପ୍ରକାର ଚଳ ଦରକାର । ସେ ଚଳ ଜିଭ ପାଇଁ ନୁହେଁ, ଆମ୍ଭ ଆତ୍ମାପାଇଁ । ସେ ଚଳର ନାଁ—ଦୟା । ତେଣୁ ବାବା, ମୁଁ କହେ, କାମ କରେଇବା ବାଗ ହେଉ ମଣିଷ ପ୍ରତି ଦୟା, ଠେଙ୍ଗା ଦେଖେଇବା ନୁହେଁ । ଅଥଚ ଆମ ଦୁନିଆରେ ସେଇ ଠେଙ୍ଗା ବାଗଟା ଚାଲୁଛି । ସେଇଟା ଠିକ୍ ନୁହେଁ ।”

କିନ୍ତୁ ସେ ନିଜେ କାମ କଲାବେଳେ ଦୟାମାର୍ଗ ଧରୁ ନ ଥିଲା । ଲୋକଙ୍କ ସଙ୍ଗରେ କଥା କହିଲାବେଳେ ତା’ଭଙ୍ଗୀ ବଦ୍‌ଯାଉଛି । ଲାଗେ ଯେମିତି ସେ କାହାରିକି ପାଖରେ ପକାଉନାହିଁ । ଯୁକ୍ତିତର୍କ କଲାବେଳେ ସେ ଅଳ୍ପ କହେ । କଥାଗୁଡ଼ାକ ହେଣ୍ଡାଳ ପରି ଶୁଭେ । ତା’ର ସ୍ପଷ୍ଟ ଉଦ୍ଦେଶ୍ୟ ପରକୁ ଅପମାନ ଦେବା । ମୁଁ ତାକୁ ପ୍ରଥମେ ଦେଖିଥିଲି ଗୋଟାଏ ମଦ ଦୋକାନରେ । ସେତେବେଳେ ସେଠି ଯେତେ ଲୋକ ଥିଲେ ସମସ୍ତେ ତାକୁ ବାଡ଼େଇବାକୁ ବସିଥିଲେ, ସେମାନଙ୍କୁ ସେମିତି ସେ ଚଢ଼େଇଦେଇଥିଲା ବୋଲି । ତା’ ଉପରେ ଗୋଟାଏ ଯୋଡ଼ାଏ ବାଧା ବସି-ଯାଇଥାଏ । ମୁଁ ମଝିରେ ପଡ଼ିଲି; ତାକୁ ସେଠୁ ଉଦ୍ଧାର କରି ନେଇଗଲି ।

ମୁଁ ପଚାରିଲି, “ତମକୁ ବହୁତ ବାଡ଼େଇଛନ୍ତି ?” ଶରତ ଋତୁ, ଅନ୍ଧାର ରାତି, ବର୍ଷା ପଡ଼ୁଥାଏ । ଆମେ ମଦଦୋକାନଠୁଁ ଦୂରକୁ ଚାଲିଯାଉଥାଉଁ ।

ଯେମିତି କିଛି ହୋଇନାହିଁ ସେମିତି ଭଙ୍ଗୀ ଦେଖାଇ ସେ କହିଲା :

“ମତେ ପୁଣି ବାଡ଼ାନ୍ତେ ? ବାଡ଼େଇ ଜାଣନ୍ତି ନା ?”

ଆମ ପରିଚୟ ଆରମ୍ଭ ହେଲା ଏମିତିଆ । ଆଗ ଆଗ ସେ ମତେ ଅଛାରେ ଉଡ଼ାଉଥିଲା ଖୁବ ଚମତ୍କାର ବ୍ୟଙ୍ଗ କଥା କହି । ସେଇଠୁ ମୁଁ ଯେମିତି ତା’ଆଗରେ ବର୍ଣ୍ଣନା କରିଦେଲି ଯେ ଆମର ସବୁ ଯୋଉଁ ଜୀବନ, ତହିଁରେ ‘ଅଦେଖା ହାତ’ର କରାମତି କେତେ ଶୁଣିସାରି ଖୁବଲା ପଚ ହୋଇ ସେ ପାଟିକଲା :

“ଅରେ ବାଃ ! ତୁ ତ ଭଲା ନୋହୁ ! କେଡ଼େ ସୁନ୍ଦର କରି ବୁଝେଇ-ଦେଲୁ !”

ସେଇଠୁ ମୋ ପ୍ରତି ତା’ ରଙ୍ଗ ବଦଳି ଯାଇ ବାପର ପୁଅ ପ୍ରତି ଯେମିତି ସ୍ନେହ, ସେ ସେମିତି ସ୍ନେହୀ ହେଲା । ସେ ମତେ ବୁ’ଡା ଭଲା ନାଁ ଧରି ଡାକିଲା ।

Digitized by srujanika@gmail.com

କହେ, "ଅଲେକ୍‌ସି ରେ, ମୋ ବାପଧନ, ମୋ ସୁନାଝା, ତୋ କହିବା ତତ୍ତ୍ୱଗୁଡ଼ାକ ବିଲ୍‌କୁଲ୍ ଠିକ୍ । କିନ୍ତୁ କେହୁ ବିଶ୍ୱାସ କରିବେ ନାହିଁ, କହିଲେ ଲାଭ ନାହିଁ ।

"ତୁମେ ତ ବିଶ୍ୱାସ କରୁଚ, ନା ନାହିଁ ?"

"ଅରେ, ମୋ କଥା ନିଅସ । ମୁଁ ଗୋଟାଏ ଗୋଟିଆ ବୁଦ୍ଧୁବୁଦ୍ଧୁ । ସେଥିରେ ପୁଣି ଲଙ୍ଗୁଡ଼ ବି କଟା । କିନ୍ତୁ ବେଶି ସ୍ୱଗ କେକ କଟେ ? ସେମାନେ ପୋଷାକ୍‌ବ୍ଦର, ତାଙ୍କ ଲଙ୍ଗୁଡ଼ ସବୁ ମୋଟା । ଭାଲେରୀ, ଜୁଆ, ଜନ୍ନପଦ, ଅଗଡ଼ମ୍, ବଗଡ଼ମ୍ ଭର୍ତ୍ତି ସେମାନଙ୍କର । ତାଙ୍କ ଭିତରେ ପ୍ରତ୍ୟେକ କୁକୁର ଆପଣା ଆପଣା ରହିବା ବଖ୍‌ରାକୁ ଭଲ ପାଏ । ଭଲ ପାଏ ବୋଲି ଭଲ ପାଏ ? ପୂଜା କରେ । ସେମାନେ କ'ଣ ତୋ କଥାକୁ ହଠ ମାନିବେ ? କେବେ ନୁହେ । ଅରେ ଆମେ ଗୋଟାଏ ବେପାରରେ ଲାଗିଥିଲୁଁ । ମରକଭ୍ ମିଲରେ ହୋଇଥିଲା । ସେଠିମାନେ ଆନ୍ଦୋଳନରେ ଆଗୁଆ ହେଲେ ତାଙ୍କ ମୁଣ୍ଡରେ ପାହାର ପଡ଼ିଲା । ବୁଝିଲୁଟି, ମୁଣ୍ଡଟା ତ ଆଉ ଚଣ୍ଡିର ତଳପଟ ନୁହେଁ । ସେଠି ମାଡ଼ ବସିଲେ ଜଲଦ ଭୁଲି ହୁଏ ନାହିଁ ।"

ନେଷ୍ଟଭ୍‌ନକଭ୍ ଫାକ୍ଟ୍ରିର ଜଣେ ଫିଟର ସ୍ମାକଭ୍ ଶ'ପୋଶ୍‌ନକଭ ସହିତ ଦେଖାଜଣା ହେଲାପରେ ସେ ଆଉ ସେପରି କହିଲା ନାହିଁ; ତା'କଥା ବଦଳିଲା । ସ୍ମାକଭ୍ ଗୋଟିଏ ଯକ୍ଷ୍ମାରୋଗୀ । ସେ ଗୀଟାର୍ ବଜାଏ । ବାଇବଲ ଗ୍ରନ୍ଥରେ ସେ ସୁପଣ୍ଡିତ । ସେ ଯେଉଁପରି ସ୍ୱରରେ ଉତ୍ତେଜିତ ହୋଇ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଉଡ଼େଇଦିଏ ସେଥିରେ ତୁବତ୍‌ଦଭ ବାବା ହୋଇଯାଏ ।

ଥୁ ଥୁ କରି ଖଙ୍କାର ପକାଉଥାଏ; ସେଥିରେ ଖଣ୍ଡ ଖଣ୍ଡ ହୋଇ ପଡ଼ୁଥାଏ ତା'ଗୁଡ ଭିତରୁ ରକ୍ତଜଡ଼ିତ ମଇଳା ମାଂସଖଣ୍ଡ । ଏଣେ ଉତ୍ତେଜିତ ହୋଇ ସ୍ମାକଭ୍ ଯୁକ୍ତି କରୁଥାଏ :

"ବାଇବଲ୍‌ରେ ଅଛି, ମଣିଷ ତିଆରି ହୋଇଛି ଭଗବାନଙ୍କ ରୂପ ଧରି ତାଙ୍କରି ପରି । ଏକଥା ମୁଁ ଅସ୍ୱୀକାର କରୁଛି । ଅସମ୍ଭବ କଥା । କାହିଁ ? ଜ୍ଞାନ ତ ମୋଠି ନାହିଁ । କ୍ଷମତା ? ମୋଠି କାହିଁ ? ମୋ ଦେଇ କିଛି ହେବ ନାହିଁ । ଭଗବାନଙ୍କ ଭଲପଣ ? କାହିଁ ? ମୋଠିଁ ନାହିଁ ତ ! ମୁଁ ଭଲଲୋକ ନୁହେଁ । ଏ ଗଲା ପ୍ରଥମ କଥା । ଦ୍ୱିତୀୟରେ, ହୁଏତ ଭଗବାନ ଜାଣନ୍ତି ନାହିଁ ଯେ ଜୀବନ ମତେ କେତେ କଷ୍ଟ ଦେଉଛି । ନହୁବା ସେ ଜାଣନ୍ତି, କିନ୍ତୁ ମତେ ସାହାଯ୍ୟ କଲାଭଳି ତାଙ୍କର କାଣିଚାଏ ଶକ୍ତି ନାହିଁ । ନହେଲେ ସେ ମତେ ସାହାଯ୍ୟ କରିପାରନ୍ତେ । ତାଙ୍କର

Digitized by srujanika@gmail.com

ଶକ୍ତି ଅଛି, କିନ୍ତୁ ଇଚ୍ଛା ନାହିଁ । ତୃତୀୟରେ, ଭଗବାନ ସବୁ ଜ୍ଞାନରେ ପରିପୂର୍ଣ୍ଣ ନୁହନ୍ତି, ସର୍ବଶକ୍ତିମାନ୍ ନୁହନ୍ତି କି କରୁଣାସିନ୍ଧୁ ନୁହନ୍ତି । ଅସଲ କଥା, ଭଗବାନ ନାହାନ୍ତି । ଏସବୁ ଖାଲି ନକଲ, ସବୁ ନକଲ, ଆମର ସମୁଦାୟ ଜୀବନ ନକଲି । କିନ୍ତୁ ମତେ ଠକିହେବ ନାହିଁ ଯେ !''

ଏକଥା ଶୁଣି ଅଗ ଆଗ ବୁଢ଼ତପସ୍ୱି ଏମିତି ଆବାକାବା ହୋଇଗଲା ଯେ ତା' ତୁଣ୍ଡରୁ କଥା ବାହାରିଲା ନାହିଁ । ତା'ପରେ ସ୍ୱରରେ ଶୋଷ ପଡ଼ିଗଲା; ଗାଳିବର୍ଷଣ ଆରମ୍ଭ କଲା । କିନ୍ତୁ ସ୍ୱାକଭ ବାଇବଲ୍‌ରୁ ଧାଡ଼ିମାନ ଗାଇଗଲା । ସେ ଗମ୍ଭୀର ବାଣୀସବୁ ଶୁଣି ବୁଢ଼ତପସ୍ୱି ଶାନ୍ତ ହେଲା; ଜାକିଜୁକି ହୋଇ ବୁଜା ହୋଇ କୋଣ ଗୋଟାଏ ଲୁଚିବାଭଳି ବୁଲିଲା ପରେ ଶାନ୍ତ ହୋଇ ବସିଲା ।

ଏସବୁ ବାଦାନୁବାଦ ବେଳେ ସ୍ୱାକଭ୍ ଅତି ଭୟଙ୍କର ଦିଶୁଥାଏ । ତା'ର ସବୁଆ ଚେହେରାଟି ଫୁଲି ମୋଟା ଦିଶୁଥାଏ । ଜିପ୍‌ସି ଜାତିର ଲୋକଙ୍କ ମୁଣ୍ଡବାଳ ପରି ତା' ମୁଣ୍ଡବାଳ ଘନ ଓ କୃଷ୍ଣ ହୁଅ । ଓଠ ନେଳି ଦିଶୁଥାଏ । ଯୁକ୍ତି କଲାବେଳେ ଟେଢ଼ିଆ ଦାନ୍ତ ଓ କିଳିକିଳି ଦାନ୍ତ ଉପରେ ତା' ନେଳିଆ ଓଠ ଟାଣିଓଟାର ହେଉଥାଏ । ଯେତେବେଳେ ତା' ପ୍ରତିପକ୍ଷର ଅଖି, ତା' ବୃହାଣି ଯେମିତି ମାଢ଼ିଦେଲା ଦେଖିଲା ଉଜଳ ହୋଇ ଚଳିଯାଉଥାଏ । ସେ ବୃହାଣି ସହ ହୁଏ ନାହିଁ । ତାକୁ ଦେଖିଲେ ଉତ୍ତଣ୍ଡ ଉନ୍ମାଦରୋଗ ଘୋଟିଥିବା ରୋଗୀଟାର ବୃହାଣି ମୋର ମନେ ପଡ଼ିଗଲା ।

ସ୍ୱାକଭ୍ ପାଖରୁ ଚାଲିଆସିଲାବେଳେ ବାଟରେ ଗମ୍ଭୀର ହୋଇ ବୁଢ଼ତପସ୍ୱି ମତେ କହିଲା :

"ସ୍ୱା ଆଗରୁ କେବେ କେହି ମୋ ଆଗରେ ଭଗବାନଙ୍କ ବିରୁଦ୍ଧରେ କହି ନ ଥିଲା । ଜୀବନରେ କେତେ କଥା ତ ଶୁଣିଛି, କିନ୍ତୁ ଏମିତିଆ କଥା ! କେବେ ନୁହେଁ । ତେବେ ଦେଖି ଦିନ ଶେଷ ନାହିଁ ପିଲା ! ଆହା ! ବଞ୍ଚିଆନ୍ତା କି ! କେମିତି ଯେ ଭଗବାନଙ୍କୁ ଦେଖ, ସତେ ଯେମିତି ତାତରେ ତାତରେ ଗୋଟାପୁଞ୍ଜା ଧନା ପଡ଼ିଯାଉଛି ହୋ !......ଭାରି ଭାବା କଥା, ଭାଇ ! ଭାରି ଭାବା କଥା ! ''

ଅତି ଶୀଘ୍ର ସେ ସ୍ୱାକଭ ପ୍ରତି ଆସକ୍ତ ହୋଇପଡ଼ିଲା । ଷଷ୍ଠାରେ ଫିଟରର କଥା ତା' ଭିତରେ ନୂଆ ଉତ୍ତେଜନା ଭରିଦେଲା । ସେ ଉତ୍ତେଜନା ତା' ଭିତରୁ ଛିଟିକିମାରିଲା ପରି ଗଦଗଦ ହୋଇ ଉଠିଆସୁଥାଏ, ସତେ ଯେମିତି ମଦରୁ ଛଟକି

Digitized by srujanika@gmail.com

ଉଠେ । ତା' ଆଖି ତାତିଯାଉଥାଏ । ସେ ସବୁବେଳେ ଗୋଟାଏ ହାତରେ ଆଖିକୁ ରଗଡ଼ୁଥାଏ ।

ତାକୁ ନେଫେଡ଼ଡେଇ ସେ କହେ : "ସତେ ତ ! ଭଗବାନଙ୍କ ମିଅତ ସରଳ, ପଡ଼ ଉଠିଲ ତା'ହେଲେ । ଆରେ ବାବୁ, ମୋ ସୁନାଟା, ଶୁଣ୍, ଏଇ ଆମ ସମ୍ରାଟ ମ, ତାଙ୍କ ବିଷୟରେ ମୋ ନିଜ ମତ ଅଛି, ଶୁଣ୍, କହେଁ । ସେ ସମ୍ରାଟ ଫମାଟଙ୍କ ଯୋଗରୁ ମୋର ଚିନ୍ତା ନାହିଁ, ଚିନ୍ତା ସେଇସବୁ ମାଲିକଗୁଡ଼ାଙ୍କ ଯୋଗରୁ । ଯୋଉ ମନ ସେ ସମ୍ରାଟ ହେଉଛନ୍ତି ପଛେ, ମୁଁ ତାଙ୍କ ସଙ୍ଗରେ ଚଳିଯିବି । ତମ ସିଂହାସନରେ ବସିଥା ହେ ସମ୍ରାଟ୍, ଯେତ ତମକୁ ସୁଖ ଲଗୁଛି ବସିଥା, କିଏ ନାହିଁ କଲା ? ଖାଲି ସେଇ ମାଲିକଗୁଡ଼ାଙ୍କୁ ମୁଁ ଯାହା କରିବି ସେଥିରେ ତୁମେ ଯାଞ୍ଚି ଫିଟେଇବ ନାହିଁ । ସେଇ କଥା । ଆଉ ଯେତ ମୋ କଥା ମାନିବ, ତେବେ ସୁନା ଖିଲିରେ ତମକୁ ଦେବି ବାନ୍ଧି ତମ ସିଂହାସନରେ, ତମକୁ ପୂଜା କରିବି ।"

"ସମ୍ରାଟ୍ ସୁଧା" ବୋଲି ବହିଖଣ୍ଡିକ ପଢ଼ିସାରି ସେ କହିଲା, "ଠିକ୍ ଲେଖିଚି ।" ଆଉ ଯେତେବେଳେ ସେ ଖଣ୍ଡେ ଲିଥୋରେ ଛପା ପ୍ରସ୍ତାବପତ୍ର ପଢ଼ିଲା, କହିଲା, "କିଏ ଲେଖିଚି ରେ ବାପା ? ଖାଲି ସୁନ୍ଦର ହେଇଚି, ଖାଲି ଖୋଲା ଖୋଲି କଥା । ତାକୁ ମୋ କଲ୍ୟାଣ କହିଦେବୁ ।"

ଜ୍ଞାନ ଆହରଣ କରିବାକୁ ବୁଢ଼ାସର୍ ତୃଷା ଅଦମ୍ୟ । ଶାପେନ୍ହାଉର ଯେତେବେଳେ ଏଭଳି ଭାଷାରେ ଭଗବାନଙ୍କ ନିନ୍ଦା କରେ ଯେ ଶୁଣିଲେ ମଣିଷ କାନରେ ହାତ ଦିଅନ୍ତା, ସେତେବେଳେ ସେ ଦୋକାନରେ ବସିରହି ତା କଥାଗୁଡ଼ାକ ଗିଳିପକାଏ । ଆଉ ମୁଁ ଯେତେବେଳେ ନାନା ବହି ବିଷୟରେ ତା' ଆଗରେ କହୁଥାଏଁ, ସେତେବେଳେ ଘଣ୍ଟା ଘଣ୍ଟା ବିତିଯିବ, ସେ ବସି ଶୁଣୁଥିବ । ଶୁଣି ଶୁଣି ଖୁସିଟାଏ ହୋଇ ସେ ହସି ହସି ମୁଣ୍ଡକୁ ପିଠି ଆଡ଼କୁ ଟେଳେଇ ଦେଇ ପାଟି କରିବ !

"ମଣିଷ ମୁଣ୍ଡରେ କେତେ ବୁଦ୍ଧି ! କେତେ ବୁଦ୍ଧି !"

ତା' ଆଖିରେ ପୀଡ଼ା । ତେଣୁ ବହି ପଢ଼ିବା ତା'ପକ୍ଷରେ କଷ୍ଟକର । ତଥାପି ସେ ବହୁତ କଥା ଜାଣିଥିଲା । ବେଳେ ବେଳେ କୁଆଡ଼ୁ ଆଣି ସେ ଏମିତି କଥାଟିକୁ କହେ ଯେ, ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଏ ।

କହେ, "ଜାଣିଚୁ ? ଜର୍ମାନ ଦେଶରେ ଜଣେ ଖଡ଼େଇ ଅଛି । ତା' ମୁଣ୍ଡରେ ଏତେ ବୁଦ୍ଧି ଯେ ବେଳେବେଳେ ସେ ଦେଶର ରଜା ପର୍ଯ୍ୟ ତାକୁ ଡକେଇଅଣି ତା'ଠୁଁ ବୁଦ୍ଧି ନିଅନ୍ତି !"

Digitized by srujanika@gmail.com

"ତୁମେ ତା' ବିଷୟରେ କେମିତି ଜାଣିଲ ?"

ତା' ମୁଣ୍ଡର ଆବୁ ଉପରେ ଅଙ୍ଗୁଳି, ଅଙ୍ଗୁଳି, ସେ ପଦେ କଥାରେ ଜବାବ ଦେଲା, "ଜାଣିଛି ।"

ମଣିଷ ଜୀବନରେ କଠିନ ସମସ୍ୟା ଏତେ ଯୋ'ଡା ହୋଇଯାଇ, କିନ୍ତୁ ଶାପୋଶ୍ନିକଭର ଚେତନେ ଅର୍ଦ୍ଧେ ଜଗା ନ ଥାଏ । ପୂର୍ବାହ୍ନତ ପ୍ରଶ୍ନଗୁଡ଼ିକ କେମିତି ଟାପରରେ ହଜେଇବ, ଭଗବାନ ଧାରଣାକୁ କେମିତି ମୂଳପୋଛ କରିବ, ସେଇଥିରେ ସେ ଲାଗିଥାଏ, ବୁଡ଼ିଥାଏ । ତା'ର ସବୁଠୁ ବେଶି ରାଗ ମହାନ୍ତମାନଙ୍କ ଉପରେ ।

ଥରେ ଏମିତି ଖୁସିରେ ଲୁବ୍ ତ୍ସଭ ତାକୁ ପଚାରିଲେ, "ହଇହୋ ସ୍ମାକଭ ! କହୋ, ତେମେ ତ କଣ ଗାଲି ଭଗବାନଙ୍କ ବିରୁଦ୍ଧରେ ପ୍ରତିଶୋଧ ଗୁହାଏ କରିବା ଛଡ଼ା ଆଉ କିଛି କରୁନା ?"

ସେ ଅଦ୍ଭୁତ ରାଗରେ ଫାଟିଗଲା : "ଭଗବାନ ଛଡ଼ା ମୋର ଆଉ ଉଗାର କାଏ, କହ ? କାଏ ଅଛି ? କୋଡ଼ିଏ ବର୍ଷ ବିତିଗଲା । ହଁ, ପ୍ରାୟ କୋଡ଼ିଏ ବର୍ଷ ଯାଏ ମୁଁ ତାଙ୍କଠି ବିଶ୍ୱାସ ରଖିଲି, ତାଙ୍କୁ ଡର ଡର ଚାଲିଲି, ସବୁ ସହିଲି । କାହିଁକି ନା, ଶାସ୍ତ୍ରରେ ଅଛି, ଯାହା ଘଟେ, ସବୁ ଭଗବାନଙ୍କ ବିଧାନ । ମୁଁ ତ, ଯାହା କହନ୍ତି ହାତ ଯୋଡ଼ରେ ଶିଖିଲି ବାନ୍ଧିହୋଇ ଜୀବନ ବିତେଇଲି ହୋ ! ସେଇଠୁ, ମୁଁ ପଢ଼ିଲି ପଢ଼ିଲି ବାଇବଲ ଗ୍ରନ୍ଥକୁ ପଢ଼ିଲି ଆଉ ସେଇଠୁ ଜାଣିଲି ଯେ ସେଗୁଡ଼ାକ ସବୁ ମିଛ, ସବୁ ମନଗଢ଼ା । ସବୁ ମନଗଢ଼ା କଥା ହୋ, ସବୁ !"

ଯତେ ଯେମିତି 'ଅଦେଖା ସୂତା'କୁ ଛିଣ୍ଡେଇଦେବ ବୋଲି ସେ ତା' ବାହାକୁ ଛାଟିଦେଲା, କହିଲା :

"ଆଉ ଦେଖ, ମୋର ବେଳ ନ ହେଉଣୁ ମୁଁ ମରିବାକୁ ବସିଲିଣି କାହିଁକି ? ସେଇଥିପାଇଁ ତ !"

କହିଲାବେଳେ କାନ୍ଦ କାନ୍ଦ ହୋଇଯାଉଥାଏ ।

ଅଦ୍ଭୁତ ଅନ୍ୟାନ୍ୟ ବୟସ୍କ ଲୋକଙ୍କ ସଙ୍ଗରେ ବି ମୋର ଚିହ୍ନା ଜଣା ଥିଲା । ସେମେନୋଭଙ୍କ ରୁଟି କାରଖାନାରେ କାମ କରୁଥିବା ମୋ ପୁରୁଣା ଜଣାଶୁଣା ଲୋକଙ୍କୁ ଦେଖିବାକୁ ବି ମୁଁ ଅନେକ ଥର ପହଞ୍ଚିଯାଏଁ । ସବୁଥର ସେମାନେ ମତେ ଦେଖିଲେ ଖୁସି ହୁଅନ୍ତି ଓ ମୋ କଥାକୁ ଶୁଣିବାକୁ ଆଗ୍ରହ ଦେଖାନ୍ତି । କିନ୍ତୁ ଲୁବ୍ ତ୍ସଭର ବସା ତ 'ନୌବାହିନୀ ସାହି'ରେ, ଆଉ ଶାପୋଶ୍ନିକଭର ବସା ଯାଇଁ

Digitized by srujanika@gmail.com

ତାଲାର ସାହାରେ; ଜାବାନ୍ ଟପି ଅହୁର ଦୂରରେ । ଗୋଟାଏଠୁଁ ଅଉ ଗୋଟାଏ ପାଞ୍ଚ ଇଞ୍ଚ ବାଟ । ତେଣୁ ସେମାନଙ୍କ ସଙ୍ଗରେ ମୋର କ୍ୱଚିତ୍ ଦେଖାହୁଏ । ସେମାନେ ମୋ ପାଖକୁ ଆସିବା ପ୍ରଶ୍ନ ନ ଥାଏ, କାରଣ ତାଙ୍କୁ ମୁଁ କେଉଁଠି ବସାଇବ, ସେଥିପାଇଁ ଜାଗା ନ ଥାଏ । ଆଉ ଆମର ଯେଉଁ ନୂଆ ବୁଟି କାରିଗର ଜଣକ, ସେ ଆଗେ ସୈନ୍ୟ-ବାହିନୀରେ ଥିଲେ, ଯୁଦ୍ଧ ସରିବାରୁ ବାହାରି ଆସିଥାଏ । ପୁଲିସବାଲାମାନଙ୍କ ସଙ୍ଗେ ତା'ର ଖୁବ ବନ୍ଧୁତା । ପୁଲିସବାଲାମାନଙ୍କର ଯେଉଁ ସ୍ଥାନଟା ସଦର ମହକୁମା, ତା' ପଛଆଡ଼ ଅଗଣାର ଠିକ ଏପାଖଟା ଆମ ଅଗଣା । ତେଣୁ ଆମେ ଦେଖୁଁ ଯେ ମୋଟାସୋଟା 'ନେଲପୋଷ କାଠ', ଅର୍ଥାତ୍ ପୁଲିସବାଲାମାନେ ନଇଁ ବାଡ଼ ଉପରେ ଚଢ଼ି ଏପାଖକୁ ଓହ୍ଲାଇଆସନ୍ତି, ତାଙ୍କ ହାକିମ କର୍ଣ୍ଣେଲ ଗାଙ୍ଗାଟଙ୍କ ପାଇଁ ସଜ ଧୋବ ବୁଟି କିଣିନେବା ଢକାଣେ, ଅଉ ନିଜ ପାଇଁ ଶସ୍ତା ଜଲା ବୁଟି କିଣିନେବା ପାଇଁ । ମତେ ବି ସାବଧାନ କରିଦିଆହୋଇଥାଏ, ଯେମିତି ମୁଁ ଉପରେ ପଡ଼ି ଦେଖାଇ ନ ହୁଏଁ । ଯେମିତି ହେଲେ ଅମ ବୁଟି କାରଖାନା ଉପରେ ପୁଲିସବାଲାଙ୍କର ନଜର ପଡ଼ିବ ଯେ ! ସେଇଟା ତ ଦରକାର ନାହିଁ !

ମୁଁ ଦେଖିଲି ଯେ, ମୋର ସେଠି ରହି କାମ କରିବା ଦିନୁଁଦିନ ନିରର୍ଥକ ହୋଇଯାଉଛି । ପରିଣାମ କ'ଣ ହେବ, ସେକଥା ନ ଭାବି ଲୋକେ ଆହୁରି ଅହୁର ବେପରୁଆ ହୋଇ ବୁଟି କାରଖାନାର ଟଙ୍କା ବାକ୍ସରୁ ଟଙ୍କା ନେଇ ଚଳି କରୁଥାନ୍ତି । ଏମିତି ବେପରୁଆ ଭାବରେ ଟଙ୍କା ନିଆ ଚାଲିଥାଏ ଯେ ବେଳେ ବେଳେ ମଜଦୁରି ଦାମ ଦେବାକୁ ବି ପଇସା ନ ଥାଏ । ଦେଉରେନ୍‌ଜଭ ଦାଢ଼ି ଓଟାଳି ଓଟାଳି ଅମ୍ବିଳା ମୁହଁରେ ହସିଦେଇ କହେ :

"ଆମେ ଦେବାଳିଆ ହେଇଯିବୁଁ, ଜାଣ ।"

ତାକୁ ବି ଅବସ୍ଥା ଅସହ୍ୟ ଲାଗୁଥାଏ । ତା' ଭାଇପା ନାସ୍ତିଅ, ସେଇ ଯାହାର ମୁଣ୍ଡରେ ନଥା ବର୍ତ୍ତିଭ ମୋଡ଼ିମୋଡ଼ିଆ ବାଳ, ଚର୍ବି ହୋଇଥାଏ ଯେ ବଡ଼ ପେଟ—ଘରରେ ଫାର୍ଣ୍ଣେଙ୍ଗ ପିଁ ହେଉଥିବ ଝଟିଲଡଟା ପରି ତା' ଉପରକୁ ଗଡ଼ଗଡ଼ ହୁଏ, ସାଗ ଧୁନଥା ଉପରେ ଭଳିରେ ତା' ଶାଗୁଆ ଅଖିଦ'ଟା ଜୁହୁଜୁଥାଏ ।

ଦେଉରେନ୍‌ଜଭକୁ ସଚେତ ସେ ଦେଖିପାରୁନାହିଁ, ଏମିତି ଗୋଟିଏ କଣ ସେ ସିଧା ତା' ଅଡ଼କୁ ମାଡ଼ିଯାଏ, ଅଥଚ ଯେ ସତେ ଯେମିତି ନିଜ ଅପରାଧ ଜାଣି ଦେଉଥିବା ହସିଦେଇ ତା'ବାଟରୁ ଅନ୍ତର ହୋଇଯାଏ, ସେ ବୁଢ଼ାଲୋକ ବେଳୁ ଚଇଁ ରହେ ; ଦୀର୍ଘଶ୍ୱାସ ପକାଏ ।

Digitized by srujanika@gmail.com

ବେଳେ ବେଳେ ମୋ ଆଗରେ ସେ ଉତ୍ତେଜିତ ହୁଏ । "ଏସବୁ କଥା—ଏତେ ପିଲାଳିଆମି ! ଯାହା ହାତରେ ପଡ଼ିଗଲା ତାକୁ ମୁଠେଇ ଧରିଲେ । ସମସ୍ତେ ଏଇଆ ! ଏଇଟା କେଉଁ ବୁଦ୍ଧିର କଥା ? ମୁଁ ଥୋଡ଼ାଏ ମୋଜା କିଣିଆଣିଲି, ଛ'ହଳ ମୋଜା । ସେଗୁଡ଼ାକ ବି ସେମିତିଆ ହୋଇ କୁଆଡ଼େ ଗାଏବ୍ ।"

ସେଇ ମୋଜା କଥାଟା ଭାରି ହସ କଥା । କିନ୍ତୁ ମୁଁ ହସିଲି ନାହିଁ । ଏଇ ଊଃପୁ.ର୍ଥ, ନଗଡ଼ମ୍ପୁର ଲୋକଟି ତା'ର ସେ ଭଲ ବେହସାଟିକୁ ବଞ୍ଚେଇ ରଖିବା-ପାଇଁ କେତେ କଷ୍ଟ କରୁଛି; ଅଥଚ ତା'କୁ ବେଢ଼ି ଯେଉଁମାନେ ଅଛନ୍ତି ସେମାନେ କେମିତି ତା' ବେହସା ପ୍ରତି ଦାୟିତ୍ୱହୀନ ଭାବରେ ବ୍ୟବହାର ଦେଖାଉଛନ୍ତି, କେମିତି ଅପରିଣାମଦର୍ଶୀ ହୋଇ ସେ ବେହସାଟାକୁ ଧ୍ୱଂସ କରିଦେଉଛନ୍ତି, ସେଇଆ ମୁଁ ଲକ୍ଷ୍ୟ କରୁଥାଏଁ । ଡେରେନ୍‌କଭ ଯାହାଙ୍କ ଉପକାର କରୁଛି, ତାଙ୍କଠୁ କୌଣସି ପ୍ରତିଦାନ ପାଇବାକୁ ଆଶା କରୁ ନ ଥାଏ । କିନ୍ତୁ ତା'ପ୍ରତି ଲୋକେ ଯେଉଁ ବ୍ୟବହାର ଦେଖାଉଥାନ୍ତି, ତା'ଠୁଁ ଅଧିକ ବିଚକ୍ଷଣତାପୂର୍ଣ୍ଣ, ଅଧିକ ବିବେଚନାପୂର୍ଣ୍ଣ ବ୍ୟବହାର ପାଇବାକୁ ନିଶ୍ଚୟ ତା'ର ଅଧିକାର ଥିଲା । ଅତି ଶୀଘ୍ର ତା' ପରିବାର ଖଣ୍ଡବିଖଣ୍ଡ ହୋଇଯାଉଥାଏ । ତା ବାପା ପାଗ୍ଳେଇ ହୋଇ ହା'ପରିଲିପରି ଗୁମ୍‌ହୋଇ ରହୁଥାଏ । ନାନା ପ୍ରକାର ଧର୍ମଭୟ ଯୋଗୁଁ ତା'ର ସେ ଅବସ୍ଥା । ତା'ସାନଭାଇ ମଦ,ମାଇକିନିଆ ଏଇଥିରେ ମଜ୍ଜି ଥାଏ । ତା' ଭଉଣୀ ସତେ ଯେମିତି ଘରର କେହି ନୁହେଁ, ସେମିତି ଚଳୁଥାଏ । ଯେଉଁ ଗ୍ରୀକଜଣକର ମୁଣ୍ଡବାଳ ଦୁଲଦୁଆ, ତା'ଥିର ସାଙ୍ଗରେ ତା'ର ଗୋଟାଏ ଅଶାନ୍ତିକର ପ୍ରେମ କାହାଣୀ ବଢ଼ିଉଠିଥାଏ । ମୁଁ ଅନେକଥର ଦେଖେ ସେ କାନ୍ଦି କାନ୍ଦି ତା' ଆଖି ଫୁଲିଯାଇଛି । ସେ ଗ୍ରୀକଟା ଉପରେ ମୋର ରାଗ ହେଲା ।

ମୁଁ ଭାବୁଥାଏଁ, ମେରିଆ ଦେରେନ୍‌କୋଭ୍ ପ୍ରତି ମୁଁ ପ୍ରେମାସକ୍ତ, ପୁଣି ନାଦେଝଦା ସେରବାଚୋଭ୍ ପ୍ରତି ବି ମୁଁ ପ୍ରେମାସକ୍ତ । ନାଦେଝଦା ସେରବାଚୋଭ୍ ଆମ ଦୋକାନରେ ବସିବେଳେ ଗରାଖିଙ୍କ ରୁଚି ବଢ଼େଇଦିଏ । କୋଦା ଟୋକ୍ସିଟିଏ, ଗୋଲ ନାକ; ଓଠ ନାଲି ଟହଟହ, ସବୁବେଳେ ମିଠା ହସରେ ମୋଡ଼ମୋଡ଼ ହୋଇଥାଏ । ମୋଟାମୋଟିରେ, ମୋର ଏକପ୍ରକାର ଅସକ୍ତ ଅବସ୍ଥା । ମୋ ବୟସ, ମୋ ଚରିତ୍ର, ମୋର ଅତୃପ୍ତ ତୃଷ୍ଣା ଜୀବନ ସବୁ ଏକାଠି ହୋଇ ମୋ ପାଇଁ ସ୍ତ୍ରୀଲୋକର ଆବଶ୍ୟକତା ସୃଷ୍ଟି କରିଥିଲା । ଆବଶ୍ୟକତାଟା ଅନୁଭବ କରିବାର ସମୟ ହୋଇ ନ ଥିଲା ନୁହେଁ ଯେ, ସମୟ ବରଂ ଗଡ଼ିଯାଇଥିଲା । ସ୍ତ୍ରୀଲୋକର କୋମଳତା, ସ୍ତ୍ରୀଲୋକର ସ୍ନେହସ୍ପର୍ଶ ମୋ ପାଇଁ ପ୍ରୟୋଜନ ଜଣାପଡ଼ୁଥିଲା । ପ୍ରୟୋଜନ ହେଉଥିଲା ଯେ, କେହି ଜଣେ ଥାଆନ୍ତା, ଯାହା ଆଗରେ ମୁଁ ମନ ଖୋଲି କଥା କହି-ପାରନ୍ତି । ଏମିତିଆ ଜଣେ କେହି ଥାଆନ୍ତା, ମୋ ମୁଣ୍ଡ ଭିତରେ ଯେଉଁ ପରସ୍ପର

Digitized by srujanika@gmail.com

ସବୁତ ଅସଂଶ୍ଲିଷ୍ଟ ଚିନ୍ତାଗୁଡ଼ାକ ଜାଲ ପରି ଅଡୁଆ ହୋଇ ପଡ଼ିରହିଛି, ସେହି ପ୍ରକାର ଏଭଳି ଧାରଣାଗୁଡ଼ାକ ଗୋଳମାଳିଆ ହୋଇ ମୋ ମୁଣ୍ଡରେ ଭର୍ତ୍ତି ହୋଇ ରହିଛି, ଜଣେ କେହି ଆସନ୍ତା, ଯେ ସେଗୁଡ଼ାକ ସଜାଡ଼ି ଠିକ୍ କରିଦେବା କାମରେ ମତେ ସାହାଯ୍ୟ କରନ୍ତା ।

ଅନ୍ତରଙ୍ଗ ବନ୍ଧୁ ବୋଲି ମୋର କେହି ନ ଥିଲେ । ଯେଉଁ ଲୋକେ ମତେ ଜାଣୁଥିଲେ, 'ସେ କଷ୍ଟାମ ଲ, ସୁଖ ଭାଙ୍ଗି ଦେଇ ବାଜେଇଦେବାକୁ ପଡ଼ିବ ।'' ମୁଁ ସେମାନଙ୍କ ପ୍ରତି ଆକୃଷ୍ଟ ହୋଇ ନ ଥିଲି କି ତାଙ୍କ ସଙ୍ଗରେ ବିଶ୍ୱାସରେ ମନ ଖୋଲି କଥା କହିବାକୁ ସେମାନେ ମୁହଁ ଦେଉ ନ ଥିଲେ । ସେମାନେ ଅଳ୍ପ କେତୋଟି ବିଷୟରେ ଆଲୋଚନା କରିବାକୁ ଆଗ୍ରହୀ । ମୁଁ ଅନ୍ୟ କୌଣସି କଥା ପକାଇଲା-ମାତ୍ରେ ସେମାନେ ପଦେ କଥାରେ ମତେ ଉପଦେଶ ଦେଇଦିଅନ୍ତି :

"ଛାଡ଼ ସେକଥା ।''

ଗୁର ପ୍ରେତ୍‌ନିଅଭ ଗିରଫ ହେଲା । ତାକୁ ଜାହାଜରେ ପୁରେଇ ସେଣ୍ଟ ଜେଲ୍‌କୁ ନେଲେ । ସେ ଜେଲ୍ ସେଣ୍ଟ ପିଟର୍ସବର୍ଗ ସହରରେ । ଖବରଟା ମୁଁ ସେଇ ପାହାନ୍ତାରେ ପାଇଗଲି ପୁଲିସବାଲା ନିକଟରୁ । ହଠାତ୍ ରାସ୍ତାରେ ତା'ର ମୋର ଦେଖା ହୋଇଯାଇଥିଲା । ରାସ୍ତା କଡ଼ରେ ସେ ଧୀରେ ଧୀରେ ପାଦ ପକାଇ ମୋ ଆଡ଼କୁ ଆସିଲା, ମତେ ଯେମିତି ପୂର୍ବରୁ ଚିହ୍ନୁଛି, ସେମିତି । ତା'ର ସବୁଯାକ ପକେଟ ଚଳେଇଥାଏ । ସେ କ'ଣ ଭାବୁଥାଏ । ଆମେ ପାଖ ପାଖ ହେବାରୁ ନମସ୍କାର କରିବା ଭଙ୍ଗୀରେ ସେ ହାତ ପାପୁଲିକୁ ତା' ଟୋପିରେ ଲଗାଇଲା ; କିନ୍ତୁ ନ ଅଟକି ଚାଲିଗଲା । ତା'ପରେ ମୋ ପିଠିଆଡ଼େ ହଠାତ୍ ଅଟକିଯାଇ ଧାଗଡ଼ା ପାଟିରେ କହିଲା :

"କାଲି ରାତିରେ ଗୁର ପ୍ରେତ୍‌ନିଅଭକୁ ଗିରଫ କରାଗଲା ।''

ସେ ସଡ଼କର ଏପାଖରୁ ସେପାଖ ଦୃଷ୍ଟି ପକାଇନେଲା । ତା'ପରେ ସତେ ଯେମିତି ନିକର୍ତ୍ତବ୍ୟ ହୋଇ କହୁଛି, ସେହିପରି ଭଙ୍ଗୀରେ ହାତ ପାପୁଲିକୁ ହଲାଇ ଭୁନ ଭୁନ ହୋଇ କହିଲା :

"ପିଲାଟା ବଡ଼ର ସର୍ବନାଶ ହୋଇଗଲା !'' ତା'ର ଚତୁର ଆଖିକୋଣରେ ଲୁହ ପରି କଣ ଗୋଟାଏ ଜକଜକ ଦିଶିଲା ।

ପ୍ରେତ୍‌ନିଅଭ ଗିରଫ ହେବ ବୋଲି ଆଗରୁ ଆଶଙ୍କା କରୁଥିଲା, ମୁଁ ଜାଣିଥିଲି । ସେ ମତେ ସେକଥା କହି ସାବଧାନ କରାଇଦେଇଥିଲା । ମତେ କହିଥିଲା, ମୁଁ ଯେମିତି

Digitized by srujanika@gmail.com

ତା'ଠୁଁ ଦୂରେଇ ରହେଁ । ମୋ ଭଳି ତା'ର ବି ଯୁବତୀମାନଙ୍କ ପ୍ରତି ବହୁତ ସ୍ନେହ ଥିଲା ।' ସେ ମତେ କହିଥିଲା, ଯୁବତୀମାନଙ୍କୁ ବି ସାବଧାନ କରିଦେବାକୁ ।

ତଳକୁ ମୁହଁ ପୋଛି ଅସ୍ତ୍ରହସ୍ତ୍ୟ ସ୍ୱରରେ ନକଲିବାଚ୍ ମତେ ପଚାରିଲା :

"ତୁମେ ଆଉ କାହିଁକି ଆସୁନା ?"

ସେଦିନ ସନ୍ଧ୍ୟାରେ ମୁଁ ତା' ପାଖକୁ ଗଲି । ସେ ସେତିକିବେଳେ ନଦରୁ ଉଠିଥାଏ: ଖଟ ଉପରେ ବସି ହ୍ୱିସ୍କି ମଦ ପିଉଥାଏ । ତା' ସ୍ତ୍ରୀଲୋକଟା ଝିରଭା ପାଖେ ଜାବକନ୍ତ ହୋଇ ବସି ତା' ପାଇଜାମାରେ ଟଙ୍ଗ ସିଲେଇ କରୁଥାଏ ।

ସେ ଗ୍ଲାସ ଶେଷ କରିଦେଲା । ଗ୍ଲାସଟାକୁ ବହଳ ହୋଇ ଢାଳି ବଢ଼ିଥାଏ । କ'ଣ ଭାବିଲା ପର ହୋଇ ଘର ସେମୂଣ୍ଡରୁ ମୋ ଆଡ଼କୁ ଅନାଇଁଦେଇ କହିଲା :

"ସେଇ କଥା ପଚ୍ଚ ! ବାକ୍ସ ଖିଲାପ୍ କଲେ । ସମ୍ରାଟଙ୍କ ବିରୁଦ୍ଧରେ ପ୍ରସ୍ତର-ପଟ ଗ୍ରୁପିବା ଅକାଣେ ସେ ଯେଉଁ କରେଇରେ ସ୍ୟାଣ୍ଡ ଧରିଥିଲେ, ସେ କରେଇ ତା' ପାଖକୁ ଜବତ୍ କଲେ ।"

ଥ'କରେ ଘର ଚଟାଣ ଉପରେ ଛେପ ପକେଇ ସେ ସ୍ତ୍ରୀଲୋକଟା ଉପରକୁ ରଡ଼ି ଛାଡ଼ିଲା, "ଆବେ୍, ମୋ ପ୍ୟାଣ୍ଟ୍ ଦେ ।"

ମୁହଁ ନ ଟେକି ତା' ସ୍ତ୍ରୀଲୋକଟା କହିଲା :

"ଦେଉଛି, ଟିକିଏ ରହିଥା !"

ସେ ସ୍ତ୍ରୀଲୋକ ଆଡ଼କୁ ହାତ ଦେଖାଇ ଗୁଡ଼ା ମତେ ବୁଝେଇଦେଲା . "ସେ ତା' ପାଇଁ ମନକଷ୍ଟ କରୁଛି ; ଜନଗାଳ କାନ୍ଦୁଛି । ଆରେ ବାବୁ, ତା' ପାଇଁ କ'ଣ ମୋ ମନରେ ଦୁଃଖ ହେଉନାହିଁ ? ତେବେ ବୁଝିନ, ସମ୍ରାଟଙ୍କ ଶତ୍ରୁ ବିରୁଦ୍ଧରେ ସାମାନ୍ୟ ଗ୍ରହଟାଏ କଣ୍ଟା କରିପକେଇବ ହୋ ?"

ସେ ପୋଷାକ ପିନ୍ଧି ପକେଇଲା ; କହିଲା :

"ରହିଥା, ଏଇକ୍ଷଣି ଆସୁଛି ଯେ । ହେଇ, ଗ୍ଲାସ କେଟ୍‌ଲି ତଳେ ।"

Digitized by srujanika@gmail.com

ତା' ଝୁଲଣା ଖାଟ ପର ବସିଥାଏ । ଝରକାବାଟେ ପଦାକୁ ଅନାଇଥାଏ । କିନ୍ତୁ ଯେମିତି କବାଟ ବନ୍ଦ ହୋଇଛୁ, ସେମିତି ଚଟ୍‌କନା ସେ ଖୁଲିପକେଇ, ହାତ ମୁଠାଇ ତା' ହୃଦେଶରେ ରଖା ହସୁଥିଲେ । ରାଗରେ ଦାନ୍ତ ଦେଖାଇ ସଁ ସଁ ହୋଇ କହୁଲା : "ସଇତାନ ବୁଢ଼ା କାହିଁକା !" କାନ୍ଦ କାନ୍ଦ ତା' ମୁହଁ ଫୁଲିଯାଇଥାଏ । ତା' ବାଁ ଆଖି ଉପରେ ମାଡ଼ ବସିଥାଏ ଯେ ଆଖି ଉପରଟା କଳା ପଡ଼ିଯାଇ-ଥାଏ । ଆଖିଟା ପ୍ରାୟ ବନ୍ଦ ଥାଏ । ସେ ଉଠିପଡ଼ି ଉଠାଚଲି ପାଖକୁ ଗଲା, ସୁହା ବୋତଲ୍ ଉପରେ ନଇଁପଡ଼ିଲା, ଫସ୍ ଫସ୍ କରି ମୋ ଆଗରେ କହିଲା :

"ରଇଥା, ରଇଥା, ଦେଖ ଯାଉନାହିଁ । ମୁଁ ତାକୁ ଚଟା କାଟିବି ଯେ! ଏମିତି ଚଟା କାଟିବି ଯେ, ଗଧିଆ ଯେମିତି ଗଡ଼ରେ ବୋବାଏ, ସେମିତି ସେ ବୋବାଉଥିବ । ହସିଥିଲ, ତା' କଥା ପଢ଼େହେଲେ ବିଶ୍ୱାସ କରିବ ନାହିଁଟି ! ସତେ ନୁହେଁ ! ସେ ଚେଷ୍ଟା କରୁଛି କେମିତି ଆମକୁ ଜାଲରେ ପକାଇବ । ସେ ଯେତେ ଯାହା କହୁଛି, ସବୁ ମିଛ ମିଛ । ତାହାର ପାଠ ତା' ମନରେ ଏତେ ଟିକିଏ ଦାଗ ହେଇ ନାହିଁ । ସେ ଖାଲି ମାଛ ଧରିବ ବୋଲି ସବୁ ଜାଲ ପକାଉଛି ! ଆଉ କଣ କି ? ତୁମର ସବୁ କଥା ସେ ଜାଣିଚି । ସେଇଥି ପାଇଁ ତା' ଜୀବନ, ବୃତ୍ତି—ମଣିଷ ଶିକାର !"

ସେ ମୋ କଡ଼କୁ ଘୁଞ୍ଚିଆସିଲା । ଭୟ ମୁଠିଏ ମାଗିଲାବେଳେ ଭିକାରି ଯେମିତି ନେହୁରା ହୁଏ, ସେମିତିଆ ସ୍ୱରରେ କହିଲା :

"ହେଇତ ଶୁଣ, ମତେ ଟିକିଏ ଗେହ୍ଲା ଆଦର କରନ୍ତ ନାହିଁ ?"

ସେ ମାଇକିନିଆ ମତେ ଅପ୍ରୀତିକର ଲାଗୁଥାଏ । କିନ୍ତୁ ଯେଉଁ ଗୋଟାଏ ଆଖି ସେ ମୋ ଆଡ଼କୁ କଲା, ସେ ଆଖିରେ ଏତେ ଲୁହ, ଏତେ ଆତୁର ଯାତନା ଝଲ୍‌ଝଲ୍-ହଉଥାଏ ଯେ ମୁଁ ଗୋଟାଏ ହାତରେ ତା' ଅଣ୍ଟା ବେଢ଼େଇ ଧରି ଆର ହାତରେ ତା ମୁଣ୍ଡର ଅଳିଆ ବାଳକୁ ଆଉଁଷିଲି । ତା ବାଳ ମୋ ହାତକୁ ଲାଗୁଥାଏ ଜରଡ଼ା ଆହୁ ଚର୍ବି ବୋଳାହୋଇ ପରି ।

"ଅଇଛା ସେ କାହା ଗୋଟୁ ଭଣ୍ଡ ଟି ?"

"ଶବ୍ଦରସ୍ଥାଦଘାସ୍ଥା ନଈ ଉପରେ ଗୋଟାଏ ଚଟିଘର ଅଛୁ । ସେଇଠେ ଥୋଡ଼ାଏ ଲୋକ ରହନ୍ତି ଯେ, ସେ ତାଙ୍କର ପିଲ୍ଲା ଲାଗେଚ ।"

"କଣ ତାଙ୍କ ନାଁ ?"

ମୁରୁକି ହସିଦେଇ ସେ କହିଲା :

Digitized by srujanika@gmail.com

"ତେମେ ଯାହା ଯାହା ପଚାରିଲ, ଧର, ମୁଁ ତା' ଆଗରେ କହିଦେବି, ଏ • ଅଟକିଲା କେ ଅଟକିଲା ! ଶତଶ ଟଙ୍କେ ହଣ୍ଡି ହଣ୍ଡି ପଡ଼ି ରହିଛି ଧଇଲେ, ଅଛି ଭଏ ନ ?"

ସେ ମୋ ପାଖରୁ ଚାଲି ପଶି ଧାଇଁଗଲ ହୁଠାଚନ୍ଦ୍ର ପାଖକୁ ।

ଦଳପତିଙ୍କ ହାତରେ କେଉଁ ଅଶିଆଏ ପାଉଁରୁଛି, ମୁରବା ଅଛି ଉଦ୍‌ଭା ମତ । ଆମେ ତିନଦିନ ଚୁଡ଼ା ଖାଇବସିଲୁ । ମେଣ୍ଢା ମୋ ପାଖରେ ବସିଥାଏ । ସେ ବହୁତ ଆଗ୍ରହରେ ମୋ ଥାଳରେ ଚକଷିଆ ଯୋଉଥାଏ । ତା'ର କେଉଁ ଅଶିକ୍ଷ ଭଳ ଥାଏ, ସେ ଆଖିର ଚାହାଣି ବାରମ୍ବାର ମତେ ହେତୁସ୍ୱରରେ ପଶାଉଥାଏ । ଏଣେ ତା' ସ୍ୱାମୀ ମୋର ହାତ ଦେଇ ଦେଇ ଗାଡ଼କଥା ବ୍ୟାଖ୍ୟା କରୁଥାଏ :

"ସେ ରହିଛି ଲୋକଙ୍କ ହୃଦୟ ଭିତରେ, ତାଙ୍କ ଅସ୍ଥିମଜ୍ଜା ଭିତରେ—ସେଇ ଅଦୃଶ୍ୟ ସତା । ତାକୁ କେହି ଛୁଇଁପାରିବ ? ଛୁଇଁହେବ ନି ଦେଖିବା ! ଛୁଇଁହେବ ଦେଖିବା ! ଦେଶର ଲୋକଙ୍କ ପକ୍ଷରେ ସମ୍ରାଟ୍ ଯେ ଭଗବାନ ସେ !"

ହୁଠାତ ମତେ ପଚାରିଲ :

"ହଇଓ, ତୁମେ ତ ଏତେ ବହି ପଢ଼ିଚ ! ଅଚ୍ଛା, ତୁମେ ବାଇବେଲ ପୁରାଣ ପଢ଼ିଚ ? ଯଦି ପଢ଼ିଛ, ତେବେ ତମର ମତ କ'ଣ ? ସେଥିରେ ଯେତେ ଯାହା ଲେଖା ହୋଇଛି, ସେସବୁ କଥା କଣ ସତ ?"

"ମୁଁ ଜାଣିନାହିଁ ।"

"ମତେ ଲାଗେ, ସେଥିରେ ବହୁତ ବାଜେକଥା ଲେଖାହୋଇଛି, ବହୁତ ! ଯେମିତି ଦେଖ, ଭିକାରିମାନଙ୍କ ବିଷୟରେ ଯାହା ଲେଖା ଅଛି, କ'ଣ ନା—ଗରିବ ଲୋକେ ଧନ୍ୟ ! ଆରେ ବାବୁ, ଗରିବ ହେବାରେ ଧନ୍ୟ ହେବା କଥା କ'ଣ ଅଛି ? ସେଥିରେ ସେମିତିଆ କଥାଗୁଡ଼ାକ—ବୁଝିଲ ନା, ସେଗୁଡ଼ାକ ଅବଚେତାଙ୍କ । ତମକୁ ବାଛି ପକାଇବାକୁ ପଡ଼ିବ, କଏ ମୂଳରୁ ଗରିବ, ଆଉ କଏ ଗରିବ ହୋଇଯାଇଛି । ଯେ ମୂଳରୁ ଗରିବ, ସେ କାହାର କି ଉପକାରରେ ଲଗୁଛି ? କିନ୍ତୁ ଜଣେ ଯେବେ ଗରିବ ନ ଥିଲ, ଗରିବ ହୋଇଯାଇଛି, ତେବେ ବା ତା'ର ଭାଗ୍ୟଦୋଷ ବି ହୋଇ-ପାରେ । କଥାଟାକୁ ସେମିତିଆ ବୁଝିବାକୁ ପଡ଼ିବ । ସେମିତି ଅର୍ଥ କଲେ ଠିକ ଭଲ !"

"କାହିଁକି ?"

Digitized by srujanika@gmail.com

ସେ ଅପଲକନା ଟିକଏ ଚୁପ ହୋଇଗଲେ । ଖୋଜିଲା ଖୋଜିଲା ଚାହାଣିରେ ମୋ ମୁହଁକୁ ଅନାଇଁରହିଲେ । ତା'ପରେ ପୁଣି କଥା କହିଲେ । କଥାସବୁ ସେହି ଓଜନଦାର ଅଥଚ ପରିଷ୍କାର । ଲାଗୁଥାଏ, ସେ ବହୁତ ଭାବି ଭାବି ସେସବୁ ଧାରଣା ଗଢ଼ିଛନ୍ତି । କହିଲେ :

"ବାଇବଲ୍ ପୁସ୍ତକରେ ଅନେକ ଜାଗାରେ ଦୟା କଥା ଲେଖା ହୋଇଛି । ଅଥଚ ଦୟାଟା ବଡ଼ ବିପଜ୍ଜନକ । ମତେ ତ ସେମିତି ଲାଗେ । ଦୟା ଅର୍ଥ—ଦୁର୍ବଳ ଲୋକଙ୍କ ପିଛା, ଏପରିକି ବିପଜ୍ଜନକ ଲୋକଙ୍କ ପିଛା କୋଟିକୋଟି ଟଙ୍କା ଖର୍ଚ୍ଚ କରିବା । ଅନାଥାଶ୍ରମ, ଜେଲଖାନା, ପାଗଳ ଗାରଦ, ଏସବୁଗୁଡ଼ାକ ପିଛା ପଇସା ଖର୍ଚ୍ଚ କରିବା । ସାହାଯ୍ୟ କରିବା ଦରକାର ଯେଉଁମାନେ ବଳୁଆ, ଯେଉଁମାନେ ସ୍ୱାସ୍ଥ୍ୟବନ୍ତ ସେମିତିଆ ଲୋକଙ୍କୁ । ତା'ହେଲେ ସେମାନଙ୍କ ବଳ ଆଉ ବୃଥାରେ ନଷ୍ଟ ହୁଅନ୍ତା ନାହିଁ । ଓଲଟି ଆମେ ଦୁର୍ବଳିଆ ଲୋକଙ୍କୁ ହିଁ ସାହାଯ୍ୟ କରିଥାଉଁ । ସତେ ଯେମିତିକି ସାହାଯ୍ୟ କରିଦେଲେ ଦୁର୍ବଳିଆଗୁଡ଼ାକ ବଳୁଆ ହୋଇଯିବେ ! ଫଳରେ କ'ଣ ହୁଏ ନା, ବଳୁଆ ଲୋକଙ୍କର ବଳ ହଟିଯାଏ, ଆଉ ଦୁର୍ବଳିଆ ଲୋକେ ତାଙ୍କ ଉପରେ ଘୋଡ଼ା ଚଢ଼ନ୍ତି । ଦେଖିଲ ! ଅଡ଼ୁଆଟା ଏଇଠି । ଏମିତି ଅନେକ ଜିନିଷ ଅଛି, ଯାହା ବିଷୟରେ ଆମେ ଆଉ ଥରେ ଭାବିବା ଦରକାର, ଆମ ମତ ବଦଳେଇବା ଦରକାର । ଏଇ କଥାଟି ମୁଣ୍ଡରେ ପୂରାଇବାକୁ ପଡ଼ିବ : ମଣିଷ ଜୀବନ ବାଇବଲ୍‌ଠୁ ଅଲଗା ହୋଇଯାଇଛି, ବହୁକାଳୁ । ଜୀବନ ତା' ନିଜ ବାଟରେ ଚାଲେ । ସେଇ ପ୍ରେତ୍ରନିଅଭ କଥା ବିଚାର କର ! କାହିଁକି ସେ ହଟହଟା ହେଲ ? କାହିଁକି ? ଦୟା ଲାଗି । ଆମେ, ଦୟା ବଳୋଇଛୁ ବୋଲି ଭିକାରୀମାନଙ୍କୁ ଭଲ ଦେଉଚ୍ଛି ! ଯୁଦ୍ଧଙ୍କ ବେଳକୁ ଆମଠି ଦୟା ନାହିଁ, ସେମାନେ ପଚେ ଗଢ଼ ମରନ୍ତୁ । କହିଲ, ଏଇଟା କ'ଣ ଯୁକ୍ତିଯୁକ୍ତ ?"

ତା' ଆଗରୁ ମୁଁ ସେମିତିଆ ଧାରଣାମାନଙ୍କ ସମ୍ପର୍କରେ ଅପେକ୍ଷିତ । ସେସବୁ ଧାରଣାମାନଙ୍କର ପ୍ରସାର ଯେତେ ବୋଲି ଲୋକେ ସାଧାରଣତଃ ଭାବନ୍ତି, ତା'ଠୁ ତା' ପରିସର ଅନେକ ବେଶି । ସେସବୁ ଧାରଣା ଯେତେ ଶୀଘ୍ର ବୁଝିହୋଇପାରିବ ବୋଲି ଲୋକେ ଭାବନ୍ତି, ସେ ଧାରଣାଗୁଡ଼ାକ ସେତେ ଶୀଘ୍ର ଯାଏ ନାହିଁ, ମାଡ଼ିବସି ରହେ । କିନ୍ତୁ ତା'ଆଗରୁ ଏମିତି ଖୋଲାଖୋଲି ଭାବରେ, ଏମିତି ସ୍ପଷ୍ଟ କରି ମୋ ଆଗରେ କେହି ସେସବୁ କଥା କହି ନ ଥିଲେ । ସାତବର୍ଷ ଖଣ୍ଡେ ତଳପରେ ମୁଁ ଯେତେବେଳେ ଦାର୍ଶନିକ ନିଟସେଙ୍କ ବହି ପଢ଼ିଲି, ସେତେବେଳେ ଜାଜାନ୍‌ର ସେ ପୁଲିସବାଲା ମୋ ଆଗରେ ଯେଉଁ ଦର୍ଶନ ବୁଝାଉଥିଲେ ତା' ମୋର ସ୍ପଷ୍ଟ ହୋଇ ମନେ ପଡ଼ିଗଲା । ମୁଁ ଏକଥା କ

Digitized by srujanika@gmail.com

କହିବି ଯେ ବହିମାନଙ୍କରେ ମୁଁ ଯେଉଁ ଯେଉଁ ଧାରଣାମାନ ପଢ଼ିଛି, ବାସ୍ତବ ଜୀବନରେ ସେସବୁ ଧାରଣା ମୁଁ ଅନ୍ୟମାନଙ୍କ ପାଖରୁ ବି ଶୁଣିଛି, ଏଭଳି କ୍ୱଚିତ୍ ଘଟିଛି ।

ବୁଢ଼ା 'ମଣିଷ ଶିକାରୀ' ଜଣକ ମନଇଚ୍ଛା ଗପିଯାଉଥାଏ । କଥା କହୁକହୁ କଥା ସହିତ ତାଳ ଦେଇ ଦେଇ ପକାଇ ପକାଇ ସ୍ଥିରାକମ୍ପ ରହୁଥିବା ତାଳୁ ଉପରେ ଆଙ୍ଗୁଠିରେ ବାଜା ବଜାଉଥାଏ । ତା'ର ପତଳା ମୁହଁଟା ଶକ୍ତ ହେଲାପରି ଭଙ୍ଗୀରେ କଠୋର ହୋଇ ରହିଥାଏ । କିନ୍ତୁ ସେ ମୁହଁ ମୋ ଆଡ଼କୁ ବୁଲି ନ ଥିଲା ; ମାତ୍ର ଚକ୍ ଚକ୍ ହୋଇ ଦର୍ପଣ ପାଲଟିଥିବା ତମ୍ବା ସ୍ଥିରାକେଟଲ ଆଡ଼କୁ ତା' ମୁହଁ ବୁଲିଥାଏ ।

ଦି'ଥର ତା' ସ୍ତ୍ରୀ ତା'ମନେ ପକାଇଦେଲା, "ତମେ ଯିବ ପରା ! ବେଳ ହେଲା ଯେ ?" କିନ୍ତୁ ତାକୁ କିଛି ଉତ୍ତର ନ ଦେଇ ପଡ଼କ ଉପରୁ ଆଉ ପଦେ ଏମିତି ସେ ତା' ଚନ୍ଦ୍ରାର ଟାଙ୍କି ହୋଇଥିବା ମୃତା ଉପରେ ପଦ ପଦ କରି କଥା ଗୁନ୍ଥି- ଲାଗିଥାଏ । ତା'ପରେ ହଠାତ୍ ସେ କଥାବାର୍ତ୍ତାରେ ଗୋଟାଏ ନୂଆ ସୁର୍ ଖେଳି- ଦେଲା ; କହିଲା :

"ତୁମେ ତ କିଛି କ୍ଷୀର ଖିଆ ପିଲା ନୁହଁ, ପାଠପଢ଼ା ପିଲା ! ଏ ଚୁଟି କାର- ଖାନାଟା କ'ଣ ତୁମ ଲାଗି କାଗା, ଦାଉ ? ସମ୍ରାଟଙ୍କ ସାମ୍ରାଜ୍ୟର ସ୍ୱତ ପାଇଁ ତୁମେ କାମ କରିପାରନ୍ତି, ଭଲେ କାମ ; ଏକା ପଇସା ରୋଜଗାର କରନ୍ତି, ଅଧିକ ବି ରୋଜଗାର କରନ୍ତି ।"

ସେ କହୁଥାଏ, ମୁଁ ଶୁଣୁଥାଏଁ । କିନ୍ତୁ ମୋ ମନ ଭିନେ ଅଟେ ଥାଏ । ମୁଁ ଭାବୁଥାଏଁ, ଶବ୍‌ନ୍‌ରସ୍ୱାଦ୍‌ସ୍ୱାସ୍ୱା ନଈ ଉପରେ ଯେଉଁ ଲୋକେ ବସା କରି ଅଛନ୍ତି, ଯେଉଁମାନେ ମୋର ଅଜଣା ଥିଲେ, ମୁଁ କେମିତି ତାଙ୍କୁ ସାବଧାନ କରାଇଦେବି ସେ ଜକଫଶର୍ ତାଙ୍କ ପିଛୁ ନେଇଛି । ସେଠି ସେ ଚଟିଘରେ ପଶିଗଲା ସମଭ୍ ବୋଲି ଜଣେ ଥାଏ, ସ୍ୱାଲୁଚୋରଭସ୍ତରେ ଫଳାକେତେ ଜଙ୍ଗଲବଣ୍ଡ ଖେଳି ସେ ଅଲବତ ହେଲ ଅଛିଥାଏ । ମୁଁ ତା' ବିଷୟରେ ବହୁତ କଥା ଶୁଣିଥାଏଁ, ସବୁ କଥା ରୋମାଞ୍ଚକର ।

ପୁଲିସବାଲା କହୁଥାଏ, "ଆରେ, ବୁଢ଼ିଥିବା ଲୋକେ ଏକଜୁଟ ହୋଇ କାମ କରିବା ଦରକାର, ଯେମିତି ମହୁମାଛିମାନେ ମହୁଫେଣାରେ କାମ କରନ୍ତି, କି ବାଳୁଙ୍ଗାମାନେ ବଲ୍ମୀକରେ କାମ କରନ୍ତି । ସମ୍ରାଟଙ୍କ ସାମ୍ରାଜ୍ୟ—"

ତା' ସ୍ତ୍ରୀ କହିଲା, "ଘଣ୍ଟାକୁ ଅନେଇଲଣି ! ନଅ ବାଜିଲଣି !"

Digitized by srujanika@gmail.com

"ମଲ୍ଲ····ସା"

ନକଙ୍ଗରଚ୍ ଧଡ଼୍‌କନା ହଠାତ୍ କାକୋଟ୍‌ରେ ବୋତାମ ଲଗାଇ ପକାଇଲ ।

କହିଲ, "ହଉ ହଉ, 'ଗୋଟାଏ ଭଡ଼ାଗାଡ଼ି ଧରିନେବ'। ହଉ, ତମେ ଯାଅ ବାବୁ, ଯେତେବେଳେ ମନ ହେବ, ଆସୁଥିବଟି !"

ତା' ଘରୁ ଚାହାଣିପଡ଼ିଲି । ମନେ ମନେ ଠିକଣା କଲି ଆଉ ଦିନେ ତା' ପାଖକୁ ଯିବି ନାହିଁ । ବୁଢ଼ା ଖୁବ୍ ବଚଳ ଲୋକ । କିନ୍ତୁ ଅଦୌ ମତେ ତାକୁ ଭଲ ଲାଗେ ନାହିଁ, ଘୃଣା ଲାଗେ । ଦସ୍ୟୁ ଦ୍ୱାରା ଏତେ କ୍ଷତି ହୁଏ ବୋଲି ସେ ଯାହା କହିଲା, ସେକଥା ଶୁଣି ମୁଁ ଚମକିତ ହେଲି । କଥାଗୁଡ଼ାକ ମୋ ସ୍ମୃତିପଟରେ ଲେଖିଗଲା, ଭୁଲି ହେଲା ନାହିଁ । ମତେ ଲାଗିଲା, ସେ କଥାରେ କିଛି ସତ ଅଛି । କିନ୍ତୁ ଜଣେ ପୁଲିସବାଲାଠୁଁ ଯେଉଁ ତତ୍ତ୍ୱ ଶୁଣିବ ବୋଲି ମଣିଷ ଭାବିଥିବ, ସେ କଥା ଭିତରେ ଥିବା ତତ୍ତ୍ୱ ତା'ର ବିରୋଧୀ ।

ସେ ବିଷୟରେ ଅନ୍ୟମାନଙ୍କ ଭିତରେ ଅନେକ ସମୟରେ ବାଦାନୁବାଦ ଲାଗେ । ଥରେ ସେମିତି ବାଦାନୁବାଦ ବେଳେ ଯେଉଁ ଆଲୋଚନା ଶୁଣିଲି ସେଥିରେ ମୋ ମନ ବିଚଳିତ ହୋଇଗଲା ।

ଆମ ସହରକୁ ଜଣେ 'ଟଲଷ୍ଟୟପନ୍ଥୀ' ଲୋକ ଆସିଥାଏ । ମୁଁ ସେଭଳିଆ ଲୋକ ଦେଖିବା ସେହିଥର ପ୍ରଥମ । ଡେଙ୍ଗା ମଣିଷ, ହାଡ଼ଗୁଡ଼ାକ ମୋଟା ମୋଟା, ଦେହର ରଙ୍ଗ କାଳିଆ । ଦାଢ଼ି ଛେଳିଦାଢ଼ି ପରି, ଓଠ ନିଗ୍ରୋ ଓଠ ପରି ମୋଟା ମୋଟା । ଟିକିଏ ନଇଁଲା ପରି ଦିଶୁଥାଏ । ଲାଗୁଥାଏ ଯେମିତି ତା' ଦୃଷ୍ଟି ସବୁବେଳେ ତଳକୁ । କିନ୍ତୁ ହଠାତ୍ ଗୋଟାଏ ଝାଙ୍କ ମାରିଦେଇ ସେ ତା' ଲମ୍ବା ମୁଣ୍ଡକୁ ପଛକୁ ଭିଡ଼ିଦିଏ । ସେତେବେଳେ ତା'ର ଓଦା ଓଦା ଗାଢ଼ କାଳିଆ ଆଖିର ଜଳନ୍ତା ଚାହାଣି ଅନ୍ୟଲୋକର ହୃଦୟ ଭିତରେ ବିଦ୍ଧ ହୋଇ ଯାଏ । ତା'ର ସ୍ପଷ୍ଟ ଦୃଷ୍ଟିରେ ବିଦ୍ରୋହ ଫୁଟୁଥାଏ । ୟୁନିଭର୍ସିଟିର ଜଣେ ଅଧ୍ୟାପକଙ୍କ ଘରେ ଆଲୋଚନାଟା ଚାଲିଥାଏ । ଅନେକ ଯୁବକ ଆସିଥିଲେ । ତାଙ୍କ ଭିତରେ ଜଣେ ଧର୍ମପ୍ରଚାରକ ଥିଲା, ସବୁ ହୋଇ ସାନ ମଣିଷଟିଏ । ସେ 'ମାଷ୍ଟର ଅଫ୍ ଡିଭିନିଟି' ପଦ ପାଇସାରିଥାଏ । କାଳିଆ ସିଲ୍‌କର ଲମ୍ବା କୋଟଟାଏ ସେ ପିନ୍ଧିଥାଏ । ସେଥିଯୋଗୁଁ ତା'ର ସୁନ୍ଦର ଗୋରା ଚେହେରା ଅତୁଳ ସୁନ୍ଦର ଦିଶୁଥାଏ । ତା'ର ଧୂସର ଶାନ୍ତ ଆଖି ଯୋଡ଼ିକ ମଧୁର ହସରେ ଝଟକି ଉଠୁଥାଏ ।

Digitized by srujanika@gmail.com

ଟଲଷ୍ଟୟପନ୍ଥୀ ଜଣକ ଖ୍ରୀଷ୍ଟିଆନ୍ ଧର୍ମଗ୍ରନ୍ଥରେ ଲେଖାହୋଇଥିବା ଚମତ୍କାର ତତ୍ତ୍ୱମାନଙ୍କ ବିଷୟରେ ଓ ସେ ତତ୍ତ୍ୱମାନଙ୍କ ଶାଶ୍ୱତପଣିଆ ବିଷୟରେ ବହୁତ ବୁଝାଇ ବୁଝାଇ କହିଲା । ତା' ସ୍ୱର ମଠିଆ ମଠିଆ ଶୁଭୁଥାଏ । ବାକ୍ୟଗୁଡ଼ିକ ସାଜ ସାଜ, ମାପିଚୁପି କଟା ହେଲ ପରି । କିନ୍ତୁ ତା'ର ପ୍ରତ୍ୟେକ ଶବ୍ଦରେ ବଳ ଥିଲା । ଜଣାପଡ଼ୁଥିଲା ଯେ ସେ ଯାହା କହୁଛି, ତହିଁରେ ତା' ନିଜର ଆନ୍ତରିକ ବିଶ୍ୱାସ ରହିଛି । କଥା କହିଲାବେଳେ ବାରମ୍ବାର ତା'ର ବୁମସାଲୁସାଲୁ ବାଁ ହାତ ହାଣିପକାଇବା ଭଙ୍ଗୀରେ ତା' ଦେହ ଉପରେ ସାଙ୍ଗେସାଙ୍ଗେ ଛୁଟି ହେଉଥାଏ । ସବୁବେଳେ ସେହି ଏକା ମୁଦ୍ରା । ତା' ଡାହାଣ ହାତ ଥାଏ ତା' ପକେଟ୍ ଭିତରେ ।

ମୋ'ଠୁ ବେଶି ଦୂର ନୁହେଁ, ଘରକୋଣରେ ଜଣେ କିଏ ବସିଥାଏ । ସେ ଫୁସ୍ ଫାସ୍ କରି କହିଲା, "ଅଭିନୟ ଦେଖାଉଛି ।" ଆଉ ଜଣେ କହିଲା, "ହଁ, କହିବା ଭଙ୍ଗୀ ତ ବେଶି ଲାଗୁଛି ଥିଏଟର କଲା ପରି ।"

ତା'ର ଅଳ୍ପଦିନ ପୂର୍ବରୁ ମୁଁ ଗଣ୍ଡିଏ ବହି ପଢ଼ିଥିଲି, ତା'ର ଲେଖକଙ୍କ ନାଁ କ୍ରେପର । ଖ୍ରୀଷ୍ଟିଅନ୍ କ୍ୟାଥଲିକ୍ ସମ୍ପ୍ରଦାୟ ବିଜ୍ଞାନ ବିରୁଦ୍ଧରେ ଯେଉଁ ବିରୋଧ ଚଳେଇଥାଏ, ବହିଟା ସେହି ବିଷୟରେ । ମତେ ଲାଗିଲା, ଟଲଷ୍ଟୟପନ୍ଥୀ ଜଣକ ସେହି ବହିର ଲେଖକ ଭଳିଆ ମଣିଷ ଜଣେ । ପ୍ରେମ ବଳରେ ଏ ଜଗତକୁ ଉଦ୍ଧାର କରିହେବ ବୋଲି ସେଭଳି ଲୋକଙ୍କର ଉନ୍ମତ୍ତ ବିଶ୍ୱାସ । ବିଶୁଦ୍ଧ କରୁଣାରେ ମାତିଯାଇ ସେଭଳି ଲୋକେ ଏ ସଂସାରରେ ରହୁଥିବା ଅନ୍ୟାନ୍ୟ ମଣିଷଙ୍କୁ ଭାଇଙ୍କି ଭିଣିଭିଣା କରିବାକୁ, ଜାଳିବାକୁ ବି ପ୍ରସ୍ତୁତ ।

ସେ ପିନ୍ଧିଥାଏ ଗୋଟାଏ ଧଳା କାମିଜ । ତା' ହାତପାଖ ଖିଅ ଓସାର । କାମିଜ୍ ଉପରେ ଗୋଟାଏ ଲୋମ୍ବକୋମ୍ବ କୋଟ୍ । ସେ ପୋଷାକରୁ ବି ସେ ସେଘରର ଅନ୍ୟ ସମସ୍ତଙ୍କଠୁଁ ବାରିହୋଇପଡ଼ୁଥାଏ ।

ବକ୍ତୃତା ଶେଷ କରି ସେ ପାଟିକଲା :

"ଅତଏବ ମୁଁ ପଚାରୁଛି, ଆପଣମାନେ ଯୀଶୁଖ୍ରୀଷ୍ଟଙ୍କୁ ମାନିବେ ନା ବୈଜ୍ଞାନିକ ଡାରଉଇନଙ୍କୁ ମାନିବେ ?"

ପ୍ରଶ୍ନଟା ଠିକ୍ ଗୋଟାଏ ଟେକା ଫୋପାଡ଼ିଲା ପରି ଫୋପଡ଼ାହେଲା —ଘରର ସେହି କୋଣକୁ, ଯେଉଁଠି ଯୁବକଯୁବତୀମାନେ ଗହଳି କରି ଏକାଠି ବସିଥିଲେ । ସେହି କୋଣରେ ସେମାନଙ୍କ ଢେବା ଢେବା ଆଖିରେ ଭୟ ଓ ଆନନ୍ଦକର ଉତ୍ତେଜନା

Digitized by srujanika@gmail.com

ହେଁକ ଉଠୁଥାଏ । ଲାଗିଲା, ଟଲଷ୍ଟୟପନ୍ଥୀର ବକ୍ତୃତା ଶୁଣି ସମସ୍ତେ ଭାବିତ ହୋଇ-ଯାଇଛନ୍ତି । ମୃଣ୍ମୟ ଗୃହର ସ୍ତବ୍ଧତାରେ ଓଜନ ହୋଇ ଓହ୍ଲାଇପଡୁଥାଏ । ତାହା ଶୁଣ୍ଡରେ କଥା ନାହିଁ । ଜଳନ୍ତା ଆଖିରେ ଘରଟାଯାକକୁ ଓଳେଇ ଓଳେଇ ସେ କଠୋର ସ୍ୱରରେ କହିଲା :

"ଏ ଦୁଇଟି ପନ୍ଥାକୁ ଏକାଠି ସାମିଲ୍ କରିବାକୁ ଚେଷ୍ଟା କରନ୍ତି କେବଳ ସେହିମାନେ, ଯେଉଁମାନେ ସ୍ୱାର୍ଥବାଦୀ, ଜଡ଼ବାଦୀ, ଛଳନାପୂର୍ଣ୍ଣ, ବାଇବେଲ୍‌ରେ ଯାହାଙ୍କୁ ଫ୍ୟାରିସି ବୋଲି କୁହାଯାଇଛି, ସେହିମାନେ । ଏ ଦୁଇପନ୍ଥା ଏକ ବୋଲି ପ୍ରମାଣ-କରିବାକୁ ସେମାନେ ଯେତେବେଳେ ଚେଷ୍ଟା କରନ୍ତି, ସେତେବେଳେ ନିର୍ଲଜ୍ଜଭାବରେ ସେମାନେ ଆପଣା ଆଗରେ ମିଛକଥା କହନ୍ତି ଓ ମିଛ କହି ଅନ୍ୟମାନଙ୍କର ଅନିଷ୍ଟ ଘଟାନ୍ତି ।"

ପ୍ରେଷ୍ଟିଥ ମଣିଷଟିଏ ଠିଆ ହୋଇପଡ଼ିଲା । ସେ ସେହି ଧର୍ମପ୍ରଚାରକ ଜଣକ । ସେ ତା' ପୋଷାକର ହାତପାଖ ଉପରକୁ ମୋଡ଼ିଦେଲା । ତା' ପରେ, ବଡ଼ଲୋକ ସାନଲୋକଙ୍କୁ ଦୟା କଲାପରି ମୃଦୁଳ ମୃଦୁଳ ହସି ବକ୍ତୃତା ଆରମ୍ଭ କରିଦେଲା । ତା' ଶୁଣ୍ଡରେ ବାଟଲି ବାଜୁ ନ ଥାଏ । କଥାର ସୁଅ ଅନର୍ଗଳ ବୋହିଯାଉଥାଏ । କଥା ବହୁତ ହେଉ ଇ ଭଦ୍, ସତେ ଯେମିତି ଶୀତଳ କଟୁରି, ଶୁଣିଲେ ହାଡ଼କୁ ମାଉଁସ ଛାଡ଼ିପଡ଼ିବ ।

କହିଲା, "ଜଣାପଡ଼ୁଛି, ବାଇବଲ୍‌ରେ ଯାହାଙ୍କୁ ଫ୍ୟାରିସି କୁହାଯାଏ, ତାଙ୍କ ବିଷୟରେ ସାଧାରଣ ଲୋକଙ୍କର ଯେଉଁ ଧାରଣା, ଆପଣଙ୍କର ବି ସେହି ଧାରଣା । ଧାରଣାଟା ଯେ ଖାଲି ଅଡଷ୍ଟି, ସେତିକି ନୁହେଁ, ବିଲ୍‌କୁଲ୍ ଭୁଲ ଧାରଣା ।"

ତା' ପରେ ମୁଁ ଆଶ୍ଚର୍ଯ୍ୟ ହୋଇ ଶୁଣୁଥାଏ । ସେ ଯୁକ୍ତି ଦେଖାଉଥାଏ ଯେ ଜୁଡ଼ିଆ ଦେଶର ଲୋକଙ୍କର ଯେଉଁସବୁ ଆଇନ୍ ଥିଲା, ଯେଉଁ ଅଇନକୁ ଜଡ଼ିଆର ଲୋକେ ତାଙ୍କ ଶତ୍ରୁମାନଙ୍କ ବିରୁଦ୍ଧରେ ପ୍ରୟୋଗ କରୁଥିଲେ, ଫ୍ୟାରିସିମାନେ ସେହି ଆଇନ୍‌ର ସଚ୍ଚୋଟ ଓ ବିଶ୍ୱସ୍ତ ରକ୍ଷକ ବୋଲି ବୁଝିବା ଉଚିତ ।

"ଉଦାହରଣସ୍ୱରୂପ, ଫ୍ଲେଭିୟସ୍ ଯୋଶେଫସ୍ କଣ ଲେଖିଛନ୍ତି, ଆପଣ ପଢ଼ନ୍ତୁ ।"

ଟଲ୍‌ଷ୍ଟୟପନ୍ଥୀ ଜଣେ ଧଡ଼କିନା ଉଠିପଡ଼ିଲା । ବାଁ ହାତରେ ଖତମ କରି-ଦେଲାପରି ମୁଦା କରି ସେ ଏକାଥରକେ ଫ୍ଲେଭିଅସଙ୍କୁ ଉଡ଼େଇଦେଲା । ପାଟିକଲା :

Digitized by srujanika@gmail.com

"ଏବେ ବି ଲୋକେ ତାଙ୍କ ବନ୍ଧୁ ମାନଙ୍କ ବିରୁଦ୍ଧରେ ଶତ୍ରୁ ମାନଙ୍କ କଥାରେ ଚାଲୁଛନ୍ତି । ଲୋକେ ନିଜ ଇଚ୍ଛା ରେକାମ କରନ୍ତି ନାହିଁ, ତାଙ୍କୁ ଅନ୍ଧେଇ ଦିଆହୁଏ ; ସେମାନଙ୍କୁ ବାଧ୍ୟକରି କାମ କରାନ୍ତି । ସେ ଯୋସେଫସଙ୍କେଁ ମୋର କ'ଣ ଅଛି ?"

ମୌଳିକ ପ୍ରଶ୍ନଟାକୁ ସେ ଧର୍ମପ୍ରଚାରକ ଓ ଅନ୍ୟାନ୍ୟ ବକ୍ତାମାନେ ନିଜ ନିଜ ବକ୍ତୃତାରେ ଖଣ୍ଡ ଖଣ୍ଡ କରି ଚୂର୍ଣ୍ଣାଇ ଉଡ଼ାଇଦେଲେ । ଆଲୋଚନା ଭିତରେ ଆଉ ସେକଥା ଉଠିଲା ନାହିଁ ।

ଟଲ୍‌ଷ୍ଟୟପନ୍ଥୀ ଜଣକ କହିଲା, "ପ୍ରେମ ହିଁ ସତ୍ୟ ।" ଆଉ ତା' ଆଖିରୁ ଝୁଲୁକ ପଡ଼ୁଥାଏ ବିଦ୍ୱେଷ ଓ ଘୃଣା ।

ଶବ୍ଦ ଶୁଣି ଶୁଣି ମତେ ନିଶା ଚଢ଼ୁଥିଲା । ତା' ପରେ ସେ ଶବ୍ଦମାନଙ୍କ ମାନେ ମୁଁ ଆଉ ଧରିପାରିଲି ନାହିଁ । ମତେ ଲାଗିଲା, ମୋ ପାଦତଳେ ବସୁଧା ଟଳୁଛି; ଗୋଟାଏ ଶବ୍ଦମୟ ଖଣ୍ଡ ଅଭୂତ [illegible] ଝାଙ୍କି ହୋଇ ପୃଥିବୀଟା ଘୂରୁଛି । ମୁଁ ବାରମ୍ବାର ହତାଶ ହୋଇ ଭାବୁଥାଏ ଯେ ଏ ସଂସାରରେ ମୋ ଭଳିଆ ମର୍ଖ ଆଉ ମୋଟାବୁଦ୍ଧିଆ ଆଉ କେହି ନ ଥିବେ ।

ଟଲ୍‌ଷ୍ଟୟପନ୍ଥୀର ଗାଲ ନାଲି ପଡ଼ିଯାଇଥାଏ, ଝୋଳ ଦରଦର ହୋଇ ବୋହୁଥାଏ । ସେ ଝୋଳ ପୋଛୁ ପୋଛୁ ବଡ଼ପାଟିରେ ରଡ଼ୁଥାଏ :

"ଧର୍ମଗ୍ରନ୍ଥକୁ ଅବମାନନା କରି ଫୋପାଡ଼ିଦିଅ ! ଧର୍ମଗ୍ରନ୍ଥକୁ ପାସୋରିପକା ! ସେଇଥି କଲେ, ତୁମେ ଯାହା ଭାବୁଚ, କଥାଟା ସଫା ସଫା ବାହାରିବ । ଆଉ ଏ ଛକାପଞ୍ଝା କାହିଁକି ? ଆଜି ଏଠିରେ ଯୀଶୁଖ୍ରୀଷ୍ଟଙ୍କୁ କ ଠଚ୍ଚକରେ ମାରି ଭଣ୍ଡା ପିଟା ସେଇଥି, କଲେ ତେମେ ମନେ ମନେ ଯାହା ଭାବୁଚ, ସେ ଭାବନା ଅନୁସାରେ ଠିକ କାମ ହେବ !"

ଗୋଟାଏ ଫାଙ୍କା ବାକ୍ସ ପରି ପ୍ରଶ୍ନଟା ମୋ ସାମ୍ନାରେ ଠିଆ ହୋଇ ରହିଲା : ଏଇଟା କେମିତି କଥା ? ଯଦି ସଂସାରରେ ସୁଖ ପାଇବାପାଇଁ ଜୀବନଟା ଗୋଟାଏ ନିରବଚ୍ଛିନ୍ନ ସଂଗ୍ରାମ, ତେବେ ସେ ସଂଗ୍ରାମ ପଥରେ କରୁଣା ଆଉ ପ୍ରେମ ପ୍ରତିବନ୍ଧକ ଛଡ଼ା ଆଉ କଣ ?"

ଟଲ୍‌ଷ୍ଟୟପନ୍ଥୀ ଲୋକଟିର ନାଁ ବୁଝିନେଲି । ନାଁ କ୍ଲପ୍‌ସ୍କି । ସେ କେଉଁଠି ମୁଁ ରହେ ତା' ବି ବୁଝିନେଲି । ତହିଁଆରଦିନ ସଞ୍ଜରେ ମୁଁ ତାକୁ ଭେଟିବାକୁ ପହଞ୍ଚିଗଲି । ମଫସଲରେ ଜମିବାଡ଼ିର ମାଲିକ ଦୁ'ଜଣ ଯୁବତୀ ଝିଅଙ୍କ ଘରେ ସେ ଥାଏ ।

Digitized by srujanika@gmail.com

ତାକୁ ଦେଖିଲାବେଳକୁ ସେ ସେମାନଙ୍କ ସଙ୍ଗରେ ବସିସାରିଥାଏ । ଗୋଟାଏ ପ୍ରକାଣ୍ଡ ପୁରୁଣା ଲଣ୍ଡେନ୍‌ଗଛ । ତା' ତଳେ ଗୋଟାଏ ଟେବୁଲ ପଡ଼ିଥାଏ । ସେଇ ଟେବୁଲ କଡରେ ସେମାନେ ବସିଥାନ୍ତି । ଢେଙ୍ଗା ଧେଡ଼େଙ୍ଗା ଚେହେରା, ବଡ଼ ବଡ଼ ଚଉଡ଼ା ଚଉଡ଼ା ହାଡ଼, ଦେହଟା ଅଂଶୁଅଂଶୁଆ । ଧଳା ପୋଷାକ ପିନ୍ଧିଥାଏ । ଜାମିଜର, ଛୁଟପ ଖ ଖୋଲା ଗୁନ୍ଥଯାଇ କଳା କଳା ବାଳ ସେବାଟେ ଦିଶୁଥାଏ । ସତ୍ୟର ପ୍ରତୀକ ତପସ୍ୱୀନ ସନ୍ଥଟିଏ ସେମିତ ଦିଶନ୍ତା ବୋଲି ମୁଁ କଳ୍ପନା କରିଥିଲି, ସେ କଳ୍ପନା ସଙ୍ଗରେ ସେ ସୁନ୍ଦର ଖାପିଯାଉଥାଏ ।

ତା' ଆଗରେ ଗୋଟିଏ ପାତ୍ରରେ ଗ୍ରୀଷ୍ମବେଶ ଜୋଳ ଥୁଆହୋଇଥାଏ, ଦୁଧ ଥୁଆହୋଇଥାଏ । ଗୋଟିଏ ରୁପା ଚାମୁଚରେ, ବୁଡ଼େଇ ବୁଡ଼େଇ ସେ ଜୋଳ ଓ ଦୁଧ ନେଇ ଖାଉଥାଏ । ଖୁବ୍ ଆନନ୍ଦରେ ଖାଉଥାଏ, ତା'ଅଛି ମୋଟା ମୋଟା ଓଠକୁ ଶବ୍ଦ କରି କରି ଚାଟୁଥାଏ । ଚାମୁଚଏ ଲେଖାଏଁ ଖାଇଦିଏ ; ତଳେଇ ଦାଢ଼ିପରି ତା' ଦାଢ଼ି ଉପରେ ଯେଉଁ ଦୁଧ ବୁନ୍ଦା ବୁନ୍ଦା ପଡ଼ିଯାଏ ତାକୁ ଫୁଙ୍କାଫୁଙ୍କି ଝାଡ଼େ । ଯୋଡ଼ାଏ ଉହଣୀ ଭିତରୁ ଗୋଟିଏ ତା' କଡରେ ଠିଆହୋଇଥାଏ, ଭଲେ ପରଷିବା ଦରକାର ପଡ଼ିବ, ସେଇଥିପାଇଁ । ଆର ଉହଣୀଟି ଗଛକୁ ଆଉଜି ଠିଆ ହୋଇଥାଏ; ଛାତି ଉପରେ ବାହା ଛନ୍ଦେଇଥାଏ । ଧୂଳିଭର୍ତ୍ତି ତତଲ ଆକାଶ ଆଡ଼କୁ ତା' ଆଖି ଯୋଡ଼ିକ ସ୍ୱପ୍ନ ଦେଖିଲାଭଳି ଟେକିହୋଇ ରହିଥାଏ । ଯୋଡ଼ିକଯାକ ଉହଣୀ ପିନ୍ଧିଥାନ୍ତି ବାଇଗଣି ନଇଁଲ ଫଲ ବର୍ଣ୍ଣର ପୋଷାକ । ତାହେଁ ଦେଖିବାକୁ ଏକା ପରି, ତଫାତ୍ କରିବା କଷ୍ଟ ।

ସେ ଦିନ ଅପରାହ୍ଣରେ ମୋ ସଙ୍ଗରେ କଥା ଭାଷା କଲେ । କଥାଗୁଡ଼ିକ ଶାନ୍ତ, ମଧୁର, ଦୟାର୍ଦ୍ର । ସେ କହିଗଲେ ପ୍ରେମର ସୃଜନୀ ଶକ୍ତି ବିଷୟରେ ; କହିଗଲେ, ଯେ ଜୀବନର ମାଧ୍ୟମରେ ଯେଉଁ ପ୍ରେମ ବିସ୍ତାରିତ ହୁଏ, ତାହାର ସାହାଯ୍ୟରେ "ବିଶ୍ୱଶକ୍ତି ସହିତ ମଣିଷକୁ ଛନ୍ଦିବା ସକାଶେ' ପ୍ରେମହିଁ ଯେପରି ଏକମାତ୍ର ଶକ୍ତି ହୋଇପାରିବ ସେଥିଲାଗି ମଣିଷ ଆପଣା ଅନ୍ତର ଭିତରେ ସେହିଭଳି ପ୍ରେମର ବିକାଶ କରିବା ନିତାନ୍ତ ପ୍ରୟୋଜନ ।

"ଏକମାତ୍ର ସେହିକଥାହିଁ ସମର୍ଥ, ଯାହାରେ ମଣିଷକୁ ବଞ୍ଚାଇରଖିବା ସମ୍ଭବ । ବିନା ପ୍ରେମ ସାହାଯ୍ୟରେ ଜୀବନକୁ ବୁଝିହେବ ନାହିଁ । ଯେଉଁମାନେ କହନ୍ତି ଯେ ଜୀବନର ନିୟମ ସଂଘର୍ଷ, ସେମାନେ ଅନ୍ଧ ଜୀବ ; ସେମାନଙ୍କର ଧ୍ୱଂସ ଅନିବାର୍ଯ୍ୟ । ନିଆଁକୁ ନିଆଁଦ୍ୱାରା ନିଭେଇ ହୁଏ ନାହିଁ । ସେମିତି ଯାହା ମନ୍ଦ ତାକୁ ମନ୍ଦ ଶକ୍ତି ବଳରେ ପରାଭୂତ କରିହୁଏ ନାହିଁ ।"

Digitized by srujanika@gmail.com

କିନ୍ତୁ ତା'ପରେ, ଯୁବତୀଯୋଡ଼ିକ ଯେତେବେଳେ ପରସ୍ପରର ଅଣ୍ଟା ବେଢ଼ାଇ ଧରି ଏକାଠି ହୋଇ ବଗିଚ୍ଚାଭିତରେ ଘର ଆଡ଼କୁ ଚାଲିଗଲେ, ସେ ଆଖି ମିଞ୍ଚି ମିଞ୍ଚି କରି ତାଙ୍କ ପଛଆଡ଼କୁ ଅନାଇରହି ମତେ ପଚାରିଲା :

"ତମେ କିଏ, କହ ତ ?"

ମୁଁ ମୋ ନିଜ ବିଷୟରେ ତାକୁ କହିସାରିଲା ପରେ ସେ ଚପିବାକୁ ଲାଗିଲା । ଟେବୁଲ ଉପରେ ଆଙ୍ଗୁଠି ଟିପରେ ବାଜା ବଜାଉଥାଏ । କହିଗଲା, ମଣିଷ ଯେଉଁଠି ଅଛି, ସେ ମଣିଷ । ମଣିଷର ଉଦ୍ୟମ ହେବା ଉଚିତ କ'ଣ ନା, ନିଜର ଅବସ୍ଥା ବଦଳେଇଦେବା ନୁହେଁ ଯେ, ମଣିଷ ନାରୀ ପ୍ରତି ପ୍ରେମପ୍ରବଣ ହେବା ଉଦ୍ଦେଶ୍ୟରେ ଆପଣା ଅନ୍ତରକୁ ତାଲିମ୍ କରି ବାଗେଇନେବା । କହିଲା :

"ମଣିଷର ଅବସ୍ଥା ଯେତେ ତଳକୁ ହୋଇଥିବ, ଜୀବନର ପ୍ରକୃତ ସତ୍ୟର, ଜୀବନର ପବିତ୍ରତମ ଜ୍ଞାନର ସେତିକି ନିକଟତର ହୋଇଥିବ ସେ ।"

'ଜୀବନର ପବିତ୍ରତମ ଜ୍ଞାନ' ସମ୍ବନ୍ଧ ଏ ଲୋକର ପରିଚୟ କେତେ, ସେ ବିଷୟରେ ମୋର ସନ୍ଦେହ ଉପୁଜିଲା । କିନ୍ତୁ ମୁଁ କୌଣସି ମନ୍ତବ୍ୟ ଦେଲି ନାହିଁ । ମୁଁ ଦେଖିପାରିଲି ଯେ ତାକୁ ବିରକ୍ତ ଲାଗିଲାଣି । ସେ ମୋ ଆଡ଼କୁ ଯେଉଁ ଚାହାଣିରେ ଚାହିଁଦେଲା ତାକୁ ଦେଖି ଆଉ ଭରସି ହେବ ନାହିଁ । ସେ ହାଇ ମାରିଲା, ତା' ହାତ ଯୋଡ଼ିକ ତା' ମୁଣ୍ଡ ପଛଆଡ଼େ ଥୋଇଦେଲା, ଗୋଡ଼ ଲମ୍ବେଇଦେଲା, ଆଖିପତାକୁ କ୍ଳାନ୍ତ ହେଲାପରି ନୁଆଁଇଦେଲା, ଯେମିତି ନିଦ ଘୋରରେ କଥା କହୁଛି, ସେମିତି ଗୁଣୁଗୁଣୁ ହେଲା

"ପ୍ରେମ ନିକଟରେ ପୂର୍ଣ୍ଣ ଆତ୍ମସମର୍ପଣ ଜୀବନର ନିୟମ........"

ହଠାତ୍ ଚମକିପଡ଼ି ସେ ଦୁ'ହାତ ଝାଡ଼ିଦେଲା, ଯେମିତି ଶୂନ୍ୟରୁ କିଛି ଗୋଟାଏ ଜାବୁଡ଼ି ଧରୁଛି । ତା'ପରେ ଆଶଙ୍କାରେ ମୋ ଆଡ଼କୁ ଅନାଇଲା । କହିଲା

"କଣ ଗୁଡ଼ାଏ ବକିଲି ? ନାହିଁ, ମୁଁ ଶ୍ରାନ୍ତକ୍ଳାନ୍ତ ।" ସେଇଠୁ ସେ ପୁଣି ଆଖି ବୁଜିଦେଲା, ଦାନ୍ତରେ ଦାନ୍ତ ମାଡ଼ିଦେଲା । ତା' ଦାନ୍ତଗୁଡ଼ାକ ଖୋଲି ପଡ଼ିଲା, ସତେ ଯେମିତି ତାକୁ ଖୁବ କଷ୍ଟ ହେଉଛି । ତା ତଳି ଓଠ ଝୁଲିପଡ଼ିଲା ; ଉପର ଓଠ ଟେକି ହୋଇଗଲା । ଲେଲ-କଳା ବର୍ଣ୍ଣର ତା'ର ସେ ଯେଉଁ ଅଳ୍ପ ଅଳ୍ପ ନିଶ, ସେଗୁଡ଼ାକ ଠିଆ ହୋଇଗଲା ପରି ଦିଶୁଥାଏ ।

Digitized by srujanika@gmail.com

ମୁଁ ତା’ ପାଖରୁ ଫେରିଆସିଲାବେଳେ ତା’ ପ୍ରତି ମୋର ବୈରମନୋବୃତ୍ତି ଆସୁଥାଏ । ତା’ର ଅନ୍ତରଙ୍ଗତା ବିଷୟରେ ମୋ ମନରେ ସନ୍ଦେହ ଆସିଥାଏ ।

ଦିନାକେତେ ଗଲା । ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ସଙ୍ଗରେ ମୋର ଚିହ୍ନା ହୋଇଥାଏ । ସେ ଜଣେ ମଦୁଆ ଲୋକ । ବୃଦ୍ଧ ହେଲେ ନାହିଁ । ଦିନେ ଖୁବ୍ ସକାଳେ ମୁଁ ତାଙ୍କୁ ବୁଝି ବାକିବାକୁ ଯାଇଥିଲି ସେ ଲୁପସି ଭେଟ ପଡ଼ିଗଲା । ଦିଶୁଥାଏ ଯେମିତି ସେ ରାତିସାରା ଅନିଦ୍ରା । ତା’ର ମୁହଁ ଶୁଖି ପଡ଼ିଯାଇଥାଏ ; ଆଖି ଦି’ଟା ଫୁଲିଯାଇଥାଏ, ନାଲି ଦିଶୁଥାଏ । ମୋର ସନ୍ଦେହ ହେଲା ଯେ ସେ ମଦ ଖାଇ ମାତିଛି । ମୋଟା ଅଧ୍ୟାପକଜଣକ ମଦ ପିଇ ପିଇ ତାଙ୍କୁ ଏମିତି ଦଶା ହୋଇଥାଏ ଯେ ସେ ଭାଙ୍ଗି ପଡ଼ିଥାଏ । ଖାଲି ଜଙ୍ଘ ଆଣ୍ଠୁ ପିନ୍ଧି ସେ ଘର ଚଟାଣରେ ବସିଥାଏ, । ତା’ ହାତରେ ଗୋଟାଏ ପିଭା । ଟେବୁଲଚୌକି ଆଦି ତା’ ଚାରିପଟେ ଚୂନ୍‌ଛତର ହୋଇ ପଡ଼ିଥାଏ । ଲୁଗାପଟାଗୁଡ଼ାକ ଚିଣ୍ଡା ହୋଇଥାଏ । ଖାଲି ମଦବୋତଲ-ଗୁଡ଼ାକ ଏଣେତେଣେ ଫୋପଡ଼ା ହୋଇଥାଏ । ସେ ଫୁଲ୍‌ଫୁଲିକା ରଡ଼ି ଛାଡ଼ିଲା :

“ରକ୍ଷା କର !”

ଲୁପସି ସ୍ୱରରେ କଠୋର ହୋଇ ଯାଚିଥିଲା :

“ରକ୍ଷା ନାହିଁ । ଆମେ ପ୍ରେମରେ ଧ୍ୱଂସ ହୋଇଯିବା, ନ ହେଲେ ପ୍ରେମ ପାଇଁ ସଂଘର୍ଷ କରୁ କରୁ ଧ୍ୱଂସ ହୋଇଯିବା । ଯାହା ହେଲେ ବି ଆମର ଧ୍ୱଂସ ସୁନିଷ୍ଟ ତ ।”

ସେ ମୋ କାନ୍ଧକୁ ମୁଠେଇ ଧରି ମତେ ସେ ଅଧ୍ୟାପକ ପାଖକୁ ଘୋଷାରି ଘୋଷାରି ନେଇ କହିଲା:

“ଦେଖନ୍ତି, ପତ୍ନୀର ସେହି ଲୋକଟାକୁ, ପତ୍ନୀର ସେ ଜଣ ଖୋଜ ଛୁ । ପତ୍ନୀର ସେ ଜଣ ମନୁଷ୍ୟଜାତିକୁ ପ୍ରେମ କରିବ ବୋଲି ଲୋଡ଼ୁଛୁ ?”

ଅଧ୍ୟାପକ ମୋ ଆଡ଼କୁ ଚନାଇଁଲା । ତା’ ଓଠରେ ଲୁହ । ଠୋ ଠୋ ହସି-ଦେଲ, କହିଲା :

“ହେ ଅସିଲବି ଚୁଟି କାରଖାନାକୁ, ତା’ର ପଇସା ବାକି ।”

ଟଳଟଳକା ସେ ତା’ର ଗୋଟାଏ ପକେଟ୍ ଭିତରେ ହାତ ପୁରାଇ ଗୋଟାଏ ସ୍ୱିଚ କାଢ଼ି ମୋ ଆଡ଼କୁ ବଢ଼ାଇଦେଲା ।

Digitized by srujanika@gmail.com

କହିଲା, "ନେଇଯା, ଯାହା ଅଛି, ସବୁ ନେଇଯା ।" କିନ୍ତୁ ଟଲ୍‌ଷ୍ଟୟପତ୍ନୀ ଜଣକ ସେ ବ୍ୟବସ୍ଥା ଛଡ଼େଇନେଲା ; ହାତ ହଲାଇ ମତେ ପଳାଇବାକୁ କହିଲା । କହିଲା, "ଯା' ଝିଅ, ଆଉ କେତେବେଳେ ଆସି ପଇସା ନେବୁ ।"

ମୁଁ ଯେଉଁ ରୁଟିତକ ଆଣିଥିଲି ତାକୁ ଧରି ଘରକୋଣରେ ଥିବା ଗୋଟାଏ ଖଟ ଉପରକୁ ସେଗୁଡ଼ାକ ସେ ଫୋପାଡ଼ିଦେଲା ।

ସେ ମତେ ଚିହ୍ନି ପାରିଲା ନାହିଁ, ସେଥିପାଇଁ ମୁଁ ଖୁସି ହେଲି । ପ୍ରେମ ଯୋଗୁଁ ଧ୍ୱଂସ ହେବା କଥା ଯାହା ସେ କହିଲା, ସେହି କଥାକୁ ମୋ ସ୍ମୃତି ଭିତରେ ଘେନି ମୁଁ ବୁଲିଆସିଲି । ମୋ ଅନ୍ତର ଭିତରୁ ତା' ପ୍ରତି ତୀବ୍ର ଘୃଣା ଆସୁଥାଏ ।

ଅଳ୍ପଦିନ ପରେ ମୁଁ ଶୁଣିଲି ଯେ ସେ ଯେଉଁ ଦି'ଜଣ ଯୁବତୀଙ୍କ ଘରେ ରହୁଥିଲା, ତହିଁରୁ ଜଣକ ଆଗରେ ସେ ପ୍ରେମ ନିବେଦନ କରିପକାଇଲା । ପୁଣି ସେହିଦିନ ଆରଜଣକ ଆଗରେ ବି ପ୍ରେମ ନିବେଦନ କଲା । ଦି' ଭଉଣୀ ଯେତେବେଳେ ବିଶ୍ୱାସରେ କଥାବାର୍ତ୍ତା ହେଲେ, ସେତେବେଳେ ତାଙ୍କ ପ୍ରେମିକ ପ୍ରତି ତାଙ୍କର ସ୍ନେହ ବିଦ୍ୱେଷରେ ପରିଣତ ହେଲା । ପ୍ରେମତତ୍ତ୍ୱର ପ୍ରବର୍ତ୍ତକଙ୍କୁ ତାଙ୍କ ଘରୁ ସେହି ମୁହୂର୍ତ୍ତରେ ବାହାରିଯିବାକୁ ଆଦେଶ ଜାରି କରିବାକୁ ସେମାନେ ତାଙ୍କ ଦରୱାନକୁ ପଠାଇଲେ । ଆଉ ସେ ସହରରେ ତା'ର ଖୋଜ ପତ୍ତା ନାହିଁ ।

ପ୍ରେମ ଓ କରୁଣା ଏବଂ ମନୁଷ୍ୟ ଜୀବନରେ ତା'ର ସ୍ଥାନ—ଏ ଗୋଟିଏ ଜଟିଳ ଓ ଉଦ୍‌ବେଗଜନକ ସମସ୍ୟା । ଏ ସମସ୍ୟା ବହୁତ ଆଗରୁ ମୋ ଆଗରେ ପହଞ୍ଚିଥାଏ । ଆଉ ଯେତେବେଳେ ଏ ସମସ୍ୟାକୁ ମୁଁ ଅନୁଭବ କଲି, ସେତେବେଳେ ମୁଁ ତାକୁ ଠହରେଇ ପାରୁ ନ ଥାଏ । ଖାଲି ମୋ ଭିତରେ କ'ଣ ତୀବ୍ର ଅଶାନ୍ତ ବିହ୍ୱଳ ଉଠୁଥାଏ । ପରେ ତା' ସ୍ପଷ୍ଟ ପରିଷ୍କାର ପ୍ରଶ୍ନଟିଏ ହୋଇ ମୋ ମନ ଭିତରେ ରୂପ ନେଲା ।

"ପ୍ରେମର ତାତ୍ପର୍ଯ୍ୟ କଣ ?" ଏଇଆ ସେ ପ୍ରଶ୍ନ । ମୁଁ ଯେତେ ଯାହା ପଢ଼ିଲି, ସେସବୁ ଲେଖା ଖ୍ରୀଷ୍ଟିଆନ ଦର୍ଶନର ଧାରଣା ଓ ମାନବବାଦରେ ଜଡ଼ୁରୁଡ଼ ହୋଇଥାଏ । ସେଥିରେ ଥାଏ, ମନୁଷ୍ୟ ଜାତି ପ୍ରତି କରୁଣା ସଞ୍ଚାର ଲାଗି ଲୁହ-ଟଳଟଳ ଆବେଦନ । ସେ ସମୟର ଲେଖକମାନଙ୍କ ଭିତରେ, ମୋ ଦେଖିଲା ଲୋକଙ୍କ ଭିତରେ ଯେଉଁ ସ୍ତ୍ରୀ କି ପୁରୁଷ ଖାଣ୍ଟି ଭଲଲୋକ, ସେମାନେ ଆବେଗପୂର୍ଣ୍ଣ ଅନର୍ଗଳ ବକ୍ତୃତାରେ ସେହି ସବୁ ଧାରଣା ହିଁ କହୁଥାନ୍ତି ।

Digitized by srujanika@gmail.com

କିନ୍ତୁ ମୋ ସ୍ୱପକ୍ଷେ ବାସ୍ତବ ଜୀବନରେ ମୁଁ ଯେତେ ଯାହା ଦେଖୁଥାଏଁ, ସେସବୁ ପ୍ରତ୍ୟେକ ବିଷୟରେ କରୁଣାର ଧାରଣାଠୁଁ ଭିନ୍ନ । ଜୀବନ ମୋ ଆଖି ଆଗରେ ଉନ୍ମୁକ୍ତ କରିଦେଲା ଅସଂଖ୍ୟ ଶଠତା ଓ ନିଷ୍ଠୁରତାର ଅଚ୍ଛିଣ୍ଡା ତାଣ୍ଡିମାଳ ପରି, ଦଶିଲି, ନାନା ନିରର୍ଥକ ତୁଚ୍ଛ ପଦାର୍ଥକୁ ଉତ୍ପଳ କରିବା ସକାଶେ ଗୋଟାଏ ଅତି ନୀଚ ମନ ଅବିଶ୍ରାନ୍ତ ଯୁଦ୍ଧ ପରି । ମୋ ନିଜର ଆକାଂକ୍ଷା ଖାଲି ଥିଲା ବନ୍ଦ ପଡ଼ିବା । ମତେ ଆଉ ସବୁ ପଦାର୍ଥ ଅତି ତୁଚ୍ଛ ଲାଗୁଥିଲା ।

ଘର ବାହାରେ ଆମ ଫାଟକ ନିକଟରେ ଖାଲି ଘଣ୍ଟାଏ ବସିଗଲେ ମତେ ଦିଶିଯାଉଥାଏ ଯେ ଏଇ ଯେଉଁ ଏତେ ଏତେ ଲୋକ, କିଏ ଗାଡ଼ି ଚଳାଏ, କିଏ ଦରୱାନ, କିଏ ଶ୍ରମିକ, କିଏ ସରକାରୀ କର୍ମଚାରୀ, କିଏବା ଦୋକାନୀ— ଏମାନେ ସମସ୍ତେ ଯେଉଁଭଳି ଜୀବନ ବଞ୍ଚନ୍ତି, ତା' ମୋ ଜୀବନ ବଞ୍ଚିବାଠୁଁ ଭିନ୍ନ । ମୁଁ ଯେଉଁପରି ଲୋକଙ୍କୁ ଭଲ ପାଆନ୍ତି, ଏମାନେ ସମସ୍ତେ ସେମିତି ଲୋକଙ୍କଠୁଁ ଭିନ୍ନ । ଏମାନେ ଯେଉଁ ଆକାଂକ୍ଷା ଅଭିଳାଷ ଦ୍ୱାରା ପରିଚାଳିତ, ସେସବୁ ମୋ ଆକାଂକ୍ଷାଠୁଁ ଅଭିଳାଷଠୁଁ ଭିନ୍ନ । ଏମାନଙ୍କ ଜୀବନର ଲକ୍ଷ୍ୟ ମୋଠୁଁ ଭିନ୍ନ । ଅଥଚ ଯେଉଁ ଲୋକଙ୍କୁ ମୁଁ ଶ୍ରଦ୍ଧା କରେଁ, ଯାହାଙ୍କ ଉପରେ ମୋର ଭରସା, ସେମାନେ ସମସ୍ତେ ବିଚିତ୍ର ପ୍ରକାରେ ଗୋଟେ ଗୋଟିଏ ମଣିଷ, ଏକୁଟିଆ ମଣିଷ । ପଦାରେ ବହୁଳ ଜନତା ସେମାନଙ୍କୁ ବୁଝେ ନାହିଁ, ଯେଉଁ ବ୍ୟକ୍ତିମାନେ ଅତି ସନ୍ତର୍ପଣରେ କଠିନ ପରିଶ୍ରମ କରି ବଞ୍ଚିଛନ୍ତି, ଗାନ ଗାନ ଅଥବା କବିତା, ସାନ ସାନ ଚରିତ୍ର ଖଟାଇ ଖଣ୍ଡି ଖଣ୍ଡି ଗଢ଼ିଛନ୍ତି ଖାଲି ଛବିଗୁଡ଼ାକ ନ, ଯାହା ତାଙ୍କ ଲେଖାରେ ଜୀବନ, ସେମାନେ ବି ତାଙ୍କୁ ବୁଝାନ୍ତି ନାହିଁ । ମତେ ଲାଗୁଥାଏ ଯେ ଏଭଳି ଜୀବନ ଗୋଟାପୁଣା ନିରର୍ଥକ । ଏଥିରୁ ବାହାରୁଛି ଖାଲି ଗୋଟାଏ ଅତି ଭୟଙ୍କର କ୍ଲାନ୍ତି । ଅନେକ ସମୟରେ ମୁଁ ଦେଖୁଥାଏଁ ଯେ, ଯେଉଁ ଲୋକେ କରୁଣା ଓ ପ୍ରେମ ବିଷୟରେ ଗପୁଥାନ୍ତି, ସେମାନେ ଖାଲି କଥାରେ କହିବା ଛଡ଼ା ଆଉ କିଛି କରନ୍ତି ନାହିଁ । ଯେତେବେଳେ କାମ କରିବା ଦେଖା ଦିଏ ସେତେବେଳେ ନିଜ ଅଜାଣତରେ ସେମାନେ ଜୀବନର ସାଧାରଣ ଚଳଣି ପାଖରେ ମୁଣ୍ଡ ନୁଆଁଇ ଆତ୍ମସମର୍ପଣ କରିଯାଆନ୍ତି ।

ଏସବୁ ଖୁବ ଅଡ଼ୁଆ ଲାଗୁଥିଲା ।

ଦିନେ ଦେଖିଲି ଲିଓନିଡ୍‌କୁ । ସେ ପଶୁଡାକ୍ତର ଛାତ୍ର । କଲୋନିର ଦେମାଳରେ ସେ ଫୁଲ ହଳଦିଆ ପଡ଼ିଯାଇଥାଏ । ଧଇଁସଇଁ ହେଉଥାଏ । କହିଲା, "ନିଷ୍ଠୁରତାକୁ ଅଧିକ ବଢ଼ାଇବାକୁ ପଡ଼ିବ । ସବୁଠି ଲୋକେ ନିଷ୍ଠୁରତାକୁ

Digitized by srujanika@gmail.com

ଅସହ୍ୟ ବୋଲି ଭାବିବା ପର୍ଯ୍ୟନ୍ତ, ଲୋକେ ଯେଉଁ ସଇତାନ ହେମନ୍ତ ଋତୁକୁ ଯେମିତି ଘୃଣା କରନ୍ତି, ସେମିତି ନଷ୍ଟ ଋତୁକୁ ଘୃଣା କରିବା ପର୍ଯ୍ୟନ୍ତ ନଷ୍ଟ ଋତୁକୁ ଅନୁଭବ ବଢ଼ାଇବାକୁ ପଡ଼ିବ ।”

ସେବର୍ଷ ହେମନ୍ତ ଋତୁ ବଡ଼ ଜଲଦି ଆସିଯାଇଥାଏ । ବର୍ଷା ବର୍ଷୁଥାଏ; ଶୀତ ବି ପଡ଼ୁଥାଏ । ସେ ପାଗରେ ବହୁତ ଲୋକଙ୍କୁ ରୋଗ ଘୋଟିଥାଏ ବହୁତ ଲୋକ ଆତ୍ମହତ୍ୟା କରୁଥାନ୍ତି । ଶେଷରେ ଜଣେ ଲୁଇରଭ୍ ବି ପଟାସିଅମ ସାଇନାଇଡ୍ ଖଣ୍ଡ ଖାଇଦେଇ ଆତ୍ମହତ୍ୟା କଲା । କେବେ ଜଲୋଦର ରୋଗ ତା' ତଣ୍ଟି ଚପି ତାକୁ ମାରିବ ସେଥିପାଇଁ ସେ ଆଉ ଅପେକ୍ଷା କରି ରହିଲା ନାହିଁ ।

“ଓଃ ! ଗୋରୁମେଣ୍ଢାଙ୍କ ବଇଦ । ପଶୁଗୁଡ଼ାକୁ ଔଷଧ ଦେଉଥିଲା ଯେମିତି, ନିଜେ ପଶୁଟାଏ ପରି ମଲା ବି ସେମିତି !”

ମନ୍ତବ୍ୟଟା କଲା ମେଡ୍‌ନିକଭ୍ । ଦରଜି କାମ କରେ । ଲୁଇରଭ ତା' ସଙ୍ଗରେ ଏକା ବସାରେ ରହୁଥିଲା । ଦରଜିଟି ଟ୍ରେଟିଆ ମଣିଷଟିଏ; ଖାଲି ହାଡ଼ ଚମ । ତା'ର ପୂଜାପାଠ ବହୁତ । ଈଶ୍ୱରଙ୍କ ଜନ୍ମଦାତ୍ରୀ ଆଦମାତାଙ୍କ ଉଦ୍ଦେଶ୍ୟରେ ଖ୍ରୀଷ୍ଟାନ ଧର୍ମଗ୍ରନ୍ଥରେ ଯେତେ ସ୍ତୋତ୍ର ଅଛି ସବୁ ସେ ଗୁଣ୍ଡେ ଗୁଣ୍ଡେ ଗଡ଼ଗଡ଼ କରି ଗାଇଦିବ । ତା'ର ଛୁଆ ଯୋଡ଼ିଏ: ଗୋଟିଏ ସାତବର୍ଷର ଝିଅ, ଗୋଟିଏ ଏଗାର ବର୍ଷର ପୁଅ । ତା'ର ଗୋଟାଏ ଚାବୁକ ଥାଏ । ସେଥିରେ ତିନଟା ଚମଡ଼ା ଦଉଡ଼ି । ପ୍ରତିଦିନ ନିୟମିତ ଭାବରେ ସେଇଥିରେ ସେ ତା' ଦୁଇ ଛୁଆଙ୍କୁ ପିଟେ ଆଉ ଗୋଟାଏ ବାଉଁଶବାଡ଼ିରେ ତା' ଖଣଯାର ଦ'ଗୋଡ଼ ପେଣ୍ଡାରେ ବାଡ଼ାଏ । ଅନେକ ସମୟରେ ତା'ଠୁ ମୁଁ ଶୁଣେ :

“ଜାନ ସାହାବ ମତେ ଗାଳିଦେଉଛି ; କହୁଛି, ମୁଁ ଏ ଯେଉଁ ପିଲାଙ୍କୁ ଖଣଯାକୁ ବାଡ଼େଉଛି ଏ ବ୍ୟବସ୍ଥାଟା କୁଆଡ଼େ ମୁଁ କେଉଁ ଚୀନାଲୋକଠୁଁ ଦେଖି ଶିଖିଛି । କହ ତ ଏ କେମିତିଆ କଥା ! ଚୀନା ଲୋକ କେମିତିଆ ଜଣେ ମୁଁ ଭଲା ଆଖିରେ ଦେଖିଥାନ୍ତି ! ସାଇନ୍‌ବୋର୍ଡ଼ମାନଙ୍କରେ ଚୀନାଲୋକଙ୍କ ଛବି ଅଙ୍କା ହୋଇଥାଏ । ମୁଁ ଖାଲି ସେତିକ ଚୀନା ଦେଖିଛି ସିନା !”

ତା' ଦୋକାନରେ କାମ କରିବା ଲୋକଙ୍କ ଭିତରେ ଜଣେ ଥାଏ ଯେ, ତାକୁ ଡାକନ୍ତି “ଦୁନ୍‌କାର ବର ।” ତା' ଗୋଡ଼ ଦି'ଟା ବଙ୍କା ବଙ୍କା । ଲୋକଟାର ମୁହଁ ଚାହିଁଲେ ଡରସ । ସେଇ “ଦୁନ୍‌କା ବର” ତା' ଗାଈନ ମେଡ୍‌ନିକଭ କଥା କହୁକହୁ କହିପକାଇଲା :

Digitized by srujanika@gmail.com

"ସ୍ୱଳ୍ପ ବଳସ୍ୱୀ ମଣିଷ ହୋଇଥିବେ । ତା' ଉପରେ ପୁଣି ସେ'ର ଧାର୍ମିକ । ସେମିତିଆ ଲୋକଙ୍କୁ ମଣିଷ ଭାବିବା କଥା । ଗୁଣ୍ଡା ହୁଡ଼୍ 'ଙ୍କା' ମଣିଷ ହୋଇଥିଲେ ସେ କେମିତିଆ ଲୋକ ତୁମେ ଝଙ୍କନା ଦେଖି ଦେଖି ଉଦ୍‌ବେଳଇପାରିବ । ତାଙ୍କ ତାହାରୁ ବଞ୍ଚିବାକୁ, ଲୁଚିପଳେଇବାକୁ ତୁମେ ସବୁବେଳେ ବେଳ ପାଇବ । କିନ୍ତୁ ବଳସ୍ୱୀ ଲୋକଗୁଡ଼ାକ ନା ! ସେଗୁଡ଼ାକ ପଗ ଗୁରୁଣ୍ଡି ଗୁରୁଣ୍ଡି କା' ତମ ଆଡ଼କୁ ମାଡ଼ିଆସିବେ, ଶବ୍ଦ ବି ହେବ ନାହିଁ । ଏତେ ତରଳ, ଏତେ ଫନ୍ଦଫିକରବାଲା ଯେ ଭାବିଲେ ନ ସରେ ! ସତେ ଯେମିତି ଘାସ ଭିତରେ ସାପ ଚାଲିଛି । ଆଉ ସେଇଠୁ ତୁମେ ତାଙ୍କ ଯୋରଣବନ୍ଦ ନ ପାଉଣୁ ତମ ଉପରେ 'ସ୍ଲେଟ' ବସେଇସାରିଥିବେ, ଯେଉଁଠି 'ନା, ଠିକ ଯେଉଁ ଆନରେ ତୁମ ହୃଦସ୍ପନ୍ଦ ଖୋଲ ପଡ଼ିଛି, ଠିକ୍ ସେଇଠି । ସେମିତିଆ ଲୋକଙ୍କୁ ମୋର ପ୍ରାଣେ ଡର, ସେହି ନମ୍ର ବଳସ୍ୱୀ ‧ ମଣ୍ଡନମୂର୍ଦ୍ଧା ଲୋକଗୁଡ଼ାକୁ ।"

'ହୁନ୍‌କାର ବର' ଭଳେ ଗୋଟାଏ ନମ୍ର, ମଣ୍ଡନମୂର୍ଦ୍ଧା, ତରଳ, ତଗୁଲିଆ ଲୋକଟାଏ । ମେଦ୍‌ଭକଭ୍‌ର ସେ ପ୍ରିୟପାତ୍ର । କିନ୍ତୁ ସେ ଯାହା ଭାବିଲା ସେସବୁ ସତ ଥିଲା ।

ଯେତେବେଳେ ମତେ ଲାଗୁଥିଲା ଯେ ବଳସ୍ୱୀ ଲୋକମାନେ ଶିଖିଲ ପର ଅନ୍ୟ ଲୋକଙ୍କ ଜୀବନର ପଥର ଆ ହୃଦୟ ଉପରେ ମଡ଼ା ମାଡ଼ନ୍ତି । ସେମାନେ ଅନ୍ୟ ଲୋକଙ୍କ ଜୀବନର ଗଢ଼ଣର ଉପାଦାନକୁ ଚିହ୍ନ କରିଦିଅନ୍ତି, ନରମ କରିପକାନ୍ତି, ତାକୁ ଉର୍ବର କରନ୍ତି । କିନ୍ତୁ ଅଧିକାଂଶ ସମୟରେ ମୋ ନଜରରେ ପଡ଼େ ଯେ ସେମାନେ ସଂଖ୍ୟାରେ କେତେ ବେଶି ! ନୀଚପଣ ସଙ୍ଗେ ଖାପଖିବାକୁ ସେମାନଙ୍କର କି ପ୍ରବଣତା ! ତାଙ୍କ ହୃଦୟ ଭିତର କେତେ ଗୋଳମାଳିଆ ଅସାମଞ୍ଜସ୍ୟରେ ଭର୍ତ୍ତି ! କେମିତି ବେ ରହସ୍ୟପୂର୍ଣ୍ଣ ପର ସେଗୁଡ଼ାକ ! କେତେ ସ୍ୱର୍ଣ୍ଣ ଯେ ଧର୍ମ ପଡ଼ନ୍ତି ନାହିଁ । ଧର ପଡ଼ିଲେ ସଡ଼୍‌ସାଡ୍ ଖସିଯାଆନ୍ତି । ସେଥିରୁ ଗୁଡ଼ାଏ ଲୋକଙ୍କ ଭିତରେ ପଡ଼ିଯିବାରୁ ମତେ ଲାଗେ, ଯେମିତି ମୁଁ ଗୋଟାଏ ଘୋଡ଼ା ଆଉ ସେଗୁଡ଼ାକ ପଲେ ଡାଆଁଶ ।

ପୂର୍ବସଦାଳ ଘରୁ ବସାକୁ ଲେଉଟିଲାବେଳେ ମୋ ମୁଣ୍ଡରେ ଏଇ କଥା-ଗୁଡ଼ାକ ଖେଳୁଥାଏ ।

ପବନର ଶବ୍ଦ ଶୁଭୁଥାଏ ଘାଘଣ୍ଟାସ ପରି । ସଡ଼କର ଆଲୁଅଗୁଡ଼ାକ ପବନରେ ଥରୁଥାଏ । ଲାଗୁଥାଏ, ସତେ ଯେମିତି ବତୁଳ ଧୂସର ଆକାଶଟା ଥରୁଛି, ଆଉ କେଉଁ ସେ ଅକ୍ଟୋବର ମାସର ଧୂଳିପରି ବୁନ୍ଦା ମେଘ ଆକାଶରୁ ପୃଥିବୀ ଉପରେ ଝଡ଼ିପଡ଼ୁଛି । ଓଦାସରସର ହୋଇ ବେଶ୍ୟାଟିଏ ଗଡ଼ୁଥାଏ ଗଡ଼ୁଥାଏ ଆସିଲା ।

Digitized by srujanika@gmail.com

ଗୋଟାଏ ମଦୁଆ ଲୋକର ଢେଙ୍କା ଧରି ଝାଙ୍କ ମାରି ମାରି ଘୋଷାରି ଘୋଷାରି ନେଉଥାଏ ସେ । ଲୋକଟା କାନ୍ଦି କାନ୍ଦି କଣ କହୁଥିଲା । ମାଇକିନିଆଟି କ୍ଳାନ୍ତ ବିରସ ସ୍ୱରରେ କହୁଥିଲା :

"କପାଳ କଥା !"

ମୁଁ ଭାବିଲି, "ହେଇ ଦେଖ ! ମୋର ବି ଏଇଆ । ମତେ ବି କିଏ ଘୋଷାରି ଘୋଷାରି ନେଉଛି, ଝାଙ୍କି ଓଟାରି ନେଉଛି କେଉଁ ଅସନା ଅନ୍ଧାରି କୋଣକୁ । ସେଠି ଘାବଡ଼ି ପୋଡ଼କା ଅସନା ଆବର୍ଜନାରେ ମୁହାଁମୁହିଁ କରୁଛି, ଦୁଃଖର ମୁହାଁମୁହିଁ କରୁଛି, ପରସ୍ପରଠୁ ବିଚିତ୍ରପ୍ରକାରେ ଭିନ୍ନ ସେମିତିଆ ସ୍ତ୍ରୀପୁରୁଷଙ୍କ ମୁହଁ ମୁହିଁ ଆଣି ଠିଆ କରୁଛି । ଓଃ ! ଏଇଆ ହୋଇ ହୋଇ ମୁଁ ଯେ କି ହୋଇପଡ଼ିଲିଣି ।"

ସେହି ଦୁଃସ୍ୱପ୍ନ ସନ୍ଧ୍ୟାରେ ମୋ ମନରେ ଯେଉଁ ଭାବ ଉଠୁଥାଏ, ସେଇଆ ତାର ଅର୍ଥ, ଭାଷା ଅବିକଳ ଏଇଆ ନ ହେଉ ପଛେ । ସେତିକିବେଳେ ପ୍ରଥମ ଥର ମୁଁ ମୋ ଆତ୍ମାର କ୍ଳାନ୍ତ ଅନୁଭବ କଲି । ମୋ ହୃଦୟ ଉପରେ ଯନ୍ତ୍ରଣାଦାୟକ କର୍ମ ବିଷ ତାକୁ ହାଙ୍କୁ ହାଙ୍କୁ କରି ଖାଉଛି ବୋଲି ଅନୁଭବ କଲି । ସେତିକିବେଳଠୁ ମୋ ମନର ଅବସ୍ଥା ଅଦ୍ଭୁତ ଅଦ୍ଭୁତ ଖରାପ ହେଲା । ମୁଁ ନିଜକୁ ଦେଖିଲି ଜଣେ ବାଟର ବାଟୋଇ ଦେଖିଲି ଯେ । ସେ ଅର୍ଥରେ ଉତ୍ସାହ ନାହିଁ, ଖାଲି ପର ପର ଭାବ ଆଉ ଶଙ୍କା ।

ମୁଁ ଦେଖିଲି, ପ୍ରତ୍ୟେକ ମନୁଷ୍ୟର ଅନ୍ତରରେ ରହିଛି ଗୁଡ଼ାଏ ପରସ୍ପରର ବିପରୀତ, ପରସ୍ପରବିରୋଧୀ ଜିନିଷ । ସେଗୁଡ଼ାକ ଏକାଠି ରହିଛି କିନ୍ତୁ ଏଦୋଁକିଆ ହୋଇ ରହିଛି; ସଜା ହୋଇ ରହିନାହିଁ । ସେଗୁଡ଼ାକର ପରସ୍ପର ସହିତ ବିଯୋଗପଣିଆ ଜଳଜଳ ହୋଇ ଦିଶିଯାଉଛି । ସେ ବୈପରୀତ୍ୟ ଖାଲି କଥା ଓ କାର୍ଯ୍ୟମାନଙ୍କ ଭିତରେ ନୁହେଁ, ମଣିଷର ନାନା ମନେମ ଭାବ ମଧ୍ୟରେ ସୂକ୍ଷ୍ମ । ନାନା ପରସ୍ପର-ବିରୋଧୀ ମରମ ଭାବମାନଙ୍କର ଖାମଖିଆଲି ଖେଳ ବିଶେଷଭାବରେ ମତେ ହଇରାଣ କରୁଥାଏ । ମୁଁ ମୋ ନିଜ ଅନ୍ତର ଭିତରେ ବି ଏ ଖେଳକୁ ଲକ୍ଷ୍ୟ କଲି; ଆଉ ତାହିଁରେ ସବୁଠୁ ବେଶି ଖରାପ ଲାଗିଲା । ସବୁଆଡ଼େ ମୁଁ ଅତୃପ୍ତ ହେଲି : ସ୍ତ୍ରୀଲୋକମାନଙ୍କ ଆଡ଼କୁ, ପୁଣି ବନ୍ଧୁମାନଙ୍କ ଆଡ଼କୁ; ଶ୍ରମିକମାନଙ୍କ ଆଡ଼କୁ ପୁଣି ଦୁଃସ୍ଥ ଗୃହରେ ଥିବା ଛୁଆମାନଙ୍କ ଆଡ଼କୁ । ଅଥଚ ଏଥିରୁ କୌଣସି କୋଟିଏ ଅଭିଳାଷ ଚରିତାର୍ଥ କରିବାକୁ ମତେ ବେଳ ମିଳେ ନାହିଁ । ମୁଁ ଏତେ ବୁଲିପଡ଼ି ସେଠି, ସେଠୁ ବୁଲିପଡ଼ି ଆଉ

Digitized by srujanika@gmail.com

କେଉଁଠେଣ୍ଡ ଏମିତ ଭୂଲଗ୍ଲା ନଟୂଦର ଗୋଟାଏ ଜଳଣ ପାଖରୁ ଆଉ ଗୋଟାଏ ଜଳଣ ପାଖକୁ ମୋଡ଼ି ଯାଉଥାଏ । ଆଉ ଗୋଟାଏ ... ହାତ, ଯେଉଁଟା ଅଠେଖା ହେଲେ ବି ତ୍ୱକ୍ ବଳୁଆ, ସେଇଟା ମତେ ଗୋଟାଏ ... ଗୁରୁକ୍ରେ ପିଟି ଲଗିଥାଏ ।

ଶୁଣିଲି, ସୁ ଜଣ୍ଡ ଶାପୋଶ୍ନକର ...ମାର ହୋଇ ଡାକ୍ତରଖାନାକୁ ପଠା-ଗଲାଣି । ମୁଁ ତାକୁ ଦେଖିବାକୁ ସେଠିକି ଗଲି । ସେଠି ଦେଖିଲି ଗୋଟାଏ ମୋଟୀ ଅମ୍ନିଳାମ୍ବର୍ଷୀ ଚଷମା ପିନ୍ଧା ମାଇକିନିଅ । ଉଷ୍ଟନା ହେଲପର ନାଲି ନାଲି କାନ'ହଟା ତା'ର ଓଦଳ ପଡ଼ିଥାଏ, ଅଉ କାନ ପଛଅଡ଼େ ମୁଣ୍ଡରେ ଗୋଟାଏ ଧଳା ରୁମାଲ ବନ୍ଧା ହୋଇଥାଏ । ମତେ କହିଲା :

"ସେ ମରିଗଲା ।"

ତା' ସ୍ୱରରେ ଏତେ ଟିକିଏ ଦୁଃଖ ନ ଥାଏ । ସେ ନିର୍ବିକାର । ମୁଁ ତ ସ୍ତମ୍ଭ-ଅସିଲି ନାହିଁ । ସେଠି ଚୂପ ହୋଇ ଠିଆହୋଇ ରହିଲି ଯେ ତା' ବାଟ ବନ୍ଦ ହେଲା । ସେ ରାଗିଗଲା । ତଡ଼ିଉଠ ମୋ ଉପରକୁ ଖେଙ୍କିଲା :

"ଫେର୍ କଣ ?"

ସେଥିପାଇଁ ମୋ ମୁଣ୍ଡ ବି ଗରମ ହୋଇଗଲା । ମୁଁ କହିଲି :

"ତୁମେ ଗୋଟାଏ ଓଲୁ ବେକୁବ୍ ।"

ସେ ପାଟିକଲା, "ହେଇ ନିର୍ଲୋଜଇ ! ନିକାଲ୍ ତ ଏଇଟାକୁ !"

ନ...ଭ ଗଣ୍ଡେ ଛୁଣ୍ଡା ଦନା ଧଇ ... କାମ କରୁଥାଏ । କଣ ଗୁଡ଼ାଏ ତମ୍ଭା ... ଥାଏ ଯେ ତାକୁ ଦନାରେ ଘଷନ୍ତେ ଘଷନ୍ତେ ଜକଜକ କରୁଥାଏ । ସେ ... ହଜାର ଗୁଣ୍ଡେଦେଇ ସେଇଥିରୁ ଗୋଟାଏ ଛଡ଼ରେ ମୋ ପିଠରେ ଲଗାଇଲ ... । ସେଥିପାଇଁ ମୁଁ ତାକୁ ... ହାତରେ ଧର ଶୂନ୍ୟେ ଶୂନ୍ୟେ ଉପରକୁ ... ବାଟ ... ପଦାକୁ ଘେନ ଅସି, ଡାକ୍ତରଖାନା ପାହାଚ ତଳେ ... ପାଣି ଜମିଥାଏ, ସେହି ପାଣିରେ ବସାଇଦେଲି । ମୁହୂର୍ତ୍ତେ ଗଣ୍ଡେ ସେଇଠି ସେ ବସିରହିଲା. ଯେଉଁଠି ତାକୁ ବସାଇ ଦେଇଥିଲି ସେଇଠି; ପଦେ ପାଟି ଫିଟାଇନ ନାହିଁ, ଖାଲି ମୋତ ଅଡ଼କୁ ଅନାଇଁ ରହିଥାଏ । ସେଥିପାଇଁ ଠିଆ ହୋଇନ କହିଲି :

Digitized by srujanika@gmail.com

"ହେଃ ! ଶା....ଲା—"

ମୁଁ ସେଠ ଦେଜାଭିନ ପାର୍କକୁ ଚାଲିଗଲି । ସେଠି ଲର୍ଡ ଦେଜାଭିନଙ୍କ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଯେଉଁ ସ୍ମୃତିସ୍ତମ୍ଭଟିଏ ହୋଇଛି, ତାହାର ପାଖରେ ଗୋଟିଏ ବେଞ୍ଚ ଉପରେ ମୁଁ ବସିପଡ଼ିଲି । ମନ ହେଉଥାଏ, ଗୋଟାଏ ଭଲ ଖରାପ କାମ କରନ୍ତି ଭଲ, ଗୋଟାଏ ଭଲ ଅପବାଦଜନକ କାମ ! ତା' ହେଲେ ଲୋକେ ଧରି-ପକାନ୍ତେ, ମତେ ମାଡ଼ ମାରିବାକୁ ଆସନ୍ତେ । ତା' ହେଲେ ମତେ ବି ଅଧିକାର ମିଳି-ଯାଆନ୍ତା ଅନ୍ୟମାନଙ୍କୁ ବାଡ଼େଇବାକୁ । କିନ୍ତୁ ସେଦିନଟା ଛୁଟିଦିନ ଥିଲେ ବି ପାର୍କରେ କେହୁ ନ ଥିଲେ କି ଆଖପାଖ ସଡ଼କରେ ବି କେହୁ ଦିଶୁ ନ ଥିଲେ । ଖାଲି ହୁହୁ ହୋଇ ପବନ ମାଡ଼ିଗଲା । ଆଗେ ଆଗେ ମଲାପତ୍ରଗୁଡ଼ାକ ଅଡ଼େଇ ଅଡ଼େଇ ନେଉଥାଏ, ଆଉ ପାଖରେ ବନ୍ଧା ଖୁଣ୍ଟ ଦେହରେ ଯେଉଁ ବିଜ୍ଞାପନଟା ମରା ହୋଇଥାଏ ତା'ର ଗୋଟାଏ ଭାଗ ପାଖରୁ ଅଠା ଛାଡ଼ିଯାଇଥାଏ ଯେ ପବନ ତାକୁ ଖଡ଼ଖଡ଼ କରୁଥାଏ ।

ମାଇପଷ୍ଟ ପାଖ ହେଲା । ପବନ ଭାରି ବଢିଲା । ଆକାଶ ଢଙ୍କିଲା ଗାଢ଼ ମେଘ; ତା' ଭିତରକୁ ଆଉ ଦୃଷ୍ଟି ଭେଦିବ ନାହିଁ । ଗୋଟାଏ ଅନ୍ଧକାରର ବୋଝ ଡାଆଣ ମୂର୍ତ୍ତିଭଳି ସେ ସ୍ମୃତିସ୍ତମ୍ଭଟା ମୋର କାନ୍ଧ ଉପରେ ବୋଝ ହେଉଥାଏ । ସେଇଟିକୁ ଅନାଇ ରହି ମୁଁ ଭାବୁଥାଏ :

"ଏଇଠି ଏ ପୃଥିବୀରେ ମଣିଷଟିଏ ଥିଲା, ଯ୍ୟାକଭ, ନିଶ୍ଚିତ ଅମଣିଷଟିଏ । ତା' ଆତ୍ମାର ସବୁ ବଳ ଖଟାଇ ସେ ଈଶ୍ୱରଙ୍କ ସଙ୍ଗରେ ଲଢ଼ିଥିଲା, ଆଉ ସେ ମଲା ଯେ ତା' ମରଣଟା ହେଲା ସାଧାରଣ ମରଣଟାଏ, ଅତି ସାଧାରଣ ।

ଏଇ ଘଟଣାରେ ଏଭଳି କିଛୁ ଥିଲା ଯାହା ଅତି ଅପମାନଜନକ । ତାକୁ ସହିବା କଷ୍ଟ ।

ଆଉ ସେ ନକୋଲଇଟା ବି ବୁଢ଼ା ଟାଏ । ସେଇଟା ମୋ ସଙ୍ଗରେ ଲଢ଼ିଥାନ୍ତା ଭଲା ! ନ ହେଲେ ପୁଲିସ ତାକୁ ମତେ ଜେଲ ଦିଆଇଥା'ନ୍ତା ।

ମୁଁ ବୁଢ଼ାଟପଡ଼କୁ ଦେଖିବାକୁ ଗଲି । ଦେଖିଲି, ଗୋଟାଏ ଗାତ ପଛ ସେଇ ଯେଉଁ ଟାର ରାସ୍ତା ଟଣାଗଲା, ସେଇଠି ସେ ଟେବୁଲ ଉପରେ ଢଳିପଡ଼ି ଗୋଟାଏ ସାନ-ଲ୍ୟାମ୍ପ୍ ଆଲୁଅରେ ତା' ଚିରା ଫଟେଇ ସିଲେଇ କରୁଛି ।

"ଯ୍ୟାକଭ୍ ମରିଗଲେ ।"

Digitized by srujanika@gmail.com

ବୁଢ଼ା ତ' ହାତଟି ଟେକିଲା । ହାତରେ ଭୁଣ୍ଡିଟା ଥାଏ । ସେ ବୋଧହୁଏ ମନ୍ଦ ଲୋକର ଆତ୍ମାର ସଦ୍‌ଗତି ମନାସି ଭୁଣ୍ଡି ଉପରେ ଦୁଇ ବ ହାତକୁ ଛନ୍ଦ କରିବାକୁ ଯାଉଥିଲା— କିନ୍ତୁ ଅଉ ସେ ମୁଦ୍ରା କଲା ନାହିଁ । ତା' ଭୁଣ୍ଡିର ମୁଠାଟା କେଉଁଥିରେ ଠାଏ ଗୁଡ଼େଇ ହୋଇଗଲା । ସେଇଠୁ ତା' ମୁହଁକୁ ସ୍ୱର ଗୁଳ ଗୁଡ଼ ହୋଇ ଅଶ୍ଳୀଳ ଗାଳି ଗଦେ ବାହାରିଗଲା ।

ଟିକିଏ ବେଳ ଗଲା । ସେ ଗୁଣୁ ଗୁଣୁ ହେଲା

"ହୁଁ,— କଥା ତ ସେଇଆ । ଅମେ ସମସ୍ତେ ମରିବା । ବେଳ ଅସିଲେ ଯିବା । ସମସ୍ତିଙ୍କର ଏଇଟା ଗୋଟାଏ ମୂର୍ଖ ଅଭ୍ୟାସ । ହୁ, ସେଇଆ ସତ୍ୟ ! ସ୍ୱାକର୍— ତା' ହେଲେ ସେ ମରିଗଲା, ନାହିଁ ? ଅଉ ଏ ପାଖରେ ବ ଆଉ ଜଣେ ରହୁଥିଲା, ଜଣେ ତମ୍ବା ଚ'ଟେର । ସେ ବ ଗ୍ଲଲିଗଲା । ରବିବାର ଦିନ ପୁଲିସବାଲାମାନେ ତାକୁ ଧରି ନେଇଗଲେ । ଗୃହ ମତେ ଚିହ୍ନା କରେଇଦେଇଥିଲା ସେ ତମ୍ବା କାଗଜର ସାଙ୍ଗରେ । ଖୁବ ବୁଦ୍ଧିଆ ଲୋକଟିଏ । ଗୁଡ଼ମାନଙ୍କ ସଙ୍ଗରେ ... ... । ପିଲା ଏ ବ କ'ଣ ଗୋଟାଏ ହୋ ହା କରିବାକୁ ବହିଛନ୍ତି— ... ... ? ହେଇଟି ଏ ଫଟେଇ ଟିକିଏ ପିଠିଦେଲୁ, ମୋ ଅଖିକୁ ...

ଛୁଣ୍ଡାକନାଗୁଡ଼ାଏ, ଭୁଣ୍ଡି ଅଉ ସୂତା ସେ ... ... ଆଉ ଥରେ ଘରର ଏମୁଣ୍ଡ ସେମୁଣ୍ଡ ଟହଲିବାକୁ ... । ତ'ହାକ ପିଠିଅଡ଼େ ଛନ୍ଦପକାଇ ଦେଇଥାଏ, କାଶୁ କାଶୁ ବାଙ୍କୁଡ଼ି ... ଭୁଟକୁ ଭୁଟକୁ ହେଉଥାଏ

"ଭେଟେଭେଟେ ଏଠି ତ ଭେଟେଭେଟେ ..., ... କଳାକଳା ଲାଗୁଛି । ସେଇଠୁ ସଇତାନ ତାକୁ ଫଙ୍କି ଫନ୍ଦି ... ... ମୃତ୍ୟୁ ଝୁଲେ ଘୋଟେଇ ଘୋରଟେଇ ହୋଇ ସହସ୍ର ... । ... ... ରହିଲେ କପାଳରେ ଭଲ ନାହିଁ । ମୁଁ ଏଠୁ ଗ୍ଲଲିଯିବି । ... ... ଯିବ । ନହେଲେ ଅଉ ଡଙ୍ଗା ମିଳିବ ନାହିଁ । ତା' ଆଗରୁ ମୁଁ ଚାଲି ଯିବି ।"

ଅଟକିଗଲା, ଚନ୍ଦ୍ରା ମୁଣ୍ଡକୁ ଅଣ୍ଟୁ ଅଣ୍ଟୁ ମନେ ପକାଇଲା :

"ଯିବ ସେ, ... ଯିବ କହ ... ମୁଁ ପାଇ ନ ଥିଲି ... ... ନାହିଁ । ଗୋଟାଏ ବ ନାହିଁ । ହଁ, ମୁଁ ଭୁଲିଛି, ଭୁଲି ଭୁଲି ମୁଁ ... ଶେଷ କରିଦେଇଛି । ଭୁଲି ଭୁଲି ଘୋର ହୋଇଗଲି, ଫଳ ହେଲା ସେତକ ।"

Digitized by srujanika@gmail.com

ଥୁ'କରି ଲଣ୍ଡାଏ ଛେପ ପକାଇ ଦେଲା, କହିଲା :

"ଛିଃ, ଜୀବନ ! ଚଲି ! ଗାଡ଼ି ! ଖାଲି ବଞ୍ଚିଥା, କାମ କରୁଥା, ଖଟି ଖଟି ଦେହ ହାଲିଆ ହେଉ—ଆଉ କଭ ଛଡ଼ୁ । ନା ଆତ୍ମାର ଲଭ, ନା ଦେହର ଲଭ !"

ସେ ହଠାଏ ଚୁପ ପଡ଼ିଗଲା । କବାଟ କୋଣରେ ଠିଆ ହୋଇଥାଏ, ସତେ ଯେମିତି କୁଆଡ଼େ କାନେଇଥାଏ । ସେହିଠୁ ଟଳ ଟଳ ହୋଇ ଘର ଆରପଟକୁ ଚାଲିଆସି ମୋ ପାଖରେ ଟେବୁଲ ଧାଡ଼ରେ ବସିପଡ଼ିଲା, କହିଲା :

"ଶୁଣ ରେ ବାବୁ ଆଟ୍‌ଲକସି, ମଣିଷର ହୃଦୟଟା ଏତେ ମହତ୍, ଅଥଚ ସେ ଲୋକଟା ଯେ ତା' ହୃଦୟଟାକୁ ଖାଲି ସେମିତିଆ ବାଟରେ ଭଗବାନଙ୍କ ବିରୁଦ୍ଧରେ ଖର୍ଚ୍ଚ କରିଦେଇ ଗଲା, ଏଇଟା ବଡ଼ ଅବଶୋଷ କଥା । ଭଗବାନ କି ସମ୍ରାଟ୍—ଯାଙ୍କ ଅସ୍ତିତ୍ୱକୁ ମୁଁ ଅସ୍ୱୀକାର କଲେ ବି ଏମାନେ ବଦଳିବେ ନାହିଁ ରେ, ସେଙ୍କର କିଛି ଯିବ ନାହିଁ । ଦରକାର ପଡ଼ୁଛି ଏତିକି ଯେ ଲୋକେ ନିଜେ ଯେମିତି ଘୋଟାଳ ଜୀବନ ଭିତରେ ଅଛନ୍ତି, ସେମାନେ ନିଜ ଉପରେ ରାଗନ୍ତେ, କହନ୍ତେ : 'ନା ଁ, ଏମିତି ଜୀବନ ଆମେ ଆଉ ବରଦାସ୍ତ କରିବୁ ନାହିଁ ।' ତେବେ ଯାଇ ସେ ଟାଏ ଭାମ ହ'ନ୍ତା । ଏଃ ! ମୁଁ ତ ବୁଢା ହୋଇଗଲି । ବହୁତ ଦିନ ହୋଇଗଲା ମୋ ଜନ୍ମ । ମୁଁ ବିଲ୍‌କୁଲ ଅନ୍ଧ ହୋଇଯିବି ରେ ବାପ, ଆଉ ବେଶି ଡେରି ନାହିଁ । ବଡ଼ ଦୁର୍ଭାଗ୍ୟର କଥା, ବାବୁ ! ଗୁଡ଼ ! ଫେଡେରଟା ସିଲେଇ ହେଲା ? ସୁନା ପୁଅ ! ………ହଉ ଚାଲ, ହୋଟେଲକୁ ଯିବା ସେ ଟିକଏ ଚା' ଖାଇବା ।"

ହୋଟେଲକୁ ଯାଉଥାଉଁ । ଅନ୍ଧାରରେ ସେ ଟୁଣ୍ଟୁଥାଏ । ପଡ଼ି ଯା'ନ୍ତା ଯାଉ ମୋ କାନ୍ଧକୁ ଧରିପକାଉଥାଏ । କହିଲା :

"ମୋ କଥା ମନେ ରଖିଥା । ଦିନେ ଲୋକଙ୍କ ଧୈର୍ଯ୍ୟ ତୁଟିଯିବ । ତାଙ୍କ ମୁଣ୍ଡ ଗରମ ହୋଇଯିବ । ସେ ସବୁ ଖାଲି ଭାଙ୍ଗି ଚୁରି ପକାଇବେ । ଯେତେ ତୁଚ୍ଛ ପଦାର୍ଥ ସେମାନେ ସଞ୍ଚିଛନ୍ତି ସବୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇବେ । ଲୋକଙ୍କ ଧୈର୍ଯ୍ୟ ଶେଷ ହୋଇଯିବ ।"

ଆମେ ଆଉ ହୋଟେଲ ପର୍ଯ୍ୟନ୍ତ ଯାଇ ପାରିଲୁ ନାହିଁ । ହାବୁଡ଼ିଗଲୁଁ ପଞ୍ଚାଏ ନାବିକଙ୍କ । ତୋଟାଏ ବେଶ୍ୟାଘର ଥିଏ, ସେମାନେ ତାଙ୍କୁ ଘେରିଯାଉ କରିଥାନ୍ତି । ଆଲଫନ୍ସଭ ମିଲର ଦଳେ ଶ୍ରମିକ ସେମାନଙ୍କୁ ବାଧା ଦେଇ ଅଟକାଉଥାନ୍ତି ।

Digitized by srujanika@gmail.com

ବୁଦ୍ଧଦେବ ଆଖିରୁ ଚଷମା କାଢ଼ିପକାଇ ଖୁସିଟାଏ ହୋଇ କହନ୍ତି : "ସବୁ ଛୁଟିଦିନ ଏଠି ମାଡ଼ଗୋଳ ଲାଗିଥାଏ ।" ଯେମିତି ଦେଖିପକାଇଲି ଯେ ଯେଉଁମାନେ ଆକ୍ରମଣକୁ ପ୍ରତିରୋଧ କରୁଛନ୍ତି, ତାଙ୍କ ଭିତରେ ତା'ଚହ୍ଲାଜଣା ଲୋକ ଅଛନ୍ତି, ସେମିତି ତାଙ୍କ ସଙ୍ଗରେ ମିଶି ସା ଦେଇ ସେ ଲଢ଼େଇରେ ମାତିଗଲା । ସାଙ୍ଗମାନଙ୍କୁ ସାହସ ଦେବାକୁ ପାଟି କରୁଥାଏ :

"କେବେ ଛାଡ଼ନା ଖଳ ବୃଣାକାରମାନେ ! ବେଙ୍ଗଗୁଡ଼ାଙ୍କୁ ହେଚ ଛତୁ କରିଦିଅ । ଚୂଟ୍ନା ଗୁଡ଼ାଙ୍କ ମୁଣ୍ଡରୁ ଡବ୍ଦି କାଢ଼ିଆର କରିଦିଅ । ଲଗା ଧମାଧମ୍ !"

ତା' ଉତ୍ସାହ ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଥାଏ । କେଡ଼େ ଚଲାଖ ଚତୁର ଏ ବୁଢ଼ା ! କାଉଶମାନଙ୍କୁ ମାଡ଼ ଚଢ଼େଇ ଚଢ଼େଇ କେଡ଼େ ସୁତୁରୀ ବାଗରେ ସେ ତାଙ୍କ ଗହଳି ଭିତରେ ବାଟ କାଟି କାଟି ମାଡ଼ିଯାଉଥାଏ । କେମିତି ପେଞ୍ଚ ଖେଳୁଥାଏ ସେ ତାଙ୍କ ମାଡ଼ ତା'ଦେହରେ ବାଜୁନଥାଏ ; ଅଥଚ ଚଟସ୍ରଟ୍ ଖାଲି କାଛ ବୁଲେଇଦେଇ ଧକା ମାରିମାରି ସେ ଗୋଟାକୁ ଗୋଟା ଶୁଆଇ ଦେଉଥାଏ । ସେ ଦଳକଯାକ ମନ-ଖୁସିରେ ମାଡ଼ଗୋଳ ହେଉଥାନ୍ତି । କାହାରି କାହା ପ୍ରତି ରାଗ ନାହିଁ କି ହିଂସା ନାହିଁ । ଖାଲି ମଉଜ କରିବାକୁ ମାଡ଼ଗୋଳ । ତାଙ୍କ ଦେହରେ ଯେତେ ବଳକା ଶକ୍ତି ବଢ଼ୁଛି ଉଠୁଛି, ସେଗୁଡ଼ାକ ପଦାକୁ ବାହାରିଯାଉ, ଖାଲି ଏଇଥିପାଇଁ । ଗୁଡ଼ାଏ ଦେହ ଏକାଠି ମେଞ୍ଚାହୋଇ ମିଲ ଶ୍ରମିକମାନଙ୍କୁ ପଛକୁ ଠେଲୁଥାଏ, ଏକାଠି ହୋଇ କଳା ଦିଶୁଥାଏ; ଠେଲି ଠେଲି ପଟା ଦୁଆର ଫାଟକ କେଁକଟର ଡାକିଲା, ସତେ ଯେମିତି ସେଇଟା ପ୍ରତିବାଦ କରିଉଠିଲା ।

ହର୍ଷଚତ୍କାର ଶୁଭିଲା :"ଆରେ, ସେ ଚନ୍ଦାମୁଣ୍ଡିଆ ସୈନ୍ଧକଟାକୁ ଧର ରେ !"

ମାଡ଼ଗୋଳ ଲଗେଇଥିବା ଲୋକଙ୍କ ଭିତରୁ ଦି'ଜଣ ସେ ଘର ଛାତ ଉପରେ ଚଢ଼ିଯାଇ ନବଜ ଲଗାଇ ଗୀତ ଗାଇଲେ :

"ଆମେ ନୋହୁଁ ଚୋର ହୋ
ଆମେ ନୋହୁ ତସ୍କର,
ଆମେ ନୋହୁଁ ଡକାଇତଦଳ ।
ଆମେ ସେଇ ଟୋକାପଞ୍ଝା ଉଡ଼ାନ୍ତି ଯେ ହସରେ
ଆସୁ ଯେତେ ବଣ୍ଡାଖକା ଯେତେ ତେଢ଼ ବତାସି
ଆମେ ପରୁ କେଉଟ ହୋ ଆମେ ପରୁ କେଉଟ !"

Digitized by srujanika@gmail.com

ପୁଲିସ ସିଟି ଶୁଭିଲା । ଅନ୍ଧାର ଭିତରେ ପୁଲିସବାଲାଙ୍କ କୋଟ୍‌ର ଚମ୍ପା ବୋତାମଗୁଡ଼ାକ ଝକ୍ ଝକ୍ ହସିଲା । କାଦୁଅରେ ତାଙ୍କ ଜୋତାମଡ଼ା ପାଦର ମଚ୍ ମଚ୍ ଶବ୍ଦ ଶୁଭିଲା । କିନ୍ତୁ ଘାଟ ଉପରେ ଗୀତ ଝୁଲି ଝୁଲିକା ଭାସିଆସୁଥାଏ

"ଆଗେ ପକାଇଲୁ ଜାଲ ହୋ
ଲୋକ, ଓଟାଟ ଅଣିଲୁ କୂଳକୁ
ଓଦା ହୁଏ ନାହିଁ ଶୁଖିଲା କୂଳ
ଓଟାଇ ଆଣିଲୁ କୂଳକୁ ।
ଭୁଟା ଦେଯାଇବ ଅନ୍ତଲ ପେଟ, ଡୋଲଛନ୍ତି ପର୍ବଘର,
ଜାଲ ଘୋଷାରିଲୁ ଘର ଭିତର ହୋ,
ଭଣ୍ଡାରବଟ କ ଗୁହାଳବାଟ
ସବୁ ଘର ଭେଦ ଆସିଲା ହୋ ଶୁଖିଲା କୂଳ ।"

ପାଟି ଶୁଭିଲା :

"ହେଇ, ରହ ରହ ! ମଣିଷଟା ପଡ଼ିଗଲଣି, ତାକୁ ଆଉ ମାର ନା ।"

"ଅନା ! ଚୁପିଅର ! ଚୁପ୍‌ଅର !"

ଶେଷରେ ମତେ, ଭୁବ୍‌ଭୂଷଣଙ୍କୁ ଆଉ ପାଞ୍ଚ'ଜଣଙ୍କୁ, ତାଙ୍କ ଭିତରେ ଆମପଟ ଲୋକ ଥିଲେ ଶତ୍ରୁପକ୍ଷ ଲୋକ ବି ଥିଲେ—ଆମ ସମସ୍ତଙ୍କୁ ପୁଲିସ ଥାନାକୁ ନେଇଗଲେ । ଆମ ପଛେ ପଛେ ଶରତ ରାତିର ନୂଆ ପ୍ରଶାନ୍ତ ଭିତରେ ଗୀତ ଶୁଭୁଥାଏ !

"ହୋ ! ଜାଲରେ ଅମର ମାଛ ପଡ଼ିଥିଲ ବୁଲିଣି ଗୋଟା,

ଜାଠ ଜାଠ ଦାମୀ ଭୁମିଅଁ ଗୁଲ ହୋ

ଗୁଣ୍ଡୁଚ ଗୁଲ, ସେବୁଲ ଗୁଲ, ବଭର ଗୁଲ !"

ଭୁବ୍‌ଭୂଷଣ୍ ଖୁସି ହୋଇ ପାଟିକଲ :

"ଆରେ ବାବା, ଭଲ୍ ଗା ନଇ ନାହୁରଟୋକାଙ୍କୁ ପାରିବ କଏ ?" ଥୁ ଥୁ କରି ପାଟିରୁ ରକ୍ତଗୁଡ଼ାକ କାଢ଼ିପକାଇଲ । ନାକଟା ଛେଚା ହୋଇଯାଇଥାଏ ସେ ସୁ କରିଦେଲ । ମୋ କାନରେ କହିଲ, "ରୁ ଯା' ପଳା । ଅନେଇଥା, ଓର ହେଣ୍ଡି ଦେ ମାର ଡଥ । ମିଛୁଆରେ କାହିଁକ ହାଜତରେ ପଶିବୁ ମିଛିଲୁ ?"

Digitized by srujanika@gmail.com

ଗୋଟାଏ କରପଟିଆ ଗୁଳି ପଡ଼ିଲା, ମୁଁ ଦଉଡ଼ି ପଳାଇଲି । ଜଣେ ସବୁ ଦେଖା ନାୟକ ମୋ'ଠି ଦୃଷ୍ଟାନ୍ତ ଅନୁସରଣ କଲା । ଆମେ ଗୋଟାଏ ବାଡ଼ ଉପରେ କେଉଁଠି ଚାଲିଗଲୁଁ; ସେଇଠୁ ଆଉ ଗୋଟାଏ ବାଡ଼ ଡେଇଁଲୁଁ । ମୋର ସେ ଚଳନ୍ତି ସ୍ନେହୀ ବନ୍ଧୁ ନିକିତା ଭୁଦ୍‌ଭୁସଭ ସଙ୍ଗରେ ଶେଷ ଦେଖା ।

କ୍ରମେ ମୋ ଜୀବନ ଅନ୍ତର ଅନ୍ତର ଶୂନ୍ୟ ହୋଇଯାଉଥାଏ । ଛାତ୍ର ଆନ୍ଦୋଳନ ଗୋଳମାଳ ଆରମ୍ଭ ହେଲା । ମୁଁ ତାକୁ କିଛି ବୁଝି ପାରିଲିନାହିଁ କି ତା' ଲକ୍ଷ୍ୟ କଣ, କେଉଁ କାରଣରୁ ସେ କରାଗଲା ସେସବୁ କିଛି ମୁଁ ବୁଝିପାରିଲି ନାହିଁ । ମୁଁ ସେ ଆନ୍ଦୋଳନର ବାହାରିଆ ମନଭୁଲାଣିଆ ମହଜ ଆଡ଼ମ୍ବର ଦିନା ଦେଖୁଥାଏଁ, କିନ୍ତୁ ତା' ପଛଆଡ଼େ ଯେଉଁ ନିଷ୍ଠାପର ସଂଘର୍ଷ ଓ ପ୍ରତିରୋଧ ଲାଗିରହିଥାଏ ତାକୁ ମୁଁ ଲକ୍ଷ୍ୟ କଲି ନାହିଁ । ମତେ ଲାଗିଲା ଯେ ୟୁନିଭର୍ସିଟିରେ ପଢ଼ିବାର ଯେଉଁ ଆନନ୍ଦ, ସେତକ ପାଇବା ସକାଶେ ଦୈହିକ ଯନ୍ତ୍ରଣା ବି ସହିହେବ ।

ମତେ ଯଦି କିଏ କହୁଥାନ୍ତା, "ତୁ ପଢ଼ିପାରୁ, କିନ୍ତୁ ପ୍ରତି ରବିବାର ଦିନ ନିକୋଲାଏଭ୍‌ସ୍କାୟା ଛକରେ ତତେ ଠେଙ୍ଗାରେ ଛେଚା ହେବ", ମୁଁ ବୋଧହୁଏ ସେଥିରେ ରାଜି ହୋଇଥାନ୍ତି ।

ଥରେ ସେମ୍ୟାନୋଭ୍ ଛୁଟି କାରଖାନାକୁ ବୁଲିଯାଇଥିଲି । ସେଠି ବୁଝିଲି ଯେ ସେଠିକା ଶ୍ରମିକମାନେ ବସ୍ତୁଛନ୍ତି, ୟୁନିଭର୍ସିଟିକୁ ଯିବେ, ଯାଇ ଛାତ୍ରମାନଙ୍କୁ ମାଡ଼ ଚଟେଇବେ ।

ଛୁଟି କାରଗରର ଈର୍ଷାରେ ଖୁସି ହୋଇ କହୁଥାଏ, "ଆମେ ଥୋଡ଼ାଏ ଲୁହା ବଟକରା ବି ଧରି ଯିବା ଯେ !"

ମୁଁ ସେମାନଙ୍କ ସଙ୍ଗରେ ଯୁକ୍ତି କରିବାକୁ ଚେଷ୍ଟା କରିଥିଲି । କିନ୍ତୁ ହଠାତ୍ ମୁଁ ଆବିଷ୍କାର କଲି ଯେ ଛାତ୍ରମାନଙ୍କ ପିଟିରେ ପଡ଼ିବାକୁ ମୋର ଆଦୌ ଇଚ୍ଛା ନାହିଁ କି ସେମାନଙ୍କ ପକ୍ଷରେ କହିବାକୁ ମୋର ଆଦୌ କିଛି ନାହିଁ । ଆବିଷ୍କାରଟା କରି ମତେ ନିଜକୁ ଭାରି ଡର ମାଡ଼ିଲା ।

ମୁଁ ସେ ତଳ କୋଠିରୁ ଚାଲିଆସିଲି । ମନେ ଅଛି, ମୁଁ ଟଳୁଥାଏଁ, ମୋ ଦେହ ବୁଲୁଥାଏ । ମୋ ହୃଦୟ ଭିତରେ ଥାଏ ଦାରୁଣ ଯନ୍ତ୍ରଣା । ମୁଁ ସେ ମନସ୍ତାପକୁ ଅନୁଭବ କରିପାରୁ ନ ଥାଏଁ । ତା' ବାହାରେ ମୋ ମନ ଗୁଣ୍ଡା ହୋଇଯାଉଥାଏ !

ବହୁତ ରାତିଯାକେ ମୁଁ ଖାଲି ବୁଦାନ୍ ନଈ ବନ୍ଧ ଉପରେ ବସି ନଈର କଳାଘୁମର ପାଣି ଉପରକୁ ଟେକା ଫୋପାଡ଼ୁଥାଏଁ, ଆଉ ଘୋରଥେଇ

Digitized by srujanika@gmail.com

ପୋଷକେତେଇ କଟ ଏକା ସ୍ୱରରେ ମନେ ମନେ ବାରମ୍ବାର ଝୁଣ ଲଗିଥାଏଁ. ସେଇ ଗୋଟାଏ କଥା, ଖାଲି ସେଇ ପାଞ୍ଚଟି ଅକ୍ଷର—

"କଣ କରିବ ?"

ମୋ ଜୀବନର ଶୂନ୍ୟତା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ମୁଁ ବେହେଲା ବଜେଇ ଶିଖିଲି । ରାତିରେ ଦୋକାନଘରେ ବେହେଲା ବଜାଏଁ । ସେଥିରେ ଦବୃଅନର.ବି ଅସୁବିଧା ହୁଏ, ମୂଷାମାନଙ୍କର ବି ଅସୁବିଧା ହୁଏ । ସଙ୍ଗୀତ ମତେ ଖୁବ ଭଲ ଲାଗେ । ଏ ନୂଆ ସଉକରେ ମନପ୍ରାଣ ଦେଇଦେଲି । କିନ୍ତୁ ଦିନେ ରାତିରେ କଣ ହେଲା ନା ବେହେଲା ବଜେଇବା ଶିଖୁ ଶିଖୁ ମୁଁ ଦୋକାନଘରୁ ମୁହଁ ଧୋଇବ ପାଇଁ ପଡାକୁ ଗଲି । ଭୁଲରେ ପଇସା ରଖିବା ଅଲମାରି ଖୋପରେ ତାଲି ପକାଇ ନ ଥିଲି ଯେ, ମୁଁ ଯେମିତି ଯାଇଛି ସେମିତି ବେହେଲା ଶିଖାଇବା ମାଷ୍ଟର ସେ ଖୋପଟାକୁ ଖୋଲିପକାଇଲା । ସେ ଲୋକଟା ଗୋଟାଏ ଥିଏଟରରେ ବାଜା ବାଜଉଥିଲେ ସେଥିରେ ବେହେଲା ବଜାଏ । ମୁଁ ପୁଣି ଯେତେବେଳେ ଦୋକାନଘର ଭିତରକୁ ଫେରିଆସିଲି, ସେତେବେଳେ ସେ ତା' ଦୁ'ପକେଟଯାକ ଟଙ୍କାପଇସା ପୂରେଇବାରେ ଲାଗିଥାଏ । ମତେ ଯେମିତି ଦୁଆରବନ୍ଧରେ ଦେଖିଛି, ସେମିତି ତା' ମୁଣ୍ଡକୁ ଆଗକୁ ଲମ୍ବେଇଦେଲା, ଆଉ ମତେ ଯେମିତି ମୋଠୁଁ ମାଡ଼ ମିଳୋଉଛି, ସେମିତି ଭଙ୍ଗୀରେ ମୋ ଆଡ଼କୁ ତା'ର ମୁହଁଟାକୁ ଦେଖାଇଦେଲା, ଝିଅର ହୋଇଥିବା ଶୁଖିଲା ମୁହଁଟାଏ ।

କହିଲା, "ହଉ, ମାରିବ ତ, ମାର !"

ତା' ଓଠ ଦି'ଟା ଥରୁଥାଏ । ତା'ର ବିବର୍ଣ୍ଣ ଆଖିଦି'ଟାରୁ ତବ'ତକଟା ଲୁହ ବୋହିଯାଉଥାଏ । ଲୁହ ଟୋପାଗୁଡ଼ାକ ଅସ୍ୱାଭାବିକ ପ୍ରକାରେ ବଡ଼ ।

ତାକୁ ବାଡ଼େଇବାକୁ ମୋ ମନ ହେଉଥାଏ । ମାଡ଼ ମାରିବାକୁ ମୁଁ ଯାହା ମୋ ଡ଼' ହାତରୁ ମୁଠା କରିଥିଲି; ମୋ ମନକୁ ରୋକିବା ସକାଶେ ମୁଁ ମୋ ଦ ମୁଠା ଉପରେ ନଅକଣ ଭୂଇଁ ରେ ବସିପଡ଼ିଲି । ବସିପଡ଼ି ତାକୁ କହିଲି, ସେ ପଇସା ଖୋପରେ ଟଙ୍କାପଇସାଗୁଡ଼ାକ ଥୋଇଦେଉ । ସେ ତା'ର ଦୁଇ ପକେଟ ଖାଲି କରିଦେଲା; ସେଉଠୁ ଦୁଆରମୁହଁ ଆଡ଼କୁ ଚାଲିଯାଉଥିଲା । ଅଟକିଯାଇ ମୂର୍ଖଙ୍କ ପରି ତାକ ଅତରୀ ପକାଇ ଭୟଙ୍କର ସ୍ୱର କରି ବଡ଼ ପାଟିରେ କହିଲା : "ଆଣ, ଦେ ମତେ ଦଶ ରୁବଲ୍ ।" ମୁଁ ତାକୁ ଦଶ ରୁବଲ୍ ଦେଲି । କିନ୍ତୁ ସଙ୍ଗୀତ ବନ୍ଦ କଲି ।

Digitized by srujanika@gmail.com

ଡିସେମ୍ବର ମାସରେ ମୁଁ ସ୍ଥିରଚିତ୍ତ ଠିକଣା କଲି ଯେ ମୁଁ ଆତ୍ମହତ୍ୟା କରିବି। ଏ ପରିସ୍ଥିତିର ପୃଷ୍ଠଭୂମିକୁ ବର୍ଣ୍ଣନା କରିବାକୁ ମୁଁ ଏହା ପରେ ମୋର ଗୋଟିଏ ଗଳ୍ପରେ ଚେଷ୍ଟା କରିଛି। ଗଳ୍ପର ନାଁ "ମାକାର୍‌ର ଜୀବନରେ ଗୋଟିଏ ଘଟଣା।" କିନ୍ତୁ ମୋର ସେ ଚେଷ୍ଟା ସଫଳ ହେଲା ନାହିଁ। ଗଳ୍ପଟାର ଗଢ଼ଣ ବିଗିଡ଼ିଯାଇଛି। ଗୋଟାଏ ବେଠଙ୍ଗିଆ ଗଳ୍ପଟାଏ, ଅପ୍ରାକୃତ। ସେଥିରେ ଆତ୍ମଜୀବନୀ ସତ୍ୟ ନାହିଁ। ତଥାପି, ମତେ ଲାଗେ ଯେ ଆତ୍ମଜୀବନୀ ସତ୍ୟର ଅଭାବ ହିଁ ସେ ଗଳ୍ପର ବାହାଦୁରି। ଭାବପ୍ରାଣୀର ଘଟଣାବଳୀ ଯାହା ସେଥିରେ ଲେଖାଯାଇଛି, ସେଗୁଡ଼ାକ ସତ ସତ ଲେଖାଯାଇଛି। କିନ୍ତୁ ଘଟଣାବଳୀର ଯେଉଁ ଅର୍ଥ କରାଯାଇଛି, ଯେଉଁ ତାତ୍ପର୍ଯ୍ୟ ସେଥିରୁ ବାହାର କରାଯାଇଛି, ସେସବୁ ମତେ ଯେମିତି ମୋର ନୂଆ କ। ସମୁଦାୟ ଗଳ୍ପଟାର ମୋ ସଙ୍ଗରେ କିଛି ସମ୍ପର୍କ ନାହିଁ, ମନେ ଏମିତିଆ ଲାଗେ। ଗଳ୍ପଟାର ସାହିତ୍ୟିକ ମୂଲ୍ୟ ଅଛି କି ନାହିଁ ସେ କଥା ଅଲଗା। କିନ୍ତୁ ଗଳ୍ପଟାର ଗୋଟାଏ କଥା ମତେ ଭଲ ଲାଗେ, ମନେ ଯେମିତି ମନ ଭିତରେ ନିଜର ଜୀବନ ହେଲା ପରି।

ପୂର୍ବ ବର୍ଷରେ ଯେଉଁମାନେ ଜମିଦାର ଥିଲେ, ସେମାନେ ସେହି ସ୍ଥାନ ଶିଳ୍ପଭରା ଦେଶ କରିଦେଇଥାନ୍ତି, ବଜାରକୁ ମୁଁ ସେଠିଥିବୁ ଗୋଟାଏ ଶିଳ୍ପଭରା କିଣିଲି। ସେଥିରେ ଗୁଳିଟା ଗୁଳି ଖଞ୍ଜା ହୋଇଥାଏ। ମୁଁ ସେ ବନ୍ଧୁକ ଧରି ମୋ ନିଜ ଘରେ ଗୋଟାଏ ଗୁଳି ମାରିଦେଲି। ହୃଦପିଣ୍ଡ ଥିବା, ଗୁଳିଟା ମୋ କଲିଜାରେ ବାଜିବ। କିନ୍ତୁ ଗୁଳିଟା କଲିଜାରେ ନ ବାଜି ଗଳିଗଲା ମୋ ଫୁସ୍‌ଫୁସ୍‌ରେ। ମାସେ ଗଲା। ହୁଣ୍ଡାଢାମ କରୁଛି ବୋଲି ଖବର ମାଡ଼ିପଡ଼ୁଥାଏ, ଖବର ଲୋକ ମାଡ଼ୁଥାଏ। ପୁଣି ମୁଁ ବୁଟି କାରଖାନାରେ ଆସି କାମ କଲି।

କେବେ କେବେ ଦେଶୀୟନ କାମ କରିବାକୁ ଯାଉଁଲି ନାହିଁ। ଦିନେ ସନ୍ଧ୍ୟାବେଳେ ମୁଁ ବୁଟି କାରଖାନାରୁ ଫେରୁଥାଏଁ, ସେତେବେଳକୁ ମାର୍ଚ୍ଚ ମାସ ଶେଷ ସମୟ, ଦେଖିଲି, ଦୋକାନ ପଛଆଡ଼େ ଯେଉଁ ବଗିଚାଟା ଅଛି, ତା' ଦୁଆର ପାଖରେ ବସିଛି ଝୋଟିଲ୍। ସେ ଗୋଟାଏ ମୋଟା ସିଗାରେଟ୍ ଟାଣୁଥାଏ। ତା' ଦ୍ୱାରକରେ ମେଘପରି ଧୂଆଁ। ଚକିତ ହୋଇ ସେ ଧୂଆଁ ଭିତରକୁ ସେ ଚାହିଁଥାଏ।

ମତେ ଦଣ୍ଡବତ ନ କରି କହିଲେ :

"ଅଚ୍ଛା ଟିକିଏ ବେଳ ହବ ତୁମକୁ ?"

"ଢେର ଦିନ୍ ।"

Digitized by srujanika@gmail.com

"ବସ, ତୁମ ସାଙ୍ଗରେ କଥାଭାଷା ହେବ ।"

ସବୁଦିନ ପଞ୍ଚ ସେ ମୋଟା କନାର କୋଟ ଖଣ୍ଡେ ପିନ୍ଧିଥାଏ; ବୋତାମ ଲଗାଇଦେଉଥାଏ । ତା'ର ଚନ୍ଦ୍ରା ଛୁଣ୍ଡି ଉପରେ ତା'ର ସୁନ୍ଦର ଦାଢ଼ି ଲମ୍ବି ଥାଏ, ତା'ର [illegible] କଟାହୋଇଥିବା ମୁଣ୍ଡବାଳ ତା'ର ଅମଳିଆ କପାଳ [illegible] ରଖୁଥାଏ । ସେ ପିନ୍ଧୁଥାଏ ଓଳନ୍ଦାର ଜୋତା, ସେଥିରୁ ଯାହାଙ୍କୁ [illegible] । ସେ ଜୋତାରୁ ବଡ଼ଜ ପ୍ରକାରରେ ଆଲକାତରା ଗନ୍ଧ [illegible] ।

କହିଲ "ହେଉଛି, ଶୁଣ ! ମୁଁ ସେଉଠି ରହେ, ଆସିବ ସେଠିକି ? ମୁଁ ରହେ ଫ୍ଲୋରେନ୍ସଙ୍କ ଗାଁ'ରେ । ଭଲ୍‌ଗା ନଈରେ ଷ୍ଟିମ୍ବର ଉଠିଲେ ବାଟ ଗଲେ ସେ ଗାଁ ପଡ଼େ । ସେଠି ମୋର ଗୋଟାଏ ଦୋକାନ ଅଛି । ତମେ ମୋ ଦୋକାନ [illegible] କରନ୍ତ । ସେଥିରେ ବେଶି ବେଳ ଯିବ ନାହିଁ ହେ ! ମୋର [illegible] ଅଛି । ତୁମେ କିଛି ପାଠ ପଢ଼ନ୍ତ, ମୁଁ ସାହାଯ୍ୟ [illegible] ?"

[illegible] ।"

"[illegible] ତ'[illegible] କ୍ରାଟୋଭର ଘାଟଠି ଥିବ । ପଣ୍ଡିତ, [illegible] ବୋଲି । ମାଲିକ ନା ଇପିଲ [illegible] । [illegible] ଦରକାର ପଡ଼ିବ ନାହିଁ ହେ ! ତୁମେ ନ ପଢ଼ୁଥିଲେ ମୁଁ ସେଠି ଯାଇ ପଢ଼ୁଥାଆନ୍ତି । ନମସ୍କାର ।"

[illegible] ହେଲବେଳେ ପ୍ରଥା ଅନୁସାରେ ହାତରେ ହାତପାପୁଲି ଘଷିବାପାଇଁ ସେ [illegible] ହାତପାପୁଲିଟିଏ ବଢ଼ାଇଦେଲ । ଭିତର ପକେଟରୁ ସେ [illegible] ଘଣ୍ଟା କାଢ଼ି ଦେଖିଲ; କହିଲ

[illegible] ମିନିଟ୍ ଲାଗିଲ ଆମକୁ । ଆରେ ହଁ, ମୋ ନାଁ ଡେରେମାସ୍ ମିଖାଇଲୋ [illegible] । ସଇଲା ।"

ପଛକୁ ବ ଅନାଇଲା ନାହିଁ, ଚାଲିଗଲା । ଖୁବ୍ ଦମ୍ଭ ଚାଲି । ଦେହଟା ତ ଆକାରରେ ଖୁବ୍ ବଡ଼ ଆଉ ବଳୁଆ । ଖୁବ୍ ସହଜ ଛନ୍ଦରେ ଠିକ ଠିକ ଚାଲି-ଯାଉଥାଏ ।

Digitized by srujanika@gmail.com

ତା'ର ଦୁ' ତିନ ବର୍ଷରୁ ମୁଁ ହାସ୍ପୋଭଡୋଡେଷ ଗାଁ'କୁ ଯାତ୍ରା ଆରମ୍ଭ କଲି ।

ବିଶାଳ ଭଲ୍‌ଗା ନଦୀରେ ପଡ଼ିଥିଲି । ଅଳ୍ପ ଦିନ ହେଲା ସେ ତା' ବନ୍ଧନରୁ ମୁକ୍ତ ପାଇଥାଏ । ପ୍ରକାଣ୍ଡ ପ୍ରକାଣ୍ଡ ଧୂସର ବର୍ଣ୍ଣର ବରଫ ତା' କାଦୁଅ ସ୍ରୋତରେ ହୋହଲ ହୋହଲ ତଳଅଡ଼କୁ ଭାସି ଚାଲିଯାଉଥାଏ । ଆମ ଡଙ୍ଗା ସେ ବରଫ ଖଣ୍ଡମାନଙ୍କ କଡରେ ପହଞ୍ଚୁଥାଏ । ସେ ବରଫ ଖଣ୍ଡଗୁଡ଼ାକ ଡଙ୍ଗା ଦେହରେ ଘଷି ହୋଇଯାଆନ୍ତି; ମଚ୍ ମଚ୍ ଶବ୍ଦ କରନ୍ତି । ଆମ ଡଙ୍ଗା ବାଡ଼େଇ ହୋଇଗଲେ କେଉଁ ବରଫ ମୁଣ୍ଡାଗୁଡ଼ାକ ଟିକି ଟିକି ହୋଇ ଫାଟିଯାଏ । ନାଚଖଣ୍ଡ ପରି ଦାଢୁଆ ଚନା ଚନା ବରଫ ପିଚକାରୀ ମାରିଲା ପରି ଛିଟିକିପଡେ । ପବନ ଜୋରରେ ବହୁଥାଏ । ଢେଉଗୁଡ଼ାକ ଅତଡ଼ା ଉପରକୁ ଚଢ଼ିଯାଉଥାନ୍ତି । ପ୍ରକାଣ୍ଡ ପ୍ରକାଣ୍ଡ ମୁଣ୍ଡା ମୁଣ୍ଡା ବରଫଖଣ୍ଡଗୁଡ଼ାକର ନଇପଟଗୁଡ଼ାକ କାଚ ପରି ଚକ୍‌ଚକ୍ କେଲି ଦିଶୁଥାଏ । ସୂର୍ଯ୍ୟକିରଣରେ ଆଖି ଝଲକା ହୋଇଯାଉଥାଏ । ସୂର୍ଯ୍ୟକିରଣ ସେଠି ପ୍ରତିଫଳିତ ହେଉଥାଏ । ଡଙ୍ଗାରେ ଲଦା ହୋଇଥାଏ ବହୁତ ବାକ୍‌ସ, ମଦ ପିପା ଆଉ ବସ୍ତା । ଡଙ୍ଗା ଓଜନ ହୋଇ ବୋଝେଇ ହୋଇଥାଏ, ପାଲ ଲାଗିଥାଏ, ଡଙ୍ଗା ଚାଲିଥାଏ । ପାଙ୍କଭ୍ ମଙ୍ଗ ଧରିଥାଏ । ସେ ଜଣେ ଯୁବା ଚାଷୀ । ଆଡ଼ମ୍ବର କରି ପୋଷାକ ପିନ୍ଧିଥାଏ । ତା' ଫତେଇଟା ଷ୍ଟାର୍ଚ୍ଚ ହୋଇଥିବା ମେଣ୍ଢା ଚମର । ତା' ଛାତି ପାଖେ ନାନା ବର୍ଣ୍ଣର ଫୁଲ ଗୁନ୍ଥା ହୋଇ ଚମକୁଟ ହୋଇଥାଏ ।

ପାଙ୍କଭର ମୁହଁ ଦିଶୁଥାଏ ଶାନ୍ତ, ସ୍ଥିର । ତା' ଆଖି ଗମ୍ଭୀର । ସେ ଚୁପ୍‌ଚାପ୍ ଲୋକ, ଚାଷୀ ଦଣିଷ ମଣ ଅଦୌ ଦିଶୁ ନ ଥାଏ । ମଙ୍ଗ କଡରେ ଠିଆ ହୋଇଥାଏ ପାଙ୍କଭ୍ ଭଡାରେ ଆଣିଥିବା ମଜୁରିଆ କୁକୁସ୍‌କିନ୍ । ତା' ହାତରେ ଗୋଟାଏ ଡଙ୍ଗା-ଅଙ୍କୁଶୀ । କୁକୁସ୍‌କିନ୍ ମଇଳା ମେଲଚ୍ଛିଆ ଲୋକଟାଏ, ପିନ୍ଧିଥାଏ ଗୋଟାଏ ଛିଣ୍ଡା କୋଟ୍ । କୋଟ୍‌ରେ ବେଲ୍ଟ ପରିବର୍ତ୍ତେ ଦଉଡ଼ି ବନ୍ଧା ହୋଇଥାଏ । ତା' ମୁଣ୍ଡରେ ଗୋଟାଏ ନୋଗ୍ରୁବୋଗ୍ଳ ଟୋପି । ଆଗେ ସେଇଟା ଥିଲା ଜଣେ ଖ୍ରୀଷ୍ଟଧର୍ମ ପ୍ରଚାରକର ଟୋପି । କୁକୁସ୍‌କିନ୍‌ର ମୁହଁରେ ବହୁତ ଖଣ୍ଡିଆ ଦାଗ ଓ ଛେଚ୍ଛା ଦାଗ । ଲମ୍ବା ଅଙ୍କୁଶୀ ବାଡ଼ାକ ସେ ଲମ୍ବା ବରଫଖଣ୍ଡ ଗୁଡ଼ାକ ଅଡେଇ-ଦେଉଥାଏ, ଆଉ ଖେଙ୍କି ହଉଥାଏ :

"ଆରେ, ଯା' ପଳା ! କୁଆଡ଼େ ମାଡ଼ିଆସୁଛ ହେ ?" ପାଲତଳେ ବାକ୍‌ସ-ଗୁଡ଼ାଏ ଗଦା ହୋଇଥାଏ । ମୁଁ ଆଉ ଡେମାସ ତା'ର ଉପରେ ବସିଥାଉ ।

Digitized by srujanika@gmail.com

ଶାନ୍ତ ସ୍ୱରରେ ରେମାସ ମତେ କହିଲା :

"ସ୍ତ୍ରୀମାନେ ମତେ ଭଲପାଆନ୍ତି ନାହିଁ, ବିଶେଷତଃ ଧନୀ ସ୍ତ୍ରୀମାନେ । ତୁମେ ବି ତାଙ୍କ ବିଷୟରୁ ଖବର ପାଇବ ଯେ ।"

କୁକୁସ୍କିନ୍ ମଙ୍କ ଉପରେ ତା' ଆଙ୍ଗୁଳିକୁ ଥୋଇଦେଲା । ତା'ର ଛୋଟ୍ଟ ଦାଗମୟ ମୁହଁଟାକୁ ଆମ ଆଡ଼କୁ ବୁଲାଇଦେଇ କହିଲା :

"ତମକୁ ସବୁଠୁ ବେଶି ଟକ୍କେ ଧର୍ମପୁରୋହିତ ଆନ୍ତନିଭ୍ ।"

"ସତ କଥା", ପାଙ୍କଭ୍ କହିଲା, "ତୁମେ ସତେ ଯେମିତି ତା' ତଣ୍ଟିରେ ଲାଗିଥିବା ହାଡ଼ଖଣ୍ଡେ ! ହ୍ୟାପ, ବସନ୍ତମୁହାଁ କୁକୁର ଛୁଆଁଛା !"

"ତେବେ ମୋର ବନ୍ଧୁମାନେ ବି ଅଛନ୍ତି ହେ," ରେମାସ କହିଲା, "ସେମାନେ ତମର ବି ବନ୍ଧୁ ହେବେ ।"

ପବନ ଶୀତୁଆ ଶୀତୁଆ ଲାଗୁଥାଏ । ମାର୍ଚ୍ଚ ମାସର ଉଜ୍ଜ୍ୱଳ ସୂର୍ଯ୍ୟଠୁ ଉଷ୍ମ ମିଳୁଥାଏ ଅତି ଅଳ୍ପ । ନଈକୂଳରେ ପତ୍ର ନ ଥିବା କଳା କଳା ଗଛଗୁଡ଼ାକ ପବନରେ ହଲୁଥାନ୍ତି । ଏଠି ସେଠି, ଯେଉଁଠି ତଣ୍ଟାର ଖାଲସବୁ ଥାଏ କିମ୍ବା ଅତଡ଼ା ଦାଢ଼େ ଦାଢ଼େ ଧାଡ଼ି ହୋଇ ଯେଉଁ ବୁଦାଗୁଡ଼ାକ ବଢ଼ିଥାଏ ତା' ଛାଇତଳେ ସେତେବେଳେ ବି ଦିଶୁଥାଏ ଯେ ଅଳ୍ପେ ଅଳ୍ପେ ମଖମଲି ବରଫ ରହିଥାଏ, ତରଳି ନ ଥାଏ । ନଈଯାକ ଖାଲି ଭସାଣ ମୁଣ୍ଡା ବରଫ, ଦିଶୁଥାଏ ଯେମିତି ପଲ ପଲ ମେଣ୍ଢା ଚରୁଛନ୍ତି । ମତେ ଲାଗୁଥାଏ, ମୁଁ ସ୍ୱପ୍ନ ଦେଖୁଛି ।

କୁକୁସ୍କିନ୍ ତା' କାହାଲରେ ଧୂଆ ପତ୍ର ପୁରାଇ ପୁରାଇ ଦର୍ଶନତତ୍ତ୍ୱ ଆଡ଼କୁ ମାଡ଼ିଗଲା; କହିଲା :

"ସେଇ ଯେଉଁ ଧର୍ମପୁରୋହିତଟା ମ ! ତୁମେ ତା' ଖବର ନୁହଁ ସତ । ତା' ବୋଲି ତମକୁ ଭଲ ପାଆନ୍ତା ନାହିଁ ସେ ? ଭଲ ପାଇବା ପରା ତା'ର କାମ ! ଶାସ୍ତ୍ରରେ ପରା ଲେଖା ହୋଇଛି !"

ରେମାସ ହସିପକାଇ ପଚାରିଲା, "ଅଚ୍ଛା, କହ ତ, ତୁମ ମୁହଁକୁ ଏମିତି ଛେଚଛାଚ ପକାଇଲା କିଏ ?"

Digitized by srujanika@gmail.com

“ଲେଖୁ ସେତେ ବଡ଼ ଲୋକ ନୁହେଁ ମ, ସ୍କୁଲ ଡାକ୍ତର ଭଳିଆ ଲୋକ-ଗୁଡ଼ାଏ । ତାଙ୍କ ଦାମ ତ ସେଇଆ, ସେଥିରେ ଅଉ ବଡ଼ଚଡ଼ କଥା କ'ଣ ?”ଦେଖାଉର ଭର ବୁଲୁହୁକନ୍ କହିଲା ।

ତା'ପରେ ଶବରେ କହିଲା, “ଅରେ ମତେ ସୈନ୍ୟମାନେ ମାଡ଼ ଦେଇଥିଲେ । ସେମାନେ ବନ୍ଧୁକ୍ ଫୁଟେଇ । ତା' ନାଁ ଯେ ଗୋଟାଏ କଥା । ଅରେ ବାପ୍‌ରେ, କେମିତ ମୁଁ ବଞ୍ଚିଲି, ମୁଁ ଜାଣେ ନାହିଁ ।”

ପାଙ୍କଭ୍ ପଚ୍ଚରିଲା, “ଜାହିଁକି ପିଟିଲେ ହୋ ?”

“କେବେ ? କାଲିର୍‌ମାଡ଼ କଥା କହୁଚ ନା ସେ ବନ୍ଧୁକ୍ ଫୁଟକ୍‌ର ଲୋକେ ବାଡ଼େଇବା କଥା ?”

“ନାଇଁ ନାଇଁ, କାଲିକା ମାଡ଼ କଥା ।”

“ସତେ ଯେମିତ ମୁଁ ଜାଣିଚ, ଜାହିଁକି ସେମାନେ ହଠାତ୍ ମୋତେ ବାଡ଼େଇ-ପକାଇଲେ ! ଅରେ ବାବା, ଆମ ଗାଁବାଲେ ଯେ ଠକ୍ ବୋଦାଗୁଡ଼ାଏ ଭଳିଆ, ମଣିଷ କରିବ କ'ଣ ? ସାମାନ୍ୟ କଥା ହେଲା ତ ଆସି ଲୁଷି ପକାଇଲେ । ସତେ ଯେମିତ ମୁଅ ଚଳେଇବାଟା ତାଙ୍କର ଧନ୍ୟାନ କମ ।”

ରେମାଧ୍ କହିଲା,“ [illegible], ତୁ [illegible] ପାଇଁ ତୁମେ ମାଡ଼ ଖାଇଚ । ତୁମ ଗୁଣ୍ଡାଟେର [illegible] ନାହିଁ ।”

“ହେଉଥିଲ ସେଇଆ ମୁ [illegible], କିଜାଏ ସେ ଲୋକାଙ୍କୁ ପଚ୍ଚର-ବସେଁ । କ'ଣ କରିବ ? ମୋର [illegible] ସ୍ୱାଡ଼୍ ସ୍ୱାଡ଼ ବାଉକଥା ପତ୍ତରେ । [illegible] ଶୁଣିବାକୁ ମିଳଯାଏ, ମତେ ସବ ଖୁସି ଲଗେ ।”

[illegible] ବାଡ଼େଇହୋଇଗଲ ଗୋଟାଏ ବଡ଼ [illegible] ଗୋଟାଏ ବଡ଼ ବରଫମୁଣ୍ଡା ତଳାକରେ [illegible] ହେଲେ ତାଇ ଲତପାରେ । ବୁଲୁଧୁକନ୍ [illegible] ଅଙ୍ଗୁଳି ଧଠେଇଦେଲ । ପାଙ୍କଭ [illegible]

Digitized by srujanika@gmail.com

"କାମ ଉପରେ କାହିଁକି ଆଖି'ଟା ରଖୁନ ମ୍ରିସ୍ପିପାନ୍ ? କଥା କଣ ।"

ଲୁକ୍ସ୍‌କନ୍ ବରଂଙ୍କୁ ଦେଖା ମାତ୍ର ଗମ୍ଭୀରହେଲ :

"ତା' ହେଲେ ମତେ ଗପୋଛଚ କାହିଁକି ?' ଗପ କରୁଥିବ, ଏଣେ ମୋ କାମ କରୁଥିବ, ଏ ହ'ଟା ଏକାଠି ଏକାବେଳେକେ ମୋ ଦେଇ ହୋଇପାରିବ ନାହିଁ ।"

ସେ ଫଟେ୍ ଭଲ ମିଷ୍ଟାସରେ ଖପୁରା ଖୁପୁର ଲଗେଇଲେ ! ଶ୍ରୋମାସ୍ ମୋ ଅଡ଼କୁ ବୁଲିପଡ଼ିଲ । କହିଲ,"ମୋ ଘର ମ୍ୟୁନେକ ପ୍ରଦେଶରେ । ସେଠିକା ମାଟିଠୁଁ ଏଠିକା ମାଟି ଖରାପ ନିକା,ହେଲେ କଣ ହେଲ,ଏଠା ଲୋକମାନେ ସେଠା' ଲୋକଙ୍କଠୁଁ ଭଲ । ଏମାନେ ବୁଧିଆ ଲୋକ; କାମିକା ।"

ମୁଁ ମନଦେଇ ଶୁଣୁଥାଏଁ, ନିଜ ଗଳରେ ତା' କଥାରେ ବିଶ୍ୱାସ କରୁଥାଏଁ । ତା'ର ଶାନ୍ତ ଢଙ୍ଗଢାଙ୍ଗ ମତେ ଭଲ ଲାଗୁଥାଏ, ତା' କଥା ବି ଭଲ ଲାଗୁଥାଏ । ସରଳ ଭାଷା, କିନ୍ତୁ ଖୁବ ଟାଣୁଆ । ମତେ ଲାଗୁଥାଏ, ଏ ଜଣେ ଖୁବ୍ ପାଠୁଆ ମଣିଷ; ଆଉ ଅନ୍ୟ ମଣିଷଙ୍କ ସଙ୍ଗେ ତା'ର ସମ୍ପର୍କ କଣ ହେବ ସେ ବିଷୟରେ ସେ ନିଜ ବାଗ ନଜେ ଠିକ କରିନେଇଛି । ଅନ୍ତର ଖୁସି ଲାଗୁଥାଏ ଯେ, ମୁ କାହିଁକି ନିଜ ଜୀବନ ନେବାକୁ ବସିଥିଲି, ସେ କାରଣ ସେ ମତେ ଆଦୌ ପଚାରୁନାହିଁ । ସେ କି ହୋଇ ଅଉ କଏ ହୋଇଥିଲେ ତ କେତେବେଳୁ ପଚାରିସାରିଥାନ୍ତା ! ଆଉ···ସେ ପ୍ରଶ୍ନଟା ଶୁଣିଶୁଣି ମତେ ଏତେ ଚିଡ଼ ମାଡ଼ୁଥାଏ ଯେ କହିଲେ ନ ସରେ । ପ୍ରଶ୍ନଟାର ଉତ୍ତର ଦେବା ବି ସହଜ ନୁହେଁ । ମୁଁ କାହିଁକି ଯେ ଆତ୍ମହତ୍ୟା କରୁଥିଲି, ବିଧାତା ଜାଣନ୍ତି । ଯଦି ଶ୍ରୋମାସ୍ ଖୋଖୋଲ୍ ମତେ ପଚାରିଥାନ୍ତା, ମୁଁ ବୋଧହୁଏ ବାରଅଡ଼ ବୁଲେଇ ବୁଲେଇ ଏଣ୍ଟେତେଣୁ ବାଜେ ଉତ୍ତର ଦେଇଥାନ୍ତି । ଯାହାହେଉ, ସେତେବେଳେ ଆଉ ସେସବୁ କଥା ଭାବିବାକୁ ମନ ହେଉ ନ ଥାଏ । ଭଲ୍‌ଗା ନଈ ଦିଶୁଥାଏ କି ସୁନ୍ଦର ! କି ଉଜ୍ଜ୍ୱଳ ! କେଡ଼େ ମେଲଖୋଲା !

ନିରାପଦ ହେବ ବୋଲି ଉଚ୍ଚ ଅଡ଼ତା ତଳେତଳେ ଆମ ଡଙ୍ଗାକୁ ନେଉଥାନ୍ତି । ଆମ ବାଁ କରେ ନଈ ଦିଶୁଥାଏ ପ୍ରକାଣ୍ଡ ଓସାରିଆ । ଆରପାଖର ଅଳ୍ପ ଉଚ୍ଚ ଅଡ଼ତା ତଳେ ଯେଉଁ ବାଲିସରା ଦିଶୁଥାଏ ନଈପାଣି ତା ଉପରେ ମାଡ଼ିଯାଇଥାଏ । ମତେ ଦିଶୁଥାଏ, ନଈରେ ବଢ଼ି ଫୁଲି ଫଲି ଉଠୁଛି, ଅଡ଼ତା ଡାଡ଼ର ବୁଦାଯାକେ ପାଣି

Digitized by srujanika@gmail.com

ପଡ଼ୁଥ ରୁ, ବୁଦାଗୁଡ଼ାକୁ ଛନଛଳର କରି ବାଲି ସେତେବେଳେ ଟୋପାପାଡ଼ୁହେଉଛି । ବାଲିଆଡ଼ ପାଣି ମାଡ଼ିଯାଇ ଭୂଇଁର ସବୁ ଫାଟ ସବୁ ଖାଲ ଭିତରେ ପାଣି ପଶି-ଯାଉଛି—ବସନ୍ତ ଋତୁର ଚଳଚଞ୍ଚଳମୟ ଜଳଜଳ ପାଣି ।

ସୂର୍ଯ୍ୟ ତଳକୁ ଯୁନ୍ଧ ହସୁଥାଏ । ଭାଉମାନେ ଭା'ଭା' ଉଡ଼ୁଥାନ୍ତି । ତାଙ୍କ ବୋବାଳିରେ ଗାନ ଅତସ୍ର ପଡ଼ୁଥାଏ । ସେମାନେ ବସା ବାନ୍ଧିବାରେ ବ୍ୟସ୍ତ । କଳା କଳା ଭାଉ; ତାଙ୍କର ଅଣ୍ଟିମାନ ଧଳାଦଅ । ଖରା ପଡ଼ି ତାଙ୍କ ଦେହ ଦଣ୍ଟୁଥାଏ ପାଲିସ ହୋଇଥିବା ଇସ୍ପାତ ଭଳି । ଖୋଲା ପଡ଼ିଆରେ ଘାସ ଗଜୁରିଥାଏ, ଖୁବ୍ ଉଜ୍ଜ୍ୱଳ ଶାଗୁଆ ଦଶୁଥାଏ । ଘାସଟିମାନ ଖୁବ୍ ସାହସରେ ସୂର୍ଯ୍ୟ ଆଡ଼କୁ ଉତ୍ତୁଙ୍ଗ-ଯଣ୍ଡି ମୁଣ୍ଡ ଟେକିଥାନ୍ତି । ମୋ ହାତଗୋଡ଼ ଶୀତରେ ଚୋଲ ମାରିଯାଉଥାଏ । କିନ୍ତୁ ମୋ ଭିତରେ ପୂରିଥାଏ ନୀରବ ଆନନ୍ଦ । ମୋ ଭିତରେ ଉଜ୍ଜ୍ୱଳ ଆଶାର ଅଙ୍କୁର-ଗୁଡ଼ାଏ ଗଜୁରି ଉଠୁଥାଏ । ବସନ୍ତ ଋତୁରେ ଏ ପୃଥିବୀ ଅତି ମନୋରମ ସ୍ଥାନ ।

ଆମେ ହାସନୋଭଦୋଭ୍ରି ଗାଁରେ ପହଞ୍ଚିଲାବେଳକୁ ଦି'ପହର ହେଲା । ସାମ୍ନାରେ ଗୋଟାଏ ଉଚ୍ଚ ମୁଣ୍ଡିଆ; ତା' ଉପରଟା 'ସମତଳ'—ସେଠି ଠିଆ ହୋଇଥାଏ ଗୋଟିଏ ଗୀର୍ଜା । ତା' ଉପରର ଗମ୍ବୁଜଟି ନେଳିଆ । ଗୀର୍ଜା ପାଖକୁ ମୁଣ୍ଡିଆର ଦାଢ଼େ ଦାଢ଼େ ଧାଡ଼ି ହୋଇ ଠିଆ ହୋଇଥାଏ ପୁରୁଣା ପୁରୁଣା ବମ୍ପିସ ବମ୍ପିଲ ଘରଗୁଡ଼ାଏ । ସେଗୁଡ଼ିକ ଚାଷୀମାନଙ୍କ ଘର । କେତେ ଘରର ଛାତ ହଳଦିଆ ଟାଇଲର, ଆଉ କେତେ ଘରର ବ୍ଳକ ଛାତ । ସବୁ ଛାତ ଖରାରେ ଝଟକୁଥାଏ । ଘର-ଗୁଡ଼ିକର ଗଢ଼ଣ ସରଳ, ଆଖିକୁ ଖୁବ ଭଲ ଲାଗୁଥାଏ । ଆଗରୁ ଭଲ୍‌ଗା ନଦୀରେ ଷ୍ଟିମରରେ ଯାଉ ଯାଉ ମୁଁ ଅନେକ ଥର ଏ ଗାଁ ଆଡ଼କୁ ଅନାଇଁ ଅନାଇଁ ଦେଖିଛି, ମନେ ମନେ ଏ ଗାଁକୁ ପ୍ରଶଂସା କରିଛି ।

କୁଜ୍‌ମିନ୍ ଓ ମୁଁ ଦହେଁ ମିଶି ଡଙ୍ଗାକୁ ଜଳପଥ ଓହ୍ଲାଇଦେଲୁ । ଡଙ୍ଗା କରପଟ ବାଟେ ମୋ ହାତକୁ ବସ୍ତାଗୁଡ଼ାକ ବଢ଼ାଇ ଦେଉ ଦେଉ ସେମାଏ ମତେ କହିଲେ :

"ତୁମେ ଖାଲି ବକୁଆ ସତେ !"

ଧରିଥିବା ବସ୍ତା ଆଡ଼କୁ ନଜର ରଖି ସେ ମତେ ପଚାରିଲେ :

"ଗାଁରେ କଷ୍ଟ ହେଉଛି ?"

"ମୋତେ ନୁହେଁ ।"

Digitized by srujanika@gmail.com

ସେ ଯେଉଁ ଘୃଣା ଭାବରେ ମତେ ଏ କଥାଟା ପଚାରିଲା, ତା' ଶୁଣି ତା' ପ୍ରତି ମୋ ମନ ଖୁବ୍ ନରମିଗଲା । ମୁଁ ଯେ ଅଜ୍ଞତା ଲୁଚାଇବାକୁ ଚେଷ୍ଟା କରିଥିଲି, ବୃଷୀମାନେ ଏକଥା ଜାଣନ୍ତୁ ବୋଲି ମୋର ଆଦୌ ଇଚ୍ଛା ନ ଥିଲା ।

କୁକୁସ୍କିନ ବକର ବକର ହୋଇ କହିଗଲା :

"ହଁ, ତମ ଦେହରେ ବହୁତ ବଳ ହୋ ! କୌଣସି କାମ ପଛ ତମକୁ କଷ୍ଟ ଲାଗିବ ନାହିଁ, ଯାହା ମୁଁ ଦେଖୁଚି ! ଘର କୋଉଠି ହୋ ? ହେଲ ସେଣ୍ଡିଅ ! ଏଁ ? ନିଜନିନୋଭଗରଦ ? ଓ, ତା'ହେଲେ ତ ହେଲା ! ସେଠା ଲୋକେ ତ ସାକ୍ଷାତ କୁରୁବଳି ଚଢ଼େଇ; ସବୁବେଳେ ପାଣିରେ ବୁଡ଼ି ଥିବେ ଉଡ଼ୁଥିବେ, ଜମା ଥକିବେ ନାହିଁ । ତୁମେ ସେଇଥିରୁ ଜଣେ । ଲୋକେ ନିଜନିବାଲଙ୍କ କଥା ପଡ଼ିଲେ ପଚାରନ୍ତି, "ଅଚ୍ଛା, ଅଜ କୁରୁବଳି ଚଢ଼େଇମାନେ କେଉଁଠି ଉଡ଼ୁଥିବେ ଜାଣିଚ ?"

ମୁଣ୍ଡିଅର ଡାଲ୍‌କ ଡାଲ୍‌ଏ ଧାଡ଼ି ଧାଡ଼ି ଅଛି ପହଞ୍ଚିଲା ଜଣେ ସରୁଆ ମଣିଷ । ତା' ମୁଣ୍ଡରେ ବହଳ କଅଁଳ ବାଳ; ଦାଢ଼ି କୁଞ୍ଚ କୁଞ୍ଚିଆ । ପାଇଜାମା ଓ ଖଣ୍ଡେ କାମିଜ୍ ପିନ୍ଧିଥାଏ । ସେ ଗୋଟିଏ ଚମ୍ପା । ଖାଲି ପାଦରେ ତରତର ହୋଇ ମାଡ଼ିଆସୁଥାଏ । ଓଦା ମାଟି ଉପରେ ତା' ପାଦ ଖସି ଖସି ଯାଉଥିବାବେଳେ ଝପଝପ ସାନ ସାନ ଛକଛକ ପାଣିଧାର ଏପଟ ସେପଟ ହୋଇଯାଉଥାନ୍ତି । କଳରେ ପହଞ୍ଚି ଅତି ସ୍ନେହରେ ସେ ସମ୍ଭାଷଣ ଜଣାଇଲା :

"ଘରକୁ ଆଇଲ ! ଆଇଲ ! ଆସ !"

ଆମ କାମ ଅଡ଼ୁକୁ ଥରେ ଅନାଇଁଦେଇ ସେ ନଇଁପଡ଼ି ଦି'ଟା ଲମ୍ବ ଲମ୍ବ ମୋଟା କାଠ ଉଠେଇନେଇ କୂଳରୁ ଡଙ୍ଗାଯାକେ ତାକୁ ପାତିଦେଲା । ସେଉଠ ଅତି ସହଜରେ ଡଙ୍ଗା ଭିତରକୁ ଡେଇଁପଡ଼ି ସେ କାମ କରିଚାଲି—

"ଏଥର ପିପାଗୁଡ଼ାକ ବୁହାହେବ, ହୁଁ, ସଜ ହୁଅ । ହେ ଭେଣ୍ଡିଆ, ଅସ, ହାତ ଲଗାଅ ।"

ତା' ଚେହେରା ଅତି ସୁନ୍ଦର, ଅଳ୍ପ ଲାଗୁଥାଏ, ତା' ଦେହରେ ବଳ ବହୁତ । ତା' [illegible] ନେଳିଆ, ହେଥିରେ [illegible] ଜ୍ୟୋତି । [illegible] ଝଟାଏ, [illegible] ।

Digitized by srujanika@gmail.com

ଟମାସ ତାକୁ କହିଲା :
"ଆରେ, ତମୁକୁ ସର୍ଦ୍ଦି ହେବ୍ ହୋ, ଭୁଲିଲ ଭଜନଟ୍ !"
"ମତେ ସର୍ଦ୍ଦି ହବ ? କେବେ ନୁହେଁ ।"

ଆମେ ଟୋକାଏ କରସିନ ପିପା ତଙ୍ଗାରୁ କାଢ଼ି କାଠ ଉପରେ କୂଳକୁ ଗଡ଼େଇଦେଲୁଁ ।

ଭଜନଟ୍ ମୋ ତାକୁରୁ ଚାଲିଯାଉଥିବା ବେଳେ ଅଖି ବୁଲେଇଦେଇ ମତେ ପଚାରିଲା :

"ଦୋକାନରେ କାମ କରିବାକୁ ଆସିଛ, ନାହିଁ ?"

"କୁହନ୍ତି ଲଢ଼ ତ ତାଙ୍କ ପାଖରେ, ଦେଖିବା କାହାର କେତେ ବଳ ।" ବ୍ରୁସ୍କନ୍ କହିଲା ।

"ଆରେ, ଫେର୍ ତମ ମୁହଁକୁ କଣ କଏ ଛେଚଦେଲାଣି, ଏଁ ?"

"ସେମିତିଆ ଲୋକ ହାବୁଡ଼ରେ ତେମେ ବ ତାଙ୍କର କଣ କରିପକାନ୍ତ ସେ ?"

"କେମିତିଆ ଲୋକ ?"

"ଯେ ତମ ମୁହଁକୁ ଛେଚ ଚେପା କରନ୍ତେ !"

ବିରକ୍ତ ହୋଇ ଭଜନଟ୍ କହିଲା, "ଖାଲି ଯେତେ ବାଜେ !" ସେଇଠୁ ଟମାସ ଅଡ଼କୁ ବୁଲିପଡ଼ି କହିଲା, "ଅଲଗ୍ଭ ଶଗଡ଼ଗୁଡ଼ାକ ଅସି ପହଞ୍ଚିବ ଯେ ! ତେମେ ଯେତେବେଳେ ତଙ୍ଗାରେ ନଈ ମଝିରେ ଉପରମୁଣ୍ଡେ ଥିଲ, ମୁଁ ସେତେବେଳୁ ଦେଖିଲିଣି କନା । ଯା' ହଉ, ସବୁ ଜଲଦି ତଙ୍ଗାଟା ଅସିଲା । ତମେ ଅଣ୍ଟନଟ୍, ଘରକୁ ଯାଅ, ଏ ଜଞ୍ଜପଟ କଥା ମୁଁ ବୁଝିବି ।"

ବାଣହୋଇପଡ଼ୁଥାଏ ଯେ ଟମାସ ପ୍ରତି ତା'ର ବ୍ୟବହାର ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ବୟସରେ ଟମାସଠୁଁ ସେ ଦଶବର୍ଷ ସାନ ହେଲେ ବ ଟମାସର ବଡ଼ ଭାଇ ଭଳିଆ ମୁରବି ପରି ତା' ପ୍ରତି ଭଜନଟ୍‌ର ବ୍ୟବହାର ରକ୍ଷାପ୍ରଦ ।

Digitized by srujanika@gmail.com

ଅଧଘଣ୍ଟାଏ ପରେ ମୁଁ ଗୋଟିଏ ଗାଡ଼ିର ଘର ଭିତରେ ପଶିଲି । ନୂଆ ତୋଳାହୋଇଥିବା ଘର, ମାତ୍ର ବାର୍ଣ୍ଣିସର ଗନ୍ଧ ଛୁଟୁ ନ ଥାଏ । ଚଳପ୍ରଚଳ ହେବା ଘରବଖରାଟି ଖୁବ୍ ସଫାସୁତୁରା; ଆରାମ ଲାଗୁଥାଏ । ସୁଷୀବାଳର ସ୍ତ୍ରୀ-ଲୋକଟିଏ ତରତର ହୋଇ ଏପଟ ସେପଟ ହେଉଥାଏ । ତା'ର ଉଘାଦନ୍ତ ଅଛି । ସେ ଖାଇବାକୁ ଦେବ ବୋଲି ଟେବୁଲ ଉପରେ ଖାଦ୍ୟ ସଜଉଥାଏ । ସେମାନ ଗୋଟିଏ ଖୋଲା ସୁଟ୍‌କେଶରୁ ବହିଗୁଡ଼ାଏ କାଢ଼ି କାଢ଼ି ଷ୍ଟୋଭ ତ ଲଯାଷ ଥାକମାନଙ୍କରେ ସେଗୁଡ଼ିକ ସଜେଇ ରଖୁଥାଏ । ମତେ କହିଲା :

"ତୁମେ ରହିବ ଉପରେ, ଅଟରେ ।" ଅଟର ଝରକା ବାଟେ ଗା'ଟିର ଗୋଟିଏ ପଟ ଦେଖୁଥାଏ ଆମ ଘର ସାମନାରେ ଦେଖୁଥାଏ ଗୋଟାଏ ବଡ଼ ଗୋହିରି । ସେଠି ଅଗଣିତ ବୁଦା ଅରମା ଚଢ଼ିଥାଏ । ଏଠି ସେଠି ଗାଧୁଆ ଘର-ମାନଙ୍କ ଛାତ ସେ ବଡ଼ ଗୋହିରି ଉପରକୁ ଝୁଙ୍କି ଆସିଥାଏ । ସେ ଦୂର ସେମୁଣ୍ଡରେ ଚୋଟାମାଳ ଦେଖୁଥାଏ, ଆଉ ଦେଖୁଥାଏ ଜଳ ଜଳା କ୍ଷେତ । ସେସବୁ ଦେଖି ପର ଦଗ୍‌ବଳୟ ଆଡ଼କୁ ଲମ୍ବି ଯାଇଥାଏ । ଦଗ୍‌ବଳୟରେ ଜଙ୍ଗଲଗୁଡ଼ିକ କେଉଁ ଗାଢ଼ ପରି ଦେଖୁଥାଏ । ଗୋଟିଏ ଗାଧୁଆ ଘରର ଛାତ ଉପରେ ଜଣେ ଚଷା ବସିଥାଏ । ତା' ପୋଷାକ କେଉଁଆ; ତା' ହାତରେ ଟଙ୍ଗିଆ । ସେ ଆଖି ଉପରେ ହାତପାପୁଲି ଦେଇ ଟଗ୍‌ଧାର ଏଣ୍ଡ ଭଲଗା ନଈ ଆଡ଼କୁ ଅନାଉଥାଏ । ଗଗଡ଼ ତଳର ଘେଁ-ଘେଟର ଶୁଭିଲା । ଗୋଟିଏ ଗାଈ ହମାରଡ଼ି ଦେଲା । ବୋହୁଥିବା ପାଣିର ତଦର ତଦର ଶବ୍ଦ ଖୁବ୍ ଜୋରରେ ଶୁଭିଲା । ଜଳା ଯେଉଁଠି ପିଲା ବୁଢ଼ୀଟିଏ ଗୋଟିଏ ଦୁଆରମୁହଁରୁ ବାହାରେଇ ଘୁଞ୍ଚି ପଛକୁ ଦୁଇପଦ ପାଟିକଲା .

''ପେଞ୍ଚ ଯା'—''

ଯୋଡ଼ାଏ ସାନ ସାନ ପିଲା ଖୁବ୍ ପରିଶ୍ରମ କରି ଗୋଟାଏ ସାନ ଗାଈ-ଧରକୁ ଭାଙ୍ଗୁଥି ଓ ପଥର ଲଦ ଲଦ ବନ୍ଧ ପକାଇ ଅଟକାଉଥିଲେ । ସେମାନେ ଚେମିତ ବୁଢ଼ୀର ପାଟି ଶୁଣିଲେ, ସେମିତ କଲବଲିଆ ହୋଇ ଦଉଡ଼ି ପଳାଇଲେ । ବୁଢ଼ୀ କାଠଲେଳିଟାଏ ଗୋଟେଇନେଇ ତା' ଉପରେ ଛେପ ପକାଇଲା; ସେଇଠୁ କାଠଲେଳିଟାକୁ ଗୋଟାଏ ପାଣିନାଳି ଭିତରେ ଫୋପାଡ଼ିଦେଲା । ପାଦରେ ମଇଳା ଓଜନ ବୁଟ୍ ଜୋତା ପିନ୍ଧିଥାଏ । ପିଲାଏ ଗଢ଼ିଥିବା ବନ୍ଧ ଉପରେ ଲୁଣ୍ଡିକଣା ଗୋଟାଏ ପାଦ ମାଡ଼ିଦେଲା; ବନ୍ଧଟିକୁ ଭାଙ୍ଗିଦେଇ ଗଡ଼ାଣି ବାଟେ ଖଳ୍‌ଖଳ ନଈ ଆଡ଼କୁ ଗଲା ।

ଏ ଜାଗାରେ କି ପ୍ରକାର ଜୀବନ ମତେ କଟାଇବାକୁ ପଡ଼ିବ ?

Digitized by srujanika@gmail.com

ଖାଇବାକୁ ଯିବାକୁ ଉଠିଲୁ ଅମିତ । ଚାଲିଲୁ ଓହ୍ଲେଇକି । ଦେଖିଲି, ଖାଇବା ଟେବୁଲ ଉପରେ ଉଜଟ ବସିଛୁ, ତା' ହେଙ୍ଗା ହେଙ୍ଗା ଗୋଡ଼ପୋଡ଼ାକ ଅଗକୁ ବଢ଼ାଇଦେଇଛୁ । ତା' ଖୋଲା ପାଦର ବର୍ଣ୍ଣ ନେଲସ୍ ହୋଇ ନାଲି ଦିଶୁଥାଏ । ହେମାଙ୍ଗ ସଙ୍ଗରେ ସେ ଦି'ଣ କଥାବାର୍ତ୍ତା ହେଉଥିଲା । ମତେ ଦେଖି ଅଟକିଗଲା । ହେମାଙ୍ଗ ଗମ୍ଭୀର ହୋଇ ତାକୁ ପଚାରିଲା :

"ହଉ, ଘଟନା କଣ ? କହୁଗା'—"

"ଯାହା କହିଲି ସେଇଆ । ହଉ, ତା'ହେଲେ ସେଇଆ ହେଉ । ଆଜି ଆମ ବ୍ୟବସ୍ଥା କରିବା । ତୁମେ ପଦକୁ ବଦଳାଇଲେ ସାଙ୍ଗରେ ଗୋଟାଏ ଖଣ୍ଡିଲାଗର ନେଇଥିବ, ନହେଲେ ଗୋଟାଏ ଟାଣୁଆ ଠେଙ୍ଗା ଧରିଥିବ । ବାଉନାଂ ଥିଲେବେଳେ ବେଶି କଥା ଗପିବ ନାହିଁ । ନ' ଗୁଣ୍ଡକୁ ଆଉ ବୁଲୁପକାନ ଗୁଣ୍ଡକୁ ସାବଧାନ କି ! ମାଇକାନଆଙ୍କ ମଣ ହେମାନଙ୍କ ଗୁଣ୍ଡ ! ଲକ୍ଷୁ ପେଟରେ ରଖନ୍ତୁ ନାହିଁ । ଅଚ୍ଛା, ଶୁଣ, ତୁମର ମଛ ମାରିବା ସନ୍ଦକ ଅଛୁ ?"

"ନ"

ଫଳଫଳ ଲଗାଉଥିବା ସନ ସାନ ବୃଷୀମାନଙ୍କୁ ଫଗଠିତ କରିବାକୁ ଗତିବ ହୋଲ ହେମାସ ବୁଝାଇବ । ସେମାନଙ୍କୁ ବଡ଼ ବେପାରୀମାନେ ଠାକୁ କରି ରଖିଛନ୍ତି । ସଗଠିତ କଲେ ସେମାନେ ମୁକ୍ତି ପାଇବେ । ଉଜଟ ମନଦେଇ ଶୁଣୁଥାଏ । ଶୁଣି ଶୁଣି କହିଲା :

"ତା'ହେଲେ ତ ବଡ଼ପେଟା ବେପାରୀମାନ ତମୁକୁ ଟଲେହେଲେ ଶାନ୍ତ ହେବେ ନାହିଁ ।"

"ହଉ, ଦେଖିବା ।"

"ଦେଖିବ, ମୁଁ ଯାହା କହୁଚ ।"

ଉଜଟକୁ ଅନାଇଁ ଅନାଇଁ ମୁଁ ଭାବୁଥାଏଁ ଯେ ଭାରତର ଓ ଜ୍ଞାନ୍‌ଭଣ୍ଡାରେ ଏ ଦ' ଜଣ ଲେଖକ ହେଉଁ ବୃଷୀଲୋକମାନଙ୍କ ବିଷୟରେ କାହାଣୀ ଲେଖନ୍ତି, ସେ ସେମିତିଆ ଜଣେ ବୃଷୀ ।

ତା'ହେଲେ ଏପରି କଣ ସମ୍ଭବ ଯେ, ଏଠି ମୁଁ ଯେଉଁ ଜିନିଷର ସମ୍ପର୍କରେ ଆସି ପହଞ୍ଚିଗଲି ସେଥିରେ ପ୍ରକୃତରେ ଆନ୍ତରିକତା ଅଛି ଓ ଏଣିକି ମୁଁ ଯାହାଙ୍କ ସଙ୍ଗେ ମିଶି କାମ କରିବ ସେମାନେ ଅସଲ କାମିକା ଲୋକ ?

Digitized by srujanika@gmail.com

ଖାଉଷାର ଉକାଣ୍ଟ୍ କହିଲା :

"ତୁମେ, ବାବୁ, ଏତେ ତରତର ହୁଅନା, ବୁଝିଲ ! ଭଲ କାମଟିଏ କଲେ ତରତର ହେଲେ ଚଳେ ନାହିଁ । ଧୀରେସୁସ୍ଥେ ହବ ।"

ସେ ଚାଲିଗଲା ପରେ ରେମାସ୍ କହିଲା : "ଖୁବ ବୁଦ୍ଧିଆ ଲୋକ । ସଚ୍ଚୋଟ ଲୋକ । ଦୁର୍ଭାଗ୍ୟକୁ ସେ ନିରକ୍ଷର । ଅକ୍ଷର ପଢ଼ିବା ତା' ପକ୍ଷରେ କଷ୍ଟ । କିନ୍ତୁ ଶିକ୍ଷିତ ହୋଇ ଖୁବ୍ ଲାଗିଛି, ଖୁବ୍ ଖଟୁଛି । ପାଠ ଶିଖେଇବା କାମରେ ତୁମେ ତାକୁ ସାହାଯ୍ୟ କରିପାରନ୍ତ ।"

ଦୋକାନରେ କେଉଁ ଜିନିଷ କେତେ ଦାମରେ ବିକାହେବ, ଆମେ ସେହି ବିଷୟ ଠିକଣା କରୁ କରୁ ସଞ୍ଜ ହେଲା । ସେ ମତେ କହିଲା :

"ଏଠି ଆଉ ଯୋଡ଼ାଏ ଦୋକାନ ଅଛି ସିନା; ସେଠା ଦରଠୁଁ ମୁଁ ଶସ୍ତାରେ ବିକେ । ତେଣୁ ସେମାନଙ୍କୁ ସେଇଟା ଅଡ଼ୁଆ ଲାଗେ ।

ସେ ଦୋକାନମାନେ ମୋ ଉପରେ ସବୁପ୍ରକାର ଦାଉ ସାଧନ୍ତି । ଅଭିଷ୍ଟ ମତଲବ, ମତେ ମାରିବେ । ମୁଁ ତ ବେପାରକୁ ଶରଧା କରି ଏଠି ପଡ଼ିଛି, ଏମିତି ନୁହେଁ ! ଲାଭ ଖାଇବାକୁ ତ ପଡ଼ିନାହିଁ । ମୁଁ ଏଠି ରହିବାର ଅନ୍ୟ କାରଣମାନ ଅଛି । ତୁମର ସେ ରୁଟି କାରଖାନା ଯେମିତିଆ ଜିନିଷ, ଏ ଦୋକାନଟା ବି ସେମିତିଆ ଜିନିଷ ।"

ମୋର ବି ସେଇଆ ଅନ୍ଦାଜ ହୋଇଥିଲା ବୋଲି ମୁଁ କହିଲି ।

"ନିଶ୍ଚୟ ! ଲୋକଙ୍କୁ ଶିଖେଇବାକୁ, ପଢ଼େଇବାକୁ ହେବ ତ ? ଯେକୌଣସି ମତେ ! ନା, ନୁହେଁ ?"

ଦୋକାନର ଝରକା କବାଟ ବନ୍ଦ କରି ଲାମ୍ପ ଜଳାଗଲା । ଆଲୁଅଟିଏ ଧରି ଆମେ ଏ ଥାକରୁ ସେ ଥାକକୁ ଦେଖିବାକୁ ଯାଉଥାଉଁ । ପଦାରେ କିଏ ଜଣେ ବି ଏକର ସେକର ବୁଲୁଥାଏ । ଆମେ ଯୁଆଡ଼େ ଯାଉଥାଉଁ ସେ ବି ସିଆଡ଼େ ପଦାରେ ବୁଲୁଥାଏ । ବଡ଼ ସତର୍କରେ ସେ ପାଦ ପକାଉଥାଏ, ଆମକୁ ଶୁଭୁଥାଏ । ଡାକୁଅରେ ତା' ପାଦ ମଚ୍‌ମଚ୍ ଶୁଭୁଥାଏ, ବେଳେବେଳେ ଦୁଆରମୁହଁ ପାଖେ ଦୁମ୍‌ଦୁମ୍ ଶୁଭୁଥାଏ ।

Digitized by srujanika@gmail.com

"ଶୁଣୁଛୁ ନା ? ସେ ଲୋକଟା ନାଁ ପିଶୁନ୍ । ଜଣିକଅ ଲୋକ । ଭରିବାକୁ ନାହିଁ । ଭାଇବନ୍ଧୁ ନାହାନ୍ତି । ଲୋକଟା ଖୁବ୍ ହିଂସୁକ; ମଣିଷ ନୁହେଁ, ଜନ୍ତୁଟାଏ । ସବୁବେଳେ ପରର ଅନିଷ୍ଟ କରିବାକୁ ତାକୁ ଭଲ ଲାଗେ । ସୁନ୍ଦରୀ ଝିଅଟିଏ ହୋଇଥିଲେ ଯେମିତି ଖାଲି ଟୋକାଙ୍କୁ ଆକୃଷ୍ଟ କରିବାକୁ ତା' ମନ ଛଟପଟ ହୁଏ, ପରର ଅନିଷ୍ଟ କରିବାକୁ ସ୍ୱା' ମନ ସେମିତି ଖଳବଳ ହୁଏ । ତା' ସାଙ୍ଗରେ ହୁସିଆରରେ କଥାବାର୍ତ୍ତା ହେବ । ଏକା ତା' ସାଙ୍ଗରେ ନୁହେଁ, ସମସ୍ତଙ୍କ ସାଙ୍ଗରେ କଥାବାର୍ତ୍ତା ହେଲାବେଳେ ହୁସିଆର ଥିବ କି !"

ପରେ ରହୁବା ବଖରାରେ ସେ ଯାଇ ଆସନରେ ବସିଲା । ତଳ ଓଠକୁ ତା' ଉପରଓଠ ପିଠି ଚୁଲେଇଦେଉଥାଏ । ଧୂଆଁ ପିଇବା ପାଇପ୍ ଲଗାଇ ଟାଣିଲା । ସେ ଆପଣା ଦାଢ଼ି ଭିତରକୁ "ଧୂଆଁ" ଛାଡ଼ୁଥାଏ । କ'ଣ ବହୁତ ଭାବୁଥାଏ ଯେ ତା' ଆଖି ସ୍ଥାନରେ ସବୁ ହୋଇଯାଉଥାଏ । ତା'ପରେ ସେ କଥା କହିଲା । କଥାଗୁଡ଼ିକ ପରିଷ୍କାର ଓ ସରଳ । ଶବ୍ଦଗୁଡ଼ିକ ସୁନ୍ଦରଭାବରେ ବାକ୍ୟରେ ସଜାଇ ସଜାଇ ପ୍ରକାଶ କରୁଥାଏ ।

ସେ କହିଲା, ସେ ଲକ୍ଷ୍ୟ କରିଛି ଯେ ମୁଁ ବ୍ୟର୍ଥରେ ମୋର ଯୌବନ-କାଳଟା ନଷ୍ଟ କରିଦେଉଛି ।

କହିଲା, "ତୁମେ ପାରିବାର ଲୋକ । ତୁମେ ଖଟିପାରିବ, କାମରେ ଲାଗିରହି-ପାରିବ । ତୁମର ଯାହା ଯାହା ଲକ୍ଷ୍ୟ, ସେଗୁଡ଼ିକ ପ୍ରଶଂସାଯୋଗ୍ୟ । ତୁମର ଅଭାବ ପଢ଼ା । ଯେଉଁ ପଢ଼ା ତୁମ ଭିତରେ ଓ ଜନସାଧାରଣଙ୍କ ଭିତରେ ପାଚେରି ପରି ଠିଆ ହେବ, ସେଭଳି ପଢ଼ା ତୁମର ଦରକାର ନାହିଁ । ଥରେ ଜଣେ ବୁଢ଼ାଲୋକ କହିଥିଲେ, "ଯାହା ଶିଖାଯାଏ ନା ଶିଖାହୁଏ ସେଗୁଡ଼ାକ ମଣିଷଠୁ ବାହାରେ ।" କଥାଟା ଖାଣ୍ଟି ସତ । ଲୋକଙ୍କଠୁଁ ଯାହା ଶିଖିବ ବହିରୁ ଶିଖିବାଠୁ ସେ ବିଦ୍ୟା ପାଇବା ସକାଶେ ବେଶି ଯନ୍ତ୍ରଣା ଅନୁଭବ କରିବାକୁ ହୁଏ । ଲୋକଙ୍କୁ ପଢ଼ାଇବା ବାଗଟା ବୁଝ । କାରଣ ସେ ଉପାୟରେ ତୁମେ ଯାହା ଶିଖିବ ସେ ବିଦ୍ୟାର ଚେର ତୁମ ଭିତରେ ବେଶି ଗଭୀରକୁ ଭେଦିବ ।'

ତା'ପରେ, ସେ ସେହି ଜଣାଶୁଣା କଥାଟା କହିଲା ଯେ, ଆଗ ଦରକାର—ଦେଶର କୃଷକଶ୍ରେଣୀର ଲୋକଙ୍କ ମନକୁ ଜାଗ୍ରତ କରିବା । କଥାଗୁଡ଼ାକ ପୁରୁଣା, କିନ୍ତୁ ତାଠୁଁ ଶୁଣି ମତେ ଲାଗୁଥାଏ, ସେଥିରେ କିଛି ନୂଆ ଓ ଅଧିକା ତାତ୍ପର୍ଯ୍ୟ ଅଛି ।

Digitized by srujanika@gmail.com

ସେ କହୁଥାଏ :

“ସବୁଧର୍ମ ଗୁରୁମାନେ ଲୋକଙ୍କୁ ଭଲ ପାଇବା ଉଚିତ ବୋଲି ତ କହୁଛନ୍ତି । ମୁଁ ତାଙ୍କୁ କହେଁ, ନା, ସେଇଟା ସମ୍ଭବ ନୁହେଁ । ଲୋକଙ୍କୁ ତୁମେ ଭଲ ପାଇପାରିବ ନାହିଁ । ବୃଥା ବାଜେ କଥା, ଖାଲି ଭଣ୍ଡକଥା ସେଗୁଡ଼ାକ ।”

ସେ ତା ଦାନ୍ତ ଭିତରେ ତା ହସର ଶବ୍ଦ ରୁନ୍ଧିଦେଲା । ମଝିରେ ମଝିରେ ଖୋଜିଲା ଖୋଜିଲା ଆଖିରେ ମୋ ଆଡ଼କୁ ଅନାଇଦେଉଥାଏ । ସେହେତୁ ଘରର ଏମୁଣ୍ଡ ସେମୁଣ୍ଡ ଏକର ସେକର ହେଲା । ଗମ୍ଭୀର ଅନ୍ତରଙ୍ଗତା ସହକାରେ କଥା କହୁଥାଏ । କଥାଗୁଡ଼ିକ ଓଜନଦାର । କହିଲା :

“ଭଲ ପାଇବା । ତା’ମାନେ, ଏକମତ ହେବା, ଦୟା ଦେଖାଇ ରାଜି ହେବା ଲୋକେ କଥାକୁ ନ ଧରିବା, ଚଳେଇନେବା, କ୍ଷମା କରିବା । ଗୋଟାଏ ସ୍ତ୍ରୀଲୋକକୁ ଭଲ ପାଇବା କଥା ହେଲେ ସେସବୁ ଖୁବ୍ ଭଲ । କିନ୍ତୁ ଲୋକଙ୍କୁ ଭଲ ପାଇବା ତ ଭିନ୍ନେ କଥା । ଲୋକଙ୍କ ଅଜ୍ଞତାକୁ କଣ ଆମେ ବାଛିବା ନାହିଁ, ଖାଲି ଚଳେଇନେବା ? ନା ଲୋକେ ଭ୍ରମରେ ବୁଡ଼ି ରହିଥିଲାବେଳେ ତାଙ୍କ ସଙ୍ଗେ ଏକମତ ହେବା ? ନା ଦୟା ଦେଖାଇ ନିଜ ନାଟରୁ ତଳକୁ ଓହ୍ଲାଇଯାଇ ତାଙ୍କ ନୀଚତାକୁ ଆମେ ଗ୍ରହଣ କରିନେବା ? ନା ଲୋକଙ୍କ ପଶୁତ୍ୱକୁ ଆମେ କ୍ଷମା କରିବା ? କରିପାରିବା ଏସବୁ ?”

“ନା ।”

“ସେଇ କଥା । ସହରରେ ତୁମର ଯେଉଁ ବନ୍ଧୁମାନେ ଅଛନ୍ତି ନା, ସେମାନେ ନେକ୍ରାସଭ୍‌ଙ୍କ ଲେଖା ପଢ଼ନ୍ତି, ତାଙ୍କ ଗୀତ ଗାଅନ୍ତି । ଦେଖ, ମୁଁ ଏତିକି କହିବି ଯେ ନେକ୍ରାସଭ୍ ଲଞ୍ଜ ଧରିଲେ ତୁମେ ବେଶି ବାଟ ଆଗେଇଯାଇ ପାରିବ ନାହିଁ । କୃଷକମାନଙ୍କୁ ସଙ୍ଗା କଥା ବୁଝାଇ କହିବାକୁ ପଡ଼ିବ :“ଦେଖ ସାଇ, ତୁମେ ମନ୍ଦ ଲୋକ ନୁହଁ ସିନା, ତୁମେ ଯେଉଁ ପ୍ରକାର ଜୀବନ ବଞ୍ଚୋଛ ସେଇଟା ମନ୍ଦ । ତୁମ ଜୀବନ କେମିତି ଅଧିକ ହାଲୁକା ଲାଗିବ, ସହଜ ହେବ, ସେଥିପାଇଁ କ’ଣ କରିବାକୁ ହେବ ତମକୁ ତା’ ଅବୋ ଜଣାନାହିଁ । ଗୋଟାଏ ପଶୁ ନିଜ ଅବସ୍ଥା ମେଣ୍ଟାଇବାପାଇଁ ଯାହା ଯାହା କରେ, ତୁମେ ତା’ବି କର ନାହିଁ । ତୁମେ ନିଜକୁ ନିଜ ବଳକରୁ ବଞ୍ଚାଇବାକୁ ଯାହା କରୁଛ, ପଶୁଟାଏ ତ ତାଠୁଁ ବହୁତ ବେଶି କରେ । ଫଳତ ତୁମେ କୃଷକମାନେ ହିଁ ଜମିରର ଉତ୍ପାଦକ । ଜମିଦାର ଶ୍ରେଣୀ,

Digitized by srujanika@gmail.com

ଧର୍ମଯାଜକ ଶ୍ରେଣୀ, ପଣ୍ଡିତମାନେ, ସମ୍ରାଟ୍‌ମାନେ, ସେମାନେ ସମସ୍ତେ ଅତୀତରେ ଭ କୃଷକ ହିଁ ଥିଲେ । ବୁଝିଲ କି ? ବେଶ୍, ତା'ହେଲେ ତୁମେ ବସ୍ତୁଶିଖ,ବସ୍ତୁଜାଣିଲେ ଆଉ କାହା ଗୋଡ଼ତଳେ ମଣ୍ଡିତକଟି ହେବ ନାହିଁ ।''

ରୋଷେଇଘରକୁ ଯାଇ ଗୃହଣୀକୁ ସୁପ୍‌ଟା ଟିକେଟ ଗରମ କରିବାକୁ କହିଦେଇ ପୁଣି ଆସି ସେ ମତେ ତା' ବହିଗୁଡ଼ିକ ଦେଖାଇଲା । ସେଥିରୁ ଅଧିକାଂଶ ଥିଲା କୌଣସି ନା କୌଣସି ବିଜ୍ଞାନ ବିଷୟରେ ବହି । ଇଂରେଜ ଲେଖକ ବକ୍ଲ, ଲ୍ୟେଲ୍, ଲେକ, ଲବକ୍, ଟେଲର, ମିଲ୍, ସ୍ପେନ୍‌ସର, ଡାରୱଇନ୍ ଏମାନଙ୍କ ବହି ତହିଁରେ ଥିଲା, ଆଉ ଥିଲା ରୁଷ୍ ଲେଖକଙ୍କ ବହି, ଯଥା, ପିସାରେଭ୍, ଡୋବ୍ରୋଲ୍ୟୁବଭ, ଚେର୍ଣ୍ଣିସେଭ୍‌ସ୍କି,ପୁଷ୍କିନ୍, କେର୍ଟାସଭ୍ ପ୍ରଭୃତି ଲେଖକଙ୍କ ବହି ଓ ଗଷ୍ଟରଭଙ୍କ ଲେଖା କାହାଣୀ "ପାଗଳଡ଼ା'' ଜଣେ ନେମିତ ବଳେଇବୁଅଙ୍କୁ ଅଭିସନ୍ଧା, ସେମିତ ସେ ଏ ବହି ପଳାଟମାନଙ୍କୁ ତା' ଓସାରିଆ ପାପୁଲିରେ ଅଭିବୂଥାଏ ।

"ଏଗୁଡ଼ିକ ଭଲ ବହି । ଏ ସବୁଯାକ । ଏ ଖଣ୍ଡି ଦେଖିଚ ? ଅତି ଦୁଷ୍ପ୍ରାପ୍ୟ । ସରକାରୀ ବହିଯାଞ୍ଚକାରୀମାନେ ହୁକୁମ ଦେଲେ ଯେ ଏ ବହିକୁ ପୋଡ଼ି-ଦେବାକୁ ପଡ଼ିବ । ସରକାର ପ୍ରକୃତରେ କ'ଣ, ସେକଥା ଜାଣିବାକୁ ତୁମ ମନ ଥିଲେ ନଅ, ଏ ବହିଖଣ୍ଡିକ ପଢ଼ ।''

ହବ୍‌ସ୍‌ଙ୍କ ଲେଖା "ଲେଭିଅଥାନ୍'' ବୋଲି ବହିଟି ସେ ମୋ ହାତକୁ ବଢ଼ାଇଦେଲା; କହିଲା, "ଏ ବହି ବି ସରକାର ବିଷୟରେ ଲେଖା ହୋଇଛି । ଖାଲି ଏତିକି ଯେ ସେ ବହି ତା'ଠୁଁ ଅଧିକ ହାଲୁକା, ଅଧିକ ମଜାଦାର କରି ଲେଖା ହୋଇଛି ।'' ମଜାଦାର ବହି ବୋଲି ଯାହାକୁ କହିଲା, ସେ ମାକିଅଭେଲିଙ୍କ ଲେଖା 'ଇଲ୍ ପ୍ରିନ୍‌ସିପେ' ଅର୍ଥାତ୍ 'ମଣିମା' ।

ସୁ' ଖାଇଲାବେଳେ ସେ ତା' ନିଜ କଥା ମୋ ଆଗରେ କହୁଥାଏ, ଖୁବ୍ ସଂକ୍ଷେପରେ । ଚେର୍ଣ୍ଣିଗଭର ଜଣେ କମାରର ପୁଅ ସେ । କଏଭ୍ ରେଲ୍ ଷ୍ଟେସନରେ ରେଲଗାଡ଼ିରେ ତେଲ ଦେବା କାମ କରୁ କରୁ ସେ ବିପ୍ଳବୀମାନଙ୍କ ସଂସ୍ପର୍ଶରେ ଆସିଲା । ସେଠି ଶ୍ରମିକମାନଙ୍କ ପାଇଁ ଗୋଟିଏ ପାଠଚକ୍ର ଅନୁଷ୍ଠାନ ଗଢ଼ିଦେଲା । ସେଥିରୁ ସେ ଗିରଫ ହେଲା,ଜେଲ୍ ଗଲା । ଦୁ'ବର୍ଷ ଜେଲରେ ରହିବା ପରେ ତାକୁ ମୁଁ ଭ୍ରମିକ୍ସ ଅଞ୍ଚଳରେ ଦଶ ବର୍ଷଯାଏ ନିର୍ବାସନରେ ରହିବାକୁ ଦଣ୍ଡ ମିଳିଲା ।

ଆଗ ଆଗ ସବୁଥିଲା, ୟାକୁତ୍ ଅଞ୍ଚଳରେ ଗୋଟାଏ ପଲ୍ଲୀରେ ରହି ରହି ମୁଁ ସେଇଠି ଚେମ ହେବି । ଶୀତଋତୁଟା ସେଠି ଯାହା, ଆଉ କହନା ! ସେଠେ କା ମଣିଷର ମସ୍ତିଷ୍କ ବି ବରଫ ହୋଇଯାଏ । ମସ୍ତିଷ୍କ ବି ସେ

Digitized by srujanika@gmail.com

କାହାରେ କି ଦରକାରରେ ଆସିବ ? କିଛି ଦିନ ପରେ ଦେଖିଲି ସେ ଆଖ-ପାଖ ପଲ୍ଲୀମାନଙ୍କରେ ଅଦ୍ଭୁତ ଦୁଷ୍ଟ ଲୋକସବୁ ଅଛନ୍ତି । ପଲ୍ଲୀଗୁଡ଼ିକ ଅତି ଦୂର ଦୂର ସିନା, କିନ୍ତୁ ତଥାପି ଲୋକ ଅଛନ୍ତି ତ ! ତା'ହେଲେ ତ ଆମକୁ ଏକୁଟିଆ ଏକୁଟିଆ ଲାଗିବ ନାହିଁ । ଅଦ୍ଭୁତ ଅଦ୍ଭୁତ ଲୋକଙ୍କୁ ସେଠିକି ପଠାହେଉଥାଏ । ଯା'ହଉ, ସରକାରଙ୍କ ବସ୍ତୁରଶକ୍ତି ଖୁବ୍ । ସେ ଲୋକମାନେ ବଡ଼ିଆ ଲୋକ । ଜଣେ ଗ୍ରୁପ ଥାଏ, କ୍ଲାଉମିଜ ଭୋଗେଲେଙ୍କୋ । ମୋ ମିଆଦ ସରିବା ଆଗରୁ ତା' ମିଆଦ ସରିଲା । କିଛି ଦିନ ତ ସେ ଆଉ ମୁଁ ଖୁବ୍ ବନ୍ଧୁ ହୋଇଥିଲୁଁ । ସେଇଠୁ ଆମେ ଦ'ଙ୍କାଙ୍କ ହୋଇ ଦୂରେଇଗଲୁଁ । ଆମେ ଦୁହେଁ ଅନେକ ବିଷୟରେ ଏକାପରି । ହେଲେ, ଯେଉଁ ବନ୍ଧୁ ତା ସାଦୃଶ୍ୟ ଉପରେ ପ୍ରତିଷ୍ଠିତ ହୁଏ, ସେଥିରେ ଶାନ୍ତି ମିଳେ ନାହିଁ । କିନ୍ତୁ ସେ ଗ୍ରୁପଟି ଯେଉଁ କାମରେ ହାତ ଦିଏ ସେଥିରେ ସେ ଅତି ନିଷ୍ଠାପର ଭାବରେ ଲାଗିରହେ, ଖୁବ୍ ବୁଦ୍ଧି ଖଟାଏ । ସେ ଠାକୁରମୂର୍ତ୍ତି ରଙ୍ଗ କରିବା କାମରେ ବି ହାତ ଦେଲା । ମତେ ତା' ଭଲ ଲାଗିଲା ନାହିଁ । ଶୁଣିଛି, ସେ ଆଜିକାଲି ସାହିତ୍ୟିକ ପତ୍ରିକାମାନଙ୍କରେ ଲେଖାଲେଖି କରେ, ଭଲ ଲେଖେ ।"

ସେଦିନ ସନ୍ଧ୍ୟାରେ ଗ୍ରେମାସ ବହୁତ ବେଳଯାଏ ଗପିଲା । ଗପ୍ ଗପ୍ ପ୍ରାୟ ରାତି ଅଧ ହେଲା । ଲାଗୁଥାଏ, ସେ ମୂଳରୁ ମତେ ଜଣାଇଦେଉଥିଲା ସେ ମୋ ସ୍ଥାନ ତା' କଡ଼ରେ । ସାହଚର୍ଯ୍ୟର ଏଭଳି ଗମ୍ଭୀର ଆନନ୍ଦ ମୁଁ ତା'ପୂର୍ବରୁ ଆଉ କେବେ ଅନୁଭବ କରି ନ ଥିଲି । ମୁଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କଲି-ଦିନୁଁ ନିଜ ଭିତରେ ମୁଁ ମର୍ଯ୍ୟାଦା'ରେ ଖୁବ୍ ତଳକୁ ଖସିପଡ଼ିଥିଲି । ମୁଁ ନିଜକୁ ଭାବୁଥିଲି ଗୋଟାଏ ଫମ୍ପା, ବାଜେ ଲୋକଟାଏ ବୋଲି । ଗୋଟାଏ ଦୋଷୀ ମନୋଭାବ ସବୁବେଳେ ମତେ ଆକ୍ରାନ୍ତ କରୁଥିଲା । ବଞ୍ଚିବାକୁ ବି ମତେ ଲାଜ ମାଡ଼ୁଥାଏ । ମୋ'ର ଏ ମନୋଭାବ ଗ୍ରେମାସ୍ ନିଶ୍ଚୟ ଜାଣିପାରିଥିଲା । ତେଣୁ ଖୁବ୍ ସରଳଭାବରେ ବୁଦ୍ଧି ସହକାରେ ସେ ତା' ଜୀବନର କାହାଣୀ ମୋ ଆଗରେ ବଖାଣି ମୋ ମନବଳ ଲେଉଟାଇ ଆଣିଥିଲା । ଭୁଲିହେବ ନାହିଁ ସେ ଦିନଟି ।

ରବିବାର ହେଲା । ଗୀର୍ଜାର ପ୍ରାର୍ଥନା ସରିଲା । ସେଇଠୁ ବଜାରକୁ ବେଉସା ଲାଗି ଆମେ ଦୋକାନ ଖୋଲିଲୁଁ । ବୁହୁଁ ବୁହୁଁ ଆମ ଦୋକାନ ଆଗରେ ଭିଡ଼ ଲାଗିଗଲା । ଆଉ ଆସି ପହଞ୍ଚିଗଲା ମା'ଡ଼େଲେଇ ଡା'ରଜତ । ମଇଳା ଦିଶୁଥାଏ, ମୁଣ୍ଡବାଳ ଅଳିଆ, ଦାନ୍ତ ତ'ଟା ହନୁମାନ୍ତ ଦାନ୍ତ ପରି ଲମ୍ବା ଲମ୍ବା, ଆଖିଯୋଡ଼ିକ ମାଇକିନିଆ ଅଖିପରି ସୁନ୍ଦର । ସେ ଆଖିର ବୃଦ୍ଧାଣୀର ଭାବ ଅନ୍ୟମନସ୍କ ହେଲା ପରି ।

Digitized by srujanika@gmail.com

ରେମାସକୁ ସଙ୍ଗ୍ନା ଜଣାଇ ସେ ପଚାରିଲା, "ସହରର ନୂଆ ଖବର କ'ଣ?" ଉତ୍ତରକୁ ଅପେକ୍ଷା ନ କରି ସେ କୁକୁସ୍କିନ୍‌କୁ ଡାକପକାଇଲା। କୁକୁସ୍କିନ୍ ସେହିକ୍ଷଣି ଆସୁଥାଏ। କହିଲା, "କୁକୁସ୍କିନ୍, ତମ ବଲେଇ ପୁଣି ଗୋଟାଏ କୁକୁଡ଼ାକୁ ମାରିଲା।" ଠିକ୍ ତ' ଆଉ ମୁହୂର୍ତ୍ତରେ ସେ ଆମକୁ କହିଲା ସେ ଲାଟ୍‌ସାହେବ କାଜାନ୍ ସହରରୁ ସେଣ୍ଟପିଟର୍ସବର୍ଗ ସହରକୁ ଗଲେଣି। ସେଠି ସେ ସମ୍ରାଟଙ୍କୁ ଦେଖା କରିବେ, ଆଉ ସମ୍ରାଟଙ୍କଠୁଁ ହୁକୁମନାମା ଆଣିବେ ଯେ ତାତାର ଜାତିର ଯେତେ ଲୋକ, ସମସ୍ତେ ଉଠିଯାଆନ୍ତୁ କକେସସ୍ ଓ ତୁର୍କିସ୍ତାନ୍ ଅଞ୍ଚଳକୁ। ସେ ଲାଟସାହେବଙ୍କୁ ଭାରି ପ୍ରଶଂସା କରୁଥାଏ। କହିଲା, "ଭାରି ବୁଦ୍ଧିଆ ଲୋକ; କାମ କେମିତି କରିବାକୁ ହୁଏ, ଜାଣନ୍ତି।"

ରେମାସ୍ ଶାନ୍ତ ସ୍ୱରରେ ତାକୁ କହିଲା : "ଏ ଆଲଗଙ୍ଗା କଥାଗୁଡାକ ତୁମେ ମନରୁ ଫାନ୍ଦୁଚ।"

"ମୁଁ ଫାନ୍ଦୁଚି? କେବେ?"

"ସେକଥା ମୁଁ କହିପାରିବି ନାହିଁ।"

"ହଁ, ତେମେ ତ କାହାରି କଥା ସତ କରିବ ନାହିଁ। ମୁଁ ଆଉ କଣ କରିବି?" ମୁଣ୍ଡ ହଲେଇ ହଲେଇ ଉଦାସର ଭଙ୍ଗୀରେ ସେ କହିଲା, "ତେବେ ବିଚରା ତାତାର ଜାତିର ଲୋକଙ୍କ ପାଇଁ ମୋ ମନଟା ଭାରି ହାଇଁପାଇଁ ହଉଚି। କକେସସ୍ ବଡ଼ ଅସାଧ ଜାଗା। ସେଠି ବସବାସ କରିବା ଆରେଇ ଆରେଇ ବହୁତ ଦିନ ଯାଏ।"

ଗୋଟାଏ ଧଡ଼ିଆ ଗ୍ରେଟିଆ ମଣିଷ। ପିନ୍ଧିଥାଏ ଗୋଟାଏ ଛୁଣ୍ଡା କୋଟ୍ ସେ ଦେଖିଲେ ଜଣାପଡୁଥାଏ, କୋଟଟା ତା'ର ନୁହେଁ। ଆକାରରେ ତ'ଠୁ ବଡ଼ ଆଉ କେଉଁ ଲୋକର ସେ କୋଟ୍। ଲୋକଟା ତରକ ତରକ କରେଇ କରେଇ ହୋଇ ଆସି ପହଞ୍ଚିଗଲା। ତା' ମୁହଁର ଚେହେରା ତ ଏକେ ଅସୁନ୍ଦର, ତହିଁରେ ପୁଣି ସେ କେମିତ ତର ତର ଟିକିଏ ମୁରୁକେଇ ହସିଦେଲା ଯେ ତା' ମୁହଁ ଅତୁଳ ବୀଭତ୍ସ ଦିଶିଲା। ତା' କଳା କଳା ଓଠ ଦୁ ଫାଳ ହୋଇ ଯେଠ ଲାଗିରହିଲା ଗୋଟାଏ ଶେଟିଣା ହସ। ତା ବାଁ ଆଖିର ଗୁହାଣି ଖୁବ ତୀକ୍ଷ୍ଣ। ସବୁବେଳେ ସେଇ ବାଁ ଆଖିରେ ସେ ଆଖିମିଟିକା ମାରୁଥାଏ। ସେତେବେଳେ ସେଇ ବାଁ ପଟର ପାଣ୍ଡୁର ଭ୍ରୂଲତା ଥରଉଠୁଥାଏ। ଭ୍ରୂଲତା ଉପରେ ଖଣ୍ଡିଆ ଚିହ୍ନ।

ବାଈନଭ୍ ତାକୁ ହସରେ ଉଡ଼ାଇ କହିଲା :

Digitized by srujanika@gmail.com

"ଦଣ୍ଡବତ, ବାବା ମିଗୁନ୍ ! କାଲି ଗଡରେ କି ପଦାର୍ଥ ଶୁଣିଲ ?"

"ତମର ପଇସା ପଣ !" ମିଗୁନ ଜବାବ ଦେଲା । ତା' ସ୍ୱର ପରିଷ୍କାର, ଝଣଝଣିଆ । ଟୋପି ଟେକିଦେଇ ସେ ସେମାନଙ୍କୁ ଦଣ୍ଡବତ କଲା ।

ଅସି ପଚାଶି ହେଲା ପାଇଁ । ତା'ର ଘର ଭଡ଼ା ନେଇ ଆମେ ଥାଉଁ । ସେ ଆମ ପଡ଼ଶା । ଦେହରେ ସବୁବେଳେ ଜ୍ୟାକେଟ୍ ପିନ୍ଧିଥାଏ, ବେକରେ ଗୋଟାଏ ନାଲି ରୁମାଲ ଗୁଡ଼େଇଥାଏ, ସେ ଉପରେ ଜକଜକ ତୋଳା କୋଟ, ସେଥି ସହିତ କୋଟ ଉପରେ ପିନ୍ଧନ୍ତି, ଗ୍ରୀଷ୍ମର ଏପରି ଖରା ବେଳେ ସେ ଟାଏ ରୁପା ଜଞ୍ଜିର ପଡ଼ିଥାଏ, ଘୋଡ଼ା ଲଗାମ୍ ଯେତିକି ଲମ୍ବ ସେତିକି ଲମ୍ବ ହେବ । ମିଗୁନ୍‌ର ପାଦଠୁଁ ମୁଣ୍ଡଯାଏ ଇଠେ ର ସ୍ମୃତିରେ ଅନେଇଦେଇ ସେ କହିଲି :

"ଫେର୍ ଅରେ ମୋ ପଣତା ତାଙ୍କରେ ପଶିଚ ତ ଜଣେ ଠେଙ୍ଗାରେ ବାଡ଼େଇ ଲଙ୍ଗା କରିଦେବ, ବୁଢ଼ା ସଇତାନ୍ କାହିଁକା !"

ଶାନ୍ତ ସ୍ୱରରେ ମିଗୁନ କହିଲା, "ହେଉଆ ତ କହିବ, ଆଉ କ'ଣ ? ତାହା ତାଙ୍କୁ ନ ଫଟେଇଲେ ତୁମକୁ ତୁମ ଜୀବନଟା ସବୁ ଖାଲି ଅଡ଼ୁଆ ଅଡ଼ୁଆ ଲାଗୁଥିବ !"

ପାଣ୍ଡଭ ରାଗିଯାଇ ତା' ଉପରେ ରଡ଼ିଲା । କିନ୍ତୁ ମିଗୁନ୍ କହିଯାଉଥାଏ :

"କଏଣ୍ଟ କହିଲ ଯେ ମୁଁ ବୁଢ଼ା ? ଅଚ୍ଛା କଥା ! କହୋ, ମତେ ସବୁ ଛୟାଳିଶି ବର୍ଷ !"

ବାଇନର୍ କହିଲା, "ଗଲାଥର ଖ୍ରୀଷ୍ଟମାସ୍ ପର୍ବ ବେଳକୁ ତତେ ହେଉଥିଲା ତେପନ ବର୍ଷ, ତୁ ସବୁ ବଢ଼ିଲେ କହୁଥିଲୁ ? ଆଉ ଅଇଲୁ ପିଛ କହୁଚୁ ?"

* ସୁନ୍ଦରୀଙ୍କ ଅସି ପଚାଶିକ । ତାଟିଆ ବୁଢ଼ାଟିଏ, ମର୍ଯ୍ୟାଦ ବଡ଼ ମଣିଷ । ତେଢ଼ିକ ଇକଟ୍ ଅଛିଲି । ଏମିତି ଦଶଜଣ ହେବେ । ସେମାନଙ୍କ ପିଣ୍ଡାରେ ବସିଥାଏ । ଇତାଣ୍ଟ ପାଖେ ପାଇପ ଟାଣୁଥାଏ ଓ ଚୁପ୍ ହୋଇ ବସି ବୁଢ଼ୀମାନଙ୍କ କଥା ଶୁଣୁଥାଏ । ବୁଢ଼ୀମାନେ ପିଣ୍ଡା ପାହାଚରେ ବସିପଡ଼ିଥାନ୍ତି । ଦ'ପଟେ ବେଞ୍ଚ୍ ପଡ଼ିଥାଏ ଯେ ଯୋଉଁଠି ସେଥିରେ ବି ବସିଥାନ୍ତି ।

---

* ବୁଢ଼ା ମଣିଷଙ୍କ ପରିବାରଗୁଡ଼ିକର ନାଁ ମୋ ର ହେତେ ପରିଷ୍କାର ହୋଇ ମନେନାହିଁ । ବୋଧହୁଏ ମୁଁ ସ୍ୱା ନାଁ ତା'ର ତା' ନା ସ୍ୱା'ର ବୋଲି ଭୁଲ କରିଦେଇଛୁ କି ନାଁଗୁଡ଼ାକ ଗୋଳମାଳ କରିଦେଇଛୁ ।

Digitized by srujanika@gmail.com

ଶୀତୁଆ ପବନଟାଏ, ତୁଷ ଆଲୁଅର ମୋଟା ମୋଟି ପତ୍ରପରି ଝଡ଼ୁଥାଏ । ନୀଳ ଆକାଶରେ ବଉଦମାନେ ଘୋଡ଼ା ଚଢ଼ି ତରତର ହୋଇ ଧାଇଁ ପଳାଉଥାନ୍ତି । ଶୀତଋତୁର ଗୁଣ୍ଡ଼ା ବରଫ ପଡ଼ିଲା ପରେ ବି ମେଘଗୁଡ଼ାକ ସତେ ଯେମିତି ତରଳି ନ ଥାଏ । ସ୍ଥାନ ସ୍ଥାନ ନାଳିଅନ୍ଧାଭାବରେ ଓ ପାଣି ଜମିଥିବା ଜାଗାଗୁଡ଼ାକରେ କେତେବେଳେ ଅଳ୍ପ ଅଳ୍ପ ତୁଷ, କେତେବେଳେ ଅଳ୍ପ ଅଳ୍ପ ଆଲୁଅ ଝପ୍ ଝପ୍ ହେଉଥାଏ; କେତେବେଳେ ଖଣ୍ଡ ପଡ଼ି ଅଣ୍ଟି ହଳଦି ଯାଉଥାଏ, କେତେବେଳେ ମଖମଲ ପରି ବର୍ଷଣ ଝଡ଼ୁଥାଏ ଯେ ଅନ ଓଁଲେ ଅଣ୍ଡିଳ ଅଭିପ୍ରେତ ପରି ଅସମ ଲାଗୁଥାଏ । ତୁଷ୍ଟିଦନ ବୋଲି ଜନଜନ ଯେ ସାଦ ପିନ୍ଧି ହୈଅପିଲାମାନେ ଗାଁ'ଦାଣ୍ଡ ବାଟେ ଉଲଗା ନଇ ଆଡ଼କୁ ଖୁସି ଖୁସି ଗଳାପରି ବୁଲୁଥାନ୍ତି । ବାଟରେ ଯେଉଁଠି ପାଣି ଅଳ୍ପ ପଡ଼େ, ସେମାନେ ପାଦ ଉପରୁ ପିନ୍ଧାଲୁଗା ଟେକିଧରନ୍ତି । ସେମାନେ ପିନ୍ଧିଥିବା ଜୋତା ପଦାକୁ ଦିଶେ । ଜୋତାପରୁ କରଡ଼ା ଚହଲ ଚମକାରେ ଝଅଉ । ତାଙ୍କରେ ଚନ୍ଦ୍ରଣୀ ଛଡ଼ ପଦାଭ ସ ନ ସ୍ଥାନ ପିଲାଏ ଦୌଡ଼ି ପଳାନ୍ତି । ସ୍ତ୍ରୀମାନେ ସ୍ନାନଗଲବେଳେ ଅମ ଡୋଡୋନ ସାମ୍ନା ଗହଳ ଅଡ଼କୁ ଆସ୍ତେଇ ଆସ୍ତେଇ ଅନାନ୍ତି; ମୁଣ୍ଡରେ ଯେଉଁ ପଶମ ଟୋପି ପିନ୍ଧିଥାନ୍ତି କି କଳା ଟୋପି ପିନ୍ଧିଥାନ୍ତି ତାକୁ ଅସ୍ତେ ଟେକିଦେଇ ଦଣ୍ଡବତ କରନ୍ତି ।

ମିଗୁନ୍ ଓ କୁକୁଷକନଙ୍କ ହୃଦରେ ଖେଳରେ ଖେଳରେ ଯୁଦ୍ଧ ଲାଗଯାଉଥାଏ । ବିଷୟଟା ସବୁବେଳେ ଅଚୁଣ୍ଡା, ତାର ଶେଷ ନଥାଏ ନାହିଁ; କଣନା, ତାହା ମାଡ଼ରେ ଚେଷ୍ଟି ବଳ, ଦେପାସ୍ତଙ୍କର ନା ଜମିଦାରଙ୍କର ? କୁକୁଷକନ ଯୁକ୍ତ କରୁଥାଏ ଯେ ଦେପାସ୍ତମାନଙ୍କ ବଳ ବେଶି । ମିଗୁନ କହୁଥାଏ, ନା, ଜମିଦାରମାନଙ୍କର । କୁକୁଷକନ୍ ତ ଲମ୍ବେଇ ଲମ୍ବେଇ ଗୁହେଇଗୁହେଇ ଗୁଡ଼ାଏ ବକାଯାଉଥାଏ, କିନ୍ତୁ ତା' କଥାକୁ ବଦାଇ ଦେଉଥାଏ ମିଗୁନର ଦଶେଶଥ ସ୍ୱର ।

ମିଗୁନ୍ କହିଲା : "ଜାଣିଚ, ଜମିଦାର ଫିଙ୍ଗରଙ୍କ ବାପା କ'ଣ କଲେ ? ନେପୋଲିଅନଙ୍କ ଜଣ ଧଇ ଓଟାଇଥିଲେ ! ଏତେ ପ୍ରତାପ ! ଆଉ ଫିଙ୍ଗରଙ୍କ କଥା କ'ଣ ଜାଣିଛ ? ଯେତେବେଳେ ମଣିଷ ଦ'ଟ ହେଉଥିଲୁ, ତାଙ୍କ ଭୋଟ ଦେବ ପାଇଁକୁ ଧଇ ଦେଉ ଏ ଟାଙ୍କ ନେଇଲେ ଗୋଟାଏ ମଣିଷ ବାଁ'ପଟକୁ ତ ଆଉ ଗୋଟାଏ ଡାହାଣପଟକୁ ଯୋଖାଣ ହୋଇଯିବେ । ସେଥିପାଇଁ ଆଉ ଗୋଟାଏ ଟାଙ୍କ ମାରିଲେ ଦ'ଟାଯାକ ମଣିଷ ଓଟାଣ୍ଡ ହୋଇ ଅସିବେ ଯେ ଉଭୟଙ୍କ ମୁଣ୍ଡ ଭା'ଙ୍ଗି ହୋଇଯିବ । ସେଥିକାରେ ଉଭୟଙ୍କ ଦେହେ ରକ୍ତ ଚାଟିଲାପରି ଟଳପଡ଼ିବେ ! ସାମାନ୍ୟ ବଳ କି ?"

Digitized by srujanika@gmail.com

ଭୁବନ୍ଦନ୍ କହିଲ : "ଆରେ, ତୁ ହୋଇଥିଲେ ସିନା ଟଳପଡ଼ିବୁ ! ଗୁଡ଼ା ବେପାରୀଟାଏ ହେଲେ ସେ ଜମିଦାର ଅପେକ୍ଷା ବେଶିଗୁଡ଼ାଏ ଖାଏ ।"

ଉପର ପାହାଡରେ ଥାଇ ସୁନ୍ଦର ଚେହେରାବାଲା ବୁଢ଼ା ସୁହ୍ଲଭ ଆପତ୍ତି କରି କହିଲ :

"ଋଷୀକୁଳଙ୍କର କଣ ଭଲ ମାଡ଼ଯାଉଛି ? ତାଙ୍କ ପାଦ ପସ୍ତ ଟଳଟଳ ହେଲଣି ! ଆଗେ ଯେମିତ ଥାଇତାପଣ ଥିଲ, ଏବେ ଦନ ତା'ଗଲଣି । ଆରେ ବାବୁ, ଜମିଦାରୀ ପ୍ରଥା ଯେତେବେଳେ ଥିଲ ସେତେବେଳେ ତମ ହାତ କେବେ ଖାଲି ରହୁ ନ ଥିଲ, ସମସ୍ତଙ୍କ ହାତରେ କଳ କଳ କାମ ଥିଲ ।"

ଭଜନ୍ ପ୍ରତିବାଦ କରି ଜବାବ ଦେଲ, "ବାଃ ! ଆଚ୍ଛା କଥା କହୁଚ ? ସରକାରଙ୍କୁ ଟେକ୍ସିଙ୍କର ଗୋଟାଏ ଦରଖାସ୍ତ ଦଉନା ? କହ, ପୁଣି ଜମିଦାରୀ ପ୍ରଥା ଫେରୁ ହଉ । ଜମି ଉପରେ ଅଧିକାର ନ ଥାଇ ଆମେ ଜମିଦାରଙ୍କ ତଳେ ଚାଷୀ ହୋଇ ରହିବୁ ?" ରେମାସ ତା' ଧୂଆଁ ପଣ ଧୂଆଁ ପିଅ ଚଲମକୁ ବେଲଙ୍କରେ ବାଡ଼େଇଦେଇ ଖାଲି ଭୁକ ହୋଇ ତା' ଅଡ଼କୁ ଥରେ ଅନାଇଦେଲ ।

ମୁଁ ଅପେକ୍ଷା କରିଥାଏଁ, ରେମାସ କାଲେ କଥା କହିବ, ଶୁଣିବି ବୋଲି । ଚଷାମାନେ ଯାହା କଥାବାର୍ତ୍ତା ହେଉଥାନ୍ତି ତାକୁ ମୁଁ କାନ ଡେରି ଶୁଣି ଅନୁମାନ କରୁଥାଏଁ ଯେ ରେମାସ୍ କ'ଣ କହନ୍ତା । ମତେ ଲାଗୁଥାଏ ଯେ ଋଷୀମାନଙ୍କ କଥାବାର୍ତ୍ତାରେ ଯୋଗ ଦେବାଲାଗି ବହୁତ ସୁଯୋଗ ତାକୁ ମିଳିଲଣି ; ଅଥଚ ସେ ସେ ସୁଯୋଗ ଛାଡ଼ିଦେଇ ଖାଲି ଚୁପ ହୋଇ ବସିଛି । ସେ ଗୋଟାଏ ମୂର୍ତ୍ତି ପରି ବସି-ରହିଥାଏ, ହଲ୍ ନାହିଁ ଚଲ୍ ନାହିଁ, ଅନାଇଁଥାଏ ପବନ କେମିତି ଖାଲି ଜାଗାରେ ଠୁଳ ହୋଇଥିବା ପାଣିକୁ ଫିଟି ଫିଟି ଅସ୍ଥିର, ବିକ୍ଷୁବ୍ଧ କରିଦେଉଛି ଆଉ ଆକାଶରେ ମେଘଗୁଡ଼ାକ ଅଡ଼େଇ ଅଡ଼େଇ ଏକାଠି କରି ଧୂସର ବର୍ଣ୍ଣର ଗୋଟାଏ ମେଞ୍ଚା କରିପକାଉଛି । ନଈରେ ଗୋଟାଏ ଷ୍ଟୀମ ଡଙ୍ଗା ସିଟି ମାରିଲ । ଜାଏସବୁ ହିଅମାନେ ବେହେଲ ବାଜା ସଙ୍ଗେ ସଙ୍ଗେ ଏକାଠି ଗୀତ ବୋଲୁଥାନ୍ତି ଯେ ତାଙ୍କ ଗାଢ଼ ସ୍ୱର ଅତଡ଼ାର ଢାଲୁଏ ଢାଲୁଏ ଉପରକୁ ଚଢ଼ୁଥି ଆସୁଥାଏ । କଏ ଗୋଟାଏ ମନୁଷ୍ୟ ହାକୁଟି ମାରି ମାରି ପାଟି କରି କରି ଗାଁ' ଦାଣ୍ଡେ ଦାଣ୍ଡେ ଆସିଲ । ତା' ହାତ ଦି'ଟା ପାଗଳ ଲୋକର ହାତ ପରି ଝାଙ୍କି ହେଉଥାଏ, ଗୋଡ଼ ଦି'ଟା ବିଚିତ୍ର-ପ୍ରକାରେ ବଙ୍କା ହୋଇଥାଏ । ସେ ବାରମ୍ବାର ପାଣିଜମିଥିବା ଜାଗା ଭିତରକୁ ଝୁଣ୍ଟି ଝୁଣ୍ଟି ପଶିଯାଉଥାଏ । ଚଷାମାନଙ୍କ ପାଟି ଭୁକ ଭୁକ ହୋଇ ଶୁଭୁଥାଏ । ତାଙ୍କ ପାଟି ଶୁଭୁଥାଏ ହତାଶ, ଶୁଣିଲେ ଆଶା ବୁଡ଼ିଯିବ । ମତେ ବି କଷ୍ଟ ଲାଗିଲ ।

Digitized by srujanika@gmail.com

ଶୀତୁଆ ଆକାଶକୁ ଅନାଉଁଲେ ଜଣାପଡୁଥିଲା, ବର୍ଷା ହେବ । ମତେ ଖରାପ ଲାଗିବାର ଆଉ ଗୋଟିଏ କାରଣ—ମୋ ମନ ଧାଇଁ ପଳାଇଲା ସହରର ଅଛିଣ୍ଡା କୋଳାହଳ ଆଡ଼କୁ । ସେଠି ନାନାପ୍ରକାର ଶବ୍ଦ, ସଡ଼କରେ ତରତର ହୋଇ ଚାଲିଯାଉଥିବା ଲୋକ, ନୂଆ ନୂଆ ଲୋକ, ମଣିଷଙ୍କର ତଚତଚ କଥା, ତାଙ୍କ କଥାରେ ଏପରି ନାନା ଶବ୍ଦ ଯାହା ମଣିଷର ଚିନ୍ତାକୁ ତେଜାଡ଼ଏ ।

ଚା' ଖାଇଲାବେଳେ ମୁଁ ସେମାନଙ୍କୁ ପଚାରିଲି, ସେ କେବେ ଚାଷୀମାନଙ୍କ ଆଗରେ ତା' କହିବା କଥା ବଖାଣିଥିଲେ ।

"ବଖାଣିଥାନ୍ତି ? କେଉଁ କଥା ?"

ମୁଁ ବୁଝାଇଦେଲି । ମୋ କଥାକୁ ସେ ଗମ୍ଭୀର ହୋଇ ମନଦେଇ ଶୁଣିଲେ । କହିଲେ, "ଓହୋ ! ଏଇଆ ? ବୁଝିଲ, ମୁଁ ଯଦି ସେମାନଙ୍କ ଆଗରେ ସେସବୁ କଥା କହନ୍ତି. ପୁଣି ଭର୍ ବଜାର ଉପରେ, କ'ଣ ହ'ନ୍ତା, ଜାଣିଛ କି ? ପୁଣି ମତେ ନିର୍ବାସନ ଦଣ୍ଡ ଦିଅନ୍ତେ ଯେ ପୁଣି ମତେ ଯାଇ ସ୍ୱାକୁଡ଼୍ସ ଅଞ୍ଚଳରେ ରହିବାକୁ ପଡ଼ନ୍ତା ।

ସେ ତା' ଚିଲମରେ ଧୂଆଁ ପତ୍ର ପୂରେଇଲେ, ନିଆଁ ଲଗାଇ ଓଟାରିଲେ । କଳା କଳା ଧୂଆଁ ବାହାରି ବହଳ ମେଘ ପରି ତା' ଚାରିପଟେ ଘୋଟିପକାଇଲା । ସେଇଠୁ ସେ କଥା କହିଲେ । ରହିରହିକା ଧୀରେ ଧୀରେ କହୁଥାଏ; କଥାଗୁଡ଼ାକ ମନରେ ଲାଖିଯିବ ।

କହିଲେ, ଚାଷୀଲୋକମାନେ ସବୁବେଳେ ଡରଙ୍ଗଡରଙ୍ଗ: ତାଙ୍କର ସବୁବେଳେ ସନ୍ଦେହ । ଚାଷୀ ନିଜକୁ ପରତେ ଯାଏ ନାହିଁ, ପାଖପଡ଼ୋଶୀଙ୍କୁ ପରତେ ଯାଏ ନାହିଁ, ଆଉ ଅଚିହ୍ନା ଲୋକ ହେଲେ ତ ତା'କୁ ତା'ର ବେଶି ସନ୍ଦେହ । ଚାଷୀ ତ ମୁଣ୍ଡ ବିକାଥିଲା, ଜମି ଉପରେ ତା'ର ଅଧିକାର ନ ଥିଲା, ଖାଲି ଜମିଦାରର ହାତତଳିଆ । ତା'ର ଏ ଦାସତ୍ୱ ଯିବାର ମୋଟେ ୩୦ ବର୍ଷ ବି ହୋଇନାହିଁ । ଯେତେ ଚାଷୀଲୋକଙ୍କ ବୟସ ଚାଳିଶି, ସେମାନେ ସମସ୍ତେ ସେମିତି ଦାସ ହୋଇ ଜନ୍ମ ହୋଇଥିଲେ । ସେକଥା ତାଙ୍କର ମନେ ଅଛି । ଏଇଲାଗି ସେ ସ୍ୱାଧୀନତା କି କ'ଣ ତ' ବୁଝିବା କଷ୍ଟ । କଥାଟାକୁ ସିଧାସଳଖେ ଅର୍ଥ କର । ଅର୍ଥ ବୋଧହୁଏ ଏଇଆ ଯେ ମୋର ଯେମିତି ମନ ହେବ ମୁଁ ସେମିତି ଚଳିବି । କିନ୍ତୁ ଯୁଆଡ଼କୁ ଅନାଅ, ଦେଖିବ, ସେ ଧାରଣାକୁ ଆଗୁଳି ଦେଇ ଠିଆହୋଇ

Digitized by srujanika@gmail.com

ରହୁଛନ୍ତି ସରକାରୀ କର୍ମଚାରୀମାନେ, ଚାଟୁପକ୍ଷମାନେ । ମୋ ମନ ଯେମିତି ହେବ ମୁଁ ସେମିତି ଚଳିବି, ଏକଥା ସେମାନେ ଭଲଭାବେ ଜାଣିଥାଆନ୍ତି । ସ୍ୱାମୀମାନଙ୍କୁ ଜମିଦାରଙ୍କ ଅତ୍ୟାଚାର ଭିତରୁ ବାହାରିନେଲେ ଏ ଦେଶର ସମ୍ରାଟ୍ । ଆଜି ସେ ବର୍ତ୍ତମାନ ସବୁ ସ୍ୱାମୀଙ୍କର ଏକଛତ୍ର ଶାସକ ହୋଇ ବସିଛନ୍ତି । ତା'ହେଲେ ସ୍ୱେ କି ସ୍ୱାଧୀନତା ? ହଁ, ଅପ୍ରତ୍ୟାଶିତ ଭାବରେ ଗୋଟାଏ ଦିନ ଆସିପାରେ, ଯେତେବେଳେ ସମ୍ରାଟ ସ୍ୱା ଅର୍ଥ ବୁଝାଇବେ ସବୁ । ସ୍ୱାମୀଙ୍କର ସମ୍ରାଟଙ୍କଠି ଅଖଣ୍ଡ ବିଶ୍ୱାସ — ସେ ସବୁ ଧନ ସବୁ ଜମିର ମାଲିକ । ସ୍ୱାମୀ ଭାବନ୍ତି, ସେ ଯେମିତି ଜମିଦାରଙ୍କଠୁ ସ୍ୱାମୀମାନଙ୍କୁ ଛଡ଼ାଇନେଲେ, ମନହେଲେ ସେମିତି ବେପାରୀଙ୍କଠୁ ଜାହାଜ ଆଉ ବୋଝାଳମାନ ଛଡ଼ାଇନେଇପାରିବେ । ସ୍ୱାମୀ ସମ୍ରାଟଭକ୍ତ ଲୋକ । ସେ ଭାବେ, ବହୁତଗୁଡ଼ାଏ ଶାସକ ଥିଲେ ଖରାପ; ଗୋଟାଏ ଶାସକ ହେଲେ କମ୍ ଖରାପ । ସେ ଗୋଟିଏ ସ୍ୱପ୍ନକୁ ଅନେଇ ବସିଛି, ଯେତେବେଳେ ସମ୍ରାଟ ତାକୁ ବୁଝାଇଦେବେ ଯେ ସ୍ୱାଧୀନତାର ପ୍ରକୃତ ଅର୍ଥ କ'ଣ । ସେଇଠୁ ଯେ ଯାହା ମାଗିବସିପାରିବ ତାକୁ ହାତପଇଠ ଦେବ । ସମସ୍ତେ ଖୋଜୁଛନ୍ତି ସେ ଦିନ ଆସୁ । ଅଥଚ ସମସ୍ତେ ଡରୁଛନ୍ତି, ପ୍ରତ୍ୟେକେ ଭିତରେ ଭିତରେ ଆଶଙ୍କାରେ ଥରୁଛନ୍ତି ଯେ ଧନ ପୁନର୍ବଣ୍ଟନ ହେବାର ସେହି ଘାଟୀ ଦିନଟା ଭାଗେ ତାଙ୍କ ହାବୁଡ଼େ ନ ପଡ଼ିବ ! ଏଣେ ନିଜ ନିଜର ସାମର୍ଥ୍ୟ ଉପରେ ପ୍ରତ୍ୟେକଙ୍କର ଭରସା ନାହିଁ । ପ୍ରତି ଲୋକ ବଡ଼ୁଆ ବଡ଼ୁଆ ଲୋଡ଼ୁଛି । ଆଉ ଲୋକଭଳିଆ ବଡ଼ୁଆ ବି ଅଛି । କିନ୍ତୁ କି ଉପାୟ କଲେ ସେ ତାକୁ ନେଇପାରିବ ? ପ୍ରତି ଲୋକର ତ ସେହି ସେହି ଜଣକ ଦରକାର । ଆଉ ଯେଉଁଅଡ଼କୁ ଅନାଅ, ସେଠି ଦେଖିବ ସରକାରୀ କର୍ମଚାରୀ ଭର୍ତ୍ତି ହୋଇଛନ୍ତି । ତାଙ୍କ ମନରେ ତ ସ୍ୱାମୀମାନଙ୍କ ପ୍ରତି ଶତ୍ରୁତା, ସମ୍ରାଟଙ୍କ ପ୍ରତି ବି । ଅଥଚ ସରକାରୀ କର୍ମଚାରୀ ନ ରହିଲେ ବି ଚଳିହେବ ନାହିଁ; କେବେ, ସ୍ୱେ ତା' ଗଣ୍ଡିକୁ ସେ ସ୍ୱା ଗଣ୍ଡିକୁ ଠେଲିପକାଇବେ ।

ପବନ ସ୍ୱରରେ ଥରଥର ହୋଇ ଆମ ଝରକାରେ ବସନ୍ତ ଋତୁର ଓଜନିଆ ବର୍ଷାମାଣିସବୁ ପିଟୁଥାଏ । ପଡ଼ାକୁ ଅନାଇଲେ ଦିଶୁଥାଏ, ବଦଳ ହୋଇ ଧୂସରିଆ ଅନ୍ଧାର । ମୋ ହୃଦୟରେ ବି ଗୋଟାଏ ନୀରସ କରୁଣ ପାଣ୍ଡୁର ବର୍ଣ୍ଣ ବିଚ୍ଛେଦ ହୋଇଯାଇଥାଏ । ରେମାସର ଧୀର ଶାନ୍ତ ସ୍ୱଚ୍ଛ ସ୍ୱର ଭାସି-ଆସୁଥାଏ :

“ସ୍ୱାମୀକୁ ବୁଝାଅ, ଅଳ୍ପ ଅଳ୍ପ କରି ଶିଖିନେବା ତା' ପକ୍ଷରେ ଜରୁରୀ ଯେ କେମିତି ସେ ସମ୍ରାଟଙ୍କ କ୍ଷମତାକୁ ନିଜ ହାତକୁ ନେଇପାରିବ । ତାକୁ ବୁଝାଅ, ଲୋକଙ୍କର ଅଧିକାର ରହିବା ଉଚିତ ଯେ ସେମାନେ ତାଙ୍କର ନିଜ ଭିତରୁ

Digitized by srujanika@gmail.com

ତାଙ୍କ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କରି ନିଯୁକ୍ତ କରିପାରିବେ । ତାଙ୍କ ସର୍ ସାହେବଙ୍କୁ ବି, ତାଙ୍କ ସମ୍ରାଟଙ୍କୁ ବି ଲୋକେ ନିର୍ବାଚନ କରି ବାଛି ନିଯୁକ୍ତ କରି-ପାରିବେ ।"

"ତା'ହେଲେ ତ ଶହେ ବର୍ଷ ଲାଗିଯିବ !"

ଗମ୍ଭୀର ହୋଇ ସେ କହିଲା, "ଆଉ କ'ଣ ତେମେ ଭାବିଥିଲ, ଅସଲ୍ଲା ଜି ମୁକ୍ତି ରାତାରାତି ସମ୍ପାଦନ ହୋଇଯିବ ବୋଲି ?"

ସଞ୍ଜବୁଡ଼େ ସେ ଲୁଅଡ଼େ ଗଲା । ରାତି ଏଗାର ପାଖ ହେବ, ଘର ଭିତରେ ଗାଁ'ଦାଣ୍ଡରେ ଗୋଟାଏ ବନ୍ଧୁକ ଫୁଟିବା ଶବ୍ଦ ଶୁଣିଲି । ବର୍ଷା ଅନ୍ଧାର ଭିତରେ ପଦାକୁ ଦୌଡ଼ିଗଲି; ଦେଖିଲି, ସେମାନ୍ ହାଟ ଆଡ଼କୁ ଅସ୍ପଷ୍ଟ । ଦଣ୍ଡାଏ ପ୍ରକାଣ୍ଡ ଶରୀରଟାଏ । ଅନ୍ଧାରୁଆ ଦିଶୁଛି । ଥରଥର ହେଉନାହିଁ, ବାଟରେ ଯେଉଁ ପାଣି ଅସରା ଅସରା ପଡୁଛି ତାକୁ ଏଡ଼ି ଏଡ଼ି ଚାଲୁଛି ।

ପଚାରିଲି, "ପଦାକୁ କାହିଁକି ବାହାରିଲ ? କ'ଣ ଗୁଳିଫୁଟା ଶବ୍ଦ ଶୁଣି ? ମୁଁ ଫୁଟେଇଲି ।"

"କ'ଣ ହେଲା ?"

"ଅରେ, ସନ୍ତକ ସେମୁଣ୍ଡରେ ହେଲାବେଳକୁ ଗୁଡ଼ାଏ ଲୋକ ଠେଙ୍ଗା ଧରି ମତେ ବାଡ଼େଇବାକୁ ବସିଲେ । ମୁଁ କହିଲି, ବନ୍ଦକର, ନଇଲେ ଗୁଳି ମାରିବି । ମାନିଲେ ନାହିଁ । ସେଇଠୁ ଶୂନ୍ୟକୁ ଫାୟାର୍ କଲି । ପବନ ତ ଆଉ ଜଖମ ହେବ ନାହିଁ ।"

ତା' ଓଦା ପୋଷାକ ଖୋଲିପକାଇବା ପାଇଁ, ଦାଢ଼ିରୁ ପାଣି ଝାଡ଼ିବା-ପାଇଁ ସେ ଦୁଆରମୁହଁରେ ଅଟକିଗଲା, ମୁଣ୍ଡରୁ ଝାଡ଼ିଲା, ଘୋଡ଼ା ନାକ ସଢ଼ ସଢ କଲାପରି ନାକ ସୁଁ କଲା ।

କହିଲା, "ମୋର ଏ ଜୋତା ହ'ଟା ପାଣିରେ ଏକଦମ୍ ମେଲେଇଗଲା, ବଦଳାଇବାକୁ ପଡ଼ିବ । ହଁ, ରିଭଲଭର ସଫା କରିଥିବ ତମ୍ଭୁ ? କରିଦେଲି ! ନଇଲେ ଜଙ୍କ୍ ଲାଗିଯିବ । କିରୋସିନ ବୋଲିଦଅ ।"

ତା' ଆଖିରେ ଦଣ୍ଡାଏ ଅବିଚଳିତ ପ୍ରଶାନ୍ତ, ଶାନ୍ତ ଅଟଳ ପ୍ରତିଜ୍ଞା । ସେ ଆଖିକୁ ଚାହିଁ ତା'ପ୍ରତି କି ସମ୍ମାନ ମୋର ଆସୁଥାଏ !

Digitized by srujanika@gmail.com

ଆମେ ଘର ଭିତରକୁ ଗଲୁଁ । ଦର୍ପଣ ଆଗରେ ସେ ପାଉଡରରେ ତା’ ଦାଢ଼ିକୁ ବୁଣ୍ଡୋଉଥାଏ । ମତେ ସେ ସାବଧାନ କରିଦେଲେ :

"ପଡ଼ାକୁ ଗଲେ, ବିଶେଷତଃ ସଞ୍ଜବୁଡ଼ ବେଳେ ଆଉ ଛୁଟିଦିନମାନଙ୍କରେ ସବୁବେଳେ ସତର୍କ ରହିଥିବ । ମତେ ତ ଲାଗୁଛି, ସେ ଲୋକେ ତମକୁ ବି ବାଟେଇବାକୁ ମନ କରିବେ । ତା’ ବୋଲି ତୁମେ ବାଡ଼ି ଧରି ବୁଲିବ ନାହିଁଟି ! ସେମିତି କଲେ ଗୁଣ୍ଡାମାନେ ଅଧିକ ରାଗିଯାଆନ୍ତି; ତୁମ ହାତରେ ବାଡ଼ି ଦେଖିଲେ ସେମାନେ ଭାବିପାରନ୍ତି ଯେ ତୁମେ ଗୁଣ୍ଡା ହୋଇଯାଉଛ । ଡରିବା କଥା କିଛି ନାହିଁ ମ, ସେଗୁଡ଼ାକ ଡରକୁଳା କାପୁରୁଷ ଗୁଡ଼ାଏ ପରା !"

ଆରମ୍ଭ ହେଲା ମୋ ପକ୍ଷରେ ଅତି ସୁଖକର ଜୀବନ । ପ୍ରତିଦିନ କିଛି ନା କିଛି ନୂଆ କଥା ଶିଖେ, କିଛି ଅତି ଗୁରୁତ୍ୱପୂର୍ଣ୍ଣ କଥା ଶିଖେଁ । ମୁଁ ଅତି ଆଗ୍ରହରେ ପ୍ରାକୃତିକ ବିଜ୍ଞାନ ସମ୍ବନ୍ଧୀୟ ବହିମାନ ପଢ଼ିବାକୁ ଲାଗିଲି; କାରଣ ମୋତେ ସେମାସ ଉପଦେଶ ଦେଲେ, "ଆଗ ସେଇସବୁ କଥା ତୁମର ଜାଣିବା ଦରକାର । ସେସବୁ ବି ସବୁଠୁ ଭଲ ଜିନିଷ । ମଣିଷର ବୁଦ୍ଧି ଭିତରେ ଯେତେ ଯାହା ସୂକ୍ଷ୍ମତମ ବିଚାର କରିପାରିବା ଭଳି ଶକ୍ତି ଅଛି, ସେସବୁ ଖର୍ଚ୍ଚ ହୋଇ ଏହିସବୁ ବିଜ୍ଞାନ ତିଆରି ହୋଇଛି ।"

ସପ୍ତାହକେ ତିନିଦିନ ସଞ୍ଜବୁଡ଼େ ମୁଁ ଇଜଟ୍‌କୁ ପଢ଼ାଲେଖା ଶିଖିବା କାମରେ ସାହାଯ୍ୟ କରୁଥାଏଁ । ସେ ତ ଆଗ ଆଗ ମତେ ସନ୍ଦେହ ଆଖିରେ ଦେଖୁଥିଲା । ଯାହା ବତାଏଁ, ତାକୁ ବ୍ୟଙ୍ଗ କଳ୍ପନା ଗ୍ରହଣ କରେ । କିନ୍ତୁ କେତେ ଦିନ ମୁଁ ତାକୁ ପଢ଼ାଇଲି ଉତ୍ତାରୁ ସେ ଦିନେ ଖୁସିରେ କହିଲା :

"ଏ କାମ ତୁମେ ବେଶ୍ କରିପାରୁଚ ତ, ଭେଣ୍ଡିଆ ! ତୁମେ ମାଷ୍ଟର-ଟିଏ ହେଲେ ଭଲ ହ’ନ୍ତା ।"

ସେହିଠୁ ହଠାତ୍ କହିଲା, "ଅଚ୍ଛା, ତୁମ ଦେହରେ ତ ବଳ ଅଛି । ଆଇଲ, ବଳ କଷିବା ।"

ଆମେ ରୋଷେଇଘରୁ ଗୋଟାଏ ବାଡ଼ି ନେଇଆସିଲୁଁ । ଦୁହେଁ ମୁହାଁମୁହିଁ ତଳେ ବସିଲୁଁ । ପାଦକୁ ପାଦ ଯୋଡ଼ିଦେଲୁଁ, ଦୁହେଁ ସେ ବାଡ଼ିଟାକୁ ଦି’ହାତରେ ମୁଠେଇ ଧରିଲୁଁ । ସେହିଠୁ ପାଦରେ ପାଦ ଠେଲି ବାଡ଼ିଟାକୁ ଦୁହେଁ ନିଜ ନିଜ ଆଡ଼କୁ ଓଟାରିଲୁଁ । ଚେଷ୍ଟା କରୁଥାଉଁ, ଯେପରି ଆର ଜଣକୁ ଭିଡ଼ାଭିଡ଼ି ହେଉ ହେଉ ଛିଟିଯିବ । ଆମେ ଯୋଡ଼ାଏ ବେଳ ଓଟରାଓଟରି ଲଗାଇଲୁଁ;

Digitized by srujanika@gmail.com

କେହି ତାହାକୁ ଚଟାଣରୁ ଉଠାଇପାରନ୍ତି ନାହିଁ । ସେମାସ୍ ଅନାଉଁଥାଏ, ହସୁଥାଏ, କହୁଥାଏ : "ହେଁଇଓ ! ଚାଲ ! ଉଠା ତାକୁ ତଳୁ !"

ଶେଷରେ ଇଜନ୍ ଜିତିଲା । ତା' ଓଟରରେ ମୁଁ ଉପରକୁ ଉଠିଗଲି । ସେହି ଘଟଣା ଲାଗି ସେ ମୋ ଉପରେ ଅଦ୍ଭୁତ ଖୁସି ହୋଇଗଲା । ମତେ କହିଲା :

"କିଛି ଚିନ୍ତା ନାହିଁ । ତୁମ ଦେହରେ ଖୁବ୍ ବଳ ଅଛି । ମ ଛମସରେ ତ ତୁମର ସନ୍ଦେହ୍ ନାହିଁ । ନ ହେଲେ ମୋ ସାଙ୍ଗରେ ଅସନ୍ତ, ଆମେ ଉଲଗା ନଈକୁ ମାଛ ମାରିଯାଆନ୍ତେ । ଆଃ ! ସଢ଼ବେଳେ ଉଲଗା ନଈରେ ଡଙ୍ଗାରେ ଗଲେ ଯେଉଁ ସୁଖ, ସାକ୍ଷାତ୍ ସ୍ୱର୍ଗସୁଖ ପରି !"

ସେ ଖୁବ୍ ପରିଶ୍ରମ କରି ପାଠ ପଢ଼ୁଥାଏ । ଖୁବ୍ ଆଗକୁ ଆଗକୁ ପଡ଼ିଯାଉଥାଏ । ନିଜର ଜ୍ଞାନ ଦେଖି ନିଜେ ବିସ୍ମିତ ହେଉଥାଏ । ତା'ଠୁଁ ସେକଥା ଶୁଣିଲେ ମୋର ଖୁସି ଲାଗୁଥାଏ । ବେଳେ ବେଳେ ହଠାତ୍ ପାଠପଢ଼ା ମଝିରେ ସେ ଡେଇଁପଡ଼ିବ, ଯେଉଁଠୁ ମନ ସେଠୁ ବହିଟାଏ ଉଠେଇନେବ । ତା' ଭୁଲଟା ଠିକ ହୋଇଯାଇଥିବ, ପଢ଼ିଲା-ବେଳେ ତା' ପୁର ପରିଶ୍ରମ କରି ଟାଣିଓଟାରି ହେଉଥିବ । ସେ ବଡ଼ ପାଟିରେ ଦି'ନେ ଧାଡ଼ି ପଢ଼ି ଦେବ, ସେଉଠୁ ମୋ ଆଡ଼କୁ ତୁଳପଡ଼ି ମଜରେ ନାଲି ପଢ଼ି-ଯାଇ ତା' ନିଜର ବିଶ୍ୱାସ ନ ହେଲା ପରି ସେ ପାଟି କରିବ :

"ମୁଁ ପଢ଼ିପାରିଲିଣି ! ଏ ଅସମ୍ଭବ କେବେ ତମେ ଶୁଣିଥିଲ ?"

ସେଉଠୁ ଅଖି ବୁଜି ପଢ଼ା କବିତା ଆବୃତ୍ତି କରିବ :

ନିଶୂନ ନିସ୍ତୁଃ ପ୍ରାନ୍ତର ବୁକେ ଉଚ୍ଚ ବିଳାପ ଧ୍ୱନି
ବାଜି ଉଠେ ରହି ରହି

ପ୍ରାଣର ଧନ ତା' ପ୍ରିୟ ଶିଶୁଟିର
କବର ଉପରେ ନଇଁ
ମାଆ ହୃଦୟରେ କୋହ କବା କଇଁ କଉଁ !

"କେମିତି ଲାଗୁଚି ?"

Digitized by srujanika@gmail.com

ବେଳେ ବେଳେ ସତର୍କ ହୋଇ ଫୁସ୍‌ଫୁସ୍ ହେଲା ପରି ସ୍ୱରରେ ସେ ମତେ ପଚାରେ :

“ସତ, ମତେ ବୁଝେଇଦେଲ ଟିକିଏ, ଏକଥା କେମିତି ହୁଏ ? ମଣିଷ ଏହି ମୋଡ଼ମୋଡ଼କା ପୁଣି ସଳଖ ସଳଖ ଗାରଗୁଡ଼ାକ ଆଡ଼କୁ ଅନାଇ ଦେଖୁଛି ତ ସେଗୁଡ଼ାକ ଶବ୍ଦ ପାଲଟିଯାଉଛି । ଏଁ ! ମୋର ଜଣାଶୁଣା ଶବ୍ଦ ! ଯେଉଁ ଶବ୍ଦମାନ ଆମେ ସବୁବେଳେ କହୁଁ, ସେଇ ଏହି ! ଜନ ମୁଁ ସେସବୁ ଶବ୍ଦକୁ ଚିହ୍ନୁଛି କେମିତି ? କେହି ତ ମୋ କାନରେ କହୁଦେଉନାହିଁ ! ହୁଁ, ଛବି-ଗୁଡ଼ାଏ ହୋଇଥାନ୍ତା, ସେ ତ ଭିନ୍ନ କଥା । ଛବି ଦେଖିଲେ ମୁଁ ବୁଝିନିଅନ୍ତି । ଏହି ତ ଯେମିତିକ—ସତେ ଯେମିତି ଆଉ ଜଣେ ତା' ମନଭିତରେ କ'ଣ ଭାବୁଛି, ମୁଁ ତା' ମୋ ଆଖିରେ ଦେଖିପାରୁଛି । ସେଗୁଡ଼ାକ ସବୁ ଏଇଠି ଏଇ ପୃଷ୍ଠାରେ ଛପା ହୋଇ ରହୁଛି ! ଏହା କେମିତି ସମ୍ଭବ ?”

ମୁଁ ତାକୁ କି ଉତ୍ତର ବା ଦିଅନ୍ତି ? ମୁଁ ଯେତେବେଳେ କହେଁ, “ମୁଁ କହିପାରିବି ନାହିଁ”, ଶୁଣି ତା' ମନରେ ଦୁଃଖ ହୁଏ ।

ଦୀର୍ଘଶ୍ୱାସ ପକାଇ ସେ କହେ, “ଏହି କମିଅଁ !” ଛପା ପୃଷ୍ଠାଗୁଡ଼ାକ ଅଳ୍ପ ଆଡ଼କୁ ଦେଖାଇ ଧରେ ।

ତା'ଠିଁ ଗୋଟିଏ ମଧୁର, ପାଣ୍ଡୁର୍ଣ୍ଣୀ ସରଳତା ଥିଲା, ଶିଶୁସୁଲଭ ସ୍ୱଚ୍ଛ ସରଳତା । ତାକୁ ଦେଖିଲେ ମୋର ମନେ ପଡ଼ୁଥିଲେ ମୁଁ ବହିରେ ପଢ଼ିଥିବା ଋଷିମାନଙ୍କ କଥା, ଯେଉଁମାନଙ୍କଠିଁ ଲେଖକମାନେ ଆଦର୍ଶକୁ ରୂପାୟିତ କରିଥିଲେ, ସେହିମାନଙ୍କ କଥା । ସବୁ ମାଛମରାଳଙ୍କ ପରି ସେ ବି କବିପ୍ରାଣ । ସେ ଭଲ୍‌ଗା ନଈକୁ ଭଲ ପାଉଥିଲା । ସବୁଜ ଚୁପ୍‌ଚାପ ଶୂନ୍ୟସ୍ଥାନ୍ ତାକୁ ଭଲ ଲାଗୁଥିଲା । ଧ୍ୟାନସ୍ଥ ହୋଇ ରହିବାକୁ ତାକୁ ଭଲ ଲାଗୁଥିଲା । ତାରାମାନଙ୍କୁ ଦେଖି ସେ ମତେ ପଚାରିଲା : “ରେମାସ୍ କହେ, ସେଠି ବି କୌଣସି ପ୍ରକାରର ଜୀବନ୍ତ ପ୍ରାଣୀ ଥିବେ, ଏଠି ଯେମିତି ଅଛନ୍ତି ସେମିତି । ସତ କଥା ? ତୁମର ମତ କ'ଣ ? ଆମେ ଭଲ ଠାରଠାର କରି ତାଙ୍କ ପାଖରେ ବୁଝିପାରନ୍ତୁ, ସେମାନେ କେମିତି ସେଠି ଚଳୁଛନ୍ତି ! ଆମର ଏଠି କେଣି ଘର ଲୋକ ଯେମିତି ଚଳନ୍ତି, ତା'ଠୁଁ ଭଲରେ ଥିବେ ଯେ ! ତା'ଠୁଁ ଆହୁରି ଖୁସିରେ ଥିବେ ।”

ସେ ଯେଉଁପ୍ରକାର ଜୀବନ ବିତାଉଥିଲା, ମୂଳତଃ ତହିଁରେ ସେ ସନ୍ତୁଷ୍ଟ ହୋଇ ରହୁଥିଲା । ସେ ବାପମା ଛେଉଣ୍ଡ, ବଡ଼ ହୋଇ ନ ଥାଏ । ତା' ବୁଦ୍ଧି

Digitized by srujanika@gmail.com

ମାଛ ମାରିବା । ସେଇ ବୃତ୍ତି ଉପରେ ତା'ର ପୁରା ନିର୍ଭର । ସେ ବୃତ୍ତିରେ ଗଣ୍ଡଗୋଳ ନ ଥାଏ, ଶାନ୍ତିପ୍ରଦ ବୃତ୍ତି । ତାକୁ ସେ ଭଲ ପାଏ । କିନ୍ତୁ ସେ ତା' ଗାଁର ଅନ୍ୟାନ୍ୟ ଲୋକଙ୍କୁ ସୁଖ ପାଏ ନାହିଁ । ମତେ ସେମାନଙ୍କ ବିଷୟରେ ସତର୍କ କରାଇଦିଏ । କହେ :

“ଲୁସିଅର୍ ! ଭାରି ଭଅଁଳବୁଦ୍ଧା ସେମାନେ । ତାଙ୍କୁ ସାବଧାନ ! ବାଲୁଅ ପଡନ୍ତି ! ଚତୁରାକଟା । ତାଙ୍କୁ ବିଶ୍ୱାସ ନାହିଁ । ଆଜି ଦେଖିବ ତାଙ୍କ ଭିତରୁ କାହାର ଗୋଟାଏ ମୁହଁ ତ, ପୁଣି କାଲି ଦେଖିଲାବେଳକୁ ଆଉ ସେ ମୁହଁ ନାହିଁ, ଭିନେ ମୁହଁ । ତାଙ୍କ ଭିତରେ ଯେତେଜାତି ଅଛନ୍ତି ସେମାନେ ସମସ୍ତେ ସ୍ୱାର୍ଥପର । ନିଜ ଛଡ଼ା ଆଉ କାହାର ଭଲ ସେମାନେ ଖୋଜନ୍ତି ନାହିଁ । ସମସ୍ତଙ୍କର ଯହିଁରେ ଭଲ ହେବ ସେ ଚିନ୍ତାଠୁଁ ସେମାନେ ବହୁତ ବହୁତ ଦୂରରେ ।”

ଗାଁରେ ଯେଉଁମାନେ ‘ଟଙ୍କ ପେଟ’ ତାଙ୍କ ଉପରେ ତା'ର ଏତେ ରାଗ ଯେ ତା' ଭଳିଆ ଶାନ୍ତ ସ୍ୱଭାବର ମଣିଷଠିଁ ସେ ରାଗ ଭାରି ଅସ୍ୱାଭାବିକ ଜଣାପଡ଼େ । କହେ :

“ଅଚ୍ଛା, କହିଲ, ଅନ୍ୟମାନଙ୍କଠୁଁ ସେମାନେ କେମିତି ଅଧିକା ଧନ-ସମ୍ପଦ କରିପାରିଲେ ? କ'ଣ ନା, ଅନ୍ୟମାନଙ୍କ ଅପେକ୍ଷା ସେମାନେ ବେଶି ଚତୁର । ହଉ ତେବେ, ହଉନୁ ସେମାନେ ବେଶି ଚତୁର । ତେବେ ଗୋଟାଏ କଥା ସେମାନେ ବୁଝୁନାହାନ୍ତି କାହିଁକି ? କ'ଣ ନା, ହେଲେ ଦୁଃଖୀ ଅଛନ୍ତି, ସମସ୍ତେ କଳିଗୋଳ ନ କରି ଏକା ଗୋଟରେ ଏକାଠି ରହିଲେ ଭଲ । ସେମିତି ଚାଲିଲେ ପିନା ସମସ୍ତିଙ୍କ ବଳ ବଢ଼ନ୍ତା ! ତା'ନ କରି ସେ ଲୋକଗୁଡ଼ାକ କରୁଛନ୍ତି କ'ଣ ନା, ଗାଁ'ଟାକୁ ଫାଡ଼ା ଫାଡ଼ା କରିଦେଉଛନ୍ତି, ଯେମିତି କାଟେଣି କାଠ ଫାଡ଼ା, ସେମିତିଆ । ସେଇଆ କରୁଛନ୍ତି ହୋ ! ନିଜେ ନିଜର ଉଚାଣ ହେଉଛନ୍ତି ନା ଆଉ କଣ ? ଗାଁଟାକୁ ବହାଉତ୍‌ବୁଡ଼ାଏ । ଦେଖିଲ ଅଗ, ଆମ ରେମାସକୁ ସେମାନେ କେତେ ହଇରାଣ କରୁଛନ୍ତି !”

ତା'ର ସୁନ୍ଦର ଚେହେରା । ଦେହରେ ବହୁତ ବଳ । ସ୍ତ୍ରୀଲୋକମାନେ ହସିଲେ ତା' ପ୍ରତି ଆକୃଷ୍ଟ ହୁଅନ୍ତି । ସେମାନେ ତାକୁ ଆଉ ଶାନ୍ତିରେ ରହିବାକୁ ଦେଉ ନ ଥିଲେ । ଖୁସି ମିଜାଜ୍‌ରେ ସେ ଖୋଲାଖୋଲି କହିଗଲା :

“ସେମାନେ ମତେ ନଷ୍ଟ କରନ୍ତି । ସତ କଥା । ଆଉ ତାଙ୍କ ସ୍ୱାମୀମାନେ— ତାଙ୍କୁ ସେଇଟା କେମିତି ଭଲ ଲାଗିବ ଯେ ? ନା, ମୁଁ ହୋଇଥିଲେ କ'ଣ ମୋ ଦେହରେ ଯାଆନ୍ତା ? ତେବେ ମୁଁ କ'ଣ କରିବି ? ଯେତେହେଲେ ସ୍ତ୍ରୀଲୋକ । ତାଙ୍କୁ

Digitized by srujanika@gmail.com

ସ୍ତ୍ରୀ ମଣିଷ ସ୍ନେହ ନ ଦେଖାଇ ଆଉ କେମିତି ବ୍ୟବହାର କରିବ, କହ ? ସ୍ତ୍ରୀଲୋକ ତ ମଣିଷର ଦ୍ୱିତୀୟ ପ୍ରାଣ, ଜାଣ। ଆଉ ସେ ଯେମିତି ଚଳେ, ବିଚରା, ତା' ଜୀବନରେ ସେ ସୁଖ ଆନନ୍ଦ କି ପାଏ ନା ତାହାଠୁ ଦୁଃଖ ପାଏ ? କିଛି ନାହିଁ। ଖାଲି ଗଧ ପରି ବିଚରା ଖଟି ମରୁଥାଏ। ଖାଲି ସେତିକି। ପ୍ରେମ କରିବାକୁ ସ୍ୱାମୀମାନଙ୍କର ବେଳ ନାହିଁ ପିଲା ! ମୋ କଥା ଭିନେ, ମୁଁ ତ ପବନ ପରି ମୁକ୍ତ। ବିଚରା ସ୍ତ୍ରୀ-ଲୋକଟିମ ନ ବାନ୍ଧି ହୁଅନ୍ତି; ବଡ଼ଘରର ବର୍ଷେ ନ ପୂରୁଣୁ ତାଙ୍କ ଭିତରୁ ଅନେକେ ପାଆନ୍ତି ଚିଠିପତ୍ରମାନଙ୍କ ବଧାର ସୁଅତ। ହଁ, ମୁଁ ସେମାନଙ୍କୁ ଯେନ ଫନ୍ଦି କରି ବୁଲେଁ, ମୁଁ ନାହିଁ କହୁନାହିଁ। ମୋର ଖାଲି ତାଙ୍କୁ ଗୋଟିଏ କଥା ମାଗୁଣି, "ନଜ ନଜ ଭିତରେ ଯା ତା' ଉପରେ ରାଗନାହିଁ। ମୁଁ ତୁମ ସମସ୍ତିଙ୍କ ଖବର ବୁଝିବି। ତୁମେ ପରସ୍ପରକୁ ହିଂସା କର ନାହିଁ। ମୋ ଆଖିରେ ତୁମେ ସମସ୍ତେ ସମାନ। ତୁମ ସମସ୍ତିଙ୍କ ଦୁଃଖରେ ମୁଁ ଦୁଃଖୀ।"

ଲଜ ଲଜ ହୋଇ ମୁରୁକି ମୁରୁକି ହସି ସେ କହିଗଲ :

"ଥରେ ଜଣେ ବଡ଼ଘରର ମାଇକିନିଅ ସାଙ୍ଗରେ ବି ମୁଁ ଦେଖ କରି-ପକାଇବାକୁ ଯାଉଥିଲି। ଜଣେ ସୁନ୍ଦରିଅ ଭଦ୍ରମହିଳା। ଏଠିକି ଆସି ଗୋଟାଏ ଘର ଭଡ଼ା ନେଲ, ଖରାଦିନଟା ଏଠି ରହିବ ବୋଲି। ଚେହେରା ଯେ ଭାରି ସୁନ୍ଦର; ବର୍ଣ୍ଣ ତ ଦୁଧ ପରି ଧଳା; ମୁଣ୍ଡବାଳ ସୁନେଲି ସଠା ପରି; ଆଖିଯୋଡ଼ିକ ନାହିଁ ନଥିବା ନେଳିଆ; ବୁଢ଼ାଣୀ ଭାରି ସ୍ନେହଶୀଳ। ମୁଁ ମାତ୍ର ବିକିବାକୁ ତ' କଠିନ ଅସେ। ତା' ଆଖିକି ଅଃନର୍ଦ୍ଧିଦେଲେ ଅଉ ମୋ ଆଖି ବୁଲେଇ ନେଇପାରେଁ ନାହିଁ।

"ମତେ ପଚାରିଲ, ତୁମର କ'ଣ ହେଉଛି ?"

"ମୁଁ କହିଲି, 'ତୁମେ ଜନେ ତ ଜାଣିଚ।'

"ସେଉଠୁ କହିଲ,'ହଉ, ସେଇଅ ହଉ। ଅଜ ରାତିରେ ମୁଁ ତୁମ କଠକ ଯିବ; ତୁମେ ଅପେକ୍ଷା କରିଥିବ।'

"ସତକୁ ସତ ସେ ଆସି ପହଞ୍ଚିଗଲ। ଖାଲି ଏକେଲ ଅଡ଼ୁଅ, ମଶାଗୁଡ଼ାକ ତାକୁ ବଡ଼ ହଇରାଣ କରୁଥିଲେ। ତାକୁ କାମୁଡ଼ି ପକାଉଥିଲେ ପରା ! ସେଇଥିପାଇଁ ଆମେ ଆଉ ବେଶିଦୂର ଆଗେଇପାରିଲୁଁ ନାହିଁ। ସେ କହିଲା, 'ମୁଁ ଏ ମଶାଙ୍କ ଜାଲା ସହିପାରୁନାହିଁ।'

Digitized by srujanika@gmail.com

“ମଶାକାମୁଡ଼ାରେ ଝଡର ପ୍ରାପ୍ୟ ଡାନ୍ ଡାନ୍ ।

“ଓହ୍ୱିଅରଦନ ତା’ ସ୍ୱାମୀ ଅଧି ପଦ୍ମଶ୍ରୀଗଳ । ସେ ଗୋଟାଏ ଦ’ଣ ଜଲ୍ ଫଳ୍ ଭଲଅ ଲୋକ ।

“ବୃଝେଲ, ଭଦ୍ରମହିଳାଗୁଡ଼ାକ ସେମିତିଅ ପରା ! ମଶାଗୁଡ଼ାକ ତାଙ୍କ ଜୀବନକୁ ନଷ୍ଟ କରିପକାନ୍ତି; ସେମାନେ କିଛି କରନ୍ତି ନାହିଁ ।” ଶେଷ କଥା କେଇପଦ କହିଲା-ବେଳେ ତା’ ସ୍ୱରରେ ଅବେଗମିଶା ଧରସ୍ୱର ଶୁଭୁଥାଏ ।

କ୍ଳୁସ୍କନ୍ କଥା କହିଲାବେଳେ ସେ ତାକୁ ବହୁତ ପ୍ରଶଂସା କରୁଥାଏ । କହିଲା, “ତାକୁ ଚନ୍ଦ୍ରି ରଖିଥା, ସେ ମଣିଷଟି ପ୍ରାଣ ଅଛୁ, ଚମତ୍କାର ପ୍ରାଣ । ଲୋକେ ତାକୁ ଭଲପାଆନ୍ତି ନାହିଁ ପିନା, ସେଇଟା ସେ ଲୋକଗୁଡ଼ାଙ୍କର ଭୁଲ । ଏଇଟା ସତ ଯେ ସେ ଗୋଟାଏ ଗପୁଡ଼ି ଲୋକ, ବକର ବକର ହେଉଥାଏ । ତେବେ, କେଉଁ ଲୋକଟାଠିଁ ସବୁ ଗୁଣଯୋଗ ଭଲ, ଏକଦମ୍ ନିଖୁଣ୍, କହ ?”

କ୍ଳୁସ୍କନ୍ ଭୂମିହୀନ ମଣିଷ । ସେ ପାକ୍‌ଚଭ୍ ପାଖରେ ମଜୁରିରେ କାମ କରେ । ତା’ ସ୍ୱରଜା ବ ମୂଲ୍ ଲଗେ । ମଦୁଆ ମାଇକିନିଆଟାଏ, ଚେହେରାରେ ସାନ, କିନ୍ତୁ ଦେହରେ ବହୁତ ବଳ, ଖୁବ୍ ଫୁର୍ତ୍ତି କାମ । ମିଷ୍ଟାସ୍ ସ୍ୱର ଘର । ସେମାନେ ତାଙ୍କ ନିଜ ଘରକୁ ଗାଁ କମାରକୁ ଭଡ଼ା ଲଗେଇଦେଇଥାନ୍ତି, ଆଉ ନିଜେ ରହୁଥାନ୍ତି କାଠ ଗୋହିର ଉପରେ ତାଙ୍କର ଯେଉଁ ଗାଧୁଆଘର, ସେଇଠି । ଖବର ଶୁଣିବା କ୍ଳୁସ୍କନ୍‌ର ସ୍ୱଭ ନିଶା । ଯଦି ଖବର ନ ମିଳେ, ସେ ନିଜେ ଗୁଡ଼ାଏ କାହାଣୀ ଫାନ୍ଦେ । ସବୁ କାହାଣୀ ଏକା ଢଙ୍ଗର । କହିବ :

“ଶୁଣିଲଣି ସ୍ୱେମାସ୍, ଟିଂକୋସ୍କେ ସହରରେ ଯେଉଁ ପୁଲିସବାଲା ଅଛୁ, ସେ ପରା ବ୍ଲକର ଗ୍ରୁଡ଼ଦେଇ ବାବାଜି ହେବ ବୋଲି ନିୟମ କରିସାରିଲଣି । କହୁଛି; ‘ଚୋରମାନଙ୍କୁ ବହୁତ ଗାଳି ଦେଲଣି; ଆଉ ଗାଳିଦେବାକୁ ମୋ ଜଭ ଓଲଟିବ ନାହିଁ’ ।”

ସ୍ୱେମାସ୍ ଗମ୍ଭୀର ହୋଇ କହିଲା, “ଯଦି ତା’ ହେବ, ତେବେ ଯେତେ ସରକାରୀ କର୍ମଚାରୀ ଅଛନ୍ତି, ଅଚିରାତ୍ ସମସ୍ତେ ସେଇଆ କରିବେ; ଆଉ କେହି କର୍ମଚାରୀ ରହିବେ ନାହିଁ ।”

କ୍ଳୁସ୍କନ୍ ତା’ ମୁଣ୍ଡବାଳରୁ କୁଟା, ନଡ଼ା, କୁଟା ସବୁ ବାଛୁଥାଏ । ସ୍ୱେମାସ୍ ଯାହା କହିଲା, ସେକଥାକୁ ସତ ଦେଖିଲା; କହିଲା ! “ସମସ୍ତେ ସେଇଆ

Digitized by srujanika@gmail.com

କରିବେ ଏକଥା ମୁଁ କହିବି ନାହିଁ । ତାଙ୍କ ଭିତରେ ଯେଉଁମାନଙ୍କଠି ବିବେକ ଅଛି ସେମାନେ ସେମିତି କରିବେ ନିନା । ସେଭଳି ଲୋକଙ୍କ ପକ୍ଷରେ ନିଜ ନିଜ ସ୍ୱାମୀର ନାମ ବୁଡ଼ାଇବାରେ ଖୁବ କଷ୍ଟ ଲାଗିବ । ବିବେକ ଫିବେକ ଅଛି ବୋଲି ତୁମର ବିଶ୍ୱାସ ନାହିଁ, ରେମାସ୍ ! ମୁଁ ଜାଣିପାରୁଛି, ତୁମର ବିଶ୍ୱାସ ନାହିଁ । ତଥାପି, ବିବେକ ନ ଥାଇ ମଣିଷ ବଞ୍ଚିପାରିବ ନାହିଁ । ସେ ଯେତେ ବୁଢ଼ୀଅ ହୋଇଥାଉ, ମୋର ସେଥିରେ କ ଯାଏ ? ଜଣେ ବଡ଼ଘର ମାଇକିନିଅ ଥିଲା ଯେ....”

ସେଇଠୁ ସେ ଗୋଟାଏ ଗପ ଆରମ୍ଭ କରିଦେଲା—କେଉଁ ଜଣେ ‘ଅତି ବୁଢ଼ୀଅ’ ଜମିମାଲିକାଣୀ ବିଷୟରେ ।

ସେ ମାଇକିନିଅଟାର ପ୍ରକୃତି ଏତେ ନିଷ୍ଠୁର, ଏତେ ଦୁଷ୍ଟ ଯେ ନିଜେ ଲାଟ୍‌ସାହେବ ପରି ତାଙ୍କୁ ଦେଖିବାକୁ ଚାଲିଆସିଲେ ! ଏତେ ବଡ଼ଲୋକ ; ତାଙ୍କର ଏତେବଡ଼ ସ୍ୱାମୀ ! ତଥାପି ସେ ଆଇଲେ । ଆସି ତାଙ୍କୁ କହିଲେ : “ଅଜ୍ଞା, ତୁମିଅବ ସବେ । କାଳେ କେତେବେଳେ କ’ଣ ହେବ ! ଆପଣଙ୍କ ପ୍ରପଞ୍ଚ ବର୍ଣ୍ଣାତ୍‌ପଣିଅ କଥା ସମସ୍ତେ ଜାଣିଲେଣି । ସ୍ୱରଅତେ ତୁର ପଡ଼ୁ ପଡ଼ୁ କାହିଁ ରାଜଧାନୀ ସେଣ୍ଟ୍ ପିଟର୍ସବର୍ଗ ସହରରେ ସେକଥା ଉଠିଲାଣି ।”

ଶୁଣିସାରି ସେ ତାଙ୍କର ତର୍ଚ୍ଚା କଲା, ମଦ ପିଇବାକୁ ଦେଲା, ଆଉ କହିଲା ଖାଲି ଏତିକ :

“ଆପଣ ମୁଖରେ ଆପଣଙ୍କ ବାଟେ ବାଟେ ଘରକୁ ଯା’ଆନ୍ତୁ, ଅଜ୍ଞା, ମୁଁ ଅଉ ମୋ ପ୍ରକୃତିକ ବଦଳେଇପାରିବ ନାହିଁ ।”

ତିନି ବର୍ଷ ଗଲା, ପୁଣି ମାସେ ଗଲା । ସେଇଠୁ ଭୁଷ୍‌କିଣ ଦିନେ ସେ ତା ଜମି ଚାଷ କରୁଥିବା ମଜୁରିଆମାନଙ୍କୁ ଡାକି କହିଲା, “ଦେଖ, ମୋର ସବୁ ଜମି ତୁମର ହୋଇଗଲା । ନିଅ, ମୁଁ ଯାଉଛି, ମୋ ଦୋଷ ଧରିବ ନାହିଁ । ମୁଁ ଚାଲିଲି...”

ରେମାସ୍ କଥା ମଝିରେ କହିଲା, “ମଠରେ ମାତା ହୋଇ ରହିବାପାଇଁ ଚାଲିଲି ।”

କ୍ରୁସ୍‌କିନ୍ ତା’ମୁହଁକୁ ଲଟମଟ କରି ଅନେଇଁ ହଁ ବୋଲି କହିବା ଭଙ୍ଗୀରେ ମୁଣ୍ଡ ଟେକାଇଲା ।

“ସେଇଆ ସେଇଆ, ମଠର ବଡ଼ ମାତା ହେବା ପାଇଁ । ଓ, ତା’ହେଲେ ତୁମେ ବି ସେକଥା ଶୁଣିଛ ପରା ?”

Digitized by srujanika@gmail.com

"ନା, କେବେ ଶୁଣି ନ ଥିଲି ।"

"ତେବେ କେମିତି ଜାଣିଲ ?"

"ମୁଁ ତମକୁ ଜାଣେ ପରା !"

ମୁଣ୍ଡ ହଲେଇ ହଲେଇ ସ୍ୱପ୍ନଦେଖାଳି ବ୍ରୁସ୍‌ଜନ୍ କହିଲା :

"ଅଚ୍ଛା ଲୋକ ! ତୁମେ କେବେ ତାହା କଥା ବିଶ୍ୱାସ କର ନାହିଁ, କେବେ ନାହିଁ ।"

ଏମିତିଆ ତା' କାହାଣୀ । ତା'ର ସବୁ କାହାଣୀରେ ଏଇଆ ହୁଏ ଯେ ଯେଉଁ ଲୋକେ ଖରାପ, ନିଷ୍ଠୁର, ସେମାନେ ଖରାପ କାମ କରି କରି ଅନ୍ତପର୍ଯ୍ୟନ୍ତ ଯେ ଶେଷରେ ସେମାନେ କୁଆଡେ 'ଅନ୍ତର୍ଦ୍ଧାନ' ହୋଇଯାଆନ୍ତି, ନ ହେଲେ ସେ ଅଧିକାଂଶ ସମୟରେ ତାଙ୍କୁ କୌଣସି ମଠଙ୍ଗଠରେ ନେଇ ପୂରାଇଦିଏ, ଅନନ୍ତ-କାଳରେ ଅନନ୍ତ ବୁଢ଼ୋଇବା ପାଇଁ ।

ତା' ମୁଣ୍ଡକୁ ବେଳେବେଳେ ଅପ୍ରତ୍ୟାଶିତ ଭାବରେ ଅଦ୍ଭୁତ ଧାରଣାମାନ ଆସି ପହଞ୍ଚିବ । ଭ୍ରୂକୁଟି କରି ହଠାତ୍ ସେ କହିବ :

"ତାତାର୍ ଜାତିର ଲୋକମାନଙ୍କ ସଙ୍ଗରେ ଯୁଦ୍ଧ କରି ତାଙ୍କୁ ଜିତିବା ଆମ ଦେଶ ଲୋକଙ୍କ ପକ୍ଷରେ ଆଦୌ ଉଚିତ ହୋଇନାହିଁ । ସେମାନେ ଆମଠୁଁ ଖୁବ୍ ଭଲ ମଣିଷ ।"

ଯେତେବେଳେ ତାତାର୍‌ମାନଙ୍କ ବିଷୟରେ ଆଦୌ କୌଣସି କଥା ପଡ଼ି ନ ଥିବ, ଜଳବୃଷୀଙ୍କ ସମବାୟ ସଂସ୍ଥା ଗଢ଼ିବା ବିଷୟରେ କଥା ପଡ଼ିଥିବ, ହଠାତ୍ ସେ ତାତାର୍‌ମାନଙ୍କ ବିଷୟରେ ଏଇଆ କହିବ ।

ନ ହେଲେ ଯେତେବେଳେ ରୋମାନ୍ କହୁଥିବ ସାଇବେରିଆ ଅଞ୍ଚଳ କଥା, ସେଠିକା ଧନୀ କୃଷୀମାନଙ୍କ କଥା, ସେତେବେଳେ ହଠାତ୍ ଚିନ୍ତାଶୀଳ ହୋଇ ବ୍ରୁସ୍‌ଜନ୍ ବୁଟ୍‌ରୁ ବୁଟ୍‌ରୁ ହେବ :

"ଗଡ଼ ଲଗାଇବା ଦୁ'ଶହ ବର୍ଷଯାକେ କେହି ଆଉ ହେରିଂ ମାଛ ନ ଧରନ୍ତେ ତେବେ ସେ ମାଛ ଏତେ ମାତ୍ରାରେ ବଢ଼ିଯାଆନ୍ତେ ଯେ ସମୁଦ୍ର ତ ଭର୍ତ୍ତି ହୋଇଯାଆନ୍ତା ।

Digitized by srujanika@gmail.com

ସମୁଦ୍ରରେ ଆଉ ପାଣି ରହିବାକୁ ଜାଗା ରହନ୍ତା ନାହିଁ । ସମୁଦ୍ରପାଣି ମାଡ଼ିଆସି ଆଉ ଥରେ ପ୍ରଳୟ ଘୋଟନ୍ତା । ହେଲେ ମାଛ ଏତେ ଚଞ୍ଚଳ ଏତେ ବଢ଼ିଯାଆନ୍ତି ସେ କହିଲେ ନ ହେବ ।”

ଗାଁ ଲୋକେ ଭାବନ୍ତି, କ୍ଲୁକ୍ସକନ୍ ମଣିଷଟାର ବୁଦ୍ଧିଶୁଦ୍ଧି ଊଣା; ସେଇଟା ଘୋଟାଏ ଅତି ବାଜେ ଲୋକ । ତା’ କାହାଣୀ, ତା’ର ଉଦ୍ଭଟ ଧାରଣାମାନ— ସେଗୁଡ଼ାକ ଶୁଣିଲେ ଚଷାମାନେ ଚିଡ଼ନ୍ତି । ସେମାନେ ତାକୁ ଗାଳି ଦିଅନ୍ତି, ହସରେ ଉଡ଼ାନ୍ତି ସତ; କିନ୍ତୁ ସେ ଯେତେବେଳେ କଥା କହେ ସେମାନେ ସେତେବେଳେ ମନ ଦେଇ ଶୁଣନ୍ତି, ଶୁଣିବାକୁ ଆଗ୍ରହ ଦେଖାନ୍ତି, ଯେତେ ଯେମିତି ସେମାନଙ୍କର ଆଶା ହେଉଥାଏ, ସେ ଯେଉଁ ଗାଲଗପ କଥାଗୁଡ଼ାକ ବାନ୍ଧୁଛି ସେଥିରେ କିଛି ସତ ଥାଆନ୍ତା ! ସେମାନେ ସେ ସତକୁ ପାଆନ୍ତେ କି !

ମାନମର୍ଯ୍ୟାଦା ଥିବା ଲୋକେ ତାକୁ କହୁଥିଲେ,“ପବନ ବସ୍ତା ।”

ଏକୁଟିଆ ପାନ୍‌ଜଭ୍ ଗମ୍ଭୀର ହୋଇ କହେ :

“ତା’ କଥାଗୁଡ଼ାକର ଭିତର ଅର୍ଥ ଅଛି । ବାହାରକୁ ସେଗୁଡ଼ାକ ଗୋଲକଧନ୍ଦା ।”

କ୍ଲୁକ୍ସକନ ଖାଉ କାମିକା ମଣିଷଟିଏ । ସେ ପିମ୍ପା ତିଆରି କରୁଥାଏ । ଇଟାରେ କୋଇଲା ଚୁଲି ତିଆରି କରୁଥାଏ । ମହୁମାଛି ପାଳିବା କାମ ଜାଣିଥାଏ । କୁକୁଡ଼ା କେମିତି ପାଳନ୍ତି,ସେ ବିଦ୍ୟା ମାଇକିନିଆମାନଙ୍କୁ ଶିଖାଉଥାଏ । ଭଲ ବଢ଼େଇ କାମ ବି କରୁଥାଏ । ସେ ଯେଉଁ କାମ ହାତକୁ ନେବ ସେ କାମଟି ଭଲ ହେବ । ଅଥଚ ସେ ମଠେଇ ମଠେଇ କୁନ୍ଥ କୁନ୍ଥ ହୋଇ ହୋଇ କାମ କରେ । ତା’ର ବଳେଇ ରଖିବା ସଉକ ଥାଏ । ବଡ଼ ସାନ ହୋଇ ଦଶଟାଯାକେ ବିଲେଇ ତା’ର ଥା’ନ୍ତି । ସେଗୁଡ଼ାକୁ ଖୋଇପେଇ ମୋଟମାଟ କରିଥାଏ । ବିଲେଇଗୁଡ଼ାକ ତା’ ଗାଧୁଆଘର ବଖରାରେ ଥାନ୍ତି । ସେ ତା’ ବିଲେଇଙ୍କ ପାଇଁ କାହୁ ଆଣି ଦିଏ । ତେଣୁ ଚଢ଼େଇ ମାଂସ ଖାଇବା ତାଙ୍କର ଅଭ୍ୟାସ ହୋଇଗଲା । ତା’ ଫଳରେ କ୍ଲୁକ୍ସକନ୍ ଉପରେ ଗାଁ’ ଲୋକଙ୍କ ବିରକ୍ତି ଅଧିକ ବଢ଼ିଗଲା, ତା’ ବିଲେଇଗୁଡ଼ାକ ପର ଘରେ ପଶି କୁକୁଡ଼ା ଆଉ କୁକୁଡ଼ାଛୁଆ ଖାଇଯାଆନ୍ତି ବୋଲି । ମାଇପେ ତ ତା’ ବିଲେଇଗୁଡ଼ାକୁ ଖୋଜି ଖୋଜି ବାଡ଼ାନ୍ତି । ସେ ତ ଗାଧୁଆ ଘର ବଖରାକରେ ରହୁଥାଏ । ଅନେକ ସମୟରେ ସେ ଘର ତା’ପଡ଼ୋଶୀମାନଙ୍କ ଗାଗଗରଗର ଆପତ୍ତି ଯୋ’ ଘାରେ କମ୍ପୁଥାଏ । ସେ ଆଦୌ ବିଚଳିତ ହୁଏ ନାହିଁ ।

Digitized by srujanika@gmail.com

କହେ, "ବିଲେଇଗୁଡ଼ାକ କୁକୁରଙ୍କଠୁ ବଳି ଶିକାରୀ ଜନ୍ତୁ । ମୁଁ ବିଲେଇ-ଗୁଡ଼ାଙ୍କୁ ଚଢ଼େଇ ଶିକାର କରିବାକୁ ତାଲିମ ଦେଇଦେବି । ସେଇଠୁ ତ ଆମେ ବିଲେଇ ପାଳି ବଢ଼େଇପାରିବା । ଶହ ଶହ ବିଲେଇ ଜନ୍ମ ହେବେ । ସେଗୁଡ଼ାକ ବିକ୍ରି କରାଯିବ । ସେଇଠୁ ତମ ପକେଟକୁ ଅଢ଼ୁର ବେଶି ପଇସା ଆସିବ ରେ ଓଲୁମାନେ !"

ଆଗେ ସେ ଯାହା ପଢ଼ି ଶିଖିଯାଇଥିଲା, ଲେଖି ବି ଶିଖିଥିଲା । କିନ୍ତୁ ସେ-ସବୁ ବିଦ୍ୟା ଆଉ ତା'ର ମନେ ନ ଥିଲା କି ସେଗୁଡ଼ାକ ଆଉ ଥରେ ମନରେ ପୂରାଇବାକୁ ତା'ର ଇଚ୍ଛା ହେଉ ନ ଥିଲା । ସବୁବେଳେ ତା'ବୁଦ୍ଧି ଖୁବ୍ ଟାଣ । ଟୋମାସ ଯାହା ଯାହା କହେ ତାହାର ସାରକଥା ଅନ୍ୟମାନଙ୍କ ମୁଣ୍ଡରେ ନ ପଶୁଣୁ ସେ ଆଗ ତାକୁ ବୁଝିପାରେ ।

ଛୋଟ ପିଲାଟିଏ ପାନେ ପିତା ଔଷଧ ଖାଇଲେ ପାଟିକି ଯେମିତି କରେ ସେ ସେମିତିଆ ମୁହଁକୁ ମୋଡ଼ିଦେଇ କହେ :

"ତା'ହେଲେ ଇଶ୍ୱର ସୃଜନ ମଣିଷଟା ମଲାମୁଣ୍ଡିଆଙ୍କ ଦଇବ ନ ଥିଲା ?"

ଧୀରେଧୀରେ ସନ୍ତୁଳିତ କୁକୁଡ଼ିକନ, ଇକଟ୍, ପାନକଭ—ସେ ଉଠନ୍ତି ପଡ଼ନ୍ତିଯାଆନ୍ତି । ଅନେକ ଥର ତ ବେଶି ରାତିଯାଏ ବସିଥାନ୍ତି । ଟୋମାସ କହୁଥାଏ, ସେମାନେ ଶୁଣୁଥାନ୍ତି, ରାଜା ଉପରାଜା ସମେତ ସେ ଦେଶ କେମିତି ଭାଙ୍ଗି ହୋଇଛି, ଅନ୍ୟାନ୍ୟ ଦେଶରେ ଲୋକେ କେମିତି ଚଳନ୍ତି । ନାନା ଦେଶରେ ସେସବୁ ଦେଶର ଲୋକେ ଯେତେ ଯେତେ ବିପ୍ଳବ କରିଥିଲେ ସେସବୁ କଥା ଟୋମାସ କହେ । ଫ୍ରାନ୍ସ ଦେଶ ବିପ୍ଳବର କଥା ପାନକଭଙ୍କୁ ଖୁବ ଭଲ ଲାଗିଲା । ସେ କହିଲା :

"ତା'କୁ ଯେ କହୁଛ ମଣିଷ ଜୀବନର ସନ୍ଧି-ମୁହୂର୍ତ୍ତ, ଯେଉଁ ମୁହୂର୍ତ୍ତରୁ ଜୀବନର ସବୁ ବଦଳିଯାଏ ।"

ସ୍ୱାର ପ୍ରାୟ ଦୁଇବର୍ଷ ଆଗରୁ ପାନକଭ୍ ତା' ପୈତୃକ ସମ୍ପତ୍ତିରୁ ତା' ଭାଗଟା ତାକୁ ଦେଇଦେବାକୁ ତା' ବାପ ସଙ୍ଗରେ ଝଗଡ଼ା ଲଗାଇଥିଲା । ତା' ବାପାର ବହୁତ ସମ୍ପତ୍ତିବାଡ଼ି । ତା' ଭଣ୍ଡି ପାଖରେ ଗୋଟାଏ ପ୍ରକାଣ୍ଡ ଅଳୁ । ଅଖି-ଦ'ଟା ଡିମା ଡିମା ହୋଇ ଭୟଙ୍କର ଦିଶେ । ବାପଠୁଁ ଅଂଶ ଦାବୀ କରି ନେଇ

Digitized by srujanika@gmail.com

ପାନକର ଅଲଗା ହୋଇ ସ୍ୱାଧୀନ ଭାବରେ ଚଳିଲା । ଉକଟର ଗୋଟିଏ ବାପମା-ଛେଉଣ୍ଡ କାଣିଜାକୁ ସେ ବାହା ହେଲା; ଝିଅଟିକୁ ଭଲ ପାଇ ତାକୁ ବାହା ହେଲା । ସ୍ତ୍ରୀଟାକୁ ବିଲ୍‌କୁଲ୍ ଦବେଇ ରଖିଥାଏ, ଯେମିତ ବସ କହିଲେ ବସିବ, ଉଠ୍ କହିଲେ ଉଠିବ । ଅଥଚ ସହରର ବଡ଼ଘର ମାଇପେ ଯେମିତ ଲୁଗାପଟା ପିନ୍ଧନ୍ତି ସେମିତ ତାକୁ ସଜେଇସାଜେଇ ରଖିଥାଏ । ସେ ଅକୁହାର ହେଲା ବୋଲି ତା' ବାପ ତାକୁ ଅଭିଶାପ ଦେଉଥାଏ । ପୁଅ ଯେଉଁ ନୂଆ ଘର ତୋଳିଥାଏ, ବାପ ସେ ବାଟେ ଗଲାବେଳେ ଥୁ'କରି ଲମ୍ବାଏ ଛେପ ପକାଇଦେଇଯାଏ । ପାନକର୍ ତା' ଘରକୁ ସିନା ସେମାନଙ୍କୁ ଭଡ଼ା ଦେଲା; ପୁଣି ଦୋକାନ ହେବ ବୋଲି ତାକୁ ଲଗାଇ ଆଗରେ ବରଣ୍ଡାଏ ତୋଳିଦେଲା । ଗାଁର ପଇସାବାଲା ଲୋକେ ମୂଳରୁ ମନା କରୁଥିଲେ । ପାନକର୍ ଉପରେ ସେଥିପାଇଁ ସେମାନଙ୍କର ରାଗ ଥାଏ । ସେ ତାଙ୍କ ରାଗକୁ ଦେଖାଇ ଦେଖାଇ ବେଖାତିର କରେ । ସେମାନଙ୍କ ସଙ୍ଗରେ କଥାବାର୍ତ୍ତା ହେଲାବେଳେ ସେ ସେମାନଙ୍କୁ ଏକ ପ୍ରକାର ଅପମାନ କରେ, ମନକୁ ବାଧିଲା ଭଳି ଚୁଟିକାଟିଲା ଭଳି ଟାଣ ଟାଣ କଥାମାନ କହେ । ଗାଉଁଲି ଜୀବନକୁ ସେ ଘୃଣା କରେ ।

"ଏଃ ! କିଛି ଗୋଟାଏ କାମଦାମ ମୁଁ ଜାଣିଥା'ନ୍ତି କି, ତା' ହେଲେ ଭଲା ଯାଇ ସହରରେ ରହିଥା'ନ୍ତି ରେ !" ସେ କହେ ।

ତା'ର ବୁଦ୍ଧିଲା ପରି ଦେହ । ସବୁବେଳେ ପରିଷ୍କାର ପରିଚ୍ଛନ୍ନ ପୋଷାକ ପିନ୍ଧିଥାଏ । ଖୁବ୍ ଥଣ୍ଡା ମଗଜରେ ଅନ୍ୟମାନଙ୍କ ସଙ୍ଗେ ବ୍ୟବହାର କରେ । ନିଜ ଇଜ୍ଜତ୍ ବି ଖୁବ୍ ଜଗେ । ମନଟା ସବୁବେଳେ ସତର୍କ, ସନ୍ଦେହୀ । ଥରେ ସେମାନଙ୍କୁ ପଚାରିଲା :

"ଏଭଳିଆ କାମରେ ତେମେ ହାତ ଦେଲ ଯେ, ପ୍ରେରଣାଟା ବାହାରିଲା କେଉଁଠୁ ? ତୁମ ମୁଣ୍ଡ ଭିତରୁ ନା ହୃଦୟ ଭିତରୁ ? କହ ।"

"କେଉଁଠୁ ବାହାରିଥିବ ବୋଲି ତୁମେ ଭାବୁଚ, କହିଲ ?"

"ନାଇଁ ନାଇଁ, ମୁଁ ଜାଣିନାହିଁ । ତୁମେ କହ ।"

"କେଉଁଠୁ ବାହାରିଥିଲେ ଭଲ ହୋଇଥାନ୍ତା ?"

"ମୁଁ ଜାଣେ ନାହିଁ । ତୁମେ କ'ଣ ଭାବୁଚ ?"

Digitized by srujanika@gmail.com

ଟେମାସ ହିଗଣ୍ଡ ବସିଲ ଯେ ପାନ୍‌ଡଲ ତା'ଜବାବ ଦେଉ। ସେ ଶେଷରେ ଲାଗି ଲାଗି ସେହି ଚପାଲେମ୍ବରିଠୁଁ ଜବାବ ବାହାର କଲା। ପାନ୍‌ଡଲ୍ କହିଲା :

"ପ୍ରେରଣା ତ ତୁମ ମୁଣ୍ଡ ଭିତରୁ ବାହାରିଥିବ। ହୃଦୟ ଭିତରୁ ବାହାରିବା, ମୁଣ୍ଡ ଭିତରୁ ବାହାରିବା—ଏ ଦୁଇ ବାଟରୁ ମୁଣ୍ଡ ଭିତରୁ ବାହାରିବା ବାଟହିଁ ତ ଭଲ। ଲାଭ ନ ଥାଇ କୌଣସି କାମରେ ହାତ ଦେବାଟା ମଣିଷର ମୁଣ୍ଡ ତାକୁ କେବେ କରାଇଦେବ ନାହିଁ। ଯଦି କଷ୍ଟ ମିଳିଗଲା, ସେ ତ ନଦା ଜଞ୍ଜାଳ। କିନ୍ତୁ ଯଦି ହୃଦୟ କଥା ମାନି କାମ କରିବ, ତେବେ ସେମିତି ହେବ ନାହିଁ। ହୃଦୟକୁ ଠିକଣା ଉପଦେଶ ଦେଇଥିବେ ନାହିଁ। ମୋ ହୃଦୟ ମତେ ଯାହା ଯାହା କରିବାକୁ କହେ, ମୁଁ ଯଦି ସେଇଆ କରନ୍ତି ତେବେ ଏତେ ହଇରାଣରେ ପଡ଼ନ୍ତି ଯେ କହିଲେ ନ ସରେ। ମୁଁ ତ ତା'ହେଲେ ଆଗ ଖ୍ରୀଷ୍ଟିଆନ ଧର୍ମ ପୁରୋହିତର ଘର ପୋଡ଼ିଦିଅନ୍ତି। ସେ ଯେମିତି ସବୁ କଥାରେ ମୁଣ୍ଡ ଗଳାଉଛି, ତାକୁ ଅଳ୍ପାଙ୍କର ଦିଅନ୍ତି ପାରେ।"

ପୁରୋହିତଟା ଗୋଟାଏ ହିଂସାଳିଆ ବୁଢ଼ାଟାଏ। ତା' ମୁହଁଟା ଲୁଚାଉ। ମୁହଁ ପର ଲ୍ଲେଟିଆ ଗୋଳିଆ ମୁହଁଟାଏ। ସେ ପାନ୍‌ଡଲ୍ ଅଛୁ ତା' ବାପାର କଣ ଭିତରେ ମୁଣ୍ଡ ପୂରାଇଲା ବୋଲି ପାନ୍‌ଡଲ୍ ତା' ଉପରେ ଖଡ଼ଲେ ଚଢ଼େ।

ଆଗ ଆଗ ମତେ ବି ପାନ୍‌ଡଲ୍ ମୁଖ ପାଉ ନ ଥିଲା। ମତେ ଶଠ ଟାଏ ପରି ଲାଗୁଥିଲା କହିଲେ ଚଳେ। ସେ ମୋ ଉପରେ ଗର୍ଜନ ତର୍ଜନ ବି କରୁଥିଲା। ତେବେ, ସେସବୁ ବନ୍ଦ ହୋଇଗଲା। ତଥାପି ମୋ ପ୍ରତି ତା' ବ୍ୟବହାରରେ ଭିତରେ ଭିତରେ ତା'ର ଗୋଟାଏ ଅବିଶ୍ୱାସ ଥିଲା ପରି ମତେ ଲାଗୁଥିଲା। ଆଉ ଏକଥା ବି ମୁଁ କହିବ ଯେ, ସେ ଯେମିତି ମତେ ଦେଖିପାରୁ ନ ଥିଲା, ମୁଁ ବି ସେମିତି ତାକୁ ଦେଖିପାରୁ ନ ଥିଲି।

ସେ ଘରେ ସେ ସନ୍ତ୍ରାଗୃହ୍ନକ ମୋ ମନରୁ ଯିବ ନାହିଁ। ସଙ୍ଗସୁରୁଖ ହୋଇ ଗ୍ରେଟିଆ ଘର ବଳଟେ। ଭାନ୍ତୁଗୁଡ଼ାକ ଭାଠରେ ଢଅବ, ସେମିତି ଖୋଲ ପଡ଼ୁଥାଏ। ଝରକାଯାକ ଟାଣ କଣ ବନ୍ଦ କଣଦଅ ହୋଇଥାଏ। ଗୋଟାଏ କୋଣରେ ଟେବୁଲ ଉପରେ ଲ୍ୟାମ୍ପଟିଏ ଜଳୁଥାଏ। ଲ୍ୟାମ୍ପ ପଛଅଡ଼େ ବସିଥାଏ ପ୍ରକାଣ୍ଡ ଆକାରର ମଣିଷଟାଏ। ତା'ର ଓଜନ ଦାଢ଼ି ଓହଳିଥାଏ। ଉଚ, ନାଲିଆ କପାଳଟା ଘଷ ହୋଇଉଠିଥାଏ। ମଣିଷଟି କହିଯାଉଥାଏ :

Digitized by srujanika@gmail.com

"ମଣିଷ ଜୀବନରେ ଅସଲ କଥା ହେଲା, ମଣିଷ ପଶୁକୁ ପଛରେ ପକାଇ-ଦେଇ ବହୁତ ଆଗକୁ ଆଗକୁ ମାଡ଼ି ଚାଲିଯିବ……"

ଆଉ, ଓଟୋକି ଚଷା ବସି ମନକଣ୍ଣି ଦେଇ ତା' କଥା ଶୁଣୁଥାନ୍ତି । ସେମାନଙ୍କ ଆଖିଗୁଡ଼ିକ ପରିଷ୍କାର ଦିଶୁଥାଏ । ତାଙ୍କ ମୁହଁଟିମାନ ବୁଦ୍ଧିର ତେଜରେ ଉଜ୍ଜ୍ୱଳ ଦିଶୁଥାଏ । ଇଜଷ୍ଟର ଦେହରେ ଟିକିଏ ବି ହଲଚଲ ନ ଥାଏ, ସେ ଏକଦମ୍ ସ୍ଥିର ହୋଇ ବସିରହିଥାଏ, ଯେତେ ସେମିତ କେଉଁ ଦୂରରୁ ଭାସିଆସୁଥିବା ଶବ୍ଦକୁ ସେ କାନେଇଛି; ଆଉ ସେ ଶବ୍ଦ ଏମିତ ଶବ୍ଦ ଯେ ତା'ଛଡ଼ା ଆଉ ତାକୁ କେହି ଶୁଣିପାରୁନାହାନ୍ତି ! କୁକୁସ୍କିନ୍ ଛଟମୋଡ଼ ହେଉଥାଏ, ଛଟପଟ ହେଉଥାଏ, ଯେତେ ଯେମିତ ତାକୁ ମଶାଗୁଡ଼ାଏ କାମୁଡ଼ିପକାଉଛନ୍ତି । ପାନ୍କଭ୍ ତା'ର ସାନ ସାନ କହ୍ୱର କହ୍ୱର ଜଣକୁ ଅଙ୍ଗୁଠିରେ ଧରୁ ଧରୁ କୌଣସି ଚିନ୍ତା ପଛରେ ମାଡ଼ିଯାଇ ଶାନ୍ତ ହୋଇ କେବେ କେବେ କହିପକାଏ :

"ହୁଁ, ତେବେ ତ ଲୋକଙ୍କ ଭିତରେ ପାହୁଆ ପାହୁଆ ହୋଇ ଶ୍ରେଣୀ ବିଭାଗ ହେବାର ଆଦୌ କୌଣସି ଦରକାର ନ ଥିଲା !"

ପାନ୍କଭ୍ର ଗୋଟାଏ କଥା ମୁଁ ପ୍ରଶଂସା କରୁଥିଲି : ସେ ତା' ମୂଲିଆ କୁକୁସ୍କିନ୍କୁ କେବେ ଟାଣ କଡ଼ା କଥା କହେ ନାହିଁ । କୁକୁସ୍କିନ୍ ତ ସ୍ୱପ୍ନହିଁ ଦେଖୁଥାଏ । ସେ ତା'ର ସ୍ୱପ୍ନର ଝିଆଲ ଗପିଲାବେଳେ ପାନ୍କଭ ମନଦେଇ ତା' କଥା ଶୁଣେ ।

ସନ୍ଧ୍ୟାବୁଡ଼ିଆ କଥାବାର୍ତ୍ତା ସରେ । ତା'ପରେ ମୁଁ ଅଟ୍ଟ ଉପରକୁ ଚଢ଼ିଯାଏଁ । ଖୋଲା ଝରକା କତିରେ ଟିକିଏ ବେଳ ବସେଁ; ଶୋଇଲା ଗାଁ ଆଉ ଦୂରର କ୍ଷେତଗୁଡ଼ାକ ଆଡ଼କୁ ଅନାଇରହେଁ । ସେତେବେଳେ ସେଠି ସବୁ ଚୁପ୍‌ଚାପ୍ । ଜକଜକ ତାରାମାନେ ଘୋର ଅନ୍ଧାର ଫୁଟେଇ ପୃଥିବୀର ଆହୁରି କତିରେ ଥିଲାଭଳି ମନେ ଲାଗନ୍ତି, ମୋଠୁଁ ଆଉ ପଛେ ଦୂରରେ । ଗମ୍ଭୀର ନୀରବତା ଭିତରେ ମୋ ହୃଦୟ ସଂକୁଚିତ ହୋଇଯାଏ, ମୋ ମନର ଚିନ୍ତାସବୁ ଜଲ୍ଦି ପର ହୋଇ ଚାଲିଯା'ନ୍ତି ଦୂରକୁ ଦୂରକୁ, ଅସୀମ ବ୍ୟାପ୍ତି ଆଡ଼କୁ, ସେଇ ଯେଉଁଠି ଆମର ଗାଁ ପରି ଜଣନ୍ ପଡ଼ିଯାଇ ହଜାର ହଜାର ଗାଁ ଏ ପୃଥିବୀର ଚଟା ଦେହରେ ଘଞ୍ଚାଯୁକ୍ତ ହୋଇ ପଡ଼ିରହିଥାନ୍ତି, ହଲଚଲ ନାହିଁ, ଚୁପ୍‌ଚାପ୍ ।

ସେଇ ଅନ୍ଧାର ଶୂନ୍ୟତା ମନେ ଉତ୍ତପ୍ତ କୁଣ୍ଡ ଭିତରେ ଦାବିରଖେ, ହଜାର ହଜାର ଅଦେଖା ଜୋକ ପରି ସେ ମୋ ପ୍ରାଣରେ ଲାଗି ଧରେ; କ୍ରମେ ମୋ ହୃଦୟ

Digitized by srujanika@gmail.com

ଭିତରେ ପଶିଯାଏ ଗୋଟାଏ ନଦୂଆ ଅବଶ ସ୍ୱର । ଆଉ କେମିତି ଗୋଟାଏ ପ୍ରକାର ଅସ୍ୱସ୍ତି ଲାଗେ—ଆମର ଏ ପୃଥିବୀ ଭିତରେ ମୁଁ କେତେ ସାନ, କେତେ ନଗଣ୍ୟ !

ମତେ ଲାଗିଲା,ଗାଉଁଲି ଜୀବନ ବୋଇଲେ ଖାଲି ଅନନ୍ଦବସ୍ଥାନ ସ୍ୱଦରେ ଦିନ ବିତିବା । ମୁଁ ତ ଅନେକ ଥର ଶୁଣିଥିଲି, ପଢ଼ିଥିଲି ଯେ ସହରିଆ ଜୀବନଠୁଁ ଗାଉଁଲି ଜୀବନ ଆହୁରି ହିତକର ଓ ସୁଖକର । ଅଥଚ ମୁଁ ଦେଖିଲି ଯେ କୃଷୀମାନେ ଖାଲି ଅଢୁଣ୍ଡା କାମରେ ଖଟି ଖଟି ମରୁଛନ୍ତି । ମୁଁ ଦେଖିଲି, ଅନେକ କୃଷୀ ବେମାରିଆ; ଅନେକେ ହାଡ଼ଭଙ୍ଗା ପରିଶ୍ରମ କରିବା ଫଳରେ ଅକର୍ମଣ୍ୟ ହୋଇ-ପଡ଼ିଛନ୍ତି, ତାଙ୍କ ଭିତରେ ହସ ହସ ମୁହଁଟିଏ ଖୋଜି ପାଇବା କଷ୍ଟ । ସହରରେ ଯେଉଁମାନେ ଶ୍ରମିକ ଓ କାରିଗର, ସେମାନେ ଏମାନଙ୍କଠୁଁ କମ ଖଟନ୍ତି ନାହିଁ; କିନ୍ତୁ ତାଙ୍କ ଜୀବନ ବେଶି ଖୁସି ଆନନ୍ଦରେ କଟେ । ଏଇ ଶୁଖିଲାମୁହାଁ ଗାଁ-ଲୋକେ ଯେମିତି ଘୋରତେଇ ପୋରତେଇ ହୋଇ ଆପଣା ଜୀବନର ଦୁଃଖ-ଦୁର୍ଦ୍ଦଶା ବିଷୟରେ ହତାଶିଆ କଥାଗୁଡ଼ାକ କହନ୍ତି, ସେମାନେ ସେମିତି କହନ୍ତି ନାହିଁ । ଗୋଟାଏ ଚଷାର ଜୀବନଯାତ୍ରା ସରଳ ବୋଲି ମତେ ତ ଆଦୌ ଜଣାପଡ଼ିଲା ନାହିଁ । ତା' ଜୀବନରେ ଦରକାର ପଡ଼େ, ସେ ସବୁବେଳେ ଖୁବ୍ ପରିଶ୍ରମ କରି ମାଟିକି ନଘା ଦେଇଥିବ, ଆଉ ତା' ଗାଁ'ର ଅନ୍ୟମାନଙ୍କ ସଙ୍ଗରେ କାରବାର କଲାବେଳେ ବହୁତ ଫିକର ଆଉ ଫନ୍ଦାଫିକି ଲଗାଇ କାରବାର କରୁଥିବ । ମସ୍ତିଷ୍କକୁ ହ୍ରାସ ରଖି ଏ ଯେଉଁ ଜୀବନ ଏଥିରେ ସୁଖକର ବୋଲି କିଛି ନ ଥିଲା ଯେ । ମୁଁ ଦେଖିଲି, ଯେତେ ଗାଁ ଲୋକ, ସେମାନେ ଅଛ ପରି ଦରିଦ୍ର ହୋଇ ହୋଇ ଜୀବନ ଭିତରେ ଗତି କରୁଛନ୍ତି । କ'ଣ ଗୋଟାଏ କଥା ଥିଲା, ଯାହାକୁ ସେମାନେ ସମସ୍ତେ ଭାରି ଡରୁଥିଲେ, ପ୍ରତ୍ୟେକ ଲୋକ ଅନ୍ୟ ସମସ୍ତଙ୍କୁ ସନ୍ଦେହ କରୁଥିଲା, ସେମାନଙ୍କଠି ତଥିଅର ଗୁଣେ ଛୁଲିକା ରହିଯାଇଥିଲା ।

ସେମାନେ ଯେ କେଉଁ କାରଣରୁ ରେମାସକୁ, ପାନ୍‌କଭକୁ, 'ଅମର ସବୁ ଲୋକଙ୍କୁ'—ଯେତେବେଳେ ମନ କରୁଥିଲେ ବୁଦ୍ଧିବିଚାରର ଅନୁଯାୟୀ ଜୀବନକୁ ଗଢ଼ିବାକୁ, ସେ ସମସ୍ତଙ୍କୁ ଦୂରୁଥେଇ ହୋଇ ଚଢ଼ୁଥିଲେ—ସେଇଟା ବୁଝିବା ମୋ ଦେଇ ହେଲା ନାହିଁ ।

ସହର ଜୀବନର କେତେ କେତେ ସୁବିଧା, ତା'ମୁଁ ପଷ୍ଟ'ର ଦେଖିପାରିଲି । ସେଠି ସୁଖ ପାଇବାକୁ ଲୋକଙ୍କର ଊଗ୍ର ବ୍ୟଗ୍ର କାମନା ରହିଛି । ସେଠି ଲୋକଙ୍କ ମନରେ ସାହସ ଅଛି, ଅନୁସନ୍ଧାନ କରି କରି ଜାଣିବା ସକାଶେ ପ୍ରବୃତ୍ତି ଅଛି । ସେଠି ଲୋକଙ୍କର ଅଭିମୁଖ୍ୟ ବହୁତ, ସମସ୍ୟା ବହୁତ । ସେମିତି ଗତରେ ସବୁବେଳେ

Digitized by srujanika@gmail.com

ମୋର ମନେ ପଡ଼ନ୍ତି ଦୁ'ଜଣ ସହରର ଲୋକ—କାଲ୍ଲିଗିନ୍ ଓ ନେବେଲ । ଏହି ଘରେ ଝୁଲିଛି ଗୋଟାଏ ସାଇନ୍‌ବୋର୍ଡ, ସେଥିରେ ଲେଖା ହୋଇଥାଏ :

ଏଫ୍. କାଲ୍ଲିଗିନ୍ ଓ ଜେଡ୍. ନେବେଲ

"ହାତଘଣ୍ଟା, କାନ୍ଥଘଣ୍ଟା ଠିଆର କରନ୍ତି, ନାନାପ୍ରକାର ଯନ୍ତ୍ରପାତି, ଡାକ୍ତର ଯନ୍ତ୍ରପାତି, ସିଲେଇ କରିବା କଳ, ସବୁ ପ୍ରକାର ହାର୍ମୋନିୟମ ଇତ୍ୟାଦି ଇତ୍ୟାଦି ମରାମତ କରନ୍ତି ।"

ଧୂଳି ସରସର ଯୋଡ଼ାଏ ଝରକା ମଝିରେ ଗୋଟାଏ ଅଣଓସାରିଆ ଦୁଆରମୁହଁ ଉପରେ ସାଇନ୍‌ବୋର୍ଡଟା ଝୁଲୁଥାଏ । ଗୋଟାଏ ଝରକା ପଛଆଡ଼େ ବସିଥାଏ ଏଫ୍. କାଲ୍ଲିଗିନ୍ । ବୋଦାଲୋକ, ଗୋଲ ମୁହଁ । ମୁହଁରେ ସବୁବେଳେ ହସ । ତା'ଚନ୍ଦା ମୁଣ୍ଡ ଝଲଝଲ ଦିଶେ, ସେଠି ଗୋଟାଏ ଅବୁ । ତା' ଆଖିରେ ସବୁବେଳେ ଗୋଟାଏ କାଚ ଲାଗିଥାଏ, ସେଇ ଯେଉଁଥିରେ ସବୁ ଜିନିଷ ଖୁବ୍ ବଡ଼ ବଡ଼ ଦିଶେ । କେବେକେବେ ଖୁବ୍ ସରୁ ଚିମୁଟା ଲଗାଇ ସେ କୌଣସି ହାତଘଣ୍ଟାର କଳକବଜା ସଙ୍ଗରେ ଲାଗିଥାଏ, ହଠାତ୍ ଗୀତ ଗାଏ । ତା' ଓଠ ଫାଙ୍କରେ ଦାନ୍ତ କଣ, କରଡ଼ା କରଡ଼ା ହୋଇ ଠିଆ ଠିଆ ଦିଶେ, ଖଇରିଆ ବର୍ଣ୍ଣର । ଆର ଝରକା ସେପଟେ ବସିଥାଏ ଜେଡ୍. ନେବେଲ । ଲେଉଟିଆ ଧଳିଆ ମଣିଷଟିଏ । ମୁଣ୍ଡବାଳ କଷ କୁହୁଆ, ଦାଢ଼ି ଗୋଲିଆ, ପ୍ରକାଣ୍ଡ ଶୁଆଥଣ୍ଟିଆ ନାକଟାଏ, ଆଖିଯୋଡ଼ାକ କଳା କଳା କୋଳି ପରି ବଡ଼ ବଡ଼ । ତା' ମୁହଁ ସଇତାନ୍ ଚଢ଼େଇ ପରି ଦିଶେ । ସେ ବି ସବୁବେଳେ କାମରେ ଲାଗିଥାଏ । ନାନାପ୍ରକାର ଅତି ସୂକ୍ଷ୍ମ କଳକବ୍‌ଜାକୁ ସେ ଖୋଲି ପକାଉଥାଏ କି ଏକାଠି ଖଣ୍ଡି ଖଣ୍ଡି କରି ଯୋଖୁଥାଏ । କାମ କରୁ କରୁ ହଠାତ୍ ସେ ଧୀରଗତା ପାଟିରେ ସ୍ୱର ଛାଡ଼ିଦେଇ ଉଠେ :

"ଟ୍ରା-ଟା-ଟାମ୍, ଟାମ୍, ଟାମ୍ ।"

ଅନାଉଁଲେ ଦିଶେ ତାଙ୍କ ପିଠିଆଡ଼େ ଘର ଚଟାଣ ଉପରେ ଅଗୁଡ଼ାଗୁଡ଼ ହୋଇ ନାନାପ୍ରକାର ଜିନିଷ ଗଦା ହୋଇଥାଏ । ଜିନିଷମାନ ହିପାଜତରେ ଘୋଡ଼ାଇ ନଆ ଆଣ କରିବାପାଇଁ ଖୋଳଗୁଡ଼ାକ, ନାନା କଳକବ୍‌ଜା, ଏଥିରେ ସେଥିରେ ଲଗାହେବା ଚକଗୁଡ଼ାଏ, ହାର୍ମୋନିୟମ ଆଦି ବାକ୍ସ-ବାଜାଗୁଡ଼ାଏ, ସ୍କୁଲରେ ବ୍ୟବହାର ହେଉଥିବା ଭୂମଣ୍ଡଳ—ଏମିତି ନାନା ପଦାର୍ଥ । ନାନାପ୍ରକାର ଚେହେରାର ଧାତୁନିଆର ପଦାର୍ଥମାନ ଥାକ ଥାକ ହୋଇ ଥୁଆ ହୋଇଥାଏ, କାନ୍ଥକୁ ଧାଡ଼ି ଧାଡ଼ି ହୋଇ ଘଣ୍ଟାମାନ ଓହଳିଥାଏ, ଘଣ୍ଟାର ପେଣ୍ଡୁଲମଗୁଡ଼ାକ ହଲି ହଲି ବାଁ'କୁ ଡାହାଣକୁ ଝୁଲୁଥାଏ । ମୋର ତ ମନ ହେଉଥାଏ ଯେ ସେ ଲୋକ

Digitized by srujanika@gmail.com

ଯହିଁ କାମ କରୁଥାନ୍ତେ, ଅଥଚ ମୁଁ ଦିନ ଦିନ ବତେଇ ସେଇଠି ଠିଆ ହୋଇଥାନ୍ତି, ତାଙ୍କ କାମ ଦେଖୁଥାନ୍ତି । କିନ୍ତୁ ମୁଁ ତ ଡେଙ୍ଗାଲୋକ । ମୁଁ ଝରକା ଆଗରେ ଠିଆହେଲେ ଘର ଭିତରେ ଆଲୁଅ ବନ୍ଦ ହୋଇଯାଏ । ସେହେତୁ ଘଣ୍ଟା ତିଆରି-କଲବାଲା ସେହିଁ ଭୟଙ୍କର ଭ୍ରୂକୁଟୀ କରି ମୋ ଆଡ଼କୁ ହାତ ହଲେଇ ମତେ ତଡ଼ନ୍ତି । ସ୍କୁଲଗଲାବେଳେ ମୋ ମନରେ ଈର୍ଷା ହେଉଥାଏ; ମୁଁ ଭାବୁଥାଏ :

ଯେଉଁ କାମ କରିବାକୁ ମନ ହେଉଥିବ, ମଣିଷ ସେ କାମ କରିଜାଣିଥିଲେ କେଡ଼େ ଭାଗ୍ୟ !”

ସେ ଘଣ୍ଟା ତିଆରିକଲବାଲାଙ୍କ ପ୍ରତି ମୋର ମନରେ ସମ୍ମାନ ଆସୁଥିଲା । ବିନା ଆପତ୍ତିରେ ମୁଁ ବିଶ୍ୱାସ କରିନେଇଥିଲି ଯେ ଯେତେ ଜାତିର କଳକବ୍‌ଜା ସବୁପାଠ ଅଛି, ତା’ଗୁମର ସେମାନଙ୍କୁ ଜଣା । ସେମାନେ ଦୁନିଆରେ ସବୁ ପଦାର୍ଥକୁ ମରାମତି କରିଦେଇପାରିବେ । ଏଇଆଙ୍କୁ ସିନା ମଣିଷ କୁହାଯିବ !

କିନ୍ତୁ ଗାଉଁଲି ଜୀବନ — ସେ ମତେ ଭଲ ଲାଗିଲା ନାହିଁ । ଚାଷୀମାନଙ୍କୁ ବୁଝିବା, ମତେ ଲାଗିଲା କାଠିକର ପାଠ । ବିଶେଷତଃ ମାଇକିନିଆମାନେ ସବୁବେଳେ ତାଙ୍କ ଦେହ ଖରାପ ବୋଲି ହନ୍ତସନ୍ତ ହେଉଥାନ୍ତି । ସେ ହନ୍ତସନ୍ତ ଅନ୍ତ ସରେ ନାହିଁ । କେତେବେଳେ “ଛାତି ଭିତରଟା ଦବ ଦବ ଯାଉଛି,” କେତେବେଳେ “ଛାତିଟା ଭାର ଭାର ଲାଗୁଛି”, ସବୁବେଳେ ତ “ପେଟ ଭିତରେ କଣ ଝିମିଝିମି ହୋଇଯାଉଛି ।” ଅନ୍ୟାନ୍ୟ କଥା ଅପେକ୍ଷା ସେହିସବୁ କଥା ବେଶି ଆଲୋଚନା ହୁଏ । ସେହିସବୁ କଥା ପଡ଼ିଲେ ସେମାନଙ୍କ ତୁଣ୍ଡରେ ଖଇ ଫୁଟେ । ରବିବାର ଦିନ କି ଛୁଟିଦିନରେ, ଉଲ୍‌ଗା ନଇକୂଳରେ ସେମାନେ ସବୁ ଯେତେବେଳେ ଏକାଠି ହୁଅନ୍ତି, ନ ହେଲେ ତାଙ୍କ ଘର ଆଗରେ ବେଞ୍ଚଉପରେ ବସିଥାନ୍ତି, ସେତିକିବେଳେ ବେଶି ସେସବୁ ପଡ଼େ । ଚାଷୀମାନେ ସମସ୍ତେ ଖୁବ ଚଢ଼ୋଳ ପ୍ରକୃତିର ଲୋକ; ଟିକିକ କଥାରେ ଅସମ୍ଭାଳ ହୋଇ ଗାଳିଦେବେ । ଗୋଟାଏ ହାଣ୍ଡି ଫାଟିଗଲା ବୋଲି ଠିକଟା ଘରର ଲୋକ ଠେଙ୍ଗା ଧରି ପିଟାପିଟି ଲଗେଇଦେଲେ । ନୂଆ ଥିଲା-ବେଳେ ହାଣ୍ଡିଟାର ଦାମ୍ ହୋଇଥାନ୍ତା ମୋଟେ ବାର କୋପେକ୍ ପଇସା । ମାତ୍ର ପିଟାପିଟି ସରିଲାବେଳକୁ ଗୋଟାଏ ବୁଢ଼ୀର ହାତ ଭଙ୍ଗା ହୋଇସାରିଥିଲା, ଗୋଟାଏ ସାନ ଟୋକାର ମୁଣ୍ଡ ଖପୁରି ହାଡ଼ ଭାଙ୍ଗି ସାରିଥିଲା । ଏମିତି ତାଙ୍କ କଳିଗୋଳ । ଏଭଳି କଜିଆ ନ ଲାଗି ଗୋଟାଏ ସପ୍ତାହ ବି ବିତେ ନାହିଁ ।

ଭେଣ୍ଡା ଭେଣ୍ଡା ଟୋକାମାନେ ଟୋକୀମାନଙ୍କ ପ୍ରତି ଅତି ବେଲିକ୍ସ, ଅସଭ୍ୟ, କାମୁକ ବ୍ୟବହାର ଦେଖାଉଥିଲେ । ତାଙ୍କୁ ନାନା ଅସଭ୍ୟ ଥଟ୍ଟା ନକଲ କରୁଥିଲେ ।

Digitized by srujanika@gmail.com

କ୍ଷେତରେ ଯେଉଁ ଝିଅଟିଏ କାମ କରୁଥିବ, ତାକୁ ଟୋକାମାନେ ଧରିପକାଇବେ, ତା' ପିନ୍ଧା ଲୁଗାକୁ ଗୋଡ଼ରୁ ମୁଣ୍ଡଯାକେ ଉପରକୁ ଓଟାଇ ଟେକିଦେଇ ତା' ମୁଣ୍ଡରେ ବାନ୍ଧିଦେବେ । ଏମିତିଆ ଦୁଷ୍ଟାମିକୁ ସେମାନେ କହନ୍ତି, "ଫଳ ପତ୍ର ବାନ୍ଧିଦେଇ ବେଶ କରିବା ।" ଝିଅଗୁଡ଼ିମାନେ ଅଣ୍ଟାରୁ ତଳକୁ ଲଙ୍ଗଳା ହୋଇପଡ଼ି ପାଟି କରୁଥିବେ, ଗାଳି ଦେଉଥିବେ । କିନ୍ତୁ ମତେ ଜଣାପଡ଼ୁଥାଏ ଯେ ସେ ଖେଳ ସେ ଝିଅମାନଙ୍କୁ ବେଳେବେଳେ ଖରାପ ଲାଗୁଥିବ, ତା' ନୁହେଁ । ଅନ୍ତତଃ ସେ ବନ୍ଧନ ଫିଟାଇ-ଦେବାକୁ ସେମାନେ ଯେତେ ତରତର ହୁଅନ୍ତେ, କାହିଁ ସେତେ ତରତର ହୁଅନ୍ତି ନାହିଁ ତ ! ଗାଁମନ୍ଦିରରେ ଷଷ୍ଠିବୁଢ଼ିଆ ପ୍ରାର୍ଥନା ସଭାରେ ହୁଣ୍ଡ ହେଲାବେଳେ ଟୋକାଏ ଟୋକୀମାନଙ୍କ ପିଠି ଚମୁଟନ୍ତି । ଲମ୍ବାଏ ନେଇ ଖେଳିଆ କରିବାକୁ ସେମାନେ ସେଠିକି ଆସନ୍ତି । ଦେବର ଦଳ ଗାଁମନ୍ଦିରର ବେଦୀଉପରେ ଠିଆହୋଇ ଧର୍ମକଥା ବୁଝାଇଲାବେଳେ ପୁରୋହିତେ ତାଙ୍କୁ ଗାଳିଦେଇ କହନ୍ତି :

"ତୁମେଗୁଡ଼ାକ ପଶୁଗୁଡ଼ାଏ ରେ ! ଏ ଅସଭ୍ୟ କଥା କରିବାପାଇଁ ଆଉ ଅନ୍ୟ ଥାନ ତୁମକୁ ମିଳିଲା ନାହିଁ ?"

ରେମାସ୍ ମତେ କହିଲା, "ନୁଟେଡ଼ନ୍ ଅଞ୍ଚଳରେ ଲୋକେ ଏମିତି ନୁହନ୍ତି । ସେମାନେ ତାଙ୍କ ଧର୍ମ ବିଷୟରେ ଅଧିକ କଟ୍ଟରପନ୍ଥୀ । ଏଠି ଈଶ୍ୱର ବିଶ୍ୱାସ ପଛରେ ମୁଁ ଖାଲି ଦେଖୁଛି ଭୟ ଆଉ ଲୋଭ । ଭଗବାନଙ୍କ ପ୍ରତି ଆପଣା ଅନ୍ତର ଭିତରେ ଶ୍ରଦ୍ଧା, କି ଭଗବାନଙ୍କ ପ୍ରେମ ଓ ସୌନ୍ଦର୍ଯ୍ୟ ପ୍ରତି ବିସ୍ମୟ ଭାବ—ସେସବୁ ତୁମେ ସ୍ୱେ ମଣିଷଙ୍କଠେ ପାଇବ ନାହିଁ । ଆଉ, ବୋଧହୁଏ ନ ଥାଇ ଭଲ ହୋଇଛି । ତାଙ୍କଠୁଁ ଧର୍ମ ଛଡ଼େଇନେବା ଅଧିକ ସହଜ ହେବ । ଆଉ ମୁଁ କ'ଣ କହୁଛି ଜାଣିଛ ? ଏ ଯେଉଁ ଧର୍ମ, ଏହିଟା ଗୋଟାଏ ଅତି ଖରାପ, ଅତି ଖତରନାକ ଅନ୍ଧ ବିଶ୍ୱାସ ।"

ଟୋକାଗୁଡ଼ାକ ଚାହାପିଆ ହିନା, ହେଲେ ସେମାନେ ଭାରି ଭଲୁଆ । ସବୁବେଳେ ଧନ ଅବ ମତେ ଛକାଇକି ବାଟଭୁଲାଇବାକୁ ସେମାନେ ଚେଷ୍ଟା କରୁଥିଲେ: କୌଣସି ଥର ପାରିନାହାନ୍ତି । ଥରେ ସେମା ଗୋଡ଼ରେ ଗୋଟାଏ ଠେଙ୍ଗା ପାହାର ବସିଗଲା । ରେମାସ୍ ଆଗରେ ମୁଁ ତ କେବେ ଏସବୁ କଥା କହୁ-ନ ଥିଲି । କିନ୍ତୁ ସେ ଠେଙ୍ଗାମାଡ଼ରେ ମୁଁ ଲେଙ୍ଗେଇ ଲେଙ୍ଗେଇ ଚାଲିଲି । ମତେ ଦେଖି ସେ ଘଟଣାଟା ବୁଝିନେଲା; କହିଲା :

"କି ? ତୁମକୁ ଚଟା କଲେ କି ? ମୁଁ ପରା କହୁଥିଲି, ହୁସିଆର ଥିବ !"

Digitized by srujanika@gmail.com

ସତ ହେଲେ ସାରେ ଭୁଲ ନାହିଁ ବୋଲି ସେ ମତେ କହୁଥିଲେ ସତ, କିନ୍ତୁ ମୁଁ ସମ୍ଭାଳି ହୁଏ ନାହିଁ; ବେଳେବେଳେ ବାହାରିପଡ଼େ । ଘରମାନଙ୍କ ପଛଆଡ଼େ ଯେଉଁ ପଇଡ଼ା ବାଉଁସବୁ ଥାଏ, ସେଇ ବାଉଁବାଟେ ଚାଲିଯାଏଁ ଉଲ୍‌ଗା ନଈକୂଳକୁ । ସେଠି ଗଛମୂଳେ ବସିପଡ଼ି ସାଗର ସୁଲ୍ଭ ଉଡ଼ଣାବାଟେ ନଈ ଆରପାରି-ଉଚ୍ଚ ପଞ୍ଚଅମ୍ବ ଅତଡ଼ା ଆଡ଼କୁ ଅନାଇଁଥାଏ । ସାମ୍ନାରେ ଉଲ୍‌ଗା ନଈ ବୋହିଯାଉଥାଏ, ଧୀର ମନ୍ଥର ଗାମନ୍ତ ଗତିରେ । ଅଦେଖା ସୂର୍ଯ୍ୟର କିରଣ ଜହ୍ନର ମଳିନ ଦେହରେ ପଡ଼ି ଛିଟିକି ଆସି ଉଲ୍‌ଗା ନଈର ପାଣି ଉପରେ ଚହଲ ସୃଜେଇ ଢଙ୍ଗ କେମିତିଏ । ଜହ୍ନ ମତେ ଭଲ ଲାଗେ ନାହିଁ । ମତେ ଲାଗେ, ଜହ୍ନର ସ୍ୱଭାବରେ ଏଭଳି କିଛି ଅଛି ଯାହା ହିଂସ୍ର, ଧୂର୍ତ୍ତ ଓ ନିଷ୍ଠୁର । ଜହ୍ନ ଆଲୁଅ ଦେଖିଲେ କୁକୁରକୁ ଯେମିତି ଲାଗେ, ମତେ ବି ସେମିତି ଖାପ ଲାଗେ । ମନ ବିରସ ହୁଏ । ଇଚ୍ଛା ହୁଏ, ମୁଁ ବି ଗୋଟାଏ ହୁତାଶ ବୋବାଳି ଛାଡ଼ନ୍ତି । ମୁଁ ଯେମିତି ଜାଣିଲି ଯେ ଜହ୍ନର ନିଜର ବୋଲି କୌଣସି ତେଜ ନାହିଁ, ସେଇଟା ମଲାଟା, ସେଥିରେ ଜୀବନ ନାହିଁ, ଜୀଅନ୍ତା ହୋଇ କେବେ ନାହିଁ କି ରହିପାରନ୍ତା ନାହିଁ, ମତେ ଖୁବ ଖୁସି ଲାଗିଲା । ଏକଥା ଜାଣିବା ଆଗରୁ ମୁଁ ଅନ୍ୟମାନଙ୍କ ଠାରୁ ଶୁଣିଥିଲି ଯେ ଜହ୍ନରେ ଚମ୍ପା-ମଣିଷ ରହୁଥିବେ । ତାଙ୍କ ଆକାର ନିର୍ଭୁଲ ପଶୁ, ତାଙ୍କ ନୋଉଗୁଡ଼ ନ ଲମ୍ବା ଲମ୍ବା, ଠିକ୍ ଭଣ୍ଡାରର ଭଣ୍ଡା ପରି । ଗୁମ୍ଫାରେ ସେଠିକି ଲେଖକଙ୍କରେ ସୀନ ମଧ୍ୟର ଘଣ୍ଟା ଶବ୍ଦ ପରି ଭୟଙ୍କର ଠଣଣ ଠଣେ ଶବ୍ଦ କରୁଥିବେ । ଜହ୍ନ ଦେହରେ ଯେଉଁ ଦାଗ ଅଛି ସବୁ ଖାଲି ଗମ୍ଭା । ଆଉ କି ନାହିଁ ଉଚୁ, କି [illegible], ସବୁ ଖାଲି ସବୁବେଳେ ଗୋଟାଏ ଅନ୍ଧାର ଭୂତପରି ଠଣେ ଠଣେ ଏବେ କରୁଛି । ପୃଥିବୀ ପରି ତା'ର ଶକ୍ତି ନାହିଁ । ସେଠି ସବୁ ଜନ୍ତୁ ଆମ ପୃଥିବୀକୁ ବିପଦରେ ପକାଇବାକୁ ଗଭୀର ଷଡ଼ଯନ୍ତ୍ର କରୁଛନ୍ତି । ଆକାଶରେ ଚନ୍ଦ୍ରଟା ଗୋଟାଏ ଅତି ନଗଣ୍ୟ, କିଛି ନୁହେଁ ବୋଲି ଜାଣିବାରୁ ଖୁସି ଲାଗିଲା । କିନ୍ତୁ ମତେ ଆହୁରି ଭଲ ଲାଗିଥାନ୍ତା ଯଦି ଗୋଟାଏ ପ୍ରକାଣ୍ଡ ଧୂମକେତୁ କୁଆଡ଼ୁ ମାଡ଼ିଆସି ଜହ୍ନ ଦେହରେ ବାଡ଼େଇହୁଅନ୍ତା, ଏଡ଼େ କୋଳାହଳ ମାଡ଼ ହଅନ୍ତା ଯେ ଜହ୍ନରେ ନିଆଁ ଲାଗିଯାଆନ୍ତା ଓ ସେଇଠୁ ଜହ୍ନ ପୃଥିବୀକୁ ତା'ର ନିଜ ଆଲୁଅ ପଠାନ୍ତା ।

ଜହ୍ନ ଆଲୁଅ ଟିକି ବିଟପ ହୋଇ ପଡ଼ିଥାଏ, ନାରୁବାର୍ଯ୍ୟମସ୍ତ ଭୂଷଣେଇ ଲୁଗା ପରି । ନଈର ମନ୍ଥର ଢେଉମାନେ ତାକୁ ହଲେଇଥାନ୍ତି । ତେଣୁ ମୋ ନେ ଦୂରରୁ ମାଡ଼ିଆସୁଥାନ୍ତି ଯେଉଁଠିକି ଆଖି ପାଏ ନାହିଁ ସେଇଠୁ, ପୁଣି ଅନ୍ତର୍ହିତ ହେଉଥାନ୍ତି ଓାଖ ଅଜଡ଼ାର କଳା ଛାଇ ତଳେ । ସେ ଦୃଶ୍ୟ ଦେଖି ଦେଖି ମୋ ମନ ଭିତରେ ନୂଆ ଶକ୍ତି ସଞ୍ଚାର ହେବାର ମୁଁ ଅନୁଭବ କରୁଥାଏଁ । ମୋର ଦୃଷ୍ଟିଭଙ୍ଗୀ ନୂଆ ପ୍ରକାର ପରିଷ୍କାର ହୋଇଗଲା ପରି ମତେ ଲାଗୁଥାଏ । ବିନା ପରିଶ୍ରମରେ ମୋର ମନ ଏଭଳି ସବୁ ଚିନ୍ତାରେ ମଜ୍ଜି ଯାଉଥାଏ, ଯାହା

Digitized by srujanika@gmail.com

କଷ୍ଟରେ କହୁହେବ ନାହିଁ । ସେସବୁ ଚିନ୍ତା ଦିନବେଳେ ମୋ ଜୀବନରେ କେବେ ଆସେ ନାହିଁ । ଜଳରାଶିର ପ୍ରବାହ ବୁଲୁଥାଏ ରଜା ବୁଲିଲା ପରି, ଶବ୍ଦ ନାହିଁ । ଫରେଷ୍ଟ ଅଞ୍ଚ ବୁଆ ନଈରେ କେତେବେଳେ ଏମୁଣ୍ଡରୁ କି ସେମୁଣ୍ଡରୁ ଗୋଟାଏ ବୋଇତ ଭାସିଆସେ, ଦିଶୁଥାଏ ଗୋଟାଏ ନାଲିଆ ଆଖି ଆଉ ଗୋଟାଏ ସବୁଜ ଚଢ଼େଇ ପରି । ଓଜନ ପକ୍ଷି ସାଁ ସାଁ ଶବ୍ଦ କଲାପରି ଗୋଟାଏ ଭଅଁଳ ସାଇଁ ସାଇଁ ଶବ୍ଦ ତା' ପଛେ ପଛେ ଭାସି ଭାସିଯାଏ । କେତେବେଳେ ଆରପାଖ ପଡ଼ିଆ ଉପରେ ଜଳୁଥିବ ଦିଶେ,ପାଣି ଉପରେ ଲମ୍ବ ଲମ୍ବ ନାଲି ଅଲୁଅର ଗାରମାନ ଲମ୍ବିଯାଏ । ସେ ଖାଲି କେଉଟଙ୍କ ମଶାଲ । କଳ୍ପନା କରୁହୁଏ,ସେଇଟା ଗୋଟିଏ ଘର ନ ଥିବା ତାରାଟିଏ, ଆକାଶରୁ ଓହ୍ଲେଇପଡ଼ିଛି, ନଈ ଫଳିଛିଏ ପରି ପାଣି ଉପରେ ଭାସି ଭାସି ବୁଲୁଛି ।

ବହିରେ ପଢ଼ା କଥାସବୁ ଅଦ୍ଭୁତ କଳ୍ପନା ପାଲଟିଯାଏ । ସେହି କଳ୍ପନାରେ ଅତୁଳନୀୟ ସୌନ୍ଦର୍ଯ୍ୟମୟ ନାନା ଦୃଶ୍ୟ ଝଲସି ଉଠେ; ଲାଗେ, ମୁଁ ସତେକି ନଈ ପଛେ ପଛେ ଭାସି ଭାସି ବୁଲୁଛି, ରାତିର ଶୀତଳ ପବନରେ ମୁଁ ଭାସି ବୁଲୁଛି ।

କେବେ କେବେ ଛନ୍ଦ୍ ପଡ଼ିଯାଏ । ରାତିରେ ସେ ଆହୁରି ଡେଙ୍ଗା ଦିଶେ, ଆହୁରି ଭଲ ଲାଗେ ।

ପଚାରେ, "କେଉଁଠୁ ତୁମେ ଏଠିକି ଅଇଲ ?'' ମୋ କଣ୍ଠରେ ବସିପଡ଼ି ଚନ୍ଦ୍ରାପୁର୍ଣ୍ଣି ନୀରବତାରେ ବୁଡ଼ିଯାଏ; ନଈ ଆଡ଼କୁ କି ଆକାଶକୁ ଅନାଇଁରହେ, ନାଲି ଯୁନେଲି ମିଶା ଧଳା ଦାଢ଼ିକୁ ଆଉଁସୁଥାଏ ।

ବେଳେ ବେଳେ ସେ ବଡ଼ ପାଟିରେ ସ୍ୱପ୍ନ ଦେଖେ, କହେ :

"ମୁଁ ଥୋଡ଼ାଏ ପାଠ ପଢ଼ିବ, ନାନାପ୍ରକାର ବହି ପଢ଼ିବ । ସେଥିରୁ ଯେତେ ନୂଆ ଅଛି ସବୁ ନୂଆକଥା ମୁଁ ଜାଣିବ, ଯାହା ମୁଁ ଦେଖିବ ସବୁ ବୁଝି-ପାରିବ । ମୁଁ ଅନ୍ୟମାନଙ୍କୁ ଶିଖେଇଦେବ । ହଁ, ନିଶ୍ଚୟ । ଭାରି ଭଲ କଥା ଭାଇ, ନିଜ ହୃଦୟକୁ ପର ଆଗରେ ଖୋଲିଦେଇପାରିବାଟା ଭାରି ଭଲ । ମାଇକିନିଅ-ମାନଙ୍କ ଆଗରେ ବି । ତାଙ୍କ ଭିତରେ କେତେ କେତେ ଏମିତି ଅଛନ୍ତି ଯେ ତମେ ତାଙ୍କୁ ତୁମ ହୃଦୟ ଭିତରୁ କଥା କହିପାରିଲେ ସେମାନେ ବୁଝିବେ । ସେଦିନ ମୋ ସାଙ୍ଗରେ ମୋ ଡଙ୍ଗାରେ ସେମିତି ଜଣେ ଥିଲା । ଆମେ ମଲେ ସେଇଠୁ ଆମର କଣ ହୁଏ ବୋଲି ସେ ମତେ ପଚାରିଲା । କହିଲି : "ନରକ ଅଛି ବୋଲି ମୁଁ ମୋଟେ ବିଶ୍ୱାସ କରୁନାହିଁ ମ । କି ସ୍ୱର୍ଗ ଅଛି ବୋଲି ବି ମୋର

Digitized by srujanika@gmail.com

ବିଶ୍ୱାସ ନାହିଁ ।" କହୁଲ, କେମିତି ଲାଗୁଛି ତା' କଥା ? ମାଇକେଲଅମାନେ ବି ରେ ସବ—ସେମାନେ......"

ଶେଷ ବୋତଲଟାକୁ ଅଣ୍ଡାଳିଲ; ସେଥିରୁ ପୁଣି କହିଲା :

"ହଁ, ସେମାନେ ଜୀଅନ୍ତା ପ୍ରାଣ ।"

ଲଜାରୁ ଗୋଟିଏ ଭିନ୍ନ ପ୍ରାଣୀ । ତା'ର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ଥିଲା । ତାକୁ ପ୍ରକାଶ କରିବାର ଭଙ୍ଗୀ ବି ତା'ର ମଧୁର । ସ୍ୱପ୍ନ ଦେଖୁଥିବା କଅଁଳା ଝିଅଟିଏ ପରି କଅଁଳ ଭାଷାରେ ପ୍ରକାଶ କରେ । ଈଶ୍ୱରଙ୍କ ଅସ୍ତିତ୍ୱରେ ତା'ର ବିଶ୍ୱାସ ଥିଲା । ଈଶ୍ୱରଙ୍କ ବିଷୟରେ ଖ୍ରୀଷ୍ଟିଆନ୍ ଧର୍ମର ଯେଉଁ ଧାରଣା, ସେ ସେଇ ଧାରଣାହିଁ କରିଥିଲା. କିନ୍ତୁ ତା'ର ବିଶ୍ୱାସରେ ଭୟ ନ ଥିଲା । ତା' ଧାରଣାରେ ଭଗବାନ ଜଣେ ବୃଦ୍ଧ ଲୋକ, ଚେହେରା ଖୁବ ସୁନ୍ଦର, ଆକାରରେ ଖୁବ୍ ବଡ଼ । ସେ ଏ ପୃଥିବୀର ଅଧିପତି, ଅଥଚ ଶାସକ ହିସାବରେ ଖୁବ୍ ଦୟାଳୁ । ସେ ମଣିଷକୁ ଜାଣିପାରନ୍ତି ନାହିଁ, କାରଣ "ସବୁକଥା କରିବାକୁ ତାଙ୍କୁ ବେଳ ନ ଥାଏ । ଆମେ ମଣିଷମାନେ ତ ସଂଖ୍ୟାରେ ବହୁତ ଗୁଡ଼ାଏ କନା ! ତେବେ ସେ ସବୁ ବୁଲେଇ ନେବେ ଯେ, ହଁ, ନିଶ୍ଚୟ ବୁଲେଇବେ, ରହିଥା, ଦେଖିବ । ଏକମାତ୍ର ଯୀଶୁଖ୍ରୀଷ୍ଟ ହିଁ, ମୁଁ ସେତିକି ବୁଝେ ନାହିଁ ଯେ ତାଙ୍କର ସ୍ଥାନ କେଉଁଠି । ଭଗବାନ ତ ଅଛନ୍ତି, ନା ନାହିଁ ? ବେଶ୍, ମୋ ପାଇଁ ସେତିକି ଯଥେଷ୍ଟ । କିନ୍ତୁ ଲୋକେ ତାଙ୍କ ସାଙ୍ଗକୁ ପୁଣି ଆଉ ଜଣକୁ ଫେର୍ ବାହାର କଲେ, କିଏ ନା ସେ ଭଗବାନଙ୍କ ପୁଅ । ଭଗବାନଙ୍କ ପୁଅ ହେଲେ କିଏ ହେଇଗଲା ? ମୁଁ ଜାଣିବାରେ ଭଗବାନ ତ ନରେନାହାନ୍ତି, ଜଇଛନ୍ତି !"

ବେଳେ ବେଳେ ଲଜାରୁ ଖାଲି ଚୁପ୍‌ଚାପ ମୋ କଡ଼ରେ ବସିଥାଏ, ମନେ ମନକୁ ମନ କ'ଣ ଭାବୁଥାଏ । ମଝିରେ ମଝିରେ ଦୀର୍ଘଶ୍ୱାସ ପକାଇ କହେ :

"ହଁ, ତ'ଣ ତ ସେଇଆ—"

"କଣ ହେଲା ?"

"କିଛି ନାହିଁ, ମୋ ମନକୁ ମନ କହୁଥିଲି ।"

ପୁଣି ଦୀର୍ଘଶ୍ୱାସ ପକାଇବ । ଦୂର ଦିଶୁଛି ମେଘୁଆ ମେଘୁଆ । ସେଇ ଆଡ଼କୁ ଚାହିଁଥିବ, କହିବ :

"ଭାରି ଚମତ୍କାର ମଣିଷ ଜୀବନ ।"

ମୁଁ ତା' ସହିତ ଏକମତ ହୁଏ :

Digitized by srujanika@gmail.com

"ହୁଁ, ଜୀବନ ଚମତ୍କାର ।"

ନଈ ଧାର ଗୁଳ୍ମ ଢାଙ୍କିଥିବା ମଟମଲ ଫିତା ପରି ଦିଶୁଥାଏ । ବିପୁଳ ଶକ୍ତିର ବିକାଶ ଦେଖାଇ ଆମ ସାମ୍ନାରେ ବୋହିଯାଉଥାଏ । ତା' ଉପରେ ତାରଖଚିତ ଗ୍ରୀଷ୍ମ ପଥର ରୂପେଲି ଫିତା ବାଙ୍କ ହୋଇ ହଜା ହୋଇ ରହୁଥାଏ । ବଡ଼ ବଡ଼ ତାରମାନେ ଉଜ୍ଜ୍ୱଳ ଥାଆନ୍ତି । ନୀଳ ଆକାଶରେ ସୁନେଲି ଜକଜକ ଲଟେଇ ଚଢ଼େଇ । ଜୀବନର ନାନା ଗୋପନ କଥା ବିଶ୍ୱର ସବୁ ହୃଦୟ ଭିତରେ ଆନନ୍ଦ ପୁଲକ ଭରୁଥାଏ, ହୃଦୟ ଗୀତ ଗାଉଥାଏ ।

ଦୂରରେ ପର୍ବତମାନଙ୍କ ଉପରେ ମେଘଗୁଡ଼ାକ ନାଲି ପଡ଼ି ଆସୁଅସୁ ଶିଖରଗୁଡ଼ିକ ଅଥ ଅବେଳରେ ତାକୁ ଫୁଟେଇପକାଏ, ଅସ୍ତଗାମୀ ସୂର୍ଯ୍ୟ ଆକାଶଯାକ ତା'ର ମୟୂରପୁଚ୍ଛ ବିଛେଇଦିଏ ।

ଆନନ୍ଦରେ ମୁରୁକ ମୁରୁକ ହସିଦେଇ ଇଜଟ୍ କହେ :

"ସତେ ଯେମିତି କମିଅଁ — ଏଇ ସୂର୍ଯ୍ୟ !"

ସେଓଗଛମାନଙ୍କରେ ଫୁଲ ଫୁଟିଥାଏ । ନାଲିସୁ ନାଲିସୁ ସେଓଫୁଲର ବହୁଦ ତଳେ ଗାଁ'ଟି ସତେ ଯେମିତି ପୋତିହୋଇପଡ଼ିଥାଏ । ବୁଣଅଣ୍ଡେ ସେ ଫୁଲର ମିଠା ବାସ୍ନା । ଅଲକାତର ଓ ଖତର ଦୁର୍ଗନ୍ଧକୁ ସେ ବାସ୍ନା ଘୋଡ଼େଇ-ପକାଏ । ଘରଠୁଁ ଷେତଯାକେ ଯେଉଁ ଗୋଳ ଜାଗା, ସେଠି ସିଧା ସିଧା ଧାଡ଼ି ଧାଡ଼ି ହୋଇ ଶହଶହ ସେଓଗଛ, ନାଲିସୁ ସାଟିନ୍ କନା ପରି ଫୁଲପାଖୁଡ଼ାରେ ବେଶ ହୋଇ ଠିଆ ହୋଇଥାନ୍ତି, ସତେ ଯେପରି ଉତ୍ସବ ପାଳିବାପାଇଁ । ଜହ୍ନ ରାତିରେ ଯେତେବେଳେ ଧୀର ପବନ ଖେଳେ, ଫୁଲରେ ସଜାହେଇ ଗଛଡ଼ାଳ-ଗୁଡ଼ିକ ହଲେ, ଲାଗେ ସତେ ଯେମିତି ବଡ଼ ବଡ଼ ଓଜନ ଓଜନ ଫେନିଳ ଧଳାଧଳା ଢେଉଗୁଡ଼ିଏ ଗାଁ' ଉପରେ ଲଗି ଲଗି ଚଢ଼ିଯାଉଛି । ବୁଲବୁଲ ଚଢ଼େଇମାନେ ଗୀତ ଗାଆନ୍ତି । ସେ ଗୀତ ମରମଭାବର ଆବେଗରେ ପରିପୂର୍ଣ୍ଣ, ଅକ୍ଳାନ୍ତ । ତଳଯାକ ଝାଳଂ ଚଢ଼େଇମାନେ ଖୁସିରେ ଜଟର ମିଟର ହେଉଥାନ୍ତି, ଅଙ୍କ ଅଦେଖା ଘରଚଟିଆ ଚଢ଼େଇମାନେ କେଉଁ ନୈଋତ୍ୟ ପୃଥିବୀ ଉପରେ ତାଙ୍କର ମିଠା ଅଶ୍ରାନ୍ତ ସଙ୍ଗୀତ ବର୍ଷୁଥାନ୍ତି ।"

ଛୁଟିଦିନ ସଞ୍ଜବୁଡ଼େ ଗାଁ'ର ଟୋକାଟୋକୀମାନେ ଗାଁ' ଦାଣ୍ଡରେ ଦଳଦଳ ହୋଇ ବୁଲିଯାଆନ୍ତି, ଗୀତ ଗାଉଥାନ୍ତି । ଆଧାର ଖାଇଲାବେଳେ ଚଢ଼େଇ-

Digitized by srujanika@gmail.com

ଢୁଅଙ୍କ ଅଣ୍ଡ ପର ତାଙ୍କ ପାଟି 'ଅଁ' କରିଥାନ୍ତି । ଅଷିର ସ୍ୱଦ୍ୱାଣି କର୍ପିଲ, ଅଳସ, ମୁଦ୍ରିତ ହସ ମଦୁଆ ମଦୁଆ । ଇଜନ୍ଟ୍ ବି ମଦୁଆ ମୁରୁକିହସା ଦିଏ । ସେ ଝିଙ୍କି ଯାଉଥିଲ, ତା' ଅଖି ଢୋରଡ଼ ଦିଶିଲ, କଳା କଳା ଗାଲ ଭିତରେ ଜନ୍ତୁଜନ୍ତୁ ସ୍ୱଦ୍ୱାଣି । ତା' ମୂର୍ତ୍ତିର ଗାରଟୁଡ଼ିକ ଅଦ୍ଭୁତ ଗମ୍ଭୀର, ଅଦ୍ଭୁତ ସୁନ୍ଦର ଦିଶିଲ । ଅଦ୍ଭୁତ ବେଶି ସେ ମୂର୍ତ୍ତି ଦିଶିଲ ସାଧୁପୁରୁଷ ମୂର୍ତ୍ତି ପରି । ସେ ଦିନଯାକ ନିଦରେ ଶୁଏ, ସଞ୍ଜ ପଡ଼ିଲେ ଗାଁ' ଭିତରକୁ ବାହାରେ । ଦଶେ ଜଣ ସ୍ୱବଳ୍ପ ପରି, ଅନ୍ୟମନସ୍କ । ଲୁକ୍ରିଫିକନ୍ ତାକୁ ଠଟ୍ଟା କରେ, ଅନେଭ ଠଟ୍ଟା କନ୍ତୁ ଭଲରେ ଭଲରେ । ବେଳକୁ ହୋଇ ହସିଦେଇ ସେ ଜବାବ ଦିଏ :

"ପାଟି ବନ୍ଦକର । ମଣିଷ ଆଉ କ'ଣଟା କରନ୍ତା ?"

ଆନନ୍ଦ ପୁଲକରେ ପାଟି କରିଥିଲେ :

"ଆରେ. ଜୀବନ କେଡ଼େ ମଧୁର, ସ୍ୱବଳ୍ପ ଟିକଏ ! କେତେ ସ୍ନେହ-ମମତା, କେତେ ଦୟା ମିଳେ ଏଇ ଜୀବନରେ ! ଜଣେ ଆଉ ଜଣକୁ ପ୍ରାଣକୁ ଆନନ୍ଦ ଚୁମ୍ବନ ଦେବାପାଇଁ କେଡ଼େ ସୁନ୍ଦର ସୁନ୍ଦର କଥା ସବୁ କହନ୍ତି, ସ୍ୱବ୍ ତ ! ଏମିତି ବଢ଼ିଆ ବଢ଼ିଆ କଥା ସବୁ କହନ୍ତି, ଥରେ ଶୁଣିଲେ ମଳଯାକେ ପରି ମଣିଷ ଭୁଲି-ପାରିବ ନାହିଁ । ଅଉ ମଈସାବଳ ପରେ ପୁଣି ଯେତେବେଳେ ମଣିଷ ବଞ୍ଚିବ ନା, ଅଗ ସେଇକଥ ପରି ମନେପଡ଼ିଯିବ !"

ହସିହସି ବେମାସ ତାକୁ ଗାଳିଦିଏ, "ହେଇ, ହୁସିଆର ! ସେ ମାଇକିନିଆ-ମାନଙ୍କ ବରମାନେ ତମୁକୁ ମାଡ଼େ ଦେବେଟି ! ବେଳ ଯାଇନାହିଁ !"

ଇଜନ୍ଟ୍ କହିଲ, "ତା' ତ ସତ, ମାତ୍ର ତ ମୁଁ ମୃନ୍ନେଇଚ ।"

ପ୍ରାପ୍ତ ପ୍ରତି ରାତିରେ ବୁଲ୍‌ବୁଲ୍ ଚଢ଼େଇମାନଙ୍କ ଗୀତ ଶୁଭୁଥିଲବେଳେ ସୁଅଡ଼ ମନ ସିଅଡ଼ ସିଗ୍ନଲ ଦନେମଟାଏ ସୁରଲହସ ସ୍ୱସିଥରେ, କେତେବେଳେ ଚୋଟା ଅଢ଼୍, କେତେବେଳେ ପଞ୍ଚଅ ଅଢ଼୍ କ କେତେବେଳେ ନଇକୁଳ ଅଢ଼୍ । ସେ ଗୀତ ଦୋଳିଲେ ସ୍ୱର ସୁନ୍ଦର ଶୁଭେ, ଅସ୍ପର୍ଶ ପ୍ରଭାରେ ସୁନ୍ଦର । ତା' ଗୀତ ଖାଦଙ୍କରେ ଚମ୍ପାମାନେ ବି ତା'ର ଅନେକ ଦୋଷ କ୍ଷମା କରନ୍ତି ।

ଶନିବାର ସଞ୍ଜବୁଡ଼େ ବେଶି ବେଶି ଗାଁ' ଲୋକ ଆମ ଦୋକାନରେ ଜୁଟନ୍ତି । ତାଙ୍କ ଭିତରେ ସୁନ୍ଦରଭ୍ ବୁଢ଼ା, ବାବନଭ୍, କମାର ଝୋଟଭ୍ ଆଉ

Digitized by srujanika@gmail.com

ମିଶ୍ରନ୍ ତ ସବୁବେଳେ ଆଆନ୍ତି । ବସିଥାନ୍ତି, ଖୁବ ଖୁବ କେତେ କଥା ଗପନ୍ତି । ଜଣେ ଉଠିଯାଏ, ଆଉ ଜଣେ ଆସେ । ଏମିତି ଲାଗିଥାଏ ରାତି ଅଧଯାକେ । ବେଳେ ବେଳେ ମଦ ନିଶାରେ କିଏ ଗୋଳମାଳ ଆରମ୍ଭ କରିଦିଏ । ବେଶି ଥର ସେମିତି ଗୋଳମାଳ କରେ କୋଷ୍ଟିନ୍ । ଆଗେ ସୈନିକ ଥିଲା, ତା'ର ଗୋଟିଏ ଆଖି ଥାଏ, ବାଁ ହାତରୁ ଗୋଡ଼ିଏ ଅଙ୍ଗୁଠି କଟିଯାଇଥାଏ । ଗଞ୍ଜା କୁକୁଡ଼ା ପରି ଛାତି ଫୁଲେଇ ପହଲ ଦେଖାଇ ସେ ମାଡ଼ିଆସେ । ହାତପାଖେ ଯାମିକଙ୍କୁ ଉପରକୁ ଟେକିଦେଇଛି, ଦ' ହାତରେ ମୁଥଟେ ପାଉ ସିଆଟେ ଶୂନ୍ୟରେ ବଧା ବୃଷ୍ଟି କରୁଛି । ଘାଗଡ଼ା ଫଟା ଗଳାରେ ରଡ଼ୁଥିବ :

“ହୋ, ରେମାଷ୍, କୁଆଡ଼େ ଗଲ ? ତୁମ ଧର୍ମବାନ୍ ହାପ ମହା ବଦମାସ୍ ! ବଡ଼ା ଅମକୁ କାହିଁକି ତୁମେ ଗିର୍ଜାମନ୍ଦିରକୁ ନ ଯାଉଚ ? କହିବାକୁ ପଡ଼ିବ । କହ ! ସବୁ ଗଣ୍ଡଗୋଳର ମୂଳ । ବିଧର୍ମୀ । ତୁମେ କେମିତିଆ ଲୋକ ଅମେ ଜାଣୁଁ ଛିଜିଏ । କହ, ବଡ଼ା !”

ଲୋକେ ହସରେ ଉଡ଼ାନ୍ତି ।

ପଚାରନ୍ତି, “କୋଷ୍ଟିନ୍, ଅଚ୍ଛା, କହିଲ, ତମ ଅଙ୍ଗୁଠିଗୁଡ଼ାକ କାହିଁକି କଣ୍ଟକ ମାଉ ଉଡ଼େଇଦେଲ ହୋ ? ଚିର୍କିଲୋକଗୁଡ଼ାଙ୍କ ଡରରେ ପ୍ଲାନଅ ହୋଇଗଲ କି ?”

ଏତିକି କହିଦେଲେ ସେ ମାଡ଼ ମାରିବାକୁ ଧାଇଁଆସେ । ଚଷାମାନେ ତାକୁ ଧରିପକାନ୍ତି । ବଡ଼ ପାଟି କରି ହସିହସି ତାକୁ କାନ୍ଧ ଗୋଡ଼ର ଦାଢ଼ରୁ ଟାଲୁଏ ଟାଲୁଏ ଦଅନ୍ତି ତଳକୁ ଗଡ଼େଇ । ସେ ଗଡ଼ଗଡ଼କା ତଳକୁ ତଳକୁ ଯାଉଥାଏ, ଚିଁଗ୍ରେଉଥାଏ :

“ଧାଇଁପଡ଼ ହୋ, ମାରିପକେଇଲେ ହୋ !”

ସେଇଠୁ ସେ ପୁଣି ଟାଲୁ ଚଢ଼ିଚଢ଼ି ଉପରକୁ ଆସେ । ଗୋଡ଼ରୁ ମୁଣ୍ଡଯାକେ ଗୋଟିକଯାକ ଧୂଳିସରସର ହୋଇଥାଏ । ଅସି ଖେମାସକୁ ପଚାରେ, “ଗିଲ୍ସେ ଉଡ଼ିକା ମଦ ଦାମ୍ କେତେ ?”

“କଣ ହେବ ?”

“ଏ ଲେଉଟି କୁଣିଆ ଚର୍ଚ୍ଚା ଲଗିଛୁ, ସେଇଥିପାଇଁ ।” କୋଷ୍ଟିନ୍ କହେ ।

Digitized by srujanika@gmail.com

ଚଷାମାନେ ହସିହସି ଗଡ଼ନ୍ତି ।

ସେଦିନ ଛୁଟିଦିନ ଥାଏ । ସକାଳଓଳି, ଗୃହିଣୀ ରୋଷେଇଘରେ ଚୁଲି ଲଗେଇ ଅଗଣାକୁ ଯାଇଥାଏ । ଦୋକାନଘରେ ମୁଁ ଏକୁଟିଆ ଥାଏଁ, କାମ କରୁଥାଏଁ । ସେତିକିବେଳେ ଭୁସ୍‌କିନା ସୁ ସୁ ହୋଇ ଗୋଟାଏ ଦୀର୍ଘଶ୍ୱାସ ଶବ୍ଦ ଭଳିଆ ଘର ଭିତରେ ଶୁଭିଲା । ଦୋକାନ ଗୋଟାପଣାକ ଅନ୍ଧାରଗଲା । ଥାକ ଉପରୁ ଟିଣ ଟିଣ ମିଶ୍ରୀ ଭୂମିସାତ୍ ତଳେ ଅଜାଡ଼ି ହୋଇ ପଡ଼ିଲା । କାଚ ବୋତଲପରି ଝଣ ଝଣ ଶବ୍ଦ ଶୁଭିଲା, ଶୁଭିଲା ଯେମିତି କେତେ କ'ଣ ଜିନିଷ ଘର ଚଟାଣରେ ଅଜାଡ଼ି ହୋଇ ପଡ଼ୁଛି । ରନ୍ଧବା ଘର ବଖରା ଭିତରକୁ ମୁଁ ଦୌଡ଼ିଗଲି । ରୋଷେଇଘରୁ ମେଘ ପରି କଳା କଳା ଧୂଆଁ ମୋଡ଼ି ମୋଡ଼ି ହୋଇ ବାହାରିଆସୁଥାଏ । ଧୂଆଁ ପଛଆଡ଼େ କ'ଣଟାଏ ସାଇଁସାଇଁ ସୁ ସୁ ଗର୍ଜୁଥାଏ । ରେମାସ ମୋ ହାତରୁ ଧରିପକାଇ ପାଟିକଲା, "ଭଉଣୀ !" ତେଣେ ଅଗଣାରେ ଗୃହିଣୀ ମାଇକିନିଆଟି ପାଟିକରି କାନ୍ଦିଲା :

"ଅଛା ଓଲମୀ ମାଇକିନା ସେ !"

ରେମାସ ଧୂଆଁ ଭିତରେ ଦୌଡ଼ିଯାଇ ରୋଷେଇଘରେ କ'ଣ ଖୁଡ଼ୁରୁ ଖାଡ଼ୁରୁ ଲଗେଇଦେଲା । ସେ ବଡ଼ ପାଟିରେ ଗାଳି ଦେଉଥାଏ; ପାଟିକଲା : "ସେ ଝରକା ବନ୍ଦ କର୍, ପାଣି ଆଣ୍ !"

ଘର ଚଟାଣରେ ଜାଳେଣି କାଠଫଳାଗୁଡ଼ାଏ ପଡ଼ିଥାଏ । ସେଥିରୁ ଧୂଆଁ ବାହାରୁଥାଏ । ତା' ସଙ୍ଗରେ ଇଟାଗୁଡ଼ାଏ ବି ଛୁ· କି ପଡ଼ିଥାଏ; ଜଳନ୍ତା ଅଙ୍ଗାର-ଗୁଡ଼ାଏ ବି । ଚୁଲିର କଳା ମୁହଁଟା ଦିଶୁଥାଏ ଫମ୍ପା । ଧୂଆଁ ଭିତରେ ଅନ୍ଧ ହୋଇ ହୋଇ ଯେଉଁଠି ପାଣି ରଖାହୋଇଥିଲା ମୁଁ ସେଠିକି ଗଲି । ସେଇଠୁ ମୁଁ ସେ କାଠଗୁଡ଼ାକ ଗୋଟେଇ ଗୋଟେଇ ଚୁଲିରେ ପକାଇବାକୁ ଲାଗିଲି ।

ରେମାସ୍ କହିଲା, "ହେ, ହୁସିଆର୍ !" ସେ ଗୃହିଣୀକୁ ବାଟ କଢ଼େଇ କଢ଼େଇ ନେଉଥାଏ । ରନ୍ଧବା ଘର ଭିତରକୁ ତାକୁ ପେଲିଦେଇ ସେ ପାଟିକଲା :

"ଯା, ଆଗ ଦୋକାନରେ ତାଲା ପକାଇଦେଇ ଆସ ।" ମତେ କହିଲା, "ହୁସିଆରି ! ଅଦ୍ଭୁତ ବିସ୍ଫୋରଣ ଘଟିପାରେ ।"

Digitized by srujanika@gmail.com

ସେ ତଳେ ବସିପଡ଼ି ତଳେ ପଡ଼ିଥିବା ଗୋଟାଳିଆ କାଠଖଣ୍ଡଗୁଡ଼ାକୁ ଗୋଟି ଗୋଟି କରି ତନଖି କରି ଦେଖିଲା । ସେଇଠୁ ଚୁଲି ପାଖକୁ ଯାଇ ମୁଁ ଯେଉଁ କାଠକୁ ଚୁଲିରେ ପକାଇଥିଲି, ସେଗୁଡ଼ାକ ଖଣ୍ଡ ଖଣ୍ଡ କରି ଓଟାରି-ଆଣିଲା ।

"ହେ କ'ଣ କରୁଛ ?"

"ହଉ ଅନା, ଏ ଖଣ୍ଡକ ଦେଖ ।"

ସେ ମୋ ଆଡ଼କୁ ଯେଉଁ କାଠଖଣ୍ଡକ ଦେଖାଇଲା, ସେଇଟା ଆଶ୍ଚର୍ଯ୍ୟଭାବରେ ଫାଟିଫୁଟି ଯାଇଥାଏ । ଭଲକରି ନଜର କଲାରୁ ମୁଁ ଦେଖିଲି ଯେ, ଭଅଁର ଲଗେଇ ତା' ଭିତରେ ପୋଲ କରାଯାଇଛି ଓ ସେ ପୋଲ ଅଗ୍ରକଯାକ ଭିତରପାଖେ କଳାଗୁଡ଼ାଏ ଲାଗିଛି ।

"ଦେଖୁଛନ୍ତି ! କିଏ ଜଣେ ବଦମାସ୍ ଏହା ଭିତରେ ପୂରି ପଶିଲା ପରି ବାରୁଦ-ଗୁଡ଼ାଏ ପୂରାଇ ଦେଇଥିଲା । ଆଚ୍ଛା ଓଲୁ ଲୋକଗୁଡ଼ାକ ! ଅଧସେରେ ବାରୁଦରେ ତୁମେ କ'ଣ ତାହାର ଷଢଟା କରିପକାଇବ ହୋ ?"

ସେ ସେଇ କାଠଟାକୁ କାଢ଼ି ଦୂରେଇଦେଇ ଧୋଇବସିଲା । କହିଲା : "ଭଲ ହେଲା ଯେ, ଗୃହିଣୀ ଅକସିନ୍ୟା ରୋଷେଇ ଘର ଭିତରେ ନ ଥିଲା; ନ ହେଲେ ମାଡ଼ ବାଜିଥାନ୍ତା ।"

ବାରୁଦ ଗନ୍ଧ ହେଉଥିବା ଧୂଆଁ ବାହାରିଯାଇଥିଲା । ମୁଁ ଦେଖିଲି ଯେ ଆଗରେ ଥୁଆହୋଇଥିବା ଚିନାବାସନଗୁଡ଼ାକ ଚୂନା ହୋଇଯାଇଛି; ଝରକାର କାଚଗୁଡ଼ାକ ଆଉ ନାହିଁ, ଚୁଲିମୁହଁ ଭିତରକୁ ବହୁତଗୁଡ଼ାଏ ଇଟା ଛିଡ଼ି-ଯାଇଛି ।

ଏପରି ଅବସ୍ଥାରେ ଯେ ବେମାର ଧୈର୍ଯ୍ୟ ଧରି ଶାନ୍ତ ହୋଇ ରହିଥାଏ, ସେଇଟା ମୋ ଅଧିକ ଭଲ ଲାଗିଲା ନାହିଁ । ତା' ବ୍ୟବହାର ଦେଖି ମତେ କରୁ-ଥାଏ, ଯେତେ ଅବା ଏ ବଦମାସ କାଣ୍ଡ ଦେଖି ସେ ଟିକିଏ ବି ରାଗୁନାହିଁ ।

"ଜଅଁ ! ଜଅଁ ! ବେମାସ୍ ଘରେ ଜଅଁ !" ଗୋଟାଏ ମାଇକିନିଆ ବୋବାଳି ଛାଡ଼ୁଥାଏ ।

Digitized by srujanika@gmail.com

ଅଲ୍‌ଫିନା ବ୍ୟସ୍ତ ହୋଇ ପାଟିକଲା, "ଥୋମାସ, କେବେ ତୋଡାନଘର ସଙ୍ଗେ ପଡ଼ିବାକୁ ବସିଛନ୍ତି ।" ସେ ତା' ଓଦା ଦାଢ଼ିକୁ ଶୁଖୋଉଥାଏ, କହିଲା, "ରହ, ପାଟି କରନା, ମୁଁ ଯାଉଚି ।"

ରହୁଥିବା ଘରର ଖୋଲା ଝରକାମାନଙ୍କରେ ବହୁତ ମଣିଷ ଅନେଇଥାନ୍ତି । ତାଙ୍କ ମୁହଁଯାକ ବାଳ, ମୁହଁରେ ଝାଳ ଓ ଭସ୍ମ ଲଗି ଭୃକୁଟୀ, ଧୂଆଁରେ ଆଖିଲାଲ ଜଳୁଥାଏ । ସେମାନେ ସେଇ ଧୂଆଁରେ ଆଖି ବୁଲେଇ ବୁଲେଇ ଅନେଇରହିଥାନ୍ତି । କିଏ ଜଣେ ଖୁବ ଉତ୍ତେଜିତ ହୋଇ ଚିଲ୍ଲେଇ ଚିଲ୍ଲେଇ କହୁଚି : "ତଡ଼ିଦିଅ ମ ସେଗୁଡ଼ାଙ୍କୁ ସେ ଗାଁରୁ, ପାପ ଯିବ । ନହେଲେ ଖାଲି ସବୁବେଳେ ଗୋଳମାଳ ଲଗେଇଥିବେ ।"

ଗୋଟାଏ ଗୋଲମୁଣ୍ଡିଆ ଗ୍ରେଟ୍ଟିଆ ମଣିଷ ବାରମ୍ବାର ଚେଷ୍ଟା କରୁଥାଏ କେମିତି ଝରକାବାଟେ ଚଢ଼ିଆସିବ । ପ୍ରତ୍ୟେଥର ସେ ଚେଷ୍ଟା ଆରମ୍ଭ କରିବା ଆଗରୁ ଆଗ ଠାକୁରଙ୍କୁ ସୁମରି ଶ୍ରଦ୍ଧାରେ ହାତକୁ ଛକି ପକାଏ, ଗୁଣୁଗୁଣୁ ହୋଇ କ'ଣ କହେ ସେ ଶୁଭେ ନାହିଁ । କିନ୍ତୁ ସେ ଚଢ଼ିପାରିଲା ନାହିଁ । ତା' ଡାହାଣ ହାତଟା ତ ଖାଲି ନ ଥାଏ । ସେ ହାତରେ ଗୋଟାଏ ଟାଙ୍ଗିଆ । ଖାଲି ବାଁ ହାତରେ ଝରକା ଦାଣ୍ଡିକୁ ମୁଠେଇ ଧରି ଉହୁଙ୍କି ହୁଏ, ଆଉ ସବୁଥର ତା' ମୁଠା ଯାଏ ଖସି ।

ଗୋଲ ଭାଠଟାକୁ ହାତରେ ଧରି ଥୋମାସ ତାକୁ ପଚାରିଲା, "କୁଆଡ଼େ ମାଡ଼ିଆସୁଚ ?"

"ନିଆଁ ନିଭେଇବ ବୋଲି ।"

"ନିଆଁ ଫିଆଁ ନାହିଁ, ଯାଃ !"

ଚପାଃ କି ପାଟି ଓଁ କଲା, ସେଇଠୁ ଅଦୃଶ୍ୟ ହେଲା । ଥୋମାସ୍ ତୋଡାଜ ପିଣ୍ଡାକୁ ପଦାକୁ ବାହାରିଲା । ଭାଠଟାକୁ ସେ ଲୋକମାନଙ୍କୁ ଦେଖାଇ କହିଲା :

"ତମ ଭିତରୁ ଜଣେ କେହି ସେ ଭାଠ ଭିତରେ ବାରୁଦ ପୁରେଇ ସେଟାକୁ ଆମ ଜାଳେଣି ଭାଠ ସଙ୍ଗରେ ମିଶେଇ ଥୋଇଦେଇଥିଲ । ତେବେ ଦେଖି ଖଡ଼ କଲବଲ ସେଟା ଭିତରେ ଯେତେ ବାରୁଦ ନ ଥିଲା ।"

Digitized by srujanika@gmail.com

ଗ୍ରେମାସ୍ ପଛପଟେ ଠିଆ ହୋଇ ମୁଁ ସେ ଗରିବ ଅଡ଼କୁ ଚାହିଁଥାଏଁ । ଝାଙ୍କିଆ ଧରମ୍ପତା ଚଷାଟି ଖୁବ ଉଲସାଇଥିଲା ପରି ଦିଶୁଥାଏ । ସେ ତା' ପାଖ ଲୋକକୁ କହୁଥାଏ :

"ସେ କାଠଖଣ୍ଡକ ସେ ଯେତେ ଜୋରରେ ମୋ ଅଡ଼କୁ ଫିଙ୍ଗିଦେଲା ନା…"

ସୈନିକ କୋସ୍ତିନ୍ ମଦ ପିଇଥାଏ, ପାଟି କରୁଥାଏ :

"ଦିଅ ଚଡ଼ ତାକୁ । ଧର୍ମଦ୍ରୋହୀ କାହିଁକା ! ଘୋଷାଡ଼ ତାକୁ କଚାଣିକ ।"

କିନ୍ତୁ ଚେଷିସ୍କର ଲୋକ ଚୁପ୍ ଥାନ୍ତି । ସେମାନେ ଏକଲୟରେ ଗ୍ରେମାସ ଅଡ଼କୁ ଅନାଇଁଥାନ୍ତି । ସେ ଯାହା କହୁଥାଏ ତାକୁ ସନ୍ଦେହରେ ସନ୍ଦେହରେ ଶୁଣୁଥାନ୍ତି । ସେ କହୁଥାଏ :

"ମୋଟାର ଘର ଉଡ଼େଇଦେବାକୁ ମନକଲେ ବନ୍ଧୁକଗୁଡ଼ାଏ ବାରୁଦ ଦରକାର; ଏକ 'ଫୁଙ୍କ୍' ଲାଗିପାରେ । ହଉ, ଘରକୁ ଯାଉନା କାହିଁକି ?"

କିଏ ଜଣେ ପାଟିକଲା :

"ଆରେ, ଗ୍ରାଚେସ୍ତା କାହିଁ ରେ ?"

"ହର୍ଯ୍ ଦ୍ନକ୍ରି ଡାକଆଣ ।"

ଚଷାମାନେ ଅନିଚ୍ଛାସତ୍ତ୍ୱେ ଧୀରେ ଧୀରେ ଚାଲିଗଲେ । ସେମାନେ ନିରାଶ ହୋଇଥିଲେ ବୋଲି ଲାଗୁଥାଏ ।

ଆମେ ସବୁ ଘର ଭିତରକୁ ଗଲୁଁ । ଆଲ୍ଫିନ୍ୟା ବ୍ଲୁ' ଆଣି ଡାଲିଦେଲା । ଏତେ ଶାନ୍ତ, ଏତେ ବନ୍ଧୁତାପୂର୍ଣ୍ଣ ମୁଁ ତାକୁ ଆଗରୁ କେବେ ଦେଖି ନ ଥିଲି । ଗ୍ରେମାସ୍ ଆଡ଼କୁ ସହାନୁଭୂତିଶୀଳ ଚାହାଣିରେ ଅନାଇଁ ସେ କହିଲା :

"ତୁମେ ତ କେବେ କାହା ନାଁ'ରେ ମକଦ୍ଦମା କର ନାହିଁ । ସେଇଥିପାଇଁ ସିନା ଯାହାର ଯେମିତି ମନ ହେଲା ସେମିତି ଅତ୍ୟାଚାର ତମ ଉପରେ ସାଧୁଛନ୍ତି !"

Digitized by srujanika@gmail.com

"ପ୍ରତି ବାଟେ କଥା ଲାଗି ଭାବିବାକୁ ମୋର ବେଳ ନାହିଁ ।"

ମୁଁ ଭାବିଲି, ସମସ୍ତେ କିପରି ଏମିତି ଧୀର, ଶାନ୍ତ, ଅବିଚଳିତ ହୋଇ ନିଜ ନିଜ କାମ କରୁଥାନ୍ତି !

ଆଉ ଅଳ୍ପ କେତେ ଦିନେ ସେ ଜାହାଜ୍ ବନ୍ଦରକୁ ଯିବାକୁ ବସିଥାଏ । ମତେ ପଚାରିଲା ଜାହାଜ୍‌ରୁ ମୋ ପାଇଁ କି କି ବସ୍ତୁ ସେ ଆଣିଦେବ ।

କେବେକେବେ ମୁଁ ଭାବୁଥିଲି ଯେ ଏହି ଲୋକର ଅସ୍ଥିରତା ଯେଉଁ ଜାଗାରେ ରହିବା କଥା, ସେଠି କ'ଣ ଗୋଟାଏ କଳ ଖଞ୍ଜା ହୋଇଛି । ସେ କଳରେ ଏମିତି ସ୍ପ୍ରିଂ ମୋଡ଼ା ହୋଇଛି ଯେ ଜୀବନସାରା ସେ ଏକାପ୍ରକାର ଚାଲିଥିବ । ମୁଁ ସେମାନଙ୍କୁ ଖୁବ ଭଲ ପାଉଥିଲି, ଖୁବ ସମ୍ମାନ କରୁଥିଲି । କିନ୍ତୁ ସେ ଯଦି ଦିନେ କେବେ ରାଗିଥାନ୍ତା, ବାଟରେ ପାଟି କରିଥାନ୍ତା, ଗୋଡ଼ କଚାଡ଼ିଥାନ୍ତା, ସେ ରାଗ ମୋ ଉପରେ ହେଉ କି ଆଉ କାହା ଉପରେ ହେଉ ଚିନ୍ତା ନାହିଁ, ତେବେ ମତେ ତା' ଭଲ ଲାଗିଥାନ୍ତା । ସେଇଥି ମୁଁ ମନେ ମନେ ଖୋଜୁଥିଲି । କିନ୍ତୁ ମତେ ଲାଗୁଥାଏ ସେ ସେ ରାଗର ବଶବର୍ତ୍ତୀ ହୋଇପାରିବେ ନାହିଁ, ହେବେ ନାହିଁ । କୌଣସି ପ୍ରକାର ମୂର୍ଖତା କି ଦୁଷ୍ଟାମି ଦେଖି ବିରକ୍ତ ହେଲେ ସେ ତାଚ୍ଛିଲ୍ୟରେ ତା'ର ଖଇରିଆ ଆଖିକୁ ଧାର ଧାର ମିଞ୍ଜି ମିଞ୍ଜି କରି ଗମ୍ଭୀର କଣ୍ଠରେ ପଦେ କହିବ । ତା' କଣ୍ଠସ୍ୱର ଖୁବ୍ ସରଳ ଓ ଅଳ୍ପ; କିନ୍ତୁ ସବୁବେଳେ ସ୍ପଷ୍ଟ ।

ଥରେ ସୁପ୍‌ଲଭ୍‌କୁ ସେ ପଚାରିଲି :

"ତୁମେ କାହିଁକି ଭଲ ଭଣ୍ଡାମି କରୁଛ, କହିଲ ? ତୁମେ ପୁଣି ଜଣେ ବୁଢ଼ା ଲୋକ !"

ବୁଢ଼ା ନଖ ଝିର ଟାକୁଆ ଗାଲ ଆଉ କପାଳ ଉପରେ ଧୀରେ ଧୀରେ ନାଲି ପଡ଼ିଗଲା । ତା'ର ବରଫ ପରି ଧଳା ଦାଢ଼ିର ମୂଳ ବି ସତେ କି ନାଲି ପଡ଼ିଗଲା ।

"ଭଣ୍ଡ ନାକ ଉପରେ ତ କିଛି ଉପକାର ହେଉ ନାହିଁ ! ଲୋକଙ୍କଠୁଁ ସମ୍ମାନ ଟିକିଏ ପାଉଥିଲି, ସେତିକି ଯିବ ।"

ସୁପ୍‌ଲଭ୍ ମୁଣ୍ଡ ନୁଆଇଁଦେଲା । କହିଲା :

Digitized by srujanika@gmail.com

"ସତ କଥା । କିଛି ଉପକାର ନାହିଁ ।" ପରେ ଇକର୍ ଆଗରେ କହିଲା, "ଏମିତିଆ ଲୋକ ସିନା ନେତା ହେବାକୁ ଯୋଗ୍ୟ । ଆମେ ବାଛି ବାଛି ଏମିତିଆ ଲୋକଙ୍କୁ ହାକିମହୁକୁମା ନିଯୁକ୍ତ କରନ୍ତେ କି !"

ଅନ୍ୟ କଥାରେ ପରିଷ୍କାର କରି ରେମାସ ମନେ ବୁଝାଇଦେଲା ଯେ ସେ ସୁବିଧାଲେ ମୁଁ କାମଧାମ କେମିତି ଚଳେଇବ । ମାଛିଟାଏ କି ମୁଣ୍ଡଦେଲେ ଲୋକ ଯେକଟା ଯେମିତି ଭୁଲିଯାଏ, ଯାକ ଲେ ଦେଖିଥିବା ବହୁତେ କଥା ଓ ତାକୁ ଧମକେଇବା ଚେଷ୍ଟା କଥା ସେ ସେମିତି ଭୁଲିଗଲେଣି ବୋଲି ମନେ ଲାଗୁଥାଏ ।

ପାନ୍‌କଭ୍ ଅଟିକ । ତାଙ୍କୁ ଭଲ କରି ଦେଖିଲା । ମୁହଁ ଫଲେଇ ପଚାରିଲା :

"ଗୁଡ଼ଅଁ ହେଲ ?"

"କାହିଁକ ?"

"ଲଢେଇ ଲଗିବକ ସେ !"

"ଆଃ, ଅମ ଘରେରେ ସୁଦ୍ଧା ନାଇବ ।"

"ନାହିଁ, ମୋ ଖବର ଅଟକେଇଥିବ ।"

"କୁଆଡ଼େ ଯାଇଥିଲ ?"

"ମାଛ ମାରି, ଇକର୍ ସାଙ୍ଗରେ ।"

ସେ ଝୁଲିଗଲା । ରେସପେଇଘର ବାଟେ ଯାଉଯାଉ ଚିନ୍ତିତ ହୋଇ ବାରମ୍ବାର କହୁଥାଏ, "ଲଢ଼େଇ ଲାଗିଗଲା ।"

ରେମାସ୍ ସାଙ୍ଗରେ କଥା କହିଲାବେଳେ ପାନ୍‌କଭ ଅନ୍ୟ କଥା କହେ, ସତେ ଯେମିତି ଯେତେ ଯାହାହେଉ ଜରୁରୀ କଥା, ଜଟିଳ କଥା ଥିଲା, ସେଗୁଡ଼ାକ ସବୁ ସେ ଦୁହିଁଙ୍କ ଭିତରେ ଆଗରୁ ଆଲୋଚନା ହୋଇସାରିଛି । ଯେତେବେଳେ ରେମାସ୍ ସମ୍ରାଟ୍ ଇଭାନ୍ ଗ୍ରଜ୍‌ନିଙ୍କ ରାଜତ୍ୱ କାହାଣୀ ଠିକେ ଠିକେ କହିଗଲା, ମୋର ମନେ ଅଛି, ସେତେବେଳେ ଇକର୍ କହିଲା, "ସେ ରଜା ବଡ଼ ହୁଇରାଣିଆ ।"

Digitized by srujanika@gmail.com

କ୍ରୁସ୍କନ୍ କହିଲ, "ଫାଂସେଇଟାଏ ।"

କିନ୍ତୁ ପାନ୍‌କଭ୍ ଦୃଢ଼ ଅସମ୍ବଶ୍ବାଦ ଦେଖାଇ କହିଗଲ :

"ତାଙ୍କ କାର୍ଯ୍ୟରୁ ତାଙ୍କର ଭଲ ବୁଦ୍ଧିବିଚାର ଥିବାର ଜଣାପଡ଼େ ନାହିଁ । ସେ ବଡ଼ ବଡ଼ ରାଜାମାନଙ୍କୁ ମାରିପକାଇଲେ ତ କ'ଣ ହେଲା ? ସେମାନଙ୍କ ସ୍ଥାନରେ ଖାଉଡ଼ି ଖାଉଡ଼ି ସାନ ସାନ ଜମିଦାରଙ୍କୁ ତ ସେ ପାଳିପୋଷି ବଢ଼ାଇଲେ । ବାହାରୁ ସେମିତିଆ ବିଦେଶୀଗୁଡ଼ାଙ୍କୁ ବି ଆଣି ପୂରେଇଲେ ତ ! ଏଗୁଡ଼ାକ ବୁଦ୍ଧି-ବିଚାରବାଲା କାମ ନୁହେଁ । ସାନ ଜମିଦାର ବଡ଼ ଜମିଦାରଠୁଁ ଅଧିକ ଖଳ । ମାଛିଟା ଗଧିଆ ନୁହେଁ କି ମାଛିଟାକୁ ବନ୍ଧୁକରେ ମାରିହୁଏ ନାହିଁ । କିନ୍ତୁ ଗଧିଆଠୁଁ ବଳି ମାଛିଟାଏ ମଣିଷକୁ ବେଶି ହଇରାଣ କରେ ।"

କ୍ରୁସ୍କନ୍ କାବୁଅ ହାଣ୍ଡିଏ ଧରି ଆସି ପହଞ୍ଚିଲା । ଲଟାଗୁଡ଼ାକ ଚୂଲି ମୂହଁରେ ସେ ବସାଉଥାଏ, କହୁଥାଏ :

"ସେ ବଦମାସଗୁଡ଼ାକ କ'ଣ ସେ ଫାନ୍ଦ ଚିହ୍ନନ୍ତି ! ନିଜ ଦେହରୁ ଉକୁଣୀ ତ କାଢ଼ିପାରିବ ନାହିଁ, ଖାଲି ଗୋଟାଏ ମଣିଷକୁ ଜୀବନରୁ ମାରିଦେବା କଥା ପଡ଼ିଲେ ଅଣ୍ଟା ଭିଡ଼ି ଲାଗିପଡ଼ିବେ । ଗୁଡ଼ାଏ ବେଶି ଜିନିଷ ରଖ ନାହିଁ ହୋ ଗ୍ରେମାସ, ବରଂ ବେଶି ଥର ଜିନିଷ ଆଣିବାକୁ ଯା' ଆସ କର ପଛେ, ଏକାଥରକେ ଗୁଡ଼ାଏ ଜିନିଷ ଆଣିବ ନାହିଁ । ତୁମେ ଜାଣି ନ ଥିବ ସେ ଲୋକେ ଏ ଘରେ ନିଆଁ ଲଗାଇ-ଦେବେଣି । ଗୋଲମାଲ ନିଶ୍ଚୟ ହେବ, କାରଣ ତୁମେ ଅଇଲା ସେ ଜିନିଷଟା ନିଷ୍ପତ୍ତି କରିଦେବାକୁ ବସିଛ ।"

'ସେ ଜିନିଷଟା' ଗାଁ'ର ଧନୀ ଲୋକଙ୍କୁ ଅତ୍ୟନ୍ତ ଅପ୍ରୀତିକର । ସେ ଗୋଟାଏ ଫଳଚାଷୀମାନଙ୍କ ସମବାୟ ସଂସ୍ଥା ଗଢ଼ିବା କାମ । ସେତେବେଳେ ସରକ ପାନ୍‌କଭ୍, ସୁଚ୍ଛଭ୍ ଓ ଗାଁ'ର ଆଉ ଦୁଇ ତିନି ଜଣ ପରିଷ୍କାର ମୁଣ୍ଡବାଲା ଚାଷୀଙ୍କ ସାହାଯ୍ୟ ନେଇ ଗ୍ରେମାସ ସେ ସଂଗଠନ କାମଟି ପ୍ରାୟ ଶେଷ କରିଦେଇଥାଏ । ତେଣୁ ଅଧିକାଂଶ ଗୃହସ୍ଥଙ୍କର ଗ୍ରେମାସ ପ୍ରତି ଆଗଠୁଁ ଭଲ ଧାରଣା ହୋଇଥାଏ । ଗ୍ରେମାସ୍‌ର ଦୋକାନର ଗରାଖି ସଂଖ୍ୟା ବି ଆଖିଦୃଶିଆ ହୋଇ ବଢ଼ିଯାଇଥାଏ । ବାଟନଭ୍ ଆଉ ମିଗୁନ ଭଳି ଯେଉଁମାନେ 'କିଛି କାମର ନୁହନ୍ତି,' ସେମାନେ ସୁଦ୍ଧା ଗ୍ରେମାସ୍‌କୁ ସାହାଯ୍ୟ କରୁଥାନ୍ତି ।

ମିଗୁନ୍ ପ୍ରତି ମୁଁ ଖୁବ୍ ଆସକ୍ତ ହୋଇଥାଏଁ । ତା'ର ସୁନ୍ଦର କରୁଣ ସଙ୍ଗୀତ-ଗୁଡ଼ିକ ମୋ ହୃଦୟ ଭିତରେ ଗଳିଯାଇଥାଏ । ମିଗୁନ୍ ଗୀତ ବୋଲିଲାବେଳେ

Digitized by srujanika@gmail.com

ଆଖି ବୁଜିଦିଏ । ତା'ର ଛଟପଟ ମୁହଁ ଆଉ ଥରେ ନାହିଁ କି ହଲେ ନାହିଁ । ଜନ୍ତୁ ନ ଥିବା ଅନ୍ଧାର ଗଡ଼ରେ ସେ ତା' ଜୀବନ ବଞ୍ଚେ, ନରୂବା ସେତିକିବେଳେ ଯେତେବେଳେ ଆକାଶରେ ମେଘ ଲଦି ହୋଇଥାଏ, ବେଳେବେଳେ ସନ୍ତ୍ରସ୍ତେ ସେ ମନେ ଚୁପ୍‌ଚୁପ୍ କରି କହେ :

"ଅସ୍ତ ଯିବା ଭଲ୍‌ଗା ନଈକି ।"

ଭଲ୍‌ଗା ନଈ କୂଳରେ ଦେଖେ, ମିଗୁନ୍ ମାଛ ମାରିବାକୁ ଯୋଗାଡ଼ କରୁଛି, ତା'ର ନଷିଅ ବନ୍‌ଶୀକୁ ସଜାଡ଼ୁଛି । ସେ ଡଙ୍ଗା ଉପରେ ବସିଥିବ, ତା'ର କଳା କଳା ଗୋଡ଼ ଦି'ଟା ପାଣି ଅଡ଼କୁ ଓହଳିଥିବ । ଖୁବ୍ ଶାନ୍ତ ସ୍ୱରରେ କହୁଥିବ :

"ହ୍ୟାପ ଭଦ୍ରଲୋକମାନେ ମୋ ପ୍ରତି ଖରାପ ବ୍ୟବହାର କଲାବେଳେ, ମୁଁ ତାଙ୍କୁ କୌଣସିମତେ ସହିଯାଇପାରେଁ । ଭଦଲୋକ, ସେ ଯେତେହେଲେ ଗୋଟାଏ ମଣିଷ । ସେ ଯେତେ କଥା ଜାଣିଚି ମୁଁ ସେତେ କଥା ଜାଣିପାରିବି ନାହିଁ । କିନ୍ତୁ ଚଷାମାନେ—ମୋରି ଭଳିଆ ଚଷାମାନେ, ସେମାନେ ଯେତେବେଳେ ମତେ ଗାଳି ଦିଅନ୍ତି ମୁଁ ତା' କେମିତି ସହିପାରିବି ? ସେମାନଙ୍କ ଭିତରେ ମୋ ଭିତରେ ତଫାତ୍ କ'ଣ ? ସେମାନେ ଟଙ୍କା ଗଣନ୍ତି, ମୁଁ ଯେ ପଇସା ଗଣେ, ଏତିକି ତ !"

ମିଗୁନ୍‌ର ମୁହଁ ଯନ୍ତ୍ରଣାରେ ଥରେ; ତା'ର ଖଣ୍ଡିଆ ଚନ୍ଦ୍ର ଥିବା ଭ୍ରୂଲତା ଥରେ । ତା' ଅଙ୍ଗୁଠିଗୁଡ଼ିକ କ୍ଷିପ୍ର ଗତିରେ କାମ କରୁଥାଏ । ବନ୍‌ଶୀ ଡୋରିରେ ଅଙ୍କୁଶୀମାନ ଗଞ୍ଜୁଥାଏ, ଅଙ୍କୁଶୀ ଅଗକୁ ଫାଇଲରେ ଘଷି ଘଷି ମୁନିଆ କରୁଥାଏ । ତା'ର ସୁନ୍ଦର ସ୍ୱର କହୁ ଶୁଭିଯାଏ :

"ମତେ କହନ୍ତି ଚୋର । ଠିକ୍, ମୁଁ ଚୋରି କରେ । ତେବେ ଖାଲି କଣ ମୁଁ ଏକା ? ଅନ୍ୟ ସମସ୍ତେ କଣ ଠକାଇକି କରି ବଞ୍ଚନ୍ତି ନାହିଁ ? ପ୍ରତି ମଣିଷ ଯେତେ ଯାହା ଚୁପ୍‌ଚୁପ୍ ନେଇପାରିବ ଅନ୍ୟ ଲୋକଠୁଁ କଣ ଚୁପ୍‌ଚୁପ୍ ନିଏ ନାହିଁ ? ଜୀବନଟା ସେମିତି ଚାଲେ । ଆଉ ଭଗବାନ—ସେ ଆମକୁ ଭଲ ପାଆନ୍ତି ନାହିଁ । ସଇତାନର ଯାହା ମନ ହୁଏ ସେ ସେଇଆ କରେ ।"

ଆମ କରରେ କଳା ନଈଟା ଘପ୍‌ଘପ୍ ଘପ୍‌ଘପ୍ ଚାଲିଥାଏ । ଆକାଶରେ କଳା କଳା ମେଘମାନେ ଗୁରୁଣ୍ଡି ଗୁରୁଣ୍ଡି ଚାଲିଥାନ୍ତି । ଅନ୍ଧାରରେ ନଈ ଆରପାରି ଦିଶେ ନାହିଁ । ଭେଳିଗୁଡ଼ାକ ସତର୍କ ହୋଇ ବାଲି ଉପରେ ଖସ୍‌ଖସ୍ ହେଉଥାନ୍ତି ।

Digitized by srujanika@gmail.com

ସେମାନେ ମୋ ପାଦ ସ୍ପର୍ଶରେ ଖେଳେଇ ହୋଇ ବୁଲନ୍ତି । ବୋଧହୁଏ ଆଶା କରୁଥାନ୍ତି ଯେ ଖଳକୁଳ ନ ଥିବା ସ୍ୱସ୍ତା ଅନ୍ଧାର ଭିତରକୁ ମତେ ବୋହିନେଇ ପଳାଇବେ ।

ମିଗୁନ୍ ପଚାରେ, "ମଣିଷ ବଞ୍ଚିବା ଦରକାର କି ?" ଦୀର୍ଘଶ୍ୱାସ ପକାଏ ।

ଅତଡ଼ା ଉପରେ କୁଆଡ଼ର କୁକୁରଟାଏ ବୋବାଳି ଛାଡ଼େ । ତା' ବୋବାଳି ନୈରାଶ୍ୟପ୍ରଦ ଶୁଭେ ।

ସ୍ୱପ୍ନରେ ବାଇବାଇଲେଇଲା ପରି ମୁଁ ନିଜକୁ ପଚାରେଁ, "ବଞ୍ଚିବା ଦରକାର ? ମିଗୁନ୍ ଯେମିତି ବଞ୍ଚେ, ସେମିତି ? ଦରକାର କଣ ?"

ନଈ ଉପରେ ସବୁ ଚୁପ୍‌ଚାପ୍, କଟିକଟି ଅନ୍ଧାର;   ସୁଁସୁଁଆ ଲାଗେ । ଉଷ୍ମ ଅନ୍ଧାରର ସତେ କି ଅନ୍ତ ନାହିଁ !

"ସେ ଲୋକେ ତୋମାସ୍‌କୁ ଜୀବନରୁ ମାରଦେବେ । ଯେତେଦୂର ସମ୍ଭବ ଡମ୍ଭୁକୁ ବି ।" ମିଗୁନ୍ ବାଇବାଇଲାଏ । ହଠାତ୍ ଗୀତ ଗାଏ, ଖୁବ୍ ଧୀରେ ଧୀରେ :

"ଆଜି ମୋ ମା' ମତେ କହିଥିଲା ଶରଧାରେ,
କହିଥିଲା ମା' ମତେ,
ବାପଧନ ରେ, ମୋ ସୁନା, ମୋ ପ୍ରାଣଧନ,
ଖୁଜୁବୁଜୁ ହେବୁ ନାହିଁ, ଶାନ୍ତ ହେବୁ,
ଶାନ୍ତି ହୋଇ ତୋ ଜୀବନ ବଢେଇବୁ ରେ !"

ତା' ଆଖିପତା ମାଡ଼ିପଡ଼େ । ତା' ସ୍ୱର ବଢ଼ିଯାଏ, ଅଦ୍ଭୁତ କରୁଣ ହୋଇଯାଏ । ବନ୍ଧୀ ସୂତା ଠକଣା କରୁକରୁ ତା' ଅଙ୍ଗୁଠି ଅଦ୍ଭୁତ ମଠେଇ-ହୁଏ । ମିଗୁନ୍ ଗାଏ :

"କିନ୍ତୁ ଶାନ୍ତ ହୋଇ ମୁଁ ବଢେଇଲି ନାହିଁ ମୋ ଜୀବନ,
ହାୟ, ହାୟ, କେବେ ହେଲି ନାହିଁ ଶାନ୍ତ ।"

ମୋର, ଗୋଟାଏ ବିଚିତ୍ର ଅନୁଭୂତି ହେଉଥାଏ, ସତେ ଯେମିତି ଅନ୍ଧାର ଶାଖିଗୁଡ଼ାକ କେଉଁ ଓଜନରେ ଚୁପି ଚୁପି ଗଡ଼ିବୁଲିଛି ବୋଲି ପୃଥିବୀଟା ଲାଗେ-

Digitized by srujanika@gmail.com

ପଡ଼ୁଛି । ଆଉ ପୃଥିବୀ ଦେହରୁ ଖସିଯାଇ ମୁଁ ଅନ୍ଧାର ଭିତରକୁ ଖସିପଡ଼ୁଛି, ସେହି ଯେଉଁଠି ସୂର୍ଯ୍ୟ ବୁଡ଼ିମରିଛି, ସେଇ ଅନ୍ଧାର ଭିତରକୁ ।

ମିଗ୍ନନ୍ ଯେମିତି ହଠାତ୍ ଗୀତବୋଲି ଆରମ୍ଭ କରିଥିଲା, ସେମିତି ହଠାତ୍ ଗୀତ ବନ୍ଦ କରେ, ଶବ୍ଦ ନ କରି ତଳାକୁ କୂଳରୁ ଓହ୍ଲାଇଆସେ, ଭିତରକୁ ଚଢ଼ିଯାଏ । ଅନ୍ଧାରରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ, କିଛି ଶବ୍ଦ ଶୁଭେ ନାହିଁ । ମୁଁ ସେହି ଆଡ଼କୁ ଅନାଇ ରହେ, ଆଉ ଭାବେଁ :

“ଏମିତିଆ ମଣିଷ ବଞ୍ଚନ୍ତି କାହିଁକି ?”

ମୋର ଆଉ ଜଣେ ବନ୍ଧୁ ଥିଲା ବାଗନର୍ । ବେଭାର, ବାହାଘିଆ, ଅଳସୁଆ । ଯା' କଥା ତା' ଆଗରେ ଗପି ବୁଲେ । ଗୋଟାଏ ବାଧବୁଲ ଛତର । ମସ୍କୋ ସହରରେ ସେ ଆଗେ ରହୁଥିଲା । ସେ ସହର କଥା ପଡ଼ିଲେ ସେ ଘୃଣାରେ କହେ :

“ସେଇଟା ସାକ୍ଷାତ୍ ସଇତାନର ନିଜ ସହର ! ଏତେ ଅଧା ହିଲଆ ! ଗୀର୍ଜା ମନ୍ଦିର ! ସେଠି ଚାଳିଶ ହଜାର ଛଅଟା ଗୀର୍ଜା । ଲୋକଙ୍କ କଥା କଣ କହିବ ! ସମସ୍ତେ ଠକ, ଚୋର; କେହି ଜଣେ ବାଦ୍ ନାହିଁ । ଆଉ ଯେମିତି ଘୋଡାଙ୍କ ଦେହରେ ରମା ଯବୁ ହୁଏ, ସେସବୁ ଲୋକଙ୍କ ଦେହରେ ସେମିତି କାଛୁକୁଣ୍ଡିଆ, ଘାଦୁ । ସତ କହୁଚି ! ବେପାରି, ସୈନିକ, ସହରର ବାସିନ୍ଦା ସମସ୍ତେ ସହରସାକ ଯୁଆଡ଼େ ଗଲେ ଆପଣା ଦେହକୁ ଘିମି ଘିମି କା ବୁଲୁଥିବେ । ଗୋଟାଏ କଥା ତାଙ୍କର ଅଛି, ସମ୍ରାଟଙ୍କ ତୋପ । ସମ୍ରାଟ ମହାମାନ୍ୟ ପିଟର ନିଜେ ତାକୁ ଢାଳେଇ କରି ତିଆରି କରିଥିଲେ ବିଦ୍ରୋହୀମାନଙ୍କ ସଙ୍ଗରେ ଲଢ଼ିବେ ବୋଲି । ସେଠି ଗୋଟାଏ ମାଇକିନିଅ ଥିଲା, ମାନେ, ଜଣେ ଭଦ୍ରମହିଳା, ସେ ତାଙ୍କ ପ୍ରତି ଆସକ୍ତ ହୋଇ ତାଙ୍କ ବିରୁଦ୍ଧରେ ମେଳି କରାଇଥିଲା । ସମ୍ରାଟ ତା' ସଙ୍ଗରେ ସାତବର୍ଷ ବସବାସ କଲେ, ଗଣି ଗଣି ସାତବର୍ଷ । ତା'ର ଛଅଟି ଛୁଆ ହୋଇଥାନ୍ତି । ତାକୁ ସେଇଠୁ ଛାଡ଼ିଦେଲେ । ସେଇଠୁ ତ ସେ ରାଗିଗଲା । ରାଗିଯାଇ ମେଳି କଲା । ସେଇଠୁ କଣ ହେଲା ଜାଣ, ସମ୍ରାଟ ଖାଲି ଥରଟିଏ ସେ ତୋପ ଫୁଟେଇଲେ ମେଳିଆଙ୍କ ଉପରକୁ । ବେଶ୍, ନ ହଜାର ଛଅ ଶହ ଅଠ ଜଣ ମଣିଷ ସେଠିକରେ ଖତମ ହୋଇଗଲେ । ତା'ଦେଖି ସମ୍ରାଟ ତ ନିଜେ ଡରିଗଲେ । ସହରରେ ମେଟ୍ରୋ ପଲିଟାନ୍ ହୋଇ ଥାଆନ୍ତି ଜଣେ । ତାଙ୍କ ନାଁ ଫିଲାରେଟ୍ । ସମ୍ରାଟ ତାଙ୍କୁ କହିଲେ, “ଦେଖ, ଏହି ତୋପଟା ସଇତାନ୍‌ର ଖେଳଣା । ଏହି ଆମକୁ ପ୍ରଲୋଭନରେ ପକାଉଛି । ଯା ମୁହଁକୁ ଛିଞ୍ଚିଦେଇ ମୋହର ମାରିଦେବା ।” ସେଇଆ କଲେ ।

Digitized by srujanika@gmail.com

ମୁଁ ତାଙ୍କୁ ଯେମିତି କହିଲି ଯେ ଏ କଥାଗୁଡ଼ାକ ଗୁଜବ ବାଜେ କଥା, ସେ ମୋ ଉପରେ ଚଡ଼ିଗଲେ ।

କହିଲେ, "ହା ଭଗବାନ୍ ! ତୁମ ଧାରଣାଟା ଖୁବ ମନ୍ଦ ହେଉ ! ମୁଁ ନିଜେ ଜଣେ ଖୁବ ବଡ଼ ପଣ୍ଡିତଙ୍କ ତୁଣ୍ଡରୁ ଏସବୁ କଥା ଶୁଣିଥିଲି; ଆଉ ତୁମେ କହୁଚ କ'ଣ ନା...."

ସେ କାଏଭ୍ ସହରକୁ ଯାଇଥିଲେ, 'ସନ୍ଥ ଲୋକଙ୍କୁ' ଦର୍ଶନ କରିବାକୁ । ସେ ଅଭିଜ୍ଞତା କଥା ସେ କହେ :

"କାଏଭ ସହରଟା ଆମର ଏ ଗାଁ ପରିକା । ଆମ ଗାଁ'ପରି ସେଇଟା ବି ଗୋଟାଏ ଢିପ ଉପରେ ଅଛି । ସେଠି ବି ଗୋଟାଏ ନଈ ଅଛି । ତା' ନାଁ ମୋ ମନେ ନାହିଁ । ଭଲ୍‌ଗା ନଈ କୂଳରେ ସେଇଟା ଗୋଟାଏ ଟୁବ ଗାଡ଼ିଆ । ସେଇଟା ଗୋଟାଏ ରୋଲଆସିଣ ସହରଟାଏ । ସବୁ ସଡ଼କ ସେଠି ବଙ୍କା ଟଙ୍କା, ସବୁ ସଡ଼କ ପାହାଡ଼ ଉପରକୁ ଚଢ଼ିଚି । ଲୋକଗୁଡ଼ାକ ଖୋଖଲ୍ ଜାତିର । ହେଲେ ଆମ ଜେମାସ ପରି ନୁହନ୍ତି, ଅନେ ଜାତିର । ଅଧେ ପୋଲ୍ ଜାତିର ଲୋକ, ଅଧେ ତାତାର ଜାତିର । ତାଙ୍କ କଥାଗୁଡ଼ାକ କଥା ପରି ଶୁଭେ ନାହିଁ, କଚରମିଚର ପରି ଶୁଭେ । ଖୁବ ଅସନା, ମୁଣ୍ଡବାଳ କୁଣ୍ଡାନ୍ତି ନାହିଁ । ସେମାନେ ବେଙ୍ଗ ଖାଆନ୍ତି । ସେଠା ବେଙ୍ଗ ଗୋଟାକ ପାଞ୍ଚ ପାଞ୍ଚ ସେର ଓଜନ । ସେମାନେ ଶଗଡ଼ ଟାଣିବାକୁ ଷଣ୍ଢ ଯୋଚନ୍ତି, ହଳ କରିବାକୁ ବି । ତାଙ୍କର ଷଣ୍ଢସବୁ ଖୁବ ଚମତ୍କାର । ସବୁଠୁ ସାନ ଷଣ୍ଢ ଯେଉଁଟା ସେ ଆମ ଏଠା ଷଣ୍ଢଠୁଁ ଗୁଣଗୁଣ ବଡ଼ । ଗୋଟାକ ତେୟା-ଅଶୀ ପୁଡ୍ ଲେଖାଁ ଓଜନ । ସେଠି ସତାବନ ହଜାର ମହନ୍ତ ଅଛନ୍ତି; ତୁଲଣ ତେସ୍ତର ଜଣ ବିଶପ ଅଛନ୍ତି........ଆରେ, ଅଚ୍ଛା ବଚନ ଲୋକ ହେଲା ତୁମେ ! ଏସବୁ ବିଷୟରେ ବାବୁ, ଯୁକ୍ତି କେମିତି କରୁଚ ? ମୁଁ ପରା ଆଖିରେ ଦେଖିଆସିଚି । ଆଉ ତମେ କଣ, କେବେ ଯାଇଥିଲ ସେଠିକି ? ନାହିଁଟି ! ବୁଝିଲ ଭାଇ, ଯାହା କହିବ, ଏକଦମ ସଂଖ୍ୟା ଗଣତି କରି ଠିକ୍ ଠିକ୍ କହିବ । ମୋ ବୁଝ ସେମିତି । ଆସଲ କଥା ସେଇଟା ।"

ସେ ସଂଖ୍ୟା ଭଲ ପାଏ । ମୋଠୁଁ ମିଶାଣ ଗୁଣନ ଶିଖିଲେ । କିନ୍ତୁ ହରଣ ତା' ଦେଇ ହୁଏ ନାହିଁ । ଡାଙ୍ଗଟାଏ ଧରି ବାଲି ଉପରେ ସେ ବଡ଼ ବଡ଼ ସଂଖ୍ୟା-ମାନ ଅତି ଉତ୍ସାହରେ ଗୁଣୁଥିବ । ଭୁଲ ହେଲେ ଟିକିଏ ବି ବିଚଳିତ ହୁଏ ନାହିଁ । ଫଳଟା ବାହାରିପଡ଼ିଲେ ସେ ଅନାଇଁ ରହିବ ସେହି ନାନା ସଂଖ୍ୟାବିଶିଷ୍ଟ ଲମ୍ବା ଧାଡ଼ିକି । ପିଲାଏ କାବା ହୋଇ କଥା କହିଲା ପରି କହିବ :

Digitized by srujanika@gmail.com

"ଅରେ ବାପ୍‌ରେ ! କେତେ ବଡ଼ ଫଶ୍ୟାଟାଏ ! ମଣିଷ ଗୁଣ୍ଡରେ ଉଡ଼ି-ଯାଉବ ନାହିଁ ସେ କେତେ !"

ବାଉନଭ୍‌ର ଚେହେରା ବେଢଙ୍ଗ ଢଙ୍ଗେ । ଅସ୍ତଚର ପିନ୍ଧିଥାଏ; ବାଳ ଅଲରା ଅବଛା । କିନ୍ତୁ ତା' ମୁହଁଟି ସୁନ୍ଦର ବୋଲି କହିହେବ । ସାନ ସାନ ଖପି-ବାପିଆ ଦାଢ଼ି । ନେଳି ନେଳି ଆଖି । ସେ ଆଖିରେ ପିଲାଳିଆ ହସ ଖେଳୁଥାଏ । ଆଖିଯୋଡ଼ିକ ତା ମୁହଁକୁ ଉଜ୍ଜ୍ୱଳ କରି ରଖେ । ତା' ଚରିତ୍ର ଓ କୁକୁର୍‌ଙ୍କର୍ ଚରିତ୍ର ଭିତରେ ଟିକିଏ ସାଦୃଶ୍ୟ ଥାଏ ଓ ଖୁବ୍ ସମ୍ଭବ ଯେ ସେହି କାରଣରୁ ଦୁହେଁ ପରସ୍ପରଠୁଁ ଦୂରେଇ ଦୂରେଇ ରହନ୍ତି ।

ବାଉନଭ୍ ଦ'ଥର ଯାଇଥିଲା କାଟିଆନ ସମୁଦ୍ରରେ ମାଛ ମାରି । ସେ ବିଷୟରେ ସେ ତମ କହେ :

"ବୁଝିଲ ନା ଭାଇ, ସମୁଦ୍ର ପରି ଫଧାରରେ ଅଉ କିଛି ନାହିଁ । ତା' ଆଗରେ ଗ୍ରାର ମଣିଷଟା କିଏ ? ଅତି ନଗଣ୍ୟ । ସମୁଦ୍ରକୁ ଅନାଉଁଦଥ, ବୁଝିବ ତୁମେ କିଏ ? କେହି ନୁହଁ । ସେଠି ଜୀବନ କେତେ ମିଠା । ସବୁ ପ୍ରକାରର ମଣିଷ ସମୁଦ୍ର ଦ୍ୱାରା ଏକାଠି ହୁଅନ୍ତି । ଜଣେ ବଡ଼ଲୋକ ବି ଆମ ସାଙ୍ଗରେ ଥିଲା । ଖରାପ ଲୋକ ନୁହେଁ, ଆମ ଭଳିଆ ସେ ବି ଖଟୁଥିଲା । ଆଉ ଗୋଟାଏ ଗ୍ରନ୍ଥୁଣୀ ମାଇକିନିଆ ବି ଥିଲା । ପୂର୍ବେ କେଉଁ ଜଣେ ପ୍ରଲିସ ଓକିଲର ରକ୍ଷିତା ହୋଇ ରହିଥିଲା । ଲୋକର ଅଉ କିଏ ଦରକାର ? ତଥାପି ତ ମୁଦ୍ରର ତାଙ୍କୁ ଏଡ଼ିପାରିଲା ନାହିଁ । କହୁଲା, "ତେମେ ସାରା ଭଲଲୋକ, ଓକିଲବାବୁ, ତଥାପି ମୁଁ ଯାଉଛି ।" କାରଣ କିଏ ଜାଣିଚ ? ଯେ ଥରେ ସମୁଦ୍ର ଦେଖିଚ, ଖାଲି ଥରେ ପଛେ ହେଉ, ତାକୁ ଫେର ସମୁଦ୍ରକୁ ଫୁଲିଯିବାକୁ ପଡ଼ିବ । ସେଠି ଏତେ ଫରସ୍ତ ଜାଗା ପଡ଼ିଚ ସତେ ଯେମିତ ଆକାଶ । ଗେଞ୍ଜି ଗାଞ୍ଜି ହେବା ଅଧୌ ନାହିଁ । ମୁଁ ବି ସେଠିକି ଲେଉଟିଯିବ ଯେ, ସେଇଠି ଯାଇ ରହିବ । ମତେ ଗହଳି ଭଲ ଲାଗେ ନାହିଁ, ସେଇଆ ମୋ ଅଡ଼ୁଆ । ମଣେ ଭଲ ହୁଅନ୍ତା କେଉଁଠି ନଗ୍ୱେଲରେ ଗୋଟିଏ ଟୁଙ୍ଗୀ ଘର ମିଳନ୍ତା, ସେଠି ବାବାଜି ହୋଇ ରହନ୍ତି । କେଉଁଠି ସେମିତ ଟୁଙ୍ଗୀ ମିଳିବ ମତେ ଜଣା ନାହିଁ ପିନ ।"

ଗୋଟାଏ ଘର ନ ଥିବା କୁକୁର ଭଳିଆ ସେ ଗାଁ'ଯାକ ଏଠିସେଠି ବୁଲୁଥାଏ । ସ୍ତ୍ରୀମାନେ ତାକୁ ଘୃଣା କରନ୍ତି; କିନ୍ତୁ ମିସ୍ତ୍ରୀର ଗୀତଗୁଡ଼ିକ ଯେମିତ ଆଗ୍ରହରେ ଶୁଣନ୍ତି, ତା' ଗପଗୁଡ଼ାକ ବି ସେମିତ ଶୁଣନ୍ତି ।

Digitized by srujanika@gmail.com

କହନ୍ତି, "ବୃଦ୍ଧିଆ ମିଛ କଥାଗୁଡ଼ାଏ ଗପେ ସିନା, ଶୁଣିବାକୁ ମଜା।"

ତପାଙ୍କ ଭିତରେ ଯାନ୍‌କଭ୍ ପରି ସେଉଁମାନେ ଟେକଟୋକ ଭାମର ଲୋକ, ଯାହାଙ୍କ ମନରେ ଅବିଶ୍ୱାସ, ତାଙ୍କୁ ବି ତା' ମିଛ କଥାଗୁଡ଼ାକ ବେଳେ ବେଳେ ଅଭିଭୂତ କରିପକାଏ। ଦିନେ ଗ୍ରେମାସ୍ ଆଗରେ ଯାନ୍‌କଭ୍ କହିଲା :

"ବାଇବଲ୍ କହୁଛି, ବହିମାନଙ୍କରେ ସମ୍ରାଟ୍ ଇଭାନ୍‌ଙ୍କ ବିଷୟରେ ସବୁ ସତ କଥା ଲୁଆଡ଼େ ଲେଖା ହୋଇନାହିଁ। ବହିମାନଙ୍କରେ ଭଗବାନଙ୍କର ଅନେକ କଥା ଲୁଚେଇ ଦିଆହୋଇଛି। ବାଇବଲ କହୁଚି, ସେ ସବୁବେଳେ ମଣିଷ ହୋଇ ରହୁ ନ ଥିଲେ। ବେଳେ ବେଳେ ମଣିଷ ରୂପ ଛାଡ଼ି ସେ ମୟୂରମାରୁ ଚଢ଼େଇ ରୂପ ଧରୁଥିଲେ; ଆଜି ସେଇଥିପାଇଁ ସେହି ସମୟକୁ ତାଙ୍କ ମର୍ଯ୍ୟାଦା ଦେବା ସକାଶେ ଆମ ଟଙ୍କା ଉପରେ ଗୋଟାଏ ମୟୂରମାରୁ ଚଢ଼େଇ ଛପା ମରାଯାଏ।"

ସେଥର ବି ମୁଁ ପୁଣି ସେହି ଗୋଟିଏ କଥା ଦେଖିଲି; ଆଗରୁ କାହିଁ ଅନେକଥର ମୁଁ ଯାହା ଦେଖି ଆସିଥିଲି ସେ ଜୀବନର ପ୍ରକୃତ ସତ୍ୟ ବିଷୟରେ ତତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟାଟିଏ ଦେଲେ ତାକୁ ଶୁଣିବାକୁ ଲୋକଙ୍କର ସେତକ ଆଗ୍ରହ, ଯାହା ଅସମ୍ଭବ ପ୍ରକାରେ ଉଦ୍ଭଟ, ଯାହା ଗାଲଗପ ମିଛ କଥା ବୋଲି ପରିଷ୍କାର ଜଣା ପଡ଼ିଯାଏ, ମିଛଟା ଜାଣିବା କାମ ବି ସୁରୁଖୁରୁ ହୋଇ ନ ଥାଏ, ତା' ପ୍ରତି ଲୋକଙ୍କର ଆଗ୍ରହ ବହୁତ ବେଶି।

ମୋଠୁଁ ଏ କଥା ଶୁଣି ଗ୍ରେମାସ୍ ହସିଦେଲା; କହିଲା :

"ଏ ଅବସ୍ଥା ବି ବଦଳିବ। ପ୍ରଧାନ କଥା, ଲୋକେ ଭାବ ଶିଖିବେ କେମିତି। ସେଥିପାଇଁ ସେମାନେ ନିଜ ନିଜ ଉପାୟରେ ସତ୍ୟ ପାଖରେ ପହଞ୍ଚିବା ମାର୍ଗ କ'ଣ, ତାକୁ ଭାବ ବାହାର କରିବେ। ଆଉ ଏ ସେଉଁ ମୌଳିକ ଲୋକ, ବାଇବଲ କ ବ୍ୟବସ୍ଥାକନ୍— ତୁମେ ତାଙ୍କୁ ବୁଝିବା ଦରକାର। ସେମାନେ କଳାବନ୍ତ, ଆବିଷ୍କାରକ। ଯୀଶୁଖ୍ରୀଷ୍ଟ ବି ଏମିତିଆ ଜଣେ ମୌଳିକ ଲୋକ ହୋଇଥିବେ। ଆଉ ଏକଥା ବି ତୁମେ ସ୍ୱୀକାର କରିବ ଯେ ଯୀଶୁଖ୍ରୀଷ୍ଟଙ୍କର କେତେଗୁଡ଼ିଏ ଆବିଷ୍କାର ତ ମନ୍ଦ ନ ଥିଲା!"

ମତେ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ଏସବୁ ଲୋକ କଥା କହିଲାବେଳେ କ୍ୱଚିତ୍ ଭଗବାନଙ୍କ କଥା ପକାଉଥିଲେ। ଯଦି ସେ ବିଷୟରେ କିଛି କହୁଥିଲେ ତ ବଡ଼ ଅନିଚ୍ଛାସତ୍ତ୍ୱେ। ଏକୁଟିଆ ବୁଢ଼ା ସୁସ୍ଲଭ ଖାଲି ଅନେକ ଥର କହେ, ତାବି ଦୃଢ଼ ଆତ୍ମବିଶ୍ୱାସରେ :

Digitized by srujanika@gmail.com

"ସବୁ ଭଗବାନଙ୍କ ଇଚ୍ଛା !"

ଆଜି ସବୁବେଳେ ତା'ର ଏ କଥା ଭିତରେ ମୁଁ ଶୁଣେ ନୈରାଶ୍ୟର ଧ୍ୱନି ।

ସେ ଲୋକଙ୍କ ମେଳରେ ମୁଁ ଖାଡ଼ ମନଖୁସିରେ ଥିଲି । ସନ୍ତୁବୃଢ଼େ ସେମାନଙ୍କ ସଙ୍ଗେ ଗପସପ କରି ମୁଁ ବହୁତ ନୂଆ ନୂଆ କଥା ଶିଖିଛୁ । ମତେ ଲାଗୁଥାଏ ଯେ ଟ୍ରେମାସ୍ ଯେତେବେଳେ ଯେଉଁ ସମସ୍ୟା କଥା ଉଠାଏ, ସେ ସମସ୍ୟା ଗୋଟାଏ ପ୍ରକାଣ୍ଡ ଗଛ ପରି ଜୀବନର ଆଧାର ଭିତରକୁ ଅତି ଗମ୍ଭୀରକୁ ତା' ଚେର ମଡ଼ାଇଦିଏ । ସେ ଚେର ତଳକୁ ଯାଇ ସେହିପରି ଅନ୍ୟ ଗୋଟାଏ ପ୍ରକାଣ୍ଡ ଗଛର ଚେରମାନଙ୍କ ସଙ୍ଗରେ ଗୁନ୍ଥେଇ ହୋଇଯାଆନ୍ତି । ସେ ଗଛର ପ୍ରତି ଡାଳରେ ଫୁଲପତ୍ର ଲଦାଲଦି । ସେ ଫୁଲଗୁଡ଼ିକ ନାନା ରଙ୍ଗର ସୁନ୍ଦର ସୁନ୍ଦର ଫୁଲ । ସେ ପତ୍ରଗୁଡ଼ିକ ମନେ ରହିଲା ଭଳି ବଡ଼ ବଡ଼ ଶବ୍ଦ । ନାନା ବର୍ଣ୍ଣ ପଡ଼ି ଚନ୍ଦ୍ରମାନଙ୍କରୁ ଆହ୍ଲାଦକର ଅମୃତ ପିଇ ପିଇ ମୁଁ ଅନୁଭବ କରୁଥାଏଁ ଯେ ମୋର ନଷ୍ଟ ସ୍ୱଭାବରେ ଉନ୍ନତି ଘଟିଛି । ଅନେକ ଥର ମନେ ମନେ ଟ୍ରେମାସ୍ ପ୍ରଶଂସା କରି ଯାଉଥାଏ :

"ତୁମର ଭଲ ହେଉ, ମାକ୍ସିମିଚ୍ !"

ସେହି କଥା କେତେ ପଦ ସକାଶେ ତା' ପ୍ରତି ମୋ ମନରେ କେତେ କୃତଜ୍ଞତା ଆସୁଥାଏ !

ବେଳେବେଳେ ପାନ୍‌କଭ୍ ତା' ସ୍ତ୍ରୀଟାକୁ ସଙ୍ଗରେ ନେଇ ଆସେ । ଫ୍ରେଞ୍ଚିଆ ମାଇକିନିଆଟିଏ । ମୁହଁଟି ଶାନ୍ତଶିଷ୍ଟ । ସହରିଆଣୀଙ୍କ ପରି ବେଶଭୂଷା । ନେଳି ନେଳି ଆଖି ଦୋ'ଟି ବୁଦ୍ଧିରେ ଉଜ୍ଜ୍ୱଳ ଦିଶେ । ସେ ଘରକୋଣରେ ଚୁପ୍ ହୋଇ ବସିଥାଏ, ସଂକୋଚରେ ଲଜ୍ଜିତା ହୋଇ ଓ' ଓଠକୁ ଚିପି ଦେଇଥାଏ । କିନ୍ତୁ ଟିକିଏ ବେଳ ଗଲେ ତରଳ ତରଳ ଅସ୍ପଷ୍ଟ ଅସ୍ପଷ୍ଟ ଭଙ୍ଗୀରେ ତା' ଓ'ଠ ଫାଙ୍କ ହୋଇଯାଏ, ଆଖି ବଡ଼ ବଡ଼ ହୋଇଯାଏ । ସେତିକି କୌଣସି ମୂର୍ଖଆ ମନ୍ତବ୍ୟ ଶୁଣିଲାକ୍ଷଣି ସେ ହଠାତ୍ ହସିପକାଏ । ପୁଣି ହଠାତ୍ ଲାଜଗ ହୋଇଯାଇ ସେ ଦ' ହାତରେ ମୁହଁ ଘୋଡ଼ାଇପକାଏ । ଟ୍ରେମାସ୍ ଆଡ଼କୁ ଆଖି ଠାରି ପାନ୍‌କଭ କହେ :

"ସେ ବୁଝିପାରିଲା ।"

Digitized by srujanika@gmail.com

ବେଳେ ବେଳେ ସତର୍କ ହୋଇ ସ୍ଲେମାନ୍ ପାଖକୁ ବାହାରୁ କଏ ଜଏ ଆସନ୍ତି । ସେ ସେମାନଙ୍କୁ ମୋ ଅଣ୍ଟାଘରକୁ ନେଇଯାଏ । ସେଠି ତାଙ୍କ ସଙ୍ଗରେ ଘଣ୍ଟା-ଘଣ୍ଟାଯାକେ ଥାଏଁ ।

ଆବ୍ଦିନ୍ୟା ସେଇଠିକି ସେମାନଙ୍କ ପାଇଁ ଖାଇବା ପିଇବା ଜିନିଷ ନେଇ ପହଞ୍ଚାଇଦିଏ । ସେମାନେ ସେଇଠି ଶୁଅନ୍ତି । ସେମାନେ ଅଛନ୍ତି ବୋଲି ଏକା ଆବ୍ଦିନ୍ୟା ଆଉ ମୁଁ ଜାଣିଥାଉଁ । ଆବ୍ଦିନ୍ୟା ସ୍ଲେମାନର ଅତି ଅନୁଗତ, ସତେ କି ତାକୁ ପୂଜା କରେ । ଆଗନ୍ତୁକମାନଙ୍କୁ ରାତିରେ ଡଙ୍ଗାରେ ବସାଇ ଇଜଷ୍ଟ ଓ ପାନ୍-ଭର୍ ଅଞ୍ଚଳ ମାଡ଼ ମାଡ଼ ଡଙ୍ଗା ନେଇଯାଆନ୍ତି । ନଈରେ ଚାଲିଥିବା କେଉଁ ଷ୍ଟିମରରେ ଚଢ଼ାଇଦେଇ ଆସନ୍ତି । ନ ହେଲେ ଲିବ୍ରସ୍କ ବୋଲି ଯେଉଁ ଘାଟ ଅଛି, ସେଇଠିକି ନେଇଯାଆନ୍ତି । ମୁଁ ଅନାଇଁ ଅନାଇଁ ଦେଖୁଥାଏଁ, ହରଡ଼ଚୁଇଁ ପରି ଡଙ୍ଗାଟା ନଈ ଉପରେ ଖସିଯାଉଛି । ନଈଟା କେତେବେଳେ କଳା ଦିଶେ, କେତେବେଳେ ନାଲି ଆଲୁଅ ପଡ଼ି ରୁପେଲି ଦିଶେ । ଷ୍ଟିମରର କ୍ୟାପ୍‌ଟେନ୍‌ର ଇସାରେ ପଡ଼ି ବୋଲି ଡଙ୍ଗାରୁ ଲଣ୍ଠଣ ହଲହେଉଥାଏ । ଦେଖିଲାବେଳେ ମତେ ଲାଗୁଥାଏ, ସତେ ଯେମିତି ଗୋଟିଏ ଅତ୍ୟନ୍ତ ଗୋପନୀୟ ମହତ୍ କାର୍ଯ୍ୟରେ ମୁଁ ବି ଜଣେ ସହଯୋଗୀ ।

ମେରିଆ ଦେରେନ୍‌କୋଷ୍ଟ ସହରରୁ ଆସି ପହଞ୍ଚିଲା । କିନ୍ତୁ ତା' ମୁହଁକୁ ଚାହିଁଦେଲେ, ଆଗେ ତା' ଚାହାଣିରେ ମତେ ଯେଉଁ ଜିନିଷଟା ଅଡ଼ୁଆ ଅଡ଼ୁଆ ଲାଗୁଥିଲା, ଆଉ ମୁଁ ତା' ଦେଖିଲି ନାହିଁ । ମତେ ଲାଗିଲା, ତା' ଆଖିଯୋଡ଼ିକ ତ ସେମିତିଆ ଗୋଟିଏ ଝିଅର ଆଖି, ଯେ ଏଇଟା ଜାଣିପାରି ଖୁସି ଯେ ସେ ସୁନ୍ଦର, ତା'ର ପ୍ରକାଣ୍ଡ ଆକାରର ଦାଢ଼ିଆ ବନ୍ଧୁଟି ତା' ଆଡ଼କୁ ଖୁବ୍ ନିଘା ଦେଉଛି ବୋଲି ସେ ଖୁସି । ସେ ଅବିକଳ ତା'ର ଅଭ୍ୟସ୍ତ ସ୍ୱରରେ ତା' ସଙ୍ଗରେ କଥାବାର୍ତ୍ତା କଲା, ସେହି ଯେଉଁ ସ୍ୱରରେ ଅଳ୍ପ ବ୍ୟଙ୍ଗୋକ୍ତି ମିଶିଥାଏ । ସେହି ସ୍ୱରରେ ସେ ଅନ୍ୟ ସମସ୍ତଙ୍କ ସଙ୍ଗରେ ବି କଥାବାର୍ତ୍ତା ହୁଏ । କିନ୍ତୁ ସେ ସାମ୍ନାରେ ଥିଲେ ସ୍ଲେମାନ୍ ବେଶି ଥର ନିଜ ଦାଢ଼ି ସାଉଁଳୁଥାଏ ଓ ତା' ଆଖିରେ ଗୋଟାଏ ପ୍ରକାର ଉଷ୍ମ ଆଲୁଅ ଜଳୁଥାଏ । ମେରିଆର ପିନ୍ଧା ପୋଷାକ ହାଲୁକା ନେଳିଆ ରଙ୍ଗର । ତା' ମୁଣ୍ଡ ବାଳ ତ ଭହର, ସେଥିରେ ହାଲୁକା ନେଳି ଫିତାଟିଏ ବନ୍ଧା ହୋଇଥାଏ । ତା'ର ପିଲାଳିଆ ହାତଯୋଡ଼ିକ ଆଶ୍ଚର୍ଯ୍ୟ ପ୍ରକାରେ ଖାଲୁବୁଲୁ ହେଉଥାଏ, ସତେ ଯେମିତି କ'ଣ କୋଉଠାଏ ଖୋଜୁଛି, ହାବୁଡ଼ିଲେ ଧରିପକାନ୍ତା । ସେ ମନକୁ ମନ ଗୋଟିଏ ରାଗିଣୀ ଗୁଣୁଗୁଣୁ ହେଉଥାଏ, ତା'ର ଜଳଜଳ ଗୋଲାପି ମୁହଁଟିକୁ ଗୋଟିଏ ଚିକ୍କଣ ରୁମାଲରେ ବାନ୍ଧୁଥାଏ । ମୁଁ ତା'ଠି ଏଭଳି କିଛି ଲକ୍ଷ୍ୟ କଲି ଯାହିରେ ମୁଁ ମନେ

Digitized by srujanika@gmail.com

ମନେ ଗୋଟାଏ ନୂଆ ପ୍ରକାର ଛଟଛଟ ଅନୁଭବ କଲି । ମୋ ମନୋଜଗତରେ ତା' ପ୍ରତି ବିରାଗ ଆସୁଥାଏ; ମୁଁ ଚିନ୍ତାଗ୍ରସ୍ତ ହୋଇପଡୁଥାଏଁ । ମେରିଆ ଭେରେନ୍‌କୋଭଙ୍କୁ ଯେତେ କମ ଦେଖିବ, ମୁଁ ସେଇ ଚେଷ୍ଟାରେ ଥାଏଁ ।

ଜୁଲାଇ ମାସର ମଝି, ଇଜଟ୍ କୁଆଡେ ଉଭେଇଗଲା । କେତେ କହୁଲେ, ସେ ବୁଢ଼ା ମରିଥିବ । ଦି' ଦିନ ଭିତରୁ ସେଇ କଥା ସତ ହେଲା । ତା' ଡଙ୍ଗାଟି ଭାସି ଭାସି ନଦୀକୂଳ ପଟୁଆରେ ଆସି ଲାଗିଲା । ଡଙ୍ଗାର ଗୋଟାଏ ପାଖ ଭାଙ୍ଗିଯାଇ ଗୁଣ୍ଡା ହୋଇଯାଇଥାଏ । ଡଙ୍ଗା ତଳରେ ଗୋଟାଏ କଣା । ଯେଉଁଠି ଲାଗିଲା, ସେ ଜାଗାଟା ନଦୀର ତଳ ମୁଣ୍ଡରେ ସାତ ଭର୍ଷ୍ଟ ବାଟ ଦୂର । କେତେ ଭାବିଲେ ସେ ଇଜଟ୍ ନଦରେ ଶୋଇପଡ଼ିଥିବ, ସେଇଠୁ ତା' ଡଙ୍ଗାଟା ସୁଅରେ ତଡ଼ିହୋଇ ବାଡ଼େଇ ହୋଇଥିବ ଗୁଡ଼ାଏ ବଡ଼ ବଡ଼ ପାହାଡ଼ରେ । ସେ ପାହାଡ଼ଗୁଡ଼ାକ ଗାଁ'ଠୁ ନଦୀର ତଳ ମୁଣ୍ଡ ଆଡ଼କୁ ପାଞ୍ଚ ଭର୍ଷ୍ଟ ବାଟ ଦୂର ।

ଏ ଘଟନା ହେଲାବେଳକୁ ରେମାସ ନ ଥାଏ; କାଜାନ୍ ସହରକୁ ଯାଇଥାଏ । ସଞ୍ଜରେ କୁକୁସ୍କିନ୍ ଦୋକାନକୁ ଆସିଲା । ମୁହଁ ଲଦିଦେଇ ଗୋଟାଏ ବସ୍ତା-ଗଦା ଉପରେ ବସିପଡ଼ିଲା । କିଛି ସମୟ ଚୁପ ହୋଇ ବସିଲା । ତଳକୁ ଅନାଉଁ-ଥାଏ । ସେଇଠୁ ପଚାରିଲି :

"ରେମାସ୍ କେବେ ଆସିବେ ?"

"ମତେ ଜଣାନାହିଁ ।"

ସେ ତା' ମୁହଁରେ ହାତ ପାପୁଲିଟାଏ ଲଗାଇ ତା'ର ଛେଚି ହୋଇଥିବା ଓଠଦି'ଟାକୁ ଜୋରରେ ରଗଡ଼ୁଥାଏ; ସାନ ପାଟିରେ ଅସଭ୍ୟ କଥା କହି ଗାଳି ଦେଉଥାଏ । ମଝିରେ ମଝିରେ ଅଦ୍ଭୁତ ପ୍ରକାରେ ଗାଉଁ ଗାଉଁ ରଡ଼ି ଛାଡ଼ୁଥାଏ, ଯେମିତି କାହା ତଣ୍ଟିରେ ହାଡଟାଏ ଲାଗିଗଲେ ସେ ହୁଏ, ସେମିତି ।

"ଘଟନା କ'ଣ ?"

ସେ ମୋ ଆଡ଼କୁ ଅନାଇଁଲା, ଓଠ କାମୁଡ଼ିଲା । ତା' ଆଖି ନାଲି ପଡ଼ି-ଥାଏ, ଓଠଦି'ଟା ଥରୁଥାଏ । ତା' ପାଟିରୁ ପଦେ କଥା ବି ବାହାରିଲା ନାହିଁ । ମୁଁ ବୁଝିପାରିଲି ସେ କିଛି ଦୁଃସମ୍ବାଦ କହିବ । ଚାହିଁ ହୋଇ ଅପେକ୍ଷା କରିଥାଏଁ । ଶେଷରେ, ଦୁଆରମୁହଁ ଆଡ଼କୁ ଗୋଟାଏ ଚଞ୍ଚଳ ଚାହାଣି ଛାଡ଼ିଦେଇ ସେ ଖନେଇ ଖନେଇ ହୋଇ ଟାଣିଓଟାର ହୋଇ କହିଲା :

Digitized by srujanika@gmail.com

"ମୁଁ ଡଙ୍ଗା ନେଇ ସେ ଜାଗାରୁ ଯାଇଥିଲି । ସାଙ୍ଗରେ ମିଗୁନ୍ ଯାଇଥିଲା । ଦେଖିଆଇଲି, ସେ ଡଙ୍ଗା ତଳରେ ଯେଉଁ କଣା ହେଉଚ ନା, ଟାଙ୍ଗିଅରେ ହାଣି ହାଣି ସେ କଣା କରାଯାଉଚ । ବୁଝିଲ ? ଟାଙ୍ଗିଆରେ ! ଇଜଟ୍‌କୁ ଖଣ୍ଡ୍ କରା- ଯାଉଚ ।"

ବେକକୁ ପଛଆଡ଼କୁ ଗ୍ରୁଟିଦେଇ ସେ ଗୋଟାକ ପରେ ଗୋଟାଏ ଅସଭ୍ୟ ଗାଳି ଶବ୍ଦ କହିଚାଲିଲା । ମଝିରେ ମଝିରେ ତା'ର ଶୁଖିଲା, ତତଲା ଜୋଭ ଛଟ୍‌ଥାଏ, ଗାଳି ଅଟକିଯାଉଥାଏ । ସେହିଠୁ ସେ ଭ୍ରନ୍ତ ହେଲା । ବାରମ୍ବାର ଗ୍ଲାସ ଉପରେ ହାତରେ ହାତ ଛକିଦେଲା, ମନ୍ଦ ଲୋକ କଥା ପଡ଼ିଲେ ଖ୍ରୀଷ୍ଟିଆନ୍ ଲୋକେ ଯେମିତି କରନ୍ତି, ସେମିତି । ତାକୁ ଦେଖି ଖୁବ କଷ୍ଟ ଲାଗୁଥାଏ । ତା'ର ଦେହସାରା ରାଗରେ ଆଉ ଦୁଃଖରେ ଥରଥର ହୋଇ କମ୍ପୁଥାଏ । ତାର କାନ୍ଦିବାକୁ ମନ ହେଉଥାଏ, କିନ୍ତୁ ସେ କାନ୍ଦିପାରୁ ନ ଥାଏ । କେମିତି କାନ୍ଦନ୍ତି ସେ ଜାଣି ନ ଥିଲା । ପୁଣି ପଛଆଡ଼କୁ ମୁଣ୍ଡକୁ ଗ୍ରୁଟିଦେଲା, ଡେଙ୍ଗପଡ଼ ଠିଆ ହେଲା, ଚାଲିଗଲା ।

ତହିଁଆରଦିନ ସନ୍ତୁରୁଡ଼େ ଗୁଡ଼ାଏ ସାନ ସାନ ପିଲା ନଈରେ ଗାଧୋଉଥିଲା-ବେଳେ ଇଜଟ୍‌କୁ ପାଇଲେ । ଗାଁ ଉପରକୁ ଠାଏ ଗୋଟାଏ ଭଙ୍ଗା ନାହା ପଡ଼ିଥାଏ । ତା'ର ଅଧେ ଥାଏ ନଈ ପାଣିରେ, ଅଧେ ଥାଏ ଗୋଡ଼ିସରସର ନଈଗଣ୍ଡିରେ । ଡଙ୍ଗା ପଛ ମୁଣ୍ଡରେ ଡଙ୍ଗା ତଳରେ ଇଜଟ୍‌ର ମୁଣ୍ଡିଆରଟା ପାଣିଭିତରେ ଥାଏ । ମଙ୍ଗ ମୋଡ଼ିବାକୁ ଯେଉଁ ଚଟା ଅହୁଳ ବନ୍ଧା ହୋଇଥାଏ ସେଇଟା ଲାଗି ଯାଇ ସେଥିରୁ ଖଣ୍ଡେ ଡଙ୍ଗାରେ ରହିଥାଏ । ଇଜଟ୍‌ର ଲମ୍ବା ଦେହଟା ସେଇଥିରେ ଲଟିଥାଏ । ତା'ମୁହଁ ତଳକୁ ଥାଏ । ମୁଣ୍ଡ ଖପୁରି ଛେଚି ହୋଇଥାଏ, ଖପୁରି ଭିତରଟା ଫମ୍ପା ପଡ଼ିଥାଏ । ପାଣିରେ ତା' ମୁଣ୍ଡ ଦହି ଧୋଇହୋଇଯାଇଥାଏ । ଇଜଟ୍‌କୁ ପଛଅଡ଼ୁ ଟାଙ୍ଗିଅରେ କିଏ ଚୋଟେ ମାରିଛି । ତା' ମୁଣ୍ଡ ଖପୁରି ପଛଅଡ଼ ଫାଟି ଅଁ' କରିଥାଏ । ସୁଅରେ ତା'ମୁଣ୍ଡିଆରଟା ଏପଟ ସେପଟ ହଲୁଥାଏ । ତା'ଗୋଡ଼ ଦି'ଟା କୂଳ ଆଡ଼କୁ ଟେକି ହେଉଥାଏ,ହାତ ଦି'ଟା ହଲୁଥାଏ, ସତେ ଯେମିତି ପାଣି ଭିତରୁ ଉଠି ଆସିବ ବୋଲି ଉଚର ଚେଷ୍ଟା କରୁଛି ।

କୋଡ଼ିଏ ଜଣ କି ବେଶି ହେବେ ବୁଣୀଲୋକ ନଈକୂଳରେ ରୁଣ୍ଡ ହେଲେ । ସେମାନେ ଗମ୍ଭୀର, ଚିନ୍ତିତ ଦିଶୁଥାନ୍ତି । ସେମାନେ ଗାଁ'ର ଧନୀ ଲୋକେ । ଗରିବ ଲୋକେ କାମରୁ ଲେଉଟି ନ ଥାନ୍ତି, କ୍ଷେତକୁ ଯାଇଥାନ୍ତି । ସରକାରୀ ଶାନ୍ତିରକ୍ଷକ 'ଷ୍ଟାରେଷ୍ଟା' ବାଡ଼ି ହଲେଇ ଏକର ସେକର ନସରପସର ହେଉଥାଏ । ଲୋକଟା

Digitized by srujanika@gmail.com

କାପୁରୁଷଟାଏ, ଲଦଫଦିଆ ଲୋକ । ସେ ନାକ ସୁଁ ସୁଁ କରୁଥାଏ, ତା'ନାକ ପାଣିଜର ହାତରେ ନାକ ପୋଛୁଥାଏ । ଦେ ଜାମା ଲୁଜ ମିନ୍ ଠିଆ ହୋଇଥାଏ । ମୋଟା ସୋଟା ଚେହେରା । ଗୋଡ଼ ଫରକଟେଇ ଠିଆ ହୋଇଥାଏ । ତା'ର ପ୍ରକାଣ୍ଡ ପେଟଟା ଓହଳି ପଡ଼ୁଥାଏ । ସେ କେତେବେଳେ ମୋ ଆଡ଼କୁ, କେତେବେଳେ କୁକୁସ୍‌କନ୍ ଆଡ଼କୁ କଟମଟ କରି ଅନାଉଁଥାଏ । ତା' ଭ୍ରୂଲତା ଭ୍ରୂକୁଟିରେ କୁଞ୍ଚକୁଞ୍ଚ ହୋଇ-ଯାଇଥାଏ । କିନ୍ତୁ ତା'ର ରକ୍ତସ୍ନାନ ଆଖିଯୋଡ଼ାକ ଲୁହରେ ଭିଜିଲା ପରି ଦିଶୁଥାଏ । ତା'ର ବସନ୍ତ ଚିହ୍ନ ଥିବା ମୁହଁଟାକୁ ଦେଖି ମତେ ଲାଗୁଥାଏ, ତାକୁ ଦୁର୍ବଳ ଲାଗୁଛି, ତା' ମୁଣ୍ଡ ଗୋଳମାଳ ହୋଇଯାଉଛି ।

ବଙ୍କା ବଙ୍କା ଗୋଡ଼ରେ ନଇଁ ଅଗଡ଼ାଯାକ ଏମୁଣ୍ଡ ସେମୁଣ୍ଡ ବୁଲି ବୁଲି ଷ୍ଟାରେଷ୍ଟା କହୁଥାଏ "ଭାରି ଖରାପ କଥା !"

ତା'ର ଗୋଲଗାଲ ବୋହୂଟି ନଈଧାଡ଼ରେ ଗୋଟାଏ ପଥର ଉପରେ ବସିଥାଏ । ଶୂନ୍ୟ ଦୃଷ୍ଟିରେ ପାଣିକି ଅନାଉଁଥାଏ । ଅଶଲ ଅଶଲ ଆଙ୍ଗୁଠିରେ ଗୁଡ଼ ଉପରେ ହାତକୁ ହାତ ଛନ୍ଦି ପକାଉଥାଏ । ତା' ପାଟି ଥରୁଥାଏ । ତା'ତଳି ଓଠଟା ନାଲି, ମୋଟା ଓଠ । କୁକୁର ଓଠ ପରି ଢିଲା ହୋଇ ତଳକୁ ଝୁଲିପଡ଼ୁଥାଏ । ଅସୁନ୍ଦର ଦିଶୁଥାଏ । ତା'ର ଅସନା ହଳଦିଆ ଦାନ୍ତଗୁଡ଼ାକ ଖୋଲା ପଡ଼ୁଥାଏ । ଲୁଆମାନେ ଅଗଡ଼ା ଗଡ଼ାଣିରେ ଧାଇଁଧାଇଁ ଆସିଲେ । ଝିଅମାନେ ଡରଡର ହୋଇ ଓହ୍ଲେଇ-ପଡ଼ୁଥାନ୍ତି । ଅଗଡ଼ା ଉପରେ ଉଜ୍ଜ୍ୱଳ ରଙ୍ଗ ମେଞ୍ଚାଟିମାନ ଭଲ ଦିଶୁଥାନ୍ତି । ସେଇଠୁ ପୁରୁଷମାନେ ଅଟି ପହଞ୍ଚିଗଲେ । ଷେତରୁ ଡରଡର ହୋଇ ଆସୁଥାନ୍ତି । ଦେହଯାକ ଧୂଳି ଲାଗିଥାଏ । ଯେଉଁଠି ଗହଳି, ସେଠି ଥିରି ଥିରି ଗୁଣୁଗୁଣୁ ଶବ୍ଦ ଲାଗିରହିଥାଏ :

"ଗୋଟାଏ ବଦ୍‌ମାସ୍‌ଟାଏ—ସେ ଥିଲା ।"

"କିଏ ? ସେ ?"

"ହେଇ ସେ କୁକୁସ୍‌କନ୍‌ଟା, ସେଇଟା ବଦମାସ୍ ।"

"ବିନା କାରଣରେ ମଣିଷଟାକୁ ମାରିଦେଇଗଲା ।"

"ଇଜଟ୍ କେବେ କାହାର କିଛି ଅନିଷ୍ଟ କରିନାହିଁ ।"

କୁକୁସ୍‌କନ୍ ଗହଳି ଆଡ଼କୁ ବୁଲିପଡ଼ି ସ୍ୱରରେ ଗରଗର ହୋଇ କହିଲା : "କେବେ କାହାର କିଛି ଅନିଷ୍ଟ କରିନାହିଁ ? କେବେ କାହିଁକି ତେମେସରୁ ତାକୁ ମାରିପକାଇଲ ? ହଇଓ, ହୋ ବେଧୁଆମାନେ, କାହିଁକି ତାକୁ ମାରିଲ, କହୁଦଟି !"

Digitized by srujanika@gmail.com

ହଠାତ ମାଇକଲଅଷ୍ଟାଏ ମୃଗୀରୋଗ ଧରିଥିବା ମଣିଷ ପରି ଚତ୍କାର କରି ହସିଉଠିଲା, ଅଉ ତା'ର ସେ ପାଗଳ ଚତ୍କାର ଶବ୍ଦ ସତେ ଯେମିତି ସ୍ଵଚ୍ଛ ମାଡ଼ ପରି ସେ ଭିଡ଼ ଉପରେ ପଡ଼ିଲା । ସେଇଠୁ ଚଷାମାନେ ଗର୍ଜନ ଗୁଡ଼ ଶୋଧାଶୋଧି ହୋଇ ଜଣେ ଅଉ ଜଣକୁ ଅକ୍ରମଣ କଲେ । କୁକ୍କୁସ୍କନ୍ ଦୋକାନ ପାଖକୁ ଧାଇଁଯାଇ ବସନ୍ତ ଚିହ୍ନରେ ଗାଡ଼ ଗାଡ଼ ହୋଇଥିବା ତା' ଗାଲଉପରେ ଠାଇକରି ଚଟକଣାଟାଏ ମାରିଲା ।

କହିଲା, "ନେ, ସଇତାନ୍ ଜନ୍ତୁ କାର୍ଦ୍ଧାବା ।"

ବିଧାମାଡ଼ରେ ବାଟ ସଫା କରି କଣ ସେ ସେଇ ମାଡ଼ ମରାମରି ହେଉଥିବା ଲୋକ ଗହଳ ଭିତରୁ ଫିଟି ଚାଲିଆସିଲା । ସତେ ଚଢ଼ ପାଟିରେ କହିଲା :

"ପଳା, ପଳା, ମାଡ଼ ମରାମରି ଲାଗିବ ।"

ତା' ସ୍ଵରରେ ସତେ ଯେମିତି ଆନନ୍ଦର ଉଲ୍ଲାସ ଥାଏ ।

କିଏ ଜଣେ ତାକୁ ମୁଥେ ଦେଇସାରିଥିଲା ଯେ ତା' ଓଠ ଫାଟି ରକ୍ତ ବୋହୁଥାଏ । କିନ୍ତୁ ଖୁସିରେ ତା' ମୁହଁ ଦାଉଦାଉ ଜଳୁଥାଏ ।

"କୁଜ୍‌ମିନ୍‌କୁ କେମିତି ବଜେଇଲି, ଦେଖିଲଟିକି ?"

ବାଗନଭ୍ ଆମ ଆଡ଼କୁ ଧାଇଁଧାଇଁ ଆସିଲା । ସେ ମୁଣ୍ଡ ବୁଲେଇ ଚମତ ଭାବରେ ଗହଳି ଆଡ଼କୁ ଅନାଇଁ ଦେଉଥାଏ । ଗହଳି ସେତେବେଳକୁ ମେଣ୍ଟମେଣ୍ଟ ହୋଇଥାଏ ଭଙ୍ଗା ନାଆ ପାଖରେ । ଘୋ' ଘା' ଉପରେ ସ୍ମାରୋଗ୍ସ୍କ'ର ସରୁ ଗଳା ଶୁଭୁଥାଏ :

"ହଁ, ପ୍ରମାଣ କର, କୋଉ ଜଣଙ୍କୁ ମୁଁ ଅଖିମିଟିକା ମାରିଲି, ପ୍ରମାଣ କର ।"

ଆମେ ଡାଲୁଏ ଡାଲୁଏ ଅଗଡ଼ାରେ ଚଢ଼ି ଚାଲିଆସିଲାବେଳେ ବାଗନଭ୍ କହୁଥାଏ, "ମତେ ଏ ନାଗରୁ ଚାଲିଯିବାକୁ ପଡ଼ିବ :" ପଞ୍ଚାରୁଢ଼ ପବନ ଭେମିତିଆ ରୁନ୍ଧିଲା ରୁନ୍ଧିଲା, ଛଟପଟ ଲାଗୁଥାଏ । ଏତେ ଓଜନ ଲାଗୁଥାଏ ଯେ ନିଶ୍ୱାସ ନେବାକୁ କଷ୍ଟ ହେଉଥାଏ । ସୂର୍ଯ୍ୟ ଅସ୍ତ ହେଉଥାଏ । ବଦଳି ନେଳିଆ ମେଘମାନଙ୍କ ଭିତରେ ସୂର୍ଯ୍ୟ ନାଲିଆ ହୋଇ ଦିଶୁଥାଏ । ଆମ ଚାରିପଟ ବୁଦା ଅରମା ଉପରେ ସୂର୍ଯ୍ୟର

Digitized by srujanika@gmail.com

ନାଲି ଆଲୁଅ ପଡ଼ୁଥାଏ । କେଉଁଠୁ ଗୋଟାଏ ଘଡଘଡ଼ି ମାରିଲା । ଇଜଟ୍‌ର ମୁହଁରୁ ମୋ ଆଖି ଆଗରେ ଭାସିଉଠିଲା । ପାଣି ବୁଲିବା ସଙ୍ଗେ ସଙ୍ଗେ ମୁହଁରଟା ବି ହଲୁଥାଏ । ସୁଅରେ ଭାସୁଥାଏ । ତା' ଫମ୍ପା ମୁଣ୍ଡ ଖପୁରି ଉପରେ ମୁଣ୍ଡବାଳଗୁଡ଼ାକ ଭୁମ ଟାଙ୍କ୍ରିଲା ପରି ଠିଆ ହେଲା ଭଳି ଦିଶୁଥାଏ । ତା'ର ଥରିଥରି ସ୍ୱର, ମିଠା କଥା ମୋର ମନେ ପଡ଼ିଗଲା । କହୁଥିଲା :

"ସମସ୍ତଙ୍କ ଭିତରେ କେତେ ଗୁଡ଼ାଏ ସାନ ପିଲାଙ୍କ ଗୁଣ ରହିଛି । କାମ କଲେ ସେଇଠୁ ଆରମ୍ଭ କରିବାକୁ ପଡ଼ିବ, ମଣିଷ ହୃଦୟ ଭିତରେ ଯେଉଁ ପିଲାପଣ ରହିଛି ସେଇଠୁ । ସେମାସ୍ କଥା ଦେଖୁନା ! ତେମେ ଭାବୁଥିବ, ସେ ଲୁହାରେ ତିଆରି । କିନ୍ତୁ ତାଙ୍କ ପ୍ରାଣଟା ଗୋଟାଏ ସାନ ପିଲାର ।"

କୁକୁସକକ୍ ମୋ କଡ଼ରେ କଡ଼ରେ ବୁଲୁଥାଏ । ଘାଗଡ଼ା ପାଟିରେ କହିଲା :

"ଆମ ସମସ୍ତଙ୍କୁ ତ ଏମିତିଆ ଜୀବନରୁ ମାରିପକାଇବେ । ହେ ଭଗବାନ୍, କେଡ଼େ ମୂର୍ଖ ଆମ ସେ !"

ହେନରୀ ଘଣ୍ଟିଘିବାର ବ'ଢର ବଟ ଉତ୍ତରୁ ସେମାସ୍ ଘରକୁ ବାହୁଡ଼ିଲା । ସେତେବେଳେ ବହୁତ ରାତି । ଭ'ଣ କିଛି ଗୋଟାଏ ପାଠ ସେ ଖୁବ ମନଖୁସିରେ ନେଉଥିଥାଏ । ଦେଖାହେଲାମାତ୍ରେ ସବୁଥର ତା' କଥାଭାଷାରେ ତ ତା'ର ସ୍ନେହ ଆଦର ବାରି ହୋଇପଡ଼େ । ଏଥର ଆହୁରି ବେଶି ସ୍ନେହ ଜଣାପଡ଼ୁଥାଏ । ମୁଁ କବାଟ ଫିଟେଇଲି । ସେ ଭିତରକୁ ଆସିଲା; ମୋ ପିଠି ଥାପୁଡ଼େଇ କହିଲା :

"ତୁମେ ଯେତେ ସମସ୍ତ ଶୋଇବା କଥା ସେତେ ସମସ୍ତ ଶେ ଜନାହୁଁ ।"

"ଇଜଟ୍ ଖୁଣ୍ଟ ହେଲା ।"

"ଏଁ !!"

ତା' ଗାଲରେ ମୋଟା ମୋଟା ମାଂସପେଶୀ ଗଣ୍ଠିଗଣ୍ଠିଆ ହୋଇ ବାହାରି ପଡ଼ିଲା । ତା' ଦାଢ଼ି ଏମିତି ଥରିଲା ଯେ, ଲାଗିଲା, ସତେ କି ସେ ସୁଅ ପରି ତା' ଛାତି ଉପରେ ବୋହି ଅଜାଡ଼ିହୋଇପଡ଼ୁଛି । ସେ ମୁଣ୍ଡରୁ ଟୋପି ଖୋଲିବାକୁ ବି ଭୁଲିଗଲା । ଘର ମଝିରେ ହଠାତ୍ ଅଟକିଯାଇ ସେ ଖୁବ ଜୋର୍‌ରେ ମୁଣ୍ଡକୁ ହଲେଇଲା । ତା' ଆଖି ମିଞ୍ଜି ମିଞ୍ଜି ହୋଇଗଲା ।

Digitized by srujanika@gmail.com

କହିଲ, "ସତେ ! କଏ ଖୁଣ୍ କଲେ, ଜଣାନାହିଁ, ନା ? ସେଇଆ ତ, ଆଉ କ'ଣ ?"

ସେ ଧୀରେ ଧୀରେ ଝରକା ପାଖକୁ ଯାଇ କ୍ଳାନ୍ତ ହୋଇ ଗୋଡ଼ ଲମ୍ବେଇ-ଦେଇ ବସିପଡ଼ିଲ । କହିଲ :

"ମୁଁ ବାରମ୍ବାର ତାକୁ ସାବଧାନ କରାଇ ଦେଉଥିଲି....। ସରକାରୀ ଲୋକେ ଆସି ଦେଖିଗଲେଣି ?"

"କାଲି ଆସିଥିଲେ, ଷ୍ଟାନୋଭଏ ।"

"ଆସି କ'ଣ ହେଲା ?" ସେଇଠୁ ନିଜ ପ୍ରଶ୍ନର ଉତ୍ତର ନିଜେ ଦେଲା, କହିଲା : "କିଛି ତ ହୋଇ ନ ଥିବ, ଆଉ କ'ଣ ?"

ମୁଁ ତାକୁ କହିଲି ଯେ ଷ୍ଟାନୋଭଏ ଆସି ସବୁ ଥର ପରି କ୍ଲୁଜମିନ୍ ଘରେ ବସା କଲା, ଆଉ ହୁକୁମ ଦେଲା ଯେ କ୍ଲୁଜମିନ୍‌କୁ ଚଟକଣା ମାରିଲା ବୋଲି କ୍ଲୁକୁସ୍‌କିନ୍‌କୁ ହାଜତରେ ବନ୍ଦୀ କରାଯିବ ।

"ଏଇଆ ? ମଣିଷ ଏଥିରେ କ'ଣ କହିବ ଭଲା ?"

ମୁଁ ବୁଢ଼ା ଡେକ୍‌ଚି ଚଢ଼େଇବାକୁ ରୋଷେଇଘରକୁ ଗଲି ।

ବୁଢ଼ା ଖାଉଖାଉ ସେମାସ୍ କହିଲା :

"କେତେ ଦୁଃଖର କଥା, ଏ ଲୋକେ, ତାଙ୍କ ନିଜ ଭିତରେ ଯେଉଁମାନେ ସବୁଠୁ ଭଲ ମଣିଷ, ମଣିଷ ଭଳିଆ ମଣିଷ, ସେଇମାନଙ୍କୁ ବାଛି ବାଛି ପ୍ରାଣରୁ ମାରି-ପକାଉଛନ୍ତି । ଲାଗୁଛି, ଜଣେ ଯେତିକି ଭଲ ତାକୁ ସେମାନେ ସେତିକି ଡରନ୍ତି । ସେମାନଙ୍କର ସେମିତି ଲୋକ ମୋଟେ ଦରକାର ନାହିଁ । ସେମିତି ଲୋକ ଥିଲେ ତାଙ୍କୁ ଅଡୁଆ । ମନେ ଯେତେବେଳେ ସାଇବେରିଆକୁ ଓଟାରି ନେଉଥିଲେ ସେତେବେଳେ ମୁଁ ଜଣେ ବନ୍ଦୀକୁ ଚିହ୍ନିଥିଲି । ସେ କହୁଥିଲା ସେ ଗୋଟାଏ ଚୋର । ସେମାନେ କ୍ରୁଷ୍ଣଡ଼େ ଗୋଟାଏ ଦଳ ହୋଇଥିଲେ । ଦଳରେ ପାଞ୍ଚ ଜଣ ଥିଲେ । ସେଇଠୁ ଦିନେ ତାଙ୍କ ଭିତରୁ ଜଣେ କହିଲା, "ଭାଇ, ସେ କାମ ଆଉ ଚଳିବା ନାହିଁ । ଏଥିରେ ଲାଭ କଣ ? ଏଇଆ କରି ଆମେ ତ ଆଉ ଧନୀ ହୋଇପାରିବା ନାହିଁ ।" ସେ ଏଇଆ କହିଲା ବୋଲି ସେମାନେ ତା' ତଣ୍ଟି ଚିପି ତାକୁ ମାରିଦେଲେ ।

Digitized by srujanika@gmail.com

ସେତେବେଳେ ସେ ମତ୍ତଦଶାରେ ଶୋଇଥିଲା। ସେଇଁ କଇଦୀଟା ମତେ ଏକଥା କହିଲା ସେ ନିଜେ ଯାହାକୁ ଖୁନ୍ କରିଥିଲା, ତାକୁ ପ୍ରଶଂସା କରି କରି ଆକାଶକୁ ଟେକୁଥାଏ। କହିଲା, "ତା' ଉପରୁ ମୁଁ ଅହୁରି ଉନଜଣଙ୍କୁ ଖୁନ୍ କଲି। ସେଥିପାଇଁ ମୋ ମନ ନଷ୍ଟ ହୁଏ ନାହିଁ ସିନା, କିନ୍ତୁ ଆମ ସାଙ୍ଗଟି ଚରିତ୍ର—ଏବେ ବି ତା' କଥା ଶୁଣିଲେ ମୋ ମନ ଦୁଃଖ ହୁଏ। ଖୁବ ଭଲ ସାଙ୍ଗଟିଏ ଥିଲି ସେ। ବୁଦ୍ଧିଆ ଲୋକ। ସବୁବେଳେ ହସଖୁସି। ତା'ଅନ୍ତରଟା ଏକଦମ ସଫା।" ମୁଁ ପଚାରିଲି, "ତେବେ ତାକୁ ମାରିପକାଇଲ କାହିଁକି? ବୋଧହୁଏ ଡରିଲ, କାଳେ ସେ ତମକୁ ଧରି ପକେଇଦେବ ବୋଲି, ନୁହେଁ?" ମୋ କଥା ଶୁଣି ସେ ଚଡ଼ିଗଲା। କହିଲା, "କ'ଣ କହିଲ? ଆମ ସାଙ୍ଗଟା, ସେ ଆମକୁ ଧରେଇ ଦିଅନ୍ତା? କେବେ ନୁହେଁ। ତାକୁ ଯେତେ ଯାହା ଧନଦରବ ଯାଚିଥିଲେ ବି ସେ ଆମକୁ ଧରେଇ ଦେଇ ନ ଥାନ୍ତା। ଏଇଥିପାଇଁ ମାରିଲି ଯେ ସେ ଥିଲେ ଆଉ ଆମକୁ ଭଲ ଲାଗନ୍ତା ନାହିଁ, ଅସହ୍ୟ ଲାଗନ୍ତା। ଆମେଗୁଡ଼ାକ ପାପୀ, ଆଉ ସେ ଯେ ଗୋଟିଏ ସାଧୁ ପୁରୁଷ ଭଳିଆ, ସେଇଟା ଭଲ ଲାଗିଲା ନାହିଁ।"

ରେମାହ୍ ଠିଆ ହୋଇପଡ଼ି ଘର ଭିତରେ ଏପଟ ସେପଟ ବୁଲିଲା। ତ' ଧୂଆଁ ପିଇବ ଚିଲମକୁ ଦାନ୍ତରେ କାମୁଡ଼ି ଧରିଥାଏ। ହାତ ଦି'ଟା ପିଠିଆଡ଼େ ଥାଏ। ପ୍ରକାଣ୍ଡ ଶରୀର, ଧଳା ଦିଶୁଥାଏ। ଚାଷୀର ଜାତି ଲୋକ ଯେଉଁ କାମିଜ ପିନ୍ଧନ୍ତି ସେମିତି କାମିଜ ପିନ୍ଧିଥାଏ ଯେ ତା' ପାଦପାଖେ ପଡ଼ିଥାଏ। ତା' ଖାଲି ପାଦ ଯେ ଘର ଚଟାଣେ ଧପଧପ ଦୁମ୍‌ଦୁମ୍ ପଡ଼ୁଥାଏ। ଶାନ୍ତ ହୋଇ ଧୀର ସ୍ୱର କହିଲା ପରି ସେ କହୁଯାଉଥାଏ:

"ବାରମ୍ବାର ଏଇ ଜଞ୍ଜାଳଟାର ମୁଁ ମୁହାଁମୁହିଁ ହୋଇଛି—ଏଇ ଯେଉଁ 'ସାଧୁ ପୁରୁଷ'ଙ୍କ ପ୍ରତି ଭୟ, ଏଇ ଯେଉଁ ସବୁଠୁ ଚମତ୍କାର ମଣିଷଙ୍କୁ ମାରି ଛଡ଼େଇଦେବା କାମ। ସେମିତିଆ ଜଣେ 'ସାଧୁ ପୁରୁଷ' ଦେଖିଲେ ଲୋକେ ଯୋଡ଼ାଏ କଥାରୁ ଗୋଟାଏ କଥା କରନ୍ତି: ହୁଏତ ତାକୁ ନିଜ ଆୟତ୍ତକୁ ଆଣିବାକୁ ଚେଷ୍ଟା କରି କରି କ୍ଳାନ୍ତ ହୋଇପଡ଼ିଲେ କୌଣସି ନା କୌଣସି ଉପାୟରେ ତାକୁ ମାରି ଛଡ଼େଇଦିଅନ୍ତି, ନ ହେଲେ ଯାହା ସାଧାରଣତଃ ଅଳ୍ପ ଦେଖାଯାଏ—ପଦକୁ ପଦ ତା'ର ପ୍ରତି କଥାକୁ, ତା'ର ପ୍ରତି ଗୁହଣିକୁ ସେମାନେ ଅନେକ ଅନେକ ଚପିଥାନ୍ତି। ସେଥିରେ ମୁଗ୍ଧ ହୁଅନ୍ତି ଆଉ ପୁଳାଏ କୁକୁରଛୁଆ ପରି ତା' ପାଦରେ ଭୂଇଁରେ ପେଟ ମାଡ଼ି ଘୁଷୁରନ୍ତି। କିନ୍ତୁ ତାଠୁ କିଛି ଶିଖିବା, ସେ କେମିତି ଚଳୁଛି, କ'ଣ କାମ କରୁଛି, ତାକୁ ଅନୁକରଣ କରିବା—ସେଇଟା ନ ଥାଏ। ସେଇଟା ଛଡ଼େ କଥା। ସେଇଟା କେମିତି କରିବାକୁ ହୁଏ ତାଙ୍କୁ ଜଣାନାହିଁ। ନ ହେଲେ ସେମିତି କରିବାକୁ ବୋଧହୁଏ ତାଙ୍କର ଇଚ୍ଛା ନ ଥାଏ। ନା କଣ?"

Digitized by srujanika@gmail.com

ଟେବୁଲରେ ଦୁ' ଗିଲାସ ଥୁଆହୋଇଥାଏ, ଥଣ୍ଡା ହୋଇଯାଇଥାଏ । ଗିଲାସକୁ ଟେକିନେଇ ସେ କହିଗଲା :

"ସେଇଟା ବି ସମ୍ଭବ । ସବୁ ଦେଖ ତ, କେତେ ହାଡ଼ଭଙ୍ଗା ପରିଶ୍ରମ କରି କେତେ ଏଠି ନିଜ ନିଜ ଜୀବନଟିମାନ ଗଢ଼ିଛନ୍ତି । ସେ ଜୀବନ ନାନାପ୍ରକାର । ସେମାନଙ୍କୁ ସେଇଟା ଆଉରେଇ ଗଲାଣି । ସେଇଠୁ କୁଆଡ଼ୁ ଜଣେ ହଠାତ୍ ବିଦ୍ରୋହ କରିଉଠି କହିବ ଯେ ତାଙ୍କ ଜୀବନଟା ଠିକ୍ ନୁହେଁ । ଠିକ୍ ନୁହେଁ ? କାହିଁକି ? ଆମଠି ଯେତେ ଯାହା ସବୁଠୁ ଭଲ, ସବୁ ତ ଆମେ ଆମର ଏ ଜୀବନ ଭିତରେ ଭର୍ତ୍ତି କରିଛୁଁ । ତୁମେ ଚୁଲିକୁ ଯାଅ ହେ । ସେଇଠୁ ଯେଉଁ ଲୋକଟା ତାଙ୍କୁ ନୂଆ ଜ୍ଞାନ ଦେଇଥିଲା, ଯେ ସାଧୁପୁରୁଷ, ତାକୁ ସେମାନେ ଅପମାନ କରନ୍ତି । ହେଇ, ଆମ ସଙ୍ଗରେ ଲାଗ ନାହିଁ । ତଥାପି, ଯେଉଁମାନେ କହନ୍ତି 'ତୁମ ଜୀବନଟା ଠିକ୍ ନୁହେଁ,' ସତଟା ତାଙ୍କରି ପଟେ । ଯଦି ଜୀବନ ଅଧିକ ଭଲ ହୋଇ ଲାଗିଛି ତ ସେହିମାନଙ୍କ ଉଦ୍ୟମ ଫଳରେ ।"

ବହିଥାକମାନଙ୍କ ଆଡ଼କୁ ହାତ ଦେଖାଇ ସେ କହିଲା, "ବିଶେଷକରି ସେହିମାନଙ୍କ ଉଦ୍ୟମ ଯୋଗୁଁ । ଆଃ ! ଏ ବିଷୟରେ ମୁଁ ଖଣ୍ଡେ ବହି ଲେଖିପାରନ୍ତି କି ! ମୋ ଦେଇ ଲେଖା ହେବ ନାହିଁ । ମୋ ଚିନ୍ତାଗୁଡ଼ାକ ଅଡୁଆ ଅଡୁଆ ଅଛି ଛାଡ଼ ଛାଡ଼ ।"

ସେ ହାତ ଉପରେ ମୁଣ୍ଡ ନୁଆଁଇଦେଇ ଟେବୁଲ ପାଖରେ ବସି-ପଡ଼ିଲା ।

କହିଲା, "ଓଃ ! ଇଜନ୍ଟ୍ ପରି ଆଉ କିଏ ଆମକୁ ମିଳିବ !"

ବହୁତ ବେଳ ଚପ୍‌ଚୁପ ହୋଇ କଟିଲା । ସେଇଠୁ କହିଲା :

"ହୁଁ, ଏଥର ବୋଧହୁଏ ଶୋଇବାକୁ ଯିବା ଦରକାର ।"

ମୁଁ ମୋ ଅଣ୍ଟୁକୁ ଚାଲିଗଲି, ଝରକା ପାଖେ ବସିଲି । ବିଜୁଳି ମାରୁଥାଏ, ପଡ଼ିଆ ଉପରଯାକ ଆଉ ଆକାଶର ଅଧେ ଆଲୁଅରେ ଝଲସି ଯାଉଥାଏ । ଯେତେଥର ସେ ସ୍ୱଚ୍ଛ ନାଲିଆ ଆଲୁଅ ଝଟ୍‌ଝଟ୍ ମାରେ ସେତେଥର ସତେକି ଜହ୍ନଟା ଚମକିପଡ଼ି ପଛକୁ ଘୁଞ୍ଚିଯାଏ । କୁକୁର ଭୁକୁଥାନ୍ତି, ବୋବାଳି ଛାଡ଼ୁଥାନ୍ତି । ସେହି ଭୟଙ୍କର ସଙ୍ଗୀତ ଶୁଭୁ ନ ଥିଲେ ଲାଗୁଥାନ୍ତା, ମଣିଷ ସତେ କି ଗୋଟାଏ ନିର୍ଜନ

Digitized by srujanika@gmail.com

ଦ୍ୱୀପରେ ଅଛୁ । ଦୂରରେ ଘଡ଼ଘଡ଼ି ମାରିଲା । ଝରକାବାଟେ ଓଜନ ଓଜନ ହୋଇ ଶୀତ ଚହଟି ଆସିଲା ।

ପୁଣି ମୁଁ ଭଜନ୍‌କୁ ଦେଖିଲି । ସେଇଠି ସେ ନଈଅନ୍ଧାରରେ ବୁଦାତଳେ ତା' ମୁର୍ଦାର ପଡ଼ିଥାଏ । ତା'ର ନେଳି ପଡ଼ିଥିବା ମୁହଁଟା ଆକାଶ ଆଡ଼କୁ ଥାଏ । କଳୁ ଭାତ ପରି ଦଣ୍ଟୁଥିବା ତା'ର ଆଖି ଦି'ଟା ସତେ ଯେମିତି ଟାଣ କରି କରି ଉପରକୁ ଚାହିଁଥାଏ । ତା'ର ନାଲି ସୁନେଲି ବର୍ଣ୍ଣର ଦାଢ଼ି ଜଟ ହୋଇଯାଇଥାଏ, ପାଟି କାବା ହୋଇ ଆଁ' କରି ରହିଥାଏ । କହୁଥିଲା :

"କରୁଣା, ମ୍ୟାକ୍‌ସିମେଚ୍, ମୈତ୍ରୀ—ସେଇଟା ହିଁ ଅସଲ । ସେଇଥିପାଇଁ ସବୁ ପୁଣ୍ୟପର୍ବଠୁଁ ମତେ ଇଷ୍ଟର ପର୍ବଟା ବେଶି ଭଲ ଲାଗେ । ସବୁ ପର୍ବଠୁଁ ସେହି ପର୍ବ ବେଶି ବଡ଼ ଜାଣୁଛି ।"

ସଞ୍ଜପାଖିଆ ଖରାରେ ତା' ନେଳି ପ୍ୟାଣ୍ଟ ଶୁଖିଯାଇଥାଏ । ତା' ଗୋଡ଼-ଦି'ଟା ନେଳି ପଡ଼ିଯାଇଥାଏ । ଜଳ୍‌ଦା ନଈ [ତା' ଗୋଡ଼କୁ ଭଲ କରି ଗାଧୋଇ ଦେଇ ସଫା କରିଦେଇଥାଏ । ତା' ପ୍ୟାଣ୍ଟ ତା' ଗୋଡ଼ରେ ଯାକ ହୋଇଥାଏ । ତା' ମୁହଁ ଉପରେ ମାଛି ବେଢ଼ିଥାନ୍ତି, ଗୁଣୁଗୁଣୁ ହେଉଥାନ୍ତି । ତା' ଦେହରୁ ଗୋଟାଏ ଉତ୍କଟ ବେମାରିଆ ଗନ୍ଧ ବାହାରୁଥାଏ ।

ପାହାଚରେ ଭାରି ଭାରି ପାଦ ଶବ୍ଦ ଶୁଭିଲା । ଗ୍ରେମାସ୍ ଆସି ପହଞ୍ଚିଲା । ଅଳ୍ପ ଉଚ୍ଚ ଦୁଆରମୁହଁ ବାଟେ ଗଳି ପଶି ଆସିଲାବେଳେ ନଇଁପଡ଼ି ଆସିଲା । ସେ ମୋ ଖଟ ଉପରେ ବସିପଡ଼ିଲା, ହାତ ଟେକି ଦାଢ଼ିକୁ ମୁଠେଇ ଧରିଲା ।

"ମୁଁ କହିବାକୁ ଆସିଲି, ମୋର ବାହାଘର ହେଉଛି ।"

"ଏଠି ତ ଚଳିବା ସୁବିଧା ହେବ ନାହିଁ—ଗୋଟିଏ ସ୍ତ୍ରୀଲୋକ ପକ୍ଷରେ ।"

ସେ ଜବରଦସ୍ତ ଧ୍ୟାନରେ ମୋ ମୁହଁକୁ ଅନାଇଲା । ସତେ ଯେମିତି ସେ ଭାବୁଛି, ମୁଁ ଅଉ କି ମନ୍ତବ୍ୟ ଦେବି । କିନ୍ତୁ ଆଉ କିଛି କହିବାକୁ ମୋର ମନେପଡ଼ିଲା ନାହିଁ । ବିଜୁଳି ଘର ଭିତରଟାଯାକ ଆଲୁଅ କରିଦେଲା । ଦିଶିଲା, ସତେ ଯେମିତି ଗୋଟାଏ ମାୟାସ୍ୱପ୍ନ ।

Digitized by srujanika@gmail.com

"ମୁଁ ମାଣା ପେରେନ୍‌ବୋଲୁକୁ ବାହା ହେଉଛୁ ।'' ମୁଁ ସୁହୃଦୟ ସେତ-ପାଉନ୍ ନାହିଁ । ତେବେ ସ୍ୱପ୍ନ ନ ଥିଲି ଯେ କେହି ତେବେ ସେ ହିଁ ଏଣ୍ଟାକୁ 'ମାଣା' ବୋଲି ଡାକନ୍ତ । କହନ୍ତ ! ମୋ ଜାଣିବାରେ ତା' ବାପ କି ତା' ସଇମାନେ ତାକୁ ମାଣା ବୋଲି କେବେ ଡାକୁ ନ ଥିଲେ ।

"କାହିଁକି ଦାନ୍ତ ଦେଖାଉଚ୍ଛ?''

"କିଛି ନାହିଁ ।''

"ସତ୍ୟ ମୋ ବୟସ ତା' ବୟସଠୁଁ ବହୁତ ଗୁଡ଼ାଏ ?''

"ନାହିଁ ନାହିଁ ।''

"ସେ ମତେ କହୁଛୁ ତୁମେ ତାକୁ ଭଲ ପାଉଥିଲ ।''

"ବୋଧହୁଏ ଭଲ ପାଉଥିଲି ।''

"ଆଉ ଅଇଛା ? ଭୁଲିଗଲଣି ?''

"ହଁ । ମତେ ଲାଗୁଛି ସେସବୁ ସ୍ୱପ୍ନ ।''

ସେ ଦାନ୍ତି ଘୁଞ୍ଚାଇଦେଇ କହିଲା :

"ତୁମ ବୟସରେ ମଣିଷର ସେମିତିଆ କେତେ ଖିଆଲ ଥାଏ । ମୋ ବୟସରେ ସେଇଟା ଖିଆଲ ନୁହେଁ । ଧର ପଡ଼ାଏ, ପ୍ରାଣକୁ, ଅନ୍ତରକୁ ଘାଣ୍ଟୁଥିବେ । ଏମିତ ହୁଏ ଯେ ମଣିଷ ଅନ୍ୟ କଥା ଚିନ୍ତା କରି ପାରେ ନାହିଁ ।''

ତା'ର ସୁନ୍ଦର ଦାନ୍ତଗୁଡ଼ିକ ଗୋଟାଏ ବିକୃତ ହସରେ ଖୋଲିଦେଇ ସେ କହିଲା :

"କ୍ଲିଓପାଟ୍ରା ଯେତେବେଳେ ସ୍ତମ୍ଭଙ୍କ ହୋଇ ଜାହାଜ ଛୁଟେଇ ପଳେଇ-ଗଲା, ସେତେବେଳେ ତା' ପଛେ ପଛେ ଯିବ ବୋଲି ଅଣ୍ଟୋନି ବି ତା' ଜାହାଜକୁ ବୁଲେଇଦେଇ ଚାଲିଗଲା । ସେ ଏତେଗୁଡ଼ିଏ ଯୁଦ୍ଧଜାହାଜ, ଯେଉଁ ଆକ୍ଟିଅମ୍ ଲଢ଼େଇରେ ଲଢ଼ୁଥିଲା । ସେ ଜାହାଜମାନଙ୍କର ସେନାପତି ହୋଇଥିଲା, ଅଥଚ ଯୁଦ୍ଧଜାହାଜଗୁଡ଼ାକ ଛାଡ଼ିଦେଇ ଆପଣା କର୍ତ୍ତବ୍ୟ ଫୋପାଡ଼ିଦେଇ ଚାଲିଗଲା ।

Digitized by srujanika@gmail.com

ଫଳରେ ସେ ଅକ୍ଟିଅମ୍ ଲଢ଼େଇରେ ତା'ଶତ୍ରୁ ଅକ୍ଟାଭିଅନସ୍ ପାଖରେ ହାରିଗଲା । ଅତଏବ ଦେଖୁଛ ତ, ପ୍ରେମ ମଣିଷକୁ କ'ଣ କରେ !"

ସେ ଠିଆ ହୋଇପଡ଼ିଲା, କାନ୍ଧକୁ ପଛକୁ ଝାଙ୍କି ଦେଲା । ମଣିଷ ନିଜ ଇଚ୍ଛା ବିରୁଦ୍ଧରେ କାମ କରୁଥିଲେ ଯେମିତି ଭଙ୍ଗୀରେ କଥା କହନ୍ତି ସେମିତି ଭଙ୍ଗୀରେ କହିଲା :

"ହଁ—ଯାହା ହେଉ—ମୁଁ ବାହା ହେଉଛି ତ !"

"କେବେ ?"

"ଏଇ ହେମନ୍ତ ଋତୁରେ, ଏ ସେଓ ବକେଇବା କାମ ଆମର ସରିଗଲେ ସେଇଠୁ—"

ସେ ଚାଲିଗଲା । ଦୁଆରମୁହଁ ବାଟେ ଗଲା ଚାଲିଗଲାବେଳେ ମୁଣ୍ଡକୁ ଯେତିକି ନୁଆଁଇବା କଥା ତା'ଠୁଁ ଅଧିକ ତଳକୁ ମୁଣ୍ଡ ନୁଆଁଇଗଲା ।

ବଗିଚାକୁ ଗଲି । ଭାବୁଥାଏଁ ବୋଧହୁଏ ହେମନ୍ତ ଋତୁ ହେଲେ ମୁଁ ଏଠୁ ଚାଲିଗଲେ ଭଲ ହେବ ।

ଅଣ୍ଟନି କାହାଣୀ ସେ କାହିଁକି ପକାଇଲା ? ମତେ ଆଦୌ ଭଲ ଲାଗିଲା ନାହିଁ ।

ଯେଉଁ ସେଓ ଫଳତକ ଅଗ ଅଗ ପାଚେ, ତାକୁ ତୋଳିବା ବେଳ ଖୁବ୍ ଶୀଘ୍ର ଆସିଯିବ । ଫଳ ତ ବହୁତ ଫଳିଛି । ଗଛ ଡାଳଗୁଡ଼ାକ ଫଳ ଲଦିହୋଇ ଭୁଇଁଯାକେ ଓହଳି ପଡ଼ିଥାଏ । ତୋଟାମାନଙ୍କରେ ଗୋଟାଏ ଲଢ଼ା ବାସ୍ନା ସବୁବେଳେ ଲାଗିରହିଥାଏ । ସେଠି ପିଜଏ ଖେଳୁଥାନ୍ତି, ଯେଉଁ ଫଳଗୁଡ଼ାକ ପୋକ ଝିଙ୍କ୍ରାଇଥାନ୍ତି ଆଉ ଯେଉଁ ନାଲି-ଧଳା ଫଳଗୁଡ଼ାକ ପବନରେ ଝଡ଼ିଥାଏ ତାକୁ ଗୋଟେଇଥାନ୍ତି ।

ଅଗଷ୍ଟ ମାସ ଆରମ୍ଭ ବେଳ । ରେମାସ୍ କାଜାନ୍ ସହରକୁ ଯାଇଥିଲା ସେ ଗୋଟାଏ ଡଙ୍ଗାରେ ଭର୍ତ୍ତିକର ମାଲ, ଆଉ ଗୋଟାଏ ଡଙ୍ଗାରେ ଖାଲି ଟୋକେଇଗୁଡ଼ାଏ—ଏଇତକ ସଙ୍ଗରେ ଯେନ ଲେଉଟି ଆସିଲା । ସେତେବେଳକୁ ସକାଳ ଆଠଟା । ସେ ସେହିକ୍ଷଣି ଅସ ଧୁଆଧୋଇ ହୋଇ ଲୁଗାପଟା ପାଲଟିସାରି ବ୍ଳହା ଖାଇବ ବୋଲି ବସିପଡ଼ୁଥାଏ, କହୁଥାଏ :

Digitized by srujanika@gmail.com

"ଗୀତରେ ନଈରେ ଡଙ୍ଗାରେ ଥିଲେ ଖାଲି ଭଲ ଲାଗେ ।"

କଥା ମଝିରେ ସେ ନାକରେ ସୁଁ ସୁଁ କରି ଶୁଙ୍ଘ୍, ଶୁଙ୍ଘ୍ ହୋଇ ବଡ଼-ଦକ ହୋଇ ପଚାରିଲା :

"ଧୂଆଁ ଗନ୍ଧ ହେଉନାହିଁ ?"

ଠିକ୍ ସେତିକିବେଳେ ଦୁଆରେ ଥାଇ ଆର୍ଦିନ୍ୟା ଚିତ୍କାର କଲା :

"ନିଆଁ !"

ଆମେ ଦୌଡ଼ିଗଲୁ । ଗୁଳାଘରେ ନିଆଁ ଲାଗିଥାଏ, ଘରର 'ସେଇ ପଟ ପଛଦା ବଗିଚା' ଆଡ଼କୁ ସେଇ ପଟେ । ସେଇ ଗୁଳାଘର ଭିତରେ ଆମର ସବୁଯାକ କିରୋସିନ, ଆଲକାତରା ଆଉ ତେଲ ଥୁଆହୋଇଥିଲା । ମୁହୂର୍ତ୍ତେ ଆମେ ସେଠି ହୁକ୍କାବକ୍କା ହେଲାପରି ଠିଆ ହୋଇ ରହିଲୁ । ହଳଦିଆ ହଳଦିଆ ନିଆଁ—ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ସେ ଫିକା ଦିଶୁଥାଏ । ଜେମିତି ସେ ନିଆଁ ସ୍ୱତନ୍ତ୍ର କାମ କଲା ପରି ଚତୁର ଜିଭ ଲମ୍ବେଇଦେଇ ଛାତ ଆଡ଼କୁ କାନ୍ଥକୁ ଚାଟି ଚାଟି ଚଢ଼ୁଛି । ସେଇଆ ଦେଖୁଥାଉଁ । ସେତେବେଳେ ଆର୍ଦିନ୍ୟା ହାଣ୍ଡିଏ ପାଣି ଆଣିଲା । ଗ୍ରେମାସ୍ ସେ ପାଣିକୁ ନିଆଁର ଫୁଲମାନଙ୍କ ଉପରେ ଅଜାଡ଼ିଦେଲା, ହାଣ୍ଡିକୁ ଫୋପାଡ଼ିଦେଲା, କହିଲା :

"ଏଥିରେ କିଛି ଫଳ ହେବ ନାହିଁ । ପିପାଗୁଡ଼ାକ କାଢ଼ିଆଣ ମ୍ୟାକ୍‌ସିମିଚ୍ । ଆର୍ଦିନ୍ୟା, ଦୋକାନକୁ ଦୌଡ଼ିଯା' ।"

ମୁଁ ଚାଲିଲି ଯାଇ ଗୋଟାଏ ଆଲକାତରା ପିପାକୁ ଗୁଳାଘରୁ କାଢ଼ିଆଣି ଦୁଆର ପାଖହୋଇ ବାଡ଼ରେ ରଖିଦେଲି । ସେତେବେଳେ ଗୋଟାଏ କିରୋସିନ ପିପା ଯୋଗାଡ଼ କରାଇଲି । କିନ୍ତୁ ତାକୁ ଯେମିତି ତଳେ ଗଡ଼େଇ ଦେଉଛି, ଦେଖିଲି ଯେ ତା' ଟିପି କୁଆଡ଼େ ଗଲାଣି, କିରୋସିନଗୁଡ଼ାକ ତଳେ ବୋହିଯାଉଛି । ମୁଁ ଠିପି ଖୋଜିଲାବେଳକୁ ନିଆଁ ବି ତା' କାମ କରୁଥିଲା । ତା'ର ଖୋଳ ଲୁଳିଥିବା ଅଙ୍ଗ ଠିପିଗୁଡ଼ାକ ପଟାରେ ଛାଆର ହୋଇଥିବା କାନ୍ଥର ଫାଟ ସନ୍ଧିରେ ପୋଲହୋଇ ମାଡ଼ିଆସିଲା । ଛାତଟା ଚଡ଼ଚଡ଼ ଶୁଭିଲା । ଆଉ ଓଟା କଲକଲିଆ ଗୁଣ୍ଡୁଗୁଣ୍ଡୁ ଶବ୍ଦ ମୋ କାନରେ ବାଜିଲା । ଅଧେ ଖାଲି ହୋଇଯାଇଥିବା ପିପାଟାକୁ ଧରି ଦଉଡ଼ି ବାଟେ ମୁଁ ଯେମିତି ପଦାକୁ ଆସିଛି, ସେମିତି ଦେଖିଲି ଯେ ପାଣି କରି ଭଲ କଲକଲା

Digitized by srujanika@gmail.com

ରଙ୍ଗ ଗ୍ରହ ପୁରୁଷ, ସ୍ତ୍ରୀ, ସାନ ସାନ ପିଲା—ଏମିତି ସମସ୍ତେ ଗାଁ'ର ଚାରିଆଡ଼ୁ ଏକ ଆଡ଼କୁ ଦୌଡ଼ି ଆସୁଛନ୍ତି । ଥୋମାସ୍ ଓ ଅଲିସିଆ ଜନ୍ତୁଗୁଡ଼ାକ ଦୋକାନ ଘର ଭିତରୁ କାଢ଼ି ବାହାର ଗୋହିରୀରେ ବନ୍ଧେଇବାରେ ଲାଗିଥାନ୍ତି । ସଡ଼କ ମଝିରେ କଳା ପୋଷାକ ପିନ୍ଧି ବୁଢ଼ୀଟାଏ ଟିଅଣ୍ଟୋଇ ମୂଠା ହଲେଇ ହଲେଇ ପାଟି କରୁଥାଏ :

''ହାଇରେ ! ହାଇରେ ! ସଇତାନ୍‌ଗୁଡ଼ାକ !''

ମୁଁ ଆଉ ଥରେ ସ୍କୁଲଘର ଭିତରେ ପଶିଲାବେଳେ ଦେଖିଲି, ସେ ଘରେ ବହଳ ଧୂଆଁ ଖେଳି ଯାଉଛି । ଧୂଆଁ ମଝିରେ କ'ଣଟାଏ ଠୋ ଠୋ ଫୁଟୁଥାଏ ଆଉ ଗର୍ଜୁଥାଏ । ଛାତରୁ ତଳଯାଏ ନାଲି ନାଲି ଫିତାଗୁଡ଼ାଏ ଓହଳିଥାଏ, ଛଟମୋଡ଼ି ହେଉଥାଏ । ଝାନ୍ଟା ଆଉ ନ ଥାଏ । ତା' ବଦଳରେ ସେଠି ଗୋଟାଏ ଜଳନ୍ତା ଲୁହା ଜାଲି ଠିଆ ହୋଇଥାଏ । ଧୂଆଁରେ ମୋ ନିଃଶ୍ୱାସ ବନ୍ଦ ହୋଇ-ଯାଉଥାଏ, ଆଖିକି ଦିଶୁ ନ ଥାଏ । ତଥାପି କୌଣସିମତେ ଗୋଟାଏ ପିପ କୁ ମୁଁ ଗଡ଼େଇ ଗଡ଼େଇ ଦୁଆରମୁହଁ ଯାଏ ନେଲି । କିନ୍ତୁ ସେଠି ପିପଟା ଲାଖିଗଲା, ଆଉ ଟଳେ ଟଳିଲା ନାହିଁ । ମୋ ଉପରେ ଛାତରୁ ବର୍ଷା ପରି ନିଆଁଗୁଳା ଝଡ଼ୁଥାଏ । ମୋ ମୁହଁରେ, ମୋ' ହାତରେ ନାହୁଡ଼ ମାରିଲା ପରି ଜ୍ୱଳା ଜଳା ହେଉଥାଏ । ମୁଁ ସାହାଯ୍ୟ ମାଗି ପାଟିକଲି । ଥୋମାସ୍ ଦୌଡ଼ିଆସି ମତେ ଦୁଆରକୁ ଘୋଷାରି ନେଲା, କହିଲା : "ସେଇଟା ଫୁଟିବା ଆଗରୁ ପଳା ।"

ସେ ଘର ଭିତରକୁ ଦୌଡ଼ି ପଳାଇଲା । ତା' ପଛେ ପଛେ ମୁଁ ଦୌଡ଼ିଗଲି ଅଟକୁ, ମୋ ବନ୍ଧୁକ ରକ୍ଷା କରିବି ବୋଲି । ଝରକାବାଟେ ବନ୍ଧୁକ ଫୋପାଡ଼ି ଦେଉଥିଲା ପରେ ମୁଁ ଦେଖିଲି, ସେଠି ଗୋଟାଏ ପେଡ଼ିରେ ଟେପିଗୁଡ଼ାଏ ଭର୍ତ୍ତି ହୋଇ ରହିଛି । ତାକୁ ବି ଝରକାବାଟେ ପଦାକୁ ଫୋପାଡ଼ିବାକୁ ବସିଲି, କିନ୍ତୁ ଝରକାଟା ତ ସାନ, ପେଡ଼ିଟା ଗଲିଲା ନାହିଁ । ସେଇଠୁ ମୋଟାଏ ଅଧ 'ଯୁଡ଼୍'ଓଜନ ବଟକରା ଟେକିନେଇ ଝରକା ବନ୍ଧଟାକୁ ଭାଙ୍ଗିଦେବାକୁ ଚେଷ୍ଟା କଲି । ସେଇଠୁ, ଗୋଟାଏ ଚୋପ ଫୁଟିଲା ପରି ଗୁମ୍‌କିନା ଶବ୍ଦ ହେଲା ଓ ଝରଝର ହୋଇ ଘର ଛାତରେ କ'ଣ ଗୁଡ଼ାଏ ଅଗ୍ନି ପିଚକି ହେଲା । କରସିନ ଫମ୍ପାଟା ବାଣ ଫୁଟିଲା ପରି ଫାଟି-ଥାଏ । ଚଡ଼ଚଡ଼ ଶବ୍ଦ କରି ଛାତରେ ନିଆଁ ଲାଗିଗଲା । ମୋ ଝରକା ବାଟେ ନିଆଁର ଗୋଟାଏ ନାଲିଆ ଶୁଅ ପଶିଆସି ବଖରା ଭିତରକୁ ଅନ୍ଧାରିଦେଲା । ଗରମ ଆଉ ସହି ହେଲା ନାହିଁ । ମୁଁ ସିଡ଼ିକୁ ଦୌଡ଼ିଗଲି, କିନ୍ତୁ ମତେ ଆଗୁଳିବାକୁ ଧୂଆଁର ବହଳ ମେଘମାନେ ମାଡ଼ିଆସିଲେ । ପ୍ରତି ପାହାଚରେ ନାଲି ନାଲି

Digitized by srujanika@gmail.com

ସାପଗୁଡ଼ାଏ ଲହଲହ ହେଉଥାନ୍ତି । ତଳେ ଦୁଆରମୁହଁ ପାଖେ ଚଡ଼ଚଡ଼ ଚଡ଼-ଚଡ଼ ଶବ୍ଦ ଶୁଭିଲା, ଯେମିତି ଲୁହା ଦାନ୍ତରେ କିଏ କାଠକୁ ଚୋବାଉଛି । ମୋ ବୁଦ୍ଧି ହଜିଗଲା । ଧୂଆଁରେ ମୋ ଆଖି ଅନ୍ଧ ହୋଇଯାଇଥାଏ, ମୋ ନିଃଶ୍ୱାସ ବନ୍ଦ ହୋଇଯାଉଥାଏ । ମୁଁ କାଠ ପରି ଠିଆ ହୋଇ ରହିଲି । କେତେ ବେଳ ରହିଲି ଜାଣେ ନାହିଁ । ସିଡ଼ି ଉପର ଦ୍ୱାରଦେଶରେ ଗୋଟାଏ ମୁହଁ ଦିଶିଲା, କମଳାଲେମ୍ବୁ ପରି ହଳଦିଆ ମୁହଁ । ତା'ର ନାଲି ଦାଢ଼ି । ପାଗଳ ଲୋକର ମୁହଁ ପରି ସେ ମୁହଁଟା ମୋଡ଼ି ହୋଇଛି । ମୁହଁଟା ଝୁଲେଇଗଲା । ଆଉ ମୁହୂର୍ତ୍ତିରେ ରକ୍ତ ପରି ନାଲି ନାଲି ନିଆଁ ଗୁଚ୍ଛ ଭେଦ ତଳକୁ ଫୁଟିଆସିଲା ।

ମନେ ପଡ଼ୁଛି, ମତେ ଲାଗୁଥାଏ ଯେ ମୋ ମୁଣ୍ଡବାଳ ସାଉଁସାଉଁ ଶବ୍ଦ କରି ପୋଡ଼ିଯାଉଛି, ଆଉ ସେଇ ଶବ୍ଦ ଛଡ଼ା ମୁଁ ଅନ୍ୟ କୌଣସି ଶବ୍ଦ ଶୁଣୁନାହିଁ । ମୋର ମନ ଭିତର ହାଉଳି ହେଲା ଯେ ମୋର ଶେଷ ମୁହୂର୍ତ୍ତ ଆସିଗଲା । ମୋ ପାଦ ଦି'ଟା ସିଶା ପରି ଓଜନ ଲାଗୁଥାଏ । ମୁଁ ଆଖି ଉପରେ ହାତପାପୁଲି ମାଡ଼ି ଆଖିକି ବନ୍ଦେଇବାକୁ ଚେଷ୍ଟା କଲେ ସୁଦ୍ଧା ଆଖିଯୋଡ଼ାକ ଜଳି ପୋଡ଼ୁଥାଏ ।

କିନ୍ତୁ ଆତ୍ମରକ୍ଷା କରିବାପାଇଁ ମଣିଷଠି ଯେଉଁ ପ୍ରବୃତ୍ତି ଅଛି, ତାର ଅଦ୍ଭୁତ ବୁଦ୍ଧି । ସେଠୁ ଉଦ୍ଧରିବାର ଏକମାତ୍ର ଉପାୟ ସେ ମତେ ବତେଇଲା । ମୋ ହାତ-ପାଆନ୍ତ ଯେତେ ଯାହା ନରମ ଜିନିଷ ମିଳିଲା ତାକୁ କୁଣ୍ଢେଇ ଧରିଲି — ମୋ ଶେଯ, ମୋ ତକିଆ, ଏମିତି କେତେ । ମୋ ମୁଣ୍ଡ ଉପରେ, କାନ୍ଧ ଉପରେ ରେମାସ୍‌ର ମୋଟା ଚମ ଉଆର କୋଟ୍‌ଟା ପକେଇଦେଲି, ସେଇଠୁ ଝରକାବାଟେ ପଦାକୁ ଡେଇଁପଡ଼ିଲି ।

ମୁଁ ଆଖି ଖୋଲିଲାବେଳେ ବନ୍ଧ ଗୋହିରି ଡାଡ଼ରେ ମୁଁ ଲମ୍ବ ହୋଇ ପଡ଼ିଥାଏ, ଆଉ ମୋ କଡ଼ରେ ତଳେ ବସିପଡ଼ି ରେମାସ୍ ବଡ଼ ପାଟିରେ ଡାକୁଥାଏ "କେମିତି ଲାଗୁଛି ? ଭଲ କି ?"

ମୁଁ ଉଠିପଡ଼ି ଠିଆ ହେଲି । ଆମ ଘରଟା ଭସ୍ମ ହୋଇଯାଉଥାଏ । ସେଇ ଆଡ଼କୁ ଅବାକାବା ହୋଇ ଅନାଇଁ ରହିଲି । ଘରଯାକ ଖାଲି ହଳହଳ ନାଲି ପତାକାଗୁଡ଼ାଏ ଟଙ୍ଗାହେଲା ପରି ଦିଶୁଥାଏ । ତା ସାମ୍ନାରେ ଯେଉଁ କଳା ମାଟି ତାକୁ ନାଲି ନାଲି ଜଉଚୁଡ଼ାଏ ଚାଟି ଲାଗିଥାଏ । ଝରକାଗୁଡ଼ାକ କଳା କଳା ଧୂଆଁ ବାନ୍ତି କରୁଥାଏ । ଗୁଚ୍ଛ ଉପରଯାକ ହଳଦିଆ ଫୁଲଗୁଡ଼ାଏ ଡୋହଲି ଲାଗିଥାଏ । ରେମାସ୍ ପୁଣି ପାଟିକଲା, "କହ, ଭଲ ଲାଗୁଛି କି ?" ତା' ମୁହଁଯାକ କଳାଗୁଡ଼ାକ ଲଟିଥାଏ, ମୁହଁରୁ ଝାଳ ଜରଜର ହୋଇ ବୋହୁଥାଏ, ମୁହଁଟା

Digitized by srujanika@gmail.com

ତାଉନ୍ତ ପର ତନ୍ତୁଥାଏ । ତା' ଆଖି ଦୋଟି ଉଦ୍‌ବେଗରେ ଫର୍‌ଫର୍ ହେଉଥାଏ । ଦାଢ଼ିରେ ଅଲକ୍ତ ଲାଗିଯାଇଥାଏ । ମୋ ଉପରେ ସତେ ଯେମିତି ଅନନ୍ତର ଜନ୍ମର ମାନ୍ତଗଲା, ସବୁ ଅବସାଦ ଭୁଲିଗଲା । ସ୍ୱପ୍ନପ୍ରବଣତାର ପ୍ରବାହରେ ମୁଁ ଅଧୀର ହୋଇପଡ଼ିଲି । ସେତିକିବେଳେ ମୁଁ ମୋ ବାଁ ଗୋଡ଼ରେ ଖୁବ୍ ଯନ୍ତ୍ରଣା ଅନୁଭବ କଲି, ସତେ ଯେମିତି ଗୋଡ଼ଟାକୁ କିଏ କାଟିପକାଉଛି । ଯନ୍ତ୍ରଣା ଭୁଲି ହେ ପଡ଼ିଯାଇ ପ୍ରେମ ସବୁ କହିଲି :

"ମୋ ଗୋଡ଼ ଗଣ୍ଠି ଘୁଞ୍ଚିଗଲା ।"

ସେ ମୋ ଜଙ୍ଘ ଉପରେ ହାତ ବୁଲେଇଲା, ସେଇଠୁ ହଠାତ୍ ଦେଲା ଜୋରରେ ଝିଙ୍କା । ଖୁବ୍ ଯନ୍ତ୍ରଣା ହେଲା, କିନ୍ତୁ କେତେ ମିନଟ ପରେ ମୁଁ ଅଳ୍ପ ଚାଲିପାରୁଥାଏଁ ଯିବା, ଅନନ୍ତରେ ମତେ ଜଣା ପଡ଼ିଲା ପରି ଲାଗୁଥାଏ, ଆଉ ସେତିକି ଜଙ୍ଗଲ ଭିତରେ ରକ୍ଷା କରିଯାଇପାରିଥିଲା ସେତିକି ଆମ ସାଧୁଆଘରକୁ ବୋହିନେବା କାର୍ଯ୍ୟରେ ମୁଁ ସାହାଯ୍ୟ କରୁଥାଏଁ । ପ୍ରେମାସ୍ ତା' ଧୂଆଁ ପରି ଧୂଆଁ-ଗିଆ ଚାଲିମକୁ ହାତରେ କାମୁଡ଼ି ଧରିଥାଏ, ଲୁହ ଝରି ଥାଏ, କହିଲା :

"ମୁଁ ତ କଳ୍ପିତ ସ୍ୱପ୍ନରେ ଧରିନେଇଥିଲି ଯେ ଯେମିତି କରମ୍ପିକ ଗିଣ୍ଟା ନିଆଁ ଲଗି ଫାଟି ହୁଡ଼ିଯାଇ ଘର ଛାତରେ ବାଜିଲା ଭୂମ କଥା ସରିଗଲା, ଆଉ ତମକୁ ଆମେ ପାଇବୁ ନାହିଁ । ନିଆଁ ଗୁଡ଼ାକ ଗୋଟାଏ ଖୁଣ୍ଟ ପରି ଉପରକୁ ଉଠିଗଲା, ବହୁତ ଉଚ୍ଚକୁ । ସେଇଠୁ ତା' ଉପରେ ଗୋଟାଏ ପ୍ରକାଣ୍ଡ ଛତୁଟାଏ ହୋଇଗଲା, ଆଉ ଏକାଥରକେ ସମୁଦାୟ ଘରଟ ଯାକ ନିଆଁ ଲାଗିଗଲା । ସେଇଠୁ ମୁଁ ଜାଣିଲି ହଉ, ମାଇଁମିତ୍, ବଢାୟୁ, ବଢାୟୁ ।"

ସମୁଥର ମନ ସେତେବେଳେ ବି ସେ ଶାନ୍ତ, ଅବିଚଳିତ ଥାଏ । ଯାହା ଜଙ୍ଗଲ ବଞ୍ଚିଥାଏ, ସେତିକି ଧରେଇ ସଜେଇ ଗଦା ଗଦା କରି ଥୋଉଥାଏ । ଅତଫିନ୍ୟା ବି ତ ଖ ପଣ କଲା ବୋଲି ହୋଇଥାଏ । ଲୁଗାପଟାର ଅବସ୍ଥା ନାହିଁ । ସେ ଅତଫିନ୍ୟାକୁ କହିଲା :

"ତୁ ଏଇଠି ଥା', ଏ ଜଙ୍ଗଲ ଉପରେ ନଜର ରଖିଥା' । ମୁଁ ଯାଏଁ ନିଆଁ ନିଭାଏ ।"

କାଠ ଚୌକାଠ ଉପରେ ଧୂଆଁରେ ଖଣ୍ଡ ଖଣ୍ଡ କାଗଜ ଫଡ଼ଫଡ଼ ହୋଇ ଉଡ଼ୁଥାଏ । ପ୍ରେମାସ୍ କହିଲା, "ଆଃ ! ବହିଗୁଡ଼ାକ ! କେତେ ଦୁଃଖର କଥା ! ବହିଗୁଡ଼ିକ ମୁଁ କେତେ ଭଲ ପାଉଥିଲି ।"

Digitized by srujanika@gmail.com

ଘୁରିଟା ଘର ଫାଇ ଫାଇଁ ଜଳ ଯାଉଥାଏ । ପବନ ଥାଏ । ନଈ ତା' ଆପଣା ମୁଖେ ଧୀରେ ମୃଦୁ କାମ କରିଯାଉଥାଏ । ତରଙ୍ଗର ନ ହୋଇ ବାଁ'କୁ ଡାହାଣକୁ ବ୍ୟାପୀ ଯାଉଥାଏ, ସବୁ ସବୁ ଡଙ୍କ ମେଲେଇ ଦେଉଥାଏ । ଡଙ୍କଗୁଡ଼ାକ ସେତିକ ନିଜ ଇଚ୍ଛା ବିରୁଦ୍ଧରେ ଗୁଛମାନଙ୍କୁ ଧରି ପକାଉଥାନ୍ତି, ଝାଟିବାଡମାନଙ୍କୁ ଧରି ପକାଉଥାନ୍ତି । ଶୁଖିଲା ସ୍ଥଳକୁ ଜଳନ୍ତା ପାଣିଅଁ ଭୁଣ୍ଡେଇ ପକାଉଥାଏ, ମୋଡ଼ି ପକାଉଥାଏ । ଝାଟିବାଡ଼ଗୁଡ଼ାକରେ ବଙ୍କା ବଙ୍କା ଜଳନ୍ତା ଆଙ୍ଗୁଳିଗୁଡ଼ାଏ ଏମୁଣ୍ଡ ସେମୁଣ୍ଡ ଖେଳି ଯାଉଥାଏ । ମୋଡ଼ା ହୋଇ ଛନ୍ଦା ହୋଇଥିବା ଝାଟିଗୁଡ଼ାକୁ ଓଟାରି ପକାଉଥାଏ, 'ସତେ ଯେମିତି ତାର ଓଟାରୁଛୁ । ପବନରେ ଧୂଆଁ ଲଦାଲଦି । ସେହି ଧୂଆଁ ଭିତରେ ନିଆଁର ଘାଉଁଘାଉଁ ବୋବାଳି ଶୁଭୁଥାଏ । ସେ ଶବ୍ଦ ଭୟଙ୍କର, ସେ ନିଜେ ଷଡଯନ୍ତ୍ରକ ବୋଲି ଜଣାଇଦିଏ । ଜଳନ୍ତା କାଠର ଚଡ଼ଚଡ଼ ଶୁଭୁଥାଏ, ଧୀର ଶବ୍ଦ, କୋମଳ ଶବ୍ଦ ପରି ଶୁଭୁଥାଏ । ଧୂଆଁ ଭିତରୁ ମୁକେଇ ନିଆଁ ଗୁଡ଼ାଏ ସଡ଼କ ଉପରେ ଆଉ ଅଗଣା-ମାନଙ୍କ ଉପରେ ଖସିପଡ଼ୁଥାଏ । ଲୋକେ ପାଗଳ ପରି ଏପଟ ସେପଟ ଦୌଡ଼ୁଥାନ୍ତି, ନିଜ ନିଜ ଘର ନିଜ ନିଜ ଜିନିଷପତ୍ର ପାଇଁ ସମସ୍ତେ ଧନ୍ଦି ହେଉଥାନ୍ତି । ବାରମ୍ବାର ଗୋଟାଏ ବିଳାପ ଧ୍ୱନି ପରି ଚିତ୍କାର ଶୁଭୁଥାଏ :

"ପା – ଣି"

ପାଣି ତ ବହୁତ ଦୂରରେ, ଢିପର ଅତଡ଼ା ତଳେ । ଭଲ୍‌ଗା ନଦୀର ଗଳେ ଯାଇ ପାଣି ।

ଟୋମାସ୍ କାହାର କାମିଜ୍‌ର ହାତ ପାଖରୁ ଧରି ଓଟାରିଲା, କାହା କାମିଜର ବେକ ପାଖରୁ ଧରି ଓଟାରିଲା । ଏମିତି ଓଟାରି ଓଟାରି ସେ' ଲୋକଙ୍କୁ ଏକାଠି କଲା । ତାଙ୍କୁ ଦୁଇ ଦଳ କରି ଭାଗ ଭାଗ କରିଦେଲା, ଆଉ ନିଆଁ ଲାଗିଥିବା ଅଞ୍ଚଳର ଦୁଇ ମୁଣ୍ଡରୁ ବାଡ଼ଗୁଡ଼ାକ ଓ ବାହାର ଘରଗୁଡ଼ାକ ଓଲଟେଇଦେବା ସକାଶେ ସେ ଦୁଇ ଦଳକୁ ବଟାଇ ପଠାଇଦେଲା । ସେମାନେ ରୁଣ୍ଡମୁଣ୍ଡ ନକରି ତା' ହୁକୁମ ତାମିଲ କଲେ । ସେହିଠୁ, ନିଆଁଟା ଯାହା ଧାଡ଼ିକଡ଼ାକ ଘରକୁ, ଏପରିକି ସମୁଦାୟ ଗାଁଟାକୁ ଖାଇଦେବ ବୋଲି ନିଶ୍ଚିତ ବିଶ୍ୱାସରେ ମାଡ଼ିମାଡ଼ି ଯାଉଥିଲା ସେ ନିଆଁ ସଙ୍ଗରେ ଅଗଣ୍ଠି ବୃଦ୍ଧିଅ ବାଗରେ ଲଢ଼େଇଟା ଚାଲିଲା । କିନ୍ତୁ ଲଢ଼େଇ ଚାଲିବେଳେ ଗାଁ ଲୋକେ ଡରିକି ଡରିକି ଲଢ଼ୁଥାନ୍ତି । ଜିତିବେ ବୋଲି ତାଙ୍କ ମନରେ ଆଶା ନ ଥାଏ । ତାଙ୍କୁ ଦେଖି ଲାଗୁଥାଏ, ସେମାନେ ସତେ ଯେମିତି ବୁଝୁଛନ୍ତି ଯେ ସେ ଲଢ଼େଇଟା ତାଙ୍କ ନିଜ ହିତ ପାଇଁ ନୁହେଁ, ପର ପାଇଁ ।

Digitized by srujanika@gmail.com

ମୋ ମନରେ ଏତେ ଉଲ୍ଲାସ ଆସୁଥାଏ ଯେ ମୋ ଦେହରେ ବହୁତ ବଳ ସଞ୍ଚାର ହୋଇଥିଲା ପରି ମନେ ଲାଗୁଥାଏ । ମୋ ଜୀବନରେ ଆଗରୁ କେବେ ମୁଁ କେଉଁଠି ଏତେ ବଳ ଅନୁଭବ କରି ନ ଥିଲି ।

ସାହି ମୁଣ୍ଡରେ ଗୋଟିଏ ସାନ ପଲଟିଏ ଏକାଠି ଠିଆ ହୋଇଥିବାର ମୁଁ ଦେଖିଲି । ସେମାନେ ଏ ଗାଁ'ର ଧନୀଲୋକେ । ତାଙ୍କ ଭିତରେ ବ୍ରଜମିନ୍ ଥାଏ, ଷ୍ଟାରେଷ୍ଟା ଥାଏ । ସେ ଦୁଇଜଣ ମୁଖିଆ । ସେମାନେ ସେଠି ଖାଲଟାରେ ଠିଆହୋଇ ପାଟି କରୁଥାନ୍ତି, ହାତ ହଲେଇ ଅଙ୍ଗଭଙ୍ଗୀ କରୁଥାନ୍ତି, ବାଡ଼ି ହଲେଇଥାନ୍ତି । ଖାଲି ଫଳଶୂନ୍ୟ ଦେଖାଯାଇ ପଡୁଥାଏ । ନିଆଁ ଲିଭେଇବାକୁ ଆଙ୍ଗୁଠିଟାଏ ବି ହଲେଇ ନ ଥାନ୍ତି । କ୍ଷେତରୁ କେତେ ଘୋଡ଼ା ଚଢ଼ି ଧାଇଁ ଆସୁଥାନ୍ତି । ଘୋଡ଼ାଙ୍କ କଦମ୍ ଦଉଡ଼ୋଇ-ଥାନ୍ତି । ତାଙ୍କ ଜହ୍ନୁଣୀଗୁଡ଼ାକ ହଲହଲ ଭାବ ପାଖରୁ ଶୁଭୁଯାଉଥାଏ । ମାଇକିନିଆମାନେ ହାଇଁଲା ହେଉଥାନ୍ତି । ଛୁଆମାନେ ଏପଟ ସେପଟ ଦୌଡ଼ୁଥାନ୍ତି ।

ଆଉ ଗୋଟାଏ ଅଗଣାରେ ବାହାଣିଆ ଘରଗୁଡ଼ାକରେ ନିଆଁ ଲାଗିଗଲା । ସୁହାଳଘରଟାକୁ ଜଲ୍‌ଦି ଭାଙ୍ଗି ଦେବାକୁ ଦରକାର ପଡ଼ିଲା । ତାର ଛାଟିମାଟି ବାନ୍ଧ । ସେତେବେଳକୁ ବାନ୍ଧରେ ନିଆଁ ଲାଗିଗଲାଣି ଯେ ବାନ୍ଧଯାକ ନିଆଁର ଲକଲକ ଜିଭଗୁଡ଼ାଏ ଲାଗିଲାଣି । ଚଷାମାନେ ସେ ବାନ୍ଧର ଖୁଣ୍ଟଗୁଡ଼ାକୁ ହାଣି ବସିଲେ, କିନ୍ତୁ ତାଙ୍କ ଉପରେ ନିଆଁ ଗୁଳ ଆଉ ଉଡ଼ନିଆଁ ଝୁଣ୍ଟୁରୁ ହୋଇ ଅଜାଡ଼ି ହୋଇ ପଡ଼ିଲା । ସେମାନେ ତେଣିପଟ ପଳେଇଆସିଲେ । ତାମିଜ ଉପରେ ଯେଉଁଠି ଯେଉଁଠି ନିଆଁ ପଡ଼ି ପୋଡ଼ି ଯାଉଥାଏ ସେଠି ହାତରେ ରଗଡ଼ୁଥାନ୍ତି ।

ସେମାସ୍ ପାଟିକଲା : "ଆରେ ଡରୁଆଙ୍କ ପରି ବାହିକ ଲାଗୁଛ ଲାଜୁଛ ହୋ?"

ସେଥିରେ କିଛି ଫଳ ହେଲା ନାହିଁ । ସେଇଠୁ ସେ ବାହାର ଜଣକ ମୁଣ୍ଡରୁ ଟୋପିଟା ଓଟାରିନେଇ ମୋ ମୁଣ୍ଡରେ ମାଡ଼ିଦେଇ କହିଲା :

"ତୁମେ ସେପଟେ ଲାଗ, ମୁଁ ଏପଟ କଥା ବୁଝୁଛି ।"

ମୁଁ ଗୋଟାଏ ଖୁଣ୍ଟକୁ ହାଣିପକାଇଲି, ସେଇଠୁ ଆଉ ଗୋଟାଏ । ବାନ୍ଧଟା ଟଳଟଳ ହେଲା । ମୁଁ ତା' ଉପରେ ଚଢ଼ିଯାଇ ତା' ମୁଣ୍ଡକୁ ଯାବୁଡ଼ି ଧରିଲି

Digitized by srujanika@gmail.com

ସ୍ୱେମାସ୍ ମୋ ହ'ଗୋଡ ଧରି ଘୋଷାରିଲା । ସେଥିରୁ ଗୋଟାକଯା'କ ଚାରି ଲୁହ୍‌କରି ପଡ଼ିଗଲା । ମୁଁ ତା' ତଳେ ଯୋଡ଼ହୋଇପଡ଼ିଲି । କିନ୍ତୁ ଡଷ୍ଟାମାନେ ମତେ ଟାଣି ଭିଡ଼ାଭିଡ଼ି ବାହାରକୁ ସଡ଼କକୁ ନେଲେ ।

ସ୍ୱେମାସ୍ ମତେ ପଚାରିଲା, "ଦେହରେ କେଉଁଠି ଯୋଡ଼ିଗଲା ?"

ତା ହୃଦବେଗ ଦେଖି ମେ ଠିଁ ନୂଆ ବଳ, ନୂଆ ସ୍ପିପ୍ରତା ଆସିଗଲା । ଏ ଯେଉଁ ଲୋକଟି ମୋର ଏତେ ପ୍ରିୟ, ତା' ଆଖିରେ ଗୋଟାଏ ଦେଖିଲି ଭଲ ଭଲ କାମ କରିବ ବୋଲି ମୋର ମନ ଡାକୁଥାଏ । ମୁଁ ପାଗଳ ପରି ଖଟୁଥାଏଁ, ଖାଲି ତାକୁ ଖୁସି କରିବ ବୋଲି ।

ଯମ ଉପରେ ସେତେବେଳେ ବି ଧୂଆଁରେ, ଆମ ବନ୍ଧୁମାନଙ୍କରୁ ପୃଷ୍ଠାକୁ ପୃଷ୍ଠା ଫଡ଼ଫଡ଼ ହୋଇ ଉଡ଼ୁଥାଏ, ସତେ ଯେମିତି ପାଗଗୁଡ଼ାଏ ଉଡ଼ୁଛନ୍ତି ।

ତାହାଣପଟେ ନିଆଁ ଶେଷହେଲା କିନ୍ତୁ ବାଁ' ପଟେ ନିଆଁ ଅଫୁରନ୍ତ ଦୂରକୁ ମାଡ଼ିଗଲା । ସେତେବେଳକୁ ଦଣ୍ଟା ଘରେ ନିଆଁ ଲାଗିଲାଣି । ନାଲି ନାଲି ସାପ-ଗୁଡ଼ାକ ଫେର୍ କାଳେ କି ନୂଆ ଦୁଷ୍ଟାମି କରିବେ ସେଥିପାଇଁ ତାହାଣପଟେ ଥିଲା କେତେ ଲୋକ୍ଙ୍କୁ ଲଗାଇଦେଇ ସ୍ୱେମାସ୍ ଅନ୍ୟ ସମସ୍ତଙ୍କୁ ବିପଦ ଥାନକୁ ଅଡ଼େଇ-ନେଲା । ଅମେ ସେ ଧମ୍ମ ଡଷ୍ଟାମାନଙ୍କ କରିବାଟ ଦେଇ ଗଲାବେଳେ ତାଙ୍କ ଭିତରୁ କଣେ ଖିଭ ଫଁ ଫଁ ହୋଇ କହୁଥାଏ :

"ସେ୍ୱ ତ ଘରପୋଡ଼ା ମାମଲା ।"

କ୍ଲୁର୍ମିନ୍ କହିଲା, "ତା' ସାଧୁଅପଣ—ସେଇଠି ଖୋଜାଖୋଜି କରିବାକୁ ପଡ଼ିବ ।"

ଏ କଥାଗୁଡ଼ାକ ମତେ ବାଟୁଥାଏ, ମୋ ସ୍ମରଣରେ ଏ କଥାଗୁଡ଼ାକ ଲେଖିଗଲା ।

ସମସ୍ତେ ଜାଣିଛନ୍ତି ଯେ ଉତ୍ତେଜନା, ବିଶେଷତଃ ଅନନ୍ଦର ଉତ୍ତେଜନା ବହୁତ ବଳ ଅଣିଦିଏ । ମୁଁ ଉନ୍ମତ୍ତ ହୋଇ କାମ କରିଯାଉଥାଏ । କ୍ଲାନ୍ତ ମୁଁ ଅଟେ ଅନୁଭବ କରୁ ନ ଥାଏଁ । ଶେଷରେ କାମ ସରିବାର ମୁଁ ଏକଦମ୍ ଶ୍ରାନ୍ତି ପଡ଼ିଲି । ମନେପଡ଼ୁଛି, ମୁଁ ଜଳଟାରେ ବସିଥାଏଁ, ତ'ଣ ଗୋଟାଏ ତଳିଆ କାଗଜ ଉପରେ

Digitized by srujanika@gmail.com

ଅହଜଥାଏଁ । ଗ୍ରେମାସ୍ ଗୋଟାଏ ମାଟିଅରୁ ମୋ ଉପରେ ପାଣି ଢାଳିଦେଉଥାଏ ଆଉ ମତେ ବେଢ଼ି ଚଷାମାନେ ଠିଆ ହୋଇଥାନ୍ତି ଯେ ସେମାନେ ଗୁଣୁଗୁଣୁ ହୋଇ କୁହାକୋହି ହେଉଥାନ୍ତି :

"ଏ ଟୋକାଟା ଦେହରେ ବଳ ଅଛି ।"

"ସେ ଥିଲେ ତମର କିଛି ହେବ ନାହିଁ ।" ଗ୍ରେମାସର ଦ' ଗୋଡ଼ରେ ମୁଁ ମୋ ମୁଣ୍ଡକୁ ମାଡ଼ିଦେଇ ବେଲକ୍ଷ ହୋଇ ମନଇଚ୍ଛା କାନ୍ଦିଲି । ସେ ମୋ ଓଦା ବାଳକୁ ସାଉଁଳୁଥାଏ, କହୁଥାଏ :

"ଥାଉ, ଏଥର ବିଶ୍ରାମ କର । ତୁମେ ଖୁବ୍ କାମ କରିଛ ।"

ବୁରୁସ୍କିନ୍ ଅଉ ବାଉନଭ୍ ଦହେଁ କଳା ପଡ଼ିଯାଇଥାନ୍ତି । ସେମାନେ ମତେ କଢ଼ ଗୋହରିକି ନେଇଗଲେ । ସାନ୍ତ୍ୱନା ଦେଇ କହୁଥାନ୍ତି :

"ସବୁ ଠିକ୍ ହୋଇଗଲା ଭାଇ, ସବୁ କାମ ସରିଗଲାଣି ।"

"ବାପ୍‌ରେ, ତୁମେ ଗୁଣିଆ ହୋଇଗଲ ।"

ମୁଁ ସେଠି ପଡ଼ି ରହିଥାଏଁ । ନିଜ ମନରେ ଦମ୍ଭ ଆଣିବାକୁ ଚେଷ୍ଟା କରୁଥାଏଁ । ଦେଖିଲି ଦୁ' ଜଣଯାକ ଧଳା ବୃଷୀ ସେ କଢ଼ ଗୋହିରିରେ ପଶି ଆମ ଗାଧୁଆଘର ଆଡ଼କୁ ଆସିଲେ । ଆଗେ ଆଗେ ଚାଲିଥାଏ ଷ୍ଟାଗ୍ରେଷ୍ଟା, ତା' ପଛରେ ଦ' ଜଣ ଚଉକିଆ । ସେମାନେ ଗ୍ରେମାସର ହାତକୁ ଧରିଥାନ୍ତି । ଗ୍ରେମାସର ମୁଣ୍ଡରୁ ଟୋପି କୁଆଡ଼େ ଚାଲିଯାଇଥାଏ । ତା' ଓଦା କାମିଜର ଠାଏ ହାତ ପାଖେ ଚିରି ଯାଇଥାଏ । ସେ ତା' ପାଇପ୍‌କୁ ଦାନ୍ତରେ କାମୁଡ଼ି ଧରିଥାଏ । ତା' ମୁହଁ କଠୋର ଦିଶୁଥାଏ, ସେ ଭ୍ରୂକୁଞ୍ଚି କରୁଥାଏ । ସୈନିକ କୋଷ୍ଟିନ୍ ଗୋଟାଏ ଠେଙ୍ଗା ହଲେଇଥାଏ, ପାଗଳ ପରି ପାଟି କରୁଥାଏ :

"ଫୋପାଡ଼ ତାକୁ ଧରି ନିଅଁରେ । ହ୍ୱାପ, ଧର୍ମଦ୍ରୋହୀ ।"

ଜଣେ କହିଲା, "ଗାଧୁଆଘର ଖୋଲ ।"

ଗ୍ରେମାସ୍ କହିଲା, "ଚାଲିଟା ସ୍ୱର୍ଗ ଦିଅ, ସ୍ୱର ହଉଛି ।"

Digitized by srujanika@gmail.com

ମୁଁ କେତେପଡ଼ ତନ୍ତୁ ବାଡ଼ି ଖଣ୍ଡେ ଫୁଟେଇଦେଇ ଗ୍ରେମାସ୍ ଦଥରେ ପହଞ୍ଚିଗଲି । ତା' ପଛରିବାଲା ଦନ୍ତାଘାତ ସହ୍ୟଗଲେ । ଷ୍ଟାଗ୍ରେଷ୍ଟା ପାଟିକଲା, ତାହାରେ ଚିଡ଼ିରେଇ ଉଠୁଥାଏ । କହିଲା ।

''ଧର୍ମବିଶ୍ୱାସୀ ଲୋକେ । ତାଙ୍କ ଭଙ୍ଗିବା ମନା, ବେଥଇନ୍ ଦାମ ।''

କ୍ଲୁଜ୍‌ମିନ୍ ମୋ ଅଡ଼କୁ ହାତ ଦେଖାଇ ବଢ଼ିଲା :

"ହେଇଟି ଅଦ୍ଭୁତ ଗୋଟାଏ । ସେଇଟା କଏ, ମୁଁ ଜାଣନ୍ତି ଟିକଏ !''

ଗ୍ରେମାସ୍ ମତେ କହିଲା, ''ଅଣ୍ଡ୍ରାହ ମ୍ୟାକ୍‌ମିଚ । ସେମାନେ ସବୁତକ ମୁଁ ଗାଧୁଆଘରେ ସବୁ ମାଲ୍‌ମତା ଲୁଚେଇଦେଇ ସେଇଠୁ ପୋଷାକଘରେ ନଅଁ ଲଗେଇଦେଲି ।''

''ତୁମେ ବନ୍ଧେଇଘର ନଅଁ ଲଗେଇଲ ।''

"ତାଙ୍କ ଭଙ୍ଗ ।''

''ଧର୍ମବିଶ୍ୱାସିମାନେ...''

''କୈଫିୟତ୍ ଅମେ ଦବୁ, ତମେ ନୁହଁ ।''

''ଅମେ କୈଫିୟତ୍ ଦବୁଁ ।''

ଗ୍ରେମାସ୍ ମୋ କାନରେ ଫୁସ୍ ଫୁସ୍ କରି କହିଲା :

''ମୋ ପିଠରେ ପିଠି ଯୋଡ଼ିଦେଇ ଠିଆ ହୋଇଥା ଯେ କେହି ଅମୂକୁ ପଛରୁ ମାଡ଼ ଦେଇପାରିବେ ନାହିଁ ।''

ସେମାନେ ତାଳଟା ଛୋଟ ଛୋଟ ଝାଙ୍କି ଦେଲେ । ବନ୍ଧୁକଗୁଡ଼ାଏ ତଥା ଗାଧୁଆଘର ଭିତରେ ରହିଲା ବରି ପଶିଲାଇ ଏଙ୍କେ ସଙ୍ଗେ ବାହାର ବାହାରିଲେ । ଇତ୍ୟବସରେ ମୁଁ ମୋ ହାତରୁ ବାଡ଼ିଟା ଗ୍ରେମାସ୍ ହାତକୁ ବଢ଼େଇଦେଇ ସାର-ଥାଏଁ । ଅନ୍ୟ ଖଣ୍ଡେ ବାଡ଼ି ଗୋଟେଇ ନେଇଥାଏଁ ।

"ଏଠି କେହୁ ନାହିଁ ।''

Digitized by srujanika@gmail.com

"କିଛୁ ନାହିଁ !"

"ଖର ଶୁଣି । ବଦ୍‌ମାସଗୁଡ଼ାକ ।"

ଜଣେ ଅଙ୍ଗେଇ ଅଙ୍ଗେଇ ହୋଇ- କହୁଛି :

"ଆମେ ଭୁଲ୍ କରିଥିଲୁ ।"

କିନ୍ତୁ ଅନେକଗୁଡ଼ାଏ ସ୍ୱର ମଦ ନିଶାରେ ପାଟିକଲେ ଚର ଏକାଠି ଶୁଭିଲା :

"ତା'ମାନେ କଣ ? କି ଭୁଲ୍ ?"

"ସେଗୁଡ଼ାକୁ ଧରି ନଈଁରେ ପକାଇଦିଅ ।"

"ଗୋଲମାଲ ଲଗାଇଲାବାଲା !"

"ସମବାୟ ଙ୍କାଦ୍ରହନ୍ତୁ ।"

"ସ୍ୱେଚ୍ଛାଗୁଡ଼ାଏ, ସେ ଦଳକଯାକ ସ୍ୱେଚ୍ଛାଗୁଡ଼ାଏ !"

ଶେଷ ଘୋଡା ଶବ୍ଦକୁ ବୁଡ଼େଇଦେଇ ବ୍ରେମାସ୍ ପାଟିକଲା :

"ବୁଝନ୍ତୁ ଅ । ତୁମେ ତ ନିଜ ଆଖିରେ ଦେଖିଲ, ଗାଧୁଆଘରେ କିଛୁ ନାହିଁ । ତୁମର ଆଉ କଣ ଦରକାର ? ସବୁ ଜଳି ପୋଡ଼ିଗଲା । ଯାହା ଆମେ କଷ୍ଟେଇପାରିଲୁ ସେତକ ଏଇଠି ହୋଇ ଗଦା ହୋଇଛି । ସବୁ ତୁମ ମନ ହେଲେ ତୁମେ ଦେଖିଯା । ମୋ ନିଜ ଜିନିଷ ମୁଁ ବାନ୍ଧିକି ନେଲେ ପୋଡନ୍ତୁ, ସେଥିରେ ମୋର କି ଲାଭ ?"

"ଇନ୍‌ସ୍ୟୁରେନ୍‌ସ୍ ଟଙ୍କା ପାଇବ ବୋଲି ।"

ପୁଣି ଛ'ଟା ସ୍ୱର ଖୁବ ଜୋରରେ ପାଟିକଲା ।

"ଆମେସବୁ ବାହିରେ ଆଉ ଅପେକ୍ଷା କରିବୁଁ ?"

"ଅମର ବହୁତ ହୋଇଗଲା ।"

Digitized by srujanika@gmail.com

ମୋ ଅଣ୍ଟ୍ରିକଟା ଅଟକ । ମୁହଁ ରୁଣ୍ଡ ପାର୍ଶ୍ୱ ମୋ ପଛି ଅଗରେ ସବୁ ଅନ୍ଧାର ଦିଶିଲା । ନାଲିଆ କୁହୁଡ଼ି ଭିତରେ ମୁଁ ଦେଖିଲି । ସାମ୍ନାରେ ଗୁଡ଼ାଏ ହିଂସ୍ର ଭ ମୁହଁ । ସେଥିରେ ବାଲବାଲୁଆ ଗାତଗୁଡ଼ାଏ । ସେ ଗାତ ଭିତରୁ ରକ୍ତ ବାହାରୁଛି । ମନ ହେଉଥାଏ ତାଙ୍କ ଉପରେ ମାଡ଼ ଚଢ଼ାନ୍ତି । ବନ୍ଧୁ କଷ୍ଟରେ ନଜରକୁ ଦେଖୁଥାଏ । ସେମାନେ ଏପଟେ ସେପଟେ ଲୁଦା ମାରୁଥାନ୍ତି, ଅମ୍ଭକୁ ଘେରଯାଉଥାନ୍ତି । ନୂଆକଥା ଶୁଭୁଥାଏ ।

"ଅରେ ! ତାଙ୍କ ହାତରେ ବାଣ୍ଡ ଅଛି ରେ ।"

"ବାଣ୍ଡ !"

ହେମାସ୍ କହିଲା, "ସେମାନେ ମୋ ଡାଢ଼ୀଗୁଡ଼ାକ ଓପାଡ଼ି ପକାଇବେ ।" ତା' ସ୍ୱର ଶୁଣି ବୁଝିଲି ଯେ ସେ ହସୁଛି । କହିଲା, "ତୁମ ସ୍ୱଗଟା ବ କମକୁ ମିଳବ ସେ, ସେଥିପାଇଁ ଯାହା ମୋ ମନରେ ଦୁଃଖ । ଯାହା ହଉ, ମୁଣ୍ଡ ଅଣ୍ଟା ଭଗ ! ଛତଲିଭ ହ'ନା ।"

"ଅରେ ଦେଖ ରେ, ଟୋକାଟା ପାଖରେ ଟାଙ୍ଗିଆଟାଏ ଅଛି ।"

ସତକୁ ସତ ମୋ ଅଣ୍ଟାରେ ବନ୍ଧା ହୋଇଥିବା ଫିତାରେ ଗୋଟାଏ ବଡ଼େଇ ଟାଙ୍ଗିଆ ଗୋଞ୍ଜା ହୋଇଥାଏ । ମୁଁ ସେକଥା ଭୁଲି ଯାଇଥିଲି ।

ଗୋଟାଏ ଗ୍ରେଟା ଚଷା, ମୁଁ ତାକୁ ଚିହ୍ନି ନ ଥିଲି । କଏ ଗୋଟାଏ ନଗଣ୍ୟ ଲୋକଟିଏ । ସେ ଅଭ୍ଭ ଠାଣିରେ ଏପଟ ସେପଟ ହୋଇ ନାଚୁଥାଏ । ଖୁବ୍ ଜୋରରେ ପାଟିକରି ଚେଁଚେଁ କରି କହିଲା, "ତାଙ୍କଠୁଁ ଦୂରେଇ ରହ ଟୋକା ଫୋପାଡ଼, ପାଅନ୍ତୁ ପାନେ ।"

ସେ ଖଣ୍ଡେ ଦଉଡ଼ା ଖଣ୍ଡିଆ ଇଟା ଗୋଟେଇନେଇ ଜୋରରେ ଫୋପାଡ଼ି ମାରିଲା ଯେ ମୋ ପେଟରେ ଦୁମ୍‌କିନା ବସିଲା । ମୁଁ ତା'ବଦଳରେ ତାକୁ ପିଟିବା ଆଗରୁ କୁକ୍ରସ୍‌କିନ୍ ତା' ଉପରକୁ ଡେଇଁପଡ଼ିଲା । ଦୁହେଁ ଧସ୍ତାପଡ଼ ହୋଇ ଗଡ଼ଗଡ଼ିକା ଖାଲ ତଳକୁ ଖସିଲେ । ସେତିକି ପାନ୍‌କଭ୍ ଅସିଲା । ତରତର ହୋଇ ଆମ ପାଖକୁ ଆସୁଥାଏ । ସଙ୍ଗରେ ବାଣନଭ୍ ଓ କମାରଟି ଅଳ୍ପ ଦଶ ବାରଜଣ ଚଷା । ସେମାନେ ଅସୁଅସୁ କ୍ରଜ୍‌ମିନ୍ ତା' ଇକଭ୍ ନଗେ ପୃଷ୍ଠଭଙ୍ଗ ଦେଲେ ।

Digitized by srujanika@gmail.com

"ତୁମେ ବୁଦ୍ଧିଆ ଲୋକ ସେମାସ୍, ତୁମେ ତ ବୁଝିପାରୁଚ, ନିଆଁ ଦେଖିଲେ ଚଷାମାନେ ବାଧ୍ୟ ହୋଇଯାଆନ୍ତି ।"

"ନଇଦୂଲଙ୍କୁ ଅଷ୍ଟ ମାକ୍‌ସିମିଚ୍ ।" ସେମାସ ମନେ ଭାବିଲା, "ସେଠେ ହୋଟେଲ୍‌ରେ ଯ'ଖାଇବା ।" ମୁହଁରୁ ତା'ପାଇପ୍‌ଟି କାଢ଼ି ପକେଟ୍‌ରେ ରଖିଦେଲା । ସେ ତା' ବାଡ଼ି ଧରି ଖନ୍ଦା ଗଲି କରେ କରେ ଦୁମ୍‌ଦୁମ୍ କରି ଚାଲୁଥାଏ । କୁଜ୍‌ମିନ୍ ପଛେ ପଛେ ଆସୁଥାଏ । କ'ଣ କହିବାକୁ ଚେଷ୍ଟା କଲା । ସେମାସ୍ ମୁଣ୍ଡ ବୁଲେଇ ଅନାଇଁଲା ବି ନାହିଁ, ଖାଲି କହିଲା :

"ପଳା ଏଠୁ ଶୀଘ୍ର ଚାଲିକା ।"

ଆଗେ ଯେଉଁଠି ଅମ ଘରଟି ଠିଆ ହୋଇଥାଏ, ସେଠି ପଡ଼ିଥାଏ ଗୁଡ଼ାଏ ସୁନେଲି ବର୍ଣ୍ଣର ଜକଜକ ଅଙ୍ଗାରଗୁଡ଼ାଏ । ଅଙ୍ଗାର ଭିତରେ ଦିଶୁଥାଏ ସେଠେଇ-ଘରର ଚୁଲିଟି ଅକ୍ଷତ ଥାଏ । ତା'ର ଚିମ୍ନି ବାଟେ ନେଳି ଧୂଆଁ ଉଠି ଖରଲା ପବନରେ ମିଶୁଥାଏ । ଗୋଟାଏ ବୁଢ଼ାଆଣିର ରେଡ଼ିଓ ପରି ଗୋଟାଏ ଲୁହା ଖଟର ଦାଣ୍ଡିଆଗୁଡ଼ାକ ନିଆଁରେ ନାଲି ପଡ଼ିଯାଇ ସବୁ ଦିଗକୁ ବଙ୍କେଇ ହୋଇଥାଏ । ଯେଉଁ କଳା ପଡ଼ିଥିବା ଗଛର ଖୁଣ୍ଟଗୁଡ଼ାକ ମୋଟାସୋଟା ପହରିଦାଲା ପରି ସେ ଜାଗାକୁ ଜଗି ଠିଆ ହୋଇଆନ୍ତି । ଗୋଟାଏ ଖଣ୍ଟ ମୁଣ୍ଡରେ ରଡ଼ନିଆଁ ଭଳି ନାଲି ଟୋପି, ଅଛି ଦେଖିବେ ଚଢ଼େଇ ପକ୍ଷୀ ଖଞ୍ଜା ହେଲା ପରି ଲଅଁ ।

ଦୀର୍ଘନିଃଶ୍ୱାସ ପକାଇ ସେମାସ୍ କହିଲା :

"ଅହୋ, କହିଲକ ସବୁ ଖୁଲିଗଲା । କେଡ଼େ ଦୁର୍ଭାଗ୍ୟର କଥା !"

ସାନ ସାନ ପିଲାମାନେ ବାଡ଼ି ଧରି ଜଳନ୍ତା ଅଙ୍ଗାରଗୁଡ଼ାକୁ ଖେଳେଇ ଖେଳେଇ କାଦୁଅ ସଡ଼କ ଉପରକୁ ଘୁଷୁରାଉଥାନ୍ତି । ମୁଣ୍ଡା ମୁଣ୍ଡା ଅଙ୍ଗାରଗୁଡ଼ାକ ସାନ ସାନ ଘୁଷୁରିଛୁଆ ପରି ଦିଶୁଥାଏ । ଓଦା ସରସର ସଡ଼କରେ ପଡ଼ି ସେଗୁଡ଼ାକ ସୁ ସୁ ଶବ୍ଦ କରି ମରିଯାଉଥାଏ । ଗୋଟାଏ କଡ଼ା ପୋଡ଼ା ଗନ୍ଧ ବାହାରୁଥାଏ । ଧଳା ଧଳା ଧୂଆଁ ଉଠୁଥାଏ । ଗୋଟିଏ ପାଞ୍ଚ ବର୍ଷର ଛୁଆଟିଏ । ତା'ର ନେଳି ନେଳି ଆଖି । ସେ ଅଗ୍ରେ ଉଷୁମ୍ କାଳିଆ କାଦୁଅପାଣି ଭିତରେ ବସିପଡ଼ିଥାଏ । କାଠ ଖଣ୍ଡେ ଧରି ଗୋଟାଏ ଫଟା ଲୋଟାରେ ଟାଇଁ ଟାଇଁ କରି ପିଟୁଥାଏ । ଖୁବ ତନ୍ମୟ ହୋଇ ସେ ଶବ୍ଦ ସଂଗୀତ ଶୁଣୁଥାଏ । ଘରପୋଡ଼ିରେ ସର୍ବସ୍ୱାନ୍ତ ହୋଇଥିବା ଲୋକେ ମୁହଁ ଶୁଖେଇ ଏପଟ ସେପଟ ହେଉଥାନ୍ତି । ତାଙ୍କ

Digitized by srujanika@gmail.com

ଘର ଜଳଖ ଭିତରୁ ଯାହା ଯାହା ବଳିଥାଏ ସେତକ ସାଉଣ୍ଟୁଥାନ୍ତି । ଅଙ୍ଗାର ଚୁଲ୍ଲୀ ପାଖରେ ମାଇପେ କାନ୍ଦୁଥାନ୍ତି, ଗାଳି ଦେଉଥାନ୍ତି, କଳି କରୁଥାନ୍ତି । ଟୋଟା-ମାନଙ୍କରେ ଗଛଗୁଡ଼ାକ ଠିଆ ହୋଇଥାନ୍ତି, ହଲଚଲ ନାହିଁ । ଠାଏ ଠାଏ ଝଅ ଡାଳ ଲାଗି ଗଛପତ୍ର ଝାଉଁଳି ପଡ଼ିଥାଏ । ତେଣୁ ଗାଲ ନାଲି ପଡ଼ିଥିବା ସେଓ ଫଳ-ଗୁଡ଼ିକ କେମିତି ବୋଙ୍ଗ ବୋଙ୍ଗ ହୋଇ ଲଦି ହୋଇଛି, ତା' ପରିଷ୍କାର ବାରିହୋଇ ପଡ଼ୁଥାଏ ।

ନଈକି ଓହ୍ଲେଇପଡ଼ି ଅମେ ଗାଧୋଇଲୁଁ । ସେଠୁ ନଈକୂଳ ହୋଟେଲରେ ଚୂନହୋଇ ବସି ଚାହା ପିଇଲୁଁ ।

“ଯାହା ହେଉ ପଛେ, ସେଓ ଫଳ ସବାଶେ ବଡ଼ପେଟିଆମାନେ ଯେଉଁ ଲଢୁଥିଲେ ନା, ସେମାନେ ସେ ଲଢ଼େଇରେ ହାରିଲେ ।” ଗ୍ରେମାସ୍ ଶେଷରେ କହିଲା :

ପାନ୍‌କଭ୍ ଆସିଲା । ଚିନ୍ତିତ ଦିଶୁଥାଏ, ଅଥଚ ଶାନ୍ତ ଜଣାପଡ଼ୁଥାଏ ।

ଗ୍ରେମାସ୍ ତାଙ୍କୁ ପଚାରିଲା, “କେମିତି ଲାଗୁଛି ?”

ପାନ୍‌କଭ୍‌ର କାନ୍ଧ ଥରିଲା, କହିଲା :

“ଘରଟାକୁ ଆଗରୁ ଇନସ୍ୟୁର କରିଦେଇଥିଲି ।”

ସମସ୍ତେ ଚୁପ ହୋଇଗଲେ । ଅଚହ୍ନା ଲୋକ ଯେମିତି ବସିବସି ପରସ୍ପରକୁ ଆଖିରେ ଅନେଇଁ ଅନେଇଁ କଏ କେମିତିଆ ଲୋକ ବୋଲି କଳିବାକୁ ଚେଷ୍ଟା କରୁଥାନ୍ତି, ଅମେ ସେମିତି ବସିଥାଉଁ ।

“ଅଇଚ୍ଛା ଆଜି କ'ଣ କରିବ ବୋଲି ଭାବୁଚ ଗ୍ରେମାସ୍ ?”

“କିଛି ଠିକଣା କରିନାହିଁ ।”

“ତମୁକୁ ଏଠୁ ଚାଲିଯିବାକୁ ପଡ଼ିବ ।”

“ଦେଖିବା ।”

ପାନ୍‌କଭ କହିଲା, “ଗୋଟାଏ କାମ କଲେ ଭଲ ହୁଅନ୍ତା ମୁଁ ଭାବୁଛି । ପଦାକୁ ଆସ, ନଗ୍ରେଲାକେ କଥାବାର୍ତ୍ତା ହେବା ।”

Digitized by srujanika@gmail.com

ସେମାନେ ଗଲେ । ଦୁଆରମୁହଁରେ ପାନ୍‌ଦଭ ଅଟକିଯାଇ ପଛକୁ ଚାହିଁଦେଇ ମତେ କହିଲା :

"ତୁମେ ଭେଣ୍ଡିଆ — ତୁମେ ଏଠି ରହ । ତୁମର ତ ଡରଭୟ ନ ଥାଏ, ଓଲଟି ଲୋକେ ତୁମକୁ ଡରିବେ ।"

ମୁଁ ବି ହୋଟେଲରୁ ଖସିଗଲି । ନଈକୂଳରେ ବୁଦା ଅରମା ଘାସରେ ଲମ୍ବ ହୋଇ ପଡ଼ିରହି ନଈ ଆଡ଼କୁ ଅନାଇ ରହିଲି ।

ସୂର୍ଯ୍ୟ ପଶ୍ଚିମ ଆଡ଼କୁ ଢଳି ପଡ଼ୁଥାଏ । ବେଳବୁଡ଼ ପାଖ, ତଥାପି ଗରମ ଲାଗୁଥାଏ । ଏ ଗାଁ'ରେ ମୋର ଏତେ ଦିନର ଜୀବନ ମୋ ଆଖି ଆଗରେ ଛବି ପରି ମେଲା ହୋଇ ପଡ଼ୁଥାଏ, ସତେ ଯେମିତି ସ'ମାର ନଈଟି ସେ ଛବିର ଚଳପଟ । ତାରି ଉପରେ କିଏ ତୈଳଚିତ୍ର ଆଙ୍କିଦେଇ ସେ ଜୀବନକୁ ରୂପ ଦେଉଛି । ମନ ଦୁଃଖରେ ଭରି ଲାଗୁଥାଏ । କିନ୍ତୁ ଅତି ଶୀଘ୍ର କ୍ଳାନ୍ତି ମୋତେ ତାର ପାହୁଣା ଦାବି କଲା, ଆଉ ମୁଁ ଗାଢ଼ ନିଦରେ ଆଖି ବୁଜିଦେଲି ।

ଦିନ ଖସିଯାଉଥାଏ, ଲାଗିଲା ଯେମିତି ମତେ କିଏ ହଲେଇ ହଲେଇ କୁଆଡ଼େ ଘୋଷାରିନେବାକୁ ବସିଛି । ଅସ୍ପଷ୍ଟ ହୋଇ କାନରେ ବାଜୁଥାଏ :

"ଆରେ ଉଠ ! କଣ ମରିଗଲୁ କି ? ଉଠ ହୋ ।"

ନଈ ଆରପାରି ପଡ଼ିଆମାନଙ୍କ ଉପରେ ଜହ୍ନଟା ଓହ୍ଲାଇଥାଏ । ଦିଶୁଥାଏ ରକ୍ତ ପରି ନାଲି ଆଉ ଶଗଡ଼ ଚକପରି ବଡ଼ । ବାଉନସ୍ ମୋ କଡ଼ରେ ଅଣ୍ଟା ମାଡ଼ି ବସିପଡ଼ି ମୋ ଗାଲକୁ ଝାଙ୍କୁଥାଏ ।

"ବୁଲି ଆସ, ସେମାନେ ତମକୁ ଚାରିଆଡ଼େ ଖୋଜୁଛନ୍ତି । ସେ ସବୁ ବ୍ୟସ୍ତ ହେଉଛନ୍ତି ।"

ନଈ ଅତଡ଼ା ଉଠି ଉଠି ଖସୁଥାଏଁ, ସେ ମୋ ପଛେ ପଛେ ଥାଏ । ସେ ବିରକ୍ତ ହୋଇ କହିଲା :

"ସେମିତି ସେଠାରେ ଶୋଇବା ତୁମର ଭାରି ଭୁଲ୍ । ସେଇଠି ଭୁଇଁରେ ଗଢ଼ି ପଡ଼ିଲ ସେଇଠି ନିଦ ! ଧର ଜଣେ ଢିପ ଉପରେ ଯାଉ ଯାଉ ପଥରଟାଏ ନେଇ ଆନ୍ତା, ପଥରଟା ଗଡ଼ି ଗଡ଼ି ଆସି ତମ ଉପରେ ପଡ଼ିଥାନ୍ତା । ଏଁ ! ନଇଲେ କିଏ ଜାଣିକରି ମଧ୍ୟ ତୁମ ଆଡ଼କୁ ପଥରଟାଏ ଗଡ଼େଇ ଦେଇଥାନ୍ତା ? କଣ ହନ୍ତା ?

Digitized by srujanika@gmail.com

ଏଠିକା ଲୋକେ ବାମଣ୍ଟାକୁ ଅଧାରେ ଛାଡ଼ି ଦଅନ୍ତି ନାଇଁ ସେ ଭଲ, ସେମାନେ ଅବଶ୍ୟ ବଷି ଦାଢ଼ି ସାଧନ୍ତି, ଭୁଲନ୍ତି ନାହିଁ ।

"ସେମାନେ ଅବଶ୍ୟ ଯେମିତ ମନେ ରଖନ୍ତି, ଅନ୍ୟ କଥା ସେତେ ମନେ ରଖନ୍ତି ନାହିଁ ।"

ବୁଢା ଜଙ୍ଗଲ ଭିତରେ କିଏ ଜଣେ ଏତେ ଡରଡର ହୋଇ ଚାଲୁଥାଏ, ମୁଁ ଦେଖୁଥାଏଁ ବୁଢ଼ାଗୁଡ଼ାକ ଅଣ୍ଟିଉଠୁଛି ।

ମିଗୁନ୍‌ର ଗମ୍ଭୀର ପାଣ୍ଟି ଶୁଭିଲା, "ତାକୁ ପାଇଲୁଁ?"

"ହଁ, ସେ ଭଲ ଅଛି ।" ବାଉନଭ୍ ଡାକିଥିଲା । ଆମେ ବୁନଡାଳ ଚାଲୁଥାଉ, ବାଉନଭ ଦୀର୍ଘଶ୍ୱାସ ପକାଇ କହିଲା :—

"ମିଗୁନ୍ ପୁଣି ଷ୍ଟେସନରେ ମାଛ ମାରି ଚାଲିଛି । ତା' ଜୀବନଟା ସେତେ ସୁଖ ନୁହେଁ ।"

ମୁଁ ଅସିବାକୁ ସେମାନଙ୍କ ମତୋଟାଣ କରି ଗାଲ ଦେଲି । କହିଲି, "କେମିତି କେମେ ଏତେ ଅଣତ୍ତୁଷିଆର ହେଲ, କହିଲ ? କଣ ବାହାର ମାଡ଼ ମୁହେଁଇଛ ?"

ପରେ ବାଉନଭ୍ ଗଳା ଝାଡ଼ିବୁ ସେ ମତେ ଗମ୍ଭୀର ହୋଇ ଶାନ୍ତ ସ୍ୱରରେ କହିଲା :

"ପାନ୍‌କଭ୍ ତମୂକୁ କହୁଚ ତା' ପାଖରେ ରହ । ସେ ଗୋଟାଏ ଦୋକାନ କରିବାକୁ ଠିକଣା କରୁଛି । ତୁମେ ତା' ପାଖେ ରହ ବୋଲି ମୋର ଇଚ୍ଛା ନୁହେଁ । ମୁଁ ତ ଏଇଆ କଲି, ଯେ ଯେତେ ଜିନିଷ ବଳିଥିଲା ସବୁ ତାକୁ ବିକିଦେଲି । ମୁଁ ଏ ଜାଗା ଛାଡ଼ିଦେଇ ଦ୍ୟାଷ୍ଟ୍ଵା ଗାଁକୁ ଚାଲିଯାଉଛି । ସେଠି ଅଗ ଏଇଥାନ ହୋଇଯାଏ, ସେଇଠୁ ତୁମକୁ ଡକେଇବି, ତୁମେ ଆସିବ । ଗଜ ?"

"ଏବ ଦେଖିବ ।"

"ଅଚ୍ଛା ।"

ସେ ଚଟାଣ ଉପରେ ଲମ୍ବ ହୋଇ ଗଡ଼ିପଡ଼ିଲା, ଥରେ ଅଧେ କରି କେହୁଟାଇଲା, ତା'ପରେ ଥିର ହୋଇ ପଡ଼ିରହିଲା । ମୁଁ ଝରକା ପାଖେ ବସିଥାଏଁ,

Digitized by srujanika@gmail.com

ଭଲ୍‌ଗା ନଈ ଅଡ଼କୁ ଅନାଉଁଥାଏଁ । ପାଣିରେ ଜହ୍ନ ଆଲୁଅ ପଡ଼ି ନିଆଁ ଲାଗିଲା ପରି ଦିଶୁଥାଏ । 'ଅରିପାର୍' ଅଡ଼ୁଆ ତଳେ 'ଗୋଟାଏ ଷ୍ଟୀମ୍ ବୋଟ୍' ଗଲା, ତା' ଅଦ୍ଭୁତ ଲୋଭରେ ଜୋରରେ ପାଣିରେ ଛଳଛଳ ଶବ୍ଦ ହେଉଥାଏ । ତାହାର ମାସ୍ତୁଲ-ଲଣ୍ଠନ ତାରାମାନଙ୍କ ଉପରେ ଓଲେଇ ଦେଇ ବେଳେ ବେଳେ ତାରାମାନଙ୍କୁ ଯେ ଡେଇଁ ପକାଇ ଲୁଚି ଯାଉଥାଏ ।

ଗ୍ରେମାସ୍ ନଦୁଆ ନଦୁଆ ହୋଇ ପଚାରିଲା :—

"ଖ୍ରୀଷ୍ଟୀମାନଙ୍କ ଉପରେ ମନଟା ଭାରି ରାଗରେ କୁହୁଳୁଚି ପରା, ନୁହେଁ ? ନା, ରାଗ ନାହିଁ । ସେମାନଙ୍କର ବୁଦ୍ଧି ନାହିଁ, ଦୋଷ ସେଇଠି । ହିଂସୋଳ ହେବାଟା ଖାଲି ଗୋଟାଏ ପ୍ରକାର ନିର୍ବୋଧ ପଣ ।"

ସେସବୁ କଥା ମତେ ଶାନ୍ତ କରିପାରିଲା ନାହିଁ—ମୋର ମନର ଉତ୍କଣ୍ଠା କମେଇ ପାରିଲା ନାହିଁ, ମୋ ମନରେ ଅଯାଚିତ କ୍ଷତ ହାଉହାଉ କରୁଥାଏ । ମୋ ଆଖି ଆଗରେ ପୁଣି ନାଚିଗଲା ସେଇ ଦୃଶ୍ୟ, ବାଳବାଳୁଆ ଜନ୍ତୁ ମୁହଁ ପରି ମୁହଁ ଗୁଡ଼ାଏ, ହିଂସାରେ ଗର୍ଜୁଛି :

"ଦୂରେଇ ରହ ଠେଲ ଫୋପାଡ଼ ।"

ଯେଉଁଟା ଭୁଲିଗଲେ ଭଲ, ସେଇଟା ମନରୁ ପୋଛିପକାଇବାକୁ ମୁଁ ସେତେବେଳଯାଏ ଶିଖି ପାରି ନ ଥିଲି । ଏଇଟା ସତ ଯେ ସେ ଲୋକମାନଙ୍କୁ ଗୋଟି ଗୋଟିକିଆ କରି ମୁଁ ଯେପରି ଦେଖିଥିଲି । ମୁଁ ଦେଖିଥିଲି ଯେ ତାଙ୍କଠି ହିଂସାବାଦ ନ ଥିଲା, କେତେ ଜଣଙ୍କଠି ତ ଆଦୌ ନ ଥିଲା । ମୂଳତଃ ସେମାନେ ଜନ୍ତୁଗୁଡ଼ାଏ ସିନା, ସେମାନଙ୍କ ହୃଦୟଗୁଡ଼ାକ ଭଲ । ତାଙ୍କ ଭିତରୁ ଯାହାକୁ ହେଲେ ପିଲାଙ୍କ ପରି ହସେଇ ଦେଇ ହେଉଥିଲା । ଜ୍ଞାନ ଓ ସୁଖର ସନ୍ଧାନ ବିଷୟରେ କାହାଣୀ ଗପିଲେ କି ନାନା ଉଦାର, ମହତ କାମ ବିଷୟରେ କାହାଣୀ ଗପିଲେ ତାଙ୍କ ଭିତରୁ ଯେ ଶୁଣେ ସେ ପିଲା ପରି ସରଳ ବିଶ୍ୱାସରେ ସେସବୁ କାହାଣୀକୁ ପିଇଯାଏ । ଗୋଟାଏ ସୃଷ୍ଟି ଜୀବନ କେମିତି ବଢ଼ିହେବ ସେ ବିଷୟରେ କଳ୍ପନା ତେଜଦେଇ ସ୍ୱପ୍ନ ଦେଖିଲା ଭଳି ତାଙ୍କୁ ଯାହା ଯେ କହିବ, ସେଇ ଜୀବନରେ ମଣିଷର ନିଜର ପ୍ରବୃତ୍ତି ହିଁ ହୋଇଥିବ ଏକମାତ୍ର ଆଇନ, ସେସବୁ ଶୁଣି ଶୁଣି ସେମାନେ ଏତେ ଆଗ୍ରହରେ ହୃଦୟ ଭିତରେ ସାଇତି ରଖନ୍ତି ।

କିନ୍ତୁ ସେଇଥିରୁ କେବେ ଯେତେବେଳେ ଏକାଠି ମେଳୁମାଳୁ ହୋଇ ଗୋଟାଏ ବୈଚିତ୍ର୍ୟହୀନ ଗୋଠ ପାଲଟି ଯାଆନ୍ତି—ଗାଁ ସବୁମାନଙ୍କରେ, କି ଭଣ

Digitized by srujanika@gmail.com

ଭୂଲ ହୋଟେଲରେ—ଯେତେବେଳେ ସତେକି ସେମାନେ ଆପଣାର ସବୁ ଭଲ ଗୁଣ-ଗାରିମା ଭୁଆଡେ ଫୋପାଡ଼ି ଦେଇ ଆସିଥାନ୍ତି, ଯେତେବେଳେ ସେମାନେ ଅବିକଳ ଧର୍ମପୁରୋହିତମାନଙ୍କ ପରି ସିଲ୍କ ଓ ଶଠତର ପୋଷାକ ପିନ୍ଧି ବେଶ ହୁଅନ୍ତି, ଯାଁ'ରେ ଯେଉଁମାନେ ଟାଣୁଆ ଲୋକ ତାଙ୍କ ପ୍ରତି ଭୁଆଡ଼ୁ ଭୁଆଡ଼ୁ ସେମାନଙ୍କର ଗୋଟାଏ ଦାସ ଭାବ ଆସି ପଡ଼ିଥାଏ, ଯେତେବେଳେ ସେ ଲୋକଗୁଡ଼ାଙ୍କୁ ଅନାଇଁଲେ ଘୃଣା ଲାଗିବ । ନତୁବା, ହଠାତ୍ ଯେତେବେଳେ ସେମାନେ ଅତି ଉଗ୍ର ହିଂସୋଳପଣରେ ପାଗଳ ହୋଇଉଠନ୍ତି । ଗୁଡ଼ାଏ ଗଧିଆ ଭଳିଆ ସେମାନେ ସେତେବେଳେ ରୋମ ଟାଙ୍କନ୍ତି, ଦାନ୍ତଗୁଡ଼ାକ ଦେଖାଉଥାନ୍ତି, ପରସ୍ପର ଉପରକୁ ରାଗରେ ଗର୍ଜନ କରନ୍ତି, ମାଂସଖୋଳ ହେବାପାଇଁ ଉଆସ ହୋଇଯାଆନ୍ତି । ସେତେବେଳେ ସେମାନେ ଭୟଙ୍କର ହୋଇଯା'ନ୍ତି । ବୋଠରେ ମେଣ୍ଢା ପଲ ପରି ଯେଉଁ ଗୀର୍ଜା ମନ୍ଦିରରେ ସେମାନେ ଠିକ୍ ତା' ଆଗ ଦିନ ସନ୍ଧ୍ୟାରେ ନମ୍ର ବିନୀତ ହୋଇ ଏକାଠି ହୋଇଥିଲେ, ସେ ଗୀର୍ଜା ମନ୍ଦିରକୁ ବି ଭାଙ୍ଗିଚୂରି ମାଟିରେ ମିଶାଇଦେଲା ଭଳିଆ ସେମାନଙ୍କର ସେତେବେଳେ ମନର ଅବସ୍ଥା ଘଟେ । ସେ ଲୋକଙ୍କ ଭିତରେ ଭଦ୍ରମାନେ ଥିଲେ, ବାଗ୍ମୀମାନେ ଥିଲେ କିନ୍ତୁ କେହି ତାଙ୍କୁ ଶ୍ରଦ୍ଧା କରୁ ନ ଥିଲେ । ସାଁ' କେବେ ତାଙ୍କୁ ଟାପରାରେ ଉଡ଼ାଉଥିଲେ, ପସନ୍ଦ କରୁ ନ ଥିଲେ, ଗୁପ୍ତ ତାଚ୍ଛଲ୍ୟ କରୁଥିଲେ ।

ଏ ଲୋକଙ୍କ ଭିତରେ ଅଛି ମାଂସେଲ ପଡ଼ିରହିବା ମୋ ଦ୍ୱାରା ହୋଇ-ପାରିଲା ନାହିଁ, ମୁଁ ଆଉ ପାରିଲି ନାହିଁ । ସେମାନଙ୍କଠୁଁ ବିଦାହେଲା ଦିନ ମୁଁ ମୋର ଏସବୁ ଚିନ୍ତା ଧାରଣା ସେମାନ୍ ଆଗରେ ବର୍ଣ୍ଣନା କଲି ।

ସେ ମତେ ଉତ୍ତରସ୍ୱାର କଲା ପରି କହିଲା :

"ଏଇଟା ବୋଧା ଜଷ୍ଟିସ୍ ହେଲା ନାହିଁ, ଭୁରୁଭୁରିଆ ବକ୍ତୃତା ।"

"ମୁଁ ଆଉ କରେଁ କଣ ? ମୁଁ ତ ଜାଣେ ଭୁଲ୍‌ଟା ଏଇସବୁ ଠିକ୍ ।"

"ଏ ଜଷ୍ଟିସ୍ ବିଲକୁଲ ଭୁଲ, ବିଲକୁଲ ଅବାସ୍ତବ ।"

ସେ ଲମ୍ୱେଇ ଲମ୍ୱେଇ ଧୈର୍ଯ୍ୟ ସହକାରେ ମୋ ଆଗରେ ବୁଝାଉ କରୁଥାଏ, ମତେ ବୁଝାଇବାକୁ ଚେଷ୍ଟା କରୁଥାଏ ଯେ ମୁଁ ଭୁଲ କରୁଛି, ଭୁଲ ଜଷ୍ଟିସ୍ କରୁଛି ।

Digitized by srujanika@gmail.com

"ଦୋଷ ବାଛିବାକୁ ଅଧୀର ହୋଇ ପଡ଼ନାହିଁ, ଦୋଷ ଦେଇଦେବାଟା ସବୁଠୁ ସହଜ କାମ, ଆଖି ବୁଜି ଯେକାହାକୁ ଧର ନାହିଁ। ସବୁ କଥାକୁ ଏତେ ବେଶି ଛଳ କର ନାହିଁ, ମନେ ରଖିଥା, ସବୁ ବୁଝିଯାଏ, ସବୁ ବଦଳେ। ଧୀରେ ଧୀରେ ବଦଳେ ? ସତ କଥା, କିନ୍ତୁ ଥରେ ବଦଳିଗଲେ ଆଉ ଲେଉଟେ ନାହିଁ। ଆପଣା ଆଖିରେ ସବୁ କଥା ଦେଖିବାକୁ ଚେଷ୍ଟା କର। ଆପଣା ହାତରେ ସବୁ କଥା ଛୁଇଁବାକୁ ଚେଷ୍ଟା କର। କୌଣସି କଥାକୁ ଡରନା। କିନ୍ତୁ ଦୋଷ ଦେବାକୁ ଅଧୀର ହୁଅ ନାହିଁ। ହଉ, ପ୍ରାଣରେ ବଞ୍ଚ ମୋର, ପୁଣି କେବେ ଦେଖା ହେବା ଯାକେ ବିଦାୟ !"

ପନ୍ଦର ବର୍ଷ ପରେ ସେଇ ଜଙ୍ଗଲ ସହରରେ ପୁଣି ତା'ର ମୋର ଦେଖା। ଇତ୍ୟବସରରେ ରେମାଣ୍ଡ ଅନ୍ତତଃ ଥରେ ସ୍ୱାବୃତ୍‌ସ୍ତ ଅଞ୍ଚଳରେ ଦଶବର୍ଷ ନିର୍ବାସନ ଦଣ୍ଡ ଭୋଗ କରି ଫେରିଲା ଆସିଥାଏ। "ନାରୋଦ୍‌ନୋୟେ ପ୍ରାଭୋ" ଦଳର କାର୍ଯ୍ୟକଳାପ ସହିତ ଲିପ୍ତ ରହିଥିବାରୁ ସେ ଦଣ୍ଡ ତାକୁ ମିଳିଥିଲା।

ସେ ଯେତେବେଳେ କ୍ରାସ୍ନୋଭିଦୋଭୋ ଗାଁ'ରୁ ଗଲା ସେତେବେଳେ ମୁଁ ବିଷାଦ ଓ ନୈରାଶ୍ୟରେ ଅଭିଭୂତ ହୋଇପଡ଼ିଲି। ଖାଉଦକୁ ହରାଇଥିବା କୁକୁରଛୁଆଟିଏ ପରି ମୁଁ ଗାଁ'ସାରା ଏପଟ ସେପଟ ବୁଲିଲି। ବାବନଭ୍ ସଙ୍ଗରେ ମିଶି ମୁଁ ମଫସଲରେ ନାନା ସ୍ଥାନରେ ବୁଲୁଥାଏଁ ; ଧନୀ ଚଷାମାନଙ୍କ ଘରେ ମୂଲ ଲାଗୁଥାଏଁ, ବେଙ୍ଗଳା ପକାଏଁ, ଆଳୁ ଖୋଳେଁ, ଫଳ ବଗିଚା ସଫା କରେଁ। ମୁଁ ବାବନଭ୍‌ର ଗାଧୁଆଘରେ ରହୁଥାଏଁ।

ଥରେ ବର୍ଷା ଋତୁରେ ବାବନଭ୍ ମତେ କହିଲା, "ଅଲେକ୍‌ସେଇ ମାକ୍‌ସିମିଚ, ବଡ଼ ଏକୁଟିଆ ଲୋକଟି ତୁମେ ! ଶୁଣ, ଚାଲ ସକାଳୁ ସମୁଦ୍ରକୁ ବୁଲିଯିବା ? ଏଁ ? କ'ଣ କହୁଛ ? ଏଠି ଅମୁକ ଅଟକେଇ ରହିବାକୁ କ'ଣ ଅଛି ? ଏ ଲୋକେ ଆମ ଭଳିଆ ଲୋକଙ୍କୁ ତ ଭଲ ପାଆନ୍ତି ନାହିଁ, କେଉଁଦିନ କ'ଣ କରିଦେବେ କିଏ କହିବ ? ଦେଖି ମଦ ପିଇଦେଲେ ହେଲା !"

ବାବନଭ୍ ଆଗେ ବି ଏ ପ୍ରସ୍ତାବ ମତେ କହିଥିଲା। ତା' ମନରେ ବି ବିଷାଦ ଓ ନୈରାଶ୍ୟ ଥାଏ। ମାଙ୍କଡ଼ ହାତ ପରି ତା'ର ଲମ୍ବ ଲମ୍ବ ହାତ ଦି'ଟା ଅବଶ ହୋଇ ଦି'ପଟେ ଝୁଲୁଥାଏ। ଜଙ୍ଗଲରେ ବାଟ ଭୁଲିଥିବା ଲୋକପରି ନିରାଶାରେ ସେ ଏଣେ ତେଣେ ଅନାଉଥାଏ।

ଝରକାରେ ବରଷା ଠୋପ ବାଜୁଥାଏ। କଢ଼ ଗୋଟିଏ ଭରବାଟେ ସୋଟାଏ ପାଣିଧାର ଗଡ଼ି ଜୋରରେ ବୋହୁଥାଏ ଯେ ଗାଧୁଆଘରର ଗୋଟାଏ

Digitized by srujanika@gmail.com

ଭଣକୁ ଖାଉଥାଏ । ଖର୍ଦ୍ଦନର ଶେଷ ଚୋକାନର ନଷ୍ଟ୍ରଭ ବଜ୍ରକ ଷୀଣ ହୋଇ ଆକାଶରେ ହଲ୍‌ଚଲ୍ ।

ବାବନର୍ ପୁଣି ଶାନ୍ତ ସ୍ୱରରେ ମତେ ପଚାରିଲା, "ଯିବାକି ? ଚାଲ ?"

ଆମେ ବାହାରି ପଡ଼ିଲୁଁ ।

ହେମନ୍ତ ରାତିରେ ଭଲ୍‌ଗା ନଦୀରେ ଯାତ୍ରା, ଏତେ ଚମତ୍କାର ଲାଗୁଥାଏ ଯେ ବର୍ଣ୍ଣନା କରିହେବ ନାହିଁ । ମୁଁ ଷ୍ଟୀମ୍‌ବୋଟ୍‌ର ମଙ୍ଗ ପାଖେ ମଙ୍ଗୁଆଳ କାଠରେ ବସିଥାଏଁ । ଅମୁର ପରି ପ୍ରକାଣ୍ଡ ଆକାର ମଣିଷଟାଏ ସେ, ଟ୍ରେଡ଼ ବଡ଼ ମୁଣ୍ଡଟାଏ । ଷ୍ଟୀମ୍ ବୋଟ୍ ଚଟାଣ ଉପରେ ଦୁମ୍ ଦୁମ୍ କରି ଜୋରରେ ଓଜନ ପାଦ ପ'ଟାଇ କଡ ଜଡ ସେ ଅମୁର ମଙ୍ଗ ମୋଡୁଥାଏ, ଆଉ ଘଡ଼ଘଡ଼ ପରି ରଡ଼ି ଛାଡ଼ୁଥାଏ ।

"ହୁ ହୁ—ପ୍...ଓର୍ ରୁ—"

ଜଳ ଫାଟୁନଥାଏ । ପାଣି ଦିଶୁଥାଏ ଚଟିଗ୍ଲାଳ ପରି ମୋଟା । ସିଲ୍‌ଭରନା ପରି ଆମ କରରେ ସେ଼ ବୋହିଯାଉଥାଏ । ନଦୀ ଉପରେ ହେମନ୍ତର ଚହଲ କଳା ମେଘ-ଗୁଡ଼ାକ ଓହଳି ପଡ଼ିଥାଏ । ଧୀରେ ଧୀରେ ଗଢ଼ିକରୁଥିବା ଅନ୍ଧାର ଛଡ଼ା ସଚେତ ଆଉ କୌଣସି ଜନଷର ସତ୍ତା ନ ଥିଲା । ସେଇ ଅନ୍ଧାର ନଦୀ ଅଲତାକୁ ପେଛୁ ନଦେଇ ଦେଇଥାଏ । ସମୁଦାୟ ପୃଥିବୀଟା ସେ ଅନ୍ଧାର ଭିତରେ ଅଦୃଶ୍ୟ ହୋଇ ମିଶି ଯାଇଥାଏ, ଧୂଆଁ ଆଉ ପାଣିରେ ଗୋଳି ହୋଇଯାଇଥାଏ ଗୋଳି ମିଶି ବହୁ ବୋହିଯାଉଥାଏ ଅତୁଣ୍ଡା ଗତିରେ. ସେ ପ୍ରବାହର ଶେଷ ନାହିଁ । ତଳକୁ ତଳକୁ ବୋହିଯାଉଥାଏ କେଉଁ ଅଜଣା ବସ୍ତୁ ଆଡ଼କୁ । ଯେଉଁଠି ସବୁ ଦଣବଣ, ସବୁ ଶୂନ୍ୟ, ସୂର୍ଯ୍ୟ ନାହିଁ କି ଚନ୍ଦ୍ର ନାହିଁ କି ତାରା ନାହାନ୍ତି ।

ଆଗରେ ଓଡା ଅନ୍ଧାର ଭିତରେ କୋଟାଏ ଅଦୃଶ୍ୟ ଷ୍ଟୀମବୋଟ୍ ଫୁଙ୍ଫୁ ଫଙ୍କୁଥାଏ, ଛଳଛଳ ଶବ୍ଦ କରୁଥାଏ, ମନେ ହେଉଥିଲା ଯେମିତି ସେଇ ଶବ୍ଦ ତାଙ୍କୁ ଓଟାଉଛି, ଛୁଡ଼ ଦେଉନାହିଁ । ତାର କବଳରୁ ଖସିଯିବାପାଇଁ ସେ ପ୍ରାଣପଣ ଚେଷ୍ଟା କରୁଛି । ପାଣି ଉପରେ ଯୋଡ଼ାଏ ଆଲୁଅ ଓ ବହୁତ ଦୂରରେ ଆଉ ଗୋଟାଏ ଆଲୁଅ ଏମିତ ଠକଟା ଆଲୁଅରୁ ତାର ଗତ ବାର ଫେରୁଥାଏ । ମେଘ ତଳେ ତଳେ ଅଦୃଶ୍ୟ ପାଖରେ ବ୍ଲଣଟା ଆଲୁଅ ଲାଗୁଥାଏ, ଧୂକେଇଲ୍ ବର୍ଣ୍ଣର ଡାର୍ପ ମାଛ ପରି । ସେଥିରୁ ଗୋଟାଏ ଆମ ଷ୍ଟୀମରର ମସ୍ତୁଲରେ ବନ୍ଧା ହୋଇଥିବା କଲଠଣ ଗୋଟାଏ ଡାଳର ଆଉ ତେଲପା ପାଣି ଲୁହ଼ୁକ ଭିତରେ ମୁଁ ସତେକି ବନ୍ଦୀ ହୋଇ ରହିଛି, ମତେ ସେମିତି ଲାଗୁଥାଏ ।

Digitized by srujanika@gmail.com

ସେଇଟା ଗୋଟାଏ ଗର୍ଜ୍ଜଣି ଉପରେ ଖସିଖସିକା ଚାଲିଛି, ଆଉ ତା' ସଙ୍ଗେ ସଙ୍ଗେ ତା'ଭିତରେ ମାଛଟାଏ ପରି ମୁଁ ବି ଖସି ଖସି ଚାଲିଛି । ମତେ ଲାଗୁଥାଏ, ସବୁ ଗତି ବନ୍ଦ ହୋଇଆସୁଛି ଆଉ ବେଳ ଆସୁଛି ଯେତେବେଳେ ଗତି ଶେଷ ହେବ, ସବୁ ସ୍ଥିର ହେବ । ସେଇଠୁ ଷ୍ଟିମର ତା'ର ବୋବାଳି ବନ୍ଦ କରିବ ଅତଳାନ୍ତ ପାଣିରେ ଅନ୍ଧାରରେ ଦେଖାଲା ପେଟିଟା ବି ବନ୍ଦ କରିବ । ଗଛରୁ ପତ୍ର ଝଡ଼ିଲାପରି ସବୁ ଶବ୍ଦ ଝଡ଼ିପଡ଼ିବ, ଖଡ଼ିରେ ଗାରଟିଏ ହୋଇଥିବା ଲେଖା ଯେମିତି ଲିଭି ନିଶ୍ଚିହ୍ନ ହୁଏ ସବୁ ଶବ୍ଦ ସେମିତି ନିଶ୍ଚିହ୍ନ ହେବ । ହଲ୍‌ଚଲ୍ ନଥିବା ନିଃଶବ୍ଦତାର ଅଲିଙ୍ଗନ ଭିତରେ ମୁଁ ଦୃଢ଼ଭାବରେ ବନ୍ଧା ହୋଇ ରହିବି ।

ଆଉ ମନ ଧରି ଏକର ସେକର ହେଉଛି ଏ ଯେଉଁ ପ୍ରକାଣ୍ଡ ଆକାରର ମଣିଷଟା, ମେଷଚମଲର କୋଟ୍ ପିନ୍ଧିଛି, କୋସ୍କୋସ୍ ଟୋପି ଦେଇଛି, ସେଇଟା ବି ଅଟକିଯିବ, ଚିରକାଳ ଲାଗି ପଥର ହୋଇ ଠିଆ ହୋଇ ରହିଯିବ ସେହି ଜମିଦାର ଭିତରେ । ସେ ଆଉ ଗର୍ଜ୍ଜନ ନ ଥିବ ।

"ହଉ......ପ୍ !......ଔର୍‌ର୍ ଉଉ" !

ମୁଁ ତାକୁ ପଚାରିଲି, "ତୁମ ନା କ'ଣ ?"

ସେ ବିରକ୍ତ ହେଲ ପରି କହିଲା, "ସେଥିରେ ତୁମର କି ଯାଏ ?" କେବଳଟା ଗୋଟାଏ ଭଲ୍ଲୁ ପରି ଅବାଗଅ । ତା' ପୂର୍ବ ଦିନ ବେଲବୁଡ଼େ ନଭଅସୁଥିବା ଦିନ ଆଲୁଅରେ ଆମେ ଜାହାଜ୍ ସହର ଗୁଡ଼ି ଗଲାବେଳେ ମୁଁ ତା' ମୁହଁ ଦେଖିଥିଲି, ଯେମିତି ଆଖି ନ ଥିବା ମେହୁମାଷ୍ଟି ହୋଇ ମୁହଁଟାଏ, ସେଥିରେ ବାଳ ଭର୍ତ୍ତି । ସେ ମତ ପାଖେ ବସିପଡ଼ି ଗୋଟାଏ କାଠଖୋଲରେ ବୋତଲେ ଭଦ୍‌କା ମଦ ଅନାଜି ପାଣି ମିଶାଇ ପରି ତାକୁ ପିଇଦେଲା, ସେଇଠୁ ଗୋଟାଏ ଆପଲ୍ ଫଳ ଖାଇଦେଲା । ସେଇଠୁ ଯେମିତି ଷ୍ଟିମର ଝାଙ୍କମାରି ଗତି ଆରମ୍ଭ କଲା ସେ ମତଟାକୁ ମୁଠେଇଧରି ନାଲିପଡ଼ିଥିବା ସୂର୍ଯ୍ୟ ଆଡ଼କୁ ଅନାଉଁଦେଇ ବେକ ଟେକି ଦେଇ କଠୋର ସ୍ୱରରେ କହିଲା, "ଭଗବାନଙ୍କ ଆଶୀର୍ବାଦ !"

ନିଜ୍‌ନିନୋଭ୍‌ଗୋରଦ ମେଲାରୁ ଅସ୍ତ୍ରାଖାନ୍‌କୁ ଗୋଟାଏ ଷ୍ଟିମର ଯାଉଥାଏ, ସେଥିରେ ଚାଳିଟା ବୋଟ୍ ଓଟରହୋଇ ଚାଲିଥାଏ । ଆମ ବୋଟ ସେଇଥିରୁ ଗୋଟିଏ । ମାଲ ଲଦାହୋଇଥାଏ—ଲୁହାଶୃଙ୍ଖଳ, ଚିନି, ଆଉ କ'ଣ ଗୁଡାଏ ତାବଲରେ ପଶିଥାଏ । ସେଗୁଡ଼ାକ ପାରସ୍ୟ ଦେଶକୁ ଯାଉଥାଏ । ବାଉଦନ୍ ତା' ଜୋତା ଅଗରେ ତାବଲଗୁଡ଼ାକ ଉପରେ ଦେଖିଲା, ତାବଲଗୁଡ଼ାକ୍ ଶୁଂଘିଲା,

Digitized by srujanika@gmail.com

ଫିକଏ ହସିଲ, କହିଲ, "ନିଶ୍ଚୟ ଏଗୁଡ଼ାକ ସବୁ ବନ୍ଧୁକ ଯାଉଛି । ଇଂଲଣ୍ଡ୍‌ର କାରଖାନାରୁ ଆସିଛି ।"

ସଙ୍ଗେ ସଙ୍ଗେ ମଙ୍ଗୁଅଲ ତା' ଗୁଣ୍ଠରେ ଗୋଟାଏ ମୁଠା ଗେଣ୍ଡି ଦେଇ ତାକୁ ପଚାରିଲ !

"ସେଥିରେ ତୁମର କ'ଣ ଯାଏ ହୋ ?"

"ନାହିଁ, ଖାଲି ଏମିତି ପଚାରୁଥିଲି ନା—"

"ଖୋଜୁଛ ତୁମ ମୁହଁ ଛେଚି ଦବ ?"

ଯାତ୍ରୀବାହୀ ଜାହାଜରେ ଯିବାକୁ ଭଡ଼ା ଦେବାକୁ ଆମଠିଁ ସମ୍ବଳ ନ ଥିଲା । ତେଣୁ 'ଦସ୍ୟା ଦେଖାଇ' ଆମକୁ ସେ ବୋଟ୍‌ରେ ନିଆ ହେଉଥିଲା । ବୋଟ୍‌ର ଅନ୍ୟ ଯାତ୍ରୀଙ୍କ ପରି ଆମେ ବି 'ପହ୍ନରକଅ ଜଗୁଥିଲୁ', ତଥାପି ସେଠି ସମସ୍ତେ ସହୁଥିଲେ ଯେ ଆମେଗୁଡ଼ାକ ଲୁକାଯା ।

ବାରନଭ୍ କହିଲା "ଅନ୍ତତଃ ପୁଣି ତୁମେ ଜନତା ଜନତା ବୋଲି କହୁ ହେଉଥିବ ନା ? ଜୀବନଟା ଖୁବ ସରଳ, ତୁମେ ଯଦି ଉପରକୁ ଚଢ଼ିଯାଇପାରିଲ ତେବେ ତୁମେ ଘୋଡ଼ା ଚଢ଼ିବ, ନାହିଁ ଯଦି ନ ପାରିଲ ତେବେ ଲୋକେ ତୁମ ଉପରେ ଘୋଡ଼ା ଚଢି ମାଡ଼ି ଚାଲିଯିବେ ।"

ରାତି ଅନ୍ଧାର ଏତେ ବହଳ ହୋଇଥାଏ ଯେ ମୁଁ ଅନ୍ୟ ବୋଟଗୁଡ଼ାକୁ ଦେଖି ପାରୁନଥାଏ, ଖାଲି ସେଗୁଡ଼ାଙ୍କର ମାସ୍ତୁଲର ଅଗ ମତେ ଦିଶୁଥାଏ, ସେଠି ଲଣ୍ଠନ ବନ୍ଧା ହୋଇଥାଏ । ଧୂଆଁ ଲଗା ମେଘ ଉପରେ ସେ ଅଲ୍ପ ଦିଶୁଥାଏ । ମେଘ ତେଲିଆ ଗନ୍ଧ ହେଉଥାଏ ।

ମଙ୍ଗୁଅଲର ବରଗଡ଼ର ଚୁପ୍‌ଚାପ୍ ମତେ ଡରଡର ଲାଗୁଥାଏ । ମତେ ସେ ବୋଟ୍‌ର ବଡ଼କର୍ତ୍ତା ମଙ୍ଗ ଭଉକ ପଠାଇଥାଏ । ଏଇ ପଣ୍ଟୁଟା କଡ଼ରେ ବହୁ ଲୋକ ରଖିଥିବ, ତା'ର ଦରକାର ହେଲେ ସାହାଯ୍ୟ କରିବ, ଏଇଥିପାଇଁ । ପଛର ଯାତ୍ରୀଗୁଡ଼ାକ ଗୋଟାଏ ଗୋଟାଏ ବାଙ୍କ ଜାଗାରେ ଯେମିତି ଝୁଲିପଡ଼େ ସେ ସେମିତି ଥରେ ମତେ କହେ, "ହେଇ, ଧରିପକା ।"

ମୁଁ ତେଣିପଟୁ ତାକୁ ମଙ୍ଗ ବୁଲେଇବାକୁ ସାହାଯ୍ୟ କରେଁ ।

Digitized by srujanika@gmail.com

ସେ ଗମ୍ଭୀର ହୁଏ, "ହେଲା ।"

ପୁଣି ମୁଁ ବସିପଡ଼େଁ । ଯେତେଥର ତା' ସଙ୍ଗରେ ଗପସପ ହେବାକୁ ଚେଷ୍ଟା କଲି ସେତେଥର ତା' ଅସମ୍ମତ ହେଲା । ସେ ଶାନ୍ତ ସେଇ ତଥା ତହ ମତେ ଶୋଇଦିଏ ।

"ସେଥିରେ ତମର କ'ଣ ଯାଏ ?"

କି ଚିନ୍ତାସବୁ ତାକୁ ଘାରୁଥିଲା ? ଯେଉଁ ଜାଗାରେ କାମା ନଦୀର ହଳଦିଆ ପାଣି ଭୋଲ୍‌ଗା ନଦୀର ଇସ୍ପାତ୍ ଫିକା ପାଣି ଧାରରେ ମିଶିଯାଇଛି, ସେ ଜାଗା ଟପି ଚାଲିଗଲାବେଳେ ସେ ସହରର ଅଡ଼କୁ ମୁହଁ କରି ମନକୁ ମନ ବଡ଼ବଡ଼ ହେଲା ।

"ବଦମାସ୍ ଗୁଣ୍ଡାଭ !"

"କିଏ ?"

ଜବାବ ନାହିଁ ।

ସହରର ସୀମାବନ୍ଦ ବସ୍ତି ଭିତରେ କେଉଁଠି ଗଡ଼ାଏ କୁକୁର ବୋବାଇ ଗୁଣ୍ଡିଲେ, ଭୁକିଲେ । ନିଶ୍ଚୟ, ଜୀବନ୍ତ ଜନ୍ତୁ ଏବେ ବି ଅଛନ୍ତି, ଅନ୍ଧାର ସମସ୍ତଙ୍କୁ ଗୁଣ୍ଡା କରି ଦେଇନାହିଁ । ଲାଗୁଥାଏ, ସେମାନେ ଏତେ ଦୂରରେ ଯେ ଅପହଞ୍ଚ, ସେମାନେ ଅଲୋଡ଼ା ।

ହଠାତ୍ ମଙ୍ଗୁଆଳ କହିଲା, "ବାପ୍ କିନ୍ତୁ ଆମର ନୁହନ୍ତି କୁକୁରଗୁଣ୍ଡାଭ । ଖାଲି ଏଠି ବୁଲୁଛନ୍ତି ।"

"କୋଉଠି ?"

"ସବୁଠି । ମୁଁ ଯେଉଁଠୁ ଆସିଛି ନା, ଅସଲ କୁକୁର ଦେଖିବ ସେଇଠି ।"

"କୋଉଠି ସେ ଜାଗା ?"

"ଉଫେଙ୍କା ।"

Digitized by srujanika@gmail.com

ସେଇଠୁ ତା' ତୁଣ୍ଡରୁ ଶବ୍ଦଗୁଡ଼ାକ ବାହାରିଲା, ଯେମିତି ଅଳ୍ପବୟସ୍କା ଚଞ୍ଚ-ଦେଲେ [ଅଙ୍ଗୁଳିଗୁଡ଼ାକ ଖଳଖଳ ବାହାରେ, ସେମିତି । ଅସୁନ୍ଦର ଓଜନ ଶବ୍ଦ-ଗୁଡ଼ାଏ ।

“ତୁମ ସଙ୍ଗରେ ସେ ଲଢ଼େଇ କଏ ହୋ ? ତୁମ ମାମୁଁ ?” କେବଟା ଗୋଟାଏ ମୂର୍ଖଟାଏ ମତେ ଯାହା ଜଣାପଡ଼ୁଛି । ମୋର ବି ଗୋଟାଏ ମାମୁଁ ଅଛି, ଖୁବ ବୁଦ୍ଧିଆ, ଖୁବ ଦୁଷ୍ଟ, ଖୁବ ଧନୀ । ଗୋଟାଏ ଜାହାଜ ଘାଟର ମାଲିକ ସେ । ସିମ୍ବିର୍ସ୍କ ସହରରେ । ଭାରି ଗୋଟାଏ ହୋଟେଲ୍ ବି ଅଛି ।”

ସେ କଷ୍ଟେ ମଷ୍ଟେ ଶବ୍ଦଗୁଡ଼ାକ ପାଟିରେ ଧରୁଥାଏ । ଲାଗୁଥାଏ, ସତେ ଯେମିତି ସେଥିପାଇଁ ତାକୁ ପରିଶ୍ରମ ପଡ଼ୁଛି । ପୁଣି ତୁଟ ପଥଘାଟ ପୋର୍ଟ୍ ମାସ୍ଲେର ନଲ୍‌ଟଣ ଆଲୁଅ ଭଳିଆ ସୁ:ଲ ବୁଢ଼ିଆଣୀ ଘର ଅନ୍ଧାରରେ ବୁଢ଼ିଆଣୀ ଜାଲ ଭିତରେ ଗୁରୁଣ୍ଡି ଗୁରୁଣ୍ଡି ଯାଉଛି ସେହି ଆଲୁଅ ଅଟକେଇଥାଏ । ମୁଁ ତା' ଅଧିକ ଦେଖିପାରୁ ନ ଥାଏ ।

କହିଲା, “ଧରପଡ଼ା……ପଢ଼ି ଜାଣିଛ ? ତାହେଲେ ତେମେ ଜାଣିଥିବ, କହିଲ, ଆଇନ୍‌ଗୁଡ଼ାକ ଲେଖେ କଏ ?”

ମୋ ଉତ୍ତରକୁ ଅପେକ୍ଷା ନ କରି ସେ କହିଚାଲିଲା, “ଟେବେଲେ ଲୋକ ତ କେତେ କଥା କହନ୍ତି । କଏ କହନ୍ତି ଆଇନଗୁଡ଼ାକ ସମ୍ରାଟ ଲେଖନ୍ତି । କଏ କହନ୍ତି ମେଟ୍ରୋପଲିଟେନ୍ ଲେଖନ୍ତି, କଏ କହନ୍ତି ସିନେଟ୍ ଲେଖନ୍ତି । ମୁଁ ଯଦି ଠିକ୍ କରି ଜାଣିଥା'ନ୍ତି କଏ ଆଇନ୍ ତିଆରି କରନ୍ତି ତ, ମୁଁ ଯାଇ ତା' ସଙ୍ଗରେ ଦେଖା କରନ୍ତି । କହନ୍ତି, ତୁମେ ଏମିତିଆ ଆଇନ୍ କରିଦିଅ ଯେ ମୁଁ କାହାକୁ ହାତ ହଲେଇପାରିବି ନାହିଁ—ମୋ ହାତ ଟେକିବା ବି ମନା । ଆଇନଟା ଲୁହା କଳିଆ ଟାଣ ହେଉ । ତାଲିକାବ ପରି । ମୋ 'ହୃଦୟ'ଟାରେ ତାଳ ଦବାକୁ ହେବ, ତା' ବି ଯେମିତି ହେବ । ତେବେ ଯାଇ ମୁଁ ନିଶ୍ଚିନ୍ତ ହେବି । ତା' ନ କରି ଯାହା ଯେମିତି ରହିଛି ସେମିତିଆ ହେଲେ ସବୁ ଥିବାଯାଏ ମୁଁ ଜବାବ୍ ଦେଇପାରିବି ନାହିଁ, ମୁଁ ଜବାବ୍ ଦେଇ ପାରିବି ନାହିଁ ।”

ତା'ପରେ ସେ ମନକୁ ମନ ଭୁଟଭୁ ଭୁଟଭୁ ହେଲା, କ୍ରମେ ଅଧିକ ଧୀରେ ଧୀରେ ତା' କଥାଗୁଡ଼ାକ ଅଧିକ ଅଧିକ ଅସ୍ପଷ୍ଟ ହୋଇଯାଉଥାଏ । ସେ ମଝିଦାଣ୍ଡିଆ ଉପରେ ବଧା ମାରୁଥାଏ ।

Digitized by srujanika@gmail.com

ଷ୍ଟିମର ଉପରୁ ଲହଡ଼ି ଭିତରେ କାଏ କଣ ପାଟି କରି ଉଡ଼ୁଛି । ସେଇ ଘଣ୍ଟା କୁକୁରମାନଙ୍କ ଭୁକିବା ଶବ୍ଦ ଓ ବୋବାଳି ଶବ୍ଦକୁ ଗିଳି ପକାଉଥାଏ । ସେ ଶବ୍ଦ ଯେମିତି ବେଖାପ ଜଣାପଡୁଥିଲା ସେମିତି ମେଘାଚ୍ଛାଦରେ ଉଡ଼ୁଥିବା ମଣିଷ ପାଟି ବି ବେଖାପ ଜଣାଗଲା । ଷ୍ଟିମରର ଘଣ୍ଟା ପାଲଟର ଯେଉଁ ତେଲିଆ ତେଲିଆ ପ୍ରତିବିମ୍ବ ଷ୍ଟିମର ପାଖରେ କଳା ପାଣି ଉପରେ ପଡ଼ୁଥାଏ, ସେ ପ୍ରତିବିମ୍ବ ଝପିଝପିକା ସେହି କଳା ପାଣିରେ ବୁଡ଼ିଗଲା । ସେ କଳାକୁ ଫଟେଇବାକୁ ତାର ଶକ୍ତି ନ ଥିଲା । ନଈ ପଙ୍କର ବହଳ ଓଜନ ଧୂଆ ଝୁଲିଲା ପରି ମୁଣ୍ଡ ଉପରେ ଝୁଲିଥାଏ ଫୁଲୁକା ଫୁଲୁକା କଳା କଳା ବାଦଲର ଧୂଆ ।

ମଙ୍ଗୁଆଳ ବିରକ୍ତ ହୋଇ ଗୁମୁରିଲା :

“ମତେ କୋଉଠିକି ନେଇଯାଉଛନ୍ତି କେଜାଣି ? ମୋ ହୃଦପିଣ୍ଡଟାକୁ କିଏ ଚାପି ଧରିଛି......”

ମତେ ଧରି ପକାଇଲା ଅଦ୍ଭୁତ ଅଜ୍ଞ ବିଷାଦ, ମୋର ଖାଲି ମନ ହେଉଥାଏ ଶୋଇପଡ଼ିବାକୁ ।

ଝଙ୍କେଇ ଅଙ୍କେଇ ହୋଇ ତରଂ ତରଂ ହୋଇ ପାହାନ୍ତ ପହର ଆସିଲା, ଚହଟ ହୃଦାଟରୁ ଟେଲିଫୋନ୍ ହୋଇ ଚାହାଁଲି । ସେ ଗୋଟାଏ ବଗିସ, ସ୍ୱାନବଳ ପାହାନ୍ତିଆ । ଶବ୍ଦ ନ ଥାଏ । ପାଣିଟା ଯିଣା ପରି ଗଇଣ୍ଠିଆ ପଡ଼ିଗଲା । ଦୂ’ ପାଖ ନଈକୂଳ ଦିଶିଲା । ଖାଲି ଧାଡ଼ିଧାଡ଼ି ହୋଇ ବୁଦା ଜଙ୍ଗଲଗୁଡ଼ାଏ, ସ୍ୱଳଦଅ ପଡ଼ିଅଛନ୍ତି, କଳା କଳା ତ’ନ୍ତୁ ଆଉ ଲମ୍ବା ଉପରେ ମୂଳୁଗ୍ ଲାଗିଲା ଭଳି ଦିଶୁଥିବା ଗଣ୍ଡି ଆଉ ପାଇନ ଗଛଗୁଡ଼ାଏ, କେଉଁ ଗାଁ’ର ଘର ଧାଡ଼ିଏ । ଗୋଟିଏ ଚପାର ଚେହେରା, ସତେ ଯେମିତି ପଥରରେ ଖୋଳା ହୋଇଛି । ଗୋଟାଏ କୁରୁବକ ଚଢ଼େଇ ଫାଟି କରି ଉଡ଼ିଗଲା । ତା’ର ଲମ୍ବା ଲମ୍ବା ଡେଣା ଦୁ’ଟା ସିଠି ମାରିଲା ପରି ଶବ୍ଦ କରୁଥାଏ ।

ମଙ୍ଗୁଆଳର ଓ ମୋର ସେ ଭାମରୁ ଛୁଟି ହେଲା । ମୁଁ ଭାବିଥିଲି ତମ୍ବୁ ଭିତରକୁ ଯାଇ ଶୋଇପଡ଼ିବି, କିନ୍ତୁ ଅତି ଚଞ୍ଚଳ—ଅନ୍ତତଃ ଅତି ଚଞ୍ଚଳ ବୋଲି ମତେ ଲାଗିଲା—ଖୁବ୍ ବଡ଼ ପାଟି ଓ ଖୁବ୍ ସ୍ୱର ପାଦ ଶବ୍ଦରେ ମୋ ନିଦ ଭାଙ୍ଗିଗଲା । ମୁଁ ଯେଉଁଠି ଆଶ୍ରା ନେଇଥିଲି ସେଠୁ ଜନାର୍ଦ୍ଦନ ଦେଖିଲି ଯେ ଉପରୁ ଜାହାଜ ମଙ୍ଗୁଆଳକୁ ବେତନ୍ ଘରର ବାରଣ୍ଡାରେ ଯାକିଧରି ଏକାଠି ଗୋଳମାଳିଆ କରି ହାଜର ହେଉଛନ୍ତି ।

Digitized by srujanika@gmail.com

"ସେମିତ କର୍ ନା ପେଟ୍ରୁଆ !"

"ହେ ଭଗବାନ ! ଏ ବୁଧି ସୁଦ୍ଧଯାଉ ।"

"କେବେ ଯା'ନା ହି !"

ମଙ୍ଗଳ ଆଳତି ହେଉଥାଏ । ବାଦ୍ୟ ବ'ଟାକୁ ଛନ ପକାଉଥାଏ । ଅଙ୍ଗୁଠି ଗୁଡ଼ାକ ବ' ଭାଙ୍ଗର ମାଂସ ଭିତରକୁ ଗେଦ ହେଉଥାଏ । ବୋଟର ଭଳାଣ ଉପରେ ବ'ଣ ଗୋଟାଏ ବୁଜୁଲା ଥୁଆହେଉଥାଏ ଯେ ସେ ଗୋଟାଏ ପାଦରେ ସେ ବୁଜୁଲାକୁ ମାଡ଼ି ଧରିଥାଏ । ସେ ସେ ନାଟକ ଉଦଜଣଙ୍କ ସଙ୍ଗେ ଧସ୍ତାପସ୍ତ ହେଉ ନ ଥାଏ, ଟାଳ ଯ୍ୟା ମୁହଁକୁ ତା' ମୁହଁକୁ ଅନାଉଁଥାଏ । ଯାଗତା ପାଟିରେ ଗୀତ ଲଗ ଲଗ କହୁଛି :

"ଗୁରୁଦେବ, ମୁଁ ଯାଏଁ, ପାପ ପାଖକୁ ନ ଯାଏ, ପାପଠୁଁ ଦୂରକୁ ପଳାଏଁ ।"

ତା'ର ପାଦ ଖାଲି ପଡ଼ୁଥାଏ । ମୁଣ୍ଡ ଖୋଲା । ନାଲି ଡାମିଜ ଗଞ୍ଜେ ପାଇଜାମାଟାଏ ସେ ପିନ୍ଧିଥାଏ । ତା'ର ଅମାଉଁଆ ଅବୁଝାଏ ପଣ କପାଳ ଉପରେ କୁଣ୍ଡା ହୋଇ ନଥିବା ଅଲଗ୍ର କଳା ବାଳ ମେଞ୍ଚାଏ ଓହଳିଥାଏ । ଚଟୁଳ ଟିଙ୍କିଷି ପର ଟିକ ଟିକ ନାଲି ଆଖି ସେ ବାଳ ମେଞ୍ଚାର ତଳୁଁ ଉଦ୍ବେଗ ହୋଇ ଅନୁନୟ କଳାପର ଅନାଉଁଥାଏ ।

"ଆରେ ରୁ ବୁଡ଼ ମରବୁ ରେ—" ନାଟକମାନେ ତାକୁ କହିଲେ ।

"ମୁଁ ? କେବେ ନୁହେଁ । ମଃତ ଗ୍ରୁଡ଼ ତଥ ସ୍ୱାଇମାନେ, ସ୍ୱନାଟି ପଗ । ମୁଁ ଯତ ଅଲଚ୍ଛା ନ ଯାହଚ୍ଛୁ କେବେ ନ ନଷ୍ଟପ୍ର ତାକୁ ମୁଁ ଖଣ୍ଡ କରଦେବ, ଅମେ ସେମିତ ଯାଇ ପଡ଼ୁଥିଲା, ସମ୍ରାଟ, ସେମିତ ମୁଁ…"

"ଆରେ ଭୂଲ ଯା' ସେ କଥା...."

"ଶୁଣ ସ୍ୱାଇ, ମୋ କଥା ମାନ ·"

ସେ ଅଣ୍ଟା ମାଡ଼ ବସିପଡ଼ି ଦ'ହାତ ଲମ୍ବେଇଦେଲା ଯେ, ଦ'ପଟେ ଭାଙ୍ଗରେ ଲାଗିଲା । ଯୀଶୁଖ୍ରୀଷ୍ଟଙ୍କ ପର କ୍ରୁଶରେ ଚଢ଼େଇଦେଲେ ମଣିଷଟାଏ ଯେମିତ ଦଶନ୍ତା ସେମିତ ଦଶୁଥାଏ । ଅନୁନୟ କରି କହୁଥାଏ :

Digitized by srujanika@gmail.com

"ମତେ ଛାଡ଼ିଦିଅ, ମୁଁ ପାପଠୁ ଦୂରକୁ ପଳାଇଯାଏଁ ।"

ତା' ସ୍ୱର ଅସ୍ପଷ୍ଟ ସ୍ତବରେ ଗମ୍ଭୀର ଶୁଭୁଥାଏ । ସେଥିରେ ଗୋଟାଏ ଷ୍ଟାଣପ୍ରଣୀ ସମ୍ବେଦନ ଥାଏ । ଅହୁଲ ପରି ଲମ୍ବା ଲମ୍ବା ବାହୁ ଦୁ'ଟାଯାକ ସେ ଝୁଲେଇ ଦେଇଥାଏ । ତା' ହାତ ଦୁ'ଟା ଥରୁଥାଏ । ହାତପାପୁଲି ଦୁ'ଟା ସିଧା ଉପରକୁ ଟେକିଥାଏ । ତା'ର ଝଲୁମୁଣ୍ଡ ପରି ମୁଣ୍ଡଟା ବି ଥରୁଥାଏ । ସେଥିରେ ଜଟ ପରି ବାଢ଼ି । ତା'ର ଚିକ ଚିକ ଚକ୍ଷୁ । ଅଖିପଲ ଆଖି ଦୁ'ଟା କୋରଡ଼କୁ ବାହାରି ପଡ଼ୁଥାଏ । ଦିଶୁଥାଏ ଯେମିତି କୌଣସି ଅଜଣା ହାତ ତା' ଭଣ୍ଡିକୁ ଯ ବୁଢ଼ ଧରି ଚିପୁଛି ।

ନାବିକ ଦଳଟିଏ ତୁନି ହୋଇ ତାକୁ ଚାହିଁ ରହିଲେ । ସେ ବେଢ଼ଙ୍ଗ ଭଙ୍ଗୀରେ ଠିଆ ହୋଇ ପଡ଼ିଲା । ବୁଜୁଳାଟା ଘୋଟେଇଦେଇ, କହିଲା, "ସବୁ ଭଲ ହବ ।"

ସେ ବୋଟର ଲଟାଣ ପାରହୋଇ କରବାଟେ ପାଣିକୁ ଡେଇଁପଡ଼ିଲା । ଏତିକି ସହଜରେ ଓ କ୍ଷିପ୍ରତାରେ ସେ ଡେଇଁ ପାରିବ ବୋଲି ମୁଁ ଆଦୌ ଭାବି ନ ଥିଲି । ମୁଁ ବି ବୋଟ୍‌ର କଡ଼ପଟକୁ ଦୌଡ଼ିଗଲି । ମୁଁ ଦେଖିଲିବେଳକୁ ସେ ତା'ର ଓଦା ଜଟବୁଢ଼ା ମୁଣ୍ଡକୁ ଝାଡ଼ୁଛି, ମୁଣ୍ଡ ଉପରେ ଟୋପି ଲଗାଇଲା ପରି ବୁଜୁଳାଟା ଥୋଇଛି । ତା'ପରେ ସେ ସମୁଦ୍ର ମାରଗରେ ବାଲି ଅଡ଼ୁଆ ଅଡ଼କୁ ମୁହଁ କରି ପହଁରି ପହଁରି ଚାଲିଗଲା । ତାକୁ ପାରୁଛି ନେବାକୁ କୁଳର ବୃଦ୍ଧ ଗୁଡ଼ାକ ପବନରେ ନଇଁ ପଡ଼ିଲେ, ପାଣି ଉପରେ ତାଙ୍କର ହଳଦିଆ ଯେଉଁଣ୍ଡିକ ଝୁଲେଇଦେଲେ ।

ଏଣେ ଲୋକମାନେ କହୁଥାନ୍ତି, "ଯାହା ହଉ, ଶେଷରେ ସେ ନିଜକୁ ଅପୁଣ୍ୟ କରିଦେଲା, ଏଁ !"

ମୁଁ ପଚାରିଲି; "କ'ଣ ସେ ବାୟା ହୋଇଗଲା ?"

"ବାୟା ? ନାଇଁ ନାଇଁ । ସେ ଅପଣା ଅତ୍ମାକୁ ରକ୍ଷା କରୁଛି ପରା ।"

ସେତିକିବେଳେ କୂଳ ପାଖ ଅଲଗା ପଡ଼ିଥିବା ଜାଗାରେ ସ୍ଥିରପଦ୍ମଗଣ୍ଡା ଛୁଟାଏ ପାଣିରେ ଠିଆ ହୋଇ ରହି ତା ବୁଜୁଳାକୁ ମୁଣ୍ଡ ଉପରକୁ ଟେକି ଧରିଲେ ।

ନାବିକମାନେ ପାଟିକଲେ "ବଦାସ୍ତୁ ।"

Digitized by srujanika@gmail.com

କହେ ଏବ ପଚ୍ଚରିଲି, "ତା'ଠି ପାଶପୋର୍ଟ ନାହିଁ, ସେ କେମିତ ତଲବ ।"

ନାବିମୁଣ୍ଡ ବଙ୍କା ବଙ୍କା ଗୋଡବାଲା ନାବଗଛିଏ ଖୁବ ଖୁସି ହୋଇ ମତେ ବୁଝାଇଲା :

"ସିମ୍ଫି ସହରେର ତା'ର କଣେ ମାମୁଁ ଥିଲେ ଯେ ତା'ର ଯାହା ସମ୍ପତ୍ତିବାଡ଼ି ଥିଲା ସେ ମାମୁଁ ସବୁ ଠକିଠାକି ନେଇଗଲା । ସେଥିପାଇଁ ସେ ମନେ ମନେ ନିଷ୍ପତ୍ତି କଲା ଯେ ମାମୁଁଙ୍କୁ ସେ ପ୍ରାଣରୁ ମାରିଦେବ । ତେବେ, ଦେଖନ୍ତୁ ତ, ସେ ପାପରୁ ଦୂରକୁ ପଳାଇଯାଇ ଆପଣା ଆତ୍ମାଟାକୁ ରକ୍ଷା କଲା । କେବଳ ଟା ଜନ୍ତୁଟାଏ ସିନା, ତେବେ । ତା' ହୃଦୟଟା ନରମ । ସେ ଗୋଟିଏ ଭଲ ଲୋକ ।"

ଏତେବେଳସରକ 'ଭଲ ଲୋକ' ଜଣକ ନଈର ହଠାଣିପଟ ଅନ୍ତକୁ ଅଟେଓସାର ବାଲି ଉପରେ ଖୁବ ଖୁବ ଯାଉଥାଏ । ସେଥିରୁ ବୁଦା ଉତ୍ପଲରେ ବୁଝନ୍ତେ ଅଦୃଶ୍ୟ ହୋଇଗଲା ।

ଦେଖିଲି, ନାବିକଗୁଡ଼ିକ ଭଲ ଲୋକଗୁଡ଼ିଏ । ମୋର ଭଲଥା ସେମାନେ ବ ଭଲ୍‌ଗା ନଈ କୂଳର ବାସିନ୍ଦା । ସନ୍ତୁରୁଡ଼ ପୁଅ ସେମାନଙ୍କ ସଙ୍ଗରେ ମୋର ଖୁବ୍ ଦେହଘସା ହୋଇଯାଇଥାଏ । କିନ୍ତୁ ତହିଁଅରଦିନ ମୁଁ ଦେଖିଲି ଯେ ତାଙ୍କ ଭିତରୁ ଯାହାର ଯାହାର ଦୃଷ୍ଟିରେ ବିରକ୍ତି ଓ ସନ୍ଦେହ ଏକ ପର ଜଣା-ପଡୁଥିଲା । ମୁଁ ସଙ୍ଗେ ସଙ୍ଗେ ଅନୁମାନ କରିନେଲି ଯେ ବାଙ୍କନଭ୍‌ର ଗୁଣ୍ଡ ନିସ୍ତେ ତାକୁ ବୁଝାଇଦେଲେ ବୋଲି ବୁଝନ୍ତେ ସେ ବୁଲେଇ ପାରନ୍ତି, ଆଉ ସେହି ସୁଟ୍‌ଦେଖାଳିଟା ଏ ଜାହାଜର ନାବିକମାନଙ୍କ ଆଗରେ ତା' ମନରୁ ଫାଦ କ'ଣ ବୋଲି କ'ଣ କାହାଣୀ ଗପି ଦେଇଛି ।

"ତୁମେ ତାଙ୍କମାନଙ୍କ ଆଗରେ କଣ ଗପିଦେଲ କି ?"

ସେ ମୁଣ୍ଡ ଅଶୁଦ୍ଧ ହେଲା, ସେଥିରୁ ତା'ର ମାଇକଣଥ ଅର୍ଧ ଖର ଅଧିରେ ହସଟାଏ ଫୁଟାଇ କନ କନ ହୋଇ ସ୍ୱୀକାର କଲା :

"ହଁ, କିଛିଏ କଣ ଗପିଦେଲି ।"

"ପାଙ୍କି ବଡ କଥା ବୋଲି ମୁଁ କହୁଥିଲି ତ ନାହିଁ ?"

Digitized by srujanika@gmail.com

"ଅରେ, ସେଇଆ, ତ ମୁଁ କହୁଥିଲି,—ଖାଲି—ଘଟଣାଟା ଏତେ ଚମତ୍କାର ଗପଟାଏ ହେବ । ଆମେ ତାର ଖୋଳରୁ ବୋଲି ମନ କଲୁଁ । ଦେଖିଲିବେଳକୁ ତାର ତ ନାହିଁ, ତାର ମୁଠାଟାତ ମଙ୍ଗ ଥିଲ ରହିଥିଲା । ସେଇଠୁ ବହୁତ ମାନ୍ଦା ଲଟେଇ ସେଇଠୁ ମୁଁ ଗୋଟିଏ ଗପଟିଏ ଆରମ୍ଭ କରିଦେଲି..."

ତାକୁ ପରିଶ୍ରୁତର କରିବାରୁ ଜଣାପଡ଼ିଲା ଯେ ଖାଲି ସମସ୍ତ ଭଟାଇ ଦେବାପାଇଁ ବାଳକଟି ଗୋଟାଏ ଚମତ୍କାର କାହାଣୀ ଫାନ୍ଦି ଦେଇଥିଲା । ସେ କାହାଣୀରେ ଶେଷରେ ଏଇଆ ଦେଖାଇଥିଲା ଯେ ପୂର୍ଣ୍ଣିମାକାଳରେ ଭଙ୍ଗି ମାଛେ ଯେମିତି ନୃତ୍ୟ କରୁଥିଲେ, ସେମିତି ଗ୍ରେମାସ୍ ଆଉ ମୁଁ ହର୍ଷୋନ୍ମାଦ ଟାଙ୍ଗିଆ ଗୋଟାଏ ଲେଖାଁ ଧରି ଖାଲିଚେ ଗାଁ'ଲୋକଙ୍କ ସଙ୍ଗରେ ଲଢିଲୁଁ ।

ତା' ଉପରେ ରାଗିଲେ କିଛି ଫଳ ନାହିଁ । ସେ ଏମିତିଆ ମଣିଷ ଯେ ତା' ପକ୍ଷରେ ସତ୍ୟର ସତ୍ତା ଥାଏ କେବଳ ବାସ୍ତବତାର ରଙ୍ଗ ବାହାରେ । ତେବେ ଆମେ ଯେତେବେଳେ ତାର ଖୋଜ ଖୋଜ ବୁଲୁଥିଲୁଁ ସେ ପ୍ରଗାଢ଼ ଆତ୍ମବିଶ୍ୱାସ ସହକାରେ ସ୍ନେହରେ ମତେ କହିଥିଲା :

"ସତ୍ୟଟା ଏଭଳିଆ ଜିନିଷ ଯେ, ତୁମେ ନିଜ ଅନ୍ତରକୁ ସନ୍ତୋଷ ଦେବା ଲାଗି ନିଜର ସତ୍ୟ କଣ ସେଇଟା ନିଜେ ବାଛି ନେବା ଦରକାର । ଧର, କହ ଗୋଟିଏ ଘର ସେମିତି ହେଇ ସେଠି ଗୋଟାଏ ଘୋଡ଼ା ଚରୁଛି, ଗୋଟାଏ କୁକୁର ଅଛି, ଗୋଟାଏ ଘୋଡ଼ା ନଗ୍ନ ଅଛି । ଠାଅଲୁ ! ସେଥିରେ କଣ ଉଣାଇଗଲା ? ତୁମେ କି ମୁଁ ଆମ ନିଜ ନିଜ ହୃଦୟକୁ ଆନନ୍ଦ ଦେବା ପାଇଁ ସେଥିରୁ କ'ଣ ଆଉ ପାଇବା ? ନାଇଁ ବାବୁ, ସବୁ ଜିନିଷ ଯାହା ଯେମିତି ଅଛି, ତୁମେ ତାକୁ ସେମିତି ଦେଖିବାକୁ ଚେଷ୍ଟା କର । ଖରାପ ଲୋକେ,—ସେମାନେ ସତ୍ୟ । ଭଲ ଲୋକେ ? କାହାନ୍ତି ସେମାନେ ? ଭଲ ଲୋକ ନାହାନ୍ତି । ତାଙ୍କୁ କଳ୍ପନା ଦ୍ୱାରା ସୃଷ୍ଟି କରିବାକୁ ହେବ ବୋଲି ସେମାନେ ଅପେକ୍ଷା କରିଛନ୍ତି । ବୁଝିଲ ?"

ଆମେ ଯେମିତି ସିମ୍ପିସ୍ ପଢ଼ୁଥିଲୁଁ, ସେମିତି ନାବିକମାନେ ଏତ ଖରାପ ସ୍ୱରରେ ଆମକୁ କହିଦେଲେ ଯେ ଆମେ ଯେମିତି ସେ ଜାହାଜକୁ ଛାଡ଼ିଯାଉଁ ।

କହିଲେ, "ତୁମଭଳିଆ ମଣିଷ ଆମର ଦରକାର ନାହିଁ ।"

ଆମକୁ ଓହ୍ଲାଇଯିବା ଘାଟର ପାହାଚମାନେ ତଳାରେ ବସାଇ ସେମାନେ ଆହୁରି ପଡ଼ାଉ ନେଇଗଲେ । ଆମେ କୂଳରେ ବସି ବସି ଓଦା ଲୁଗାପଟାକୁ ଶୁଖାଇ-

Digitized by srujanika@gmail.com

ଥାଉ । ଆମ ଦୁ' ଜଣଙ୍କଠି ମିଶି ସମୁଦାୟ ଥାଏ ସହଁ ଚଉଦି ତମ୍ବା ତୋଫେଟ୍ ପଇସା ।

ସେଇଠୁ ଆମେ ଗୋଟିଏ ହୋଟେଲକୁ ଗଲୁଁ, ଅଳ୍ପ ସ୍ୱ' ଖାଇଲୁଁ ।

"ଏଥର ଉପାୟ ?"

ବାଉନଭ୍ ବନା ଦୁଧାରେ କହିଲା : "ଉପାୟ ? ଉପାୟ ବାଟ ଧରିବା ।"

ଗୋଟିଏ ଯାତ୍ରୀବାହୀ ଜାହାଜରେ ଲୁଚି କରି ଚଢ଼ିଯାଇ ଆମେ ସମାସ୍ତ ସହରରେ ପହଞ୍ଚିଲୁ । ସେଠି ଭଡ଼ା ଦେଇ ଗୋଟାଏ ଜାହାଜରେ ବସିଲୁଁ । ସାତ ଦିନରେ କାସ୍ପିଅନ୍ ହ୍ରଦ କୂଳରେ ପହଞ୍ଚିଲୁଁ । ବାଟରେ କୌଣସି ଦୁର୍ଘଟଣା ଘଟି ନ ଥିଲା । ସେଠି କାବାଂକୁଇ-ବାଇ ସହରରେ ଡାଲ୍ମିଭ୍ ମନ୍ଦିର ବୋଲି ଗୋଟାଏ ଅସନା ମନ୍ଦିର ଅଛି, ସେଇଠି ଗୋଟିଏ ଭେଣ୍ଟଙ୍କ ସମବାୟ ଅନୁଷ୍ଠାନରେ ଆମ୍ଭକୁ କାମ ମିଳିଗଲା ।

Digitized by srujanika@gmail.com